# ବନଜା

# BANAJA 2016




**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,

ଓଡ଼ିଶା ସରକାର, ଭୁବନେଶ୍ୱର

# ବନଜା

# BANAJA 2016

# ବନଜା

# BANAJA 2016

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

**୨୦୧୬**

# ବନଜା-୨୦୧୬


| | | |
|---|---|---|
| ସମ୍ପାଦକ | : | ପ୍ରଫେସର (ଡ଼ଃ) ଅଖିଳ ବିହାରୀ ଓତା, ଆଇ.ଏ.ଏସ୍.<br>ସଦସ୍ୟ ସଚିବ |
| ସମ୍ପାଦନା ସହଯୋଗୀ | : | ଡ. ପରମାନନ୍ଦ ପଟେଲ |
| ପ୍ରକାଶକ | : | ସଦସ୍ୟ ସଚିବ<br>ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ<br>ଆଦିବାସୀ ପ୍ରଦର୍ଶନୀ ପଡ଼ିଆ<br>ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯ |
| ପ୍ରକାଶନ | : | ଜାନୁୟାରୀ - ୨୦୧୬ |
| ମୁଦ୍ରଣ | : | କ୍ୟାପିଟାଲ୍ ବିଜ୍‌ନେସ୍ ସର୍ଭିସ୍ ଏଣ୍ଡ୍ କନ୍‌ସଲ୍‌ଟାନ୍‌ସି<br>ବି-୫୧, ଶହୀଦନଗର, ଭୁବନେଶ୍ୱର |


# BANAJA-2016


**Editor**
Prof. (Dr.) Akhila Bihari Ota, IAS
Member Secretary

**Associate Editor:**
Dr. Paramananda Patel

**Publisher :**
Member Secretary
Academy of Tribal Languages & Culture
Adivasi Exhibition Ground
Unit-1, Bhubaneswar-751009

January 2016

Printed at : Capital Business Service & Consultancy
B-51, Sahid Nagar, Bhubaneswar

## ସଂପାଦକଙ୍କ କଲମରୁ ...



ସଂସ୍କୃତି କଥା କହିବାକୁ ହେଲେ ସମ୍ପ୍ରତି ପୁସ୍ତକ ଜ୍ଞାନ ଉପରେ ଆମେ ନିର୍ଭରଶୀଳ ହୋଇପଡୁଛେ । ସଂସ୍କୃତିର ମଣିଷ ଏଠି ଉପେକ୍ଷିତ ହେଉଛି । ଗଦା ଗଦା ପୁସ୍ତକରୁ ଦୁଇ ଚାରିଟି ପରିଚ୍ଛେଦ ଗୋଟାପଣେ ଉଦରସ୍ଥ କରି ନିଜର ବାଗ୍ମୀତା ପ୍ରଦର୍ଶନରେ ଆମେ ପଟୁ ହେବାରେ ଲାଗିଛେ । ମୂଳ ସଂସ୍କୃତିର ସ୍ୱରୂପ କଣ ? ତାହା ଚିନ୍ତନ କରିବାର ଅବକାଶ ନାହିଁ । ଓଡ଼ିଶାର ଅଭ୍ୟନ୍ତର ପ୍ରଦେଶରେ ଥିବା ଏକ ଅବିମିଶ୍ର ସାଂସ୍କୃତିକ ସମ୍ପଦାକୁ ଆଫ୍ରିକାର ଜନଜାତି ସଂସ୍କୃତି ସହ ତୁଳନା କରି ଆମେ ପଢୁଆ ସଂସ୍କୃତି ପଣ୍ଡିତ ହିସାବରେ ଡିଣ୍ଡିମ ପିଟୁଛୁ ମାତ୍ର ପକୃତରେ ମୂଳ ସଂସ୍କୃତିକୁ ଆମେ ଉପହାସିତ କରାଉ ଏହା ବୁଝିପାରୁନା ।

ସାମାଜିକ ଗବେଷଣା ପ୍ରବିଧି ବିନିର୍ଘିଣ୍ଣ ସମସ୍ତ ବ୍ୟବସ୍ଥାକୁ ଆକଳନ କରି ଦେବା ଠିକ୍ ହୁଏ ନାହିଁ । ପ୍ରବିଧି ବାହାରେ ମଧ୍ୟ କିଛିଟା ମୌଳିକତା ରହିଯାଏ ଯାହା ମୂଳ ସଂସ୍କୃତିର ପିଣ୍ଡ ଅଥଚ, ଗବେଷଣା ନା ରେ ତାହା ଉପେକ୍ଷିତ ହୋଇ ରହିଯାଏ ।

ପରିବର୍ତ୍ତନ ସହ ଅନେକ ମୂଳ ଉପାଦାନ ସମ୍ପ୍ରତି ସଙ୍କଟାପନ୍ନ । ସଂସ୍କୃତି ଭିତରେ ରହି ତାଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟା ଜାଣିବାକୁ ଆମେ ପ୍ରସ୍ତୁତ ନୋହୁଁ । ଏଇ ଧାରାରେ ଟାଣି ଓଟାରି ଉପଲବ୍ଧ ତଥ୍ୟରୁ ଯାହା ପାଇଲେ ତାହା ଗାଇଲେ ନ୍ୟାୟରେ ଆମେ ମାଡ଼ି ଚାଲୁ । ଫଳତଃ ଉପାଧିଟାଏ ମିଳିଯାଏ ସିନା ପାଣ୍ଡିତ୍ୟ ବଢ଼େ ନାହିଁ । ପୋଥୀ ପୁରୋହିତର ମନ୍ତ୍ରୋଚ୍ଚାରଣ ଏବଂ ଯେହେତୁ ସେ ପୁରୋହିତ ତା ମୁଖ ନିସୃତ ବାଣୀ ବେଦବାଣୀ ଏହି ନ୍ୟାୟରେ ଆମେ ଏକ ଶିଥିଳ ସାଂସ୍କୃତିକ ବନ୍ଧନ ଭିତରେ ଆବଦ୍ଧ ହୋଇଥାଉ । ଗଭୀରକୁ ଯାଇ ତଥ୍ୟ ଆକଳନ କରିବା ଓ ସମ୍ପଦାର ଉପଯୁକ୍ତ ତର୍ଜମା କରିବା ସମ୍ଭବ ହୁଏ ନାହିଁ । ଅଧୁନା ଯେତେ ଆଲୋଚନା ପ୍ରକାଶ ପାଉଛି ଉଣା ଅଧିକେ ପ୍ରତ୍ୟେକରେ ଏହି ଅଭାବବୋଧ ପରିଲକ୍ଷିତ ହେଉଛି ।

ଆଦିବାସୀ ମେଳା ଅବସରରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ମୁଖପତ୍ର ବନଜା ଉଭୟର ଏକ ଫେଣ୍ଟାଫେଣ୍ଟି ସଂସ୍କରଣ ।

**ଅଖିଳ ବିହାରୀ ଓତା**
**ସମ୍ପାଦକ**

# ସୂଚୀପତ୍ର

## ଓଡ଼ିଆ ବିଭାଗ


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସାନ୍ତାଳ ସମାଜର ପୂଜନୋତ୍ସବ | ଡକ୍ଟର ଦମୟନ୍ତୀ ବେଶ୍ରା | ୧ |
| ୨. | କୁଟିଆ କନ୍ଧ ପରମ୍ପରାରେ ବୁର୍ଲାଙ୍ଗ୍ ପୂଜା | ଶ୍ରୀ କ୍ଷେତ୍ରବାସୀ ମାନ୍‌ସେଠ | ୭ |
| ୩. | ଶାବର ସଂସ୍କୃତିର ଦାର୍ଶନିକ ଐତିହ୍ୟ | ବିଜୟ ଉପାଧ୍ୟାୟ | ୧୪ |
| ୪. | ଦୁରୁଆ ଜନଜାତିଙ୍କ ସାମାଜିକ ସଂସ୍କାର | ଡକ୍ଟର ରାଜେନ୍ଦ୍ର ପାଢ଼ୀ | ୨୪ |
| ୫. | ବାଥୁଡ଼ି ଜନଜାତିରେ ଧର୍ମଧାରଣା | ଡ. ରାଜକିଶୋର ନାୟକ | ୩୧ |
| ୬. | ଲୋଧା ସମାଜର ବିବାହ ରୀତିନୀତି | ଡ. ବିନୋଦ କୁମାର ନାଏକ | ୩୭ |
| ୭. | ଆଦିବାସୀଙ୍କ ପାରମ୍ପରିକ 'ଗ୍ରାମ ସଙ୍ଗଠନ' : ଅତୀତ ଓ ବର୍ତ୍ତମାନ | ରଞ୍ଜନ ପ୍ରଧାନ | ୫୦ |
| ୮. | ଅଲଚିକି ଓ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ସଂଘର୍ଷମୟ ଜୀବନ | ଶ୍ରୀ ଠାକୁରଦାସ ହାଁସଦାଃ | ୭୫ |
| ୯. | ଗଣ୍ଡ ସଂପ୍ରଦାୟର ନବକଳେବର | ଡକ୍ଟର କୃଷ୍ଣଚନ୍ଦ୍ର ନାୟକ | ୮୯ |
| ୧୦. | ଜୁଆଙ୍ଗମାନଙ୍କର ପୁଷ୍ପୁନେଇ | ଡ. ନୀଳାଦ୍ରି ବିହାରୀ ମିଶ୍ର | ୯୬ |
| ୧୧. | ମୁଣ୍ଡା (ଭୂମିଜ) ପୂଜା ପଦ୍ଧତି | ଶ୍ରୀ ଶ୍ରୀଧର ସିଂହ | ୧୦୧ |
| ୧୨. | ପୋଢ଼ଯାତ୍ରା | କୈଳାଶ ଚନ୍ଦ୍ର ବେହେରା | ୧୦୫ |
| ୧୩. | ଦେଶିଆ କନ୍ଧ ପର୍ବପର୍ବାଣି | ରଘୁନାଥ ରଥ | ୧୦୯ |
| ୧୪. | ଓରାମ୍ ପର୍ବପର୍ବାଣି | ଡ. ନାକୁ ହାଁସ୍‌ଦାଃ | ୧୧୪ |
| ୧୫. | ଭତରା ରମଣୀର "ବାନା ଗୋଦନା" | ଡକ୍ଟର ପ୍ରମୋଦିନୀ ହୋତା | ୧୨୧ |

# English Section



| Sl.No. | Creation | Creator | Page |
|---|---|---|---|
| 1. | Receding Forests & Vulnerable Food Security - A Case Study of the Juang Tribe of Gonasika in Keonjhar District | S.C. Mohanty | 126 |
| 2. | Rituals and Festivals of Gadaba | Dr. Asit Kumar Pattnaik | 135 |
| 3. | Life-cycle Rituals: The Signifiers of Bio-Social Transitions among the Mundas of Jajpur District of Odisha | Dr. Kedar Nath Dash | 144 |

# ସାନ୍ତାଳ ସମାଜର ପୂଜନୋତ୍ସବ

ଡକ୍ଟର ଦମୟନ୍ତୀ ବେଶ୍ରା

ସାନ୍ତାଳ ବିଶ୍ୱାସ ଅନୁସାରେ ପୃଥିବୀ ବଙ୍ଗାମୟ । ସେମାନେ ଏ ପୃଥିବୀର ନିୟନ୍ତା । ଖରାବର୍ଷା,ଶୀତ, କାକର ସବୁ କିଛି ତାଙ୍କରି ଇଙ୍ଗିତରେ ପରିଚାଳିତ । ଏପରିକି ବୃକ୍ଷଲତା, ଜୀବଜନ୍ତୁ, ଠାରୁ ଆରମ୍ଭ କରି ସକଳ ପ୍ରକାରର ରୋଗବ୍ୟାଧି କୁ ସଞ୍ଚାଳନ କରିବାର ଲଗାମଟି ତାଙ୍କ ହାତରେ । ଯିଏ ତାଙ୍କୁ ମାନିଲା ବା ତୁଷ୍ଟ କରି ରଖିଲା ସେ ସବୁଦିଗରୁ ସୁବିଧାଜନକ ସ୍ଥିତିରେ ରହେ । ବଙ୍ଗାକୁ ଅବମାନନା କଲେ, ବଙ୍ଗା ପ୍ରତି ସମର୍ପଣ ଭାବ ନ ରଖିଲେ ମନୁଷ୍ୟକୁ ନାନା ଦୁଃଖ କଷ୍ଟ ଭୋଗ କରିବାକୁ ପଡେ । ଏପରି ଏକ ଧର୍ମୀୟ ବିଶ୍ୱାସ ସାନ୍ତାଳ ମାନଙ୍କଠାରେ ରହିଥିବାରୁ ଋତୁ ଅନୁରୂପେ ବିଭିନ୍ନ ପୂଜା ସେମାନେ ଗ୍ରାମ୍ୟ ଅନୁଷ୍ଠାନ ତଥା ପାରିବାରିକ ସ୍ତରରୁ ବର୍ଷସାରା କରୁଥାଆନ୍ତି ।

'ବଙ୍ଗା'ର ତାତ୍ତ୍ୱିକ ଅର୍ଥ ଦିଅଁଦେବତା । ଏହା ଉଭୟ ଦେବ ଓ ଦେବୀଙ୍କୁ ବୁଝାଏ । ବଙ୍ଗା ମାନଙ୍କର ଆକାର ନାହିଁ, ସେମାନେ ହେଉଛନ୍ତି ନିରାକାର । ତନ୍ମଧ୍ୟରୁ କେତେକ ଶାଳ, ମହୁଲ, କେନ୍ଦୁ ଗଛ ମୂଳରେ ପୋତାପଥରରେ ସ୍ଥାପିତ ହୋଇ ପୂଜା ପାଉଥିବା ସ୍ଥଳେ ଆଉ କେତେକ 'ଖଣ୍ଡ୍' ବା ଝୋଟି ଉପରେ ପୂଜା ପାଆନ୍ତି । ସାଧାରଣ ଅବସରରେ କେତେକ ଦେବତା କେବଳ ଗୋବର ଲିପା ଚଟାଣରେ ସିନ୍ଦୂର ଟିକା ଅଥବା ହାଣ୍ଡିଆ ରସି ତର୍ପଣ ପାଆନ୍ତି । ସମସ୍ତ ଦେବତା ପାଇଁ ଗୋଟାଏ ଧରଣର ପୂଜା ବା ମନ୍ତ୍ରୋଚାର ପ୍ରଥା ସାନ୍ତାଳ ମାନଙ୍କର ନାହିଁ । ଦିଅଁ ଅନୁରୂପେ ସେଇଟି ଭିନ୍ନଭିନ୍ନ । ତାଙ୍କର ସାମଗ୍ରୀକ ପୂଜା ଅନୁଷ୍ଠାନକୁ ଦୃଷ୍ଟିପାତ କଲେ ଆମେ 'ଆତୁବଙ୍ଗା'(ଗ୍ରାମ୍ୟ ଦେବତା), 'ଅଲାଃବଙ୍ଗା'(ଗୃହ ଦେବତା), 'ଜମ୍‌ସିମ୍ ବଙ୍ଗା'(ଗୋଷ୍ଠୀ ଦେବତା), 'ସାକେତ୍ ବଙ୍ଗା'(ପୋଷ୍ୟ ଦେବତା) ତଥା 'ବୁରୁ ଆର ଦାଃ ବଙ୍ଗା' (ବଣ ଓ ଜଳ ଦେବତା) ସମ୍ପର୍କରେ ଜାଣିବାକୁ ପାଉ । ସାନ୍ତାଳ ମାନଙ୍କର ଆଧ୍ୟାତ୍ମିକ ଚିନ୍ତନ ସମ୍ପର୍କରେ ଜାଣିବାପାଇଁ, ତାହାର ଆଲୋଚନା ନିମ୍ନରେ ଦିଆଗଲା-

**ଆତୁବଙ୍ଗା:**

ସାନ୍ତାଳ ଗ୍ରାମ ଗୁଡିକ ଏକତାର ସୂତ୍ରରେ ବନ୍ଧା । ଗୃହ ଏବଂ ଗ୍ରାମରେ ବ୍ୟକ୍ତି ବା ପରିବାରର ଅସ୍ତିତ୍ୱ ଅଲଗା ହେଲେ ମଧ୍ୟ ଗ୍ରାମ୍ୟ ଅନୁଷ୍ଠାନ ପାଇଁ ସେ ଏକ ଅବିଚ୍ଛେଦ୍ୟ ଅଙ୍ଗ । ଯେ କୌଣସି ସାମାଜିକ କାର୍ଯ୍ୟ ହେଉ ଅଥବା ପୂଜାପାଠ ସେଥିରେ ଅଂଶ ଗ୍ରହଣ କରିବା ତାପାଇଁ ବାଧ୍ୟତାମୂଳକ । ତେଣୁ ଗ୍ରାମର ମଙ୍ଗଳ ପାଇଁ ଯେତେସବୁ ଦେବଦେବୀ ପୂର୍ବରୁ ପୂଜିତ ହୋଇ ଆସିଛନ୍ତି, ସେମାନଙ୍କର ପୂଜା ବେଳେ ସେ ଚାନ୍ଦାଦେବା ସହିତ ଉପସ୍ଥିତ ମଧ୍ୟ ରହେ । ଗ୍ରାମର ଦେବଦେବୀ ମାନଙ୍କୁ ଜାହିରାପୀଠ ଏବଂ 'ମାଝୀଥାନ', ରେ ସଂସ୍ଥାପନ କରା ଯାଇଥାଏ । ଏହି ଦେବଦେବୀ ମାନେ ଗ୍ରାମକୁ ରୋଗବ୍ୟାଧିରୁ ରକ୍ଷା କରନ୍ତି; ଫସଲ ପାଇଁ ଭଲ ବୃଷ୍ଟି

ଆଣିଦିଅନ୍ତି; ପଶୁ ସମ୍ପଦର ବୃଦ୍ଧି କରାନ୍ତି, ପୁଅପାଇଁ ଝିଅ ଏବଂ ଝିଅପାଇଁ ଭଲ ପ୍ରସ୍ତାବ ଜୁଟାଇ ଦିଅନ୍ତି । ତେଣୁ ବିଭିନ୍ନ ଅବସରରେ ଶୁଦ୍ଧପୂତ ହୋଇ ସେମାନେ ଗ୍ରାମ୍ୟ ଦେବଦେବୀଙ୍କୁ ପୂଜା କରନ୍ତି ।

ଗ୍ରାମର ମୂଖ୍ୟ ଦେବତାମାନେ ହେଲେ- 'ମାରାଂବୁରୁ', 'ଜାହେର୍ ଆୟ', 'ମଣେକ ତୁରୁୟ୍ କ', 'ଗସାୟଁ ଏରା', 'ସୀମାସାଳେ'ଆଦି । ଏହି ଦେବତା ମାନଙ୍କୁ ଯେଉଁ ଅବସର ମାନଙ୍କରେ ପୂଜା କରାଯାଏ ତାହା ନିମ୍ନରେ ଦିଆଗଲା-

**ଏରଃସିମ୍ :**

ଏହା ଏକ ବିହନ ବୁଣା ପର୍ବ । ବିହନ ବୁଣିବା ପୂର୍ବରୁ ଭଲ ଫସଲ ମନାସୀ ଏହି ପୂଜାଟିକୁ ସେମାନେ କରି ଥାଆନ୍ତି । ଏଥି ସକାଶେ ପ୍ରତି ପରିବାରରୁ ଅନ୍ତତଃପକ୍ଷେ ଜଣକର ପ୍ରତିନିଧିତ୍ୱ ନିତାନ୍ତ ଲୋଡା । ଏହିଦିନରେ ସକାଳୁ ସ୍ନାନାଦି କାର୍ଯ୍ୟ ସାରି ସମସ୍ତେ ଜାହିରା ପୀଠରେ ପହଞ୍ଚନ୍ତି । ସେଠାରେ ଗ୍ରାମର ପୁରୋହିତ 'ନାୟ୍କେ' ଜାହିରାର ଉପରୋକ୍ତ ଦେବଦେବୀଙ୍କୁ କୁକୁଡା ବଳି ଦିଏ । ମାରାଂବୁରୁଙ୍କ ପାଇଁ ନାଲି ରଙ୍ଗର କୁକୁଡା ଗଞ୍ଜା, ଜାହେର୍ ଆୟୋପାଇଁ ବାରମିଶା କାଟୁଳି, ମଣେକତୁରୁୟ୍କ ପାଇଁ ଧଳା ଗଞ୍ଜା ଏବଂ ସିମାସାଳେ ପାଇଁ ଯେ କୌଣସି ରଙ୍ଗର ଏକାଧିକ କୁକୁଡା ବଳି ପଡେ । ଜାହିରାର ଦେବଦେବୀଙ୍କୁ ବାଖେଣ (ସ୍ତୋତ୍ର) କରି କୁହାଯାଏ- 'ଜୁହାର ମା ଜାହିରା ଠାକୁରାଣୀ ! ବିହନ ବୁଣା ନାମରେ ଖୁଦ ଏବଂ କୁକୁଡା ଅର୍ପଣ କରୁଛୁ,ଖୁସୀରେ ଏଇଟିକୁ ଗ୍ରହଣ କରିବୁ ମା । ଏହି ଯେ ଆମେ ବିହନ ବୁଣିବୁ, ଗୋଟାଏ ଜାଗାରେ ମଞ୍ଜିପଡି ବାର ଜାଗାରେ ସେଇଟି ଅଙ୍କୁରୋଦ୍‌ଗମ ହେଉ ମା । ରୋଗପୋକ ସେଥିରେ ନ ଲାଗନ୍ତୁ ମା ।' ବଳି ସହିତ ଜାହେର ଆୟୋଠାରୁ ଆରମ୍ଭ ହୋଇ ମାରାଂବୁରୁ , ମଣେକ ତୁରୁୟ୍କ କ୍ରମରେ ଏମିତି ମନ୍ତ୍ରୋଚାର ଚାଲେ ।ବ୍ୟତିକ୍ରମ କେବଳ ଏତିକି ଯେ ଜାହେର ଆୟ ପାଇଁ ଯେଉଁବଳିପଡେ ତାହା ଅଧା କଟା ଓ ଅଧା ଛେଚା ହୋଇ । ଅନ୍ୟମାନଙ୍କ ପାଇଁ ବେକ କାଟି ବଳି ଦିଆଯାଏ ।

**ହା.ରିୟା.ଲ୍ ସିମ୍ ବା ଆଷାଳିୟା.**- ବୁଣା ଯାଇଥିବା ଫସଲ ବେଉଷଣ ଉପଯୋଗୀ ହେଲେ ପୁଣି ପୂଜାର ଆୟୋଜନ ଗ୍ରାମ ତରଫରୁ ହୁଏ । ଉପରବର୍ଣ୍ଣିତମତେ ପୁଣି ସେହି ସେହି ରଙ୍ଗର କୁକୁଡା ବଳି ପଡେ । ସେଥିରେ ସ୍ତୋତ୍ର ପ୍ରଥମ ବିହନ ବୁଣା ଅବସର ଠାରୁ ଭିନ୍ନ ହୁଏ- 'ଜୁହାର ମା ଜାହିରା ଠାକୁରାଣୀ ! ଆଷାଳିଆ ନାମରେ ଖୁଦ ଏବଂ କୁକୁଡା ଅର୍ପଣ କରୁଛୁ ଖୁସୀରେ ଏଇଟିକୁ ଗ୍ରହଣ କରିବୁ ମା । ମା ! ବର୍ଷା ବତାଶକୁ ପବନରେ ଆମ ଗ୍ରାମକୁ ଭସାଇ ଆଣ । ଲାହିୟା ପୋକ, ଗନ୍ଧି ପୋକକୁ ଧୋଇ ଭସାଇ ଦିଅମା । ସାପ ପାଣିକୀଟ ମାନଙ୍କୁ ହଟାଇ ଦେବ ମା । ଗାଈ ଗୋରୁମାନେ ବଣ ଜଙ୍ଗଲରେ ଚରିବେ , ତେଣୁ ବାଘ ଭାଲୁ ଙ୍କ ଦାଉରୁ ତାଙ୍କୁ ରକ୍ଷା କରିବୁ ମା ।' (ପୂର୍ବପରି ଏଇଟିକୁ ଅଲଗା ଅଲଗା ଦିଅଁ ଙ୍କ ପାଇଁ ବୋଲାଯାଏ ଏବଂ ବଳି ପଡେ)

**ମାଗ୍ ପୂଜି :**

'ମାଗ୍' ର ଅର୍ଥ ହେଉଛି କାଟିବା । ଫସଲ ଅମଳ ଯୋଗ୍ୟ ହେଲେ ଏହିପୂଜା କରାଯାଏ । ଗୋଟାଏ ପ୍ରକାରେ କହିବାକୁ ଗଲେ ଗ୍ରାମ୍ୟ ଦେବଦେବୀ ଙ୍କୁ ଏହି ଅବସରରେ ଭଲ ଫସଲ ପ୍ରାପ୍ତିପାଇଁ କୃତଜ୍ଞତା ଜଣାଇ ଦିଆଯାଏ । ଏଥିରେ ମଧ୍ୟ କୁକୁଡା ବଳି ପଡେ । ସାଧାରଣତଃ ଚାଷ କାମ ଆରମ୍ଭ ହେବା ସହିତ ପ୍ରାୟ ଆଷାଢ ମାସରୁ ମାର୍ଗଶୀର ମାସ ପର୍ଯ୍ୟନ୍ତ ସେମାନେ ଚାଷ କାମରେ ଲିପ୍ତ ରହୁଥିବା ହେତୁ ଜାଳେଣି ପାଇଁ ହେଉ ଅଥବା ଘର କାମ ପାଇଁ, ଜଙ୍ଗଲରୁ କାଠ ଆଣିପାରି ନ ଥାଆନ୍ତି । ତାହାର ଅନୁକୂଳ ପାଇଁ ମଧ୍ୟ ଜାହିରା ପୀଠରେ ପୂଜା କରାଯାଏ । ତେଣୁ ବାଖେଣ ବା ସ୍ତୋତ୍ରରେ ସେମାନେ କୁହନ୍ତି- 'ଜୁହାର ମା ଜାହିରା ଠାକୁରାଣୀ ! ମାଗ୍‌ବଙ୍ଗା ନାମରେ ଏଇଯେ ତୁମକୁ ଖୁଦ, କୁକୁଡା ଅର୍ପଣ କରୁଛୁ ଖୁସିରେ ଏଇଟିକୁ ଗ୍ରହଣ କରିବୁ ମା । ବଣ ଜଙ୍ଗଲରୁ ଛଣ, ଝଟ. କାଠ ଶାଗ, ପତର ଆଣିବୁ ମା, ଆମକୁ କଣ୍ଟା ଝଣ୍ଟାରୁ ନିସ୍କୃତି ଦେବୁମା । ବାଘ ଭାଲୁକୁ ଆମଠାରୁ ଦୂରେଇ ରଖିବୁ । ପଣ୍ଡା ମଇଁଷି ଚରିବାକୁ ଯିବେ, ତାଙ୍କୁ ବି ତୁ ନିରାପଦରେ ରଖିବୁ ମା ।'

**ଗଟ୍‌ବଙ୍ଗା :**

ସାନ୍ତାଳ ଏକ କୃଷିଜୀବୀ ଜାତି ହୋଇଥିବାରୁ ଚାଷ କାମ ପାଇଁ ବିଶେଷ ଭାବରେ ପଶୁ ସମ୍ପଦ ଉପରେ ନିର୍ଭରଶୀଳ । ତେଣୁ କୃଷି ଅମଳ ପୂର୍ବରୁ ପୂଜା ମାଧ୍ୟମରେ ପଶୁ ସମ୍ପଦକୁ ମଧ୍ୟ କୃତଜ୍ଞତା ଜଣାନ୍ତି । ଗୋଠରେ ମୁଖ୍ୟ ଗ୍ରାମଦେବୀଙ୍କୁ ପୂଜା କରି ବିଧି ମୁତାବକ ଗୋରୁମାନଙ୍କର ସେମାନେ ବନ୍ଦାଣ କରନ୍ତି । ତିନିଦିନ ଧରି ଏହି ପର୍ବ ଚାଲେ । ଗୋଠରେ ଗ୍ରାମଦେବତା ଉଦ୍ଦେଶ୍ୟରେ ସେ ଗୁହାରି କରେ- 'ଜୁହାର ମା ଜାହିରା ଠାକୁରାଣୀ ! ଗୋଠପୂଜା ଅବସରରେ ତୁମକୁ ଖୁଦ, କୁକୁଡା ଅର୍ପଣ କରୁଛୁ ମା, ଖୁସିରେ ଏଇଟିକୁ ଗ୍ରହଣ କରିବୁ ମା । ଗୋଠରେ ଗୁହାଳରେ ରୋଗବ୍ୟାଧିକୁ ପଶିବାକୁ ଦେବୁ ନାହିଁ ମା ।ଗୋଟାଏ ବାଛୁରୀରୁ ଶହେ ବାଛୁରୀ ହେଉଥାଆନ୍ତୁ ମା । ଆଉ ଆମେ ମଧ୍ୟ ଖୁସି ମନାଉଛୁ ଏ ଅମାବାସ୍ୟା ଅନ୍ଧାରଟାରେ । ସରୀସୃପ ମାନେ ଆମର ଅନିଷ୍ଟ ନ ଘଟାନ୍ତୁ ମା ।'

**ବାହା ବଙ୍ଗା :**

ପୂର୍ବରୁ କୁହା ଯାଇଛି ସାନ୍ତାଳ ବିଶ୍ୱାସ ଅନୁସାରେ ବଙ୍ଗା ମାନଙ୍କର କୃପା ହେଲେ ଜୀବନ ସୁଖମୟ ହୁଏ । ଆଉ ସେହି ବଙ୍ଗାମାନେ ସହଜ ଜୀବନ ପାଇଁ ଆମକୁ ପ୍ରକୃତିର ସମ୍ଭାର ଯୋଗାଇ ଦେଇଥାଆନ୍ତି । ନାନା ଜାତିର ଫୁଲ, ଫଳ, ମୂଳ ପ୍ରଭୃତି ପ୍ରକୃତିରାଣୀ ସେହି ମାନଙ୍କର ଇଙ୍ଗିତରେ ଆମକୁ ଯୋଗାଏ । ତେଣୁ ତାକୁ ବିଧିବଦ୍ଧଭାବରେ ବଙ୍ଗା ମାନଙ୍କ ଉଦ୍ଦେଶ୍ୟରେ ଜାହିରାପୀଠରେ ଅର୍ପଣ କରିବାପରେ ଯାଇଁ ସେମାନେ ତାକୁ ସଂଗ୍ରହ କରନ୍ତି ଓ ଖାଆନ୍ତି । ସାନ୍ତାଳ ଜୀବନରେ ଶାଳ, ମହୁଲ, ଚିଙ୍ଗୁଡି ଭଳି ଫୁଲ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏସବୁକୁ ସେମାନେ ଅନ୍ୟାନ୍ୟ ଫୁଲ ସହିତ 'ବାହା' ଅବସରରେ ନିଶ୍ଚିତ ଭାବରେ ପୂଜା କରନ୍ତି ।

ବେଳେ ବେଳେ ଆମ୍ବ କଷି ଆମ୍ବଡା କଷିକୁ ମଧ୍ୟ ଏହି ଅବସରରେ ବଙ୍ଗା ମାନଙ୍କୁ ଚଢାଯାଏ ଯଦ୍ୱାରା, ସେଗୁଡିକ ପାଇଁ ନୂଆଖିଆର ସ୍ୱତନ୍ତ୍ର ବ୍ୟବସ୍ଥା ତାଙ୍କୁ କରିବାକୁ ପଡେ ନାହିଁ। ଏହି ଅବସରରେ ସେମାନେ ଯେଉଁପୂଜା କରନ୍ତି ତାହା ଉଦ୍ଦେଶ୍ୟରେ ନାଏକେଙ୍କର ମନ୍ତୋଚାର-'ଜୁହାର ମା ଜାହିରା ଠାକୁରାଣୀ 'ବାହା' ନାମରେ ଖୁଦ ,କୁକୁଡା ଅର୍ପଣ କରୁଛୁ ମା, ଖୁସିରେ ଏଇଟିକୁ ଗ୍ରହଣ କରିବୁ ମା। ଏହି ନୂଆ କଷି. ନୂଆଫୁଲ ଖାଇବୁ,ଶୋଷିବୁ ପେଟ ବ୍ୟଥା ମୁଣ୍ଡ ବ୍ୟଥା ନ ହେଉ ମା। ବଣ ଜଙ୍ଗଲରେ ଶିକାର କରିବୁ। ଜନ୍ତୁ ମାନଙ୍କୁ ଆମଠାରେ ଭେଟାଇ ଦେବୁ ମା। ପଶୁ ସମ୍ପଦ ବଣକୁ ଚରିବାକୁ ଯିବେ ,ତାଙ୍କର ଗୋଡ ପଥରରେ ମୋଡି ନ ହେଉ, ନ ଭାଙ୍ଗୁ ମା। ଗ୍ରାମକୁ ରୋଗବ୍ୟାଧି ଆସିବାକୁ ଦେବୁ ନାହିଁ ମା। ମୌସୁମୀ ବର୍ଷାକୁ ବାଟ କଢାଇ ଆଣିବୁ ମା। ଆମ ଜୀବନରେ ଓ ଶରୀରରେ ସୁଖ ଭରି ଦେବୁ ମା, ଜୁହାର।'

**ଅଲାଃ ବଙ୍ଗା ବା ଗୃହଦେବତା :**

ପ୍ରତିଟି ପର୍ବପର୍ବାଣୀରେ ସାନ୍ତାଳ ମାନେ ତାଙ୍କର 'ଭିତା.ର୍' ବା ଅଭ୍ୟନ୍ତର ଗୃହରେ ଗୃହଦେବତାଙ୍କୁ ପୂଜା କରନ୍ତି। ଏହି ଗୃହ ଦେବତା ଦ୍ୱିବିଧ। ଗୋଟାଏ ଗୋତ୍ରାନୁରୂପ ଏବଂ ଅନ୍ୟଟି ପିତୃପୁରୁଷ(ହାପ୍ ଲାମ୍)। ଗୋତ୍ର ଅନୁଯାୟୀ ତାଙ୍କର ବିଭିନ୍ନ ଗୃହ ଦେବତା ସବୁ ରହିଛନ୍ତି। ସେଗୁଡିକ ହେଲେ-

ହାଁସଦାଃ-ଦେଶାଓ୍ୱଲୀ, ବାଟ୍ ପାହାଲ୍
ମୁର୍ମୁ- ବାଟ୍ ପାଉଲୀ
କିସ୍କୁ- ସାସ୍, ଚାମ୍ପା ବାହା
ହେମ୍ବ୍ରମ୍- ଛନ୍ କୁଲିୟାନ୍
ମାର୍ଣ୍ଡି- ଗାଡ୍ରାସିନି, ଗରୟା
ସରେନ୍-ଧନ୍ ଓ୍ୱାରୀ, ସାର୍ ଚୁଣ୍ଡି
ଟୁଡୁ- ଥୁଣ୍ଡାତୁର୍ସା
ବାସ୍କେ- ବାଟ୍ ପାଉଲୀ
ବେଶ୍ରା- ସାସ୍, ଲୁଖି ସାଓ୍ୱଁରୀ

'ସହରାୟ' ଅବସରେ ରେ ଏହି ଗୃହ ଦେବତାଙ୍କୁ ପୂଜା କରାଯାଏ। ଏଥିରେ ପ୍ରମୁଖ ଭାବରେ ଛେଳି, କୁକୁଡା ଏବଂ ଘୁଷୁରୀ ବଳି ପଡେ।

**ଆବ୍‌ଗେ ବା ଗୋଷ୍ଠୀ ଦେବତା :**

ଏହିଟି ମଧ୍ୟ ଏକ ଗୃହ ଦେବତା। ମାତ୍ର ଏହି ଦେବତା ଗୃହରେ ପୂଜା ନ ପାଇ ବାହାରେ କେବଳ ପୁରୁଷ ମାନଙ୍କ ଦ୍ୱାରା ପୂଜା ପାଏ। ବିହନ ବୁଣା ସମୟରେ ଅଥବା ବୈଶାଖପୂର୍ଣ୍ଣିମା ସମୟରେ ଏକ ଅଣ୍ଡିରା ମେଣ୍ଢା ଏହି ଦେବତାଙ୍କ ଉଦ୍ଦେଶ୍ୟରେ ବଳି ପଡେ। ଆବ୍‌ଗେ ବଙ୍ଗା ମଧ୍ୟ ଗୋତ୍ର ଅନୁରୂପେ ଭିନ୍ନ ଭିନ୍ନ-

ହାଁସଦାଃ-ଧାରାସଣେ, କାଟ୍‌କମ୍ କୁଡ୍ରା

ମୁର୍ମୁ - କୁଦ୍‌ରାଜ୍ , ଦୁଆରସେଣେ

କିସ୍କୁ- ଧାନ୍‌ସାହାରୀ

ହେମ୍ବ୍ରମ୍- ଗାଲ ସିଙ୍ଗା, ଲିଳାଚଣ୍ଡି

ମାର୍ଣ୍ଡି- ଧାନ୍ ଗରା

ସରେନ୍- ଆଚରାଲି

ଟୁଡୁ- ଧାନାଗରା

ବାସ୍କେ- ଦେଶାଓ୍ବାଲୀ

ବେଶ୍ରା- ଚାମ୍ପାଦାନାଗାର

ଏହିପୂଜାରେ କେବଳ ସେହି ବଂଶ ବା ଗୋତ୍ରର ପୁରୁଷ ସଦସ୍ୟ ସହିତ ସେହି ଘରର ଭଣଜା ଏବଂ ଜୁଆଁଇ ମାନେ ଅଂଶ ଗ୍ରହଣ କରନ୍ତି।

**ଜମ୍ ସିମ୍ ବଙ୍ଗା(ତୀର୍ଥ ଦେବତା):**

ଏହା ଏକ ଭିନ୍ନ ଧରଣର ପୂଜା। ସାନ୍ତାଳ ପ୍ରଥା ଅନୁସାରେ ଜୀବନ କାଳ ମଧ୍ୟରେ ଏଇଟିକୁ ଅନ୍ତତଃପକ୍ଷେ ଥରେ କରିବା ଉଚିତ୍। ଏହା ପୂଣ୍ୟ ଅର୍ଜନ ପାଇଁ ଉଦ୍ଦିଷ୍ଟ। ସାନ୍ତାଳ ପରମ୍ପରାରେ ତୀର୍ଥ ଯାତ୍ରାର ଚଳଣୀ ନାହିଁ। ପୂଜା ମାଧ୍ୟମରେ ହିଁ ତାହା ସମ୍ପନ୍ନ କରାଯାଏ। ଏହା ଅତ୍ୟନ୍ତ ଖର୍ଚ୍ଚ ସାପେକ୍ଷ। କାରଣ ଏଥିରେ ଯେଉଁ ଭୋଜି ଆୟୋଜିତ ହୁଏ ,ସେଥିରେ ସମ୍ପର୍କୀୟ ମାନଙ୍କର ସମ୍ପର୍କୀୟ ମାନେ ମଧ୍ୟ ଅଂଶଗ୍ରହଣ କରନ୍ତି। ବହୁ ସଂଖ୍ୟାରେ ପଶୁବଳି ପଡି ଭୋଜି ଟି ହୁଏ। ଏହାର ପ୍ରମୁଖ ଦେବତା ମାନେ ହେଲେ- ବୁଢା ଆହାନ୍, ଆହାନ୍,ଆନ୍‌ହାଲ୍, ପାନ୍‌ହାଲ୍, ବୟରାଙ୍ଗୀ, ସେଓ୍ବାନୀ, ସେର୍ମା ବାରାଂବାରାଂ ପ୍ରଭୃତି।

**ସାକେତ୍ ବଙ୍ଗା ବା ପୋଷ୍ୟ ଦେବତା :**

ସାନ୍ତାଳ ସମାଜରେ ଓଝା ବା ଗୁଣିଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେ ରିଷ୍ଟ ଖଣ୍ଡନ କରିବାର କାମ କରେ। ଚେରମୂଳୀ ଔଷଧ ମଧ୍ୟ ଦିଏ। ସେ ତାନ୍ତ୍ରିକଶକ୍ତିରେ ପାରଙ୍ଗମ ରହିବା ପାଇଁ କେତୋଟି ବଙ୍ଗା କୁ 'ସାକେତ୍' ବା ପୋଷ୍ୟକରି ରଖେ। ସେହିଧରଣର ବଙ୍ଗା ମାନେ ହେଲେ କାମ୍‌ରୁଗୁରୁ, ସେର୍ମାସିଞ୍ଜ ଠାକୁର, ନାର୍ସିଞ୍ଜ,କାଲିମାଇଁ, ଦିବୀମାଇଁ ପ୍ରଭୃତି।

ନାରୀମାନେ ମଧ୍ୟ ଡାହାଣି ବିଦ୍ୟା ସାଧନା କରିବାର ବିଶ୍ୱାସ ରହିଛି। ସେମାନେ ସାଲ ,ପାଲ ନାମ୍ନୀ ଦୁଇ ଦେବୀଙ୍କୁ ଆୟତ୍ତ କରି ପ୍ରତିପକ୍ଷକୁ ସାମନା କରିବାର କ୍ଷମତା ହାସଲ କରନ୍ତି।

**ବୁରୁବଙ୍ଗା, ଦାଃବଙ୍ଗା :**

ପ୍ରତିଟି 'ବୁରୁ' (ଜଙ୍ଗଲ) ଏବଂ 'ଦାଃ' (ପାଣି ଜାଗା) ହେଉଛି ବଙ୍ଗା ମାନଙ୍କର। ବୁରୁ କ୍ଷେତ୍ର ରେ 'ରଙ୍ଗବୁଢୀ' ହେଉଛି ସର୍ବମୟକର୍ତ୍ତ୍ରୀ। ଏହି ଦେବୀ କୁ ତୁଷ୍ଟ କଲେ ଶିକାର ବେଳେ ଭଲ ଶିକାର ମିଳେ ବୋଲି ସାନ୍ତାଳ ବିଶ୍ୱାସ ରହିଛି। ସ୍ୱଭାବତଃ ଏମାନେ ଅନିଷ୍ଟ କାରକ। ତେଣୁ ବିଭିନ୍ନ ଅବସରରେ ଏମାନଙ୍କ ଉଦ୍ଦେଶ୍ୟରେ ମଧ୍ୟ ଗ୍ରାମ ତରଫରୁ ଜାହିରାପୀଠରେ ପୂଜା ଦିଆଯାଏ।

ସାନ୍ତାଳ ମାନଙ୍କ ପାଇଁ 'ମାରାଂବୁରୁ' ହେଉଛନ୍ତି ତାଙ୍କର ସର୍ବୋଚ୍ଚ ଦେବତା। ତାଙ୍କୁ ଜନ୍ମସଂସ୍କାର, ବିବାହ ସଂସ୍କାର ଏବଂ ମୃତ୍ୟୁ ସଂସ୍କାର ବେଳେ ପୂଜା କରାଯାଏ। କାରଣ ମୃତ୍ୟୁପରେ ଆତ୍ମା ତାଙ୍କରି ଛତ୍ର ଛାୟାରେ ଆଶ୍ରାପାଏ, ପୁନର୍ଜନ୍ମ ନ ପାଇବା ପର୍ଯ୍ୟନ୍ତ। ତେଣୁ ପ୍ରତିଟି ଅବସରରେ 'ହିର୍ଲା ମାରାଂବୁରୁ' କହିବା ସାନ୍ତାଳ ମାନେ ଭୁଲନ୍ତି ନାହିଁ। ଶିଶୁଟିଏ ଜନ୍ମନେଲେ ତାର ନଲତା ବା ଏକୋଇଶିଆ ବେଳେ ଅସନପତ୍ରରେ ତାକୁ ଗ୍ରହଣ କଲାବେଳେ ହେଉ କିମ୍ବା ବିବାହ ଅବସରରେ ବର କନ୍ୟାର ସିନ୍ଥିରେ ସିନ୍ଦୂର ଘଷିବା ବେଳେ ହେଉ ଅଥବା ଅସ୍ଥି ବିସର୍ଜନ ବେଳେ ସେ ଅବଶ୍ୟ ଏହି ଉକ୍ତି କୁ 'ହରିବୋଲ ହରି' ଭଳି ଆଦର ସହକାରେ ବୋଲେ।

ସାନ୍ତାଳ ମାନେ ପ୍ରକୃତି ପ୍ରାଣା-କୃଷିଜୀବୀ। ବଙ୍ଗା ତଥା ହାପ୍‌ଲାମ୍ ବଙ୍ଗା ବିଶ୍ୱାସୀ। ତଦନୁଯାତୀ ଋତୁ ଅନୁରୂପେ ପ୍ରକୃତି ସହିତ ସମ୍ବନ୍ଧିତ ପୂଜନୋତ୍ସବ ପାଳନ କରନ୍ତି। ବିଭିନ୍ନ ପର୍ବପର୍ବାଣୀରେ ଗୃହରେ ପୂଜାକଲାବେଳେ ଭୋଜନ ପୂର୍ବର ହାପ ଲାମ୍ ବଙ୍ଗା(ପିତୃପୁରୁଷ) ମାନଙ୍କୁ ପୂଜାର୍ପଣ କରିବାକୁ ଭୁଲନ୍ତି ନାହିଁ। ସାନ୍ତାଳ ଜୀବନ ପ୍ରକୃତି, ବଙ୍ଗା, ହାପ୍‌ଲାମ୍ ବଙ୍ଗା କୈନ୍ଦ୍ରିକ ହୋଇଥରବାରୁ ସେ ବ୍ୟକ୍ତିଗତ ପୂଜାରେ ସୀମୀତ ନ ରହି ସାମୁହିକ ପୂଜାର ଆୟୋଜନ କରି ଆତ୍ମସନ୍ତୋଷ ଲାଭ କରେ। ସମସ୍ତଙ୍କର ମଙ୍ଗଳ ପାଇଁ ବଙ୍ଗା ମାନଙ୍କୁ ଗୁହାରୀ କରି ଜୁହାରୀ ହୋଇ ନିଜର ଭକ୍ତିଭାବକୁ ସମର୍ପି ଦିଏ।

ପ୍ରଧାପିକା,
ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ,
ତକତ୍‌ପୁର, ବାରିପଦା, ମୟୁରଭଞ୍ଜ

□□□

# କୁଟିଆ କନ୍ଧ ପରମ୍ପରାରେ ବୁର୍‌ଲାଙ୍ଗ୍ ପୂଜା

ଡ. କ୍ଷେତ୍ରବାସୀ ମାନସେଠ୍

ଆଦିବାସୀ ଜୀବନଚକ୍ରରେ ଜନ୍ମଠାରୁ ମୃତ୍ୟୁଯାଏଁ, ସୁଉଚ୍ଚ ପର୍ବତର ସୀମିତ ଶସ୍ୟକ୍ଷେତ୍ରଠାରୁ ଅନନ୍ତ ଆକାଶ ଯାଏଁ ପରିବ୍ୟାପ୍ତ ତା'ର ବିଶ୍ୱାସବୋଧ । ଏସବୁ ପ୍ରଥାନୁମୋଦିତ ଲୋକବିଶ୍ୱାସ ମଧ୍ୟରୁ ହିଁ ବିଭିନ୍ନ ପୂଜାପର୍ବର ସୃଷ୍ଟି । ଅଦୃଶ୍ୟ ଶକ୍ତି ଉପରେ ନିଜର ଅଦମ୍ୟ ଆସ୍ଥା ଓ ବିଶ୍ୱାସ ବଳରେ ଆଜି ମଣିଷ ଐଶ୍ୱରିକ ଶକ୍ତିକୁ ପୂଜାପର୍ବ ଅବସରରେ ଅତି ଅନ୍ତରଙ୍ଗ ଭାବରେ ପ୍ରତ୍ୟକ୍ଷ ଉପଲବ୍ଧି କରିବାର ସୁଯୋଗ ପାଇଥାଏ । ଓଡ଼ିଶାର ଅନ୍ୟତମ ପ୍ରାଚୀନ ଜନଜାତି (PTG) ଭାବରେ ପରିଚିତ କନ୍ଧମାଳର କୁଟିଆ କନ୍ଧ ଲୋକ ସଂସ୍କୃତିମଧ୍ୟରେ ବହୁବିଧ ପୂଜାଉତ୍ସବ ପାଳିତ ହେଉଥିବା ଦେଖିବାକୁ ମିଳିଥାଏ । ଆଂଶିକ ଭାବରେ ଶୀକାର ଓ NTMFP ଉପରେ ନିର୍ଭର କରୁଥିଲେ ହେଁ କୁଟିଆ କନ୍ଧଙ୍କ ଜୀବନ ଜୀବିକାର ପ୍ରମୁଖ ଅବଲମ୍ବନ ହେଲା କୃଷି । ବୁର୍ଡ଼ା ପୂଜା ବା 'ବୁର୍ଲାଙ୍ଗ୍ ଡ଼ାକନ୍' ଏ ଜନଜାତିର ଏକ କୃଷିଭିତ୍ତିକ ପର୍ବ । ଏହି ପୂଜାର ଅନ୍ତର୍ନିହିତ ଉଦ୍ଦେଶ୍ୟ ତଥା ପାଳନ ବିଧି ଦୃଷ୍ଟିରୁ ଏହା ଏକ ନିଆରା ପାଳନୋତ୍ସବ । ଏହି ପୂଜାଟି ସାଧାରଣତଃ ବିଲ, ବଗଡ଼ (ପୋଡୁଚାଷ) ଇତ୍ୟାଦିର ଫସଲ ଅମଳ କରିସାରିବା ପରେ ପାଳନ କରାଯାଇଥାଏ । ଦେଖିବାକୁ ଗଲେ ଏହା ଏକ ସାମୁହିକ ଗଣପର୍ବ । 'ବୁର୍ଡ଼ା ପୂଜା' ପାଳନ କରିବା ଏକ ବ୍ୟୟବହୁଳ ବ୍ୟାପାର ହୋଇଥିବା ହେତୁ ଏହାକୁ ଦଶ / ବାର ବା ଆହୁରି ଅଧିକ ବର୍ଷ ବ୍ୟବଧାନରେ ଆୟୋଜନ କରାଯାଇଥାଏ ।

ଅନ୍ୟାନ୍ୟ ଲୋକସଂସ୍କୃତି ଭଳି କୁଟିଆ କନ୍ଧ ଲୋକଦେବତାଙ୍କୁ ମଧ୍ୟ ସେମାନଙ୍କ କାର୍ଯ୍ୟକଳାପ ଆଧାରରେ ଦୁଇଭାଗରେ ବିଭକ୍ତ କରାଯାଇପାରେ । ଆମେ ସେମାନଙ୍କ ମଧ୍ୟରୁ ହିତକାରକଙ୍କୁ ଉପକାରୀ ଦେବତା ଓ ଅହିତକାରୀଙ୍କୁ ଅପକାରୀ ଦେବତା ଭାବରେ ଅଭିହିତ କରିଥାଉଁ । 'ସରାପେନୁ' କୁଟିଆ କନ୍ଧ ଲୋକବିଶ୍ୱାସରେ ଏକ ଅପକାରୀ ଇତର ଦେବତା । ଯୁଗ୍ମ ନାମରେ ଏହାକୁ 'ସରାପେନୁ-ମ୍ରାକ୍‌ଚିପେନୁ' କୁହାଯାଇଥାଏ । ଏ ହେଲା ଚୋରି ବା ଅପହରଣକାରୀ ଦେବତା । ମଣିଷ ଉପକାରୀ ଦେବଦେବୀଙ୍କୁ କୃତଜ୍ଞତା ସ୍ୱରୂପ ପୂଜା କରୁଥିବା ବେଳେ ଅପକାରୀ ଦେବତାଙ୍କୁ ଭୟବଶତଃ କରିଥାଏ । କୁଟିଆ କନ୍ଧ ଲୋକେ ମଧ୍ୟ ସରାପେନୁର କୋପଦୃଷ୍ଟିରୁ ନିଜକୁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ତାହାକୁ ପୂଜା ଉପଚାର ଦ୍ୱାରା ଭୋଗରାଗ ଅର୍ପଣ କରି ସନ୍ତୋଷ କରିଥାନ୍ତି । ବିଶ୍ୱାସ କରାଯାଏ କି ସରାପେନୁ ଅସନ୍ତୁଷ୍ଟ ହେଲେ ଅମଳ ଆଶାନୁରୂପ ହୋଇନଥାଏ । ଅଧିକନ୍ତୁ ଅମାର, ଡୁଲି ବା ବୁର୍ଡ଼ା ଭିତରେ ଭରି ସଂରକ୍ଷିତ କରି ରଖିଥିବା ଶସ୍ୟାଦି ମଧ୍ୟ ଆଶ୍ଚର୍ଯ୍ୟ ଜନକ ଭାବରେ ହରଣଚାଲ ହୋଇଯାଇଥାଏ ।

ଏହା ବ୍ୟକ୍ତିଗତ ବା ପାରିବାରିକ ପୂଜା ନୁହେଁ । ଏହାକୁ ଗୋଟିଏ ଗାଁର ସମସ୍ତ ଗ୍ରାମବାସୀ ମିଳିତ ଭାବରେ କରାଯାଉଥିବା ଏକ ସାମାଜିକ ପର୍ବ । ବାଉଁଶ ନିର୍ମିତ ଶସ୍ୟ ସଂରକ୍ଷିତ କରାଯାଉଥିବା ଡୁଲି ବା ବୁର୍‌ଲାଙ୍ଗକୁ କୁଟିଆ କନ୍ଧ ଲୋକେ ଲକ୍ଷ୍ମୀ ଜ୍ଞାନ କରିଥାନ୍ତି । ଏହି ବୁର୍‌ଲାଙ୍ଗ୍‌କୁ ସରାପେନୁ -ମ୍ରାକ୍‌ଚିପେନୁ ଅବସ୍ଥାନ କରୁଥିବା ବିଶ୍ୱାସ ରହିଥିବାରୁ ସେ ଦେବତାଙ୍କ ପ୍ରତୀକ ସ୍ୱରୂପ ବୁର୍‌ଲାଙ୍ଗ୍ ପୂଜା କରାଯିବା ବିଧି ପ୍ରଚଳିତ । ପୂଜାର ଦିନବାର ଧାର୍ଯ୍ୟ ହୋଇଯିବା ପରେ ତାହାର ୧୬ ଦିନ ପୂର୍ବରୁ ସେ ଗାଁର ଜାନୀ (ପୂଜକ)

ଓ ମାଝୀ (ଗ୍ରାମମୁଖିଆ) ଉପାସ ବ୍ରତ ଆଚରଣ କରନ୍ତି । ତାଙ୍କ ସହିତ ପୂଜାରେ ସହଯୋଗ କରିବା ପାଇଁ ଦୁଇଜଣ ଯୁବକ ଓ ଦୁଇଜଣ ଯୁବତୀ ମଧ୍ୟ ଉପାସ କରିଥାନ୍ତି । ଅବଶ୍ୟ କୁଟିଆ କନ୍ଧ ପରମ୍ପରାରେ ଉପାସର ସଂଜ୍ଞା ଟିକିଏ ନିଆରା । ଉପାସ ପାଳୁଥିବା ଲୋକେ ବେଳ ବାହାରିବା ପୂର୍ବରୁ ଗରମ ଭାତ ଦିନକୁ କେବଳ ଥରେ ଭୋଜନ କରିଥାନ୍ତି । ଅବଶ୍ୟ ଦିନ ତମାମ ସେମାନେ ଜୁଟା-କାଟୁ ବା ଅସୂଚୀ / ଅଇଁଠା ହୋଇନଥିବା ମଦ୍ୟ ବା ସଲପ / ଖଜୁରୀ ରସ ପିଇବାରେ କୌଣସି ବାରଣ ନାହିଁ । ଭାତ ସହିତ ତାଙ୍କୁ ପନିପରିବା ଖାଇବା ମନା; କେବଳ ଡାଲି ଖାଇପାରିବେ ।  ଉପାସ ଆରମ୍ଭ କରିବାର ପଞ୍ଚଦଶ ଦିନରେ ପୂଜା ବସେ । ତିଥିରେ ସେଭଳି ଗୁରୁତ୍ୱ ନାହିଁ କିନ୍ତୁ ବାର ଶନିବାର ହେବା ଅନିର୍ବାର୍ଯ୍ୟ ।

ଏସବୁ ପୂଜା ମହୋତ୍ସବରେ ଯୋଗଦାନ ପୂର୍ବକ ଉପଭୋଗ କରିବା ସଂଗେ ସଂଗେ ଯଥାବିଧି ସାହାଯ୍ୟ ସହଯୋଗ କରିବା ପାଇଁ ଗ୍ରାମବାସୀମାନେ ନିଜ ଗାଁର ଗାଣ୍ଡା (ଡମ୍), କୁଣିଆ ମଇତ୍ର ଓ ଭଣଜାମାନଙ୍କୁ ନିମନ୍ତ୍ରିତ କରିଥାନ୍ତି । ପୂଜା ଆରମ୍ଭ କରିବା ପୂର୍ବରୁ ମାଝୀର ଘର ବାରି ପାଖରେ ଏକ ମଞ୍ଚା ତିଆରି କରାଯାଇଥାଏ । ମଞ୍ଚା ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ହେଲେ ହେଁ ତାକୁ ଚଢ଼ିବା ପାଇଁ ସିଡ଼ି ବନ୍ଧା ହୋଇଥାଏ । ମଞ୍ଚାର ପୂର୍ବ, ଉତ୍ତର ଓ ଦକ୍ଷିଣ କରି ତିନି ପାର୍ଶ୍ୱରେ 'ବୁର୍‌ଲାଙ୍ଗ୍' ସବୁ ସଜାଇ ରଖାଯାଇଥାଏ । ତା'ଉପରେ ଉତ୍ତର ଓ ଦକ୍ଷିଣକୁ ଓହ୍ଲାଇ ଚାଳଛପର ରହିଥାଏ । ପଶ୍ଚିମ ପାର୍ଶ୍ୱକୁ ମିଶାଇ ମଞ୍ଚାର ମଝିଅଂଶ ଖୋଲା ରହିଥାଏ । ଏହି ଖାଲିସ୍ଥାନରେ ଜାନୀ ଓ ମାଝୀ ବସି ପୂଜା ଅର୍ଚ୍ଚନା ସଂପୃକ୍ତ ମନ୍ତ୍ରପାଠ କରିଥାନ୍ତି । ଜାଣିବାକୁ ମିଳିଛି କି ତିମାମୁଠା ଓ ସାର୍‌ଚା ଲୁଣ୍ଠ ମୁଠାରେ ବୁର୍‌ଲାଙ୍ଗ୍ ପୂଜା ବାରିଆଡ଼େ କରାଯାଉଥିବା ବେଳେ ରାଇଲୁଣ୍ଠ ମୁଠାରେ ଏହି ପୂଜାକୁ ଘର ଭିତରେ ସମାପନ କରାଯାଇଥାଏ । ପୂଜା ଘରେ ହେଉ ବା ବାହାରେ ପ୍ରାରମ୍ଭରେ କିନ୍ତୁ ଜାନୀ ଓ ମାଝୀ ନିଜ ଘରେ ଥିବା 'ମାଲାଦୁପା' ବା ପୂଜା ସାମଗ୍ରୀକୁ ସସମ୍ମାନେ ପୂଜା କରି ବୁର୍‌ଲାଙ୍ଗ୍ ପୂଜା କରିବା ପାଇଁ ଆଜ୍ଞା ମାଗିଥାନ୍ତି । 'ମାଲାଦୁପା' ନିକଟରେ ଗୋଟିଏ କୁକୁଡ଼ା ବଳି ପକାଇବା ବିଧି ପ୍ରଚଳିତ । ୧୬ ଦିନ ପୂର୍ବରୁ ଦାର୍‌ନିପେନୁ-ଜାକେରିପେନୁଙ୍କର ଆଜ୍ଞା ଭିକ୍ଷା ପୂର୍ବକ କହନ୍ତି, ତୁମକୁ ଅଣ ଦେଖାକରି ଏ ପୂଜା କରୁନାହୁଁ; ତୁମେ ପୂଜାକାର୍ଯ୍ୟ ନିର୍ବିଘ୍ନରେ ସମାପନ ହେବାରେ ସହାୟକ ହୁଅ । ମାଲାଦୁପା ପୂଜା ଅବସରରେ ବୋଲାଯାଉଥିବା ତିବାଦାଇ ବା ସ୍ତୋତ୍ର -ମନ୍ତ୍ର ଏହିପରି-

"ଇନୁ ମାଲାପେନୁ-ଦୁପାପେନୁ ଇଞ୍ଜାନାଙ୍ଗା ନିଙ୍ଗେ ଇକଜୁ ସି'ମାଞ୍ଜାନାମୁ । ଇ ଡ଼ାକଣ୍ଡ୍-ଇ କିଟକଣ୍ଡ୍ ନିଗାଇ ଏଲେ । ଇରି ସିରା ବୁର୍‌ଲାଙ୍ଗ-ଲେଙ୍ଗୁର୍ ବୁର୍‌ଲାଙ୍ଗ୍ ଗାଇସି । ଏରାଣି ଗାଇ ତିବା-ଦାଇ ଇ'ନାମୁ । ବୁର୍ଲାପେନୁ-ଡ଼ିଆପେନୁ ଇନୁ ବେଞ୍ଜାମୁ; ଆକୁ-ପେମ୍ବା ଆଆନାଙ୍ଗା ଆନୁ ଦାଇ-ପାଦା ଇ'ମାଇ । ମି ତିବା-ମି ଦାଇ ଲାଗାଣି ଆମୁ ଇଇନାମୁ ।

ଭାବାର୍ଥ: ତୁମେ ମାଲା-ଦୁପା (ପୂଜା ସାମଗ୍ରୀ)ର ଦେବତା ବୋଲି ତୁମ ଉଦ୍ଦେଶ୍ୟରେ ଏହି କୁକୁଡ଼ାଟିକୁ ବଳି ପକାଉଛୁ । ବର୍ତ୍ତମାନ ଆୟୋଜନ କରାଯାଇଥିବା ପୂଜା ଉତ୍ସବ ତୁମ ପାଇଁ ଉଦ୍ଦିଷ୍ଟ ନୁହେଁ । ଏହା ଧାନ ରଖିବା ବାଉଁଶ ନିର୍ମିତ ଅମାର ବା ବୁର୍‌ଲାଙ୍ଗ ଦେବତା ପାଇଁ ହିଁ ସ୍ୱତନ୍ତ୍ର ଭାବେ ଆୟୋଜିତ ହୋଇଛି । ଆମେ କେବଳ ତାହାଙ୍କ ଉଦ୍ଦେଶ୍ୟରେ ହିଁ ମନ୍ତ୍ରପାଠ (ସତ୍ୟପାଠ) କରିବୁ ।

ଏହା ସହିତ ଆହୁରି ମଧ୍ୟ କହନ୍ତି ଯେ - ତୁମେ ବୁର୍ଲା ଦେବତା- ଡ଼ିଆ ଦେବତା (ବାଉଁଶ ତିଆରି ଡୁଲି ଦେବତା) ଦୟାକରି ଶୁଣ । ଆମେ ଆମର ଗ୍ରାମର ଜେଜେ/ଅଜା ଓ ବଡ଼ବାପା ଭଳି ସମସ୍ତ ବରିଷ୍ଠ ସଦସ୍ୟଙ୍କ ସମେତ ତୁମ ନାମରେ ଏ ତିବା-ଦାଇ (ସତ୍ୟ ବଚନ ଆଧାରିତ ସ୍ତୋତ୍ର-ମନ୍ତ୍ର) ଉଚ୍ଚାରଣ କରୁଅଛୁ ।

ପୂଜା ଦିନ ସ୍ଥିରୀକୃତ ହେବାପରେ ୧୫ଦିନ ଧରି ପ୍ରତି ରାତିରେ ବାଦ୍ୟ ବାଜଣା ସହ ଯୁବକ-ଯୁବତୀ ଦଳର ନୃତ୍ୟ-ଗୀତ ଚାଲିଥାଏ । ୧୫ଶ ଦିନ ପୂଜା ଯୋଗାଡ଼ କରି ଅସଲ ପୂଜାର ପ୍ରଥମ ପର୍ଯ୍ୟାୟର ବିଧିବିଧାନ ଆରମ୍ଭ କରାଯାଇଥାଏ । ସେହିଭଳି- 'ସୁରିଙ୍ଗ୍‌କାଲୁ-ବେଡ଼୍‌ପାଙ୍ଗ୍‌କାଲୁ ବା ଭାତମଦ ପ୍ରସ୍ତୁତ କରିବା ପାଇଁ ପୂଜାର ମାସେରୁ ଅଧିକ ଦିନ ପୂର୍ବରୁ 'କେନ୍' (Chemical / Formula) ପ୍ରସ୍ତୁତ କରି ଓହଳାଇ ରଖିଥାନ୍ତି । କାରଣ କେନ୍ ପରିପକ୍ୱ ହୋଇ ବ୍ୟବହାର ଉପଯୋଗୀ ହେବାପାଇଁ ସର୍ବନିମ୍ନ ୨୧ଦିନ ଓ ତାର ସମିଶ୍ରଣରେ ଭାତମଦ ପ୍ରସ୍ତୁତ ତଥା ପାନୀୟଯୋଗ୍ୟ ହେବା ପାଇଁ ପୁଣି ୫/୭ ଦିନ ଲାଗିଯାଇଥାଏ ।

ଏହି ପୂଜା ଅବସରରେ ପ୍ରସ୍ତୁତ ମଞ୍ଚରେ ମାଝୀଓ 'ଜାନୀ' ଘରର ଗୋଟିଏ ଲେଖାଏଁ ବୁର୍‌ଲାଙ୍ଗ ଥୁଆଯିବା ସହିତ ଅନ୍ୟାନ୍ୟ ଗ୍ରାମବାସୀ ମଧ୍ୟ ନିଜ ନିଜର ଛୋଟ ଛୋଟ ବୁର୍‌ଲାଙ୍ଗ ନେଇ ସେଠାରେ ସଜାଇ ରଖି ପୂଜା କରାଇଥାନ୍ତି । ପ୍ରଚଳିତ ପ୍ରଥା ଅନୁସାରେ ମାଝୀ ବଂଶର ମଧ୍ୟ ଛେଳି, ଘୁଷୁରୀ ସହିତ କୁକୁଡ଼ା ବଳି ପକାଯାଇଥାଏ । ଏସବୁ ପଶୁ, ପକ୍ଷୀ ବଳି ପକାଇବା ପୂର୍ବରୁ ସମସ୍ତ ପୂର୍ବପୁରୁଷଙ୍କ ନାମ ସବୁକୁ କ୍ରମରେ ଉଚ୍ଚାରଣ କରିବା ସହିତ କୁଟିଆ କନ୍ଧ ଜାତିର ସମସ୍ତ ଆରାଧ୍ୟ ଦେବତାଙ୍କୁ ମଧ୍ୟ ପୂଜାସ୍ଥଳରେ ଉପସ୍ଥିତ ହେବାଲାଗି ଆହ୍ୱାନ କରାଯାଇଥାଏ । ସେମାନଙ୍କ ମଧ୍ୟରୁ ପ୍ରମୁଖ ଦେବତା ହେଲେ- 'ବୁରାପେନୁ'-'ବୁରାମାଜୁ' (ବଡ଼ଦେବତା), ଲାଣ୍ଡିପେନୁ-ଗୃଣ୍ଡିପେନୁ, ସାକିପେନୁ-ଏସ୍କିପେନୁ (ଭୋକ ଓ ଶୋଷର ଦେବତା), କାଏଣପେନୁ- ରାକଟ୍‌ପେନୁ (ରଙ୍କ ଦେବତା), ସୁକ୍ଲିପେନୁ-ମାକ୍ଲିପେନୁ, କେରିପେନୁ-ଡାଣ୍ଡାପେନୁ, କିଡ଼ିପେନୁ-ଗଙ୍ଗିପେନୁ, ସାନ୍ଦିପେନୁ-ପାଡ଼ିପେନୁ ଓ ସମସ୍ତ ପାହାଡ଼, ପର୍ବତ ଓ ପଦର ଦେବତା ।

ଏ ସଂପର୍କରେ ବୋଲାଯାଉଥିବା ସୁଦୀର୍ଘ ସ୍ତୋତ୍ର ମନ୍ତ୍ରରୁ କିୟଦଂଶ ଏଠାରେ ଉଦ୍ଧାର କରାଗଲା:-

"ବାମୁ ସପାଙ୍ଗାଡ଼ାତା - ବାମୁ ସାର୍‌ଚାଙ୍ଗାଡ଼ାତା
ରାଣୀନାଡୁ ବାସାତା - ବେନ୍ଦେନାଡୁ ବାସାତା
ବାମୁ ତେରା ଡ଼ିମୁଲି - ବାମୁ ଦେରା ଆଟାଡ଼ି
ବାମୁ କାଣ୍ଡା ଓ୍ୱାଡ଼ାଲୋ - ବାମୁ ବାକା ଓ୍ୱାଡ଼ାଲୋ
ବାମୁ ବେଡ଼ା ପେନୁଲ ।- ବାମୁ ଲାଞ୍ଜୁ ପେନୁଲା
ମିଇ କଟକି ବାମୁଲା - ସାନା କଟକି ବାମୁଲା
ବଡ଼ କମା ବାମୁଲା - ସାନା କମା ବାମୁଲା
ଜାକେସି ନେଲା ବାମୁଲା- ଦୁର୍‌ଦୁସି ନେଲା ବାମୁଲା
ଏତା ଜାର୍‌ଗି ବାମୁଲା- ପମା ଜାର୍‌ଗି ବାମୁଲା
ସନାସେଲା ବାମୁଲା- ରୂପା ସେଲା ବାମୁଲା

ମିଣିରାବାରି ଇତାତି - ଡମ୍ବିରାବାରି ଇତାତି
ସରୁଣି ବେଙ୍ଗ ମୁଟେଏ- ଗାଡ଼ାଣି ବେଙ୍ଗ ମୁଟେଏ
ବେଚିନା ପେନୁ ବେଚିନା- ବେଚିନା ମାଜୁ ବେଚିନା
ସିକିତି ବୁର୍‌ଲା ପେନୁନା - ସିକିତି ଡ଼ିଆ ପେନୁନା
ଟଟଙ୍ଗ୍ କଜୁ ତାମୁଡ଼େ- କୁମ୍ଭେର୍ କଜୁ ତାମୁଡ଼େ
ଟଟଙ୍ଗ କଜୁ ଆଆଲା - କୁମ୍ଭେର୍ କଜୁ ଆଆଲା
ବେଞ୍ଜାମୁ ପେନୁ ବେଞ୍ଜାମୁ- ବେଞ୍ଜାମୁ ମାଜୁ ବେଞ୍ଜାମୁ
ନାଇ ତିବା ବେଚେସେ- ନାଇ ଦାଇ ବେଚେସେ
ଯାଦେ ପାରା ଲେସ୍‌ତାମୁ- ଯା'ଦେ ଗୁଣ୍ଡା ଲେସ୍‌ତାମୁ ।"

XXXXXXXX

ସପାଙ୍ଗାଡ଼ା- ସାର୍‌ଚାଙ୍ଗାଡ଼ା, ରାଣୀଆଡ଼- ବେନ୍ଦେଆଡୁ, ତେରାଡିମ୍ବୁଲି-ତେରାଆଟାଡ଼ି, କାଣ୍ଡାଓ୍ୱାଡ଼ା- ବାକାଓ୍ୱାଡ଼ା ଇତ୍ୟାଦି ପଦର ଦେବତା ସମେତ ସୂର୍ଯ୍ୟଦେବତା ଓ ଚନ୍ଦ୍ରଦେବତାଙ୍କୁ ପୂଜାସ୍ଥଳିରେ ଉପସ୍ଥିତ ହେବାକୁ ଅନୁରୋଧ ଜଣାଉଥିବାରୁ ଏହାକୁ ଆବାହନ ମନ୍ତ୍ର କୁହାଯାଇପାରେ । ଜାନୀ କୁକୁଡ଼ା ମୁଣ୍ଡରେ ପବିତ୍ର କୁଇରି ଚାଉଳ (ପାରାଗୁଣ୍ଡା) ଅଳ୍ପ ଅଳ୍ପ କରି ଉପରୋକ୍ତ ପଦମନ୍ତ୍ର ବୋଲି ଚାଲିଥାଏ । କୁକୁଡ଼ା ଚାଉଳରୁ ଟିକୁ ଥୁଙ୍କି ଖାଇଲେ ଦେବତା ଭୋଗରାଗ ଖାଇବାକୁ ସମ୍ମତି ପ୍ରକାଶ କଲେ ବୋଲି ଜାଣିବାକୁ ମିଳିଥାଏ ।

ଗାନଯୋଗ୍ୟ ମନ୍ତ୍ର ସହିତ ପ୍ରତିଟି ପୂଜାରେ କଥାଶୈଳୀରେ ମଧ୍ୟ 'ତିବା-ଦାଇ' ବା ସତ୍ୟପାଠ ଜନିତ ସମ୍ଭାଷଣ ଉପସ୍ଥାପିତ ହୋଇଥାଏ । ବୁର୍‌ଲାଙ୍ଗ୍ ପୂଜା ପ୍ରସଙ୍ଗରେ ବ୍ୟବହୃତ ନିମ୍ନରେ ଉଦ୍ଧାର କରାଗଲା:-

'କାଣ୍ଡାଓ୍ୱାଡ଼ା- ବାକାଓ୍ୱାଡ଼ା କାଟା ଇ ତେରୁ ଇ ମାଣି ତାତେ । ନେଞ୍ଜୁ କାଟା ଇ ବୁର୍‌ଲାଙ୍ଗ୍-ଟାଟି କେପିମାଇ । ଇ ବୁର୍‌ଲା ଟାଟି କେପ ମୁତିସି ନିଙ୍ଗେ କିଡ୍‌ଉବିରା ଟିକାସିଆ-ବାନାସିଆ । ନେଞ୍ଜୁକାଟା- ନିଙ୍ଗେଟିକା ତସ୍ତା-ବାନା ତସ୍ତା; ନେଞ୍ଜୁ ଦିନା-ନେଞ୍ଜୁ କସାତା ଆନୁ କାଡ୍‌ଇଁପାଜି-ପଡ୍‌ଣପାଜି କିଉ ପୁଚିତା- ପାଣ୍ଡା ପୁଚିତା ସିରାଦାଙ୍ଗଡ଼ି-ସିରାବକ୍‌ଡ଼ି ଆଜାନାଙ୍ଗା ନିଙ୍ଗେ ଗାଣିଟି-ସେରୁଟି, ଟେକାଟି-ଗାସାଟି-ଟିକା ମେତି- ବାନା ମେତି; ବିଚା-ଜାରା ଡୁପ୍‌କିଞ୍ଜାଦି; ନେଞ୍ଜୁକାଟା ବୁର୍‌ଲାଡ଼ିଆ-ଟା'ଟିଡ଼ିଆ ବିଚା-ଜାରା ବା'ପାଲି; ବୁର୍‌ଲା ସାରା-ଟା'ଟିସାରା **xxxx** ନେଞ୍ଜୁକାଟା ଆନୁ ପାଟାଜାନୀ-ପାଟାସିସାତାନା ତିବା ସିଇ-ଦାଇ ସିଇଞ୍ଜା । ଏ ସରାପେନୁ ମ୍ରାକ୍‌ଚିପେନୁଣାତି ଇନୁ କୁଟାଇନା-ଲାମ୍ବିଇନା ଓ୍ୱେଣା କୁଟାନାଇକା-ତାମ୍ବିନାଇକା ତାଣି କଡ଼ିମେତା- ପାଞ୍ଜି ମେତା ଓ୍ୱେଣା - ଏଲେ ଇରି ବୁର୍‌ଲାପେନୁ-ଡ଼ିଆପେନୁ, ଇରି ଟିକାମେଇ-ବାନାମେଇ ନିଙ୍ଗେ ବିଚା ଡୁକ୍‌ଚାଞ୍ଜାନେ - ଜାରା ଡୁକ୍‌ଚାଞ୍ଜାନେ, ଏରାଣି ସାଞ୍ଜା ସିମୁ । ନିଙ୍ଗେ ବୁର୍‌ଲାସାରା-ଟା'ଟିସାରା ନିଙ୍ଗେ ବିଚା ସିଆନେ-ଜାରା ସିଆନେ । ତାଣି ଟୁଣ୍ଡା-ପିରଡ଼ା-ବାସିପିରଡ଼ା କଡ଼ିମେତି-ପାଞ୍ଜି ମେତି ଗାଇସି ଆନୁ ପାଟା ଜାନି ପାଟା ସିସାତାନା, ଆନୁ ତିବା ସିଇ-ଦାଇ ସିଇ ଇଞ୍ଜାଆ ନେଞ୍ଜୁକାଟା ନିଙ୍ଗେଏ ନି ବୁର୍‌ଲା-ନି ଟା'ଟିଣି ଆନୁନିଙ୍ଗେ କିଡ୍‌ଉବିରା ସାଦାଣ୍ବିରା, ନିଙ୍ଗେ ଟିକା ସିଆତେ- ବାନା ସିଆତେ । ନେଞ୍ଜୁକାଟା ଇନୁ ବୁର୍‌ଲା ଡ଼ିଆଦେ-ଟା'ଟି ଡ଼ିଆଦେ । ଆନୁ ପାଲାସି ତାନା-ଜାବାଡ୍ ତାନାଏଲେ; ନାଜୁତା ପାଟା ଜାନି-ପାଟା ସିସା

ତାନା । ଇନୁ ନାଇ ଗିଆ ତୁଡୁ-ଅପ୍ରେ ତୁଡୁ ତାନା । ସିରା ଡ଼ାବେଞ୍ଜା-ଡାଣ୍ଡା ଡ଼ାବେଞ୍ଜ୍, ଗାଣିଟେଏ-ସେରୁଟେଏ, କମାଟେଏ-ଦାମାଟେଏ, ଇ ବୁରା ପାଦେ-ବୁରାବାଞ୍ଜେ ନିଙ୍ଗେ ସାଞ୍ଜା ସିଇ-ଡାଣା ସିଇ ଇଞ୍ଜାଗାଇ କାଇନି ବିଚା ରାକାଡ୍ ଆଇ ମାନ୍‌ବାଲି-ପାକାଡ୍ ଆଇ ମାନ୍‌ବାଲି । ନାଇ ମୁଟି ଗିନାଲି-ଗ୍ରଲି ଗିନାଲି ବୁର୍‌ଲା ସାରି ମାନ୍‌ବାଲି-ଗ୍ରଲି ସାରି ମାନ୍‌ବାଲି / ଇନୁ ବାଙ୍ଗପେନୁ-ନେ'ଲା ପେନୁଣାତି ନାଙ୍ଗେ ନମେର୍ ସିଇ-ଦୁକାସିଇ ଇଞ୍ଜାତି । ନେଞ୍ଜୁକାଟା ଟାଣା ସିକେ-ପାଟା ସିକେ ମାନ୍‌ବାଲିଦେ । ଇନୁ ମାଙ୍ଗେ ନେଞ୍ଜୁ ଦିନାକାଟା ମାଇ ବିଚାକାଇ-ଜାରାକାଇ; ମେମୁ ଇନୁ ନେଞ୍ଜୁକାଟା ଏଲୁ ପେନୁ-କୁଡ଼େପେନୁଣାତି ଇନୁ ସରାପେନୁ-ମ୍ରାକ୍‌ଚି-ପେନୁଣି, ଇନୁ ଟାଟାକଜୁ, ନେଞ୍ଜୁକାଟା ଇ'ବୁର୍‌ଲା ଡ଼ିଆପାଇ, ଗାଡ଼ି ଡ଼ିଆପାଇଦେ । ଇରି ସିରା ଦାଙ୍ଗଣି-ସିରା ବକ୍‌ଡ଼ି ଡ଼ାଇ ନିଙ୍ଗେ ଇରି ବୁରାପାଦେ-ବୁରା ବାଞ୍ଜା, ଅକଗିରି -ଡୁକିଗିରି ମେମୁ ରାକାସିଇ-ତିରାସିଇ ଇଞ୍ଜା-ଆନୁ ପାଟାଜାନି-ପାଟାସିସା xxxx

ଆନୁ ନାରୁନାତି-ବଗାନାତି, ଇ ପାଗାର୍‌ପାଡ଼ି-କାମ୍ବାଟାଣା ବାଙ୍ଗତା ଆନୁ ତିବା ଇଆନାଙ୍ଗା-ଦାଇ ଇଆନାଙ୍ଗା- ବୁର୍‌ଲାଡ଼ିଆ ଟା'ଟିଡ଼ିଆ ଡ଼ାକିମାଇ । ତାମୁଡ଼େ ସିରା ଡ଼ାବେଞ୍ଜ୍- ଡାଣ୍ଡା ଡ଼ାବେଞ୍ଜାଣାତି, ସିରା ଦାଙ୍ଗଣି-ସିରାବକ୍‌ଡ଼ି ଆର୍‌ମୁ । ଗାଣିଟେ ସେରୁଟେ ତାନ୍ଦୁ । ରାକା ସି'ନା-ତିରା ସି'ନା ଦେ, ଇ ବୁର୍‌ଲା ପେନୁ ଡ଼ିଆ ।

ଇ ଶାନିବାରା-ଆଦିବାରା ଇନୁ ବାଙ୍ଗପେନୁ -ନେଲାପେନୁ, ଆନୁ ନିଙ୍ଗେ ରାକା ସିଇ-ତିରା ସିଇ ଇଞ୍ଜାଆ, ଇନୁ ସିର୍‌କିମୁତା-ବାମ୍‌ଣା ମୁତା, ଲାକାଜାରି-ତାମ୍ବା ଜାରି ତାମୁଡ଼େ, ନେପି କୁରେଡ଼ି-କାନ୍ଦାକୁରେଡ଼ି ତାମୁ, ରାକା ଏଣ୍ଡେଲାମୁ- ତିରା ଏଣ୍ଡେଲାମୁ, ତାମୁ ବୁରା ବାଞ୍ଜା-ବୁରା ପାଦେ ତାମୁ, କିଉ ସେଆ -ପାଣ୍ଡା ସେଆନାଙ୍ଗାଣି କାଟେଞ୍ଜିମୁ- ଅହାଞ୍ଜିମୁ । ଯା ତିରା ବାରି-ରାକାବାରି , କିଉବାରି-ପାଣ୍ଡାବାରି ଆପାଲି । ନେଞ୍ଜୁକାଟା କାଉଡ୍ ଉଜୁ-ବେଟଡ୍ ଉଜୁ, ଯା ସରାପେନୁ- ମାକ୍‌ଚି ପେନୁଣାତି ଇ ଗୁନାକାଲୁ- ଗାଡ଼ିକାଲୁ, ଡୁମ୍‌ଣିକାଲୁ- କ୍ରେଟିକାଲୁ ସିଆତେ । ଜୁଟା ଆଇମାଇ- କାଟୁ ଆଇମାଇ, ଲିତା ଆଇମାଇ- ପାତା ଆଇମାଇ । ଟିକା ଏଲୁ- ବାନା ଏଲୁ ମେତି । ସିରା ଦାଙ୍ଗଣି-ସିରା ବକ୍‌ଡ଼ି, ସିରା ଡ଼ାବେଞ୍ଜ୍-ଡାଣ୍ଡା ଡ଼ାବେଞ୍ଜ୍ ଆମୁ ତିଞ୍ଜା ସେଇ-ଗଆ ସେଇ ମାନାମୁ ।

ସଂକ୍ଷିପ୍ତ ସାରାଂଶ : ମୁଁ ଏଇ ବାଉଁଶ କାଣ୍ଡାଓ୍ୱାଡ଼ା-ବାକାଓ୍ୱାଡ଼ା ପର୍ବତରୁ ଆଣିଲି । ଆଜିଠାରୁ ଏହି ଡୁଲି-ତାଟି ତିଆରି କାର୍ଯ୍ୟ ଆରମ୍ଭ କରୁଛି । ଏହାର ନିର୍ମାଣ ସରିବା ପରେ ତାହାକୁ ନାଲି ମାଟି ଲିପି ଧଳା ମାଟିରେ ଟୋପାଦେଇ ଚିତ୍ରିତ କରିବି । ଏଭଳି ଚିତ୍ର-ବିଚିତ୍ର କରିବା ପରେ ତୁମ (ସରାପେନୁ) ନିକଟରେ ଯୁବକ-ଯୁବତୀଙ୍କ ଗହଣରେ ନୃତ୍ୟଗୀତର ଆସର କରି ଘୁଷୁରୀ ବଳି ପକାଇବୁ । ଏଣିକି ବୁଢ଼ା ଦେବତା କାନ୍ଦିବା ବନ୍ଦ କରୁ । ରଖିଥିବା ଖାଦ୍ୟ-ଶସ୍ୟ ଉଭାନ ହେବାର କାରଣ ତୁ । ତୋର ପୂଜା ବିଧାନ କଲେ ତାହା ଘଟିବ ନାହିଁ ବୋଲି ଖଡ଼ିପାଞ୍ଜିରେ ପଢୁଥିଲା । ଏ ପାଗାର୍‌ପାଡ଼ି ଗାଁର ନାରୁ ଓ ବଗାଙ୍କର ନାତି ମୁଁ ଓ ମୁଖ୍ୟ ପୂଜକ ଜାନୀ ସତ୍ୟବଚନ ଉଚ୍ଚାରଣ ଦ୍ୱାରା ଏ ମନ୍ତ୍ରପାଠ କରୁଛି, ତୁ ଆମର ପୂଜା ଗ୍ରହଣ କରି ସନ୍ତୁଷ୍ଟ ହୋଇଯା, ଆଜିଠାରୁ ବୁର୍‌ଡାର ଖାଦ୍ୟଶସ୍ୟ ଅଦୃଶ୍ୟ ହୋଇ ଆମର ଅଭାବ ନ ହେଉ । ଆମର ସଂରକ୍ଷିତ ଶସ୍ୟ ସୁରକ୍ଷିତ ରହୁ । ରବିବାର ଦିନ ତୋତେ ବାଧିଆ (ଖାସୁ) ଘୁଷୁରି ବଳି ପକାଇ ରକ୍ତ ଭୋଗ ଲଗାଇଲି । କୁଇରି ଚାଉଳରୁ ତିଆରି ଭାତ ମଦ ଅର୍ପଣ କରି ପ୍ରସାଦ ସ୍ୱରୂପ ତାହାକୁ ମୁଁ ଗ୍ରହଣ କଲି । ତୁ ଆମର ଭୋଗରାଗ ଗ୍ରହଣ କରିଥିବା ହେତୁ ଆମେ ସମସ୍ତେ ମଧ ଖୁସିରେ ଉପାସ ଭଙ୍ଗ କରି ଖିଆପିଆ କରୁଛୁ ।

ପୂଜା ଶନିବାର ଦିନ ଗାଁର ଗାଣ୍ଡା ଠାରୁ କୁକୁଡ଼ା ଓ ଘୁଷୁରି ଗ୍ରହଣ କରିବା ପରେ ଆରମ୍ଭ ହୋଇଥାଏ । ପ୍ରଥମେ ଶନିବାର ଦିନ 'କଟାଦୁଏରି' ବା ଗାଁ ମୁଣ୍ଡ ବାଡ଼ର ଦେବତା ଉଦ୍ଦେଶ୍ୟରେ କୁକୁଡ଼ାଟିଏ ବଳି ପକାଯାଇଥାଏ । ଜାନୀ ବା ପୂଜକ ନିଜ ଘରର 'ମାଲାଦୁପା' ବା ପବିତ୍ର ପୂଜା ସାମଗ୍ରୀକୁ ରବିବାର ଦିନର ମୁଖ୍ୟ ପୂଜା ପୂର୍ବରୁ ସମାପନ କରିଥାଏ । ବର୍ଣ୍ଣିତ ପୂଜାମନ୍ତ୍ର ଓ ସତ୍ୟ ପ୍ରମାଣ ଜନିତ ବଚନ ପ୍ରମୁଖ ପୂଜାର ଏକ ପର୍ଯ୍ୟାୟ । ସବୁ ବଳି ପୂଜାର ମାଧ୍ୟମ କୁକୁଡ଼ା । ଜାନୀ କୁକୁଡ଼ାକୁ ବାଁ ହାତରେ ଧରି ଡାହାଣ ହାତରେ ତାର ମୁଣ୍ଡ ଉପରେ ପଦମନ୍ତ୍ର ଉଚ୍ଚାରଣ କରିବା ସହିତ କୁଇରି ଚାଉଳ ଅଳ୍ପ ଅଳ୍ପ କରି ପକାଇଥାଏ । କୁକୁଡ଼ା ସେ ଚାଉଳକୁ ଠୁଙ୍କି ଖାଇଲେ ଦେବତା ପୂଜା ଗ୍ରହଣ କରିବାକୁ ସମ୍ମତି ପ୍ରଦାନ କଲା ବୋଲି ବୁଝାଯାଇଥାଏ । ପୂଜାରେ ଘୁଷୁରିକୁ କାନମୁଣ୍ଡା ପାଖରେ କୁରାଢ଼ୀରେ ହାଣି ରକ୍ତକୁ ପତ୍ର ଠୁଙ୍ଗାରେ ଭୋଗ ଚଢ଼ାଯାଉଥିବା ବେଳେ ଛେଳିର ମୁଣ୍ଡକୁ ଟାଙ୍ଗିରେ ହାଣି ବଳି ପକାଯାଇଥାଏ । ଏସବୁ ବଳି ପକାଯିବା ବେଳେ ଯୁବକ ଯୁବତୀମାନେ ଖୁବ୍ ଜୋର୍‌ରେ ବାଦ୍ୟବାଜଣା ସହ ନୃତ୍ୟ କରୁଥାନ୍ତି ।

ପୂଜା ସରିଯିବା ପରେ ନୃତ୍ୟ ଗୀତ ସାମୟିକ ଭାବରେ ସ୍ଥଗିତ ରଖି ସମସ୍ତେ ରନ୍ଧାବଢ଼ାରେ ଲାଗିଯାଇଥାନ୍ତି । ଏ ଅବସରରେ ପ୍ରସ୍ତୁତ ଖେଚୁଡ଼ି ଭାତରେ କୁଇରି, ଆର୍‌କା, ଗୁର୍‌ଜି, ସୁଆଁ, ଜଅର, ଜନା, ମକା ଓ ସିକ୍‌ରା (ଅରଣ୍ୟ ଫସଲ) ଇତ୍ୟାଦି ସମସ୍ତ ଗସକ୍ଷରସ୍ବ ଜାତୀୟ ଶସ୍ୟର ଚାଉଳରେ ପ୍ରସ୍ତୁତ ହେଉଥିବା ବେଳେ ସେଥିରେ କାନ୍ଦୁଲ, ଝୁଡୁଙ୍ଗ, କଟିଙ୍ଗ୍, ବୁର୍‌ବୁଡ଼ି- ଇତ୍ୟାଦି ସମସ୍ତ ଡାଲିଜାତୀୟ ମଞ୍ଜି ପକାଯାଇଥାଏ । ଜାନୀ ଓ ମାଝି ବଳି ପଶୁଙ୍କର 'କାଥା -ଗାଡ' ମୁଣ୍ଡ ଓ ବେକକୁ ସ୍ୱତନ୍ତ୍ର ରାନ୍ଧିଥାନ୍ତି । ଛେଳିମୁଣ୍ଡରୁ ତାର ଶିଙ୍ଗ ସହିତ ଖପୁରୀ ବାହାର କରି ପୂଜା କାଠ ଖମ୍ଭ ଉପରେ ବାନ୍ଧି ରଖାଯାଇଥାଏ । ରନ୍ଧାକାମ ସରିଲେ ଗ୍ରାମବାସୀମାନେ ସମସ୍ତେ ଖୁସିରେ ପଂକ୍ତି ଭୋଜନ କରିଥାନ୍ତି । ଜାନୀ ନିଜର ରନ୍ଧା ସ୍ଥାନରେ ପ୍ରଥମେ ଅଲଗା ଭୋଜନ କରିଥାଏ । ଜାନୀ ଖାଇସାରିବା ପରେ ଅନ୍ୟାନ୍ୟ ଗ୍ରାମବାସୀ ଗାଁର ମାଝି ସହିତ ଭୋଜନ କରୁଥିବା କଥାରୁ କୁଟିଆ କନ୍ଧ ସମାଜ ଯେ କେତେ ଶୃଙ୍ଖଳିତ ସେକଥା ଜଣାପଡ଼ିଥାଏ । ଖିଆପିଆ ସରିବା ପରେ ପୁଣି ବାଦ୍ୟ ବାଜଣା ଓ ନୃତ୍ୟଗୀତର ପର୍ବ ଆରମ୍ଭ ହୋଇଥାଏ । ଏ ପର୍ଯ୍ୟାୟର ନୃତ୍ୟ କଲାବେଳେ ଗୋଟିଏ ନୂଆ ବିଷୟ ବର୍ଣ୍ଣନା କରିଥାନ୍ତି । ଗୀତ ମାଧ୍ୟମରେ ବୁର୍‌ଡ଼ା ଦେବତାକୁ ପୁନର୍ବାର ବୁଝାଇ 'ଏଣିକି ତୁ ତୋର ପୂଜା ପାଇ ସନ୍ତୁଷ୍ଟ ହେଲୁ । ଆଉ ଆମର ରଖିଥିବା ଶସ୍ୟ ବିହନ ଚୋରାଇ ଅପହରଣ କରନା । ଆମକୁ ରୋଗ ଦୁଃଖରୁ ମୁକ୍ତ ରଖେ' ଇତ୍ୟାଦି କହିଥାନ୍ତି ।

ପୂଜାପର ଗୀତର ବିଷୟ ଆଉ ସେମାନଙ୍କ ମୌଖିକ ପୁରାଣ (Oral Epic) ର କୌଣସି ଅନୁଚ୍ଛେଦ ବା 'ସାନ୍ଦି' ସ୍ଥାନ ପାଇନଥାଏ । ଏହି ପର୍ଯ୍ୟାୟରେ ବୁର୍‌ଲାଙ୍ଗରେ ଅଧିଷ୍ଠିତ 'ସରାପେନୁ-ମ୍ରାକ୍‌ଚିପେନୁ'ଙ୍କ ଉଦ୍ଦେଶ୍ୟରେ ଆଜ୍ଞା ଅନୁରୋଧ ଜନିତ ଭାଷାରେ ନିଜ ଅନ୍ତରର ଦୁଃଖ, ହୃଦୟର ବେଦନା ଭରା ଅଙ୍ଗେନିଭା କଥାସବୁକୁ ଅଭିବ୍ୟକ୍ତ କରିଥାନ୍ତି । ସେ ବକ୍ତବ୍ୟରୁ କୀୟଦଂଶ ନିମ୍ନମତେ ବର୍ଣ୍ଣନା କରାଯାଇପାରେ:-

''ତୁ ସିରା ବୁର୍‌ଲାଙ୍ଗ-ଲେଙ୍ଗୁର୍ ବୁର୍‌ଲାଙ୍ଗର ଦେବତା । ଆଜି ତୋର ପୂଜା ପାଇଲୁ; ଏବେ ଶାନ୍ତ ହେଲୁ । ତୁ ଏଣିକି ଶାନ୍ତିରେ ରହ । ଆମକୁ ନ ମିଳିବା ଜିନିଷ ମିଳୁ, ନ ଦେବା ଲୋକ ଦେଉ; ଆମର ଧନ-ଜନ, ସୁନା-ରୂପା ହେଉ । ମାଣେ ବୁଣିଲେ ସାତମାଣ ହେଉ । ଆମେ ଯେଉଁ ଆଡ଼େ ଗଲେ ଶୁଭ ହେଉ । ଆମର

ଉଦ୍ୟମ ସଫଳ ହେଉ । ମୋତେ ପୂଜା କରୁନାହଁ, ଭୋଗ ଦେଉନାହଁ, ପଚାରୁନାହଁ ବୋଲି ତୁ ଆମର ବିହନ ଆଦି ଲୁଚାଇ ହଇରାଣ କରୁଥିଲୁ । ଏଣିକି ଆଉ ସେସବୁ କରେନା । ଆମର ଅସୁବିଧା ହେଲେ ତୋର ନାଁ ଖଡ଼ି ପାଞ୍ଜିରେ ପଡୁଥିଲା । ଲୋକେ ତୋତେ ହସୁଥିଲେ, ଥୁକୁଥିଲେ, ଏବେ ପୂର୍ବର ଭଲ ଅବସ୍ଥା ଫେରାଇ ଆଣି ଯେଉଁଟାକୁ ସେଇଟା କରି ଯୁଟାଇଦେ ।

ପୂଜା ରବିବାର ରାତିଟା ଏଭଳି ନୃତ୍ୟଗୀତରେ ବିତିଥାଏ ଓ ବୁର୍ଲ୍ଡ଼ା ପୂଜାର ପରିସମାପ୍ତି ଘଟିଥାଏ । ହେଲେ ଆହୁରି ଗୋଟିଏ ଅନୁପାଳନ ରହିଯାଇଥାଏ । ଛେଳିର ମୁଣ୍ଡ ଖପୁରୀ ପୂଜା ଖମ୍ବ ଉପରେ ଥୋଇବା ବେଳେ ତା ସମ୍ମୁଖରେ ଗୋଟିଏ ହାଣ୍ଡି ଭାତ ମଦ ମଧ୍ୟ ରଖାଯାଇଥାଏ । ଅବଶ୍ୟ ମଦହାଣ୍ଡିର ମୁହଁ ପତ୍ର ଦ୍ୱାରା ନିବୁଜ କରି ତା'ଉପରେ ଗୋଟିଏ 'ଡୁମ୍ବଣି' ବା ଲାଉଡଙ୍କି ଥୋଇ ଦିଆଯାଇଥାଏ । ସେହି ସୀମିତ ପୂଜାସ୍ଥଳୀକୁ ବାଉଁଶ ଚାଞ୍ଚବାଡ଼ ଦିଆଯାଇଥିବା ହେତୁ ସହଜରେ ଗୋରୁ ଛେଳି ତା ଭିତରେ ପ୍ରବେଶ କରିପାରିନଥାନ୍ତି । ସାତଦିନ ପରେ ସେ ଛେଳିମୁଣ୍ଡ ଖପୁରୀ ଓ ଭାତମଦକୁ ପରକ୍ଷି ଦେଖାଯାଇଥାଏ । ଖପୁରୀରେ ପୋକ ଲାଗିନଥିଲେ ଓ ଭାତ ମଦ ତଥାପି ପାନୀୟ ଯୋଗ୍ୟ ଅବସ୍ଥାରେ ଥିଲେ ପୂଜାର ଶୁଭଫଳ ମିଳିଥାଏ ବୋଲି କୁଟିଆ କନ୍ଧ ଲୋକ ବିଶ୍ୱାସ ରହିଛି ।

ବୁର୍ଲାଙ୍ଗ ପୂଜା ଅବସରରେ ବାସ୍ତବ ପକ୍ଷେ ବାଉଁଶ ନିର୍ମିତ ଛୋଟ ଶସ୍ୟ ଅମାର ବା ଡୋଲି ମଧ୍ୟରେ ଅଧିଷ୍ଠିତ ଦେବତା-'ସରାପେନୁ-ମ୍ରାକ୍‌ଚିପେନୁ'ଙ୍କର ପୂଜା ଆରାଧନା କରାଯାଇଥାଏ । ଦେଖିବାକୁ ଗଲେ ଉକ୍ତ ଦେବତା ଆଦୌ ଏକ ଉପକାରୀ ଦେବତା ନୁହେଁ । ବରଂ ସେ ଅମଳ କରି ଆଣିଥିବା ଶସ୍ୟ ଉଭାନ କରିନେଇ ଲୋକଙ୍କର ଅପକାର କରିଥାଏ । ତଥାପି ଏଭଳି ଏକ କ୍ଷତିକାରକ ତତ୍ତ୍ୱକୁ ମଧ୍ୟ ଯଥାମାନ୍ୟ ପୂଜାବିଧାନ ପୂର୍ବକ ତାହାକୁ ବଶୀଭୂତ କରି ସାମୁହିକ ଭାବରେ ନିଜ ନିଜ ଗ୍ରାମର ହୀତକଳ୍ପେ ବିନିଯୋଗ କରିଥାନ୍ତି । ଏଭଳି ବିଚାର ସମ୍ପର୍କିତ ଏକ ଲୋକ ଅନୁଷ୍ଠାନର ଅନୁପାଳନ ତଥା ସୁରକ୍ଷା କରିବା କାର୍ଯ୍ୟ ଗୋଟିଏ ଉଚ୍ଚକୋଟୀର ସଂସ୍କୃତି ସମ୍ପନ୍ନ ଜନଗୋଷ୍ଠୀ ଦ୍ୱାରା ହିଁ ସମ୍ଭବ ।

**ବନଶ୍ରୀ ସାହିତ୍ୟ ଓ ସଂସ୍କୃତି ପରିଷଦ**

**ତୁମୁଡ଼ିବନ୍ଧ, କନ୍ଧମାଳ - ୭୬୨ ୧୦୭**

**ପରାମର୍ଶ**

**୧. ଶ୍ରୀ ଇନ୍ଦ୍ର ମୁଠାମାଝୀ, ବଲମ୍ - ୬୦ ବର୍ଷ**

**୨. ଶ୍ରୀ ରମେଶ ମାଝୀ, ପାଗାର୍‌ପାଡ଼ି - ୩୫ ବର୍ଷ**

**୩. ଶ୍ରୀ ଜୁଡ଼ ନାୟକ, ଶୁଶାଭଙ୍ଗା - ୫୦ ବର୍ଷ**

□□□

# ଶାବର ସଂସ୍କୃତିର ଦାର୍ଶନିକ ଐତିହ୍ୟ

ବିଜୟ ଉପାଧ୍ୟାୟ

**ପ୍ରାକ୍‌କଥନୀ :**

ଯେକୌଣସି ଗୋଷ୍ଠୀ ବା ଜନଜାତିର ଜୀବନଦର୍ଶନର ଭିତ୍ତିଭୂମି ହେଉଛି ତା'ର ଅର୍ଥନୀତି ଓ ସଂସ୍କୃତି । ଶହ ଶହ ନୁହେଁ, ହଜାର ହଜାର ବର୍ଷ ଧରି ଏଭଳି ସଂସ୍କୃତି ଓ ଦର୍ଶନର ନିର୍ମାଣ ଚାଲିଥାଏ । ସଂସ୍କୃତି ଓ ଦର୍ଶନ ପରସ୍ପର ଏତେ ଓତଃପ୍ରୋତଃ ଭାବେ ଜଡ଼ିତ ଥାଆନ୍ତି ଯେ ବହୁ ସମୟରେ ଏମାନଙ୍କୁ ଅଲଗା କରି ଦେଖିବା ବା ପରୀକ୍ଷା କରିବା କଷ୍ଟସାଧ୍ୟ ମନେହୁଏ । ସେହିପରି ଯଦିଓ ଗୋଷ୍ଠୀର ଅର୍ଥନୀତି ଏହାର ଭିତ୍ତିଭୂମି ଯୋଗାଇ ଦେଇଥାଏ, ତଥାପି ତା'ର ସାଂସ୍କୃତିକ ଜୀବନ ଓ ଜୀବନଦର୍ଶନ ରହସ୍ୟମୟ ଭାବେ ସ୍ୱାତନ୍ତ୍ର୍ୟର ଛାପ ବହନ କରିଥାଏ । ପରମ୍ପରା, ସାମାଜିକ ସଂପର୍କ, ନୈତିକ ମୂଲ୍ୟବୋଧ, ବିଶ୍ୱଦୃଷ୍ଟିଭଙ୍ଗୀ, ବିଶ୍ୱାସ୍ ଓ ଅନ୍ଧବିଶ୍ୱାସ, ଜ୍ଞାନଗାରିମା ଓ ଅଜ୍ଞତା, ଧର୍ମ ଓ ଧାର୍ମିକ ଅବବୋଧ, ବାହାର ସଭ୍ୟତା ସହିତ ଘଟୁଥିବା ଅନବରତ ଅଥଚ ଆଗୋଚର ସଂଘର୍ଷ ତଥା ଆନ୍ତଃପ୍ରକ୍ରିୟା, ଦେଣନେଣ ବା ଆଦାନପ୍ରଦାନ ସବୁକିଛି ଗଢ଼ଇ ତୋଳନ୍ତି ଗୋଟିଏ ନିର୍ଦ୍ଦିଷ୍ଟ ଜନଜାତିର ବା ଜନଗୋଷ୍ଠୀର ଏବଂ ମିଳିତ ଭାବେ ଗୋଟିଏ ବ୍ୟାପକ ଭୌଗୋଳିକ ଅଞ୍ଚଳରେ ବାସ କରୁଥିବା ଗୁଡ଼ିଏ ଜନଗୋଷ୍ଠୀର ସାଂସ୍କୃତିକ ଓ ଦାର୍ଶନିକ ଆଭିମୁଖ୍ୟ ।

ଏହି ପରିପ୍ରେକ୍ଷୀରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଶାବର ସଂସ୍କୃତିର ଦାର୍ଶନିକ ଆଭିମୁଖ୍ୟ ବା ଜୀବନ ଦର୍ଶନ ବିଷୟ ବିଚାର କରାଯାଇପାରେ । ଆଜିଯାଏ ବହୁ ପଣ୍ଡିତ ସଂସ୍କୃତିକୁ ସଂଜ୍ଞାବଦ୍ଧ କରିବାର ଚେଷ୍ଟାକରି ମଧ୍ୟ ବିଫଳ ହୋଇଛନ୍ତି । କାରଣ ସଂସ୍କୃତିର ଏକ ରହସ୍ୟମୟ ଦିଗ ସମାଜ ବିଜ୍ଞାନରେ ବିଶ୍ଳେଷଣାଧୀନ ହୋଇପାରେ ନାହିଁ । ଯେଉଁ ରହସ୍ୟମୟ କାରଣରୁ ଶହ ଶହ ବର୍ଷ ଧରି ଗଣହତ୍ୟା, ବିସ୍ଥାପନ, ବିତାଡ଼ନ ଓ ଉତ୍ପୀଡ଼ନର ସାମ୍ନାକରି ଲୋହିତ ଭାରତୀୟ ବା 'ଆପେଚ' ସଂସ୍କୃତି ଆଜି ପର୍ଯ୍ୟନ୍ତ ନିଜର ସ୍ଥିତି ଓ ଅସ୍ମିତା ବଜାୟ ରଖିପାରିଛି, ଶହ ଶହ ବର୍ଷର ନିର୍ଯାତନା ଓ ଦାସ ବ୍ୟବସାୟକୁ ସାମ୍ନାକରି ମଧ୍ୟ ଯେଉଁଥିପାଇଁ ଆଫ୍ରିକାର ନିଗ୍ରୋମାନେ ନିଜର କଳା-ଐତିହ୍ୟ ବଜାୟ ରଖିପାରିଛନ୍ତି; ଯେଉଁ କାରଣରୁ ପୂର୍ବଘାଟର 'ମିଜୋ', 'କୁକି', 'ଗାରୋ', 'ନାଗା' ଇତ୍ୟାଦି ଜନଜାତି ଶହ ଶହ ପ୍ରାକୃତିକ ବିପର୍ଯ୍ୟୟ ଓ ବାହାର ସଭ୍ୟତା ଶହ ସଂଘର୍ଷ ସତ୍ତ୍ୱେ ନିଜର ସ୍ୱତନ୍ତ୍ର ପରିଚୟ ବଜାଇ ରଖିଛନ୍ତି, ଯେଉଁ କାରଣରୁ ଭିଟାହରା ସାନ୍ତାଳ ବା ମୁଣ୍ଡା ଜନଜାତିର ନୃତ୍ୟଗୀତ କଲିକତା ବା ମୁମ୍ବାଇ ସହରର ଶ୍ରମିକ ଶିବିରରୁ ରାତି ଅଧରେ ବି ଶୁଣିବାକୁ ମିଳୁଛି, ତାହା ଆଜିଯାଏ ସଭ୍ୟତାର ବାହକ ଓ ବାବଦୂକ ବୋଲାଉଥିବା ନୃତତ୍ତ୍ୱବିଦ୍‌ମାନଙ୍କର ଜ୍ଞାନର ପରିଧି ଭିତରକୁ ଆସିପାରି ନାହିଁ । ଆମେରିକା ଆବିଷ୍କାର ପରେ ଗୋଟିଏ ପରେ ଗୋଟିଏ ଗଣହତ୍ୟା ଓ ଗଣ ଆତ୍ମହତ୍ୟା ଘଟାଇଥିବା କଲମ୍ବସ୍ ୟୁରୋପ ଓ ଆମେରିକାର ଐତିହାସିକମାନଙ୍କ ପାଇଁ ହୋଇଉଠିଲେ ମହାପୁରୁଷ, ଅଥଚ ଖଣିଖାଦନ୍ ପାଇଁ ଜମି ଦାବିକରି ଚିଠି ଲେଖିଥିବା ଆମେରିକାର ଜନୈକ ରାଷ୍ଟ୍ରପତିଙ୍କୁ ଜଣେ ଅଜ୍ଞାତ ଆପେଚ୍

ନାୟକ କ୍ଷତିପୂରଣ ପ୍ରତ୍ୟାଖାନ କରି ଯେଉଁ ଉତ୍ତର ଦେଇଥିଲେ ସେଥିରେ ପ୍ରତିଫଳିତ ହୋଇଥିବା ଜୀବନଦର୍ଶନ ପାଇଁ ତାଙ୍କୁ କେହି ସମ୍ମାନିତ କରିବା ଦୂରେଥାଉ ବରଂ ତାଙ୍କୁ ଥଟ୍ଟା କରାଯାଇଥିଲା, "ଲୋକଟା କେଡ଼େ ବୋକା ।"

କାରଣ ଉତ୍ତରରେ ସେ ଲେଖିଥିଲେ, "ଆମେ ଯଦି ପବନର ସହଜପଣ ଓ ପାଣିର ଚକ୍‌ଚକ୍ ପଣ ଉପରେ ହାକିମି କରି ନ ପାରୁ, ତାକୁ ବିକିବା ବା କିଣିବାର ଅର୍ଥ ନାହିଁ, ଏଇ ପୃଥିବୀର ପ୍ରତିଟି ଅଂଶ ମୋ' ଲୋକଙ୍କ ପାଇଁ ପବିତ୍ର । ତାଙ୍କ ଅଭିଜ୍ଞତା ଓ ସ୍ମୃତିରେ ପ୍ରତିଟି ଛୁଞ୍ଚିମୁନିଆ ଉଜ୍ଜ୍ୱଳ ପାଇନ୍ ପତ୍ର, ପ୍ରତିଟି ବାଲୁକାମୟ ମେଳାଭୂମି, ଅନ୍ଧାରୁଆ ବନଭୂମିର ଘନ କୁହୁଡ଼ି, ଖୋଲା ପଡ଼ିଆର ପ୍ରତିଟି ପତଙ୍ଗର ଗୁଣୁଗୁଣୁ ଓ ଝିଁ ଝିଁକାର ଅତି ପବିତ୍ର । ବୃକ୍ଷ ଚୂଳ ଛୁଇଁ ବହିଯାଉଥିବା ପବନରେ ଭରି ରହିଛି ଲୋହିତମାନଙ୍କର ସ୍ମୃତି । ପ୍ରତିଟି ଗଛରେ ଯେଉଁ ରସ ପ୍ରବାହ, ତାହା ଆମ ଜୀବନ ପ୍ରବାହ ସହ ମିଶିଯାଇଛି । ଆମେ ପୃଥିବୀର ଅଂଶ ଓ ପୃଥିବୀ ଆମର ଅଂଶ । ସୁଗନ୍ଧିଭରା ଫୁଲମାନେ ଆମର ଭଉଣୀ । ହରିଣ, ବାଇସନ ଓ ବିରାଟକାୟ ଇଗଲମାନେ ଆମର ଭାଇ । ପଥୁରିଳ ପର୍ବତ ଚୂଡ଼ା, ଚାରଣଭୂମିର ଅମୃତରସ ଓ ମଣିଷ ଦେହର ଉଷ୍ଣତା – ଆମ୍ଭେ ସବୁ ତ ଗୋଟିଏ ପରିବାରର । ଆମର ମରିବା ଲୋକମାନେ କେବେ ହେଲେ ଏଇ ମାଟିକୁ ଭୁଲନ୍ତି ନାହିଁ – ସେମାନେ ଏଇ ମାଟିରେ ମିଶି ରହନ୍ତି । x x x ଏଇ ଯେ ଝରଣା ଓ ନଦୀମାନଙ୍କର ରୌଦ୍ର ଝଲସା ଚକ୍‌ଚକ୍ ପାଣି ବହିଯାଉଛି, ତାହା ସାଧାରଣ ପାଣି ନୁହେଁ, ଆମ ଆଦିଦାଦିଙ୍କ ରକ୍ତର ଧାର । x x x ଆମେ ଭଲଭାବେ ଜାଣୁ, ତୁମେ ଗୋରାମାନେ ଆମକୁ କି ଆମର ଚାଲିଚଳନକୁ କିଛିହେଲେ ବୁଝିନାହଁ । ତୁମ ପାଇଁ ଜମିର ଗୋଟିଏ ଅଂଶ ଅନ୍ୟ ଏକ ଅଂଶଠାରୁ ପୃଥକ୍ ନୁହେଁ । କାରଣ ତୁମେମାନେ ବିଦେଶୀ । ରାତିବେଳେ ଜମି ଭିତରକୁ ଚୋର ପରି ପଶିଆସି ନିଜର ଲୋଡ଼ା ଦରବ ସବୁ ମାଟିରୁ ଖୋଜିନେବା ହେଉଛି ତୁମର କାମ । ଏ ଧରଣୀ ତୁମର ମା' ନୁହେଁ, ଶତ୍ରୁ । ତୁମେ ଏହାକୁ ଜୟକର ଓ ଛେଳି ମେଣ୍ଢା ପରି କିଣାବିକା କର । ତୁମର କ୍ଷୁଧା ଦିନେ ଆମର ସମଗ୍ର ବସୁଧାକୁ ଗିଳିଦେବ ଏବଂ ଛାଡ଼ିବ ଏକ ନିଷ୍ଫଳା ମରୁଭୂମି ।"

ପ୍ରତ୍ୟେକ ଜନଗୋଷ୍ଠୀର ଆପଣାର ସ୍ୱତନ୍ତ୍ର ଭାବଧାରା ଥାଏ, ଥାଏ ସ୍ୱତନ୍ତ୍ର କବିତା । ଏ ଦୁଇଟି ଗଢ଼ିତୋଳନ୍ତି ସେହି ଜନତାର ଆତ୍ମା ଏବଂ ଏହା ହିଁ ହେଉଛି ସଂସ୍କୃତିର ରହସ୍ୟମୟ ଦିଗ ଏବଂ ସେଇ ସଂସ୍କୃତିର, ବିଶେଷକରି ଆଦି ମାନବର ସଂସ୍କୃତି ଜନ୍ମଦିଏ ଏକ ନିଆରା ଜୀବନଦର୍ଶନ । ତା'ର ଅର୍ଥନୀତିକ ଭିତ୍ତିଭୂମି, ତୃଣଭୂମି କୈନ୍ଦ୍ରିକ ହୋଇପାରେ ବା ହୋଇପାରେ ମରୁଭୂମି କୈନ୍ଦ୍ରିକ ବା ସିଧାସଳଖ କୃଷିକୈନ୍ଦ୍ରିକ । କିନ୍ତୁ ରହସ୍ୟମୟତା ହେଉଛି ଯେକୌଣସି ଲୋକସଂସ୍କୃତିର ଏକ ନିଶ୍ଚିତ ବିଭାବ । ସେ ଅର୍ଥନୀତି ଯେତେ ପଶ୍ଚାତ୍‌ପଦ ତା'ର ସଂସ୍କୃତି ସେତିକି ଅବିଶ୍ଳେଷଣୀୟ । ସେତିକି ରହସ୍ୟମୟ ।

## ଶାବର ଓ ବୈଦିକ ଦୃଷ୍ଟିଭଙ୍ଗୀ : ପ୍ରକୃତି ସର୍ବଶକ୍ତିମାନ୍

ଆମେ ଯେଉଁ ଶାବର ସଂସ୍କୃତି ବିଷୟରେ ଆଲୋଚନା କରୁଛୁ ତାହା ମୁଖ୍ୟତଃ ଆରଣ୍ୟକ ବା ଆଟବୀକ ଅର୍ଥନୀତିକୈନ୍ଦ୍ରିକ । ଯେଉଁ ପଟ୍ଟଭୂମିରେ ଆର୍ଯ୍ୟମାନଙ୍କର ବେଦ ଓ ଉପନିଷଦ୍ ରଚିତ ହୋଇଥିଲା, ତାହା ମଧ୍ୟ ଥିଲା ଆଟବୀକ । ତେଣୁ ସଂସ୍କୃତିଗତ ଭାବେ ଯେପରି ଆମେ ଦୁଇଟିର ମନ୍ତ୍ର, ତନ୍ତ୍ର, ଗୋଷ୍ଠୀନୃତ୍ୟ ଓ ବାଦ୍ୟ ଇତ୍ୟାଦିରେ ଏକ ସାଧାରଣ ଲକ୍ଷଣ ଦେଖୁ, ସେହିପରି ଦାର୍ଶନିକ ଦୃଷ୍ଟିଭଙ୍ଗୀରେ ମଧ୍ୟ ବେଶ୍ କିଛି ସାଧାରଣ ବିଭାବ ଲକ୍ଷ୍ୟକରୁ । ସେଥିରେ ଧରଣୀମାତା ବା ପୃଥିବୀମାତାର ସ୍ତୁତି, ଉଷା, ନିଶା, ସୂର୍ଯ୍ୟ, ଚନ୍ଦ୍ର, ନଦୀ, ବୃଷ୍ଟି, ବୃକ୍ଷ, ପାଣି, ପବନ, ଅଗ୍ନି ଇତ୍ୟାଦି ବିଭିନ୍ନ ପ୍ରାକୃତିକ ଶକ୍ତିର ସ୍ତୁତି, ବାଘ, ସିଂହ, ସର୍ପ, ମୟୂର, ଗାଭୀ, ବୃଷଭ ଆଦି ହିଂସ୍ର କିମ୍ବା ଉପକାରୀ ପଶୁପକ୍ଷୀଙ୍କର ସ୍ତୁତି ସ୍ଥାନ ପାଇଥାଏ । କାରଣ ଏଇମାନେ ହେଉଛି ସେମାନଙ୍କର ଦେବତା । ମୁଖ୍ୟତଃ ସେଥିରେ ଏଇ ଦର୍ଶନ ସ୍ଥାନ ପାଇଥାଏ ଯେ, ମଣିଷ ଏ ପୃଥିବୀର ଅଧିକାରୀ ନୁହେଁ । ବରଂ ପୃଥିବୀ ଏଇ ମଣିଷ ଓ ସୁନ୍ଦର ସୃଷ୍ଟିର ଅଧିକାରୀ । ରକ୍ତ ଯେପରି ଏକ ପରିବାରକୁ ଏକାଠି କରେ, ଏ ପୃଥିବୀ ଯେମିତି ତା'ର ପ୍ରତ୍ୟେକ ସନ୍ତାନକୁ ସଂଯୋଗ ସୂତ୍ରରେ ଗୁନ୍ଥିଥାଏ । ପୃଥିବୀ ଉପରେ ଯେଉଁ ବିପଦପଡ଼େ, ତା'ର ପ୍ରତ୍ୟେକ ସନ୍ତାନ ତାହା ଭୋଗ କରନ୍ତି । ଜୀବନ ଯେ ଅଦୃଷ୍ଟ ରହସ୍ୟମୟ ବୁଢ଼ିଆଣୀ ଜାଲ, ତାହା ମଣିଷ ତିଆରି କରେନି । ସେ ଖାଲି ତହିଁରେ ସାମାନ୍ୟ ଖିଅ ମାତ୍ର ।

ତେଣୁ ମନେକର ଗୋଟିଏ ଦଳ ଆଦିବାସୀଙ୍କୁ କିଛି ଶିକାର ମିଳିଗଲା । ସେତେବେଳେ ମୁଁ ବାରିହା ବା ହରିଣ ବା ବଣମଇଁଷି ବୋଲି ସେ ଗର୍ବ କରେନି । ବରଂ କହେ ଏ ବାରିହା ବା ହରିଣ ମୋତେ ତା'ର ମାଂସ ଦେଲା । (ଯେପରି ଆମେ କହୁ ଗାଈ ଆମକୁ କ୍ଷୀର ଦିଏ ।) ବାଘଟିଏ ଶିକାର କଲେ, ବଣଦେବୀ ବା ଦେବତା ଏ ବାଘକୁ ମାରିଲେ । ଜମିରେ ଭଲ ଫସଲ ହେଲେ ଧରତନୀ ଦେବୀ ଏ ଫସଲ ଦେଲେ । ପ୍ରକୃତି ଉପାସକ ଆର୍ଯ୍ୟମାନେ ମଧ୍ୟ ସେତେବେଳେ ଗାଉଥିଲେ, ଗାଭୀମାନେ ଦୁଗ୍ଧବତୀ ହୁଅନ୍ତୁ, ବନସ୍ପତି ଫୁଲଫଳରେ ଭରିଉଠୁ, ମଧୁ ବୃଷ୍ଟି ହେଉ, ମଣିଷ ଶତାୟୁ ହେଉ ଇତ୍ୟାଦି । ଆଦି ମାନବର ଦୃଷ୍ଟିରେ ପ୍ରତ୍ୟେକ ରୋଗର ବ୍ୟାଧି ମଧ୍ୟ ପ୍ରକୃତିର ଭିନ୍ନ ଭିନ୍ନ ଶକ୍ତିକୁ ନିୟନ୍ତ୍ରଣ କରୁଥିବା କେହି ନା କେହି ଦେବୀ ବା ଦେବତାର କୋପ ବା ଅସନ୍ତୋଷ । ସେମାନେ ଭୈରବ-ଭୈରବୀ ହୋଇପାରନ୍ତି ବା ଅଙ୍ଗ୍‌ଲାଜୀ ମାତା । ସେମାନେ ଡଙ୍ଗରମାଉଲୀ ହୋଇପାରନ୍ତି ବା ବୁଢ଼ୀ ଟାକ୍‌ରାଣୀ ବା ଗାଁ' ଦେବତା ବା ହୁଣ୍ଡୀ ହୋଇପାରନ୍ତି । ମଣିଷ କିଛି ଅପକାର୍ଯ୍ୟ କଲେ ଏହି ବ୍ୟକ୍ତିଗତ ବା ସାମୂହିକ ବିପଦ ପଡ଼ିପାରେ । ସେ ଅପକାର୍ଯ୍ୟ କ'ଣ ହୋଇପାରେ ତା'ର ମଧ୍ୟ ଏକ ବିଶ୍ୱାସ ଆଦିବାସୀମାନଙ୍କ ଭିତରେ ରହିଛି । ତାହା ମୁଖ୍ୟତଃ ସ୍ୱାଭାବିକ ଜୀବନଧାରା ବା ପ୍ରାକୃତିକ ନିୟମର ଉଲ୍ଲଂଘନ ବା ତା' ଉପରେ ଆକ୍ରମଣ, ସାମାଜିକ ନିୟମର ଲଙ୍ଘନ, ଚଳନ୍ତି ଧର୍ମବିଶ୍ୱାସ ଉପରେ ଆଘାତ ଇତ୍ୟାଦି । ଯଦିଓ ଏଇ ବିଶ୍ୱାସ ଭିତରୁ ବେଶ୍ କିଛିଟା ସହ ଅନ୍ଧବିଶ୍ୱାସ ମଧ୍ୟ ଜଡ଼ିତ ହୋଇରହିଛି, କିନ୍ତୁ ସବୁର ବେଢ଼ଣ ହେଉଛି ଧର୍ମୀୟ ବା ପ୍ରାକୃତିକ ସାମାଜିକ - ମାନବିକ ନୀତିନିୟମର ଉଲ୍ଲଙ୍ଘନ । କୁଇକନ୍ଧ ସମାଜରେ ପୂର୍ବ ପ୍ରଚଳିତ 'କେରଡ଼ପଦା' ନିଶାପ (ଯେଉଁଥିରେ ନିର୍ବନ୍ଧ ସରିଥିବା ଝିଅଟିଏ ଯଦି ଅନ୍ୟ ସହ ଉଦୁଲିଆ ଚାଲିଯାଏ, ତେବେ ତାକୁ ଓ ତା'ର ପ୍ରେମିକକୁ ଧରିଆଣି ଗ୍ରାମ ଜାକିରୀ

ପାଖରେ ଜୀଅନ୍ତା ବଳି ଦିଆଯାଏ ।), ବଣ୍ଡା ସମାଜରେ ପ୍ରଚଳିତ ସଲପ୍ ନିଶାପ (ଯେଉଁଥିରେ ଜଣଙ୍କର ସଲପ୍‌ଗଛ ଉପରେ ଅନ୍ୟଜଣେ ଆକ୍ରମଣ କଲେ ତାକୁ ତୀର ବିନ୍ଧି ହତ୍ୟା କରାଯାଏ), ସେହି ବଣ୍ଡା ସମାଜର ପ୍ରତିଶୋଧ ନିଶାପ ଅର୍ଥାତ୍ କୌଣସି ବ୍ୟକ୍ତି ଉପରେ ଅଣବଣ୍ଡା ସମ୍ପ୍ରଦାୟର କେହି ଆକ୍ରମଣ କରିଥିଲେ, ସେହି ବ୍ୟକ୍ତିର ଗ୍ରାମ ଉପରେ ବଣ୍ଡାମାନଙ୍କର ସାମୂହିକ ଆକ୍ରମଣ ଓ ଲୁଟ୍, କୋୟା ତଥା ଅନ୍ୟାନ୍ୟ କେତେକ ଗୋଷ୍ଠୀରେ ଯେକୌଣସି ପାଙ୍ଗ୍‌ନିଆ ନିଜର ପାଙ୍ଗନ୍ ଦ୍ୱାରା ଅନ୍ୟ ବ୍ୟକ୍ତିର କ୍ଷତି ବା ମୃତ୍ୟୁ ଘଟାଇଥିବା ପ୍ରମାଣ ହେଲେ (ଅନ୍ୟ କୌଣସି ଦିଶାରି ଦ୍ୱାରା) ତା' ଉପରେ ସମଗ୍ର ଗୋଷ୍ଠୀର ବିଚାର, ପୁଣି ସଗରତା ବିଚାର (ଯେଉଁଥିରେ ଅର୍ଥଦଣ୍ଡ ଓ ଶାରୀରିକ ଦଣ୍ଡର ବିଧାନ ରହିଥାଏ) ଇତ୍ୟାଦି ଏଭଳି ବିଶ୍ୱାସ ତଥା ପାରମ୍ପରିକ କ୍ରିୟାନୁଷ୍ଠାନର ନମୁନା ।

ଅନ୍ୟ ଏକ ଉଦାହରଣ ହେଉଛି ଜଙ୍ଗଲ ଓ ଗଛ ପ୍ରତି ଆଦିବାସୀର ଦୃଷ୍ଟିଭଙ୍ଗୀ । ବୃକ୍ଷ ହେଉଛି ଆଦିବାସୀର ଦେବତା । ପ୍ରତି ଗାଁ'ରେ କିଛି ନା କିଛି ରୂପରେ ଏହା ପୂଜା ପାଏ । ଶ୍ରୀମନ୍ଦିରରେ ଦାରୁ ଦେବତା ସଂସ୍କୃତିର ପ୍ରତୀକ ମୂଳତଃ ଶାବର । ଗୋପୀବାବୁଙ୍କ ଦାଦୀବୁଢ଼ା ମଧ୍ୟ ଏକ ଶୁଖିଲା ଖଜୁର ଗଛ । କିନ୍ତୁ ଏ କଥା ମଧ୍ୟ ସତ୍ୟ ଯେ ଶୁଖିଲା ଗଛ ଅଭାବରେ ଆଦିବାସୀ ବାଧ୍ୟହୋଇ କିଛି କିଛି କଞ୍ଚାଦରୁ ପାଇଁ, ଘର ତିଆରି ପାଇଁ ବା ବଜାରର ଅଙ୍ଗାର ଓ ଜାଳେଣି କାଠର ଚାହିଦା ମେଣ୍ଟାଇବା ପାଇଁ କାଟିଥାଏ । କିନ୍ତୁ ସେହି ଆଦିବାସୀ ସୌଖୀନ ଗୃହୋପକରଣ ବ୍ୟବସାୟୀ ତଥା କାଠ ମାଫିଆମାନଙ୍କର ଚାହିଦା ପାଇଁ ଜଙ୍ଗଲ ଧ୍ୱଂସକୁ ବିରୋଧ କରିଥାଏ । ମାଲକାନଗିରିର ପଦ୍ମଗିରି - ତୁଲେଂଗୁଡ଼ା ତଥା ପଦ୍ରାପାଲି ଅଞ୍ଚଳରେ, ବାଲିମେଳା ରିଜର୍ଭ ଫରେଷ୍ଟ ଅଞ୍ଚଳରେ, କତାପାଲି ଅଞ୍ଚଳରେ ତଥା ତେନ୍ତୁଳିଗୁଡ଼ା ଅଞ୍ଚଳରେ ୧୯୯୬ରୁ ୨୦୦୧ ମସିହା ମଧ୍ୟରେ ଅନୁଷ୍ଠିତ ବଡ଼ବଡ଼ ପାଞ୍ଚୋଟି କାଠମାଫିଆ ବିରୋଧୀ ଆଦିବାସୀ ଆନ୍ଦୋଳନ ଏହି ବିରୋଧକୁ ପ୍ରମାଣ କରେ । ଆଉ ମଧ୍ୟ କୁରୁମପାଲି ରିଜର୍ଭ ଜଙ୍ଗଲରେ ପ୍ରାୟ ଶହେ ଗଛର ମୂଳରୁ ଛାଲି ଛଡ଼ାଇ ଦେଇଥିବା ଜଣେ ବ୍ୟକ୍ତିକୁ ଦୁଶାନାଡ଼ କୁରୁମପାଲିବାସୀ ମିଳିତ ନିଶାପରେ ବସି ୧୯୯୯ରେ ଗାଁ' ଖେଦା କରାଇଥିଲେ । ଉପରମୋଟର ରାଇଘର ଅଞ୍ଚଳରେ ଏହି ଜଙ୍ଗଲ ପ୍ରସଙ୍ଗକୁ କେନ୍ଦ୍ରକରି ଭତ୍ରା ଓ କନ୍ଧ ଗୋଷ୍ଠୀଙ୍କ ମଧ୍ୟରେ ଚାଲିଥିବା ଲଗାତାର ସଂଘର୍ଷ କଥା ମଧ୍ୟ ସମସ୍ତଙ୍କୁ ଜଣା । ମକାଚାଷ ପାଇଁ ବ୍ୟାପକ ଜଙ୍ଗଲକୁ ନଷ୍ଟ କରିଦେବା ବିରୋଧରେ ଆଦିବାସୀର ପ୍ରବଳ ପ୍ରତିବାଦ ହିଁ ଏହାର ମୂଳ କାରଣ । କିଛି ଆଦିବାସୀ ଆନ୍ଦୋଳନ (ଝାଡ଼ଖଣ୍ଡ ଓ ମହାରାଷ୍ଟ୍ରର ଦଳିତ ଇତ୍ୟାଦି) ସଂପ୍ରତି ପ୍ରତିପାଦିତ ତଥା ପ୍ରମାଣିତ କରିଛି ଯେ ଆଦିବାସୀମାନଙ୍କର ଧର୍ମ ହେଉଛି ସାରନା । ଅଥଚ ଏଇ ସାରନା ଶବ୍ଦଟି ଏକ ଅର୍ବାଚୀନ ଶବ୍ଦ । ଯାହାର ଅର୍ଥ ହେଉଛି 'ପ୍ରକୃତି' । ଏହି ଦୃଷ୍ଟିରୁ ଶବରମାନଙ୍କର ଧର୍ମକୁ ମଧ୍ୟ ପ୍ରକୃତି ଧର୍ମ ବୋଲି କୁହାଯାଇପାରିବ । ତେବେ ଏହା ଅଘୋଷିତ ।

## ସାମୂହିକତା ବାଦ :

ବର୍ତ୍ତମାନ ଶାବର ଦର୍ଶନର ଆଉ କେତେକ ବଳିଷ୍ଠ ବିଭାଗ ବିଷୟ ଦେଖାଯାଉ । ପ୍ରଥମଟି ହେଉଛି ସମୂହ ଭାବନା ବା ସାମୂହିକତା ବୋଧ । ଆଦିବାସୀ ସମାଜରେ ଜଣେ ବ୍ୟକ୍ତିର ମୂଲ୍ୟ ନଗଣ୍ୟ । ସେଠି ସମୂହ ହେଉଚି ସବୁକିଛି । କିନ୍ତୁ ଅନ୍ୟପକ୍ଷରେ ଯଦି ଜଣେ ବ୍ୟକ୍ତି ଉପରେ କିଛି ବିପଦ ପଡ଼େ, ତାହାକୁ ମଧ୍ୟ ସମୂହର ବିପଦ ବୋଲି ଗଣାଯାଏ । ସମୂହ ବ୍ୟକ୍ତି ଉପରେ କିଛି ବିପଦ ପଡ଼େ, ତାହାକୁ ମଧ୍ୟ ସମୂହର ବିପଦ ବୋଲି ଗଣାଯାଏ । ସମୂହ ସେଠି ପ୍ରତିବାଦ କରେ; ପ୍ରତିକାର କରେ । ଘଟଣାଟି ଯଦି ମୃତ୍ୟୁ ହୋଇଥାଏ, ତେବେ ଗାଁ'ଯାକର ସଭିଏଁ ମିଶି ଶବଦାହ ପାଇଁ ଦାରୁ ଆଣିବା, ବନ୍ଧୁ ବାନ୍ଧବଙ୍କୁ ବାତିନି ଦେବା ପାଇଁ ଦୂରଦୂରାନ୍ତ ଗାଁ'କୁ ଖେପିଯିବା, ପୁଲିସ୍ କେଶ୍ ହେଉଥିଲେ ଗାଁ' ନାୟକଙ୍କୁ ଧରି ତା'ର ସମାଧାନ କରିବା, ଶବଦାହ ତଥା ଅନ୍ୟାନ୍ୟ ସମସ୍ତ ଅନ୍ତ୍ୟେଷ୍ଟିକ୍ରିୟା, ଶୁଦ୍ଧି କ୍ରିୟା ତଥା ଶୋକପାଳନରେ ସହଯୋଗ କରିବା ଇତ୍ୟାଦି ଏପରି ସ୍ୱାଭାବିକ ଭାବରେ ହୋଇଥାଏ ଯେ, ସତେ ଯେପରି ଗାଁ'ଟା ଯାକର ସମସ୍ତେ ହେଉଛନ୍ତି ଗୋଟିଏ ପରିବାରର । ରୋଗ କାଇଲାରେ ସଢୁଥିବା ଲୋକଙ୍କୁ ଦିସାରି ବା ଡାକ୍ତରଖାନାକୁ ନେବାରେ ମଧ୍ୟ ସେଇ ଏକା ସହଯୋଗ । ପୁଣି ଘଟଣାଟି ଯଦି ସୁଖଦ ହୋଇଥାଏ ଯେପରିକି ବିଭାଘର, କନ୍ୟା ବର୍ତ୍ତମାନ, ଶିଶୁଜନ୍ମ ଇତ୍ୟାଦି ତେବେ, ସାରା ଗାଁ'ରେ ଆନନ୍ଦର ଲହରୀ ଖେଳିଯାଏ । ସମସ୍ତେ ନିଜ କାମ ଭଳିଆ ରୋଷେଇବାସ ଠାରୁ ଭୋଜିର ସମସ୍ତ ସାମଗ୍ରୀ ନିଜଘରୁ ଯୋଗାଇ ଦେବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସ୍ୱେଚ୍ଛାରେ କରିଥାନ୍ତି । ବିଭାଘର ହୋଇଥିଲେ ରାଇବାଡ଼ିଆ ସହ ସମସ୍ତେ କନ୍ୟା ଛାଡ଼ିବାକୁ ବା କନ୍ୟା ଆଣିବାକୁ ଯାଇଥାନ୍ତି । ନାଚଗୀତରେ ତ ଗାଁ'ର ପିଲାଠୁଁ ବୁଢ଼ାଯାଏ ସମସ୍ତେ ଉଚ୍ଛନ୍ନ ହୋଇ ଭାଗ ନେଇଥାନ୍ତି । ସେଇଭଳି ଆଉ ଯେତେବେଳେ ପର୍ବପର୍ବାଣି । ଏସବୁ କ୍ଷେତ୍ରରେ ସାରା ଗାଁ'ଟା ଗୋଟିଏ ପରିବାର ଭଳି କାର୍ଯ୍ୟ କରିଥାନ୍ତି । ଏପରିକି ଦୂରଦୂରାନ୍ତରେ ରହୁଥିବା କୁଳକୁଟୁମ୍ବ, ବନ୍ଧୁବାନ୍ଧବ, ମିତ ସଂଗୀତମାନେ ମଧ୍ୟ ଭୋଜି ଦରବ ଓ ଛେଳିକୁକୁଡ଼ା, ନାଟପାର୍ଟି ନେଇ ହାଜିର ହୋଇଥାନ୍ତି ।

ପୁଣି କେବେ କେବେ ବିପଦ ଆସିଥାଏ ବାହାରିଆ ଶତ୍ରୁଠାରୁ । ସେଥିରେ ମଧ୍ୟ ଏଇ ସାମୂହିକତାର ଦର୍ଶନ ହିଁ ମୁଖ୍ୟ ସଂଚାଳିକା ଶକ୍ତି ହୋଇଥାଏ । ବଣଜଙ୍ଗଲ ଉପରେ ଆକ୍ରମଣ କ୍ଷେତ୍ରରେ ୧୮୪୦ରୁ ୧୯୪୭ ପର୍ଯ୍ୟନ୍ତ ଯେତେ ଯେତେ ଫିତୁରୀ ବା ବିଦ୍ରୋହ ହୋଇଛି, ତା' ପଛରେ ଏଇ ଦର୍ଶନ ହିଁ କାର୍ଯ୍ୟ କରିଛି । ପାରମ୍ପରିକ ନୀତିର ଉଲ୍ଲଂଘନ ରୂପେ ଆଦିବାସୀ ସମାଜ ଏହାକୁ ଦେଖିଛି । ତାମାଦୋରାବାଙ୍ଗୁରୁ ଦେଇଙ୍କ ୧୮୪୦ ବ୍ରିଟିଶ୍ ବିରୋଧରେ ବିଦ୍ରୋହ, ଦ୍ୱିତୀୟ ତାମାଦୋରାଙ୍କର ୧୮୮୦-୯୦ର ବିଦ୍ରୋହ, ପାପଡ଼ାହାଣ୍ଡି ତଥା କଳାହାଣ୍ଡିର କନ୍ଧମେଳି, ଆଲୁରୀ ସୀତାରାମେୟା ରାଜୁଙ୍କର ସନ୍ନ୍ୟାସୀ ବିଦ୍ରୋହ, ରାୟଗଡ଼ାର ଗୁମ୍ମା ଗାଇବା ମେଳି ଓ ପଟାସିଙ୍ଗି ସଉରା ବିଦ୍ରୋହ ଏବଂ ଲକ୍ଷ୍ମଣ ନାୟକଙ୍କ ମାତିଲିଥାନା ଘେରାଉ ଆଦି ଘଟଣାରେ ବ୍ରିଟିଶ୍ ଜୁଲମ୍‌କୁ ସାମୂହିକଭାବେ ଆଦିବାସୀ ସମାଜ ବିରୋଧ କରିଥିଲା । ଏଇ ସବୁ ବିଦ୍ରୋହ ବା ଫିତୁରୀକୁ ବ୍ରିଟିଶ୍ ସରକାର ଦୃଢ଼ ହସ୍ତରେ ଦମନ କରିଥିଲେ ମଧ୍ୟ ବାରମ୍ବାର ଏହା ତେଜି ଉଠିଥିଲା ।

ସ୍ୱାଧୀନତା ପର ସମୟରେ ମଧ୍ୟ ଜମି ଓ ଜଙ୍ଗଲ ଉପରେ ସରକାରୀ ଓ ବେସରକାରୀ ଆକ୍ରମଣ ଓ ଦଖଲକୁ ଆଦିବାସୀମାନେ ସହଜରେ ଗ୍ରହଣକରି ପାରି ନାହାନ୍ତି । ତେବେ ବୃହତ୍ ନଦୀବନ୍ଧ ଯୋଜନାରେ ୧୯୫୧ରୁ ୧୯୯୦ ମଧ୍ୟରେ ଜମି ହରାଇଥିବା ଲକ୍ଷଲକ୍ଷ ଆଦିବାସୀ ପ୍ରଥମାବସ୍ଥାରେ ବିକାଶର ସ୍ୱପ୍ନରେ ଓ ସରକାରୀ ପ୍ରତିଶ୍ରୁତିରେ ବିଶ୍ୱାସକରି ନିଜର ଜମିଜମା ଛାଡ଼ି ଦେଇଥିଲେ । କିନ୍ତୁ ସରକାର ନିଜ ପ୍ରତିଶ୍ରୁତି ମୁତାବକ ଥଇଥାନ ବ୍ୟବସ୍ଥା ନ କରିବାର ଦେଖି ଇନ୍ଦ୍ରାବତୀ ବନ୍ଧ ନିର୍ମାଣ ସମୟରେ ପ୍ରଥମକରି ବୁଡ଼ି ଅଞ୍ଚଳରେ ଜନଆନ୍ଦୋଳନ ତେଜି ଉଠିଥିଲା । ପରେ ପରେ ମାଲକାନାଗିରି ଓ ରାୟଗଡ଼ା ଅଞ୍ଚଳରେ କମ୍ପାନୀର ଜମିଦଖଲ ବିରୋଧରେ ଏହି ସାମୂହିକ ଆନ୍ଦୋଳନ ତେଜି ଉଠିଛି ଓ କେତେକ ସ୍ଥଳରେ ଆଜିସୁଦ୍ଧା ଜାରି ରହିଛି ।

**ସମଦର୍ଶନ :**

ସାମୂହିକତାବାଦୀ ଦୃଷ୍ଟିଭଙ୍ଗୀରୁ ଉତ୍ପନ୍ନ ଅନ୍ୟ ଏକ ବିଭାବ ହେଉଛି ସମଦର୍ଶନ । ଅର୍ଥାତ୍ ସମସ୍ତଙ୍କୁ ସମାନ ଭାବେ ଦେଖିବା ଓ ସମଅଧିକାର ଦେବା । ଆରଣ୍ୟକ ଆର୍ଯ୍ୟର ବୈଦିକ ମନ୍ତ୍ର ମଧ୍ୟ ଥିଲା – "ସମାନଃ ମନ୍ତ୍ରଃ" ଜମି ବିକ୍ରି ହେଉ ନ ଥିଲା । ଯେ ଯେଉଁ ଜମି ଚାଷକଲା, ସେ ଜମି ତା'ର ହେଉଥିଲା । ନୂଆ କେହି ଲୋକ ଗାଁକୁ ଆସିଲେ, ତା'ର ଚଳାଚଳ ପାଇଁ ଗାଁ' ନାୟକ ତାକୁ ଖଣ୍ଡେ ଜମି ଦେଖାଇ ଦେଉଥିଲେ । ସେଥିରେ ତା'ର ପରିବାର ଦେହ ମିହନ୍ତ କରି ଯାହା ଉପୁଜାଉଥିଲେ, ସେଥିରେ ସେମାନେ ପ୍ରତିପୋଷଣ ହେଉଥିଲେ । ପରେ ରେଭିନ୍ୟୁ ଆଇନ୍‌ର ପ୍ରବର୍ତ୍ତନ ହେଲା ଓ ଜମି କିଣାବିକା ପ୍ରଥା ଚାଲୁ ହୋଇଗଲା । ଏଇ ବିଶେଷ ପରିସ୍ଥିତିକୁ ଓ ସରକାରଙ୍କ ଜଟିଳ ଆଇନ୍‌କାନୁନ୍‌କୁ ଆଦିବାସୀମାନେ ବୁଝିପାରିଲେନି । ସୁତରାଂ ଗ୍ରହଣ କରିପାରିଲେନି । ଏହା ଥିଲା ତାଙ୍କର ବିଶ୍ୱାସ, ଭାବନା ଓ ପରମ୍ପରା ସହ ଏକ ଦ୍ୱନ୍ଦ୍ୱ । ଫଳରେ ଆଦିବାସୀ ଦଖଲରେ ଥିବା ବହୁଜମି ହୁଏତ ଅଣଆଦିବାସୀମାନଙ୍କ ହାତକୁ ଚାଲିଗଲା ବା ଜଙ୍ଗଲ / ଅନାବାଦୀ ଜମି ହୋଇ ରେକର୍ଡ଼ରେ ରହିଗଲା । ସେଥିପାଇଁ ଏବେ ମଧ୍ୟ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଶତକଡ଼ା ୭୦ରୁ ୭୫ ଭାଗ ଜମିର ପଟ୍ଟା ହୋଇପାରି ନାହିଁ ।

ସମଦର୍ଶନରେ ଅନ୍ୟ ଏକ ଦିଗ ହେଉଛି ସମବଣ୍ଟନ – ଯେକୌଣସି ଭଲ ଜିନିଷକୁ ନିଜ ନିଜ ଭିତରେ ବାଣ୍ଟିନେବା ବା ବାଣ୍ଟି ଖାଇବା । ମଦ ସଲପ ହେଉ କି ଭଲ ଫଳ ହେଉ ବା ହେଉ ଶିକାର ହୋଇଥିବା ଜନ୍ତୁର ମାଂସ । ଏଥିପାଇଁ ସମ୍ପତ୍ତି ଉପରେ ବ୍ୟକ୍ତିଗତ ଅଧିକାରକୁ ସହଜରେ ଆଦିବାସୀ ସମାଜ ଆଜିଯାଏ ଗ୍ରହଣ କରିପାରିନି । ଏଇଥିରୁ ପୁଣି ଦେଖାଦିଏ ମୁଦ୍ରା ଅର୍ଥନୀତି ପ୍ରତି ବିତୃଷ୍ଣା । ଅଦଳବଦଳ ଅର୍ଥନୀତି ସହ ଅଭ୍ୟସ୍ତ ଆଦିବାସୀକୁ ସହଜରେ ଟଙ୍କାପଇସାର ହିସାବ ପଲଟେ ନାହିଁ । ଏହି କାରଣରୁ ସେ ହାଟବଜାରରେ ବିଭିନ୍ନ ପ୍ରକାର ଶୋଷଣର ଶିକାର ହୁଏ । ତା' ଜିନିଷପତ୍ର ଶସ୍ତାରେ ବିକ୍ରି ହୁଏ ଓ ସାହୁକାରର ଜିନିଷ ବହୁ ଦରରେ ସେ କିଣିଥାଏ । ପୁଣି ବହୁ ଉଚ୍ଚ ହାରରେ ଟଙ୍କାପଇସା ବା ଧାନଚାଉଳ ଋଣ ବା କରଜ ଆଣିଥିଲେ ମଧ୍ୟ ତା'ର ପ୍ରତିବାଦ ନ କରି ଆଦିବାସୀ ସୁଧ ଶୁଝିଶୁଝି ସର୍ବସ୍ୱାନ୍ତ ହୁଏ ।

ଶାବର ଦର୍ଶନର ଅନ୍ୟ ଏକ ବଳିଷ୍ଠ ବିଭାବ ହେଉଚି ସରଳ ବିଶ୍ୱାସ, ଯାହାକି ପ୍ରକୃତପକ୍ଷେ ମଣିଷ ପ୍ରତି ବିଶ୍ୱାସ । ସେ ମଣିଏ ଯିଏ ବି ହେଉ – ଶୋଷକ ସାହୁକାର ହେଉ, କୂଟନୀତିରେ ଧୂରନ୍ଧର ଅଧିକାରୀ ହେଉ, ପୁଲିସ୍ ବା ଫରେଷ୍ଟ ଜମାନ ହେଉ ବା ହେଉ ସାଧାରଣ ରଇତ । ସମସ୍ତଙ୍କ କଥାପ୍ରତି ତା'ର ଅଗାଧ ବିଶ୍ୱାସ । ଶତ୍ରୁମିତ୍ରର ବାଛବିଚାର ନାହିଁ । ତେଣୁ ପରେ ଯେତେବେଳେ ସେହି ଲୋକଟି କଥା କୁହେ, ତା' ଉପରକୁ ଲମ୍ଫମାରେ, ସେ ଅବାକ୍ ହୋଇଯାଏ । ଭାବିପାରେନି ଯେ ଏଭଳି ଅଧର୍ମ କାମ ହୋଇପାରେ । ତା' ବିଶ୍ୱାସ ଓ ଭାବନାର ବେଢ଼ଣ ଭିତରେ ଏଭଳି କାର୍ଯ୍ୟର କୂଳ କିନାରା ମିଳେ ନାହିଁ । ଅଥଚ ସେ ତା' କଥାରେ ଠିକ୍ ଥାଏ । ନ ହେଲେ ଯେ ସେ ଧର୍ମ ହୁଡ଼ିବ । କିନ୍ତୁ ତା'ର ଏଇ ସରଳ ବିଶ୍ୱାସରୁ ଫାଇଦା ଉଠାଇ ସାହୁକାରମାନେ ଜାଲ ବିଛାନ୍ତି, ଓଜନରେ ଠକନ୍ତି, "ଦେଲୁ ପୁଟିଏ ନେଲୁ ପୁଟିଏର ବିଚିତ୍ର ଅଙ୍କ କଷନ୍ତି ଏବଂ ଶୂନ୍ୟରୁ ବ୍ୟବସାୟ ଆରମ୍ଭ କରି ଲକ୍ଷପତି ବନି ଯାଆନ୍ତି । ଏହାର ଅନ୍ୟ ଏକ ଦିଗ ହେଉଛି ସତ୍ୟ ପ୍ରତି ତା'ର ପ୍ରଚଣ୍ଡ ଆଗ୍ରହ ଓ ମିଥ୍ୟା ତଥା କପଟାଚାର ପ୍ରତି ସମାନ ଅନିଚ୍ଛା । ମିଥ୍ୟା ବା କପଟାଚାର, ଯାହାକି ଅଧୁନା ସଭ୍ୟତାର ଅଙ୍ଗବିଶେଷ ବୋଲି କୁହାଯାଇପାରେ, ତାହାହିଁ ସଭ୍ୟତାର ଅନ୍ୟନାମ – ସେଥିପ୍ରତି ସାମାନ୍ୟତମ ଆଗ୍ରହ ନ ଦେଖାଇବା ଫଳରେ ଠକି ହେବା ଓ ଶୋଷିତ ହେବା ହିଁ ହୋଇଛି ତା'ର ଭବିତବ୍ୟ । କିନ୍ତୁ ସେଥିପାଇଁ ସେ ଗର୍ବିତ । କାରଣ ମିଥ୍ୟାଚାର ଜୀବନ ବିତାଇବା ଠାରୁ ମୃତ୍ୟୁକୁ ସେ ଅଧିକ ଶ୍ରେୟସ୍କର ମଣେ । ତେବେ "ଶଠେ ଶଠମ୍ ସମାଚରେତ୍" ନୀତିର ପ୍ରତିବାଦ କରେନାହିଁ । ଏଭଳି ଅନେକ କାହାଣୀ ଆଦିବାସୀ ଲୋକକଥାରେ ରହିଛି, ଯେପରିକି 'ମଙ୍ଗର କଥା', 'ବାରିହା କଥାନୀ' ଯେଉଁଥିରେ ଅଧିକ ବଳଶାଳୀ ଓ ପ୍ରତିପକ୍ଷକୁ ବୁଦ୍ଧିବଳରେ ଠକାଇ ଦିଆଯାଇଛି । ବାସ୍ତବ କ୍ଷେତ୍ରରେ ମଧ୍ୟ ଏଭଳି କିଛି କିଛି ଦୃଷ୍ଟାନ୍ତ ଦେଖିବାକୁ ମିଳେ । ତେବେ ଏହା ବିଶ୍ୱଜନୀନ ବା ସାଧାରଣ ନୁହେଁ ।

**ବିଶ୍ୱଜନୀନତା ବାଦ :**

ବିଶ୍ୱଜୀବନ ପ୍ରତି ଅନୁରକ୍ତି ଭିତରୁ ଆସେ ଆଉ ଏକ ଦୃଷ୍ଟିଭଙ୍ଗୀ – ଯାହାକୁ କୁହାଯାଇପାରେ ବିଶ୍ୱଜନୀନତା ବାଦ । ସମଗ୍ର ବିଶ୍ୱ – ତା'ର ପ୍ରକୃତି, ନଦୀ, ଝରଣା ଅରଣ୍ୟ, ଡଙ୍ଗର, ପର୍ବତ, ଗଛବୃଛ, ଆକାଶ, ପବନ, ଚନ୍ଦ୍ର, ସୂର୍ଯ୍ୟ, ତାରା, ଜୀବଜନ୍ତୁ ଓ ସର୍ବୋପରି ଏଇ ମଣିଷ ସମାଜ ସବୁ ସହିତ ଏକପ୍ରକାରର ଏକାତ୍ମତାବୋଧ । ସେଥିପାଇଁ ଦିଶାରି ଯେତେବେଳେ ରାତି ଅଧରେ ଦୀପଟିଏ ଧରି ଡଙ୍ଗର ଉପରକୁ ଯାଇ ଏକା ଏକା କୌଣସି ନକ୍ଷତ୍ରର ଗତିବିଧି ଲକ୍ଷ୍ୟକରି ଯୋଗ ନିର୍ଣ୍ଣୟ କରେ ବା ସରଳ ବିଶ୍ୱାସରେ ମାଉଲି ପୂଜାକରି ଅକତ ବସାଏ ଓ ମନ୍ତ୍ରପାଠ କରେ ବା ଚେରମୂଳି ଔଷଧ ପ୍ରୟୋଗ କରି କୌଣସି ରୋଗର ନିଦାନ କରେ, ସେଥିରେ ଅନ୍ୟର ମଙ୍ଗଳ ପାଇଁ ତା'ର ଆତ୍ମୋତ୍ସର୍ଗ ଭାବ ସ୍ପଷ୍ଟ ବାରି ହୋଇଯାଏ । ଜଣେ ନିଷ୍ପାପର ଦିଶାରିର ମନ୍ତ୍ରରେ ଯେଉଁ ଆବେଗ ଭରି ରହିଥାଏ, ଯେଉଁ ମଙ୍ଗଳକାମନାର ଉଦ୍ଦୀପନା ଭରି ରହିଥାଏ, ସେଇଥିରେ ହିଁ ଉଜାଟିତ ଗୋଷ୍ଠୀର ବିଶେଷ ସମ୍ମାନ ସେ ପ୍ରାପ୍ତ ହୋଇଥାଏ । ଏ ପ୍ରସଙ୍ଗରେ ଗୋପୀ ମହାନ୍ତିଙ୍କର 'ଅମୃତର ସନ୍ତାନ' ଦ୍ରଷ୍ଟବ୍ୟ । ସେଥିରେ ତାରାମାନଙ୍କର ଯୋଗ ଲକ୍ଷ୍ୟକରିବା ପାଇଁ ଦିଶାରିର କି

କୃଚ୍ଛ ସାଧନା । ଗୁରୁମାୟୀର କି ଆତ୍ମତ୍ୟାଗ ! ଶାବର ସଂସ୍କୃତିର ଏହି ବିଶ୍ୱଜନୀନତାବୋଧ ସଂପର୍କରେ ବହୁ ବିଶ୍ଳେଷଣ କରିଛନ୍ତି ଗୋପୀବାବୁ । ମନେହେବ ସତେକି ତାହା ବେଦାନ୍ତ ଦର୍ଶନ ।

ବହୁଦିନ ତଳେ ୰ମାୟାଧର ମନସିଂହଙ୍କ ସହ ଗୋପୀବାବୁଙ୍କ ଉପନ୍ୟାସରେ ଆଦିବାସୀର ଦର୍ଶନ ଉପରେ ମୋର ଆଲୋଚନା ହୋଇଥିଲା । ୧୯୬୯ ମସିହାର କଥା । ଯେ ଯୁକ୍ତିକଲେ, କେଉଁ ଡଙ୍ଗର ପର୍ବତରେ ରହୁଥିବା କନ୍ଧ ସମାଜର ଦର୍ଶନ କିପରି ବା ଉଚ୍ଚାଙ୍ଗ ବେଦାନ୍ତ ଦର୍ଶନ ସହ ସମାନ ହୋଇପାରିବ ? ଗୋପୀବାବୁ ବୈଦିକ ଦର୍ଶନକୁ ନେଇ ଶାବର ଜୀବନରେ ରୋପି ଦେଇଛନ୍ତି । ମୁଁ ତା'ର ଘୋର ବିରୋଧ କରି କହିଥିଲି ବେଦ ରଚନା ସମୟରେ ଆର୍ଯ୍ୟମାନେ ଯେଉଁ ଆରଣ୍ୟକ ଜୀବନ ଓ ଗୋପାଳନ ବୃତ୍ତି କରୁଥିଲେ, ଆଦିବାସୀମାନେ ଆଜି ବି ସେଇ ପରିବେଶ ଓ ଅର୍ଥନୀତି ଭିତରେ ଅଛନ୍ତି । ତେବେ ଜୀବନ ଦର୍ଶନ ସେଇ ଏକା ନ ହେବ କିପରି ? ତେଣୁ ଗୋପୀବାବୁଙ୍କର ଏଭଳି ବିଶ୍ଳେଷଣ ଓ ବିଚାର କେବେହେଲେ ଭୁଲ୍ ହୋଇ ନ ପାରେ ।

ବାସ୍ତବରେ ଏଇ ବିଶ୍ୱଜନୀନ ଦୃଷ୍ଟିଭଙ୍ଗୀ ହିଁ ଆଜି ବି ଅନ୍ୟ ମଣିଷମାନଙ୍କ ଠାରୁ ଆଦିବାସୀମାନଙ୍କୁ ସ୍ୱତନ୍ତ୍ର କରିଥାଏ । ସେମାନେ ବସ୍ତୁବାଦୀ ସତ, କିନ୍ତୁ ଅର୍ଥପ୍ରେମୀ ନୁହଁନ୍ତି । ସେମାନେ ଧର୍ମରେ ବିଶ୍ୱାସ କରନ୍ତି ସତ, କିନ୍ତୁ ଧର୍ମ ପାଇଁ ସଂପ୍ରଦାୟବାଦୀ ପାଲଟି ଅନ୍ୟର ବିନାଶ ଚାହାନ୍ତି ନାହିଁ । ସେମାନେ ସ୍ୱାଧୀନତା ପ୍ରେମୀ ସତ, କିନ୍ତୁ ଅନ୍ୟର ପରାଧୀନତା ଉପରେ ପ୍ରତିଷ୍ଠିତ ହେଉ ବା ତିଷ୍ଠି ରହୁ, ଏକଥା ସେମାନେ ଭାବନ୍ତି ନାହିଁ । ସେମାନଙ୍କ ସମାଜ ଓ ପରିବାରରେ ପୁରୁଷକୁ ମୁଖ୍ୟ ମାନି ନିଆଯାଏ, କିନ୍ତୁ ନାରୀ ସ୍ୱାଧୀନତା ସେଠି ଏକ ସ୍ୱାଭାବିକ କଥା । ପ୍ରେମପ୍ରଣୟ ବା ପ୍ରତ୍ୟେଦିନ ଉଦ୍ଦାମତାରେ କାହା ସହ ଯୌନ ସମ୍ପର୍କ ରଖିଦେଲେ ନାରୀର କାୟାବନ୍ଧ ହୋଇଯାଏନା କି ସମାଜରେ ସେ ନିନ୍ଦିତ ହୁଏନା । ସେମାନେ ଅସ୍ତ୍ର ଧରିବାରେ ଅବଶୋଷ କରନ୍ତି ନାହିଁ ସତ, କିନ୍ତୁ ତା' କେବଳ ଆତ୍ମରକ୍ଷା ବା ଗୋଷ୍ଠୀର ସୁରକ୍ଷା କରିବା, ଅନ୍ୟର ବିନାଶ ପାଇଁ ନୁହେଁ । ଆଇନଷ୍ଟାଇନଙ୍କ 'ରିଲେଟିଭିଟି ତତ୍ତ୍ୱ' ଯେପରି ଥିଲା ଯେ ସାରା ବିଶ୍ୱର ପ୍ରତିଟି ବସ୍ତୁ ଅନ୍ୟବସ୍ତୁ ସହ ସଂପୃକ୍ତ, ସେଇଭଳି ଏକ ସରଳ ବିଶ୍ୱାସ ହେଉଚି ଶାବର ଦର୍ଶନର ଭିତ୍ତି । ପରିବେଶ ଓ ପରିବେଷ୍ଟନୀ, ଖାଲି ମଣିଷ, ଏପରି ନୁହେଁ, ସମଗ୍ର ପ୍ରାଣୀଜଗତ ଓ ବୃକ୍ଷଜଗତ ପାଇଁ ଜରୁରୀ ଏବଂ ଜଣଙ୍କ ପାଇଁ ଅନ୍ୟ ଜଣେ ଜରୁରୀ – ଏଇ ଅବବୋଧ ଆଦିବାସୀ ସମାଜର ମୁଖ୍ୟ ଜୀବନଦର୍ଶନ । ସନ୍ଥକବି ଭୀମଭୋଇ ଏଇ ଦର୍ଶନକୁ ବିଭିନ୍ନ ଭାବେ ନିଜର କବିତାମାନଙ୍କରେ ପ୍ରତିଫଳିତ କରାଇଛନ୍ତି । ଅନ୍ୟାର୍ଥେ କହିବାକୁ ଗଲେ ସେ ହିଁ ବୋଧେ ଏକମାତ୍ର ଆଦିବାସୀ ଦାର୍ଶନିକ, ସେ ନିଜର ଉଚ୍ଚାଙ୍ଗ ବିଚାର ଓ ଦୃଷ୍ଟିଭଙ୍ଗୀକୁ ଲିପିବଦ୍ଧ କରିବାର ଚେଷ୍ଟା କରିଛନ୍ତି । ଅନ୍ୟପାଇଁ ଆତ୍ମୋତ୍ସର୍ଗ ଭାବନାରୁ ସେ ଲେଖିଛନ୍ତି –

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ' ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।"

କିମ୍ବା "ଧର୍ମ ପଛେ ନିନ୍ଦା ପାଉ ଧରଣୀ ମଣ୍ଡଳ ରହୁ । ଶୂନ୍ୟ ଧରଣୀ ବିକାଶ, ଆକାଶ ଭାସି ନ ଯାଉ ।" ପୁଣି ମଣିଷକୁ ଭଲ ନ ପାଇ କାଠପଥରର ନିରବତା ପଛରେ ଧାଇଁବା ବା ଅର୍ଥର ଉପାସନାକୁ ବିଦ୍ରୂପ କରି ସେ ଲେଖିଛନ୍ତି –

"ମନୁଷ୍ୟ ହୋଇ ନିର୍ଜୀବ ସଙ୍ଗେ ଭାବ ଦେଖଟି କେଡ଼େ ଅଜ୍ଞାନ,

ଶୂନ୍ୟରୁ ଯେହୁଁ ପିଣ୍ଡପ୍ରାଣ ଗଢ଼ିଲା ନାହିଁ ତାକୁ ଅନୁମାନ ।"

ସେ ଥିଲେ ସୂର୍ଯ୍ୟପୂଜାର ପ୍ରବକ୍ତା । କାରଣ ସୂର୍ଯ୍ୟ ହେଉଛନ୍ତି ପ୍ରକୃତି ତଥା ଅତୀତର ସକଳ ଶକ୍ତିର ଉତ୍ସ । ଗଣ୍ଡମାନଙ୍କର ଦୁରାପେନ୍ ଦେବତା ମଧ୍ୟ ହେଉଛନ୍ତି ତା'ର ସୂର୍ଯ୍ୟଦେବତା । ତେବେ ସେ ପ୍ରସଙ୍ଗ ଏତିକିରେ ରହୁ ।

**ଜୀବନବାଦ :**

ଏଇ ଜୀବନ ଦର୍ଶନ ପଛରେ ରହିଛି ଜୀବନ ପ୍ରତି ପ୍ରଚଣ୍ଡ ଶ୍ରଦ୍ଧା । ଯାହାକୁ କୁହାଯାଇପାରେ ଜୀବନବାଦ । ମୃତବ୍ୟକ୍ତିମାନଙ୍କୁ ଆଦିବାସୀ ଶ୍ରଦ୍ଧାକରେ, ଡୁମା ବୋଲି କହି ପୂଜାକରେ । ସେ ବିଶ୍ୱାସ କରେ ଯେ ଆନିଦାଦିଙ୍କର ଏହି ଡୁମାମାନେ ଗୋଷ୍ଠୀର ଜୀବନଧାରାକୁ ଅବ୍ୟାହତ ରଖିବା ପାଇଁ କାର୍ଯ୍ୟ କରନ୍ତି । ସମସ୍ତଙ୍କର ମଙ୍ଗଳ ପାଇଁ ମୃତମାନେ ଆଦିବାସୀମାନଙ୍କ ପାଇଁ ନିତ୍ୟ ବର୍ତ୍ତମାନ । ଅନ୍ୟପକ୍ଷରେ ସେ ବିଶ୍ୱାସକରେ, ଜୀବନ ହେଉଛି ସବୁଠୁ ମୂଲ୍ୟବାନ୍ – ସମସ୍ତଙ୍କର ଜୀବନ । ଜୀବନ ଥିବା ଯାଏ ଆନନ୍ଦ ସବୁଠି ଭରପୂର । ଫୁଲରେ, ପତ୍ରରେ, ଝରଣାରେ, ନଦୀରେ, ନାଚଗୀତରେ, ସାଙ୍ଗସାଥୀମେଳରେ, ପ୍ରେମରେ, ବିବାହରେ, ପିଲାଜନ୍ମରେ, ହାଟବଜାରରେ – ସବୁଠି ଆନନ୍ଦ ଖୋଜା ଯାଇପାରେ । ଏପରିକି ତୁଚ୍ଛାତିତୁଚ୍ଛ ଖାଦ୍ୟକୁ ମଧ୍ୟ ଭୋଜି ନ୍ୟାୟରେ ଉପଭୋଗ କରାଯାଇପାରେ । ଫୁଟେ ମାଂସ, ଟିକେ ମାଛ, ମାଣ୍ଡିଆପେଜ, ଚାଉଳଭାତ ଓ ସଲପ ଦି' ହାଣ୍ଡି ଏତିକି ହେଲେ ସେ ବିରାଟ ଭୋଜିର ପରମ ଆନନ୍ଦ ପାଏ । ପୁଣି ଖାଲି ଖାଦ୍ୟରେ ନୁହେଁ, ଶ୍ରମରେ ମଧ୍ୟ ଆନନ୍ଦ । ସେଇଥିପାଇଁ କାଉଡ଼ି ବୋହିବା ବେଳେ, ହଳ କଷିବା ବେଳେ, ଧାନ ରୋଇବା ବେଳେ ବା ଜନ୍ତୁ ଘଉଡ଼େଇବା ବେଳେ ପ୍ରତି ପଦପାଦରେ ଗୀତ ସଙ୍ଗୀତ । ଏପରିକି ମୃତ୍ୟୁରେ ମଧ୍ୟ ନାଚଗୀତ ମଧ୍ୟରେ ମୃତବ୍ୟକ୍ତିକୁ ବିଦାୟ ଜଣାଇ ଆଦିବାସୀ ତା'ର ପୁରୁଣା ଜୀବନ ଯାତ୍ରାକୁ ଫେରିଆସେ ।

ସେଇଥିପାଇଁ ଆଦିବାସୀମାନଙ୍କ ଭିତରେ ଆତ୍ମହତ୍ୟା; ଭିକ୍ଷାବୃତ୍ତି, ବେଶ୍ୟାବୃତ୍ତି - ଏସବୁ କିଛି ଦେଖାଯାଏ ନାହିଁ । ଯଦିବା କାଁ ଭାଁ କେଉଁଠି କେହି ଏହା କରେ, ସେ ହୁଏ ଗୋଷ୍ଠୀର ଘୃଣାର ପାତ୍ର । ସେମାନେ ବଞ୍ଚି ଥାଉ ଥାଉ ଗୋଷ୍ଠୀ ପାଇଁ ମୃତ ବୋଲି ଧରାଯାଆନ୍ତି । ମରିଗଲେ ଡୁମାର ସ୍ଥାନ ପାଆନ୍ତି ନାହିଁ । ଚର୍ଯ୍ୟାଗୀତିକାର ଏଇ ଜୀବନବାଦ ଓ ଆନନ୍ଦବୋଧ ସକାଶେ ବୋଧେ ଶାବର ଦର୍ଶନକୁ 'ସହଜସୁନ୍ଦର' ଭାବେ ବ୍ୟାଖ୍ୟା କରିବାର ଚେଷ୍ଟା କରାଯାଇଛି । ଯାହାକୁ ଦର୍ଶନଶାସ୍ତ୍ରରେ କୁହାଯାଇଛି ସ୍ୱଭାବବାଦ । ସହଜରେ ମଣିଷ ହୃଦୟରୁ ଯେଉଁ ଭାବନା ସ୍ୱାଭାବିକ ଭାବେ ଉପଲବ୍ଧ ହୁଏ, ତାହାରି କାର୍ଯ୍ୟକାରିତାରେ ହିଁ ମଣିଷ ଆନନ୍ଦ

ପାଏ । ତାକୁ ଯେଉଁ ଅଭିସନ୍ଧି ଦ୍ୱାରା କ୍ଲିଷ୍ଟ ଓ ଜଟିଳ କରିଦିଆଯାଏ, ତାହା ମଣିଷକୁ ଦୁଃଖ ଓ ଯାତନା ଦିଏ ।

**ଶେଷକଥା :**

ଶାବରଦର୍ଶନର ବିଧିବଦ୍ଧ ଅଧ୍ୟୟନ ମୋ' ଜାଣିବାରେ ଆଜିଯାଏଁ କରାଯାଇ ନାହିଁ । ଏହି ଅନାଲୋଚିତ ଦିଗକୁ ଆଲୋକିତ କରିବା ପାଇଁ ମୋର ଏଇ ସାମାନ୍ୟ ପ୍ରଚେଷ୍ଟାକୁ ପରବର୍ତ୍ତୀ କାଳରେ ଗବେଷକମାନେ ପରିବର୍ଦ୍ଧିତ ଓ ପରିମାର୍ଜିତ କରିପାରିବେ ବୋଲି ଆଶା ରଖୁଛି । ତେବେ ସବୁଠୁ ବଡ଼କଥା ହେଉଛି ସଭ୍ୟତାର ବହୁ ଆକ୍ରମଣର ମୁହଁରେ ପଡ଼ି ମଧ୍ୟ ଯେଉଁ ସଂସ୍କୃତି ନିଜକୁ ଜାହିର କରିପାରିଛି, ତିଷ୍ଠି ରହିପାରିଛି ଓ ଜୀବନସଂଗ୍ରାମ ଜାରି ରଖିଛି, ତା'ର ଦାର୍ଶନିକ ବିଭାବ ଓ ମୂଲ୍ୟବୋଧ ଯଦି ଆମକୁ କିଛି ପ୍ରେରଣା ଦେଇ ସମଗ୍ର ମାନବ ସମାଜକୁ ଧ୍ୱଂସମୁଖରୁ ରକ୍ଷାକରେ ଏବଂ ଯଦି ଏହାଦ୍ୱାରା କୂଟନୀତି ବିଶାରଦ ତଥା ବାବୁ ସାହୁକାର ଗୋଷ୍ଠୀ ଏଭଳି ଜନଗୋଷ୍ଠୀମାନଙ୍କୁ ଧ୍ୱଂସମୁଖରୁ ଠେଲି ଦେବାରୁ ନିବୃତ୍ତ ରହନ୍ତି, ତେବେ ଏ ଲେଖକର ଶ୍ରମ ସାର୍ଥକ ହେବ ।

ଟାରଲାକୋଟା, କୋରକୋଣ୍ଡା, ମାଲକାନଗିରି

❐❐❐

# ଦୁରୁଆ ଜନଜାତିଙ୍କ ସାମାଜିକ ସଂସ୍କାର

ଡକ୍ଟର ରାଜେନ୍ଦ୍ର ପାଢ଼ୀ

ଦୁରୁଆ ଜନଜାତି ମୁଖ୍ୟତଃ କୋରାପୁଟ ଜିଲ୍ଲାର ବୈପାରୀଗୁଡ଼ା, କୁନ୍ଦ୍ରା, କୋଟପାଡ଼ ବ୍ଲକ୍‌ରେ ବହୁଳ ଭାବେ ଓ ମାଲକାନଗିରି ଜିଲ୍ଲାର ମାଥିଲି, କୋରକୋଣ୍ଡା, ମାଲକାନଗିରି ବ୍ଲକ୍‌ରେ ବିକ୍ଷିପ୍ତଭାବେ ବସବାସ କରନ୍ତି । ଏମାନେ ଧୂଳିମାଟି ଓ ଜଙ୍ଗଲର ସନ୍ତାନ ଓ ପ୍ରଥମେ ଜଙ୍ଗଲ ସଫାକରି ବସତି ସ୍ଥାପନ କରିଥିବା ବୟସ୍କ ଦୁରୁଆ ବ୍ୟକ୍ତିମାନେ ଦାବୀ କରିଥାନ୍ତି । ୨୦୦୧ର ଜନଗଣନା ଅନୁଯାୟୀ ଓଡ଼ିଶାରେ ସମୁଦାୟ ୯୨୪୭ ଜଣ ଦୁରୁଆ ଜନଜାତିର ଲୋକ ବାସକରନ୍ତି । ଏମାନେ ମୁଖ୍ୟତଃ କୃଷି ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି । ଏମାନେ ଘରଗୁଡ଼ିକୁ ଧଳା, ନାଲି ଓ କଳା ରଂଗରେ ସୁନ୍ଦର ଭାବେ ଲିପି ପରିଷ୍କାର ପରିଚ୍ଛନ୍ନ ରଖିଥାନ୍ତି । ଏମାନଙ୍କ ଗ୍ରାମରେ ଘରଗୁଡ଼ିକ ପରସ୍ପର ଛାଡ଼ି ଛାଡ଼ି ହୋଇ ରହିଥାଏ ଏମାନେ ଘର ଚାରିପଟେ ବାଉଁଶବାଡ଼ ଦେଇଥାନ୍ତି । ଗୋଟିଏ ଦୁରୁଆ ଗ୍ରାମରେ ଅଧିକାଂଶ ଦୁରୁଆ ସଂପ୍ରଦାୟର ଲୋକ ବସତି ସ୍ଥାପନ କରି ରହିଥାନ୍ତି । ଏମାନଙ୍କୁ ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ କିଛି କମାର, ଗୌଡ଼, ଡମ ଆଦି ଜାତିର ଲୋକ ଏକତ୍ର ବାସ କରିଥାନ୍ତି । ଏମାନଙ୍କ ଗ୍ରାମ ଶାସନର ମୁଖ୍ୟ ନାଇକ ବା ନାୟକ ପରମ୍ପରାକ୍ରମେ ବଛାଯାଇଥାଏ । ସେ ଗ୍ରାମର ମୁଖ୍ୟ ଭାବେ ବିଭିନ୍ନ କଳିକଜିଆର ସମାଧାନ କରିବା ସହ ପର୍ବପର୍ବାଣି ଓ ଅନ୍ୟାନ୍ୟ ଶୁଭ ଅନୁକୂଳ ଦିନ ଗ୍ରାମର ଡିସାରୀଙ୍କ ସହାୟତାରେ ସ୍ଥିର କରିଥାନ୍ତି । ପ୍ରତ୍ୟେକ ଗ୍ରାମରେ ନାୟକଙ୍କୁ ସାହାଯ୍ୟ କରିବା ପାଇଁ ଚାଲାନ୍, ଗାଣ୍ଡା ଓ ବାରିକମାନେ ରହିଥାନ୍ତି ପ୍ରତ୍ୟେକ ଦୁରୁଆ ଗ୍ରାମରେ ଗୁଡ଼ିମାତା (ଗ୍ରାମର ରକ୍ଷାକର୍ତ୍ତ୍ରୀ ଦେବୀ)ଙ୍କ ଆସ୍ଥାନ ମହୁଲ, ଆମ୍ବ, ଶାଳ ଓ କେନ୍ଦୁଗଛ ମୂଳେ ଗ୍ରାମ ପ୍ରତିଷ୍ଠା ଆରମ୍ଭରୁ ସ୍ଥାପନ କରାଯାଇଥାଏ ଏହି ଗୁଡ଼ିମାତାଙ୍କୁ ଗ୍ରାମର ପୂଜାରୀ ବିଭିନ୍ନ ପର୍ବପର୍ବାଣି ଓ ଉତ୍ସବ ଦିନରେ ପୂଜାର୍ଚ୍ଚନା କରି ସନ୍ତୋଷବିଧାନ କରିଥାନ୍ତି ଏମାନଙ୍କ ଗ୍ରାମର ଡିସାରୀମାନେ ନିଜ ପାଞ୍ଜିଗଣନା କରି ଚାଷ ଅନୁକୂଳ, ବିବାହ, ପର୍ବପର୍ବାଣି ଆଦିର ଶୁଭଦିନ ନିର୍ଣ୍ଣୟ କରିଥାନ୍ତି ଏମାନେ ମଧ୍ୟ ବିଭିନ୍ନ ରୋଗର ଚେରମୂଳୀ ଔଷଧ ଦେବା ସହ ଝଡ଼ାଫୁଙ୍କା କରି ରୋଗର ଉପଶମ କରିଥାନ୍ତି । ଏହି ଡିସାରୀମାନଙ୍କ ବ୍ୟତୀତ ଶିରା ଓ ଗୁରୁମାଇମାନେ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରି ଲୋକଙ୍କୁ ବିଭିନ୍ନ ରୋଗ ଓ ଆପଦବିପଦରୁ ରକ୍ଷା କରିଥାନ୍ତି ।

ଦୁରୁଆମାନଙ୍କ ନିଜସ୍ୱ କଥିତ ଭାଷା 'ଦୁରୁଆପାଟା' ରହିଛି । ଏମାନଙ୍କ ଭାଷାରେ ଅସଂଖ୍ୟ ଗୀତ, କାହାଣୀ, ମିଥ୍, ଢଗଢ଼ମାଳି, ପ୍ରବାଦ-ପ୍ରବଚନ, ବାକ୍‌ନା ଆଦି ପରମ୍ପରାକ୍ରମେ ଅଲିଖିତ ଭାବେ ଲୋକମୁଖରେ ପ୍ରଚଳିତ । ଏମାନେ ନିଜସ୍ୱ ଭାଷା ବ୍ୟତୀତ ଅନ୍ୟ ଭାଷାଭାଷୀଙ୍କର ସ୍ଥାନୀୟ ସଂଯୋଜକ 'ଦେଶିଆବୋଲି'ରେ ଭାବର ଆଦାନପ୍ରଦାନ କରିଥାନ୍ତି । ସଂପ୍ରତି କୁନ୍ଦ୍ରା ବ୍ଲକ୍‌ରେ ବାସ କରୁଥିବା ଦୁରୁଆ ସମ୍ପ୍ରଦାୟ ନିଜସ୍ୱ ଭାଷା ଭୁଲି ସ୍ଥାନୀୟ 'ଦେଶିଆବୋଲି' ବ୍ୟବହାର କରିବା ଦେଖାଯାଏ ।

ଦୁରୁଆମାନେ ନିଜ ବଂଶ ବା ଗୋତ୍ରରେ ସଙ୍କେତ ଭାବେ ନାଗ, ବାଘ, କୁମ୍ଭୀର, ହରିଣ, ଛେଳି, କଇଁଚ, ଛଞ୍ଚାଣ ଓ ହାତୀ ପ୍ରଭୃତି ଜୀବଜନ୍ତୁଙ୍କୁ ଗ୍ରହଣ କରିଥାନ୍ତି । ଏମାନେ ନିଜ ଗୋତ୍ରର ଜୀବଜନ୍ତୁଙ୍କୁ ହତ୍ୟା କିମ୍ବା ଆଘାତ ନ କରି ସମ୍ମାନ ପ୍ରଦର୍ଶନ କରିଥାନ୍ତି । ଅଧିକାଂଶ ଦୁରୁଆ ଗ୍ରାମରେ ଏକବଂଶ ବା ଗୋତ୍ରର ଲୋକ ବାସ କରିଆସୁଥିବା ଲକ୍ଷ୍ୟ କରାଯାଏ । ଏମାନେ ନିଜ ବଂଶରେ ବିବାହ କରି ନ ଥାନ୍ତି । ନିଜ ବଂଶର ଲୋକଙ୍କୁ 'କୁଟୁମ୍ବଘର' ଓ ଅନ୍ୟ ବଂଶର ଲୋକଙ୍କୁ 'ବନ୍ଧୁଘର' ବୋଲି ସମ୍ବୋଧନ କରିଥାନ୍ତି ।

ଦୁରୁଆ ଗ୍ରାମ ବର୍ଷସାରା ଉତ୍ସବମୁଖର ହୋଇଥାଏ । ଏମାନଙ୍କ ଋତୁଚକ୍ର ଓ ଜୀବନଚକ୍ର ମଧ୍ୟରେ ଜୀବନର ପ୍ରତ୍ୟେକଟି ପର୍ଯ୍ୟାୟରେ ବିଭିନ୍ନ ପର୍ବପର୍ବାଣି ଓ ସାମାଜିକ ଉତ୍ସବ ପାଳନ କରିଥାନ୍ତି । ଏମାନଙ୍କ ସାମାଜିକ ଜୀବନରେ ଶିଶୁଟିଏ ଜନ୍ମଠାରୁ ମୃତବ୍ୟକ୍ତିର ଦଶାହ ପର୍ଯ୍ୟନ୍ତ ଜୀବନର ପ୍ରତ୍ୟେକ ସ୍ତରରେ ବିଭିନ୍ନ ସଂସ୍କାର ଓ କର୍ମକର୍ମାଣି ପାଳନ କରିଥାନ୍ତି । ଏମାନଙ୍କ ସାମାଜିକ ଉତ୍ସବଗୁଡ଼ିକ ମଧ୍ୟରେ ସନ୍ତାନ ଜନ୍ମ, ନାମକରଣ, କନ୍ୟା ରଜସ୍ୱଳା, ନିର୍ବନ୍ଧ, ବିବାହ ଓ ମୃତବ୍ୟକ୍ତିର ଦଶାହ ଆଦି ପାଳନ କରିବା ପରମ୍ପରା ପ୍ରଚଳିତ । ଏମାନେ କୃଷିଜୀବି ହୋଇଥିବାରୁ ଏମାନଙ୍କ ଅଧିକାଂଶ ପର୍ବପର୍ବାଣୀ କୃଷିଭିତ୍ତିକ । ଜମିରେ ପ୍ରଥମେ ହଳକରିବା ପୂର୍ବରୁ ମାଟିପୂଜା, ବିହନପୂଜା, ଫସଲକୁ ରୋଗପୋକ ଦାଉରୁ ରକ୍ଷାକରିବା ପାଇଁ ପୂଜା, ଫସଲ ଅମଳ ବେଳେ ପୂଜା, ଧାନ, ମାଣ୍ଡିଆ, ମକା, ଜନା, କାନ୍ଦୁଲ, ଝୁଡୁଙ୍ଗ, ଶିମ୍ବ, ଆମ୍ବ ଓ ବିଭିନ୍ନ ପନିପରିବା ପ୍ରଥମ କରି ଖାଇବା ପୂର୍ବରୁ ନୂଆଖିଆ ପର୍ବପାଳନ କରିଥାନ୍ତି । ଏମାନଙ୍କ ପ୍ରତ୍ୟେକ ସାମାଜିକ ଓ ଧର୍ମୀୟ ଉତ୍ସବ ପାଳନର ମୁଖ୍ୟ ଉଦ୍ଦେଶ୍ୟ ନିଜ ପିତୃପୁରୁଷ, ଘରର ଇଷ୍ଟଦେବୀ, ଗୁଡ଼ିମାତା ଓ ଅନ୍ୟ ଦେବାଦେବୀଙ୍କ ପ୍ରତି କୃତଜ୍ଞତା ଜଣାଇ ପୂଜାର୍ଚ୍ଚନା ମାଧ୍ୟମରେ ସନ୍ତୋଷବିଧାନ, ଗୋଷ୍ଠୀ ଜୀବନର ସୁଖଶାନ୍ତି ପାଇଁ ପ୍ରାର୍ଥନା ତଥା ସାମୂହିକ ମଙ୍ଗଳ କାମନା ରହିଥାଏ । ପ୍ରସ୍ତୁତ ଆଲେଖ୍ୟରେ ଦୁରୁଆ ଜନଜାତିଙ୍କ ସମାଜରେ ଅନୁଷ୍ଠିତ ବିଭିନ୍ନ ସାମାଜିକ ସଂସ୍କାରମୂଳକ ଉତ୍ସବ ସମ୍ବନ୍ଧରେ ସମ୍ୟକ୍ ଆଲୋକପାତ କରିବା ପ୍ରୟାସ କରାଯାଇଛି ।

**ସନ୍ତାନ ଜନ୍ମ :** ଦୁରୁଆ ପରିବାରରେ କୌଣସି ମହିଳାଟିଏ ଗର୍ଭବତୀ ହେବାର ଜଣାପଡ଼ିଲେ ତାକୁ କେତେକ ବିଷୟ ପ୍ରତି କଟକଣା କରାଯାଇଥାଏ । ଗର୍ଭସ୍ଥ ଶିଶୁଟି ବିକଳାଙ୍ଗ ହୋଇଯିବା ଆଶଙ୍କାରେ ଗର୍ଭବତୀଟି ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ଦେଖିବାକୁ ବାରଣ କରାଯାଇଥାଏ । ଗର୍ଭବତୀଙ୍କୁ ମଦ୍ୟପାନ କରିବା, କୋଷ୍ଠକାଠିନ୍ୟ ଓ ବଦହଜମୀ ଖାଦ୍ୟ ଖାଇବାକୁ ମନା କରାଯାଏ । ପ୍ରସବ ସମୟ ହେଲେ ଗର୍ଭବତୀ ମହିଳାକୁ ଗୋଟିଏ ଅଲଗା ଘରେ ରଖି ତା'ର ଯତ୍ନ ନିଆଯାଏ । ଗ୍ରାମର ବୟସ୍କା ମହିଳାମାନେ ଗର୍ଭବତୀର ସମସ୍ତ ଯତ୍ନ ନେଇଥାନ୍ତି । ଗ୍ରାମରେ ଥିବା 'ବଣ୍ଡକାଡ଼କ୍ରୀ' (ଗାଆଁ ଧାଈ) ଆସି ଗର୍ଭବତୀକୁ ସୁଖ ପ୍ରସବ ନିମନ୍ତେ ମନ୍ତୁରା ତେଲ ଲଗାଇ ଦିଏ । ସାଧାରଣତଃ ଗର୍ଭବତୀକୁ ବସାଇ ପ୍ରସବ କରାଯାଇଥାଏ । ଯଥା ସମୟରେ ପ୍ରସବ ନ ହେଲେ ଗାଆଁର ଡିସାରୀକୁ ଡାକି ଅନିଷ୍ଟ ଗ୍ରହର କୋପ ପାଇଁ ଝଡ଼ାଫୁଙ୍କା କରାଯାଏ । ଯଦି ଜନ୍ମିତ ଶିଶୁଟି ପୁଅ ହୋଇଥାଏ ତେବେ ଧନୁତୀରରେ ତା'ର ନାଭି କଟାଯାଏ ଓ ଝିଅ ହୋଇଥିଲେ ଛୁରୀ

ଦ୍ୱାରା ତା'ର ନାଭିକୁ କାଟିବା ପରମ୍ପରା ରହିଛି । ନାଭିଟିକୁ ସେଇ ଘରେ ଗାତ କରି ପୋତି ଦେଇଥାନ୍ତି । ମାଆ ଓ ଶିଶୁକୁ ତେଲହଳଦୀ ଲଗାଇ ଉଷୁମ ପାଣିରେ ଗାଧୋଇ ଦିଆଯାଏ । ମାଆର ପ୍ରସବ କଷ୍ଟ ଲାଘବ ପାଇଁ ଅମୃତଭଣ୍ଡା ସିଝା ଦିଆଯାଏ । ପ୍ରସବର ନଅ ଦିନରେ ମାଆ ଓ ଶିଶୁକୁ ହଳଦୀ ପାଣିରେ ଗାଧୋଇ ଦିଆଯାଏ । ଏହି ଦିନ 'ନାଁ ଦିଆନି' (ନାମକରଣ) ଉତ୍ସବ ଅନୁଷ୍ଠିତ ହୋଇଥାଏ । ଡିସାରୀ ଆସି ନାଭି ପୋତା ଯାଇଥିବା ସ୍ଥାନରେ କୁକୁଡ଼ାଟିଏ ବଳିଦେଇ ପୂଜାପାଠ କରିଥାନ୍ତି । ସମସ୍ତ ବନ୍ଧୁବାନ୍ଧବ ଓ ଗାଆଁ ଲୋକଙ୍କ ଉପସ୍ଥିତିରେ ଶିଶୁଟିର ନାମକରଣ କରାଯାଏ । ଏମାନେ ଶିଶୁଟିର ନାମକରଣ ସାଧାରଣତଃ ପୂର୍ବପୁରୁଷଙ୍କ ନାମାନୁସାରେ ଓ ଜନ୍ମ ହୋଇଥିବା ବାର କିମ୍ବା ମାସ ଅନୁସାରେ କରିଥାନ୍ତି । ଏମାନଙ୍କ ବିଶ୍ୱାସ ଯେ ପୂର୍ବପୁରୁଷମାନେ ପୁନର୍ବାର ସନ୍ତାନସନ୍ତତି ଭାବେ ଜନ୍ମ ନେଇଥାନ୍ତି । ଏଣୁ ଏମାନେ ଅଧିକାଂଶ ନବଜାତ ଶିଶୁଟିର ନାମକରଣ ନିଜ ପରିବାରର ପରଲୋକଗତ ପିତୃପୁରୁଷଙ୍କ ନାମାନୁଯାୟୀ କରିବା ଲକ୍ଷ୍ୟ କରାଯାଏ । ଏମାନଙ୍କ ଶିଶୁ ଜନ୍ମର ନବମ ଦିନ ଡିସାରୀ ଜଣ ଜଣ କରି ପୂର୍ବପୁରୁଷମାନଙ୍କ ନାମ ଉଚ୍ଚାରଣ କରି ଗୋଟିଏ କୁକୁଡ଼ାକୁ ଚାଉଳ ଖାଇବା ପାଇଁ ପକାଇଥାନ୍ତି । ଯେଉଁ ମୃତ ପୂର୍ବପୁରୁଷଙ୍କ ନାମ ଉଚ୍ଚାରଣ ବେଳେ କୁକୁଡ଼ାଟି ଚାଉଳ ଖୁମ୍ପି ଖାଇଥାଏ, ଶିଶୁଟିକୁ ସେଇ ନାମରେ ଡାକିଥାନ୍ତି । ଏତଦ୍‌ବ୍ୟତୀତ ଜନ୍ମ ହୋଇଥିବା ଶିଶୁଟିର ନାମକରଣ ବାର ଓ ମାସକୁ ନେଇ କରାଯାଇଥାଏ । ଯଦି ଶିଶୁଟି ସୋମବାର ଦିନ ଜନ୍ମ ହୋଇଥାଏ, ପୁଅ ହୋଇଥିଲେ ସୋମା ଓ ଝିଅ ହୋଇଥିଲେ ସମାରୀ, ମଙ୍ଗଳବାର ଦିନରେ ଜନ୍ମ ହୋଇଥିଲେ ପୁଅ-ବୁଦୁ ଓ ଝିଅ-ବୁଦେଇ, ଗୁରୁବାର ଦିନ ଜନ୍ମ ହୋଇଥିଲେ ପୁଅର ନାମ ଗୁରୁ ଓ ଝିଅର ନାମ ଗୁରୁବାରୀ, ଶୁକ୍ରବାର ଦିନରେ ଜନ୍ମିତ ପୁଅ - ଶୁକ୍ରୁ ଓ ଝିଅ - ଶୁକ୍ରି, ଶନିବାର ଦିନ ଜନ୍ମିତ ପୁଅର ନାମ ଶନିଆ ଓ ଝିଅ ସନେଇ ପ୍ରଭୃତି ନାମକରଣ କରାଯାଏ । ଏମାନଙ୍କ ଶିଶୁଟିର ନାମକରଣ ମାସକୁ ନେଇ କରାଯାଉଥିବା ଲକ୍ଷ୍ୟ କରାଯାଏ । ଯଥା : ବୈଶାଖ ମାସରେ ଜନ୍ମିତ ଶିଶୁ ବଇଶାକୁ, ଗୁଣ୍ଡିଚା ବା ଆଷାଢ଼ ମାସରେ ଜନ୍ମିତ ଶିଶୁ ଗୁନ୍‌ଚୁ, କାର୍ତ୍ତିକ ମାସରେ ଜନ୍ମିତ ଶିଶୁ କାର୍ତ୍ତିକ, ଫଗୁଣ ମାସରେ ଜନ୍ମିତ ଶିଶୁ ଫଗୁନ୍, ଚୈତ୍ର ମାସରେ ଜନ୍ମିତ ଶିଶୁ 'ଚଇତୁ' ନାମରେ ନାମକରଣ କରାଯାଇଥାଏ । ଏମାନଙ୍କ ନାମକରଣ ଦିନ ବନ୍ଧୁବାନ୍ଧବ ଓ ଗାଁ'ସାରା ଲୋକଙ୍କୁ ଭୋଜିଭାତ ଓ ମଦ୍ୟରେ ଆପ୍ୟାୟିତ କରାଯାଏ । ରାତିସାରା ନୃତ୍ୟଗୀତର ଆସର ଚାଲେ । ମାଆଟି ଏକୋଇଶ ଦିନ ପରେ ଶୁଦ୍ଧ ହୋଇ ଘରର କାମଦାମ କରିଥାଏ । ଶିଶୁଟିକୁ ଏକ ବର୍ଷ ହେଲେ ତାକୁ ମୁଣ୍ଡନ କରାଯାଇ ତା'ର କେଶସବୁ ଏକ ନୂଆ ଗାମୁଛାରେ ବାନ୍ଧି ଗୁପ୍ତେଶ୍ୱର ନିକଟସ୍ଥ କୋଲାବନଦୀରେ ଭସାଇ ଦିଆଯାଏ । ଏହି ନଦୀରେ ପିଲାଟିକୁ ଗାଧୋଇ 'ବର୍ଷପୂର୍ତ୍ତି' ଉତ୍ସବ ପାଳନ କରନ୍ତି ।

**କନ୍ୟା ରଜବତୀ :** ଦୁରୁଆ ପରିବାରରେ କନ୍ୟାଟିଏ ପ୍ରଥମ କରି ରଜବତୀ ହେଲେ 'ଯୁକତ୍‌ମାନ୍' ହେଲା ବୋଲି କହିଥାନ୍ତି । କନ୍ୟାଟି ନଅଦିନ ପର୍ଯ୍ୟନ୍ତ ଗୋଟିଏ ଘର କୋଣରେ ଲୁଚି ରହେ । ତାକୁ ପୁରୁଷମାନଙ୍କ ମୁହଁ ଦେଖିବାକୁ ବାରଣ କରାଯାଏ । ଏଣୁ ରଜବତୀ କନ୍ୟାଟି ରହୁଥିବା ଘରକୁ କେହି ପୁରୁଷ ଯାଆନ୍ତି ନାହିଁ । ନଅ ଦିନର ବଡ଼ିସକାଳୁ ଗ୍ରାମର ସ୍ତ୍ରୀଲୋକମାନେ କନ୍ୟାଟିକୁ ନିକଟସ୍ଥ ନଦୀକୁ ନେଇ ମାଣ୍ଡିଆଚୁନା ଲଗେଇ ଗାଧୋଇ ଦେଇଥାନ୍ତି । ଦଶ ଦିନରେ ପୁଣି ଥରେ ଶୁଦ୍ଧସ୍ନାନ କରାଯାଏ । ଏହି ଦିନ

ଡିସାରୀ ଆସି ନଦୀଘାଟରେ ଜଳକାମିନୀ ଦେବୀ (ଜଳଦେବତୀ)ଙ୍କୁ ଏକ ଘୁଷୁରୀ ଚଢ଼େଇ ଓ କୁକୁଡ଼ା ଅଣ୍ଡାଟିଏ ବଳି ଦେଇ କନ୍ୟାଟିର ସମସ୍ତ ଦୋଷ ଖଣ୍ଡନ ପାଇଁ ପୂଜାପାଠ କରିଥାନ୍ତି । ଏହି ଦିନ ବନ୍ଧୁବାନ୍ଧବ ଓ ଗାଆଁ ଲୋକ ମିଶି ଭୋଜିଭାତ ଓ ନୃତ୍ୟଗୀତ କରି ଏହି ଉତ୍ସବକୁ ଧୁମ୍‌ଧାମ୍‌ରେ ପାଳନ କରନ୍ତି ।

**ବିବାହ ପରମ୍ପରା :** ଦୁରୁଆ ପରିବାରରେ ପୁଅଟିଏ ହଳ ଧରିବା ଓ ଜଙ୍ଗଲରୁ କାଠ ଆଣିବା ଓ ଅନ୍ୟାନ୍ୟ ଘରକରଣା କାମରେ ସମର୍ଥ ବୋଲି ଜଣାଗଲା, ଉପରାନ୍ତ ତା'ରି ପାଇଁ କନ୍ୟାଖୋଜା ଆରମ୍ଭ ହୋଇଯାଏ । ଏମାନଙ୍କ ମଧ୍ୟରେ ମୁଖ୍ୟତଃ ଉଦ୍‌ଲିଆ ବିବାହ, ନିର୍ବନ୍ଧ ବିବାହ, ଘରଜ୍ୱାଇଁ ବିବାହ, ବିଧବା ବିବାହ ଓ ପୁନଃବିବାହ ପ୍ରଥା ପ୍ରଚଳିତ । ଏମାନଙ୍କ ସମାଜରେ ବହୁଳ ଭାବେ ଉଦ୍‌ଲିଆ ବା ପ୍ରେମବିବାହ ପ୍ରଥା ଅନୁଷ୍ଠିତ ହୋଇଥାଏ । ଏହାର କାରଣ ଦୁରୁଆ ସମାଜ ଯୁବକଯୁବତୀମାନଙ୍କୁ ନିଜ ମନଲାଖି ସାଥି ବାଛିବାର ଅବାଧ ସ୍ୱାଧୀନତା ଦେଇଥାଏ । ଏହାଛଡ଼ା ଆର୍ଥିକ ଅବସ୍ଥା ମଧ୍ୟ ଏହି ପ୍ରଥାକୁ ପ୍ରୋତ୍ସାହିତ କରେ । ଏମାନେ ପିତାମାତାଙ୍କ ଜ୍ଞାତସାରରେ ସାପ୍ତାହିକ ହାଟ, ବିବାହ, ନାମକରଣ, ଦଶାହ ଆଦି ସାମାଜିକ ଉତ୍ସବ ଓ ବିଭିନ୍ନ ଜାନିଯାତ୍ରାରେ ସମବେତ ହୋଇ ପରସ୍ପର ମିଳାମିଶା ଓ ନୃତ୍ୟଗୀତ ମାଧ୍ୟମରେ ଜଣେ ଅନ୍ୟଜଣଙ୍କୁ ଉତ୍ତମ ରୂପେ ଜାଣିବାର ସୁଯୋଗ ପାଇଥାନ୍ତି । ଏହାପରେ ଯୁବକଯୁବତୀଙ୍କ ମଧ୍ୟରେ ପ୍ରେମସମ୍ପର୍କ ସ୍ଥାପିତ ହୋଇଥାଏ । ଉଭୟେ କିଛିଦିନ ଅନ୍ୟ ଗ୍ରାମର ବନ୍ଧୁବାନ୍ଧବଙ୍କ ଘରେ ରହି ସ୍ୱଗ୍ରାମକୁ ଫେରିଆସନ୍ତି । ତା'ପରେ ବରପକ୍ଷ କନ୍ୟାପକ୍ଷଙ୍କୁ 'ଝୁଲାବଚ୍ଛା' ବା କନ୍ୟାସୁନା ସ୍ୱରୂପ ଟଙ୍କା, ଚାଉଳ, ଲୁଗା, ମଦ, କୁକୁଡ଼ା, ଘୁଷୁରୀ ପ୍ରଭୃତି ଦେଇ ବିବାହ ସମ୍ପନ୍ନ ହୋଇଥାଏ ।

ନିର୍ବନ୍ଧ ବିବାହରେ ବରର ବାପା, ବଡ଼ଭାଇ ଓ ମାମୁଁ କନ୍ୟାଘରକୁ ବିବାହ ପ୍ରସ୍ତାବ ନେଇ ଯାଆନ୍ତି । କନ୍ୟାପିତାଙ୍କୁ କହନ୍ତି, "ତୁମ ଘରେ ଗୋଟି ସୁବାସିତ ଫୁଲ ଫୁଟିଛି ଆମ ପୁଅକୁ ଦେବକି ?" କନ୍ୟାପିତା ରାଜିହେଲେ ଉଭୟଙ୍କ ମଧ୍ୟରେ ମଦ ଆଦାନପ୍ରଦାନ ହୁଏ ଓ ବିବାହ ସ୍ଥିରୀକୃତ ହୋଇଥାଏ । ଏହି ପ୍ରକାର ବିବାହରେ ବରପକ୍ଷ କନ୍ୟାପକ୍ଷଙ୍କୁ ପୂର୍ବନିର୍ଦ୍ଧାରିତ କନ୍ୟାସୁନା ସ୍ୱରୂପ ପାଞ୍ଚପୁଟି ଧାନ, ତାଣ୍ଡିଏ ମଦ ଓ ସଲପ, ମାଇଲୁଗା (କନ୍ୟାର ପିତା ଓ ମାତାଙ୍କୁ ଲୁଗା), କନ୍ୟା ପାଇଁ ଲୁଗା ଜଲାବାସା ବା ବଳଦ, ଲିଆ ଡାଲାଏ ଓ ଘୁଷୁରୀଟିଏ ଦେବାକୁ ପଡ଼ିଥାଏ ।

ଘର ଜ୍ୱାଇଁ ବିବାହ ପ୍ରଥାରେ ଆର୍ଥିକ ସ୍ୱଚ୍ଛଳ ନ ଥିବା ଯୁବକ କନ୍ୟାଘରେ କିଛିଦିନ ରହି ଘରର କାମଦାମ କରିବା ପରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ଏହା ପରେ ବର କନ୍ୟା ଘରେ ସାରାଜୀବନ ରହି ଶ୍ୱଶୁରଘରର ସମସ୍ତ ଦାୟିତ୍ୱ ବହନ କରିଥାଏ । ସାଧାରଣତଃ କନ୍ୟାପିତା ଅପୁତ୍ରିକ ହୋଇଥିଲେ ଓ ବର 'ଝଲାଡାବୁ' ବା କନ୍ୟାସୁନା ଦେବାରେ ଅସମର୍ଥ ହେଲେ ଘରଜ୍ୱାଇଁ ବିବାହ ଅନୁଷ୍ଠିତ ହୋଇଥାଏ । ଏହି ବିବାହରେ କନ୍ୟାପକ୍ଷରୁ ମନୋନୀତ ଯୁବକଟି କନ୍ୟାଘରେ କିଛିବର୍ଷ ରହି ଚାଷବାସ ଓ ଘର ପରିଚାଳନା କାର୍ଯ୍ୟ କରିବା ପରେ ବିବାହ କରିଥାଏ । ଯୁବକଟି ଶ୍ୱଶୁରଘର ସମ୍ପତ୍ତିର ତଦାରଖ ସାଙ୍ଗକୁ ଶାଶୁଶ୍ୱଶୁର ଓ ଅନ୍ୟମାନଙ୍କ ଯତ୍ନ ନେବାକୁ ପଡ଼ିଥାଏ ।

ଦୁରୁଆ ସମାଜରେ ବିଧବା ରମଣୀଟିଏ ପୁନଃବିବାହ କରିବା ସୁଯୋଗ ପାଇଥାଏ । ଏମାନଙ୍କ ସମାଜରେ ସ୍ୱାମୀର ମୃତ୍ୟୁ ପରେ ନିଜ ଦିଅର ସହ ବିବାହ କରିବା ପ୍ରଥା ପ୍ରଚଳିତ । ଯଦି ମୃତ ସ୍ୱାମୀର କେହି ଛୋଟ ଭାଇ ନ ଥାନ୍ତି, ତେବେ ତା'ର ପସନ୍ଦ ଅନ୍ୟ କାହା ସହ ବିବାହ କରିବା ସ୍ୱାଧୀନତା ପାଇଥାଏ । ଏହି ବିବାହକୁ 'ରାଣ୍ଡିବିବା' କୁହାଯାଏ । ଏହି ବିବାହରେ କୌଣସି ଭୋଜିଭାତ ହୋଇ ନ ଥାଏ । କେବଳ ମଦ୍ୟପାନରେ ଏହି ବିବାହକାର୍ଯ୍ୟ ସମ୍ପନ୍ନ ହୋଇଥାଏ । ଏମାନଙ୍କ ସମାଜରେ ଦିଅର ନିଜ ବିଧବା ଭାଉଜଙ୍କୁ ବିବାହ କରିବାର କାରଣ ଅନୁସନ୍ଧାନରୁ ଜଣାଯାଏ ଯେ, ଘରର ବୋହୂଟିକୁ ଅନ୍ୟ କାହା ଘରକୁ ଯିବା ପାଇଁ ନ ଦେବା ।

ପୁନଃବିବାହ ବା ଛାଡ଼ପତ୍ର ବିବାହ ସାଧାରଣତଃ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ, କଳହ ଲାଗି ରହିଲେ, ଉଭୟଙ୍କ ମଧ୍ୟରେ କେହି ଯଦି ଦୁରାରୋଗ୍ୟରେ ଆକ୍ରାନ୍ତ ହେଲେ କିମ୍ବା ଅନ୍ୟ କାହା ଓ ଦୈହିକ ସମ୍ପର୍କ ରଖିବା ଜଣାପଡ଼ିଲେ ଛାଡ଼ପତ୍ର ଦେବା ଦେଖାଯାଏ । ଗ୍ରାମର ନାୟକ, ଗ୍ରାମସଭା ଡକାଇ ଛାଡ଼ପତ୍ର ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରିଥାନ୍ତି । ନାୟକଙ୍କ ନିଷ୍ପତ୍ତି ଅନୁଯାୟୀ ସ୍ଥିରୀକୃତ ଟଙ୍କା 'ଗୁସାନି' (ଛାଡ଼ପତ୍ର ଟଙ୍କା) ବରପକ୍ଷ କନ୍ୟାପକ୍ଷକୁ ଦେବାକୁ ପଡ଼ିଥାଏ । ଛାଡ଼ପତ୍ର ପାଇଥିବା ସ୍ତ୍ରୀଟିର ପୂର୍ବସ୍ୱାମୀଙ୍କୁ ପୁନଃବିବାହ କରିଥିବା ପୁରୁଷ କିଛି ଟଙ୍କା ଦେଇ ଅନୁମତି ମାଗିଥାଏ । ଏହି ବିବାହକୁ 'ସଗରତା' ବୋଲି ମଧ୍ୟ କୁହାଯାଏ ।

ଅନ୍ୟାନ୍ୟ ଆଦିବାସୀ ସମ୍ପ୍ରଦାୟଙ୍କ ଅନୁରୂପ ଦୁରୁଆଙ୍କ ସମଗୋତ୍ରୀୟ ବିବାହ ନିଷେଧ ରହିଛି । ଏମାନଙ୍କ ଅଧିକାଂଶ ମାମୁଁଝିଅ ସହିତ ବିବାହ ସଂଘଟିତ ହୋଇଥାଏ । ଏଣୁ 'ମାମାଝି ଗୁଡ଼ଘି' ବୋଲି ପ୍ରବାଦଟି ପ୍ରଚଳିତ । ଅର୍ଥାତ୍, ମାମୁଁଝିଅ ଗୁଡ଼ଘିଅ ପରି ଆଦରଣୀୟ । ଏମାନଙ୍କ ବିବାହ ସାଧାରଣତଃ ମାଘ ଓ ଫାଲ୍‌ଗୁନ ମାସରେ ଅନୁଷ୍ଠିତ ହୋଇଥାଏ । କନ୍ୟାକୁ 'ଡିଣ୍ଡାପାନି' ବା କୁମାରୀ ସ୍ନାନ କରାଇ ନୃତ୍ୟଗୀତ, ବାଜାବାଜଣା ପଟୁଆରରେ କନ୍ୟାଘର ଲୋକେ ବରଘରକୁ ଯାଆନ୍ତି । ବିବାହ ବେଦିରେ ଛାମୁଣ୍ଡିଆ ପକାଇ ଚିତ୍ରବିଚିତ୍ର ମାଟିହାଣ୍ଡି, ଗଛଡାଳ ଓ ଫୁଲରେ ସଜାଇଥାନ୍ତି । ଡିସାରୀ ମନ୍ତ୍ର ଉଚ୍ଚାରଣ କରି ବରକନ୍ୟାଙ୍କୁ ସୁଖ ଓ ସମୃଦ୍ଧି କାମନା କରିଥାନ୍ତି । ବିବାହ ପୂର୍ବରୁ ବର କନ୍ୟାର ହାତରେ ମୁଦି ପିନ୍ଧାଇ ବାଟରୁ ପାଛୋଟି ନେଇଥାଏ । ସେ ଏକ ବାର୍‌ହା (ସଂପ୍ରତି ଘୁଷୁରୀ) ମାରି କନ୍ୟା ସହ ଘରେ ପ୍ରବେଶ କରିଥାଏ । ନୃତ୍ୟ, ଗୀତ, ବାଦ୍ୟନାଦରେ ତିନି-ଚାରି ଦିନ ଧରି ବିବାହ ଉତ୍ସବ ଦୁରୁଆ ଗ୍ରାମକୁ ମୁଖରିତ କରିଦିଏ । ବିବାହ ଶେଷରେ ସମସ୍ତ ବନ୍ଧୁବାନ୍ଧବ ଓ ଜ୍ଞାତୀ-ପରିଜନ ବରକନ୍ୟାଙ୍କ ମୁଣ୍ଡରେ ହଳଦିମିଶା ଚାଉଳ ପକାଇ କିଛି ଟଙ୍କା ଦେଇ 'ଟିକା' ବା ଆଶୀର୍ବାଦ ପ୍ରଦାନ କରିଥାନ୍ତି ।

**ମୃତକର୍ମ :** ଦୁରୁଆ ସଂପ୍ରଦାୟରେ କୌଣସି ବ୍ୟକ୍ତିର ମୃତ୍ୟୁ ଘଟିଲେ ସବୁ ବନ୍ଧୁବାନ୍ଧବଙ୍କୁ ଖବର ଦିଆଯାଏ । ଜଣେ ବୟସ୍କ ବ୍ୟକ୍ତି ଶବ ଉପରେ ଏକ ଧଳା ନୂଆଲୁଗା ଘୋଡ଼ାଇ ଦିଅନ୍ତି । ଶ୍ମଶାନରେ ଶବପୋତିବା ପାଇଁ ଏକ ଗାତ ଖୋଳାଯାଏ । ଗ୍ରାମର ଅନ୍ୟ ଜଣଙ୍କ ଘରେ ଚାଉଳ ଓ ଅଣ୍ଡା ସିଝାଇ ଏକ ନୂଆ ହାଣ୍ଡିରେ ରନ୍ଧାଯାଏ । ଏହି ହାଣ୍ଡି ସହ ଶବକୁ ବାଉଁଶ କୋକେଇରେ ଚାରିଜଣ ଧରି ଶ୍ମଶାନକୁ ନିଅନ୍ତି ।

ଶବଟିକୁ ନୂଆ ଲୁଗା ଘୋଡ଼ାଇ ଶ୍ମଶାନରେ ପୋତି ଦିଆଯାଏ । ପୋତା ଯାଇଥିବା ସ୍ଥାନରେ ଫୁଟେ କିମ୍ବା ଦୁଇଫୁଟ ଉଚ୍ଚର ମାଟି ପକାଇ ଉଚ୍ଚ କରାଯାଏ । ତା'ରି ଉପରେ ନୂଆଲୁଗା ଘୋଡ଼ାଇ ଶାଳଗଛର ଡାଳ ଘୋଡ଼େଇ ଦିଆଯାଏ । ସମସ୍ତେ ଗାଧୋଇ ସାରି ତେଲ ଲଗାନ୍ତି । ମୃତ୍ୟୁ ଦିନ 'ପିତା' ପାଳନ କରି ଜ୍ଞାତି ପରିଜନମାନେ ପିତାମାଛ, କଲରା ପତ୍ର ଓ ଚାଉଳ ଚୋବାଇ ଥାଆନ୍ତି । ଦଶ ଦିନରେ ଦଶାହ ପାଳନ କରାଯାଏ । ଏହି ଦିନ ସମସ୍ତେ ନଦୀ କିମ୍ବା ପୁଷ୍କରିଣୀରେ ସ୍ନାନ କରି ଶ୍ମଶାନକୁ ଯାଆନ୍ତି । ଢୋଲ, ମହୁରୀ, ଟାମ୍କ ଓ ତିଡ଼ିବିଡ଼ି ବାଜା ବଜାଇ ମୃତ ଲୋକର ଆତ୍ମା 'ବେନ୍ଦି' ବା 'ଡୁମା'କୁ ଆବାହନ କରାଯାଏ । ଶ୍ମଶାନରେ ଡିସାରୀ ହଳଦୀ ଭାତ ରାନ୍ଧି ଦୁଇ ଚକ୍‌ନି (ପତ୍ର ଦନା) ଭାତ ଘାସ ବିଛାଇ ମୃତ ଲୋକ ଉଦ୍ଦେଶ୍ୟରେ ଫିଙ୍ଗି ଦିଅନ୍ତି । ଅନ୍ୟମାନେ ପତ୍ରଛିଣ୍ଡାଇ କିଛି କିଛି ପଇସା ପକାନ୍ତି । ଉକ୍ତ ପଇସାକୁ ମହୁରୀଆ ଓ ବଦ୍ୟକାରମାନେ ନେଇଥାନ୍ତି । ମୃତବ୍ୟକ୍ତିର ବ୍ୟବହୃତ ଲୁଗାପଟା ଓ ଅନ୍ୟାନ୍ୟ ଜିନିଷ ସବୁ ଭଣଜାକୁ ଅର୍ପଣ କରାଯାଏ । ମୃତବ୍ୟକ୍ତିର ପୁତ୍ର ଓ ଆତ୍ମୀୟମାନେ ମୁଣ୍ଡନ ହୋଇ ଭୋଜିଭାତ ଓ ମଦ୍ୟପାନ କରି ଶୁଦ୍ଧ ହୋଇଥାନ୍ତି ।

ମୃତ୍ୟୁର ଏକାଦଶ ଦିନ 'ହାଟନି' ବା ହାଟ ବସେ । ମୃତବ୍ୟକ୍ତିର ଆତ୍ମୀୟ ସ୍ୱଜନମାନେ ମାଟିହାଣ୍ଡିକୁ ଭାଙ୍ଗି ଖପରା ଖଣ୍ଡ ସବୁ ପଇସା ଭାବେ ରଖି ହାଟରେ କିଣାବିକା କରିବାର ଅଭିନୟ କରନ୍ତି । ମୃତ ବ୍ୟକ୍ତିଟି ମଥୁରା ହାଟରେ କିଣାବିକା ସାରି ସ୍ୱର୍ଗଧାମକୁ ଚାଲିଗଲା ବୋଲି ସମସ୍ତେ କୁହାକୁହି ହୁଅନ୍ତି । ଏମାନଙ୍କ ମତରେ ଏହି ସଂସାର ଏକ ହାଟ । ଲୋକଟି ଯେତେଦିନ ବଞ୍ଚିଥିଲା ଏଇ ହାଟରେ କିଣାବିକା କରି ଜଞ୍ଜାଳରେ ଥିଲା । ସଂସାରର କିଣାବିକା ବା ଲୀଳା ସରିଯିବାରୁ ଲୋକଟି ସବୁ ସାରି ସ୍ୱର୍ଗଧାମକୁ ଚାଲିଗଲା । ଏହି ବିଶ୍ୱାସରେ ଏମାନେ ଏକାଦଶ ଦିନରେ କିଣାବିକାର ଅଭିନୟ କରିଥାନ୍ତି । ଏମାନଙ୍କ ଦୃଢ଼ ବିଶ୍ୱାସ ଯେ ମଣିଷ ଭଲକର୍ମ କରିଥିଲେ ପୁନର୍ବାର ମଣିଷ ହୋଇ ଜନ୍ମହୁଏ ଓ ମନ୍ଦକର୍ମ କରିଥିଲେ ଜୀବଜନ୍ତୁ ଓ କୀଟପତଙ୍ଗ ହୋଇ ଜନ୍ମ ହୋଇଥାଏ । ଏମାନଙ୍କ ସମାଜରେ ଆର୍ଥିକ ସ୍ୱଚ୍ଛଳ ନ ଥିବା ପରିବାର ନିଜ ସୁବିଧା ଅନୁଯାୟୀ ମୃତ୍ୟୁର ଛଅମାସ / ବର୍ଷେ / ଦି'ବର୍ଷରେ ଦଶାହ କାର୍ଯ୍ୟ କରିବା ଦୃଷ୍ଟିଗୋଚର ହୁଏ । ଏମାନେ ସାଧାରଣତଃ ମୃତବ୍ୟକ୍ତିର ଶବକୁ ପୋତି ଦେଇଥାନ୍ତି । କିନ୍ତୁ, କୌଣସି ବ୍ୟକ୍ତି ବାଘ, ଭାଲୁ, ସାପ ଓ ଅନ୍ୟାନ୍ୟ ହିଂସ୍ରଜନ୍ତୁଙ୍କ ଦ୍ୱାରା ମୃତ୍ୟୁବରଣ କଲେ, ଗଛରୁ ପଡ଼ି ମୃତ୍ୟୁ ହେଲେ କିମ୍ବା ଜଳରେ ବୁଡ଼ି ମୃତ୍ୟୁ ହେଲେ ଶବକୁ ଶ୍ମଶାନରେ ପୋଡ଼ି ଦିଆଯାଏ । ଏମାନଙ୍କୁ ବାଘଡୁମ୍ବା, ସାପଡୁମ୍ବା, କାମିନୀଡୁମା ପ୍ରଭୃତି ନାମରେ ପୂଜା କରି କୌଣସି ଅନିଷ୍ଟ ନ କରିବାକୁ ପଶୁପକ୍ଷୀ ବଳି ଦେଇ ସନ୍ତୋଷ ବିଧାନ କରିଥାନ୍ତି ।

**ଉପସଂହାର :** ଦୁରୁଆମାନେ ଆଦିମ ବଣ୍ଡା ଜନଜାତିଙ୍କ ପରି ଅତ୍ୟନ୍ତ ରକ୍ଷଣଶୀଳ ଓ ପରମ୍ପରାବାଦୀ । ଏମାନଙ୍କ ସାମାଜିକ ଓ ଧର୍ମୀୟ ରୀତିନୀତି, ପ୍ରଥା ପରମ୍ପରାମାନ ଗୋଟିଏ ପୀଢ଼ିରୁ ଅନ୍ୟ ଏକ ପୀଢ଼ିକୁ ପୁରୁଷାନୁକ୍ରମେ ମୌଖିକ ଭାବେ ଗଡ଼ି ଆସିଥାଏ । ଏସବୁକୁ ନିଜ ପରିବାର ଓ ଗୋଷ୍ଠୀଜୀବନର ସୁରକ୍ଷା ନିମନ୍ତେ କଡ଼ାକଡ଼ି ଭାବେ ମାନି ଚଳିଥାନ୍ତି । ଏମାନଙ୍କ ସମାଜରେ କେଉଁ ଆଦିମକାଳରୁ ପ୍ରଚଳିତ ଲୋକାଚାର

ଓ କୁଳାଚାରକୁ ସମାଜରେ କେଉଁ ଆଦିମକାଳରୁ ପ୍ରଚଳିତ ଲୋକାଚାର ଓ କୁଳାଚାରକୁ ସମାଜର ପ୍ରତ୍ୟେକ ବ୍ୟକ୍ତି ସମ୍ମାନ ଦେଇ ଜୀବନର ପ୍ରତ୍ୟେକ ପର୍ଯ୍ୟାୟର ସଂସ୍କାରରେ ବିଶେଷ ପ୍ରାଧାନ୍ୟ ଦେଇଥାନ୍ତି । ଏମାନଙ୍କ କଥିତ ଭାଷାରେ ଉପଲବ୍ଧ ଗୀତ, କାହାଣୀ, ମିଥ୍, ଢଗଢ଼ମାଳି ଓ ପ୍ରବାଦ ପ୍ରବଚନ ଆଦିରେ ସାମାଜିକ ଓ ଧର୍ମୀୟ ଜୀବନର ରୀତିନୀତି, ପ୍ରଥା ପରମ୍ପରାର ନିଛକ ପରିପ୍ରକାଶ ଘଟିଥାଏ । ଏମାନଙ୍କ ସରଳ ଜୀବନଚର୍ଯ୍ୟା, ନିଷ୍କପଟ ହୃଦୟବତ୍ତା, ନିଜ ଜନ୍ମମାଟି ଓ ବଣପାହାଡ଼ ପ୍ରତି ପ୍ରଗାଢ଼ ଅନୁରକ୍ତି, ପରମ୍ପରା ପ୍ରତି ପ୍ରବଳ ମୋହ, ଗୋଷ୍ଠୀବଦ୍ଧ ଜୀବନ, ବହୁ ଆଦିମ ଧର୍ମବିଶ୍ୱାସ, ଏକତା, ଭାତୃତ୍ୱ, ପରୋପକାର, ସହଭାଗିତା, ନାରୀଜାତି ପ୍ରତି ସମ୍ମାନବୋଧ ଓ ସ୍ୱାଧୀନତା, ଯୌତୁକବିହୀନ ବିବାହ, ସାମୂହିକ ମଙ୍ଗଳକାମନା, ସାମାଜିକ ଜୀବନରେ ଶୃଙ୍ଖଳାବୋଧ ପ୍ରଭୃତି ଗୁଣାବଳୀ ଏମାନଙ୍କ ସଂସ୍କୃତିର ମହାନତା ଓ ଉତ୍କର୍ଷତା ପ୍ରତିପାଦନ କରିଥାଏ ।

ଆଦିବାସୀ ଗବେଷଣା ମଞ୍ଚ

ସା/ପୋ : କୁନ୍ଦ୍ରା, ଭା : ଜୟପୁର - ୭୬୪୦୦୨

ଜି : କୋରାପୁଟ (ଓଡ଼ିଶା)

ମୋ : ୦୯୪୩୮୫୧୬୩୩୨

(ପ୍ରବନ୍ଧ ପ୍ରସ୍ତୁତିରେ ଯେଉଁ ଦୁରୁଆ ଭାଇଭଉଣୀମାନେ ତଥ୍ୟ ପ୍ରଦାନ କରିଛନ୍ତି ଲେଖକ ସେମାନଙ୍କ ନିକଟରେ କୃତଜ୍ଞ ।)

□□□

# ବାଥୁଡ଼ି ଜନଜାତିରେ ଧର୍ମଧାରଣା

ଡ. ରାଜକିଶୋର ନାୟକ

ଓଡ଼ିଶାର ଜନଜାତିଙ୍କ ମଧ୍ୟରେ ବାଥୁଡ଼ି ଏକ ଆର୍ଯ୍ୟଭାଷୀ ଆଦିବାସୀ ସମ୍ପ୍ରଦାୟ । ପ୍ରାଚୀନକାଳରୁ ଏମାନେ ଶିମିଳିପାଳ ଜଙ୍ଗଲ ମଧ୍ୟରେ ନିଜର ଜୀବନଚର୍ଯ୍ୟା ଆରମ୍ଭ କରି ରହିଆସୁଥିଲେ । ବସ୍ତୁତଃ ବିଭିନ୍ନ ପର୍ବତ ଗୁହା ମଧ୍ୟରେ ବିଭିନ୍ନ ଦେବାଦେବୀଙ୍କର ଉପାସନା କରୁଥିଲେ । ଏହାକୁ ସେମାନେ 'ଅଠର ଦେଉଳ' ଭାବରେ ନାମିତ କରିଥିଲେ । ଉକ୍ତ 'ଅଠର ଦେଉଳ' ହେଉଛି ବାଥୁଡ଼ି ଜାତିର ଆଦିଭୂମି । ଏହାର ଜୀବନ୍ତ ଚିତ୍ର ଚକ୍ରଧର ମିଶ୍ରଙ୍କ ରଚିତ ବଡ଼ାମ ପୁରାଣରେ ସ୍ଥାନିତ ହୋଇଛି ।

"ବାଥୁଡ଼ିର ଘର ଅଟେ ଶିମିଳିପାଳରେ
ଶିମିଳିପାଳ ବନସ୍ତ ପର୍ବତ ଗୁହାରେ ।"

ସମ୍ପ୍ରସାରିତ ହୋଇ ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାରେ ବାଥୁଡ଼ି ସମ୍ପ୍ରଦାୟର ଲୋକମାନେ ବସବାସ କରନ୍ତି । ସଂଖ୍ୟା ଦୃଷ୍ଟିରୁ ସ୍ୱଳ୍ପ ହେଲେ ମଧ୍ୟ, ପୁରାଣକାର ଓ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଦୃଷ୍ଟିରେ ବାଥୁଡ଼ିଜାତିର ଗୁରୁତ୍ୱ ବୃଦ୍ଧି ପାଇଥିବା ଦୃଷ୍ଟିଗୋଚର ହୋଇଥାଏ । ଜାତିଶ୍ରେଷ୍ଠ ବ୍ରାହ୍ମଣ ସମ୍ପ୍ରଦାୟର ଦୁଇ ଦୁଇ ଜଣ ସାଧକ ବାଥୁଡ଼ି ଜାତି ଉପରେ ପୁରାଣ ରଚନା କରି, ବାଥୁଡ଼ି ଜାତିର ଗୌରବକୁ ସ୍ୱୀକୃତି ଦେଇଯାଇଛନ୍ତି । ଚକ୍ରଧର ମିଶ୍ରଙ୍କ 'ବଡ଼ାମ ପୁରାଣ' ଏବଂ ତ୍ରିଲୋଚନା ବିପ୍ରଙ୍କ 'ଆଦ୍ୟ ଶୂନ୍ୟ ଗୁପ୍ତ ପୁରାଣ' ପ୍ରାୟ ସାତଶହ ବର୍ଷର ପୁରୁଣା । ଉକ୍ତ ତାଳପତ୍ର ପୋଥି ଦୁଇଟିରେ ବାଥୁଡ଼ି ଜାତିର ଉତ୍ପତ୍ତି, ଧର୍ମବିଶ୍ୱାସ ଓ ପରମ୍ପରାର ସମୁଜ୍ଜ୍ୱଳ ଚିତ୍ର ଦେଖିବାକୁ ମିଳେ । ଅନୁରୂପ ଭାବରେ ପ୍ରତ୍ନତତ୍ତ୍ୱବିତ୍ ନଗେନ୍ଦ୍ର ନାଥ ବସୁ, The archaelogical survey of Mayurbhanj (1911) ପୁସ୍ତକରେ କେବଳ ବାଥୁଡ଼ିଜାତି ଉପରେ ଦୀର୍ଘ ଆଲୋଚନା ପ୍ରଦାନ କରିଯାଇଛନ୍ତି ।

ଆଦିମ ସଂସ୍କୃତିରେ ପ୍ରକୃତି ଭଗବାନ ରୂପରେ ପୂଜିତ ହୋଇଥାଏ । ପ୍ରକୃତିଦତ୍ତ ପ୍ରତ୍ୟେକ ବସ୍ତୁରେ ଈଶ୍ୱରୀୟ ସତ୍ତା ଅନୁଭବ କରାଯାଏ । ପ୍ରକୃତିର ଅକଳନୀୟ ଶକ୍ତିକୁ ଦେବାସୀନ କରାଇ ଉପାସନା କରିବାରେ ଆଦିବାସୀ ସମ୍ପ୍ରଦାୟ ନିଜକୁ ଧନ୍ୟ ମନେକରେ । ତେଣୁ ବୃକ୍ଷ, ପଥର ଓ କାଠ ଦେହରେ ଦେବତ୍ୱ ଆରୋପ କରି ସେମାନେ ନିଜର ଧର୍ମବିଶ୍ୱାସ ଓ ଆସ୍ଥା ପ୍ରକଟ କରିଥାନ୍ତି । ବାଥୁଡ଼ି ସମ୍ପ୍ରଦାୟର ବଡ଼ାମଶାଳାରେ କେଇଖଣ୍ଡ ଗୋଜିଆ ପଥର ଦେବଦେବୀ ରୂପରେ ପୂଜା ପାଇଥାନ୍ତି । ବହୁ କାଳରୁ ଗାନ କରି ଆସୁଥିବା ଚାଙ୍ଗୁଗୀତରେ ଏହାର ବଳିଷ୍ଠ ରୂପ ପ୍ରକଟିତ ହୋଇଥାଏ ।

"ଆସ, ଦେଖିବ ଯେବେ ଜାତି ଠାକୁର
ନାହିଁ ତାଙ୍କ ରୂପ, ଅରୂପ ଅଲେଖ
ଭାବମୂର୍ତ୍ତି ନାହିଁ ଖାଲି ଶିଳାପଥର ।"

ବାଥୁଡ଼ି ସମ୍ପ୍ରଦାୟରେ ଉପାସିତ ଦେବାଦେବୀମାନଙ୍କୁ ଚାରିଟି ବର୍ଗରେ ନିଆ ଯାଇପାରେ । ଗୃହରେ ପୂଜା ପାଉଥିବା ଦେବଦେବୀ, ଗ୍ରାମରେ ବାଡ଼ାମ ଠାକୁର, ଗ୍ରାମ ବାହାରେ ଗ୍ରାମଦେବତୀ ଏବଂ ଆଦିଭୂମି ଅଠର ଦେଉଳରେ ପୂଜିତ ଦେବଦେବୀ ବସ୍ତୁତଃ ସେମାନେ ସୃଷ୍ଟି କରିଥିବା ଆଧାତ୍ମିକ ବଳୟ ମଧ୍ୟରେ ରହି ଜୀବନଧାରଣ କରିବାକୁ ଗୌରବାନ୍ୱିତ ମନେକରନ୍ତି । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ କର୍ମ ଦେବଦେବୀଙ୍କ ଆଶୀର୍ବାଦ ନେଇ ଆଗେଇ ଚାଲେ । ଏହା ସେମାନଙ୍କ ଜୀବନକୁ ଶୃଙ୍ଖଳିତ କରିବା ସହିତ ମନରେ ପବିତ୍ର ଭାବନା ସୃଷ୍ଟି କରିଥାଏ । ଏଥିରେ ବାଥୁଡ଼ି ଜାତିର ଜୀବନଦର୍ଶନ ମଧ୍ୟ ସ୍ଥୁଳ ରୂପରେ ପ୍ରତିଫଳିତ ହୋଇଥାଏ ।

## ଗୃହ ଦେବତା :

ପ୍ରତ୍ୟେକ ବାଥୁଡ଼ି ଗୃହରେ ପୂଜା ପାଇଁ ସ୍ଥାନଟିଏ ସଂରକ୍ଷିତ ରହିଥାଏ । ଏହାକୁ ସେମାନେ ଈଶାଣ ଘର କହିଥାନ୍ତି । ଐଶାନ୍ୟ କୋଣରେ ସାଧାରଣତଃ ଶିବ ପୂଜା ପାଆନ୍ତି । ତେଣୁ ଗୃହର ଐଶାନ୍ୟ କୋଣରେ ଉକ୍ତ ସ୍ଥାନଟି ଉଦ୍ଦିଷ୍ଟ ହୋଇଥାଏ । ଏଠାରେ ଗୃହର ଇଷ୍ଟ ଦେବତା ସହିତ ଅନ୍ୟ ଦେବଦେବୀ ପୂଜା ପାଇଥାନ୍ତି । ଈଶାଣ ଗୃହକୁ ଦୀପ ଜାଳି ଯିବା ଆସିବା କରାଯାଏ । ସେଠାକୁ ଲଣ୍ଠନ କିମ୍ବା ଡିବିରି ନେଇ ଯିବା ନିଷେଧ ହୋଇଥାଏ । ପରିବାରର ଲୋକବ୍ୟତୀତ ଅନ୍ୟମାନେ ସେଠାକୁ ଯିବା ମନା । ଏପରିକି ପରିବାରର ବିବାହିତ ଝିଅ ମଧ୍ୟ ସେଠାକୁ ପ୍ରବେଶ ଅଧିକାରରୁ ବଞ୍ଚିତ ହୋଇଥାଏ । ଗୃହର ମୁଖିଆ ଈଶାଣରେ ପୂଜା କରିଥାଏ । ଆମ୍ବ ନୂଆଖିଆ ଓ ଆଶୁଧାନ ନୂଆଖିଆରେ ଈଶାଣରେ ପୂଜା କରାଯାଏ । ଏହା ବ୍ୟତୀତ ଝିଅ ପୁଅ ବାହାଘର ସମୟରେ ଈଶାଣରେ ପୂଜାକରି ଶୁଭାଶୀଷ କାମନା କରାଯାଏ । ବସ୍ତୁତଃ ଈଷାଣ ଘରେ ପ୍ରତ୍ୟେକ ଶୁଭଅବସରରେ ସ୍ୱତନ୍ତ୍ର ପୂଜାବିଧି ଅନୁସରଣ କରାଯାଏ । ପ୍ରତ୍ୟେକ ବାଥୁଡ଼ି ପରିବାରରେ ଈଶାଣ ଗୃହ ଏବଂ ନିଜସ୍ୱ ପୂଜାନୀତି ପାଳିତ ହୁଏ । ଦୁଧ, ଗୁଡ଼, କଦଳୀ ଓ କ୍ଷୀରି ଅର୍ପଣ କରିବା ଉକ୍ତ ପୂଜାର ବିଧି ହୋଇଥାଏ । କେବଳ ପୁଅ ବାହାଘରର ଚତୁର୍ଥୀଦିନ ଈଶାଣରେ ବୋଦା ବଳି ପକାଯାଏ ।

## ବଡ଼ାମ ପୂଜା

ଗାଁ ପରିମଳ ଧୋବାତୁଠରୁ ଜଣାପଡ଼ିଲା ପରି ବଡ଼ାମଶାଳରୁ ବାଥୁଡ଼ି ଗ୍ରାମର ପରିଚୟ ବାରି ହୋଇପଡ଼େ । ପ୍ରତ୍ୟେକ ବାଥୁଡ଼ି ଗ୍ରାମରେ ବାଡ଼ାମଙ୍କର ଉପାସନା ପୀଠ ନିର୍ମାଣ କରାଯାଇଥାଏ । ବଉଳ ବୃକ୍ଷ ମୂଳରେ ମାଟିପିଣ୍ଡି ଉପରେ ବଡ଼ାମଠାକୁରଙ୍କ ଶାଳଗ୍ରାମ ପ୍ରତିଷ୍ଠା କରାଯାଏ । ବଡ଼ାମଠାକୁରଙ୍କ ସହିତ ସାହାଣ ଦେଈ ଠାକୁରାଣୀ ପୂଜା ପାଇଥାନ୍ତି । ବଡ଼ାମ ହେଉଛନ୍ତି କୃଷିର ଆଦ୍ୟ ଉଦ୍‌ଗାତା ବଡ଼ାମ ଠାକୁର ବାଥୁଡ଼ି ଜାତିର ମୁଖ୍ୟ ଆରାଧ ଦେବତା ।

ତାଙ୍କୁ କେନ୍ଦ୍ରକରି ବାଥୁଡ଼ିମାନଙ୍କ ପରମ୍ପରା, ସଂସ୍କୃତି ଓ ଧର୍ମାଚରଣ ପ୍ରତିଷ୍ଠା ପାଇଛି । ସେ ନିରାକାର ବ୍ରହ୍ମ ଓ ଆଦି ସୃଷ୍ଟିକର୍ତ୍ତା । ଉକ୍ତ ବିଶ୍ୱାସର ମହିମା ବଡ଼ାମ ପୁରାଣରେ ପୁଷ୍ଟ ମଣ୍ଡନ କରିଛି ।

"ବଡ଼ାମ ଠାକୁର ଯେହୁ ସେହୁ ନିରାକାର
ସୃଷ୍ଟି କରିଛନ୍ତି ଏହି ସକଳ ସଂସାର ।"

ବାଡ଼ାମଠାକୁର ଶୂନ୍ୟବ୍ରହ୍ମ ଭାବରେ ମଧ ବାଥୁଡ଼ିମାନଙ୍କ ଧର୍ମୀୟ ଚିନ୍ତନରେ ସ୍ଥାନ ପାଇଛନ୍ତି । ଏହା ବ୍ୟତୀତ ସେ କାଶୀରେ ବିଶ୍ୱନାଥ, ଓଡ଼ିଶାରେ ଜଗନ୍ନାଥ ଓ ଝାଡ଼ଖଣ୍ଡରେ ବଡ଼ାମଠାକୁର ଭାବେ ପୂଜା ପାଇଥାନ୍ତି । ଚାଙ୍ଗୁଗୀତରେ ବଡ଼ାମଙ୍କର ଯେଉଁ ବର୍ଣ୍ଣନା ମିଳେ, ତାହା ଅତ୍ୟନ୍ତ ମାର୍ମିକ ହୋଇଥାଏ । ବସ୍ତୁତଃ, ବଡ଼ାମଙ୍କ ବିଭିନ୍ନ ରୂପ ବର୍ଣ୍ଣନା ବାଥୁଡ଼ି ଜାତିର ଲୋକଗୀତକୁ ରସସିକ୍ତ କରେ । ବଡ଼ାମ ଠାକୁର ଜଗନ୍ନାଥଙ୍କ ସଦୃଶ ଝାଡ଼ଖଣ୍ଡରେ ପ୍ରସିଦ୍ଧ ପାଇଥାନ୍ତି ।

"ଯାହାକୁ ବୋଲୁଛ କାଶିବିଶ୍ୱନାଥ
ଓଡ଼ିଶାର ଜଗନ୍ନାଥରେ
ସେଇତ ବଡ଼ାମ ଦେବ ଅନୁପ
ଶିମିଳି ପାହାଡ଼େ ରହିରେ ।"

ସାଧାରଣତଃ କୁମାର ପୂର୍ଣ୍ଣମୀ ଓ ରାସପୂର୍ଣ୍ଣମୀରେ ବଡ଼ାମ ଠାକୁରଙ୍କ ପୂଜା କରାଯାଇଥାଏ । ଏହା ବ୍ୟତୀତ ଗହ୍ମାପୂର୍ଣ୍ଣମୀ ଓ ରଜସଂକ୍ରାନ୍ତିରେ ମଧ ବଡ଼ାମଶାଳରେ ପୂଜା କରାଯାଏ । ବାଥୁଡ଼ି ସମାଜ ବଡ଼ାମ ଠାକୁରଙ୍କ ଠାରେ ଅଟଳ ବିଶ୍ୱାସ ରଖିଥାନ୍ତି । ତେଣୁ ସେମାନଙ୍କୁ ବଡ଼ାମକୁଳିଆ ବୋଲି କୁହାଯାଏ । ଆଶୁଦାନ ଓ ଆମ୍ବ ନୂଆଖିଆରେ ତାଙ୍କର ପୂଜା ଅନିର୍ବାଯ୍ୟ ହୋଇଥାଏ । ବାଡ଼ିବଗିଚାରେ ନୂଆ ଫଳ ହେଲେ, ପ୍ରଥମେ ବଡ଼ାମଙ୍କୁ ଅର୍ପଣ କରି ନିଜେ ଗ୍ରହଣ କରନ୍ତି । ଗାଁ'ରୁ ଝିଅ ବିବାହ ହୋଇ ଯିବା ସମୟରେ ବଡ଼ାମଙ୍କୁ ମୁଣ୍ଡିଆ ମାରି ଯାଏ । କୌଣସି ଶୁଭକାର୍ଯ୍ୟରେ ବାହାରକୁ ଯାଉଥିଲେ ପ୍ରଥମେ ବଡ଼ାମଙ୍କ ଠାରେ ନତମସ୍ତକ ହୋଇ ଆଗକୁ ପାଦ ବଢ଼ାଇଥାଏ । ଗାଁ'ରେ କୌଣସି ନ୍ୟାୟନିଶାପ ହେଲେ ବଡ଼ାମଶାଳ ନିକଟରେ ଉପସ୍ଥିତ ରହି ନିଷ୍ପତ୍ତି ନେଇଥାନ୍ତି । ବଡ଼ାମଙ୍କ ପୂଜା ସମୟରେ ଚାଙ୍ଗୁନୃତ୍ୟ କରି ବାଥୁଡ଼ି ସମ୍ପ୍ରଦାୟ ଭକ୍ତିପୂତ ଅର୍ଘ୍ୟ ଅର୍ପଣ କରିଥାଏ । ଏହି ନୃତ୍ୟ ନିଶାପାଣି ବିବର୍ଜିତ ହୋଇଥାଏ । ଜ୍ୟୋତ୍ସ୍ନା ବିଧୌତ ରଜନୀରେ ଚାଙ୍ଗୁନୃତ୍ୟର ମାଦକ ସମସ୍ତଙ୍କୁ ବାନ୍ଧି ରଖିଥାଏ ।

**ଗ୍ରାମଦେବତୀ ପୂଜା :**

ପ୍ରତ୍ୟେକ ବାଥୁଡ଼ି ଗ୍ରାମରେ ଥାଏ ଗ୍ରାମଦେବତୀଙ୍କ ପୂଜାସ୍ଥାନ । ଗ୍ରାମ ପ୍ରତିଷ୍ଠା ହେବା ସମୟରେ ଗାଁ'

ମୁଣ୍ଡରେ ଗ୍ରାମଦେବତୀଙ୍କ ପୂଜାସ୍ଥଳ ସ୍ଥିର ହୋଇଥାଏ । କୌଣସି ବୃକ୍ଷମୂଳରେ ଗ୍ରାମଦେବତୀ ରହି ପୂଜା ପାଇଥାନ୍ତି । ତାଙ୍କ ପୂଜା ସ୍ଥାନରେ ମାଟିଘୋଡ଼ା ଓ ହାତୀ ରଖାଯାଇଥାଏ । ଗ୍ରାମଦେବତୀ ଗାଁ'ର ଲୋକମାନଙ୍କୁ ସୁରକ୍ଷା ଦିଅନ୍ତି । ତେଣୁ କୁହାଯାଇଛି; ସେ ଘଣ୍ଟଘୋଡ଼ାଇ ସମସ୍ତଙ୍କୁ ରଖିଥାନ୍ତି । ଗାଁ'ରେ ରୋଗବୈରାଗ ଦେଖାଦେଲେ ସମସ୍ତେ ଗ୍ରାମଦେବତୀଙ୍କର ଶରଣାପନ୍ନ ହୋଇଥାନ୍ତି । ଭଲ ଫସଲ ପାଇଁ ଆଷାଢ଼ ମାସରେ ଆଷାଢ଼ୀ ପୂଜା ଏବଂ ଧାନ ଅମଳ ପରେ ମାଘ ମାସରେ ମାଘୁଆଣି ପୂଜା ଗ୍ରାମଦେବତୀଙ୍କ ପାଖରେ କରାଯାଏ । ଆଷାଢ଼ୀ ପୂଜା ପରେ ବିଲରେ ବିହୁଡ଼ା କାର୍ଯ୍ୟ କରାଯାଏ । ସେହିପରି ମାଘୁଆଣି ପୂଜା ପରେ ଲୋକମାନେ ଜମିରେ ହଳ ବୁଲାନ୍ତି, ଘର ଛପର କରନ୍ତି, ବାଡ଼ ଘେରନ୍ତି ଓ ଜଙ୍ଗଲ ଯାଇପାରନ୍ତି । ମାଘୁଆଣି ପୂଜାରେ ଯେଉଁ ବଳି ପଡ଼େ ଗ୍ରାମବାସୀମାନେ ବଣଭୋଜି କରି ଖାଇଥାନ୍ତି । ବର୍ଷା ନ ହେଲେ ଗ୍ରାମବାସୀମାନେ ଠାକୁରାଣୀ ଥାନରେ ପୂଜା କରି ମାଜଣା କରନ୍ତି । ପୁଅଝିଅଙ୍କ ବିବାହ ସମୟରେ ଠାକୁରାଣୀଙ୍କ ଠାରେ ଦିଅଁ ମଙ୍ଗୁଳା ଯାଏ । ଗ୍ରାମର ଦେହୁରୀ ଠାକୁରାଣୀ ଥାନରେ ପୂଜା କରିବା ଦାୟିତ୍ୱ ବହନ କରିଥାନ୍ତି । ମନକାମନା ପୂର୍ଣ୍ଣହେଲେ ଲୋକମାନେ ଠାକୁରାଣୀଙ୍କ ନିକଟରେ ବୋଦା ଓ କୁକୁଡ଼ା ବଳି ପକାନ୍ତି । ଏହା ବ୍ୟତୀତ ଠାକୁରାଣୀଙ୍କୁ ମାଟିଘୋଡ଼ା କିମ୍ବା ମାଟି ହାତୀ ଦେଇ କୃତଜ୍ଞତା ଜଣାନ୍ତି । ବିପଦ ଆପଦରେ ଲୋକମାନେ ଗ୍ରାମଦେବତୀଙ୍କୁ ସ୍ମରଣକରି ବାଟଚାଲନ୍ତି । ଉଲ୍ଲେଖନୀୟ ଯେ, ଗ୍ରାମଦେବତୀଙ୍କ ପୂଜାରେ କେବଳ ପୁରୁଷମାନେ ଅଂଶଗ୍ରହଣ କରନ୍ତି ।

### ଅଠରଦେଉଳ ପୂଜା

ଶିମିଳିପାଳ ନିଘଞ୍ଚ ଜଙ୍ଗଲ ମଧ୍ୟରେ ରହିଛି ବାଥୁଡ଼ି ଜାତିର ଆଦି ଉପାସନା ପୀଠ 'ଅଠର ଦେଉଳ' । ଏଠାରେ ସତରଟି ପ୍ରାକୃତିକ ଗୁମ୍ଫାରେ ଏବଂ ଏକମାତ୍ର ମାନବକୃତ ଦେଉଳରେ ସମସ୍ତ ଦେବଦେବୀ ପୂଜା ପାଉଛନ୍ତି । ମାନବକୃତ ଦେଉଳର ନାମ ମାନବ ଦେଉଳ । ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ଦେଉଳଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଅତୀତରେ ବାଥୁଡ଼ି ଜାତି ଏଠାରେ ବସତି କରି ରହିଥିଲା ଏବଂ ଦେବଦେବୀ ଆରାଧନା କରି ସୁଖଶାନ୍ତିରେ କାଳତିପାତ କରୁଥିଲା ।

ସମୟକ୍ରମେ ବଂଶବୃଦ୍ଧି ଓ ହିଂସ୍ରଜନ୍ତୁମାନଙ୍କ ଉତ୍ପାତ ହେତୁ ବାଥୁଡ଼ି ଲୋକମାନେ ଶିମିଳିପାଳ ପରିତ୍ୟାଗ କରି ସମତଳ ଅଞ୍ଚଳକୁ ଓହ୍ଲାଇ ଆସିଥିଲେ । ତତ୍‌ସହିତ ଗ୍ରାମ ପ୍ରତିଷ୍ଠା କରି କୃଷିକର୍ମକୁ ଆଦରି ନେଇଥିଲେ । ତେଣୁ ପ୍ରତି ଗ୍ରାମରେ କୃଷିର ଦେବତା ବଡ଼ାମ ଠାକୁରଙ୍କ ପୀଠ 'ବଡ଼ାମଶାଳ' ଗଢ଼ି ଉଠିଲା । ଅଠର ଦେଉଳର ବର୍ଣ୍ଣନା ବଡ଼ାମପୁରାଣରେ ମନୋଜ୍ଞ ରୂପେ ନେଇଥିବା ଦେଖାଯାଏ ।

"ଅଠର ଦେଉଳ ଯେ ଅଛି ଅଠରଟି ଗୁହା
ପଥର ପଥରପରେ ହୋଇଅଛି ଥୁଆ

ବିଶ୍ୱକର୍ମା ନିର୍ମାଣ ଯେ, ପଥରର ଘର
ବାଥୁଡ଼ି ତହିଁରେ କରୁଥିଲା କାରବାର
ବାରଦଣ୍ଡା ଶିମିଳିପାଳଯେ ପରବତ
ସେହିଠାର ଅଠରଟି ଦେଉଳ ବିଖ୍ୟାତ ।"

ଅଠର ଦେଉଳ ସମଗ୍ର ଶିମିଳିପାଳ ଜଙ୍ଗଲରେ ପରିବ୍ୟାପ୍ତ ହୋଇରହିଛି । ପ୍ରତିବର୍ଷ ଚୈତ୍ର ମାସରେ ପାଦରେ ଚାଲି ଚାଲି ଭକ୍ତମାନେ ଅଠର ଦେଉଳ ପୂଜାରେ ଯୋଗଦେବା ପାଇଁ ଯାଇଥାନ୍ତି । ଉଦଳାପଟୁ ଯାଉଥିବା ଭକ୍ତମାନେ ରଣୀଭୋଳ ଦେଇ ପ୍ରଥମେ ଦ୍ୱାରଶେଣୀ ଠାକୁରାଣୀ, ଗଣେଶ ଓ ନିଝାରୀ ବଡ଼ାମଙ୍କ ପୂଜା କରି ଜଙ୍ଗଲ ମଧ୍ୟକୁ ପ୍ରବେଶ କରନ୍ତି । ବିଧି ଅନୁଯାୟୀ ସମସ୍ତେ ଶ୍ୱେତବସ୍ତ୍ର ପରିଧାନ କରିବା ସହିତ ସାଙ୍ଗରେ ଚାଙ୍ଗୁ, ଭୋଗ ସାମଗ୍ରୀ ଓ ଚୂଡ଼ାଚାଉଳ ନେଇଥାନ୍ତି । କାରଣ, ଜଙ୍ଗଲ ମଧ୍ୟରେ ସାତଦିନ ସାତରାତି ରହି ବିଭିନ୍ନ ସ୍ଥାନରେ ଥିବା ଦେବଦେବୀ ସ୍ଥଳରେ ସେମାନଙ୍କୁ ପୂଜା କରିବାକୁ ହୋଇଥାଏ । ଅନ୍ୟାନ୍ୟ ଦେବଦେବୀ ମଧ୍ୟରେ ଈଶ୍ୱର, ପାର୍ବତୀ, ଲକ୍ଷ୍ମୀ, ଛତ୍ରୀମହାବୀର, ନିରାକାର ଓ ଅନନ୍ତ ବାସୁକୀଙ୍କୁ ପୂଜା କରାଯାଇଥାଏ । ମାନବ ଦେଉଳ ନିକଟରେ ସମସ୍ତେ କୁଡ଼ିଆ ନିର୍ମାଣ କରି ରହିଥାନ୍ତି । ରାତ୍ରି କାଳରେ ଧୂନିଜାଳି ଚାଙ୍ଗୁ ନୃତ୍ୟ କରନ୍ତି । ବସ୍ତୁତଃ, ନିସ୍ତବ୍ଧ ବନଭୂମି ଚାଙ୍ଗୁ ନୃତ୍ୟର ମଧୁର ଗୁଞ୍ଜନରେ ଚମକି ଉଠେ । ଏଠାରେ ମାନବ ଦେଉଳରେ ସକାଳେ ଓ ସଂଧ୍ୟାରେ ପୂଜା କରାଯାଏ । ବାଥୁଡ଼ି ଜାତିର ଶ୍ରେଷ୍ଠ ପୂଜକ ବୃନ୍ଦାବନ ମହାପାତ୍ର ଅଠର ଦେଉଳ ପୂଜାରେ ନେତୃତ୍ୱ ନେଇଥାନ୍ତି । ତାଙ୍କରି ଅନୁମତି ନେଇ ଭକ୍ତମାନେ ଈଶ୍ୱର ଦେଉଳ ଓ ଲକ୍ଷ୍ମୀ ଦେଉଳ ପ୍ରଭୃତି ସ୍ଥାନକୁ ଯାଇ ପୂଜା କରିଥାନ୍ତି । ଦୁଧ, କଦଳୀ, ଗୁଡ଼ ଓ ଝୁଣା ଧୂପ ଦେଇ ଦେବଦେବୀମାନଙ୍କର ପୂଜା କରାଯାଏ । ଭକ୍ତିମୟ ପରିବେଶରେ ବାଥୁଡ଼ି ଲୋକମାନେ ସେମାନଙ୍କ ଅତୀତକୁ ମନେପକାଇବା ସହିତ ଦେବଦେବୀଙ୍କ ଠାରେ ନିଜର ମନସ୍କାମନା ପୂରଣ ପାଇଁ ପ୍ରାର୍ଥନା କରିଥାନ୍ତି । ବର୍ଷକୁ ଥରେ ଅଠର ଦେଉଳ ଯିବାର ସୌଭାଗ୍ୟ ଲାଭ ପାଇଁ ବାଥୁଡ଼ି ଲୋକମାନେ ସବୁବେଳେ ପ୍ରଯତ୍ନ କରିଥାନ୍ତି ।

ଅଠର ଦେଉଳ ପୂଜା ସାରି ଫେରିଲା ପରେ ପ୍ରତି ବାଥୁଡ଼ି ଗ୍ରାମରେ ଡାଳିପୂଜା ଅନୁଷ୍ଠିତ ହୁଏ । ବସନ୍ତ ଋତୁରେ ପ୍ରକୃତି ନୂତନ ପତ୍ର ପୁଷ୍ପରେ ବିମଣ୍ଡିତ ହୁଏ । ଉକ୍ତ ସମୟରେ ମହୁଲ, ଭାଲିଆ, ଶାଳ, କେନ୍ଦୁ, ଆମ୍ବ, ଅଁଳା, ପଳାଶ ଓ କରମ ବୃକ୍ଷର ଡାଳ ଜଙ୍ଗଲରୁ ଆଣି ବଡ଼ାମଶାଳରେ ରଖନ୍ତି । ତତ୍‌ସହିତ ରାତିରେ ଚାଙ୍ଗୁନୃତ୍ୟ କରି ଡାଳିପୂଜାକୁ ନୂଆ ରୂପ ଦେଇଥାନ୍ତି । ଡାଳି ପୂଜା ପରେ ଆମ୍ବ ନୂଆଖିଆ ହୁଏ । ସମସ୍ତେ ଇଷ୍ଟ ଦେବଦେବୀଙ୍କୁ ପୂଜାକରିବା ସହିତ ବଡ଼ାମ ପୂଜାରେ ମଗ୍ନ ରହିଥାନ୍ତି । ଉକ୍ତ ସମୟରେ ବଡ଼ାମଙ୍କ ଉଦ୍ଦେଶ୍ୟକରି ଯେଉଁ ଗୀତ ବୋଲନ୍ତି, ତାହା ଠାକୁରଙ୍କୁ ଦେବତ୍ୱରୁ ସାଧାରଣ ମଣିଷ ମଧ୍ୟକୁ ଫେରାଇ ଆଣେ ।

"ଜହ୍ନିଫୁଲ ଦାଉ ଦାଉ
ସଞ୍ଜ ହେନେ ବଡ଼ାମ ବୁଲିକି ଯାଉ
ଜହ୍ନବୁଡ଼ା ହାତ ଖାଉ ।"

ବୈଦିକ ପରମ୍ପରାରେ ଗଣେଶ ଅଗ୍ରପୂଜା ଦେବତାର ମାନ୍ୟତା ପାଇଥାନ୍ତି । ମାତ୍ର ବାଥୁଡ଼ିମାନଙ୍କ ଧର୍ମ ଧାରଣାରେ ବାସୁକୀ ଓ ବସୁମାତା ବିଧି ଅନୁସାରେ ପ୍ରଥମେ ପୂଜା ପାଆନ୍ତି । ବାସୁକୀ ବାଥୁଡ଼ି ଜାତିର ଇଷ୍ଟଦେବତା ଭାବରେ ପୂଜା ପାଇଥାନ୍ତି ସ୍ୱୟଂବିଷ୍ଣୁ ଅନନ୍ତ ନାଗ ରୂପରେ ପୃଥିବୀକୁ ଧରି ରଖିଛନ୍ତି । ତାଙ୍କର ବାହୁରୁ ବାହୁବଳୀ ଜନ୍ମ ନେଇଥିଲେ ଏବଂ ବାହୁବଳୀର ପୁତ୍ର 'ବାଥୁଡ଼ି' ନାମରେ ପରିଚିତ ହୋଇଥିବା ଜଣାଯାଏ । ବସ୍ତୁତଃ, ବାସୁକୀଙ୍କୁ ପ୍ରଥମେ ପୂଜା କରାଯାଏ । ଏହା ବ୍ୟତୀତ ଯେଉଁ ବସୁମାତା ଆମକୁ ତାଙ୍କ କୋଳରେ ସ୍ଥାନ ଦେଇଛନ୍ତି ଏବଂ ଜୀବନଧାରଣର ସମସ୍ତ ଉପାଦାନ ଉପଲବ୍ଧ କରାଇଛନ୍ତି, ତାଙ୍କର ପୂଜା କରି ବାଥୁଡ଼ି ଜାତି ନିଜର କୃତଜ୍ଞତା ଜଣାଇଥାଏ । ପ୍ରତ୍ୟେକ ପୂଜାରେ ପୂଜକ ପ୍ରଥମେ ବାସୁକୀ ଓ ବସୁମାତା ନାମରେ ଭୂମିରେ ସିନ୍ଦୂରଟିପା ଦେଇ ପରେ ଅନ୍ୟାନ୍ୟ ଦେବଦେବୀଙ୍କୁ ଆବାହନ କରେ । ଏପରି ଏକ ଉଚ୍ଚ ଆଦର୍ଶ ଓ ମୂଲ୍ୟବୋଧ ବାଥୁଡ଼ି ଜାତିର ପ୍ରତିଷ୍ଠାକୁ ବହୁଗୁଣିତ କରିଥାଏ । ତେଣୁ କୁହାଯାଇଛି –

"ବ୍ରହ୍ମା ବିଷ୍ଣୁ ମହେଶ୍ୱର ମେଦିନୀ ରଚିଲେ
ଅନନ୍ତ ବାସୁକୀକୁ ଯେ ପାତାଳେ ପେଶିଲେ
ସ୍ୱୟଂ ବିଷ୍ଣୁ ହୋଇ ଯେ ଅନନ୍ତ ମୂରତି
ଅନନ୍ତ ନାଗ ହୋଇଣ ଧରିଲେ ଧରିତ୍ରୀ ।"

ଭୁଗୁଡ଼ାଳଟା, ୱାର୍ଡ଼ ନମ୍ବର - ୨୧
ବାରିପଦା - ୭୫୭ ୦୦୨
ମୋ : ୯୪୩୭୦୧୫୬୮୧

□□□

# ଲୋଧା ସମାଜର ବିବାହ ରୀତିନୀତି

ଡ. ବିନୋଦ କୁମାର ନାଏକ

ଭାରତରେ ୭୫ଟି ଗୋଷ୍ଠୀଙ୍କୁ ପ୍ରାଚୀନ ଜନଜାତି ରୂପେ ନିହ୍ନଟ କରାଯାଇଛି । ତନ୍ମଧ୍ୟରୁ ୧୩ଟି ପ୍ରାଚୀନ ଜନଜାତି ଗୋଷ୍ଠୀ ଓଡ଼ିଶାରେ ରହିଛନ୍ତି । ଏହି ୧୩ଟି ପ୍ରାଚୀନ ଜନଜାତିଙ୍କ ମଧ୍ୟରେ ଲୋଧା ଗୋଷ୍ଠୀ ଅନ୍ତର୍ଭୁକ୍ତ । ମୁଖ୍ୟତଃ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ବନାଞ୍ଚଳରେ ଏମାନେ ବିଭିନ୍ନ ସ୍ଥାନରେ ବାସକରନ୍ତି । ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା, ମୋରଡ଼ା, ବାରିପଦା, ଖୁଣ୍ଟା, ଉଦଲା, କପ୍ତିପଦା ଓ ଶ୍ୟାମାଖୁଣ୍ଟା ଆଦି ବ୍ଲକ୍‌ରେ ବିଭିନ୍ନ ଗ୍ରାମରେ ବିଚ୍ଛିନ୍ନ ହୋଇ ଏମାନେ ବାସ କରୁଥିବାର ଦେଖାଯାଏ ।

ଏମାନଙ୍କ ସାମଗ୍ରିକ ବିକାଶ ପାଇଁ ସରକାର ମୋରଡ଼ାଠାରେ ଲୋଧା ଉନ୍ନୟନ ସଂସ୍ଥା ନାମରେ ଏକ ସଂସ୍ଥା ସ୍ଥାପନ କରିଛନ୍ତି । ଏହି ଲୋଧା ଉନ୍ନୟନ ଅଣୁଯୋଜନାଟି ୧୯୮୬ ମସିହାରୁ କାର୍ଯ୍ୟ କରୁଛି । ଲୋଧାମାନଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା ଓ ସଂସ୍କୃତି ସଚେତନ କରାଇ ଅପରାଧ ପ୍ରବୃତ୍ତି ନିରୋଧ କରିବା ସହ ସହଜ ସବଳ ସାମାଜିକ ଜୀବନଯାପନ କରାଇବା ଦିଗରେ ସହାୟକ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ।

ଶାରିରୀକ ସଂରଚନାରେ ଲୋଧାମାନଙ୍କର ରଙ୍ଗ ପାଉଁଶିଆ କଳା, ଉଚ୍ଚତା ମଧ୍ୟମ, ଚକ୍ଷୁ ତୀକ୍ଷଣ, ଶରୀର ଶକ୍ତ (ଦୃଢ଼) ଓ ପରିପୁଷ୍ଟ, ସ୍ୱାସ୍ଥ୍ୟବାନ୍, ଅନୁଚ୍ଚ ଲମ୍ବ ନାଶିକା ।

ପ୍ରଚଳିତ କିମ୍ବଦନ୍ତୀ ଅନୁସାର ଲୋଧାମାନେ ନିଜକୁ ଶବର ଗୋଷ୍ଠୀର ଅନ୍ତର୍ଭୁକ୍ତ କରି ଲୋଧା ଶବର ରୂପେ ପରିଚିତ କରାନ୍ତି । ସେମାନେ ଓଡ଼ିଶାର ଦାରୁଦେବତା ଜଗନ୍ନାଥଙ୍କ ପ୍ରତିଷ୍ଠା ବିଷୟ ନେଇ ପ୍ରଚଳିତ କାହାଣୀ ସହ ସମ୍ପର୍କିତ । ମହାପ୍ରଭୁ ଜଗନ୍ନାଥ ନୀଳମାଧବ ରୂପରେ ଗଭୀର ଅରଣ୍ୟ ମଧ୍ୟରେ ଶବର ମୁଖ୍ୟ ବିଶ୍ୱାବସୁଙ୍କ ଦ୍ୱାରା ପୂଜା ପାଉଥିଲେ । ବିଷ୍ଣୁଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନ ସ୍ୱପ୍ନାଦେଶ ପାଇ ତାଙ୍କର ବ୍ରାହ୍ମଣ ମନ୍ତ୍ରୀ ବିଦ୍ୟାପତିଙ୍କୁ ନୀଳମାଧବଙ୍କର ସନ୍ଧାନ ଓ ଦର୍ଶନ ନିମନ୍ତେ ପଠାଇଥିଲେ । ମନ୍ତ୍ରୀ ବିଦ୍ୟାପତି ବିଶ୍ୱାବସୁଙ୍କ ଘରେ ରହି ତାଙ୍କ ଝିଅ ଲଳିତାଙ୍କ ପ୍ରତି ପ୍ରେମାସକ୍ତ ହେଲେ ଓ ଶେଷରେ ବିବାହ କଲେ ଏବଂ କୌଶଳକ୍ରମେ ଲଳିତାଙ୍କ ସାହାଯ୍ୟରେ ନୀଳମାଧବଙ୍କୁ ଦର୍ଶନ କରିଥିଲେ । ନିଜର ଉଦ୍ଦେଶ୍ୟ ସାଧନ ପରେ ବିଦ୍ୟାପତି ଫେରିଯାଇ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନୀଳମାଧବଙ୍କ ସନ୍ଧାନ ଦେବା ପରେ ରାଜା ସୈନ୍ୟଦଳ ସହ ଆସି ନୀଳମାଧବଙ୍କୁ ଘେନି ଯିବାକୁ ବସିଲେ । ଏଥିରେ ରୁଷ୍ଟ ହୋଇ ମହାପ୍ରଭୁ ନୀଳମାଧବ ଶୂନ୍ୟରେ ଉଭେଇ ଗଲେ ଏବଂ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଆକାଶବାଣୀ ଦ୍ୱାରା ପୁରୀରେ ଶ୍ରୀଜଗନ୍ନାଥଙ୍କର ଦାରୁ ବିଗ୍ରହ ନିର୍ମାଣ କରି ପ୍ରତିଷ୍ଠା ପୂର୍ବକ ଆରାଧନା କରିବାକୁ ନିର୍ଦ୍ଦେଶ ଦେଲେ । ଏହିପରି ଏକ ଅପଘଟଣାରେ ଶବର ରାଜ ବିଶ୍ୱାବସୁ ଅତ୍ୟନ୍ତ ଅପମାନିତ, ଦୁଃଖିତ ଓ ମର୍ମାହତ ହେଲେ । ତେଣୁ ବିଶ୍ୱାବସୁଙ୍କ ଗୋଷ୍ଠୀର ଲୋଧା ଶବରମାନେ ଜଣେ ବ୍ରାହ୍ମଣଙ୍କର ଏପରି ଚକ୍ରାନ୍ତପୂର୍ଣ୍ଣ କାର୍ଯ୍ୟକୁ ଘୃଣା କରିଥାନ୍ତି । ଲୋଧାମାନେ ସେମାନଙ୍କ ଘରେ ଖାଆନ୍ତି ନାହିଁ । ଲୋଧାମାନେ ସେମାନଙ୍କର ବିବାହ ପ୍ରଭୃତି ସାମାଜିକ ଅନୁଷ୍ଠାନରେ ବ୍ରାହ୍ମଣମାନଙ୍କୁ ନିଯୁକ୍ତ କରନ୍ତି ନାହିଁ ।

ଲୋଧା ଗୋଷ୍ଠୀର ଲୋକେ ପିତୃଶାସିତ, ପିତୃକୈନ୍ଦ୍ରିକ ପରିବାର ଅନ୍ତର୍ଭୁକ୍ତ । ସେମାନେ କେବଳ ନିଜ ଗୋଷ୍ଠୀ ମଧ୍ୟରେ ବିବାହ କରନ୍ତି । ସ୍ୱଗୋତ୍ର ବିବାହ ନିଷିଦ୍ଧ । ବିବାହ ପରେ କନ୍ୟା ବରଘରକୁ ଯାଇ ରହେ । ବିବାହ ପରେ କନ୍ୟା ପିତୃବଂଶର ଗୋତ୍ର ଓ ସଂଜ୍ଞାନ ପରିତ୍ୟାଗ କରି ସ୍ୱାମୀଙ୍କର ଗୋତ୍ର ଓ ସଂଜ୍ଞା ଗ୍ରହଣ କରେ । ଅବିବାହିତ ଅବସ୍ଥାରେ କନ୍ୟା ବାପାଙ୍କ ଘରେ ମୃତ ଶୌଚବିଧି ପୂର୍ଣ୍ଣ ଭାବରେ ପାଳନ କରୁଥିବା ବେଳେ ବିବାହ ପରେ ପିତାମାତାଙ୍କ ମୃତ୍ୟୁ ଓ କ୍ଷେତ୍ରରେ ତିନିଦିନ ଅଶୌଚ ପାଳନ କରିଥାଏ ।

ସେମାନଙ୍କ ଗୋଷ୍ଠୀର କୋଟାଲ ମାନେ ଏହି ଗୋଷ୍ଠୀର ବିବାହ କାର୍ଯ୍ୟ ସମ୍ପାଦନ କରନ୍ତି । ବରକନ୍ୟାର ହାତରେ ଲୁହା ବଳ ପିନ୍ଧାଇବା ସହ ମଥାରେ ସିନ୍ଦୁର ପିନ୍ଧାଏ ।

**ଲୋଧା ବିବାହ ପରମ୍ପରା :**

ଲୋଧାମାନଙ୍କ ଜୀବନର ପ୍ରମୁଖ ଘଟଣା ହେଉଛି ବିବାହ । ବିବାହ ଉତ୍ସବ ଲୋଧାମାନଙ୍କ ଜୀବନକୁ ପରମ ସୁଖ ଓ ଆନନ୍ଦ ପ୍ରଦାନ କରେ । ଏହା ଏକ ଉଲ୍ଲେଖନୀୟ ଅବସର ଯୋଉଠି ସମସ୍ତ ଗ୍ରାମବାସୀ ଅଂଶଗ୍ରହଣ କରନ୍ତି, ସହଯୋଗର ହାତ ବଢ଼ାଇଥାନ୍ତି ଓ ନିଜକୁ ମନଭରି ଉପଭୋଗ ମଧ୍ୟ କରନ୍ତି । ବିବାହ ଦୈହିକ ଆବଶ୍ୟକତା ପୂରଣ କରିବା ସହ ଆର୍ଥିକ ସ୍ଥିତିର ଉନ୍ନତି ସାଧନରେ ସହାୟକ ମଧ୍ୟ ହୋଇଥାଏ । ଲୋଧା ବାପାମା ପୁଅଝିଅଙ୍କୁ ବିବାହ କରାଇବାକୁ ସାମାଜିକ ଓ ଧାର୍ମିକ ଦୃଷ୍ଟିରୁ ତାଙ୍କର ଏକ ପୁଣ୍ୟ କର୍ତ୍ତବ୍ୟ ରୂପେ ଗ୍ରହଣ କରନ୍ତି । ବିବାହ ପରିବାରର ବଂଶକୁ ଆଗକୁ ବଢ଼େଇ ନେବାରେ ସହାୟକ ହୁଏ ବୋଲି ଲୋଧାମାନେ ବିବେଚନା କରନ୍ତି । ବିବାହ ସାଧାରଣ ଜୀବନଯାପନ କରିବା ପାଇଁ ଆବଶ୍ୟକ ବୋଲି ଲୋଧାମାନେ ବିଶ୍ୱାସ କରନ୍ତି । ସେମାନେ ନିଜ ଗୋଷ୍ଠୀ ଭିତରେ ବିବାହ କରନ୍ତି । କିନ୍ତୁ ବଂଶ ଭିତରେ ବିବାହ ନିଷିଦ୍ଧ । ସମାଜର ନିଜ ବଂଶ ଭିତରେ ବିବାହ କରିଥିବା ଦମ୍ପତିକୁ ସମାଜ, ଗୋଷ୍ଠୀ (ଜାତି)ରୁ ସେମାନେ ବହିଷ୍କାର କରନ୍ତି । ଲୋଧାଙ୍କ ବିଶ୍ୱାସ ଏକ ବଂଶର ପୁଅ ଝିଅଙ୍କ ସମ୍ପର୍କ ଭାଇ ଭଉଣୀର ସମ୍ପର୍କ । ଏମାନେ ସମସ୍ତେ ଏକ ପୂର୍ବଜଙ୍କ ବଂଶଧର ।

ପୂର୍ବକାଳରେ ଲୋଧା ସମାଜରେ ବାଲ୍ୟବିବାହ ପ୍ରଥା ପ୍ରଚଳନ ଥିଲା । ଏବେ ସେମାନେ ପୁଅ ଝିଅମାନେ ସାବାଳକ ହେବା ପରେ, ସୁଖକର ଦାମ୍ପତ୍ୟ ଜୀବନ ପାଇଁ ତାଙ୍କୁ ବିବାହ ଦେଉଛନ୍ତି ।

ଲୋଧାମାନେ ସଦାବେଳେ ପରିବାରର ସାମାଜିକ ସ୍ଥିତି ପ୍ରତି ସଜାଗ । ବିବାହ ପ୍ରସ୍ତାବ ଝିଅ ଘରୁ ବିବାହ ପ୍ରସ୍ତାବ ପୁଅ ଘରେ ପକାଇବା ଝିଅ ଝରର ମାନ, ସମ୍ମାନ ଓ ପ୍ରତିଷ୍ଠାର ବାଧକ ବୋଲି ଲୋଧା ବିଶ୍ୱାସ । ବରୁଆ ଝିଅ ବରଂ ଘରେ ଜୀବନ ସାରା ଅବିବାହିତ ରହିଯାଉ, ବିବାହ ପ୍ରସ୍ତାବ ବର ଘରେ କଦାପି ପକେଇବେ ନାହିଁ । ତେଣୁ ବିବାହ ପ୍ରସ୍ତାବ ପୁଅ ଘରୁ ହିଁ ଆସିବ ।

ଜଣେ ବ୍ୟକ୍ତି ଚାହିଁଲେ ମୃତ ସ୍ତ୍ରୀର ଅବିବାହିତ ସାନ ଭଉଣୀକୁ ବିବାହ କରିପାରେ । ଅବିବାହିତ ସାନ ଭାଇ ମଧ୍ୟ ମୃତ ବଡ଼ ଭାଇର ବିଧବା ସ୍ତ୍ରୀ (ବିଧବା ଭାଉଜ)କୁ ବିବାହ କରିପାରେ । ଗ୍ରାମ ପରିଷଦର

ଅନୁମତି ପ୍ରାପ୍ତ ପରେ ଛାଡ଼ପତ୍ର ନିଆଦିଆ ହୋଇପାରେ । ବିଧବା ସ୍ତ୍ରୀର ବିବାହ ଲୋଧା ସମାଜରେ ଚଳଣି । ଏପରି ବିବାହରେ କନ୍ୟାପଣ ଦେବାକୁ ପଡ଼େ ନାହିଁ । ପଣ ଦେବା ନେବା ଲୋଧା ବିବାହର ସ୍ୱୀକୃତ ପ୍ରଥା । ଏହାକୁ କନ୍ୟା ସୁନା ମଧ୍ୟ କୁହାଯାଏ । ବରର ବାପା ପୁଅ ବିବାହ ବେଳେ କିଛି ପରିମାଣର କନ୍ୟାପଣ ଝିଅର ବାପାକୁ ଦେଇଥାଏ ।

ଲୋଧା ସମାଜରେ ଛଅ ପ୍ରକାରର ବିବାହ (ବେହା) ପଦ୍ଧତି ରହିଛି । ଏଗୁଡ଼ିକ (୧) ଦେଖା ଶୁଣା ବେହା; (୨) ଟାଣା ବେହା; (୩) ସାଙ୍ଗା ବେହା; (୪) ରାଜିଖୁସି ବେହା; (୫) ଘରଜାମାଇ ବେହା; (୬) ବଦଲ ବେହା । ଏ ସମସ୍ତ ବିବାହ ପଦ୍ଧତି ମଧ୍ୟରେ ଦେଖାଶୁଣା ବେହା ଲୋଧାଙ୍କ ବେଶୀ ପ୍ରିୟ ।

**ଦେଖାଶୁଣା ବେହା :**

ଦେଖାଶୁଣା ବେହାରେ ବିବାହ ପ୍ରସ୍ତାବ ଆସେ ମଧ୍ୟସ୍ଥି ଜରିଆରେ । ଲୋଧା ଭାଷାରେ ମଧ୍ୟସ୍ଥିକୁ ଘଟକାଲି ବା ରାଇବାରିଆ କୁହାଯାଏ । ସାଧାରଣତଃ ମଧ୍ୟସ୍ଥି ଜଣକ ବର ବା କନ୍ୟା ପକ୍ଷର ଲୋକଙ୍କ ସମ୍ପର୍କୀୟ ହୋଇଥାଏ । ମଙ୍ଗଳବାର ବା ଶନିବାର ଦିନକୁ ବିବାହ ପ୍ରସ୍ତାବ ପକାଇବା ପାଇଁ ଶୁଭ ଦିନ ରୂପେ ପରିଗଣିତ । ବିବାହ ପ୍ରସ୍ତାବ ପଡ଼େ ଜାନୁୟାରୀ ମାସର ତୃତୀୟ ସପ୍ତାହକୁ ବା ଫେବୃୟାରୀ ମାସର ଦ୍ୱିତୀୟ ସପ୍ତାହକୁ । ଫାଲଗୁନ୍ ଓ ଆଷାଢ଼ ମାସ ମଧ୍ୟରେ ବିବାହ ଉତ୍ସବ ଅନୁଷ୍ଠିତ ହୁଏ । ରଥଯାତ୍ରା ପରେ କୌଣସି ବିବାହ ଉତ୍ସବ ଅନୁଷ୍ଠିତ ହୁଏ ନାହିଁ ଲୋଧା ସମାଜରେ । ଲୋଧାମାନଙ୍କର ଶ୍ରୀ ଜଗନ୍ନାଥଙ୍କ ଉପରେ ଅଗାଧ ବିଶ୍ୱାସ । ତାଙ୍କ ବିଶ୍ୱାସ ରଥଯାତ୍ରା ପରେ ଶ୍ରୀ ଜଗନ୍ନାଥ ବିଶ୍ରାମ ନିଅନ୍ତି । ଏତିକି ବେଳେ ଶ୍ରୀ ଜଗନ୍ନାଥ କାହାରି ପ୍ରାର୍ଥନା ବା ଗୁହାରି ଶୁଣନ୍ତି ନାହିଁ । ବିବାହ ପରେ ଲୋଧା ନବ ଦମ୍ପତି ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି । ରଥ ଉପରେ ନବଦମ୍ପତିଙ୍କୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ମିଳିବ ନାହିଁ ବୋଲି ଲୋଧାଙ୍କ ବିଶ୍ୱାସ ।

ବିବାହ ପ୍ରସ୍ତାବକୁ ଗ୍ରହଣ କରିବା ପୂର୍ବରୁ ପୁଅ ଓ ଝିଅର ମତାମତ ନିଆଯାଏ । ବିବାହର ପ୍ରଥମ ପର୍ଯ୍ୟାୟ ହେଉଛି ଯୁବକ ସାଙ୍ଗସାଥୀ ଓ ସମ୍ପର୍କୀୟ ବନ୍ଧୁମାନଙ୍କ ସହ ଝିଅକୁ ଦେଖିବା ପାଇଁ ଆସିବା । ଝିଅର ଚେହେରା, ଶରୀର ଗଠନ, ସାଧାରଣ ସ୍ୱାସ୍ଥ୍ୟକୁ ଦେଖିବା ସହ ପଶ୍ନ ପଚାରି ଝିଅର ବୁଦ୍ଧି ପରୀକ୍ଷା କରନ୍ତି । ଏହା ପରେ ଝିଅର ନିକଟ ସମ୍ପର୍କୀୟମାନେ ପୁଅ ଘରକୁ ଆସନ୍ତି । ସାଧାରଣତଃ ବରର ପରିବାରର ଘର, ଜମିଜମା (ସମ୍ପତ୍ତି) ପରିବାରର ଆର୍ଥିକ / ସାମାଜିକ ସ୍ଥିତି, ରୋଜଗାର ଓ ପୁଅର ସାଧାରଣ ସ୍ୱାସ୍ଥ୍ୟ କଥା ସେମାନେ ପଚାରି ବୁଝନ୍ତି ଓ ପରିବାରର ପରିଷ୍କାର ଓ ପରିଛନ୍ନତାକୁ ନଜର ପକାନ୍ତି । ବିଂଶ ଶତାବ୍ଦୀ ପୂର୍ବରୁ ଲୋଧାମାନେ ପୁଅ ଓ ଝିଅର କୋଷ୍ଠି ଦେଖୁ ନ ଥିଲେ । ସେମାନେ ଏବେ ସ୍ଥାନୀୟ ପୂଜକ ଓ ବିଜ୍ଞ ଲୋକଙ୍କ ପାଖରୁ ପୁଅଝିଅଙ୍କ ବିବାହ ସମ୍ପର୍କରେ ଶୁଭାଶୁଭ କଥା ବୁଝୁଛନ୍ତି ।

ବରପକ୍ଷ ଓ କନ୍ୟାପକ୍ଷ ପରସ୍ପରଙ୍କ ଘରକୁ ବୈବାହିକ ସ୍ଥାପନ ପାଇଁ ଯିବା ଆସିବା ବେଳେ ରାସ୍ତାରେ ଦୃଶ୍ୟ ହୋଇଥିବା କେତେକ ସଙ୍କେତକୁ ଭଲ କିମ୍ବା ମନ୍ଦ ଘଟଣାର ପୂର୍ବାଭାସ ରୂପେ ବିଚାର କରନ୍ତି ।

ଜାଳେଣି କାଠ କାଟିବା, ଗୃହପାଳିତ ପଶୁର ମୃତ୍ୟୁ ହେବା, ଅସ୍ୱଭାବିକ ଭାବରେ କୁକୁର ଭୁକିବା, ବାଛୁରୀ ପାଇଁ ଗାଈର ହମ୍ବାଳି ଛାଡ଼ିବା, ଆଦି ସଙ୍କେତକୁ ଅମଙ୍ଗଳ ସୂଚକ ରୂପେ ଲୋଧାମାନେ ବିବେଚନା କରନ୍ତି । ଭର୍ତ୍ତିପାଣି ମାଠିଆକୁ ମହିଳା ବୋହି ଆଣୁଥିବା ଘଟଣାକୁ ଶୁଭସୂଚକ ରୂପେ ବିବେଚନା କରାଯାଏ । ବିବାହ ପ୍ରସ୍ତାବକୁ କନ୍ୟାପକ୍ଷ ଗ୍ରହଣ କରିବା ପୂର୍ବରୁ କନ୍ୟାର ସମ୍ମତି ନିଆଯାଏ, କନ୍ୟାର ମାତା ପିତା ମଧ୍ୟ ଅନ୍ୟ ପ୍ରଭାବଶାଳୀ ସମ୍ପର୍କୀୟଙ୍କ ଉପଦେଶ ଓ ମତାମତ ନିଅନ୍ତି । ଫଳରେ ବିବାହ ପ୍ରସ୍ତାବ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ପରସ୍ପର ଘରକୁ ଏକାଧିକ ଥର ଯିବା ଆସିବାକୁ ପଡ଼ିଥାଏ । ଉଭୟ ପକ୍ଷ ବିବାହ ପାଇଁ ସହମତି ପ୍ରଦାନ ପରେ ବିବାହ ଉତ୍ସବର ଅନ୍ୟ ପର୍ଯ୍ୟାୟକୁ ସେମାନେ ପାଦ ବଢ଼ାନ୍ତି ।

**ବରଦେଖା :**

ଲୋଧା ସମାଜର ବରଦେଖା ହେଉଛି ବିବାହ ଉତ୍ସବ ହେବା ପୂର୍ବର ଏକ ବିଶିଷ୍ଟ ଉତ୍ସବ । କନ୍ୟାପିତା ନିକଟ ସମ୍ପର୍କୀୟ ସହ ପୂର୍ବ ନିର୍ଦ୍ଧାରିତ ଦିନ ଭାବି ଜାମାତାଙ୍କ ଘରକୁ ଆସନ୍ତି । ଭାବି ଜାମାତାଙ୍କୁ ବିଧିବଦ୍ଧ ଭାବେ ଗ୍ରହଣ କରିବା ପାଇଁ ଫୁଲମାଳ, ମିଠା, ନୂଆ ଲୁଗା ଆଦି ସାଥିରେ ନେଇକି ଆସନ୍ତି । କେତେକ ଲୋକ ନୂଆ ଲୁଗା ସହ ରୂପା ହାର ବା ମୁଦି ଆଦି ଉପହାର ଭାବି ଜାମାତାଙ୍କୁ ଦିଅନ୍ତି । ବର ଦିନର ଅପର ଓଳିକୁ କନ୍ୟାଘରୁ ଆସିଥିବା ଉପହାରକୁ ପିନ୍ଧି ଅଗଣାକୁ ଆସି ସମସ୍ତଙ୍କ ସମ୍ମୁଖରେ ଉପବେସନ କରେ । ଏହାପରେ ତାକୁ ଚନ୍ଦନ ମଖାଯାଏ । ତା' କାନରେ ଫୁଲ ଖୋସାଯାଏ ଓ ମିଠା ଖାଇବାକୁ ଦିଆଯାଏ । ଏହାଦ୍ୱାରା ଆଶା କରାଯାଏ ସେ ତା' ଶ୍ୱଶୁର ଘରର ଲୋକଙ୍କ ସହ ମଧୁର ଭାଷାରେ କଥାବାର୍ତ୍ତା କରିବ । ତା' କଣ୍ଠସ୍ୱର ଓ ସାଧାରଣ ଜ୍ଞାନ ପରଖିବା ପାଇଁ ତାକୁ କେତେକ ସାଧାରଣ ପ୍ରଶ୍ନ ପଚରାଯାଏ । ସମସ୍ତଙ୍କୁ ସମ୍ମାନ ପ୍ରଦର୍ଶନକରି ମଥା ନୁଆଁଇ ନମସ୍କାର କରେ । ଏହି ସବୁ କାର୍ଯ୍ୟ ପରେ ଏ ଉତ୍ସବର ସମାପ୍ତି ହୁଏ । କନ୍ୟା ପିନ୍ଧାଣି ବା ପିନ୍ଧଓ୍ୱାନର ଦିନ ଧାର୍ଯ୍ୟ ହୁଏ । ଏହାପରେ ଉଭୟ ପକ୍ଷର ଲୋକମାନେ ଏକାଠି ବସି ଖିଆପିଆ କରନ୍ତି । ଏତିକିବେଳେ ନିଶାଦ୍ରବ୍ୟ ସେବନ ମଧ୍ୟ ହୁଏ ।

**ପିନ୍ଧଓ୍ୱାନ (ପିନ୍ଧାଣି) :**

ପିନ୍ଧଓ୍ୱାନ ବା ପିନ୍ଧାଣିକୁ ଆଶୀର୍ବାଦ ଉତ୍ସବ କୁହାଯାଏ । ପୂର୍ବ ନିର୍ଦ୍ଧାରିତ ଦିନ ବରର ପିତା ନିକଟ ସମ୍ପର୍କୀୟ ସହ ନୂଆ ବସ୍ତ୍ର, ଗହଣା, ମିଠା ଧରି କନ୍ୟା ଘରକୁ କନ୍ୟାକୁ ଆଶୀର୍ବାଦ ଦେବା ପାଇଁ ଆସନ୍ତି । କନ୍ୟା ନୂଆ ବସ୍ତ୍ର ଓ ଗହଣାଗାଣ୍ଠି ପିନ୍ଧି ଉପସ୍ଥିତି ଗୁରୁଜନଙ୍କ ସମ୍ମୁଖକୁ ଆସି ସମସ୍ତଙ୍କୁ ସମ୍ମାନର ସହିତ ପ୍ରଣାମ କରେ ଆଶୀର୍ବାଦ ପାଇବା ପାଇଁ । ଏତିକିବେଳେ ସ୍ତ୍ରୀଲୋକମାନେ ଶଙ୍ଖଧ୍ୱନି କରି ହୁଳହୁଳି କରନ୍ତି । କନ୍ୟାର ପିତାଙ୍କୁ ବରର ପିତା କିଛି ଟଙ୍କା କନ୍ୟାପଣ ଦିଅନ୍ତି । ଏହାର ପରିମାଣ ପୂର୍ବରୁ ଆପୋଷ କଥାବାର୍ତ୍ତା କରି ନିର୍ଦ୍ଧାରିତ ହୋଇଥାଏ । ଏବେ ଟ. ୭୦୦.୦୦ରୁ ଟ. ୧୦୦୦.୦୦ ମଧ୍ୟରେ କନ୍ୟାପଣ ଦିଆନିଆ ହେଉଛି । ବରର ପିତା ଏକ କଂସା ଥାଳିରେ କନ୍ୟାପଣକୁ ଉପସ୍ଥିତ ଥିବା ସବୁ ଲୋକଙ୍କ ସାମନାରେ ପ୍ରଦାନ କରନ୍ତି । କନ୍ୟା ଗାଁ'ର ଲୋକମାନେ ଏହାକୁ ସମସ୍ତଙ୍କ ସାମନାରେ ଗଣିଥାନ୍ତି । ଏତିକିବେଳେ ସ୍ତ୍ରୀ ଲୋକମାନେ

ଗାଇଥିବା ଗୀତ ଏହିପରି –

ଫୁଲମାଳା ହାଲା ହାଲା
ଆଗୋ ବାପା କାଟେ କତରାତି ଗୋ
ତିନ୍ ଟାକା ଲୋଭେ ବାପ୍ ଗୋ
ଗୁଚାଇଁ ଦିଲେହେ ମୋର ଜାତି
ଦଶ ମାସ ଦଶ ଦିନ ଆମା ଉଦରେ ଧରିଲ
ମାଈଁଶାଲୀ ଲୋଭେ ମାଈଁ ଗୋ
ଗୁଚାଇଁ ଦିଲେ ହେ ମୋର ଜାତି
କଲେ କାଁଖେ ଲିଦି ଦାଦା
ଆଗୋ ଦାଦା ଲେଖା ପଢ଼ା ଶିଖାଲିରେ
ଶାଲା ଧୁତିର ଲୋଭେ ଦାଦା
ଗୁଚାଇଁ ଦିଲେହେ ମୋର ଜାତି

ଏହି ଗୀତ ସୂଚନା ପ୍ରଦାନ କରୁଛି ଯେ କନ୍ୟାପଣ ଦେବା ନେବା ପ୍ରଥା ଲୋଧା ସମାଜରେ ପ୍ରଚଳିତ ଥିବା କଥା । କନ୍ୟା ବିବାହରେ କନ୍ୟାସୁନା ବାବଦରେ ବାପାଙ୍କୁ ଟଙ୍କା ମିଳେ, ମା'ଙ୍କୁ ଶାଢ଼ି ମିଳେ ଓ ଭାଇକୁ ଶଳା ଧୋତି ମିଳେ ।

**ବିବାହ ନିମନ୍ତ୍ରଣ :**

ବିବାହ ଦିନ ଧାର୍ଯ୍ୟ ହେବା ପରେ ଉଭୟ ପକ୍ଷ ନିଜ ନିଜର ବନ୍ଧୁବାନ୍ଧବଙ୍କ ପାଖକୁ ପଠାଇବା ଚଳଣି ଲୋଧା ସମାଜରେ ରହିଛି । ସେମାନେ ଗାଁ' ମୁଖିଆ, କଟୁଆଳ, ଡାକୁଆ, ଦେହୁରି, ଧୋବା, ବାରିକ ଓ ବୈଷ୍ଣବ ଆଦିଙ୍କ ପାଖକୁ ମଧ୍ୟ ବିବାହ ନିମନ୍ତ୍ରଣ ଦିଅନ୍ତି । ସେମାନେ ଆମ୍ବପତ୍ର ଓ ଗୁଆ ଦେଇ ନିମନ୍ତ୍ରଣ କରନ୍ତି । ଯେକୌଣସି ଲୋକ ହଳଦୀ ବୋଳା, ଗୁଆ ବା ସଜ ଆମ୍ବପତ୍ର ଧରି ନିମନ୍ତ୍ରଣ ଦେବା ପାଇଁ ଯାଇପାରେ । ଯେତେବେଳେ ତାକୁ ଗୋଡ଼ ଧୋଇବା ପାଇଁ ପାରି ଦିଆଯାଏ ସେତେବେଳେ ସେ ଗୁଆଟିକୁ ପାଣିରେ ରଖିଦିଏ ବା ଆମ୍ବପତ୍ରଟିକୁ ସେମାନଙ୍କୁ ଧରାଇ ଦିଏ । ଲୋଧା ପରମ୍ପରା ହେଉଛି ବନ୍ଧୁମାନେ ଗୁଆଟିକୁ ବା ଆମ୍ବପତ୍ରକୁ ଗ୍ରହଣ କରୁଥିବା ବେଳେ ନିମନ୍ତ୍ରଣ ଦେଇଥିବା ଲୋକଟି ବିବାହ ସମ୍ବନ୍ଧରେ ତାଙ୍କୁ ଜଣାଇଥାଏ । ଏହାପରେ ଗୁଆଟିକୁ ବନ୍ଧୁ ଲୋକଟି ଫେରେଇ ଦିଏ ନିମନ୍ତ୍ରଣକାରୀକୁ । ଏହିପରି କ୍ରିୟା ଚାଲେ ଶେଷ ନିମନ୍ତ୍ରୀତ ବନ୍ଧୁଙ୍କ ପର୍ଯ୍ୟନ୍ତ ବ୍ୟତିକ୍ରମ ଏତିକି ଯେ ଶେଷ ନିମନ୍ତ୍ରୀତ ବନ୍ଧୁଙ୍କ ପାଖରୁ ଗୁଆଟିକୁ ଆଉ ଫେରେଇ ନିଆଯାଏ ନାହିଁ । ଏହି ନିମନ୍ତ୍ରଣ ଦେବା ପଦ୍ଧତି ଗାଁ' ଗାଁ' ମଧ୍ୟରେ ଭିନ୍ନ ଭିନ୍ନ ପ୍ରଣାଳୀ ଅନୁସରଣ କରାଯାଏ ମଧ୍ୟ । ବେଳେବେଳେ ଦଶ ଗୋଟି ଗୁଆ ନିମନ୍ତ୍ରିତ ବନ୍ଧୁଙ୍କୁ ଦିଆଯିବା ପ୍ରଥା ମଧ୍ୟ ନଜରକୁ ଆସେ । ଅବଶ୍ୟ ଏବେ ନିମନ୍ତ୍ରଣ ଦେବା ପଦ୍ଧତିର ପରିବର୍ତ୍ତନ ହେଲାଣି । ଏବେ ଛପା ନିମନ୍ତ୍ରଣ

ପତ୍ର ଦେବା ଚଳଣି ଆରମ୍ଭ ହେଲାଣି । ଗରୀବ ଶ୍ରେଣୀର ଲୋଧାମାନେ ନାଲି କାଳିରେ ହାତ ଲେଖା ପତ୍ରକୁ ନିମନ୍ତ୍ରଣ ପତ୍ର ହିସାବରେ ବ୍ୟବହାର କରନ୍ତି । ଲୋଧା ସମାଜରେ ଗାଁ' ସାହିର ଲୋକମାନଙ୍କୁ ମୌଖିକ ନିମନ୍ତ୍ରଣ ଦିଆଯିବା ଚଳଣି ରହିଛି ଏବେ ମଧ୍ୟ ।

**ଲଗ୍ନ :**

ବିବାହ ଉତ୍ସବର ଏକ ଗୁରୁତ୍ୱପୂର୍ଣ୍ଣ ବିଧି ହେଉଛି ଲଗ୍ନ । ଏହା ବିବାହ ଉତ୍ସବର ପ୍ରସ୍ତୁତିର ଶୁଭବାର୍ତ୍ତାବହ ରୂପେ ପରିଗଣିତ । ଏ ଲଗ୍ନ ବା ବାର୍ତ୍ତାରେ ରହିଥାଏ – ନୂଆ ବସ୍ତ୍ରରେ ଘୋଡ଼ା ଯାଇଥିବା ସାତଖଣ୍ଡ ହଳଦୀ, କାଠ ପାନିଆ, କାଠର ମାଳି, ଦର୍ପଣ, ଅରୁଆ ଚାଉଳ, ବରକୋଳି ପତ୍ର, ଦୁବଘାସ ଓ ତେଲ ଆଦି । ଏସବୁ ସାମଗ୍ରୀକୁ ବିବାହ ଦିନ ବା ତା'ର ଦୁଇ ତିନି ଦିନ ପୂର୍ବରୁ ବର ଘରୁ କନ୍ୟା ଘରକୁ ପଠାଯାଏ । ପ୍ରଥମେ ଗ୍ରାମ ପୂଜକ ତେଲ ଓ ହଳଦୀକୁ ଗ୍ରାମ ଦେବତା - ଗରାମକୁ ଅର୍ପଣ କରନ୍ତି । ଏହାପରେ ଉପରୋକ୍ତ ସାମଗ୍ରୀ ଗୁଡ଼ିକୁ ଗ୍ରାମବାସୀଙ୍କ ସାମନାରେ ନୂଆ ଲୁଗାରେ ଗୁଡ଼ାଇ ଦିଆଯାଏ । ପୂର୍ବକାଳରେ ସଜା ଯାଇଥିବା ମାଟି ପାତ୍ରରେ ଏ ସାମଗ୍ରୀଗୁଡ଼ିକୁ ପଠାଯାଉଥିଲା । ବିଯୋଡ଼ ସଂଖ୍ୟାକ ପୁରୁଷ ଲୋକମାନେ ଏହାକୁ ନେଇ ଯାଆନ୍ତି । ରାସ୍ତାରେ ବିଶ୍ରାମ ନ ନେଇ ସେମାନେ କନ୍ୟା ଘରେ ପହଞ୍ଚନ୍ତି । ଏହି ଲଗ୍ନ ବା ନଗ୍ନ ହାଣ୍ଡିକୁ କନ୍ୟାଘରେ ଗ୍ରାମବାସୀଙ୍କ ସାମନାରେ ଖୋଲାଯାଏ । ସ୍ତ୍ରୀ ଲୋକମାନେ ଶୁଭଶଙ୍ଖ ବଜାନ୍ତି ଓ ହୁଳହୁଳି ଦିଅନ୍ତି । ହଳଦୀକୁ ବାଟି ତେଲରେ ମିଶାଇ ଦିଆଯାଏ । କନ୍ୟାର ମାଆ ଓ ଭଉଣୀମାନେ ଏହି ହଳଦୀ ତେଲକୁ କନ୍ୟାର ଶରୀରର ବିଭିନ୍ନ ଅଙ୍ଗରେ ଲେପନ କରନ୍ତି । ଏତିକି ବେଳେ ଲୋଧା ମହିଳାମାନେ ଏପରି ଗୀତ ବୋଲନ୍ତି –

ବାର ବାର ମଙ୍ଗଲ୍ ବାର ଗୋ
କାର ଘରେ ବସେ ନୂଆ ହାଣ୍ଡି ଗୋ
ନୂଆ ହାଣ୍ଡି ବସେ ଲିଲଜ୍ ଉମ୍‌ରାଇ ଲୋ ଗୋ ।

ଲୋଧାମାନଙ୍କ ପାଇଁ ମଙ୍ଗଳବାର ଏକ ଅତି ଶୁଭଦିନ । ଏହି ମଙ୍ଗଳବାର ଦିନ ମଙ୍ଗଳ ହାଣ୍ଡି (ଲଗ୍ନ ହାଣ୍ଡି)କୁ ବର ଘରୁ କନ୍ୟାଘରକୁ ପଠାଇବା ପରମ୍ପରା ରହିଛି ଲୋଧା ବିବାହ ଉତ୍ସବ ବେଳେ ।

**ହଳଦ୍ ମାଖା :**

ବରର ଭାଉଜମାନେ ଓ ଭଉଣୀମାନେ ବିବାହ ଦିନ ବରକୁ ତିନିଥର ହଳଦୀ ମଖାନ୍ତି । ଅଶୁଭ ନଜରକୁ ପ୍ରତିହତ କରିବା ପାଇଁ ବର ହାତରେ ଗୁଆକାତି ଧରେ ଓ ବେକରେ ମାଳଟିଏ ପିନ୍ଧେ । ଗ୍ରାମର ସ୍ତ୍ରୀଲୋକମାନେ ଏତିକି ବେଳେ ଗାଉଥିବା ଗୀତ ଏହିପରି ହୋଇଥାଏ –

ଡୁଙ୍ଗୁରିଆ ଧାରେ ଧାରେ କୁରାଡ଼ୀ ଶବଦ ଗୋ
କେ ଗୋ କାଟେ ଚନ୍ଦନେରୀ କାଟ
ଚନ୍ଦନେର ତଲେ ବାବୁ ତୋହର ଜନମ୍ ଗୋ
ମାଖ ବାବୁ ଅଭଲା ଚନ୍ଦନ ।

**ଅଭଲା ଖିଆ :**

ବର ବିବାହ ପାଇଁ କନ୍ୟା ଘରକୁ ପ୍ରସ୍ଥାନ କରିବା ପୂର୍ବରୁ ବରଯାତ୍ରୀଙ୍କୁ ଶେଷଥର ପାଇଁ ଭୋଜିଭାତ ଖାଇବାକୁ ଦିଆଯାଏ । ଏହି ଭୋଜନକୁ ଅଭଲାଖିଆ କୁହାଯାଏ । ଏହା ସୂଚିତ କରୁଛି ଏହାପରେ ଯୁବକଟି ଆଉ ଅବିବାହିତ (ଅଭଲା) ହୋଇ ରହିବ ନାହିଁ । ବରଯାତ୍ରୀଙ୍କୁ ନିଜ ଘରେ ଖାଦ୍ୟ ଖାଇବାକୁ ମନା କରାଯାଇଥାଏ ବରର ମୁରବୀଙ୍କ ଦ୍ୱାରା । ସନ୍ଧ୍ୟାବେଳେ ଗାଧୋଇବା ପୂର୍ବରୁ ଅତିଥିଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଖାଇବା ଚଳଣି । ଏହା ଆମିଶ ବି ହୋଇପାରେ ବା ନିରାମିଶ ବି ହୋଇପାରେ । ବରଯାତ୍ରୀଙ୍କୁ ବରର ମାମୁଁ ଘରୁ ଆସିଥିବା ଖାଦ୍ୟକୁ ପ୍ରଥମେ ପରଷା ଯିବା ପରମ୍ପରା ଲୋଧା ସମାଜରେ ରହିଛି ।

**ସିନାଇ ଫେରା :**

ବାରିକ ବର ବିବାହ ପାଇଁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ସିନାଇ ଫେରା କାର୍ଯ୍ୟଟିକୁ ସମ୍ପାଦନ କରେ । ବରର କାନି ଅଙ୍ଗୁଳିର ଉପର ଭାଗରୁ ରକ୍ତ ବାହାର କରେ ବାରିକ । ଏହାପରେ ବରର ପାଦରେ ଅଳତା ଲଗାଇ ଦିଆଯାଏ । ଏତିକି ବେଳେ ଲୋଧା ରମଣୀମାନେ ଗାଉଥିବା ଗୀତ :-

ପୂରବ ପଶ୍ଚିମ ଉତ୍ତର ଦକ୍ଷିନ୍‌ରେ ନାପିତ
ଭାଲ ଆଲତା ଦିବି ନାମିତ ଫିକା ଆଲତା ଦିବି ନାଇଁ
ଆଙ୍ଗଲ୍ କାଟେ ରକ୍ତ ଦିବିରେ ନାପିତ୍ ତରକିବା ଯାଏ
ଆଙ୍ଗଲ୍ କାଟ୍ ବିରେ ବାରିକ୍ ରକତ୍ ଲିବି ନାୟ
ରକତ୍ ଲିବିରେ ବାରିକ୍ ତର କିବା ଯାଏ
ଚାନ୍ଦେର୍ ପାରା ବହୁକ୍ ନାପିତ୍ ଛାଲିଁ ଆସିଛେ
ଚାର୍ ଆଣା ପଇସାର ଜନ୍‌ନେରେ ବାରିକ୍ ଜାଗିଏଁ କୁହାଇ
ନଖ କାଟବିରେ ବାରିକ୍ ଆଙ୍ଗୁଲ୍ କାଟିବି ନାୟ
ଆଙ୍ଗୁଟ୍ କାଟି ରକତ୍ ଲିବିରେ ବାରିକ୍ ତରକିବା ଯାୟ

**ଅଭଲା ସିନାନ୍ :**

ବିବାହ ପୂର୍ବ ସନ୍ଧ୍ୟାରେ ସ୍ନାନକୁ ଅଭଲା ସିନାନ୍ କହନ୍ତି ଲୋଧାମାନେ । ଏଥିରେ ଭେଣେଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଘର ପଛପଟେ ଭିଣୋଇ କୋଦାଳରେ ଗାତ ଖୋଳି ତା' ଉପରେ ଯୋଡ଼ିଏ ବା ଚାରୋଟି କାଠ ଫାଳିଆ / ପଟା ରଖେ, ତା' ଉପରେ ପତର ଖଲିକୁ ଓଲଟା କରି ଥୋଇ ଦିଆଯାଏ । ଭିଣୋଇ ବରକୁ, ଛୋଟ ଶିଶୁକୁ ଗାଧୋଇ ଦେବା ପରି, ଗାଧୋଇ ଦିଅନ୍ତି । ଏହାପରେ ବରକୁ ନୂଆ ବସ୍ତ୍ର ପିନ୍ଧାଇ ଦେଇ ମୁଣ୍ଡରେ ମୁକୁଟ ପିନ୍ଧାଇ ଦିଅନ୍ତି । ଏହା ହେଉଛି ଲୋଧା ସଂସ୍କୃତିରେ ଶଳା ବିବାହରେ ଭିଣୋଇର ଭୂମିକାକୁ ଗୁରୁତ୍ୱ ପ୍ରଦାନ କରିବା ପ୍ରଥା ।

**ଆମ୍ ବେହା :**

ବର ନୂଆ ବସ୍ତ୍ର ପରିଧାନ କରି ମୁକୁଟ ପିନ୍ଧି, ଆମ୍ବଗଛ ପାଖକୁ ଆସେ । ବର ତା'ର ଡାହାଣ ହାତକୁ ଆମ୍ବଗଛରେ ଥୁଏ, କଟାଳ (ପୁରୋହିତ), ତନ୍ତୀ ପାଖରୁ ଅଣା ଯାଇଥିବା ସୂତାକୁ ବର ହାତରେ ସାତଥର ଗୁଡ଼ାଇ ଦିଏ । ଉପସ୍ଥିତ ସ୍ତ୍ରୀଲୋକମାନ ହୁଳହୁଳି ଦିଅନ୍ତି ଓ ଅନ୍ୟ ମହିଳାମାନେ 'ହରିବୋଲ' ଧ୍ୱନି କରନ୍ତି । ଲୋଧାଲୋଧାମାନେ ଆମ୍ବଗଛକୁ ପ୍ରଣାମ କରନ୍ତି । କଟାଳ ବା କଟୁଆଳ ଆମ୍ବପତ୍ରରେ ପ୍ରସ୍ତୁତ 'କାକ୍‌ନା'କୁ ବର ହାତରେ ବାନ୍ଧିଦିଏ ।

**ମହୁଲ୍ ବେହା :**

କନ୍ୟାକୁ ସାଜସିଙ୍ଗାର୍ କରି ମହୁଲ ଗଛ ପାଖକୁ ଅଣାଯାଏ । କନ୍ୟା ତା'ର ବାମ ହାତକୁ ମହୁଲ ଗଛ ଗଣ୍ଡିରେ ଥୁଏ । ଏହାକୁ ସୂତାରେ ବନ୍ଧାଯାଏ । କନ୍ୟାର 'କାକ୍‌ନା' ମହୁଲ ପତ୍ରରେ ତିଆରି କରାଯାଏ ।

ଲୋଧାମାନଙ୍କ ବିଚାରରେ ଆମ୍ବଗଛ ଓ ମହୁଲ ଗଛ ଅତି ପବିତ୍ର ଗଛ । ଏହାର ପାପନାଶ କରିବାର କ୍ଷମତା ରହିଛି । ଏହି ଗଛମାନଙ୍କରେ ଫୁଲ ଫୁଟି ଫଳ ଧରିଥାଏ । ବିବାହର ପବିତ୍ର ବନ୍ଧନରେ ବନ୍ଧା ହେବା ପରେ ବରକନ୍ୟା ଗଛ ପରି ଯେତେ ଇଚ୍ଛା ସେତେ ସଂଖ୍ୟକ ପୁତ୍ରକନ୍ୟା ଜନ୍ମ କରିପାରିବେ ।

ମହୁଲ ବେହା ପରେ, କଟୁଆଳ କନ୍ୟାର ଗୋତ୍ର କାଟ ବିଧି, ଛାମୁଣ୍ଡିଆ ତଳେ କରିଥାଏ । ବର ଓ କନ୍ୟା ଦୁହେଁ ବିବାହ କରିଥିବା ଗଛକୁ ଚଢ଼ିବା ମନା, ଡାଳପତ୍ର ଭାଙ୍ଗିବା ନିଷେଧ ଓ ଏହି ଗଛର ଫଳ ଖାଇବା ମନା । ଏହି ଗଛଗୁଡ଼ିକୁ ସ୍ୱାମୀ ଓ ସ୍ତ୍ରୀ ଦୁହିଁଙ୍କ ବୈବାହିକ ଜୀବନର ସୁରକ୍ଷାକାରୀ "ଜୀବନ ନାଟି" ରୂପେ ଲୋଧା ଲୋକେ ବିବେଚନା କରନ୍ତି ।

**ବରଯାତ୍ରୀ :**

ବର ନିଜ ବନ୍ଧୁବାନ୍ଧବଙ୍କ ସହ ବିବାହ ହେବା ପାଇଁ କନ୍ୟା ଘରକୁ ପାଦରେ ବା ବଳଦ ଗାଡ଼ିରେ ଚଢ଼ିଯାଏ । ଅନ୍ୟମାନଙ୍କ ମଧ୍ୟରେ ରହନ୍ତି ତା' ଜେଜେମା' ଓ ଭିଣୋଇ । ଜ୍ଞାତି କୁଟୁମ୍ବମାନେ ଶଗଡ଼ରେ ବସି ଯାଆନ୍ତି ଓ ଅନ୍ୟମାନେ ପାଦରେ ଚାଲି ଚାଲି ଯାଆନ୍ତି । ଏବେ ଅବଶ୍ୟ ବର ବିବାହ ହେବା ପାଇଁ ମଟର ଯାନବାହାନରେ ଯାଉଛି । ମଟର ଯାନବାହାନ ମଧ୍ୟରେ ରହୁଛି, ଅଟୋରିକ୍ସା, ଚାରିଚକିଆ କମାଣ୍ଡର୍ ବା ଟାକ୍ଟର । ବୈଷ୍ଣବମାନେ ପୁରୋହିତର କାମ ବିବାହରେ ତୁଲାଉଛନ୍ତି । କନ୍ୟା ଗାଁ'ରେ ବର ଓ ବରଯାତ୍ରୀଙ୍କୁ ସାଦରେ ସ୍ୱାଗତ କରନ୍ତି । ଅବଶ୍ୟ ମହିଳାମାନେ ବରକୁ ତାଚ୍ଛଲ୍ୟ କରି ଏପରି ଗୀତ ବୋଲନ୍ତି -

ସିଂଘଭୂଇଁ ଗାଁ ଘୁରି ଆଇଲୁ
ମାନଭୂଇଁର ଗାଁ ଘୁରି ଆଇଲୁ
ଧଳଭୂଇଁ ବି ଘୁରି ଆଇଲୁ
ବହୁ ପାଇଲୁ ନାହିଁ

ପଥର ନେସା (ଗାଁ'ର ନାମ)ରେ ପାଇଲୁ
ସାବନ୍ ମାଖା ବହୁଟିଏ
ହଳଦୀ ମାଖା ବହୁଟିଏ ।

ବରପକ୍ଷର ସ୍ତ୍ରୀ ଲୋକମାନେ ମଧ୍ୟ ଗୀତ ବୋଲନ୍ତି । ଶେଷରେ ବରପକ୍ଷର ବିଜୟ ହୁଏ । ବରଯାତ୍ରୀମାନେ ବିଜୟ ଲାଭ କରି ଆନନ୍ଦରେ ଏପରି ଗୀତ ଗାଇଥାନ୍ତି –

'ଆଗ କନିଆର ମାଆ, ସୁଧା ଘରନିଏ
ତରବେଟୀ କେ ନିଏଯାବ ଚଢ଼ଚଢ଼ି ବାଜିଏଁ ।"

କନ୍ୟା ପକ୍ଷ ହାର ସ୍ୱୀକାର କରି ଏପରି ଗୀତ ବୋଲନ୍ତି –

"ଥାଲି ଥାଲି ଟାକା ନିଲି ଦିଲି ପରେର ଘାରେ ।"

**ବିବାହ :**

ବର କନ୍ୟା ଘରେ ପହଞ୍ଚି ଶଗଡ଼ରୁ ଓହ୍ଲାଇ ଆସି ବର ଯାଇ ପୂର୍ବ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଏ । ସେ ପୂର୍ବରୁ ବିଛା ହୋଇ ରହିଥିବା ନୂଆ ପାଲ ପଟିଆରେ ବସେ । ବରର ଭିଣୋଇ ଓ କଟୁଆଳ / କଟାଳ ବର ସହ ବସନ୍ତି ।

ବର ଆସି ପହଞ୍ଚିଲେ କନ୍ୟାକୁ ମହୁଲ ଗଛ ସହ ବିବାହ କରାଇବା ପ୍ରସ୍ତୁତି ଆରମ୍ଭ ହୁଏ । କନ୍ୟାକୁ ହଳଦୀ ଲଗାଇ ମହୁଲ ଗଛ ସହ ବିବାହ କରିଦିଆଯାଏ (ପୂର୍ବ ବର୍ଣ୍ଣିତ ପ୍ରଣାଳୀରେ) । ହଳଦୀ ମାଖା ଶାଢ଼ୀ ପିନ୍ଧି କନ୍ୟାର ମାଆ ବରକୁ ବାହାରେ ନିର୍ମାଣ କରାଯାଇଥିବା ଛାମୁଣ୍ଡିଆ ତଳେ ବରକୁ ନେଇ ବସାନ୍ତି । ବର ସହ ତା' ଭିଣୋଇ ଓ କଟୁଆଳ ବସନ୍ତି ।

ମହୁଲ ବେହା ପରେ କନ୍ୟା ବିବାହ ବେଦୀ ପାଖକୁ ଆସେ । ସେ ବେଦୀ ପାଖରେ ପୂର୍ବରୁ ଛିଡ଼ା ହୋଇଥିବା ବର ସାମନାରେ ଆସି ଛିଡ଼ାହୁଏ । ବରର ଭିଣୋଇ କିମ୍ବା କନ୍ୟାର ଭାଇ ବରକୁ କାନ୍ଧେଇ ବିବାହ ବେଦୀରେ ଠିଆ କରନ୍ତି । ବର ଓ କନ୍ୟା ପରସ୍ପରକୁ ନ ଦେଖିପାରିବା ପାଇଁ ଉଭୟଙ୍କୁ ନୂଆ ଲୁଗା ଦ୍ୱାରା କିମ୍ବା ଛତାଦ୍ୱାରା ଘୋଡ଼ାଇ ଦିଆଯାଏ । ଏହିପରି ଅବସ୍ଥାରେ ବର ଓ କନ୍ୟା ବିପରୀତ ମୁଖୀ ହୋଇ, ବିବାହ ବେଦୀ ଚାରିପାଖରେ ସାତଥର ଘୁରନ୍ତି । ଏହାପରେ କଟୁଆଳ, ବରକନ୍ୟାଙ୍କ ସୁଖକର ବୈବାହିକ ଜୀବନ ପାଇଁ, ଧର୍ମ ଦେବତାଙ୍କୁ ପ୍ରାର୍ଥନା କରନ୍ତି । ପ୍ରାର୍ଥନା ସାରି କଟୁଆଳ ବରକନ୍ୟାଙ୍କ ଉପରକୁ ଧାନ, ଅରୁଆ ଚାଉଳ ଫିଙ୍ଗନ୍ତି । ଏହାପରେ ବର କନ୍ୟା ବେଦୀର ଦୁଇ ପାଖରେ ବସନ୍ତି । କଟୁଆଳ ଘଟ ଉପରେ କନ୍ୟାର ହାତକୁ ବର ହାତରେ ରଖି ହଳଦୀ ବୋଳା ନୂଆ ସୂତାରେ ବାନ୍ଧି ଦିଅନ୍ତି । କନ୍ୟାର ପିନ୍ଧା ଶାଢ଼ିକୁ ବରର ପଗଡ଼ି ସହିତ ଗଣ୍ଠେଇ ଦିଅନ୍ତି । ବରକନ୍ୟାଙ୍କୁ ଘୋଡ଼ାଇ ରଖିଥିବା ପରଦା / ଛତାକୁ ଅପସାରଣ କରାଯାଏ । କଟୁଆଳ କନ୍ୟାକୁ ବରର ବାମପାଖେ ବସାଇ ଦିଅନ୍ତି । ପୂର୍ବରୁ ଥାଳିରେ ରଖାଯାଇଥିବା ଦୁବ, ଧଳା ଧାନ, ସିନ୍ଦୂର ପ୍ରଭୃତି ଦ୍ୱାରା ବନ୍ଦାପନା କରାଯାଏ । କଟୁଆଳ କନ୍ୟାର ମଥାରେ ସିନ୍ଦୂର ଲଗାଇ ଦେବା

ପାଇଁ ବରକୁ କହନ୍ତି । ହାତରେ ଧରିଥିବା ଗୁଆକାତି ସାହାଯ୍ୟରେ ବର କନ୍ୟାର କପାଳ ଓ ସିନ୍ଥିରେ ତିନି ଥର ସିନ୍ଦୂର ଲଗାଇ ଦିଏ । କନ୍ୟା ମଧ୍ୟ ବରର କପାଳରେ ସେହିପରି ତିନି ଥର ସିନ୍ଦୂର ଲଗାଏ । ଉପସ୍ଥିତ ଲୋକ ସମସ୍ତେ 'ହରିବୋଲ' ଧ୍ୱନି କରନ୍ତି । ଉଲ୍ଲେଖଯୋଗ୍ୟ ଯେ ବିବାହ ଦିନରୁ ବିବାହ ଶେଷ ହେବା ପର୍ଯ୍ୟନ୍ତ ଲୋଧା ବର ହାତରେ ଗୁଆକାତି ଓ କନ୍ୟା ହାତରେ କଜଳ ପାତି ଧରିବା ବିଧି । ସିନ୍ଦୂର ପିନ୍ଧା କର୍ମ ସମ୍ପାଦନ ପରେ ଦୁହିଁଙ୍କ ମୁଣ୍ଡରେ ଦୁଇଟି ମଉଡ଼ ପିନ୍ଧାଇ ଦିଆଯାଏ । ବିବାହ କାର୍ଯ୍ୟ ସମ୍ପନ୍ନ ପରେ ବରକନ୍ୟାଙ୍କୁ ଗାଁ'ର ବଡ଼ାମ ଶାଳ ଓ ଶୀତଳା ଧାନକୁ ନିଆଯାଏ । ବଡ଼ାମ ଶାଳ ଓ ଶୀତଳା ଧାନରୁ ବରକନ୍ୟା ଫେରିବା ପରେ କନ୍ୟାର ମାଆ ତାକୁ ଘର ଭିତରକୁ ନେଇଯାଇ ଚୁଡ଼ାଗୁଡ଼ ଖାଇବାକୁ ଦିଅନ୍ତି । ବର ଚୁଡ଼ାଗୁଡ଼ ଖାଇବା ପୂର୍ବରୁ କନ୍ୟାପକ୍ଷରୁ ଦିଆଯାଇଥିବା ଉପହାର ସାମଗ୍ରୀକୁ ଦେଖିନିଏ । ଥାଳିରେ ଥୁଆ ଖାଦ୍ୟକୁ ପ୍ରଥମେ ବର ଖାଏ । ବର ଖାଇ ଛାଡ଼ିଥିବା ଅବଶିଷ୍ଟ ଖାଦ୍ୟକୁ କନ୍ୟା ଖାଇଥାଏ । ବରଯାତ୍ରୀମାନଙ୍କୁ ଓ ଅନ୍ୟାନ୍ୟ ଅତିଥିମାନଙ୍କୁ ଭୋଜିଭାତରେ ଆପ୍ୟାୟିତ କରାଯାଏ । ତା' ପରଦିନ ସକାଳେ ବରକନ୍ୟା ବରଯାତ୍ରୀଙ୍କ ସହ ନିଜ ଗାଁ'/ ଘରକୁ ଫେରିଯାଆନ୍ତି ।

କନ୍ୟା ବିଦାୟ ଦେବା ବେଳେ ଏପରି ଗୀତ ଶୁଣିବାକୁ ମିଳେ –

ଟଙ୍କା ତ ଝିକିମିକି, ବାପା ତ ଦେଲେନ୍ ବିକି
ଟଙ୍କାକେ କରଇଟ୍ ଝିଅକୁ କର ପିଠ୍
ଛାଡ଼ ଗ ଝିଅ ବାପା ଝିଅର ମହାଶ
କାନ୍ଥେଁତେ ଲେଖେ ରଖିବି ଯଡ଼ା କଲସୀ
ଆଜ୍ ଗେଲେ କାଲ୍ ଫିରେ ଆସ୍‌ବ ଗ

(୨)

ଅତ ଦିନ ଯେ ମାର ମାଆଗ ବାଜାତ୍ ଡେଙ୍ଗିୟେ
ଆଜ୍ କେନେ କାନ୍ଦ ମାଁ ଗୋ ଆଁଚଲ୍ ଧରିୟେଁ

(୩)

ମାଏ ବାପେ କିବା ଦିଲେ ବଡ଼ ନଦୀ ସେପାରି
ତର୍‌କି ମାଇଗ ମନେ ନାଇଁ ପଡ଼େ
ଆମର୍ ଦୁ ନୟନେ ଜଲ୍ ପଡ଼େ
ବିଦାୟ ଦେଗ ମାଆ ଯାଇ ଶଶୁର ଘରେ
ବାସ୍ ନାଇ ଗ ମାଆ ମାଟର ନାଇ
ଆସିବ କେମନ୍ କରି
ବିଦାୟ ଦେ' ଗ ମାଆ ଯାଇ ଶଶୁର ଘରେ
ତୁମାର ଜାମାଇ ଡାଡିଏ ଆଛେ ଆଙ୍କାବାଙ୍କା ବଡ଼ତଲେ
ବିଦାୟ ଦେ'ଗ ମାଆ ଯାଇ ଶଶୁର ଘରେ

**ବନ୍ଦାପନା :**

ଲୋଧା ବିବାହର ଏକ ମୁଖ୍ୟ କ୍ରିୟା ହେଉଛି ବନ୍ଦାପନା । ନୂଆ ବରକନ୍ୟାକୁ ବିବାହ ମଣ୍ଡପ ତଳକୁ ଅଣାଯାଇ ବନ୍ଦାପନା କରାଯାଏ । ବରକନ୍ୟାଙ୍କ ସହ ରହିଥାନ୍ତି ବର ବାଗାଲ ଓ ଲଗ୍‌ଦିନ । ବରବାଗାଲ୍ ବରର ସଙ୍ଗୀ ଓ ଲଗଦିନ୍ କନ୍ୟାର ସାଥୀ । ଖଲିକୁ ଓଲଟା କରି ବିଛାଯାଏ, ତା'ରି ଉପରେ ବର ଓ କନ୍ୟା ପୃଥକ ପୃଥକ ବସନ୍ତି । ଗୋଟିଏ ପ୍ରଜ୍ୱଳିତ ଦୀପ ତାଙ୍କ ସାମ୍‌ନାରେ ଥୁଆଯାଏ । ବନ୍ଧୁବାନ୍ଧବମାନେ ବରକନ୍ୟାକୁ ସ୍ନେହରେ ଚୁମା ଦିଅନ୍ତି ଓ ଉପହାର ଦିଅନ୍ତି । ଜଣେ ଜଣେ ଟଙ୍କା ଉପହାର ଦେଉଥିବା ବେଳେ ଅନ୍ୟମାନେ ସାମାନ୍ ଉପହାର ଦିଅନ୍ତି । ଏହି ଉପହାର ପ୍ରଦାନ ପୂର୍ବକ ବନ୍ଦାପନା କରିବାର ଅର୍ଥ ହେଉଛି ଏମାନଙ୍କର ବର କନ୍ୟାଙ୍କୁ ସ୍ନେହ ଶ୍ରଦ୍ଧା କରିବା ଏବଂ ତାଙ୍କର ବରକନ୍ୟାଙ୍କ ସହ ନିକଟ ସମ୍ପର୍କ ରହିଥିବା ସୂଚନା ପ୍ରଦାନ । ଶେଷରେ କନ୍ୟାର ସାନ ଭଉଣୀ ବରକନ୍ୟା (ଭିଣୋଇ ଦିଦି)ଙ୍କ ଗୋଡ଼ ଧୋଇ ଦେଇଥାଏ । ଗୋଡ଼ ଧୋଇସାରି ଶାଳୀ ଭିଣୋଇଙ୍କ ବାମ ପାଦ ଅଙ୍ଗୁଳିକୁ ଜାବୁଡ଼ି ଧରି ପକାଏ । ଏହାକୁ 'କାଙ୍କଲିଧରା' କୁହାଯାଏ । 'କାଙ୍କଲିଧରା'ର ଆକ୍ଷରିକ ଅର୍ଥ ହେଉଛି କଙ୍କଡ଼ା ଗୋଡ଼କୁ ଧରିବା । ବର କିମ୍ବା ବରର ବାପାଙ୍କ ପାଖରୁ କିଛି ଉପହାର ପାଇ ଶାଳୀ ଭିଣୋଇର ପାଦକୁ ମୁକ୍ତିଦିଏ ।

**ଯୌତୁକ ପ୍ରଥା :**

ଲୋଧା ସମାଜରେ ଯୌତୁକ ଦେବା ବା ନେବା ଚଳଣି ନାହିଁ । ବର ପକ୍ଷରୁ କନ୍ୟା ପକ୍ଷକୁ ଟଙ୍କା ପଣ ଦେବା ସହ କନ୍ୟାର ଜେଜେମା' ଆଇବୁଢ଼ୀ, କନ୍ୟାର ମାଆ, ମାଉସୀ, ମାଇଁ ଆଦିଙ୍କୁ ଶାଢ଼ୀ ଉପହାର ଓ କନ୍ୟାର ବାପା, ଭାଇ, ଭିଣୋଇଙ୍କୁ ଧୋତି ଉପହାର ଦେବା ପ୍ରଥା ରହିଛି । ଏବେ ଅବଶ୍ୟ କନ୍ୟାର ବାପା ଜୋଇଁଙ୍କୁ ସାଇକେଲ, ଘଡ଼ି ଓ ରୂପା ହାର ଆଦି ଉପହାର ଦେଉଛନ୍ତି । ଅନ୍ୟ ଆଦିବାସୀ ସମାଜ ପରି ହିଁ କନ୍ୟାପକ୍ଷ ବରପକ୍ଷଙ୍କୁ ଟଙ୍କା ପଇସା ଦେବା ଚଳଣି ନାହିଁ । ଲୋଧା ସମାଜରେ କନ୍ୟା ସନ୍ତାନକୁ ବୋଝ ରୂପେ ବିବେଚନା କରାଯାଏ ନାହିଁ ।

**ବାସି ବିଭା :**

ବରକନ୍ୟା କନ୍ୟା ଘରୁ ବିଦାୟ ନେଇ ନିଜ ଘରକୁ ଆସନ୍ତି । ସେମାନେ ଘରେ ପହଞ୍ଚି ଘର ଅଗଣାରେ ନିର୍ମିତ ଛାମୁଣ୍ଡିଆ ତଳେ ବେଦୀରେ ବସନ୍ତି । ବରର ମାଆ କଂସା ଥାଳିରେ ଅରୁଆ ଧାନ, ଅରୁଆ ଚାଉଳ, ଧୂପଦୀପ, ଦୁବ ସିନ୍ଦୁର, ହଳଦୀ ଆଦିକୁ ଧରି ନୂଆ ବୋହୂଙ୍କୁ ବନ୍ଦାପନା କରନ୍ତି । ଏହାକୁ "ଚୁମାଇଁବା" କୁହାଯାଏ । ଏଇଠି ପୁଅ ବୋହୁ ହାତରେ ଲୁହାଖଡୁ (ଚୁଡ଼ି) ଓ ମଥାରେ ତିନିଥର ସିନ୍ଦୂର ପିନ୍ଧାଇ ଦିଏ । ଏହି ବନ୍ଦାପନା କର୍ମ ସମାପନ ପରେ ବରର ମାଆ ପୁଅବୋହୁକୁ ଘର ଭିତରକୁ ନେଇଯାଏ ।

**କାଦଘାଟି :**

ଘରକୁ ପଶିବା ବେଳେ ବରର ଭଉଣୀ ଓ ତା'ର ସାଙ୍ଗସାଥୀମାନେ ଦୁଆର ମୁହଁରେ ବସି ରାସ୍ତା ବନ୍ଦ

କରନ୍ତି । କନ୍ୟା ବାପଘରୁ ଆଣିଥିବା ନଣନ୍ଦ ପେଡ଼ି ବା କିଛି ଟଙ୍କା ଦେବା ପରେ ଯାଇ ବାଟ ଛାଡ଼ନ୍ତି । ଏହାପରେ ଗାଧୁଆ ପାଇଁ ଉଦ୍ଦିଷ୍ଟ ସ୍ଥାନକୁ ନେଇ ଯାଇ ଶିଳ ଉପରେ ଠିଆ କରେଇ ପୁଅ ବୋହୁକୁ ଗାଧୋଇ ଦିଅନ୍ତି । ଗାଧୋଇବାକୁ ଯିବା ବେଳେ ବରକନ୍ୟା ଦାନ୍ତ ଘଷନ୍ତି । ଆଗରେ ବୋହୁ ଚାଲେ ପଛରେ ପୁଅ । ଦାନ୍ତ ଘଷି ବିବାହ ପାଇଁ ଅନୁକୂଳ କରି ବାହାରି ଯିବା ସମୟରେ ଯେଉଁ ନୂଆଘାଟ (ଶୁଭଘଟ)ରେ ପାଣି ଭର୍ତ୍ତିକରି ବସା ଯାଇଥାଏ, ସେହି ଘଟର ଜଳ ଆଣି ପୁଅବୋହୁ ଦୁହିଁଙ୍କ ମଥାରେ ଢାଳି ଗାଧୁଆ ଆରମ୍ଭ କରାଯାଏ । ଶୁଭଘଟ ଉପରେ ଧନୁଶର ରଖାଯାଇଥାଏ । ପୁଅ ଧରିଥିବା ଗୁଆକାତି ଓ ବୋହୁର କଜଳପାତି ଦୁଇଟି ଗାଧୋଉଥିବା ଶିଳ ତଳେ ଗାତ ଖୋଳି ପୋତି ସାତ ଥର ଖୋଜାଖୋଜି କରି ଥାଆନ୍ତି । ଏହାକୁ "ଲୁକ୍‌ଲୁକାଣି ଖେଳ" କୁହାଯାଏ । ବର କଜଳପାତି ପାଇ ବୋହୁ ମଥାରେ ସାତ ଥର ଚିତା ଦିଏ । ବୋହୁ ମଧ୍ୟ ପୁଅ କପାଳରେ ସାତଥର ତିଳକ ଦେଇଥାଏ । ଏହାପରେ ପୁଅବୋହୁ ତେଲ ହଳଦୀ ଲଗାନ୍ତି । ତା'ପରେ ଉଭୟଙ୍କ ହାତରେ ବନ୍ଧା ଥିବା ବିଧି (ମଙ୍ଗଳସୂତ୍ର) ଖୋଲି ଦିଆଯାଏ । ଶେଷରେ ସମସ୍ତେ ଗାଁ ପାଖର ନଦୀ ଅବା ବନ୍ଧକୁ ପୁଅବୋହୁଙ୍କୁ ନେଇ ଯାଆନ୍ତି । ଗାଧୁଆ ସାରି ଫେରିବା ବେଳେ କନିଆଁ ଲୋଟା ଓ ବର ଧନୁଶର ବାଉଁଶ ନେଇ ଆସନ୍ତି । ଗାଧୁଆ ସାରି ଫେରିବା ବେଳେ କନିଆଁ ଲୋଟାରେ ପାଣି ଆଣେ । ନେଇଥିବା ଖଲିପତ୍ରରେ ବର ଧନୁଶର ବିନ୍ଧେ । ଖଲିରେ ଧନୁ ବିନ୍ଧିବା ଅବାସ୍ଥାରେ କନିଆଁ ଧନୁଶର ଖଲି ବୋହିଆଣେ । ବରକନ୍ୟା ଉଭୟେ ପାଣି ଦିଅନ୍ତି । ଘରକୁ ଆସି ଧନୁଶର ଖଲି ଛାମୁଣ୍ଡିଆ ଉପରେ ରଖନ୍ତି । ବେଦୀରେ (ବିଧିଶାଳେ) ଓଦାଲୁଗା ପିନ୍ଧି ବସନ୍ତି । ଏହାପରେ ମାଆ ଓ ଭଉଣୀ ଆସି ବନ୍ଦାପନା କରନ୍ତି । ବନ୍ଦାପନା ସାରି ପୁଅବୋହୁ ଘରକୁ ଯାଆନ୍ତି । ସେଠାରେ ଗାଆଁ ସାଇପଡ଼ିଶା, ବନ୍ଧୁବାନ୍ଧବମାନେ ଆସି ବୋହୁ ମୁହଁ ଚାହାଁ ଦେଇ ମୁହଁ ଦେଖନ୍ତି । ଏହି ଦିନ ବୋହୁ ବର ବଂଶର ସବୁ ବନ୍ଧୁବାନ୍ଧବଙ୍କ ଗୋଡ଼ ଧୋଇ ସମସ୍ତଙ୍କ ସହିତ ପରିଚିତ ହୁଏ । ସନ୍ଧ୍ୟାବେଳକୁ ଭୋଜିଭାତ ହୁଏ ।

ସେହିଦିନ ଆଉ ଏକ କ୍ରିୟା କରାଯାଏ । ତାହାକୁ "ବେହାନ ଦେଖା" କୁହାଯାଏ । ଏଥିରେ ଦୁଇ ସମୁଦୁଣୀଙ୍କ ଭେଟ ହୁଏ । ସମୁଦୁଣୀଙ୍କୁ ଅନ୍ୟ ସ୍ତ୍ରୀ ଲୋକଙ୍କ ସହ ପରିଚିତ କରାଯାଏ ।

ଚତୁର୍ଥୀକୁ ବୋହୁ ରନ୍ଧା ଭାତ ତରକାରୀରେ କୁଣିଆ ଓ ବନ୍ଧୁବାନ୍ଧବଙ୍କୁ ଆପ୍ୟାୟିତ କରାଯାଏ ।

**ବାହାଫେରା :**

ବାହାଘର ନଅ ଦିନକୁ ବୋହୁର ବାପା, ଭାଇ, କକା କିମ୍ବା ମାଆ ଯେ କେହି ଆସି ଝିଅଜୋଇଁଙ୍କୁ ଫେରେଇ ନେଇଯାଆନ୍ତି । ଶ୍ୱଶୁର ଘରେ ଅଢ଼େଇ ଦିନ ରହିଲା ପରେ ଘରକୁ ଫେରିବା ବିଧି । ଦୂରବାଟ ହୋଇଥିଲେ ଅଢ଼େଇ ଦିନ ପରେ ଝିଅଜୋଇଁଙ୍କୁ କିଛି ଦୂର ବାଟେଇ ପୁଣି ଫେରେଇ ନିଆଯାଏ । ଜୋଇଁ ଶ୍ୱଶୁର ଘରୁ ଫେରିବା ବେଳେ ସେମାନଙ୍କୁ ଛାଡ଼ିବାକୁ ଆସିଥିବା ଯେ କେହି ସମ୍ପର୍କୀୟ ସେହିପରି ଝିଅ ଘରେ ଅଢ଼େଇ ଦିନ ରହିବା ବିଧି । ଏଥିରେ ବ୍ୟତିକ୍ରମ ମଧ୍ୟ ହୁଏ । କେହି କେହି ଗୋଟିଏ ଦିନ ରହି ଚାଲିଯାଆନ୍ତି ।

**ଛାଡ଼ପତ୍ର :**

କୌଣସି ସ୍ତ୍ରୀ ସ୍ୱାମୀଙ୍କ ପ୍ରତି ଅବିଶ୍ୱାସୀ ହୋଇ ପର ପୁରୁଷାସକ୍ତ ହୁଏ ଅଥବା ଅଳସୁଆ, ଅକ୍ଷମା, ରୋଗାକ୍ରାନ୍ତ କିମ୍ବା ବନ୍ଧ୍ୟା ହୁଏ ତେବେ ଲୋଧା ପୁରୁଷ ଏପରି ସ୍ତ୍ରୀଲୋକଙ୍କୁ ସାଧାରଣତଃ ଅବାଧରେ ଛାଡ଼ି ଅନ୍ୟ ସ୍ତ୍ରୀ ଗ୍ରହଣ କରିଥାଏ । ସ୍ୱାମୀପରିତ୍ୟକ୍ତା ସ୍ତ୍ରୀ ମଧ୍ୟ ଅନ୍ୟତ୍ର ବିବାହ କରିବାରେ ପୂର୍ଣ୍ଣ ସ୍ୱାଧୀନତା ରହେ ।

ବାରିପଦା, ମୟୁରଭଞ୍ଜ

ସମୟ ବଦଳୁଛି । ତାସହ ଚଳଣି, ପରମ୍ପରା ମଧ୍ୟ ବଦଳିବାରେ ଲାଗିଛି । ସାମାଜିକ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଅର୍ଥନୀତି ମୁଖ୍ୟ ଆଧାର ହୋଇଛି । ଲୋଧା ପରିବାର ସେ ପରିବର୍ତ୍ତନକୁ ସହି ନେଇ ନିଜକୁ ସାମିଲ କରି ଚାଲିଛନ୍ତି ନୂତନ ବ୍ୟବସ୍ଥା ସହ, ତଥାପି ଅନ୍ୟ ଜନଜାତି ତୁଳନାରେ ଲୋଧା ପରମ୍ପରାଠାରୁ ଦୂରେଇ ଯାଇ ନାହାନ୍ତି ।

❑❑❑

# ଆଦିବାସୀଙ୍କ ପାରମ୍ପରିକ 'ଗ୍ରାମ ସଙ୍ଗଠନ' : ଅତୀତ ଓ ବର୍ତ୍ତମାନ

ରଞ୍ଜନ ପ୍ରଧାନ

ଗୋଷ୍ଠୀଗତ ଭାବେ ବଞ୍ଚିବା, ପରସ୍ପର ସୁଖଦୁଃଖରେ ଠିଆହେବା ଓ ମିଳିମିଶି ଜୀବନକୁ ଉପଭୋଗ କରିବାର କଳା କେବଳ ଆଦିବାସୀମାନଙ୍କୁ ହିଁ ଜଣା । ଆଧୁନିକ ମଣିଷ ଭଳି ଗୋଷ୍ଠୀଛଡ଼ା ହୋଇ ବଞ୍ଚିବା ସେମାନେ ଜାଣନ୍ତି ନାହିଁ । 'ଗୋଷ୍ଠୀ ଜୀବନ' ହେଉଛି ସେମାନଙ୍କର ପୁଞ୍ଜି ଓ ବଞ୍ଚିବାର କଳା । ସେମାନଙ୍କ ମଧ୍ୟରେ ଯେତେ ବାଦବିବାଦ, ଶତୃତା ଥାଉନା କାହିଁକି ବିପଦଆପଦରେ ସବୁକିଛି ଭୁଲି ଏକଜୁଟ୍ ହୋଇପାରିବା ସେମାନଙ୍କର ଏକ ସ୍ୱତନ୍ତ୍ର ସାମାଜିକ କଳା । ଛଳନାଶୂନ୍ୟ, ନିଷ୍କପଟ, ଅନ୍ୟର ଦୁଃଖରେ ଦୁଃଖୀ ହେବା ଆଦି ଗୁଣଗୁଡ଼ିକର ବିକାଶ ହୋଇପାରିଛି କେବଳ ସେମାନଙ୍କ ଶୃଙ୍ଖଳିତ ଗ୍ରାମ ସଂଗଠନ ପାଇଁ । ଶୃଙ୍ଖଳିତ ଓ ସୁସଂଗଠିତ ଗ୍ରାମ୍ୟ ପ୍ରଶାସନିକ ବ୍ୟବସ୍ଥା ଆଦିବାସୀଙ୍କୁ ନିଜର ଦାୟିତ୍ୱବୋଧ ସଂପର୍କରେ ସଚେତନ କରାଇ ଦେଇଥାଏ ।

ସାଧାରଣତଃ ଆଦିବାସୀମାନେ ଘଞ୍ଚ ଜଙ୍ଗଲ ମଧ୍ୟରେ, ପାହାଡ଼ ଶୀର୍ଷରେ କିମ୍ବା ପାଦଦେଶରେ ଛୋଟଛୋଟ ବସତି ସ୍ଥାପନ କରି ମିଳିମିଶି ଏକତ୍ର ରହନ୍ତି । ଜଣେ ଅସୁବିଧାରେ ପଡ଼ିଲେ କି ବିପଦରେ ପଡ଼ିଲେ ସମଗ୍ର ଗ୍ରାମବାସୀ ଠିଆ ହୋଇଯାଆନ୍ତି । ପାରସ୍ପରିକ ସହଯୋଗରେ ଆଦିବାସୀଙ୍କ ଗୋଷ୍ଠୀ ଜୀବନ ସୁନ୍ଦର ଓ ସୁଖମୟ ହୋଇଉଠେ । ସାମାଜିକ ଓ ସାଂସ୍କୃତିକ ଜୀବନକୁ ପରିଚାଳନା କରିବା ପାଇଁ ପ୍ରତି ଆଦିବାସୀ ଗାଁ'ମାନଙ୍କର ପାରମ୍ପରିକ ଗ୍ରାମ ସଂଗଠନଗୁଡ଼ିକ ବିଶେଷ ଭୂମିକା ନିର୍ବାହ କରିଥାଏ । ଏହି ଗ୍ରାମ ସଂଗଠନ ମାଧ୍ୟମରେ ସେମାନଙ୍କ ମଧ୍ୟରେ ସଂପର୍କ ଓ ଭାଇଚାରା ସୁଦୃଢ଼ ହୋଇଥାଏ । ଆଜିର ଗଣତାନ୍ତ୍ରିକ ଢାଞ୍ଚାଠାରୁ ଖୁବ୍ ଉନ୍ନତ ପାରମ୍ପରିକ ଗ୍ରାମ ସଂଗଠନଗୁଡ଼ିକ ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନକୁ ନିୟନ୍ତ୍ରଣ କରିଆସୁଥିଲା । ଏବେକାର ପଞ୍ଚାୟତିରାଜ ବ୍ୟବସ୍ଥା ସୃଷ୍ଟି ହେବାର ବହୁବର୍ଷ ତଳୁ ଗଢ଼ି ଉଠିଥିବା ଏହି ପାରମ୍ପରିକ ଆଦିବାସୀ ଗ୍ରାମ ସଂଗଠନଗୁଡ଼ିକ କେତେ ସଂଗଠିତ ଓ ଶୃଙ୍ଖଳିତ, ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଏହା ଦୃଢ଼ତାର ସହ କୁହାଯାଇପାରେ, ଆଜି ପଞ୍ଚାୟତିରାଜ ବ୍ୟବସ୍ଥାର ଆଙ୍ଗିକ ଓ ଆତ୍ମିକ ସରଞ୍ଜନା ଆଦିବାସୀଙ୍କ ପାରମ୍ପରିକ ଗ୍ରାମ ସଙ୍ଗଠନଗୁଡ଼ିକର ଭିତ୍ତିଭୂମି ଓ ମୌଳିକ ସୂତ୍ର ଉପରେ ଆଧାରିତ । ଆଦିବାସୀଙ୍କ ପ୍ରାଚୀନ ଓ ପାରମ୍ପରିକ ଗ୍ରାମ ସଙ୍ଗଠନଗୁଡ଼ିକ କେତେ ଯେ ଗଣତାନ୍ତ୍ରିତ ଓ ପ୍ରାସଙ୍ଗିକ ତାହା ଏହି ଅଧ୍ୟୟନରୁ ଜଣାପଡ଼ିବ ।

ବର୍ତ୍ତମାନ ଜାତୀୟ ସ୍ତରରେ ଆଦିବାସୀଙ୍କ ଜନସଂଖ୍ୟା ଶତକଡ଼ା ୮.୫୮ ଥିଲାବେଳେ ରାଜ୍ୟରେ ଏହି ହାର ଶତକଡ଼ା ୨୨.୮୫ ଅଛି । ଅର୍ଥାତ୍ ରାଜ୍ୟର ମୋଟ ୧୦୦ ଜଣ ଲୋକଙ୍କ ମଧ୍ୟରେ ୨୩ ଜଣ ହେଉଛନ୍ତି ଆଦିବାସୀ । ନିଶ୍ଚିତ ଭାବେ କୁହାଯିବ, ଓଡ଼ିଶା ଏକ ଆଦିବାସୀବହୁଳ ରାଜ୍ୟ । ମାତ୍ର ଆଦିବାସୀଙ୍କ

ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ଓ ସାଂସ୍କୃତିକ ଜୀବନରେ ଯେଉଁଭଳି ବିକାଶ ହେବା କଥା ତାହା ହୋଇପାରିନାହିଁ । ଆଦିବାସୀ କଲ୍ୟାଣ ପାଇଁ ଗତ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ କାଳ ଧରି ବହୁ ନୀତି ଓ ଯୋଜନା ପ୍ରସ୍ତୁତ ହୋଇଛି ଏବଂ ବହୁ ଆଇନ୍ କାର୍ଯ୍ୟକାରୀ ହୋଇଛି ମାତ୍ର ଫଳ କ'ଣ ହୋଇଛି ? ପ୍ରକୃତରେ ଆଦିବାସୀଙ୍କର ବିକାଶ ହୋଇପାରିଛି କି ? ଏହା ଏବେ ଚିନ୍ତାର ବିଷୟ । ୧୯୬୦ ମସିହାରୁ ଭେରିଅର ଏଲ୍‌ୱିନ୍‌ଙ୍କ ରିପୋର୍ଟଠାରୁ ଆରମ୍ଭ କରି ୟୁ.ଏନ୍. ଦେବରଙ୍କର ୧୯୬୭ ମସିହା ରିପୋର୍ଟ, ଏଲ୍.ପି. ବିଦ୍ୟାର୍ଥୀଙ୍କର ୧୯୬୨ ମସିହା ରିପୋର୍ଟ, ବି.କେ. ରାୟ ବର୍ମନଙ୍କ ୧୯୮୨ ମସିହା ରିପୋର୍ଟ, ଜାତୀୟ ଆଦିବାସୀ କମିଶନର ମୁଖ୍ୟ ବି.ଡ଼ି. ଶର୍ମାଙ୍କର ୧୯୯୦ ମସିହା ରିପୋର୍ଟ, ଭୁରିଆ କମିଟିର ୧୯୯୫ ମସିହା ରିପୋର୍ଟ ଏବଂ କେନ୍ଦ୍ର ସରକାରଙ୍କର ଆଦିବାସୀ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ୨୦୦୬ ମସିହା 'ଜାତୀୟ ଆଦିବାସୀ ନୀତି' ଆଦି ରିପୋର୍ଟ ଆଧାରରେ ଅନେକ ନୀତି ଓ ଆଇନ୍ ପ୍ରସ୍ତୁତ ହୋଇଛି । ଏହି ସମସ୍ତ ରିପୋର୍ଟରେ ଆଦିବାସୀଙ୍କ ଗ୍ରାମ ସଂଗଠନ, ଅର୍ଥନୀତି, ସମାଜ ବ୍ୟବସ୍ଥା ଓ ସାଂସ୍କୃତିକ ବିକାଶ କଥା କୁହାଯାଇଛି । ସେହିଭଳି ଆଦିବାସୀଙ୍କ ବିକାଶ ଉଦ୍ଦେଶ୍ୟରେ 'ଆଦିବାସୀ ଉପ ଯୋଜନା' (Tribal Sub-Plan) ମଧ୍ୟ କାର୍ଯ୍ୟକାରୀ ହେଉଛି । ମାତ୍ର ଏସବୁ ଉଚିତ୍ ଢଙ୍ଗରେ କାର୍ଯ୍ୟକାରୀ ହୋଇପାରିନାହିଁ । ଏହା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ଅପେକ୍ଷା ରଖେ ।

ଆଦିବାସୀଙ୍କ ବିକାଶ ପାଇଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ୍ 'ପେସା' [('PESA' - Panchayats Extension to the Scheduled Areas Act - 1996)] କଥା ଆଲୋଚନା କରାଯାଇପାରେ । ଦେଶର ଅନ୍ୟ ରାଜ୍ୟମାନଙ୍କରେ ଏହି ଆଇନ୍ ଲାଗୁ ହୋଇଥିବା ବେଳେ ଦୁର୍ଭାଗ୍ୟ, ଓଡ଼ିଶାରେ ଆଜିଯାଏ ଏହା କାର୍ଯ୍ୟକାରୀ ହୋଇପାରିନାହିଁ । ଆଦିବାସୀ ଅଞ୍ଚଳରେ ପ୍ରାଶାସନିକ ବ୍ୟବସ୍ଥା ଓ ଗ୍ରାମ ସଙ୍ଗଠନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପେସା ଆଇନ୍ ବିଶେଷ ସହାୟକ ହୋଇପାରିବ । ପ୍ରତି ଗାଁ'ରେ ଗୋଟିଏ କରି 'ଗ୍ରାମ ସଭା' ରହିବ ଏବଂ ଏହି ଗ୍ରାମସଭା ଆଦିବାସୀମାନଙ୍କର ସାଂସ୍କୃତିକ, ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାର ନିୟନ୍ତ୍ରଣ କରିବ ବୋଲି ଆଇନ୍‌ରେ ଉଲ୍ଲେଖ ରହିଛି । ସବୁଠୁ ବଡ଼କଥା ହେଉଛି, ଆଦିବାସୀଙ୍କ ପାରମ୍ପରିକ ବିଚାର ବ୍ୟବସ୍ଥା ଓ ଗ୍ରାମ ସଙ୍ଗଠନକୁ ଏହି ଆଇନ୍‌ରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ଗ୍ରାମର ଆର୍ଥିକ, ସାମାଜିକ ବିକାଶ ସମ୍ପର୍କିତ ସମସ୍ତ ଯୋଜନାକୁ ଗ୍ରାମସଭା ଅନୁମୋଦନ କରିବ । ଏହା ବ୍ୟତୀତ ଯୋଜନାର ରୂପାୟନ, କାର୍ଯ୍ୟକାରିତା ଓ ମୂଲ୍ୟାୟନ କ୍ଷମତା ଗ୍ରାମସଭା ହାତରେ ରହିବ । ଯୋଜନା ଖର୍ଚ୍ଚର ବିନିଯୋଗ ପ୍ରମାଣପତ୍ର (ୟୁସି) ମଧ୍ୟ ଗ୍ରାମସଭା ପ୍ରଦାନ କରିବ ବୋଲି 'ପେସା' ଆଇନ୍‌ରେ ଉଲ୍ଲେଖ ରହିଛି । ଜମି ଅଧିଗ୍ରହଣ ନିଷ୍ପତ୍ତି, ନିଶା ନିବାରଣ କ୍ଷମତା, ଲଘୁ ବନଜାତ ଦ୍ରବ୍ୟର କିଣାବିକା, ମୂଲ୍ୟ ନିର୍ଦ୍ଧାରଣ ଓ ଲାଇସେନ୍‌ସ ପ୍ରଦାନ କ୍ଷମତା, ବିଚାର ବ୍ୟବସ୍ଥା ଆଦି ଅନେକ କ୍ଷମତା ଗ୍ରାମ ସଭାରେ ରହିବ ବୋଲି ଏହି ଆଇନରେ ବ୍ୟବସ୍ଥା ରହିଛି । ଏହି 'ପେସା' ଆଇନ୍‌ରେ ଯେଉଁସବୁ ବିଷୟରେ ଗୁରୁତ୍ୱ ଦିଆଯାଇଛି ତାହା କିଛି ନୂତନ କଥା ନୁହେଁ । ଆଜିକୁ ଶତାଧିକ ବର୍ଷ ତଳେ ମଧ୍ୟ ଆଦିବାସୀଙ୍କର ପାରମ୍ପାରିକ 'ଗ୍ରାମ ସଙ୍ଗଠନ' ଗୁଡ଼ିକରେ ଏସବୁ ଦିଗପ୍ରତି ଗୁରୁତ୍ୱ ଦିଆଯାଇଥିଲା । 'ପେସା' ଆଇନ୍‌ରେ ଯାହାସବୁ କୁହାଯାଇଛି ଅନୁରୂପ

ବ୍ୟବସ୍ଥା ଓଡ଼ିଶାରେ ବସବାସ କରୁଥିବା ପ୍ରାୟ ସମସ୍ତ ପାରମ୍ପରିକ ଆଦିବାସୀ ଗ୍ରାମ ସଂଗଠନମାନଙ୍କରେ ଦେଖିବାକୁ ମିଳିଥାଏ । ମାତ୍ର ଆଜି ସେସବୁ ପାରମ୍ପରିକ ଗ୍ରାମ ସଂଗଠନ ନିଜର ଅସ୍ତିତ୍ୱ ହରାଇ ବସିଛନ୍ତି ଏବଂ ତାଙ୍କ ସ୍ଥାନ ନେଇଛନ୍ତି ଆଧୁନିକ ଗଣତାନ୍ତ୍ରିକ ପଞ୍ଚାୟତିରାଜ ବ୍ୟବସ୍ଥା ।

ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଆଦିବାସୀ ଗୋଷ୍ଠୀଙ୍କ ମଧ୍ୟରେ ପାରମ୍ପରିକ ଗ୍ରାମ ସଂଗଠନଗୁଡ଼ିକ ଏକ ମହତ୍ୱପୂର୍ଣ୍ଣ ଭୂମିକା ତୁଲେଇଆସିଛି । ଏହା ମାଧ୍ୟମରେ ଆଦିବାସୀଙ୍କ ପ୍ରାଶାସନିକ ଓ ସାଂଗଠନିକ ଦକ୍ଷତା ବୃଦ୍ଧି ପାଇବା ସହ ସେମାନଙ୍କ ସାମାଜିକ ଓ ସଂସ୍କୃତିକ ଜୀବନ ଶୃଙ୍ଖଳିତ ଓ ମାର୍ଜିତ ହୋଇଥାଏ । ଗ୍ରାମରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଓ ସଦ୍‌ଭାବନା ସୃଷ୍ଟି କରିବା ଦିଗରେ ଏହି ଗ୍ରାମ ସଂଗଠନ ପ୍ରମୁଖ ଭୂମିକା ତୁଲେଇଥା'ନ୍ତି । ଏହି ପାରମ୍ପରିକ ଗ୍ରାମ ସଂଗଠନମାନଙ୍କ ଉପରେ ଆଦିବାସୀମାନଙ୍କର ଅତୁଟ ଆସ୍ଥା, ବିଶ୍ୱାସ ଓ ସମ୍ମାନ ରହିଥାଏ । ଅତୀତରେ ଆଦିବାସୀ ଗାଁ'ଗୁଡ଼ିକର ପ୍ରାଶାସନିକ ବ୍ୟବସ୍ଥା ଖୁବ୍ ଶୃଙ୍ଖଳିତ ଓ ସଂଗଠିତ ଥିଲା । ଗ୍ରାମ୍ୟ ପ୍ରାଶାସନିକ ବ୍ୟବସ୍ଥାରେ, ଗାଁ'ରେ ଜଣେ ମୁଖିଆ ଥିଲେ ଏବଂ ତାଙ୍କୁ ସହଯୋଗ କରିବା ପାଇଁ ଅନ୍ୟାନ୍ୟ ପାରିଷଦବର୍ଗ ରହିଥିଲେ । ଏହା ବ୍ୟତୀତ ସାଂସ୍କୃତିକ ଓ ଧାର୍ମିକ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ଆଉ ଜଣେ ଲେଖା ଧାର୍ମିକ ମୁଖିଆ ଓ ତାଙ୍କ ସହଯୋଗୀମାନେ ମଧ୍ୟ ଗ୍ରାମ ସଂଗଠନର ପ୍ରମୁଖ ଅଙ୍ଗ ହୋଇ ରହିଥିଲେ । ତେବେ ବର୍ତ୍ତମାନ ଆଧୁନିକ ଗଣତାନ୍ତ୍ରିକ ବ୍ୟବସ୍ଥା ଲାଗୁ ହେବା ପରେ 'ଗ୍ରାମ ସଂଗଠନ' ପରମ୍ପରାରେ କିଛି ମାତ୍ରାରେ ପରିବର୍ତ୍ତନ ଦେଖାଦେଇଛି । ଏବେ ଅଧିକାଶ ଜନଜାତି ଗୋଷ୍ଠୀରେ ପାରମ୍ପରିକ ଗାଁ' ମୁଖିଆ କିମ୍ବା ଧାର୍ମିକ ମୁଖିଆମାନଙ୍କର କିଛିଟା ଗୁରୁତ୍ୱ ହ୍ରାସ ପାଇଥିବା ଲକ୍ଷ୍ୟ କରାଯାଇଛି । ସେମାନଙ୍କ ସ୍ଥାନ ଆଧୁନିକ ଗଣତନ୍ତ୍ର ବ୍ୟବସ୍ଥାରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ନେଇଛନ୍ତି । ପାରମ୍ପରିକ ମୁଖିଆଙ୍କ ସ୍ଥାନରେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚିତ ୱାର୍ଡ଼ମେମ୍ବର, ସରପଞ୍ଚ, ସମିତିସଭ୍ୟ, ସଭ୍ୟାମାନେ ଗାଁ'ର ବିବାଦ ସମାଧାନ କରୁଛନ୍ତି । ମାତ୍ର ସେଦିନ ଗ୍ରାମ ସଂଗଠନଗୁଡ଼ଇକରେ ଥିବା ପ୍ରାଶାସନିକ ଆନ୍ତରିକତା, ସଚ୍ଚୋଟତା ଓ ନିରପେକ୍ଷତା କ'ଣ ଆଜିର ପଞ୍ଚାୟତିରାଜ ବ୍ୟବସ୍ଥାରେ ପ୍ରତିଫଳିତ ହୋଇପାରିଛି ? ଏହା ଏକ ପ୍ରଶ୍ନବାଚୀ ।

ଦକ୍ଷିଣ ଓଡ଼ିଶାରେ ବସବାସ କରୁଥିବା ଆଦିବାସୀ ଗୋଷ୍ଠୀମାନଙ୍କ ମଧ୍ୟରେ କନ୍ଧ, ଗଦବା, ପରଜା, ବଣ୍ଡା, କୋୟା, ଡିଡ଼ାୟୀ, ପେଣ୍ଡିଆ, ଅମାନାତ୍ୟ, ଦୁରୁଆ, ସଉରା, ଭତରା, ଗଣ୍ଡ ଆଦିବାସୀ ଗୋଷ୍ଠୀଗୁଡ଼ିକରେ ଏହି ପାରମ୍ପରିକ ଗ୍ରାମ ସଂଗଠନ ଆଜିର ଦିନରେ ବି ତା'ର ପ୍ରାସଙ୍ଗିକତା ହରାଇ ନାହିଁ । ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରବେଶ ହୋଇ ସାରିଥିଲେ ମଧ୍ୟ ଆଜି ବି ପାରମ୍ପରିକ ଗ୍ରାମସଭା ଓ ଗୋଷ୍ଠୀ ଗୃହରେ ଆଦିବାସୀମାନେ ମେଳି ହେଉଛନ୍ତି ଏବଂ ବିଚାର ଆଲୋଚନା ହେଉଛି । ମାତ୍ର ଦୁଃଖର ବିଷୟ, ଆଜି ଏହି ପାରମ୍ପରିକ ଗ୍ରାମ ସଙ୍ଗଠନର ନିଷ୍ପତ୍ତି ଓ ବିଚାରକୁ ଗ୍ରହଣ କରିବା ଅବସ୍ଥାରେ ନାହାନ୍ତି । ସେମାନେ ଆଧୁନିକ କୋର୍ଟ, କଚେରୀ, ଥାନା ଓ ଫାଣ୍ଡିକୁ ଅଧିକ ଗ୍ରହଣୀୟ ବୋଲି ମନେକରୁଛନ୍ତି ।

ପ୍ରାଚୀନ ଓ ପାରମ୍ପରିକ ଆଦିବାସୀ ଗ୍ରାମ ସଂଗଠନ ବ୍ୟବସ୍ଥାରେ, ପ୍ରତି ଆଦିବାସୀ ଗାଁ'ରେ ଜଣେ ମୁଖିଆ ଥା'ନ୍ତି । ଏମାନେ କେଉଁଠି ନାୟକ, ମୁଦୁଲି ତ ଆଉ କେଉଁଠି ପେଦା, ଗମାଙ୍ଗ, ପ୍ରଧାନ ଭାବେ

ପରିଚିତ ହୋଇଥା'ନ୍ତି । ଆଦିବାସୀଙ୍କ ବିଚାରରେ ଏହି ଗାଁ' ମୁଖିଆ ଉତ୍ତମ ଚରିତ୍ରର ଏବଂ ନିରପେକ୍ଷ ବ୍ୟକ୍ତି ହୋଇଥିବା ବାଞ୍ଛନୀୟ । ପରଜା, ଗଦବା, ଭତରା ଓ ବଣ୍ଡାମାନଙ୍କ ଗାଁ' ମୁଖିଆଙ୍କୁ ନାୟକ ବା ମୁଦୁଲି କୁହାଯାଉଥିବା ବେଳେ କୋୟାମାନଙ୍କ ଗାଁ' ମୁଖିଆଙ୍କୁ ପେଦା ଏବଂ ସଉରାମାନଙ୍କ ଗାଁ' ମୁଖିଆଙ୍କୁ 'ଗମାଙ୍ଗ' କୁହାଯାଏ । ସେହିଭଳି ଉତ୍ତର ଓଡ଼ିଶାରେ ବସବାସ କରୁଥିବା ଜନଜାତି ଗୋଷ୍ଠୀ ଜୁଆଙ୍ଗ, ଭୂୟାଁ, ସାନ୍ତାଳ, କୋହ୍ଲ, ଖଡ଼ିଆ, ଲୋଧା, ମାଙ୍କିଡ଼ିଆ, ବାଥୁଡ଼ିମାନଙ୍କ ଗ୍ରାମ୍ୟ ସଂଗଠନରେ ଅନେକ ସାମଞ୍ଜସ୍ୟ ରହିଥାଏ । ଏ ଅଞ୍ଚଳରେ ଗ୍ରାମ ପ୍ରାଶାସନିକ ବ୍ୟବସ୍ଥାରେ ଜାଞ୍ଚାଗତ ଐକତ୍ୟ ଲକ୍ଷ୍ୟ କରାଯାଏ । ଜୁଆଙ୍ଗମାନଙ୍କ ଗ୍ରାମ ସଂଗଠନର ମୁଖିଆଙ୍କୁ 'ପ୍ରଧାନ' ଏବଂ ପିଢ଼ ମୁଖ୍ୟଙ୍କୁ 'ପିଢ଼ ସର୍ଦ୍ଦାର' କୁହାଯାଉଥିବା ବେଳେ କୋହ୍ଲ ସଂପ୍ରଦାୟର ଗାଁ' ମୁଖିଆଙ୍କୁ 'ମହାତୋ', ସାନ୍ତାଳ ଗୋଷ୍ଠୀର ଗାଁ' ମୁଖିଆ 'ମାଝୀହାଲମ୍' ଏବଂ ମାଙ୍କିଡ଼ିଆଙ୍କ ଗାଁ' ମୁଖିଆ 'ଦେରିବୁଢ଼ା' କୁହାଯାଇଥାଏ । ଏମାନେ ଗ୍ରାମର ବିବାଦ ସମାଧାନ କରିବା ସହିତ ଲୋକଙ୍କର ସୁଖଦୁଃଖ ଓ ହାନିଲାଭ ବୁଝନ୍ତି । ଏମାନେ ସମାଜର ଖୁବ୍ ସମ୍ମାନସ୍ପଦ ବ୍ୟକ୍ତି ଭାବେ ଜଣାଶୁଣା ଏବଂ ସମାଜରେ ଏମାନଙ୍କ ସ୍ଥାନ ଖୁବ୍ ଉଚ୍ଚରେ ଥାଏ । ଅତୀତରେ ଏହି ଗାଁ' ମୁଖ୍ୟଙ୍କ ହାତରେ କର ବା ଖଜଣା ଆଦାୟର ଦାୟିତ୍ୱ ନ୍ୟସ୍ତ ଥିଲା ଏବଂ ଏମାନେ ଗାଁ'ର ଯାବତୀୟ ମାମଲାର ସମାଧାନ କରୁଥିଲେ ।

ରାଜ୍ୟର ବିଭିନ୍ନ ଜନଜାତି ଗୋଷ୍ଠୀଙ୍କ ଗ୍ରାମ ସଂଗଠନ ଓ ପାରମ୍ପରିକ ପ୍ରାଶାସନିକ ବ୍ୟବସ୍ଥାରେ ବହୁ ସମାନତା ଲକ୍ଷ୍ୟ କରାଯାଇଥାଏ । ତେବେ କେତେକ ଆଦିବାସୀ ଗୋଷ୍ଠୀରେ ଗ୍ରାମ ସଂଗଠନମାନଙ୍କରେ ଅନେକ ଭିନ୍ନତା ପରିଲକ୍ଷିତ ହୋଇଥାଏ । ପ୍ରତି ଆଦିବାସୀ ଗ୍ରାମରେ ଗୋଟିଏ 'ଗୋଷ୍ଠୀ ଗୃହ' ଥାଏ । ଏହି ଗୋଷ୍ଠୀ ଗୃହ ଗ୍ରାମ ସଂଗଠନର ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଭାବେ ଜଣା । ଏହି ଗୋଷ୍ଠୀଗୃହ ମୁଖ୍ୟତଃ ଗ୍ରାମବାସୀଙ୍କ ଅବସର ବିନୋଦନ କେନ୍ଦ୍ରର ଭୂମିକା ତୁଲାଇଥିବା ବେଳେ ଗ୍ରାମ୍ୟ ନ୍ୟାୟପାଳିକା, ଗ୍ରାମସଭା, ଅତିଥିଶାଳା, ପ୍ରଶିକ୍ଷଣ କେନ୍ଦ୍ରର କାର୍ଯ୍ୟ କରିଥାଏ । ସ୍ଥଳ ବିଶେଷରେ ଏହି ଗୋଷ୍ଠୀ ଗୃହ ବିଭିନ୍ନ ନାମରେ ପରିଚିତ । ଜୁଆଙ୍ଗଙ୍କ 'ମଜାଙ୍ଗ୍', ଭୂୟାଁଙ୍କ 'ମଣ୍ଡଘର', କୁଟିଆ କନ୍ଧଙ୍କ 'ଡିଣ୍ଡା', ବଣ୍ଡାମାନଙ୍କ 'ଲଙ୍ଗରସେନ୍', ଓରାଂମାନଙ୍କର 'ଧୁମକୁରିଆ', ଗଣ୍ଡମାନଙ୍କର 'ଗୋଟୁଲ' ପରଜାଙ୍କ 'ଧାଙ୍ଗଡ଼ାବସା', ଡିଡ଼ାୟୀଙ୍କ 'ଇଙ୍ଗିରେସାଙ୍ଗ', ମାଙ୍କିଡ଼ିଆଙ୍କ 'ଧିଙ୍ଗଲା ଗିଡିବ୍' ଆଦି ଆଦିବାସୀ ଗ୍ରାମ ସଂଗଠନର ପ୍ରମୁଖ ଯୁବା ଅନୁଷ୍ଠାନ ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାକୁ ସର୍ବାଧିକ ପ୍ରଭାବିତ କରିଥାଏ । ଗଠନ ଦୃଷ୍ଟିରୁ ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଜନଜାତିଙ୍କ ଗ୍ରାମ ସଂଗଠନରେ ସାମାନ୍ୟ ଭିନ୍ନତା ପରିଲକ୍ଷିତ ହେଉଥିଲେ ମଧ୍ୟ ଏଗୁଡ଼ିକର କାର୍ଯ୍ୟଧାରା ଓ ଉଦ୍ଦେଶ୍ୟ ପ୍ରାୟ ସମାନ ହୋଇଥାଏ ।

## ପରଜା ଗ୍ରାମ ସଂଗଠନ

ପରଜାମାନେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ବହୁଳ ଭାବେ ବସବାସ କରନ୍ତି । ସମଗ୍ର ଓଡ଼ିଶାରେ ଯେତିକି ସଂଖ୍ୟାରେ ପରଜା ବାସକରନ୍ତି, ତାହାର ଶତକଡ଼ା ୯୧ ପ୍ରତିଶତ କେବଳ ଅବିଭକ୍ତ କୋରାପୁଟ (କୋରପୁଟ, ନବରଙ୍ଗପୁର, ରାୟଗଡ଼ା, ଓ ମାଲ୍‌କାନ୍‌ଗିରି) ଜିଲ୍ଲାରେ ହିଁ ଦେଖିବାକୁ ମିଳେ । ଏଣୁ କୋରାପୁଟ

ଅଞ୍ଚଳକୁ ପରଜାମାନଙ୍କ ରାଜ୍ୟ କହିଲେ ଭୁଲ୍ ହେବନି । ପ୍ରତି ପରଜା ଗାଁ'ରେ ମୁଖ୍ୟତଃ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଥାଏ । ପ୍ରଥମଟି ହେଉଛି 'ବେରଣ ମୁଣ୍ଡା' ଓ ଦ୍ୱିତୀୟଟି 'ନିଶାଣି ମୁଣ୍ଡା' । ବେରଣ ମୁଣ୍ଡା ହେଉଛି ଗ୍ରାମସଭା ସ୍ଥଳ । ଏହା ଗ୍ରାମ ସଂଗଠନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏଠି ଗାଁ' ମୁଖିଆଙ୍କ ସମେତ ଅନ୍ୟ ସଦସ୍ୟ ଓ ବୟୋବୃଦ୍ଧମାନେ ବସି ଗ୍ରାମର ଭଲମନ୍ଦ ସଦସ୍ୟା ଏବଂ ପର୍ବପର୍ବାଣି ପାଳନ ବିଷୟରେ ଆଲୋଚନା କରନ୍ତି । ବେରଣ ମୁଣ୍ଡା ସାଧାରଣତଃ ଗ୍ରାମର ମଧ୍ୟ ଭାଗରେ ଅବସ୍ଥିତ ଏବଂ ଏଠି ଏକ ବଡ଼ ଗୋଲେଇ ପଥର ପଡ଼ିଥାଏ । ବେରଣ ମୁଣ୍ଡାକୁ ପରଜାମାନେ 'ମାଣ୍ଡୁ ତାଣ୍ଡ' କହନ୍ତି । ମାଣ୍ଡୁ ତାଣ୍ଡ ସାଧାରଣତଃ ଗ୍ରାମର ମଧ୍ୟ ଭାଗରେ ଏବଂ ଗାଁ'ମୁଖିଆଙ୍କ ଘର ସାମ୍ନାରେ ଅବସ୍ଥିତ ଥାଏ ।

ନିଶାଣି ମୁଣ୍ଡା ହେଉଛି ଦେବତାଙ୍କ ଆସ୍ଥାନ ସ୍ଥଳ । ଏଠି ଗ୍ରାମ ଦେବତା ପୂଜା ପାଆନ୍ତି । ପରଜାମାନଙ୍କ ଗ୍ରାମ ଦେବତା ହେଉଛନ୍ତି 'ହୁଣ୍ଡି ଦେବତା' । ଲମ୍ବାଲମ୍ବା ପଥର ପରିବେଷ୍ଟିତ ବଖରା ଭିତରେ ହୁଣ୍ଡି ଠାକୁରାଣୀଙ୍କ ଆସ୍ଥାନ । ହୁଣ୍ଡି ଠାକୁରାଣୀ କହିଲେ, ଗୋଟିଏ ମାଟି ହାଣ୍ଡି, ଲୁହାକାତି ଏବଂ ଏକ ସ୍ଥାୟୀ ଲୁହା ଖମ୍ବର ସମାହାରକୁ ବୁଝିବାକୁ ପଡ଼ିଥାଏ । ଏହି ଲୁହା ଖୁଣ୍ଟିଟି ଗ୍ରାମ ପ୍ରତିଷ୍ଠା ହେବା ଦିନୁ ସ୍ଥାପିତ ହୋଇଥାଏ । ସ୍ଥାୟୀ ଲୁହା ଖମ୍ବଟିକୁ ନ ବଦଳେଇ ମାଟି ହାଣ୍ଡି ଓ କାତିକୁ ବର୍ଷରେ ତିନି ଥର ଯଥା - ବନ୍ଦାପନା ବା ଶ୍ରାବଣ ମାସରେ, ନୂଆଖିଆ ସମୟରେ ଏବଂ ଚଇତ୍ ପରବ୍ ସମୟରେ ବଦଳାଯାଏ । 'ନିଶାଣି ମୁଣ୍ଡା' ଶବ୍ଦଟି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ପରଜା ଭାଷା ଓଡ଼ିଆ ଭାଷାର ବେଶ୍ ନିକଟବର୍ତ୍ତୀ । ଏହା ଆର୍ଯ୍ୟ ଭାଷା ପରିବାର ଅନ୍ତର୍ଗତ ଏକ ଭାଷା । 'ନିଶାଣି' ଶବ୍ଦଟି ସଂସ୍କୃତ ଶବ୍ଦ 'ନିଶାଣ'ରୁ ଆସିଛି, ଯାହାର ଅର୍ଥ 'ଚିହ୍ନ' । କୌଣସି ଏକ ପରଜା ଗାଁ' ପ୍ରତିଷ୍ଠା ହେବା ପୂର୍ବରୁ ଦିଶାରି ପ୍ରଥମେ କେଉଁଠି ଗାଁ' ପ୍ରତିଷ୍ଠା କଲେ ମଙ୍ଗଳ ହେବ ତାହାର ଏକ ସଂକେତ ପ୍ରଦାନ କରନ୍ତି । ତା'ପରେ ସେହି ସ୍ଥାନରେ ହିଁ ନିଶାଣିମୁଣ୍ଡାଙ୍କୁ ଥାପନା କରାଯାଏ । କ୍ରମେ ଏହା ହିଁ ଏକ ନିଶାଣ ବା ଚିହ୍ନ ପାଲଟିଯାଏ । ପରଜାମାନେ ଏହି ସ୍ଥାନରୁ ମାଟି ନେଇ ନିଜନିଜର ଘର ତୋଳନ୍ତି । ନିଶାଣି ଦେବତା ହେଉଛନ୍ତି ଗାଁ'ର ସର୍ବପ୍ରାଚୀନ ଓ ସର୍ବମାନ୍ୟ ଦେବତା । ତାଙ୍କୁ ସମସ୍ତ ପରଜାମନେ ଖୁବ୍ ମାନନ୍ତି ଏବଂ ଏହି ଦେବତା ଗ୍ରାମ ପ୍ରଶାସନିକ ବ୍ୟବସ୍ଥାର ମଧ୍ୟ ପ୍ରମୁଖ ଅଙ୍ଗ ଭାବେ କାର୍ଯ୍ୟ କରନ୍ତି ।

ଅତୀତରେ ପ୍ରତି ପରଜା ଗାଁ'ରେ ଅବିବାହିତ ଯୁବକମାନଙ୍କ ପାଇଁ ଏକ ବିରାଟ ଶୋଇବା ଘର ଥିଲା, ତାକୁ 'ଧାଙ୍ଗଡ଼ା ବସା' ଥିଲା । ଧାଙ୍ଗଡ଼ାମାନେ 'ଧାଙ୍ଗଡ଼ା ବସାଘରେ' ଏବଂ ଧାଙ୍ଗିଡ଼ିମାନେ 'ଧାଙ୍ଗିଡ଼ି ବସା ଘରେ' ଶୟନ କରୁଥିଲେ । ଏହି ଧାଙ୍ଗଡ଼ା ଓ ଧାଙ୍ଗିଡ଼ି ବସା ଗ୍ରାମ ସଂଗଠନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଥିଲା । ଏବେ କିନ୍ତୁ ଅଧିକାଂଶ ପରଜା ଗାଁ'ରେ ଧାଙ୍ଗିଡ଼ି ବସା ଦେଖିବାକୁ ମିଳେନା । ମାତ୍ର ଧାଙ୍ଗଡ଼ାବସା ହିଁ ଗ୍ରାମର ସାଂସ୍କୃତିକ ଓ ସାମାଜିକ ପ୍ରାଣକେନ୍ଦ୍ର ଥିଲା । ସନ୍ଧ୍ୟାରେ ଯୁବକ, ଯୁବତୀମାନେ 'ବେରଣ ମୁଣ୍ଡା' ଠାରେ ଏକତ୍ର ହୋଇ ନାଚ, ଗୀତ କରିଥାନ୍ତି ଓ ମଜା ଉଠେଇଥାନ୍ତି । ଗୀତ ଓ ନାଚ ମାଧ୍ୟମରେ ଯୁବକ ଯୁବତୀ ପରସ୍ପର ପ୍ରତି ଆକର୍ଷିତ ହୋଇଥାନ୍ତି ଏବଂ ସେମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ଘଟେ । ପ୍ରଶ୍ନ-ଉତ୍ତର ଭଳି ସେମାନେ ଗୀତ ବୋଲିଥାନ୍ତି, ଯାହାକୁ ଲଗା ଗୀତ କହନ୍ତି । ସେମାନଙ୍କ ମଧ୍ୟରେ ଗୀତ

ପ୍ରତିଯୋଗିତା ହୁଏ ଏବଂ ସେମାନେ ନାଚି ନାଚି ହାଲିଆ ହୋଇଗଲା ପରେ ନିଜନିଜର ବସାଘରକୁ ଫେରନ୍ତି । ବର୍ତ୍ତମାନ ପରିପ୍ରେକ୍ଷୀରେ, ଧାଙ୍ଗଡ଼ା ବସା ଓ ଧାଙ୍ଗିଡ଼ି ବସାର ପ୍ରାସଙ୍ଗିକତା ଅନୁଭବ କରି ହେଉନାହିଁ । ଏହି ପରମ୍ପରା ଏବେ ଅବିଭକ୍ତ କୋରାପୁଟ ଜିଲ୍ଲାର କୌଣସି ଅଞ୍ଚଳରେ ଆଉ ଦେଖିବାକୁ ମିଳୁନାହିଁ । ତେବେ ବଣ୍ଡା ସମ୍ପ୍ରଦାୟରେ ଏପରି ବ୍ୟବସ୍ଥା ଅଦ୍ୟାବଧି ପ୍ରଚଳିତ ଅଛି । ଏହା ସେମାନଙ୍କ ସାମାଜିକ ଜୀବନକୁ ବହୁ ମାତ୍ରାରେ ପ୍ରଭାବିତ କରିଥାଏ ।

**ପରଜା ଗାଁ'ର ପ୍ରାଶାସନିକ ବ୍ୟବସ୍ଥା :** ପରଜା ଗାଁ'ର ଶାସନ ବ୍ୟବସ୍ଥା ଅତି ବ୍ୟବସ୍ଥିତ ଓ ଶୃଙ୍ଖଳିତ । ଗାଁ'ର ପ୍ରାଶାସନିକ ବ୍ୟବସ୍ଥାରେ ଯାନୀ, ମୁଦୁଲି/ନାୟକ, ଚଲାଣ, ଦିସାରୀ, ଶିରା (କାଳିସୀ), ଗୁଣିଆ, ଗୁରୁମାଇ (ମହିଳା ପୂଜକ) ଏବଂ ଭାତ ନାୟକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ପରଜା ଗାଁ'ରେ ଦୁଇ ପ୍ରକାର ମୁଖିଆ ଥାଆନ୍ତି । ଧାର୍ମିକ ବ୍ୟବସ୍ଥାର ନିୟନ୍ତ୍ରଣ ନେଇ ଗାଁ'ରେ ଜଣେ ମୁଖିଆ ଥାଆନ୍ତି । ତାଙ୍କୁ ଯାନୀ କହନ୍ତି । ଯାନୀ ହେଉଛନ୍ତି ଗାଁ' ମୁଖିଆ ଏବଂ ପୂଜକ । ଏମାନେ ଗାଁ'ର ପୂଜାରୀ । ଗାଁ'ର ସମସ୍ତ ପ୍ରକାର ପୂଜା, ପର୍ବପର୍ବାଣି ପାଳନ ବେଳେ ଯାନୀମାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପୂର୍ବକାଳରେ ରାଜାମାନେ ଦେବଦେବୀ ପୂଜାର୍ଚ୍ଚନା ନିମନ୍ତେ ଯାନୀ ବା ପୂଜକମାନଙ୍କୁ ଜମି ପ୍ରଦାନ କରିଥିଲେ । ଦେବଦେବୀଙ୍କ କୃପା ଲାଭ ପାଇଁ, ରୋଗ, ବଇରାଗରୁ ରକ୍ଷା ପାଇଁ, ଗାଈ, ଗୋରୁଙ୍କ ପାଇଁ, ଭଲ ଫସଲ ପାଇଁ, ଭଲ ବର୍ଷା ପାଇଁ ଯାନୀମାନେ ଦେବତାମାନଙ୍କୁ ପୂଜା କରନ୍ତି ଏବଂ ଗ୍ରାମର ମଙ୍ଗଳ କାମନା କରନ୍ତି । ଯାନୀଙ୍କ ପତ୍ନୀଙ୍କ ଦେହାନ୍ତ ହୋଇଗଲେ ସେମାନେ ଆଉ ପୂଜା କରିବାକୁ ଯୋଗ୍ୟ ହୋଇ ନ ଥାନ୍ତି । ତାଙ୍କ ଅନ୍ତେ ତାଙ୍କ ପୁତ୍ର କିମ୍ବା ଉତ୍ତରାଧିକାରୀମାନଙ୍କୁ ନୂତନ 'ଯାନୀ' ଭାବେ ନିଯୁକ୍ତ କରାଯାଏ । ପରଜା ଗାଁ'ର ଧର୍ମୀୟ ମୁଖିଆଙ୍କୁ ଛାଡ଼ି ଅନ୍ୟ ଜଣେ ମୁଖିଆ ଥାଆନ୍ତି, ଯାହାକୁ 'ମୁଦୁଲି' ବା 'ନାୟକ' କୁହନ୍ତି । 'ମୁଦୁଲି' ବା 'ନାୟକ'ମାନେ ହେଉଛନ୍ତି ଗ୍ରାମ ସଂଗଠନ ସର୍ବମୟ କର୍ତ୍ତା ଓ ପ୍ରାଶାସନିକ ମୁଖ୍ୟ । ପ୍ରତି ପରଜା ଗାଁ'ରେ ଜଣେ ଲେଖାଏଁ 'ମୁଦୁଲି' ବା 'ନାୟକ ଥାଆନ୍ତି । ଗାଁ'ଗୁଡ଼ିକୁ ଘେରି କେତେଗୁଡ଼ିଏ ଗୁଡ଼ା ବା ପାଲି (hamlet) ଥାଏ । 'ମୁଦୁଲି' ବା 'ନାୟକ' ହେଉଛନ୍ତି ଗାଁ'ର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଏବଂ ତାଙ୍କ କଥାକୁ ସମସ୍ତେ ମାନନ୍ତି । ଗାଁ'ର ଭଲମନ୍ଦ, ନ୍ୟାୟ ନିଶାପ ସବୁ ଏହି ମୁଦୁଲି ବୁଝିଥାନ୍ତି । ଗାଁ'ରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ମୁଦୁଲି ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । କୋରାପୁଟ, ଲକ୍ଷ୍ମୀପୁର, ଜୟପୁର, ନନ୍ଦପୁର ଅଞ୍ଚଳରେ ପରଜାମାନଙ୍କ ଗ୍ରାମ ମୁଖିଆଙ୍କୁ 'ନାୟକ' କୁହାଯାଉଥିବା ବେଳେ ନବରଙ୍ଗପୁର, ପାପଡ଼ାହାଣ୍ଡି, ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି, କୋଷାଗୁମୁଡ଼ା ଅଞ୍ଚଳରେ 'ନାୟକ' କିମ୍ବା 'ମୁଦୁଲି'ମାନଙ୍କ ପରିବର୍ତ୍ତେ 'ଜାନୀ' ହିଁ ଗାଁ'ର ସର୍ବେସର୍ବା । ତେବେ ରାୟଗଡ଼ା ଓ କାଶୀପୁର ଅଞ୍ଚଳରେ ପରଜା ଗାଁ' ମୁଖିଆମାନେ 'ମୁଦୁଲି' ଭାବେ ପରିଚିତ ହୋଇଥାନ୍ତି । ପରଜା ସମାଜରେ ଯଦି କେହି କୁକର୍ମ ବା ଅପକର୍ମ କାରଣରୁ ସମାଜରୁ ବାସନ୍ଦ ହୋଇଯାଏ, ତେବେ ତାକୁ ପୁନର୍ବାର ଜାତିରେ ମିଶେଇବା ପାଇଁ ଉଦ୍ୟମ କରାଯାଏ । ଏହି ଜାତିଚ୍ୟୁତ ଲୋକଙ୍କୁ ଯେଉଁ ବ୍ୟକ୍ତି କ୍ରିୟା, କର୍ମ, ପୂଜା, ପାଠ କରି ମିଶେଇଥାନ୍ତି ତାଙ୍କୁ 'ଭାତ ନାୟକ' କୁହାଯାଏ । ଭାତ ନାୟକମାନେ ଏକ ସ୍ୱତନ୍ତ୍ର ଶ୍ରେଣୀର ସମ୍ମାନସ୍ପଦ ବ୍ୟକ୍ତିତ୍ୱ ଏବଂ ଏମାନେ ସାଧାରଣତଃ ପୂଜାରୀ ଶ୍ରେଣୀର ପରଜା । ଯଦି କୌଣସି

ପରଜା ଯୁବକ ପରଜା ଜାତିର ନିୟମ ଉଲ୍ଲଂଘନ କରି ଅନ୍ୟ ଜାତିର ଯୁବତୀକୁ ବିବାହ କରେ, କୌଣସି ପରଜାକୁ ଯଦି ବାଘ ମାରିଦିଏ (ଦେବତାଙ୍କ କ୍ରୋଧ ଯୋଗୁଁ ବାଘ ଖାଇଯାଏ ବୋଲି ବିଶ୍ୱାସ କରାଯାଏ) ତେବେ ଏମାନେ ପାପ କରିଛନ୍ତି ବୋଲି ପରଜା ସମାଜ ବିଚାର କରେ ଏବଂ ଏମାନଙ୍କୁ ଜାତିରୁ ଅଲଗା କରାଯାଏ । ଏହି ଜାତିଚ୍ୟୁତ ବ୍ୟକ୍ତି ନିଜର ଦୋଷକୁ ସ୍ୱୀକାର କରି ଗ୍ରାମବାସୀଙ୍କୁ ଭୋଜି ଦେଇ ପୁଣି ଜାତିରେ ମିଶେ । ଭାତ ନାୟକ ହିଁ ଏହି ଜାତିଚ୍ୟୁତ ଲୋକଙ୍କୁ ପୂଜାପାଠ କରି ପୁନର୍ବାର ଜାତିରେ ମିଶାଇଥାନ୍ତି । ପରଜା ଗ୍ରାମ ସଂଗଠନରେ 'ଚଲାଣ' ହେଉଛନ୍ତି ଜଣେ ଅନ୍ୟତମ ପ୍ରମୁଖ ସଦସ୍ୟ । ଚାଲାଣ ଗାଁ' ମୁଖିଆଙ୍କ ପ୍ରମୁଖ ସହଯୋଗୀ ଭାବେ କାର୍ଯ୍ୟ କରନ୍ତି । ମୁଖିଆଙ୍କ ନିର୍ଦ୍ଦେଶ ଅନୁଯାୟୀ ଚଲାଣ ଗାଁ'ର ସବୁ ଲୋକଙ୍କୁ ବେରଣ (meeting) ରେ ଯୋଗ ଦେବା ପାଇଁ ନିମନ୍ତ୍ରଣ ଦେଇଥାନ୍ତି । ଗାଁ'ରେ ପାଳନ ହେବାକୁ ଥିବା ପର୍ବପର୍ବାଣି, ଯାନିଯାତରା ଓ ଅନ୍ୟାନ୍ୟ ସାମାଜିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅବସରରେ ଗାଁ' ମୁଖିଆ 'ମୁଦୁଲି' ଗାଁ'ରେ ସଭା ଡାକନ୍ତି । ଚଲାଣ ମୁଦୁଲିଙ୍କଠାରୁ ନିର୍ଦ୍ଦେଶ ପାଇ ଗାଁ ଲୋକଙ୍କୁ ବେହରଣ (ବେରଣ) ନିକଟକୁ ଡାକି ଆଣନ୍ତି । ଏହି ସେବା ପାଇଁ ଚଲାଣ ଗାଁ'ଲୋକଙ୍କ ଠାରୁ ଧାନ, ବିରି, କାନ୍ଦୁଲ, ପଇସା ପାଇଥାନ୍ତି । ଦେଶ ସ୍ୱାଧୀନ ହେବା ପୂର୍ବରୁ ଚଲାଣମାନେ ମୁଖ୍ୟତଃ ରାଜ ପ୍ରତିନିଧି ଭାବେ ଗାଁ' ମୁଖିଆ, ଗ୍ରାମବାସୀ ଏବଂ ରାଜକର୍ମଚାରୀ ଯଥା – ପୋଲିସ, ଜଙ୍ଗଲଅଧିକାରୀ, ରାଜସ୍ୱ ଅଧିକାରୀଙ୍କ ମଧ୍ୟରେ ଏକ ଯୋଗସୂତ୍ର ରକ୍ଷା କରୁଥିଲେ । ଚଲାଣମାନେ ଏହି ଦୁଇ ଗାଁ' ମୁଖିଆଙ୍କ ବୋଲକରା ସଦୃଶ । ପରଜା ଗାଁ'ରେ ଥିବା ଦୁଇ ଜଣ ମୁଖିଆ 'ଯାନୀ' ଏବଂ 'ମୁଦୁଲି'ଙ୍କ ନିର୍ଦ୍ଦେଶକୁ ଚଲାଣ ଗାଁ' ଲୋକଙ୍କ ନିକଟରେ ପହଞ୍ଚାଏ । ସ୍ୱାଧୀନତା ପୂର୍ବରୁ ପ୍ରତି ଗାଁ'ରେ ଜଣେ ଜଣେ ଚଲାଣ ଥିଲେ । କୌଣସି କାମରେ ଗାଁ'କୁ ଯଦି କେହି ସରକାରୀ ପଦାଧିକାରୀ, ରାଜକର୍ମଚାରୀ ଆସନ୍ତି, ତେବେ ଚଲାଣମାନେ ମୁଦୁଲିଙ୍କ ନିର୍ଦ୍ଦେଶ ଅନୁଯାୟୀ ସେମାନଙ୍କ ସେବା ଯୋଗାଇ ଦେବା ଦାୟିତ୍ୱ ନିର୍ବାହ କରନ୍ତି । ରାଜସ୍ୱ ଆଦାୟ ହେଉ କି ଆଇନ୍ ଶୃଙ୍ଖଳା ପାଇଁ ପୋଲିସ କିମ୍ବା ଜଙ୍ଗଲ ସମ୍ବନ୍ଧୀୟ ବ୍ୟାପାରରେ ଯଦି ଜଙ୍ଗଲ ଅଧିକାରୀ ଗାଁ'କୁ ଆସନ୍ତି, ଚଲାଣମାନେ ସେମାନଙ୍କ ରହିବା, ଖାଇବା, ପିଇବା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦାୟିତ୍ୱ ନିର୍ବାହ କରିଥାନ୍ତି । କ୍ଷୀର, କାଠ, ଚାଉଳ, ଡାଲି, ଘିଅ, କୁକୁଡ଼ା, ପନିପରିବା ଆଦି ଗାଁ'ରୁ ଆଦାୟ କରାଯାଏ ଏବଂ ରୋଷେଇର ବ୍ୟବସ୍ଥା କରାଯାଏ । ଏହି ସମସ୍ତ କାର୍ଯ୍ୟକୁ 'ଚଲାଣ' ତଦାରଖ କରେ । ଚଲାଣମାନେ ସାଧାରଣତଃ ପରଜା ଗୋଷ୍ଠୀର ହୋଇଥାନ୍ତି । ତେବେ ବିଶେଷ ସ୍ଥଳରେ ହରିଜନ, ଡମ୍ବ ଲୋକମାନଙ୍କୁ ଚଲାଣି ଭାବେ ନିଯୁକ୍ତି ଦିଆଯାଇଥାଏ । ବିଶେଷକରି କୋରାପୁଟ, ଲକ୍ଷ୍ମୀପୁର, ବୋରିଗୁମ୍ମା, ଜୟପୁର, ବୈପାରୀଗୁଡ଼ା, କୁନ୍ଦୁରା ଅଞ୍ଚଳରେ ହରିଜନ ଲୋକମାନଙ୍କୁ ପରଜା ଗାଁ'ରେ ଜଣେ ଜଣେ 'ଦିସାରି' ଥାଆନ୍ତି । ଏମାନେ ସାଧାରଣତଃ ପାଞ୍ଜି ଦେଖି ଭାଗ୍ୟ ଓ ଭବିଷ୍ୟତ ନିର୍ଣ୍ଣୟ କରନ୍ତି । ପିଲାର ନାମକରଣ, ବିବାହ ଲଗ୍ନ ସ୍ଥିର କରିବା, ତିଥି, ବାର ଓ ନକ୍ଷତ୍ରରେ ନୂଆ କରି ଧାନ ଖାଇବା, ଆମ୍ବ ଖାଇବା, ଜମି ଚାଷ କରିବା, ଧାନ ବୁଣିବା, ତଳି ପକାଇବା, ବିଭିନ୍ନ ପର୍ବପର୍ବାଣି ପାଳନ କରିବାର ସମୟ ନିର୍ଦ୍ଧାରଣ ଆଦି ବିଭିନ୍ନ କାର୍ଯ୍ୟ ଦିସାରିମାନେ କରିଥାନ୍ତି । ଦିସାରିମାନେ ସାଧାରଣତଃ ଜ୍ୟୋତିଷଶାସ୍ତ୍ରରେ ପାରଙ୍ଗମ ଥାଆନ୍ତି । ଗ୍ରହ, ନକ୍ଷତ୍ର ଗଣନା କରି

ଭବିଷ୍ୟତ ସମ୍ପର୍କରେ ପ୍ରକାଶ କରନ୍ତି । ପରଜା ଆଦିବାସୀ ହିଁ ମୁଖ୍ୟତଃ ଦିସାରୀ କାମ କରିଥାନ୍ତି । ପରଜା ଗ୍ରାମ ସଂଗଠନରେ ଗୁଣିଆମାନଙ୍କର ଏକ ସ୍ୱତନ୍ତ୍ର ଭୂମିକା ରହିଛି । ଗୁଣିଆମାନେ ସାଧାରଣତଃ ତାନ୍ତ୍ରିକ ଏବଂ ଏମାନେ ଜଡ଼ିବୁଟି ଔଷଧର ପ୍ରୟୋଗ କରିଥାନ୍ତି । ସେହିଭଳି ପରଜା ଗ୍ରାମ ସଂଗଠନରେ ଶିରା ବା କାଳିସୀ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ । ଦେବଦେବୀଙ୍କ ଆତ୍ମା ଯେଉଁ ନିର୍ଦ୍ଦିଷ୍ଟ ପରଜା ଲୋକର ଦେହରେ ସବାର ହୁଏ ତାକୁ ଶିରା କହନ୍ତି । କୌଣସି ଗାଁ'ରେ ଦୈବଦୁର୍ବିପାକ ଘଟିଲେ କିମ୍ବା ଅଘଟଣ ଘଟିଲେ, ରୋଗ ବଇରାଗ ହେଲେ ଏହା ଦେବତାଙ୍କ କ୍ରୋଧ ଯୋଗୁଁ ହେଲା ବୋଲି ପରଜାମାନେ ବିଶ୍ୱାସ କରନ୍ତି । ଏସବୁ କେଉଁଥିପାଇଁ ହେଲା, କେଉଁ ଦେବତାଙ୍କ କ୍ରୋଧ ଯୋଗୁଁ ହେଲା ଏହାର ମୂଳ କାରଣ ଖୋଜିବା ପାଇଁ ଗ୍ରାମ ଲୋକମାନେ ଶିରା ବସେଇଥାନ୍ତି । ଶିରା (କାଳିସୀ) ବସିବା ବେଳେ ଶିରାମାନେ ଶୁଚିପତ୍ର ହୋଇ, ଶ୍ୱେତବସ୍ତ୍ର ପରିଧାନ କରି, ଫୁଲ, ହଳଦି, ପାଣିକୁ ମନ୍ତ୍ରିତ କରି ବତୁରା ଅରୁଆ ଚାଉଳକୁ ପତ୍ର ଠୋଲାରେ ରଖି ନିଜ ଶରୀରକୁ ଭୀଷଣ ଭାବେ ଦୋହଲାଇ, ଭୂମି ଉପରେ ପଡ଼ି ଉଠି, ମୁଣ୍ଡକୁ ଘୂରେଇ ନିଜ ଶରୀର ଭିତରକୁ ଦେବତା ବା ଡୁମାଙ୍କୁ ଆବାହନ କରନ୍ତି । ଡୁମା ବା ଦେବତାଙ୍କ ଆତ୍ମା ଶିରାର ଶରୀର ମଧ୍ୟକୁ ପ୍ରବେଶ କଲା ପରେ ସେ ପ୍ରାକୃତିକ ଦୁର୍ବିପାକ, ରାଗର କାରଣ, ଗାଁ' ଉପରେ କେଉଁ ଦେବତା କୋପ କରିଛନ୍ତି, କ୍ରୋଧିତ ଦେବତାଙ୍କୁ କି ବଳି ଦିଆଯିବ ଏବଂ କେତେ ପରିମାଣରେ କେଉଁ ମଦ (ସଲପ, ହାଣ୍ଡିଆ, ମହୁଲି, ଚାଉଳି) ଦିନକୁ କେତେ ଥର କେଉଁ ସମୟରେ ପ୍ରଦାନ କରାଯିବ ଏ ସମ୍ପର୍କରେ ସୂଚନା ଦିଅନ୍ତି । 'ଗୁରୁମାଇ'ମାନେ ହେଉଛନ୍ତି ପରଜା ସମାଜରେ ନାରୀ ପୂଜକ । ବିଶେଷକରି ଶିରାମାନେ ଯେଉଁ କାମ କରନ୍ତି ଗୁରୁମାଇମାନେ ସେହି କାମ ତୁଲାଇଥାନ୍ତି । ଶିରାମାନେ ପୁରୁଷ ହୋଇଥିବା ବେଳେ ଗୁରୁମାଇ ନାରୀ । ବାଲିଯାତ୍ରା ସମୟରେ ଗୁରୁମାଇମାନେ ବାଲି କୁଡ଼ିଆରେ ବସି ପୁରାଣ ପାଠ କରି ଭଲ ଫସଲ ଓ ଗାଁ' ଲୋକଙ୍କ ଆରୋଗ୍ୟ କାମନାକରି ଦେବତାଙ୍କୁ ଆବାହନ କରିଥାନ୍ତି । ଗୁରୁମାଇ ମଧ୍ୟ ଶିରା ପରି 'ଡୁମା ଧରିବା' ଏବଂ 'ଦେବତା ଚେଗିବା' କାର୍ଯ୍ୟ କରିଥାନ୍ତି । ଗୁରୁମାଇମାନେ ପିଲା ଜନ୍ମ ବେଳେ ଏନ୍ତୁଡ଼ିଶାଳରେ ଉପସ୍ଥିତ ରହନ୍ତି । ଗୁରୁମାଇ ଏନ୍ତୁଡ଼ିଶାଳରେ ଦୀପ ଜାଳି ମନ୍ତ୍ରତନ୍ତ୍ର କରି ଶିଶୁଟିର ଉଜ୍ଜ୍ୱଳ ଭବିଷ୍ୟତ କାମନା କରନ୍ତି । ଯଦି ଜନ୍ମ ଯନ୍ତ୍ରଣା ଅଧିକ ହେଲା କିମ୍ବା କୌଣସି ଅସୁବିଧା ପରିଲକ୍ଷିତ ହେଲା ତେବେ ଗୁଣିଆ ଡକାଯାଏ । ଗୁଣିଆ ଆସି ଝଡ଼ାଫୁଙ୍କା କରେ ଓ ଚେରମୂଳି ପ୍ରୟୋଗ କରେ । କିଛିକିଛି ପରଜା ଗାଁ'ରେ ପୁରୁଷମାନେ ମଧ୍ୟ ଗୁରୁମାଇ କାର୍ଯ୍ୟ ତୁଲାଇଥାନ୍ତି । ସେମାନେ ଶାଢ଼ି ପରିଧାନ କରି ନାରୀ ବେଶରେ ଗୁରୁମାଇର କାର୍ଯ୍ୟ କରିଥାନ୍ତି । ଏସବୁ ପରିଜା ଗ୍ରାମ ସଂଗଠନର ଅଭିନ୍ନ ଅଙ୍ଗ ।

**ପରଜା ସମାଜରେ ଦଣ୍ଡବିଧାନ :** ପରଜା ସମାଜରେ କେହି ଦୋଷ କଲେ ତାକୁ ଉପଯୁକ୍ତ ଶାସ୍ତି ପ୍ରଦାନ କରାଯାଏ । ଗାଁ'ର 'ବେରେଣମୁଣ୍ଡା' ଠାରେ ଗାଁ'ସଭା ବସି ଦୋଷୀକୁ ଦଣ୍ଡ ଦିଆଯାଏ । ଗାଁ' ମୁଖିଆ 'ଜାନୀ' ଓ 'ମୁଦୁଲି'ଙ୍କ ଉପସ୍ଥିତିରେ ଦୋଷୀର ବିଚାର କରାଯାଇ ଉପଯୁକ୍ତ ଦଣ୍ଡବିଧାନ କରାଯାଏ । ଧରାଯାଉ ଗାଁ'ର ଜଣେ ଯୁବକ ଓ ଜଣେ ଯୁବତୀ ଅନୈତିକ ଶାରୀରିକ ସମ୍ପର୍କ ରଖୁଥିବା ବେଳେ ସେମାନଙ୍କୁ ଉଦ୍ଧାର କରାଗଲା,ତେବେ ସେମାନଙ୍କୁ କିପରି ଦଣ୍ଡବିଧାନ କରାଯିବ ତାହା ଗାଁ' ମୁଖିଆ 'ମୁଦୁଲି', 'ନାୟକ'

ଓ 'ଜାନୀ' ନିଷ୍ପତ୍ତି ନେବେ । ସେମାନଙ୍କୁ ପରଜା ସାମାଜିକ ବ୍ୟବସ୍ଥା ଅନୁଯାୟୀ ଦଣ୍ଡ ବିଧାନ କରାଯାଏ । ପ୍ରଥମେ ଗାଁ'ର ତିନି ଜଣ ପରଜା ଯୁବକ ଦୁଇଟି କୁକୁଡ଼ାଙ୍କ ଗୋଡ଼ରେ ଦୁଇଟି ଲମ୍ବା ଦଉଡ଼ି ବାନ୍ଧନ୍ତି । ଏହା ବେରଣମୁଣ୍ଡା ନିକଟରେ କରାଯାଏ ଏବଂ ସେତେବେଳେ ସେଠାରେ ଗାଁ'ର ଆବାଳବୃଦ୍ଧବନିତା ସମସ୍ତେ ଉପସ୍ଥିତ ଥାଆନ୍ତି । ଗାଁ'ର 'ମୁଦୁଲି' ବା 'ନାୟକ' ଓ 'ଜାନୀ' ବେରଣମୁଣ୍ଡା ନିକଟରେ ବସନ୍ତି । ସେମାନଙ୍କ ଗୋଡ଼ ସହିତ ଏହି ଦୁଇଟି କୁକୁଡ଼ାକୁ ମଧ୍ୟ ବାନ୍ଧି ଦିଆଯାଏ । ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ଯେଉଁ ଦୁଇ ଜଣ ପୁରୁଷ ଓ ମହିଳା କିମ୍ବା ଯୁବକ ଓ ଯୁବତୀଙ୍କୁ ଉଦ୍ଧାର କରାଯାଇଥାଏ, ସେମାନଙ୍କୁ ବେରଣମୁଣ୍ଡା ସମ୍ମୁଖକୁ ଅଣାଯାଏ । ସେମାନେ ଲଜ୍ଜା ଓ ଅପମାନ ହେତୁ ନିରବରେ ବେରଣମୁଣ୍ଡା ସମ୍ମୁଖରେ ଉପସ୍ଥିତ ହୁଅନ୍ତି । ସେମାନଙ୍କୁ ଜୋରିମାନା ସ୍ୱରୂପ କିଛି ଟଙ୍କା ଦେବାକୁ ପଡ଼ିଥାଏ । ଏହି ଜୋରିମାନା ଅର୍ଥରେ କିଛି ମଦ କିମ୍ବା ଧୂଆଁପତ୍ର କିଣାଯାଏ । ଏହାକୁ ସମସ୍ତେ ସାଥୀହୋଇ ପାନ କରନ୍ତି । ଏହାପରେ ଗୋଟିଏ କୁକୁଡ଼ାକୁ ମାରି ତାହାର ଡେଣା ଦୁଇଟିକୁ କାଟି ଦିଆଯାଏ ଏବଂ ଏହି ଡେଣାଶୂନ୍ୟ ମୃତ କୁକୁଡ଼ାକୁ ଗାଁ' ମୁଖିଆ 'ଜାନୀ'ର ଗୋଡ଼ରେ ବାନ୍ଧି ଦିଆଯାଏ । ଏହା ପରେ ଏହି ମୃତ କୁକୁଡ଼ାକୁ ଏକ ବାଉଁଶ ଖୁଣ୍ଟିରେ ଝୁଲାଇ ଦିଆଯାଏ । ଏହା କରିବା ଅର୍ଥ ହେଉଛି, ଗାଁ' ଲୋକେ ଏହି ଦୁଇ ଜଣ ପୁରୁଷ ଓ ମହିଳାଙ୍କୁ ତିରସ୍କାର କରନ୍ତି ଏହା କୁକାର୍ଯ୍ୟ ବୋଲି ସେମାନଙ୍କୁ ଚେତେଇ ଦିଅନ୍ତି । ଏହାପରେ ଦୁଇଟି କୁକୁଡ଼ା ମାଂସକୁ ଭୋଜି କରାଯାଏ । ଉପସ୍ଥିତ ପରଜାମାନେ 'ଲନ୍ଦା' ପିଇ କୁକୁଡ଼ା ମାଂସ ଖାଇ ଖୁସି ମନାନ୍ତି । ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ନାଚଗୀତ କରନ୍ତି । ସେହିଭଳି ଗାଁ'ର କେହି ପରଜା ଚୋରି, ଡକାୟତି କଲେ ମଧ୍ୟ ତାକୁ ବେରଣମୁଣ୍ଡାଠାରେ ଦଣ୍ଡବିଧାନ କରାଯାଏ । ତା'ଠାରୁ ଜୋରିମାନା ବାବଦକୁ ନିଆଯାଇଥିବା ଟଙ୍କାରେ ଲନ୍ଦା ଓ କୁକୁଡ଼ା ଭୋଜି କରାଯାଏ । ବେରଣରେ ଉପସ୍ଥିତ ଥିବା ସମସ୍ତ ପରଜା ମାଂସ ଭୋଜି କରିବା ସାଙ୍ଗକୁ ଲନ୍ଦା ପାନ କରନ୍ତି । ତେବେ ପୂର୍ବ କାଳରେ ଏପରି ଦଣ୍ଡ ବିଧାନ କରାଯାଉଥିଲା । ଏବେ ଏପରି ଦଣ୍ଡବିଧାନକୁ ଦୋଷ କରିଥିବା ପରଜା ଯୁବକ/ଯୁବତୀମାନେ ମାନିବାକୁ ପ୍ରସ୍ତୁତ ନୁହନ୍ତି । ଅନେକ ସ୍ଥଳରେ ମାମଲା ଥାନା, କଚେରୀକୁ ଯାଉଛି ଏବଂ ସେଠାରେ ସମାଧାନର ସୂତ୍ର ବାହାରୁଛି ।

ବିବାହ ପୂର୍ବରୁ କନ୍ୟା ଗର୍ଭବତୀ ହୋଇ ପଡୁଥିଲେ ଗ୍ରାମ ସଙ୍ଗଠନ ମାଧ୍ୟମରେ କନ୍ୟାକୁ ଉଚିତ୍ ନ୍ୟାୟ ପ୍ରଦାନ କରାଯାଉଥିଲା । କନ୍ୟାକୁ ଗର୍ଭବତୀ କରିଥିବା ଯୁବକକୁ ଉଚିତ୍ ଦଣ୍ଡବିଧାନ କରାଯାଉଥିଲା । ପରେ ସମ୍ପୃକ୍ତ ଗର୍ଭବତୀ ଝିଅ ଓ ପୁଅ ମଧ୍ୟରେ ବିବାହ ଅନୁଷ୍ଠିତ ହେବାକୁ ଗ୍ରାମ ସଙ୍ଗଠନ ନିର୍ଦ୍ଦେଶ ଦେଉଥିଲେ । ଏହା ବ୍ୟତୀତ ସମ୍ପୃକ୍ତ ଯୁବକକୁ କିଛି ଦଣ୍ଡ ମଧ୍ୟ ପ୍ରଦାନ କରାଯାଇଥାଏ । ଯୁବକ ଦେଇଥିବା କୁକୁଡ଼ା ମାସ ରନ୍ଧାଯାଇ ପରଜାଙ୍କ ମଧ୍ୟରେ ବଣ୍ଟାଯାଏ । ଯୁବକଟି ଜୋରିମାନା ବାବଦକୁ ଦେଇଥିବା ମାଣ୍ଡିଆରୁ ଜାଉ ପ୍ରସ୍ତୁତ କରାଯାଏ । ହାଣ୍ଡିରେ ତତଲା ଡହଡହ ଫୁଟୁଥିବା ଅବସ୍ଥାରେ ମାଣ୍ଡିଆ ଜାଉରୁ ଗୋଟିଏ ଶର୍ଗିପତ୍ର ଠୋଲାରେ ଠୋଲାଭର୍ତ୍ତି ଏହି ଜାଉ ଅଣାଯାଏ । ଏଥିରେ ଉଭୟ ପୁଅ ଓ ଝିଅର ହାତକୁ ଏକତ୍ର ବୁଡ଼େଇବାକୁ କୁହାଯାଏ । ଏହି ତତଲା ଡହଡହ ମାଣ୍ଡିଆ ଜାଉରେ ହାତ ବୁଡ଼େଇବା ସତ୍ତ୍ୱେ ଯଦି କାହାର ହାତକୁ କଷ୍ଟ ନ ହେଲା ତେବେ ପୁଅ, ଝିଅ ମନରାଜି ବୋଲି ଧରି ନେବାକୁ ହୋଇଥାଏ । ସେମାନେ ଭବିଷ୍ୟତରେ ଘର

ସଂସାର କରିପାରିବେ ବୋଲି 'ଜାନୀ' ପ୍ରକାଶ କରନ୍ତି । ଯଦି କାହାର ହାତ ପୋଡ଼ି ଗଲା କିମ୍ବା ଫୋଟକା ହୋଇଗଲା ତେବେ ସେମାନଙ୍କ ମଧ୍ୟରେ ଭବିଷ୍ୟତରେ ଉତ୍ତମ ସମ୍ପର୍କ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୁଏ । ଏ କ୍ଷେତ୍ରରେ ଉଭୟଙ୍କ ମଧ୍ୟରେ ବିବାହ ହେବା ନେଇ ତର୍କବିତର୍କ ହୁଏ । ବିବାହ ହୋଇ ବି ନ ପାରେ । କିନ୍ତୁ ଅଧିକାଂଶ ମାମଲାରେ ସଂପୃକ୍ତ ଯୁବକ-ଯୁବତୀଙ୍କ ମଧ୍ୟରେ ବିବାହ ଅନୁଷ୍ଠିତ ହୋଇଥାଏ । ତେବେ ଆଜିର ଦିନରେ ଦଣ୍ଡିତ ପରଜା ଯୁବକ, ଯୁବତୀ ଗାଁ' ମୁଖିଆ 'ଜାନୀ' କିମ୍ବା 'ମୁଦୁଲି'ର ନିଷ୍ପତ୍ତି ମାନୁନାହାନ୍ତି । ଯଦି ଗାଁ' ନିଷ୍ପତ୍ତିରେ ଦଣ୍ଡିତ ପରଜା ସନ୍ତୁଷ୍ଟ ହେଉନି, ସେ ଥାନା କିମ୍ବା କୋର୍ଟକୁ ଯିବାକୁ ଅଧିକ ପସନ୍ଦ କରୁଛି । ଗାଁ' ମୁଖିଆଙ୍କ ନିଷ୍ପତ୍ତିଠାରୁ କୋର୍ଟର ରାୟକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେକରୁଛି ଦଣ୍ଡିତ ପରଜାଟି । ପୂର୍ବେ ଅଧିକାଂଶ ମାମଲା ଗ୍ରାମ ସଙ୍ଗଠନ ଜରିଆରେ ଫଇସଲା ହୋଇଯାଉଥିବା ବେଳେ ବର୍ତ୍ତମାନ ଏହା ଥାନା, ଫାଣ୍ଡି, କୋର୍ଟ, କଚେରୀକୁ ଆସୁଛି ।

## ଜୁଆଙ୍ଗ ଓ ଭୂୟାଁ ଗ୍ରାମ ସଂଗଠନ

ଓଡ଼ିଶାରେ ବସବାସ କରୁଥିବା ୧୩ ପ୍ରକାର ଆଦିମ ଜନଜାତି ଗୋଷ୍ଠୀଙ୍କ ମଧ୍ୟରୁ ଜୁଆଙ୍ଗ ଏକ ଆଦିମ ଜନଜାତି ଗୋଷ୍ଠୀ । ଏମାନେ ମୂଳତଃ କେନ୍ଦୁଝର ଜିଲ୍ଲାରେ ଦେଖିବାକୁ ମିଳନ୍ତି । ଖୁବ୍ କମ୍ ସଂଖ୍ୟାରେ ଅବିଭକ୍ତ ଢେଙ୍କାନାଳରେ ବାସକରନ୍ତି । କେନ୍ଦୁଝର ଜିଲ୍ଲାର ଗୋନାସିକା ପାହାଡ଼ ହେଉଛି ଜୁଆଙ୍ଗମାନଙ୍କର ଆଦିଭୂମି । ସେହିଭଳି କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ବସବାସ କରୁଥିବା ଭୂୟାଁ ଜନଜାତି ଗୋଷ୍ଠୀର ଗ୍ରାମ ସଙ୍ଗଠନ ମଧ୍ୟ ଖୁବ୍ ଶୃଙ୍ଖଳିତ । ଜୁଆଙ୍ଗ ଓ ଭୂୟାଁ ଗ୍ରାମ ସଙ୍ଗଠନର ଢାଞ୍ଚାଗତ ଶୈଳୀ ପ୍ରାୟ ଏକ ପ୍ରକାର ଏବଂ ସେମାନଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ ।

ଜୁଆଙ୍ଗ ଓ ଭୂୟାଁମାନଙ୍କ ସାମାଜିକ ଓ ଗୋଷ୍ଠୀ ଜୀବନ ଖୁବ୍ ସମୃଦ୍ଧ । ପର୍ବପର୍ବାଣି, ବିଭାଘର, ଜନ୍ମ ଓ ମୃତ୍ୟୁ ଭଳି ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମମାନଙ୍କରେ ସେମାନେ ଏକତ୍ରିତ ହୋଇଥାନ୍ତି । ଗାଁ'ରେ ଜଣେ କେହି ମରିଗଲେ ସମସ୍ତେ ପ୍ରଥମେ 'ମଣ୍ଡଘରେ' ଏକତ୍ରିତ ହୋଇଥାନ୍ତି ଏବଂ ଏହାପରେ ସମସ୍ତେ ମୃତଘର ଘରେ ଉପସ୍ଥିତ ହୋଇ ପରିବାରର ସଦସ୍ୟମାନଙ୍କୁ ସମବେଦନା ଜ୍ଞାପନ କରିଥା'ନ୍ତି । ସେହିଭଳି କାହା ଘରେ ଶିଶୁଟିଏ ଜନ୍ମ ହେଲେ ସମସ୍ତେ ଏକତ୍ରିତ ହୋଇଥାନ୍ତି । ଜୁଆଙ୍ଗ ଓ ଭୂୟାଁମାନେ ମିଳିମିଶି ତଇଲାରେ ପୋଡୁଚାଷ କରନ୍ତି ଏବଂ ଫସଲ ଅମଳ କରନ୍ତି । ଅବସର ସମୟରେ ଜୁଆଙ୍ଗ ଓ ଭୂୟାଁମାନେ ଗାଁ' ମଝିରେ ଥିବା ସେମାନଙ୍କ ମଣ୍ଡଘରେ ଉପସ୍ଥିତ ହୋଇ ଦୁଃଖସୁଖ ହୁଅନ୍ତି ।

**ଜୁଆଙ୍ଗ ଓ ଭୂୟାଁ ଗ୍ରାମ ସଙ୍ଗଠନରେ ମଣ୍ଡଘରର ଭୂମିକା :** ଉଭୟ ଜୁଆଙ୍ଗ ଓ ଭୂୟାଁ ଗ୍ରାମ ସଙ୍ଗଠନରେ 'ମଣ୍ଡଘର'ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅବିବାହିତ ଜୁଆଙ୍ଗ ଯୁବକ (କଙ୍ଗେର), ଅବିବାହିତ ଯୁବତୀ (ସେଲାନ୍)ମାନଙ୍କ ପାଇଁ ପ୍ରତ୍ୟେକ ଗାଁ'ରେ ଦୁଇଟି ଭିନ୍ନଭିନ୍ନ 'ଅବସର ବିନୋଦନ କେନ୍ଦ୍ର' (youth dormitory) ଥିଲା । ଜୁଆଙ୍ଗ ଯୁବକମାନଙ୍କ ପାଇଁ ବ୍ୟବହୃତ ଅବସର ବିନୋଦନ କେନ୍ଦ୍ରଟିକୁ 'ମଜାଙ୍ଗ' ବା 'ମଣ୍ଡଘର' କୁହାଯାଉଥିବା ବେଳେ ଯୁବତୀମାନଙ୍କ ପାଇଁ ଉଦ୍ଦିଷ୍ଟ ଘରଟିକୁ 'ମେଲାଇଙ୍ଗ୍ୟାନ୍'ର

ପ୍ରାସଙ୍ଗିକତା ଆଉ ଅନୁଭବ କରିହେଉ ନାହିଁ । ଜୁଆଙ୍ଗ ଗାଁ'ମାନଙ୍କରେ ଏହି 'ମେଲାଇଙ୍ଗ୍ୟାନ୍' ଏବେ ଦେଖିବାକୁ ମିଳେନାହିଁ । ସେହିଭଳି ପ୍ରତି ଭୂୟାଁ ଗାଁ'ରେ ମଧ୍ୟ ମଣ୍ଡଘର ମାଧ୍ୟମରେ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପାଦନ ହେବା ସାଙ୍ଗକୁ ନ୍ୟାୟ ନିଷ୍ପତ୍ତି ହୋଇଥାଏ ।

ସାଧାରଣତଃ,ପ୍ରତି ଜୁଆଙ୍ଗ ଗ୍ରାମରେ ଗୋଟିଏ ଲେଖାଏ 'ମଜାଙ୍ଗ୍' (ମଣ୍ଡଘର) ରହିଥାଏ । ମଣ୍ଡଘରଟି ମୁଖ୍ୟତଃ ୮ ପ୍ରକାର କାର୍ଯ୍ୟ ତୁଲାଇଥାଏ । ସେଗୁଡ଼ିକ ହେଲା –

୧। ଗାଁ' ନ୍ୟାୟାଳୟ (village court)

୨। ସୂଚନା କେନ୍ଦ୍ର (information centre)

୩। ଅତିଥି ଚର୍ଚ୍ଚା ଗୃହ (guest house)

୪। କୋଠଘର (godown)

୫। ସାଂସ୍କୃତିକ କେନ୍ଦ୍ର (cultural centre)

୬। ଯୁବକ ସଂଘ ଗୃହ (community centre)

୭। ଅବସର ବିନୋଦନ କେନ୍ଦ୍ର (village common room)

୮। ଧାର୍ମିକ କେନ୍ଦ୍ର (religious centre)

ଜୁଆଙ୍ଗମାନଙ୍କର ସାମାଜିକ, ଅର୍ଥନୈତିକ,ସାଂସ୍କୃତିକ, ରାଜନୈତିକ ଓ ଗୋଷ୍ଠୀ ଜୀବନରେ 'ମଜାଙ୍ଗ'ର ଏକ ବିଶେଷ ଭୂମିମା ରହିଥାଏ । 'ମଜାଙ୍ଗ (ମଣ୍ଡଘର)କୁ ଅନ୍ୟ ଅର୍ଥରେ କଚେରୀ ଘର ବୋଲି ବୁଝାଯାଇଥାଏ । ଏଠାରେ ଜୁଆଙ୍ଗମାନଙ୍କର ସମସ୍ତ ପ୍ରକାର ନ୍ୟାୟନିଶାପ ହୋଇଥାଏ । ମଣ୍ଡଘରଟି ଗ୍ରାମର ଅନ୍ୟାନ୍ୟ ସାଧାରଣ ଘରମାନଙ୍କ ତୁଳନାରେ ବଡ଼ ଆକାରର ହୋଇଥାଏ । ଅପରପକ୍ଷେ, ଏହି ମଣ୍ଡଘରେ ହିଁ ପ୍ରତି ସନ୍ଧ୍ୟାରେ ଜୁଆଙ୍ଗ ଯୁବକ, ଯୁବତୀମାନେ ଏକତ୍ରିତ ହୋଇଥାନ୍ତି । ଚାଙ୍ଗୁ ବାଦ୍ୟ ଓ ଗୀତର ତାଳେତାଳେ ଜୁଆଙ୍ଗ ସେଲାନ୍ (ଯୁବତୀ), କଙ୍ଗେର (ଯୁବକ)ମାନେ ଝୁମି ଉଠିଥାନ୍ତି । 'ମଣ୍ଡଘର'ଟିରେ ଜୁଆଙ୍ଗମାନେ ଏକତ୍ରିତ ହୋଇ ସେମାନଙ୍କର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥାନ୍ତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କିର ଜୀବନକୁ ଉପଭୋଗ କରିଥାନ୍ତି ।

ଜୁଆଙ୍ଗମାନେ ଗୋଟିଏ କାଠଗଣ୍ଡିରେ ଅଗ୍ନି ସଂଯୋଗ କରି ନିଆଁକୁ ସବୁଦିନ ପାଇଁ ସାଇତି ରଖନ୍ତି । କାଠ ଗଣ୍ଡିଟି ସଂପୂର୍ଣ୍ଣ ଜଳିଗଲେ ସେଥିରେ ପୁଣି ଏକ କାଠ ଗଣ୍ଡିକୁ ସଂଯୋଗ କରି ନିଆଁକୁ ଉଜ୍ଜୀବିତ କରି ରଖାଯାଇଥାଏ । ମଣ୍ଡଘର ମଝି ଚଟାଣରେ କି ଦିନ କି ରାତି ସବୁବେଳେ କାଠଗଣ୍ଡିଟିରେ ଅଗ୍ନି ସଂଯୁକ୍ତ ହୋଇ ରହିଥାଏ । ପୂର୍ବେ ମଣ୍ଡଘରର ମଜି ଚଟାଣରେ ଜଳୁଥିବା ନିଆଁ ଚାରିପାର୍ଶ୍ୱରେ ଘେରି ବସୁଥିଲେ ଏବଂ ଶୀତଦିନେ ନିଆଁ ପୁଆଁଉଥିଲେ । ଏଇଠି ବସି ଜୁଆଙ୍ଗ ମୁଖିଆ ଗାଁ'ର ହାନିଲାଭ, ନ୍ୟାୟ ନିଶାପ ବୁଝୁଥିଲେ ।

ଜୁଆଙ୍ଗମାନେ ମଣ୍ଡଘରେ ନିୟମିତ ଜଳୁଥିବା ଏହି ନିଆଁକୁ ମଧ୍ୟ ନିୟମିତ ପୂଜା କରୁଥିଲେ । ମଣ୍ଡଘରେ ଜଳୁଥିବା କାଠର ପାଉଁଶକୁ ସଂଗ୍ରହ କରି ସେମାନେ ପୋଡୁଚାଷରେ ବ୍ୟବହାର କରୁଥିଲେ । ମାତ୍ର ଆଜି ସେଥିରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । କେବଳ ପର୍ବପର୍ବାଣି ପାଳନ ସମୟରେ ଜୁଆଙ୍ଗମାନେ ମଣ୍ଡଘର କାଠଗଣ୍ଡିରେ ଅଗ୍ନି ସଂଯୋଗ କରି ଧୂନି ଜାଳୁଛନ୍ତି । ଜୁଆଙ୍ଗ ମଣ୍ଡଘର ମଧ୍ୟଭାଗ ଚଟାଣରେ ଜଳୁଥିବା ଏହି 'କାଷ୍ଠାଗ୍ନି' କେବଳ ପ୍ରହସନ ବୋଲି ବିଚାର କରିବା ସମ୍ପୂର୍ଣ୍ଣ ଭୁଲ୍ ହେବ । ଏହା ସେମାନଙ୍କର ଗ୍ରାମ ସଙ୍ଗଠନର ଏକ ପ୍ରମୁଖ ଅଙ୍ଗ । ଏହା ମାଧ୍ୟମରେ ସେମାନଙ୍କ ସାମାଜି ଓ ସାଂସ୍କୃତିକ ବ୍ୟବସ୍ଥା ମଧ୍ୟ ନିୟନ୍ତ୍ରିତ ହୋଇଥାଏ ।

ଆଜିର ଦିନରେ ଜୁଆଙ୍ଗମାନଙ୍କ ମଣ୍ଡଘରର ପରିଭାଷା ବଦଳି ଯାଇଛି । ଏଠାରେ ଗାଁ' ମୁଖିଆ 'ପ୍ରଧାନ' ଓ 'ବାରଭାଇ' ଏକତ୍ର ବସି ଗାଁ'ର ଭଲମନ୍ଦ ବୁଝୁଥିଲେ । ମାତ୍ର ଆଜି ଜୁଆଙ୍ଗମାନଙ୍କ ପାରମ୍ପରିକ ଗାଁ' ମୁଖିଆ 'ପ୍ରଧାନ'ଙ୍କ ସ୍ଥାନ ୱାର୍ଡ଼ମେମ୍ବରମାନେ ନେଇଛନ୍ତି । ସେମାନେ ଗାଁ'ର ଭଲମନ୍ଦ ବୁଝିଲେଣି । ଆଗରୁ ନ୍ୟାୟନିଶାପ ପାଇଁ ଥାନା, ହାଜତକୁ ଯାଉ ନ ଥିବା ଜୁଆଙ୍ଗମାନେ ଏବେ ଥାନା, କୋର୍ଟ, କଚେରୀକୁ ଗଲେଣି । ପୂର୍ବେ ମଣ୍ଡଘରଟିରେ ଗାଁ'ର ସମସ୍ତ ଯୁବକ ରାତିରେ ଏକତ୍ର ଶୟନ କରୁଥିଲେ । ମାତ୍ର ଆଜିର ଦିନରେ ଅନେକ ଯୁବକ ନିଜନିଜର ଘରେ ରାତ୍ରିଯାପନ କରୁଛନ୍ତି । ତଥାପି ମଧ୍ୟ ଅଧିକାଂଶ ଗାଁ'ରେ 'ପଧାନ' ଓ 'ବାରଭାଇ' ଏବଂ 'ମଣ୍ଡଘର'ର ପ୍ରାଧାନ୍ୟ ଏବେ ମଧ୍ୟ ବଜାୟ ରହିଛି ।

ସାଧାରଣତଃ ଗାଁ'ର ଠିକ୍ ମଧ୍ୟ ଭାଗରେ ମଣ୍ଡଘରଟି ଅବସ୍ଥିତ । ମଣ୍ଡଘରଟି ଆକାରରେ ବିଶାଳ ଏବଂ ଏହାର ଚତୁପାର୍ଶ୍ୱରେ କାନ୍ଥ ନ ଥାଏ । ଏହାର ଚାରି ଦିନ ଉନ୍ମୁକ୍ତ ଥାଏ । ମଣ୍ଡଘରର ମଝି ଚଟାଣରେ ନିୟମିତ କାଠ ଗଣ୍ଡିରେ ନିଆଁ ଜଳୁଥାଏ । ମଣ୍ଡଘରେ ଜଳୁଥିବା କାଠଗଣ୍ଡିର ଦୃଶ୍ୟ ଅନ୍ୟ କୌଣସି ଜନଜାତିଙ୍କ କ୍ଷେତ୍ରରେ ଦେଖିବାକୁ ମିଳି ନ ଥାଏ । ମଣ୍ଡଘର କାନ୍ଥରେ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର, କୃଷି ଓ ଶିକାର ଉକରଣ ଝୁଲୁଥାଏ । ଅନ୍ୟ ଏକ ପାର୍ଶ୍ୱରେ ଗାଁ'ରେ ଅମଳ ହୋଇଥିବା ଧାନ, ବିରି, ମାଣ୍ଡିଆ, ବାଜରା, ମକା ଆଦି ଶସ୍ୟ ମହଜୁଦ୍ ହୋଇ ରହିଥାଏ । କେବେ କେମିତି ବହିରାଗତ ଅତିଥି ଗାଁ'କୁ ଆସିଲେ ସେମାନଙ୍କୁ ଏହି ମଣ୍ଡଘରେ ଆଶ୍ରୟ ଦିଆଯାଇଥାଏ । ଜୁଆଙ୍ଗମାନେ ଅତିଥିପ୍ରିୟ ଏବଂ ମଣ୍ଡଘର ହିଁ 'ଅତିଥି ନିବାସ'ର ଭୂମିକା ତୁଲେଇଥାଏ ।

ଜୁଆଙ୍ଗମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନରୁ ସର୍ବାଧିକ ପ୍ରଭାବିତ କରୁଥିବା ଏହି ମଣ୍ଡଘରଟି ସବୁ ଦିଗରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଗାଁ'ରେ ପର୍ବପର୍ବାଣି ପାଳନ ପୂର୍ବରୁ ଏଠାରେ ପ୍ରସ୍ତୁତି ବୈଠକ ବସିଥାଏ । ଚାଷବାସ ନେଇ ଜୁଆଙ୍ଗ ମୁଖିଆ 'ପଧାନ', 'ନାଗମ୍', 'ଡାଙ୍ଗୁଆ' ଓ 'ବାରଭାଇ' ଆଦି ମଣ୍ଡଘରେ ବସି ଗାଁ'ର ଅନ୍ୟ ଜୁଆଙ୍ଗ ଭାଇମାନଙ୍କ ସହ ଆଲୋଚନା କରିଥାନ୍ତି । ଏହାସାଙ୍ଗକୁ ଗାଁ'ର ଯୁବକ, ଯୁବତୀମାନେ ନାଚଗୀତର ଆସର ଜମେଇବା ପାଇଁ ପ୍ରତି ସନ୍ଧ୍ୟାରେ ମଣ୍ଡଘରେ ହିଁ ଏକତ୍ରିତ ହୋଇଥାନ୍ତି । ଗାଁ'ର ଜୁଆଙ୍ଗମାନଙ୍କ ମଧ୍ୟରେ ଭାଇଚାରା ବଜାୟ ରଖିବାରେ ମଣ୍ଡଘର ହିଁ ପ୍ରମୁଖ ଭୂମିକା ତୁଲେଇଥାଏ ।

ଜୁଆଙ୍ଗ ଯୁବକମାନେ ହିଁ ଏହି ମଣ୍ଡଘରଟିକୁ ନିର୍ମାଣ କରିଥାନ୍ତି । ନିକଟସ୍ଥ ଜଙ୍ଗଲରୁ କାଠ, ବାଉଁଶ ସଂଗ୍ରହ କରି ଯୁବକମାନେ ମଣ୍ଡଘରଟିକୁ ନିର୍ମାଣ କରିଥାନ୍ତି । ଯୁବତୀମାନେ ସପ୍ତାହରେ ଥରେ ଏହାର ଲିପାପୋଛା ଦାୟିତ୍ୱ ବହନ କରିଥାନ୍ତି । ମଣ୍ଡଘରଟିରେ ବହୁ ସଂଖ୍ୟାରେ ବଡ଼ବଡ଼ ଖୋଦେଇକରା କାଠ ଖୁଣ୍ଟମାନ ବ୍ୟବହାର କରାଯାଇଥାଏ । ଗାଁ' ଦାଣ୍ଡର ପତ୍ତନଠାରୁ ଚାରି ପାଞ୍ଚ ଫୁଟ ଉଚ୍ଚର ଏକ ମାଟି ପିଣ୍ଡି (ବେଦୀ) ପ୍ରସ୍ତୁତ କରାଯାଇ ଏହାର ଚାରି ପାର୍ଶ୍ୱରେ ଚାରୋଟି କାଠ ଖୁଣ୍ଟ ପୋତାଯାଇଥାଏ । ଏହି କାଠ ଖୁଣ୍ଟମାନଙ୍କ ଉପରେ ଛପର କରାଯାଇଥାଏ । କାଠ ଖୁଣ୍ଟଗୁଡ଼ିକରେ ବିଭିନ୍ନ ପ୍ରକାର ଖୋଦେଇ କାମ ଓ ଚିତ୍ର ଦେଖିବାକୁ ମିଳିଥାଏ । ଏହି ଖୋଦେଇ ଚିତ୍ରକଳା ହିଁ ଜୁଆଙ୍ଗମାନଙ୍କ ମଣ୍ଡଘରର ଶୋଭା ବର୍ଦ୍ଧନ କରିଥାଏ । ମଣ୍ଡଘର ସମ୍ମୁଖରେ ଏକ ବଡ଼ ଅଗଣା ବା ସଦର ଦାଣ୍ଡ ଭଳି ବିସ୍ତୀର୍ଣ୍ଣ ଖୋଲା ସ୍ଥାନ ଥାଏ । ଏଠାରେ ଗ୍ରାମଦେବୀ 'ଗ୍ରାମଶୀରି'ଙ୍କୁ ସ୍ଥାପନ କରାଯାଇଥାଏ । ଏହି ସଦର ଦାଣ୍ଡରେ କଙ୍ଗେର୍ ଓ ସେଲାନ୍‌ମାନେ ନାଚଗୀତର ଆୟୋଜନ କରିଥା'ନ୍ତି ।

ମଣ୍ଡଘରେ ଆଶ୍ରୟ ନେଇଥିବା ସମସ୍ତ ଅବିବାହିତ ଜୁଆଙ୍ଗ ଯୁବକମାନଙ୍କୁ ଶୃଙ୍ଖଳିତ କରିବା, ସେମାନଙ୍କର ଦେଖାଶୁଣା କରିବା ଉଦ୍ଦେଶ୍ୟରେ ମଜାଙ୍ଗରେ ଜଣେ ବୟସ୍କ ଅବିବାହିତ ବୃଦ୍ଧ କିମ୍ବା ପତ୍ନୀହରା ବୟସ୍କ ଲୋକଙ୍କୁ ନିଯୁତ କରାଯାଇଥାଏ । ଏମାନଙ୍କୁ 'ତଣ୍ଡକାର' କୁହାଯାଏ । ତଣ୍ଡକାର ମଣ୍ଡଘରେ ରହୁଥିବା ଅବିବାହିତ ଯୁବକମାନଙ୍କର ସେବା, ଯତ୍ନ ଓ ଦାୟିତ୍ୱ ବହନ କରିଥାନ୍ତି । ଯେଉଁ ଯୁବକ କିଛି ଭୁଲ ବା ତ୍ରୁଟି କରେ ତଣ୍ଡକାର ସଂପୃକ୍ତ ଯୁବକକୁ ଦଣ୍ଡିତ କରିଥାଏ । ପର୍ବପର୍ବାଣି ସମୟରେ ତଣ୍ଡକାର ସମସ୍ତ ଯୁବକ, ଯୁବତୀଙ୍କୁ ଖାଦ୍ୟ ପରିବେଷଣ କରିଥାନ୍ତି । ଏହି ଅବିବାହିତ ଯୁବକ, ଯୁବତୀମାନଙ୍କର ନାନାପ୍ରକାର ସମସ୍ୟା ଓ ଭଲମନ୍ଦ ତଣ୍ଡକାର ବୁଝିଥାନ୍ତି ।

ମଣ୍ଡଘରର ବିକାଶ ଓ ପର୍ବପର୍ବାଣି ପାଇଁ ପ୍ରତି ଯୁବକମାନେ ଏକ ନିର୍ଦ୍ଦିଷ୍ଟ ପରିମାଣର ପାଣ୍ଠି ସଂଗ୍ରହ କରିଥାନ୍ତି । ନୂତନ୍ କରି ମଣ୍ଡଘରର ସଦସ୍ୟତା ଗ୍ରହଣ କରୁଥିବା ଯୁବକମାନେ ମଣ୍ଡଘରର ପାଣ୍ଠିକୁ କିଛି କିଛି ଚାନ୍ଦା ପ୍ରଦାନ କରିଥାନ୍ତି । ଯେଉଁ ଯୁବକମାନେ ମଣ୍ଡଘରର ସଦସ୍ୟ ହୋଇପାରିବେ ସେଥିନେଇ ନାନା ପ୍ରକାର ନିୟମ ରହିଥାଏ । ୮ ବର୍ଷରୁ କମ୍ ବୟସର ବାଳକମାନେ ମଣ୍ଡଘରର ସଦସ୍ୟ ପାଇଁ ଯୋଗ୍ୟ ବିବେଚିତ ହୋଇ ନ ଥାନ୍ତି । ଏହି ଶିଶୁମାନେ ନିଜନିଜର ପରିବାରରେ ବାପା, ମାଆଙ୍କ ସହ ରହିଥାନ୍ତି । ୮ ବର୍ଷରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁ ବୟସର ପୁରୁଷମାନେ ମଣ୍ଡଘରର ସଦସ୍ୟ ହୋଇଥାନ୍ତି । ମଣ୍ଡଘରର ସଦସ୍ୟତା ଗ୍ରହଣ କରିଥିବା ସବୁଠୁ ବୟସ୍କ ଅବିବାହିତ ଜୁଆଙ୍ଗ ଯୁବକକୁ 'ମାଟା କଙ୍ଗେର୍' କୁହାଯାଏ । ମାଟା କଙ୍ଗେର୍ ମଣ୍ଡଘରର ସମସ୍ତ ଅବିବାହିତ ଯୁବକମାନଙ୍କର ନେତୃତ୍ୱ ନେଇଥାନ୍ତି । ମାଟା କଙ୍ଗେର୍ ନାଗମ୍‌ଙ୍କ ଭଳି ସମ୍ମାନ ପାଇଥାନ୍ତି ଏବଂ ସେ କିଛି ଧାର୍ମିକ କାର୍ଯ୍ୟ ସହ ସଂପୃକ୍ତ ମଧ୍ୟ ହୋଇଥାନ୍ତି । ମାଟା କାଙ୍ଗେର୍ ମଣ୍ଡଘର ଥିବା ଚାଙ୍ଗୁ ଦେବତା ଭୀମା ବଡ଼ମା, କଞ୍ଚୁରୀ ଠାକୁରାଣୀଙ୍କୁ କୁକୁଡ଼ା, ଚାଉଳ ଦେଇ ପୂଜିଥାନ୍ତି । ଆମ୍ବ ନୂଆ ପର୍ବ ପାଳନ ବେଳେ ମାଟା କାଙ୍ଗେର ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲେଇଥାନ୍ତି । ମୋଟ ଉପରେ କହିବାକୁ

ଗଲେ ଏହି ମଣ୍ଡଘର ହିଁ ଜୁଆଙ୍ଗମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନକୁ ସର୍ବାଧିକ ପ୍ରଭାବିତ କରିଥିବା ଏକ ଯୁବ ଅନୁଷ୍ଠାନ । ଏହା ଜୁଆଙ୍ଗ ଗ୍ରାମ ସଙ୍ଗଠନର ଏକ ପ୍ରମାଣକେନ୍ଦ୍ର ସଦୃଶ ।

**ଜୁଆଙ୍ଗ ଓ ଭୂୟାଁ ଗ୍ରାମ୍ୟ ପ୍ରଶାସନିକ ବ୍ୟବସ୍ଥା :** ଜୁଆଙ୍ଗ ଓ ଭୂୟାଁ ଗାଁ'ର ସାମାଜିକ ଓ ଶାସନ ବ୍ୟବସ୍ଥା ଅତି ଶୃଙ୍ଖଳିତ । ଜୁଆଙ୍ଗ ଗାଁ'ର ପ୍ରଶାସନିକ ବ୍ୟବସ୍ଥାରେ ନାଗମ୍ (ବୁଇତା), ପଧାନ (ଗାଁ' ମୁଖିଆ), ବାରଭାଇ, ଡାଙ୍ଗୁଆ, କାର୍ଜି, ଅଧିକାରୀ, ରାଉଳିଆ, ପାଞ୍ଜିଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏମାନଙ୍କୁ ନେଇ ଅତୀତରେ ଜୁଆଙ୍ଗ ଗ୍ରାମ ସଂଗଠନ ଅଧିକ ଶକ୍ତିଶାଳୀ ଓ ଶୃଙ୍ଖଳିତ ଥିଲା । ଲୋକମାନଙ୍କର ସମସ୍ୟା ବୁଝିବା ପାଇଁ ପ୍ରତି ଜୁଆଙ୍ଗ ଗାଁ'ରେ ଜଣେ ଲେଖାଏଁ ଗାଁ' ମୁଖିଆ ରହିଥାନ୍ତି । ସେମାନଙ୍କୁ 'ପଧାନ' କହନ୍ତି । ପ୍ରତ୍ୟକ ମୁଖିଆଙ୍କ ନିୟନ୍ତ୍ରଣରେ ଗୋଟିଏ ଗୋଟିଏ ବୈଚାରିକ ଗୋଷ୍ଠୀ ରହିଥାଏ । ଏହାକୁ 'ବାରଭାଇ' ବୋଲି କୁହାଯାଏ । ଏହାବ୍ୟତୀତ ଜୁଆଙ୍ଗ ଗାଁ'ରେ ଜଣେ ଧାର୍ମିକ ମୁଖିଆ ରହିଥାନ୍ତି । ସେମାନଙ୍କୁ 'ନାଗମ୍' (ବୁଇତା) କହନ୍ତି । 'ପଧାନ'ଙ୍କୁ କାର୍ଯ୍ୟରେ ସହଯୋଗ କରିବା ପାଇଁ ଅନ୍ୟ ଜଣେ ସଦସ୍ୟ ରହିଥାନ୍ତି । ତାଙ୍କୁ 'ଡାଙ୍ଗୁଆ' କହନ୍ତି । ଡାଙ୍ଗୁଆ ବିଶେଷକରି ଟହଲିଆ ବା ଡାକୁଆ କାମ କରିଥାନ୍ତି । ପର୍ବପର୍ବାଣି ଓ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଡାଙ୍ଗୁଆ ଗାଁ' ଲୋକମାନଙ୍କୁ ସୂଚନା ପ୍ରଦାନ କରିଥାନ୍ତି । ଏହାବ୍ୟତୀତ ବିଭିନ୍ନ ପର୍ବପର୍ବାଣି ସମୟରେ ପୂଜକ (ନାଗମ୍)ଙ୍କୁ ପୂଜା ଓ ଛେଦ କାମରେ ସହାୟତା କରୁଥିବା ଆଉ ଜଣେ ପ୍ରମୁଖ ବ୍ୟକ୍ତି ହେଉଛନ୍ତି 'କାର୍ଯି' । ପର୍ବପର୍ବାଣି ସମୟରେ ପୂଜା କାର୍ଯ୍ୟରେ ଓ ପଶୁପକ୍ଷୀଙ୍କୁ ବଳି ଚଢ଼ାଇବା ସମୟରେ 'କାର୍ଯି' ନାଗମ୍ଙ୍କୁ ସହାୟତା କରିଥାନ୍ତି । 'ଡାଙ୍ଗୁଆ' ଗାଁ' ମୁଖିଆ 'ପଧାନ'ଙ୍କ ପ୍ରମୁଖ ସହଯୋଗୀ ହୋଇଥିବା ବେଳେ 'କାର୍ଯି' ଗାଁ' ପୂଜକ 'ନାଗମ୍'ଙ୍କ ସହଯୋଗୀ ଭାବେ କାର୍ଯ୍ୟ କରିଥାନ୍ତି । ତେବେ ସବୁ ଜୁଆଙ୍ଗ ଗାଁ'ରେ ଏହି 'କାର୍ଯି'ମାନେ ନଥାନ୍ତି । ଜୁଆଙ୍ଗ ଗ୍ରାମ ସଙ୍ଗଠନରେ 'ପାଞ୍ଜିଆ' (ଜ୍ୟୋତିଷ)ଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପାଞ୍ଜିଆ ଗଣନା କରି ଆଗତ ଭବିଷ୍ୟତ କଥା କହିଥା'ନ୍ତି । ବିବାହ ସମୟରେ ପୁତ୍ର-କନ୍ୟାର ଭବିଷ୍ୟ ଗଣନା କରି ସେମାନଙ୍କ ମଧ୍ୟରେ ବିବାହ ହୋଇପାରିବ କି ନାହିଁ କହିଥାନ୍ତି । ଏହା ସହିତ ଗାଁ' ପ୍ରତି ବିପଦଆପଦ ଦେଖାହେବା ପୂର୍ବରୁ ପାଞ୍ଜିଆ ଭବିଷ୍ୟବାଣି କରିଥାନ୍ତି । ପାଞ୍ଜିଆଙ୍କ ଭବିଷ୍ୟବାଣିକୁ ଅବମାନନା କଲେ ଏହା ବହୁତ ଭୟଙ୍କର ସିଦ୍ଧ ହୋଇଥାଏ । ଏଣୁ ପାଞ୍ଜିଆଙ୍କ ଭବିଷ୍ୟବାଣୀକୁ ବିଶେଷ ଗୁରୁତ୍ୱ ଦିଆଯାଇଥାଏ । କେବଳ ପୁରୁଷମାନେ 'ପାଞ୍ଜିଆ' କାର୍ଯ୍ୟ କରିବେ ସେମିତି ଧରାବନ୍ଧା ନିୟମ ନଥାଏ । ମହିଳାମାନେ ମଧ୍ୟ ପାଞ୍ଜିଆ କାମ କରିଥାନ୍ତି । ସେହିଭଳି ଜୁଆଙ୍ଗ ଗ୍ରାମ ସଙ୍ଗଠନରେ ଅନ୍ୟ ଏକ ସଦସ୍ୟ ହେଉଛନ୍ତି 'ରାଉଳିଆ' । ରାଉଳିଆ କହିଲେ 'ଗୁଣିଆକୁ ବୁଝାଯାଇଥାଏ । କେବଳ ଜୁଆଙ୍ଗ କାହିଁକି ପ୍ରତ୍ୟକ ଆଦିବାସୀ ସମାଜରେ ଭୂତ, ପ୍ରେତ, ଡାଆଣୀ, ଚିରୁଗୁଣି ଉପରେ ବହୁତ ବିଶ୍ୱାସ ଥାଏ । ସେମାନଙ୍କ ବ୍ୟବସ୍ଥାରେ 'ଅଧିକାରୀ'ଙ୍କ ଅଳ୍ପବହୁତ ଗୁରୁତ୍ୱ ଥାଏ । ଏମାନେ ଡାଙ୍ଗୁଆଙ୍କ ଭଳି ଗାଁ' ମୁଖିଆଙ୍କ ସହଯୋଗୀ ଭାବେ କାର୍ଯ୍ୟ କରିଥା'ନ୍ତି । ଗାଁ'ରେ ବସୁଥିବା ବୈଠକ ଓ ନ୍ୟାୟିକ ବ୍ୟବସ୍ଥାରେ ଅଧିକାରୀଙ୍କ ମତାମତକୁ ପ୍ରାଧାନ ଦିଆଯାଇଥାଏ । ସବୁ ଜୁଆଙ୍ଗ ଗାଁ'ରେ ଅଧିକାରୀ ନଥାନ୍ତି । ଜୁଆଙ୍ଗ ଗାଁ'ର ପ୍ରାଶାସନିକ ଓ ଧାର୍ମିକ ବ୍ୟବସ୍ଥାରେ 'ବାରଭାଇ'ଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପଧାନ, ନାଗମ୍ଙ୍କ ବ୍ୟତୀତ ଗ୍ରାମର ଗୁରୁତ୍ୱପୂର୍ଣ୍ଣ

ନିଷ୍ପତ୍ତିରେ 'ବାରଭାଇ' ସକ୍ରିୟ ଅଂଶଗ୍ରହଣ କରିଥାନ୍ତି । ପଧାନ, ନାଗମ୍‌ଙ୍କୁ ଛାଡ଼ିଦେଲେ ଗ୍ରାମର କିଛି ବୟସ୍କ ବୃଦ୍ଧଶ୍ରେଣୀୟ ପ୍ରତିନିଧିଙ୍କୁ ନେଇ ଏହି 'ବାରଭାଇ' ଗଠନ କରାଯାଇଥାଏ । ଏମାନେ ବିଭିନ୍ନ ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ସମୟରେ ନାଗମ୍ ଓ ପଧାନଙ୍କୁ ସହାୟତା କରିଥା'ନ୍ତି । ଗାଁ'ର ନ୍ୟାୟିକ ବ୍ୟବସ୍ଥାରେ 'ବାରଭାଇ'ଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ତତ୍କାଳୀନ ରାଜନୈତିକ ବ୍ୟବସ୍ଥାରେ କିଛି ଜୁଆଙ୍ଗ ବସବାସ କରୁଥିବା ଗ୍ରାମ ବା ଅଞ୍ଚଳକୁ ନେଇ ଗୋଟିଏ ଗୋଟିଏ ପିଢ଼ ଗଠିତ ହୋଇଥିଲା । ପ୍ରତି ଜୁଆଙ୍ଗ ପିଢ଼ରେ ଅତିକମ୍‌ରେ ୬-୧୫ଟି ଗାଁ' ଅନ୍ତର୍ଭୁକ୍ତ ହୋଇଥାଏ । ଏହି ପିଢ଼ ବ୍ୟବସ୍ଥା ତତ୍କାଳୀନ ରାଜାଙ୍କ ଦ୍ୱାରା ସ୍ୱୀକୃତିଲାଭ କରିଥିଲା । ଏହିଭଳି ଭାବେ କେନ୍ଦୁଝର ଜୁଆଙ୍ଗ ଅଞ୍ଚଳକୁ ୬ ଗୋଟି ଜୁଆଙ୍ଗ ପିଢ଼ରେ ଭାଗ କରାଯାଇଥିଲା । ପ୍ରତି ପିଢ଼ରେ ଜଣେ ଜଣେ 'ପିଢ଼ ସର୍ଦ୍ଦାର' ମୁଖିଆ ହୋଇ ରହିଥିଲେ । ତତ୍କାଳୀନ କେନ୍ଦୁଝର ରାଜା ଏହି ୬ଟି ପିଢ଼ରେ ୬ ଜଣ ପିଢ଼ ସର୍ଦ୍ଦାରଙ୍କୁ ନିଯୁକ୍ତ କରିଥିଲେ । ପିଢ଼ ସର୍ଦ୍ଦାରମାନେ ଜୁଆଙ୍ଗ ଗ୍ରାମମାନଙ୍କରୁ ରାଜସ୍ୱ ଆଦାୟ କରି ରାଜାଙ୍କୁ ପ୍ରଦାନ କରୁଥିଲେ । ରାଜସ୍ୱ କହିଲେ ପନିପରିବା, ଶସ୍ୟ ଓ ଜଙ୍ଗଲଜାତ ଫଳମୂଳ ଆଦିକୁ ବୁଝାଯାଉଥିଲ । ଗୋଟିଏ ଗାଁ' ଭିତରର ବିବାଦ ଗାଁ' ମୁଖିଆ 'ପଧାନ' ବୁଝୁଥିବା ବେଳେ ଗ୍ରାମ ଗ୍ରାମ ମଧ୍ୟରେ ଥିବା ବିବାଦ ପିଢ଼ ସର୍ଦ୍ଦାରଙ୍କ ନିକଟକୁ ଯାଉଥିଲା । ପିଢ଼ ସର୍ଦ୍ଦାର ବିଭିନ୍ନ ଗ୍ରାମର ମୁଖିଆ 'ପଧାନ', 'ନାଗମ୍', 'ଡାଙ୍ଗୁଆ', 'ବାଦି', ପ୍ରତିବାଦୀମାନଙ୍କ ଉପସ୍ଥିତିରେ ନିଜର ରାୟ ଶୁଣାଉଥିଲେ । ତେବେ ଆଜିର ପଞ୍ଚାୟତିରାଜ ବ୍ୟବସ୍ଥା ପିଢ଼ ସର୍ଦ୍ଦାରଙ୍କ ଭୂମିକା ସଂପୂର୍ଣ୍ଣ ମାତ୍ରାରେ ନ ହେଲେ ଅନେକାଂଶରେ ହ୍ରାସ ପାଇଯାଇଛି । ଆଜି 'ପଧାନ'ଙ୍କ ସ୍ଥାନ ଗାଁ' ୱାର୍ଡ଼ମେମ୍ବର ନେଇଥିବା ବେଳେ 'ପିଢ଼ ସର୍ଦ୍ଦାର'ଙ୍କ ସ୍ଥାନ ନିର୍ବାଚିତ 'ସରପଞ୍ଚ' ନେଇଛନ୍ତି । ତଥାପି ଅନେକ ଜୁଆଙ୍ଗ ଗାଁ'ମାନଙ୍କରେ ଆଜି ବି ପିଢ଼ ସର୍ଦ୍ଦାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇ ରହିଛି । ତଥାପି ଆଜିର ଦିନରେ ପିଢ଼ ସର୍ଦ୍ଦାରମାନେ ସେମାନଙ୍କ ରାୟ ଶୁଣାଇବା ସହିତ ଅନେକ ବିବାଦର ସମାଧାନ କରିବାରେ ସଫଳ ହୋଇପାରୁଛନ୍ତି । ତେବେ ଆଜିର ଦିନରେ ଅଧିକାଂଶ ମାମଲା ଥାନା, କୋର୍ଟ କଚେରୀକୁ ଚାଲି ଯାଉଥିବାରୁ ପିଢ଼ ସର୍ଦ୍ଦାରଙ୍କ ହୁକୁମ୍ ଆଉ କାମ କରୁନି ।

ଜୁଆଙ୍ଗ ଗ୍ରାମ ସଙ୍ଗଠନ ଭଳି ଅନୁରୂପ ପ୍ରାଶାସନିକ ଢାଞ୍ଚା ଭୂୟାଁ ସମାଜରେ ଦେଖିବାକୁ ମିଳିଥାଏ । ଜୁଆଙ୍ଗମାନଙ୍କ ଧାର୍ମିକ ମୁଖ୍ୟଙ୍କୁ 'ନାଗମ୍' କୁହାଯାଉଥିବା ବେଳେ ଭୂୟାଁମାନଙ୍କର ଧାର୍ମିକ ମୁଖ୍ୟଙ୍କୁ 'ଦେହୁରୀ' କୁହାଯାଏ । ବାକି ଅନ୍ୟାନ୍ୟ ବ୍ୟବସ୍ଥାରେ ଜୁଆଙ୍ଗ ଓ ଭୂୟାଁମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ଲକ୍ଷ୍ୟ କରିହୁଏ ନାହିଁ ।

**ସାନ୍ତାଳୀ ଗ୍ରାମ ସଂଗଠନ**

ସାନ୍ତାଳମାନେ ବିଶେଷକରି ଉତ୍ତର ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାରେ ଦେଖିବାକୁ ମିଳନ୍ତି । ଓଡ଼ିଶାରେ ବସବାସ କରୁଥିବା ଆଦିବାସୀଙ୍କ ମଧ୍ୟରେ ସାନ୍ତାଳୀମାନେ ଏକ ବିକଶିତ ଜନଜାତି ଗୋଷ୍ଠୀ । ଏମାନଙ୍କର ଗ୍ରାମ ସଂଗଠନ ଓ ଗ୍ରାମ୍ୟ ପ୍ରାଶାସନିକ ବ୍ୟବସ୍ଥା ଅତି ସୁଦୃଢ଼ । ସାନ୍ତାଳମାନଙ୍କ

ମଧ୍ୟରେ ଗଣ୍ଡଗୋଳ, ସଂଘର୍ଷ କିମ୍ବା ବିବାଦ ଦେଖାଦେଲେ 'କୁହ୍ଲିଦୁଲୁବ୍' (ଦାଣ୍ଡ ଦରବାର) ମାଧ୍ୟମରେ ସମାଧାନ ହୋଇଥାଏ । ସାନ୍ତାଳମାନଙ୍କ ଗାଁ'ର ମୁଖିଆ ଏବଂ ସମ୍ମାନଜନକ ବ୍ୟକ୍ତି ହେଉଛନ୍ତି 'ମାଝି' ବା 'ମାଝୀହାଲମ୍' । ସେ ଗ୍ରାମବାସୀଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ମାଝୀ ହେଉଛନ୍ତି ସାନ୍ତାଳ ଗ୍ରାମ ସଙ୍ଗଠନର ମୁଖ୍ୟ । ଗ୍ରାମର ସମସ୍ତ ସାମାଜିକ, ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟ ମାଝୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥାଏ । ମାଝୀ ଗାଁ' ବିବାଦର ସମାଧାନ କରି ଦୋଷୀକୁ ଦଣ୍ଡ ଦେଇଥା'ନ୍ତି । ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗ୍ରାମସଭାକୁ 'ମାଝି ବାଇସି' ବା 'ମାଝୀବୈଠକ' କୁହାଯାଏ । ଅନେକ ସମୟରେ ମାଝୀ ବାଇସିରେ ବିବାଦ ସମାଧାନ ହୋଇ ନ ପାରିଲେ ଏହା 'ପାର୍ଗାନା ବାଇସି'କୁ ଯାଏ ଏବଂ ସେଠାରେ ବିବାଦର ସମାଧାନ ହୋଇଥାଏ । ମାଝୀଙ୍କୁ ସହାୟତା କରିବା ପାଇଁ 'ପାରାନିକ୍', 'ଜଗ୍‌ମାଝି' ଓ 'ଗଡ଼େତ୍' ପ୍ରମୁଖ ନିଯୁକ୍ତ ହୋଇଥାନ୍ତି । ମାଝିଙ୍କ ପରେ ପରେ 'ପାରନିକ୍' ଗ୍ରାମ ସଂଗଠନର ଦ୍ୱିତୀୟ ସର୍ବୋଚ୍ଚ ଓ ଦାୟିତ୍ୱବାନ୍ ସଦସ୍ୟ । ମାଝିଙ୍କ ଅନୁପସ୍ଥିତରେ ପାରାନିକ୍ ଗ୍ରାମର ଶାସନ ଦାୟିତ୍ୱ ତୁଲାଇଥା'ନ୍ତି । ମାଝିଙ୍କ ପରି ପାରାନିକ୍‌ଙ୍କୁ ଗ୍ରାମବାସୀ ନିର୍ବାଚିତ କରିଥା'ନ୍ତି । 'ଜଗ୍‌ମାଝି' ହେଉଛନ୍ତି ମାଝି ଓ ପାରାନିକ୍‌ଙ୍କର ପ୍ରମୁଖ ସହଯୋଗୀ ଏବଂ ସେ ଗ୍ରାମର ଯୁବଶକ୍ତିର ନେତୃତ୍ୱ ନେଇଥା'ନ୍ତି । ସେ ଡାକୁଆ ବା ଟହଲିଆ କାମ କରିଥା'ନ୍ତି । ଗ୍ରାମ ସଂଗଠନର ଚତୁର୍ଥ ସମ୍ମାନସ୍ପଦ ସଦସ୍ୟ ହେଉଛନ୍ତି 'ଗଡ଼େତ୍' । ଜଗ୍‌ମାଝୀଙ୍କ ଭଳି ଗଡ଼େତ୍ ମଧ୍ୟ ମାଝୀ ଓ ପାରାନିକ୍‌ଙ୍କ ସହଯୋଗୀ ଭାବେ ଦାୟିତ୍ୱ ତୁଲାଇଥା'ନ୍ତି । ଗଡ଼େତ୍ ମଧ୍ୟ ଜଗ୍‌ମାଝି ଭଳି ଡାକୁଆ ଟହଲିଆ କାମ କରିଥା'ନ୍ତି । ଗାଁ'ରେ ସଭାରେ ଉପସ୍ଥିତ ରହିବା ପାଇଁ ଗାଁ' ମୁଖିଆ, ମାଝୀଙ୍କ ପକ୍ଷରୁ ଗଡ଼େତ୍ ସମସ୍ତ ଗ୍ରାମବାସୀଙ୍କୁ ନିମନ୍ତ୍ରଣ କରିଥା'ନ୍ତି । ଏହାବ୍ୟତୀତ ସାନ୍ତାଳ ଗ୍ରାମ ସଂଗଠନରେ 'ମଣେହଲ' (ପାଞ୍ଚଭାଇ)ଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଗ୍ରାମର ବରିଷ୍ଠ ପାଞ୍ଚଜଣ ବ୍ୟକ୍ତିଙ୍କୁ ମଣେହଲ (ଗାଁ' ପାଞ୍ଚଭାଇ) ବୋଲି ଧରାଯାଇଥାଏ । ସାନ୍ତାଳ ଗ୍ରାମ ସଂଗଠନର ଧାର୍ମିକ ମୁଖ୍ୟ ହେଉଛନ୍ତି 'ନାଏକେ' । ସେ ଗାଁ' ପୁରୋହିତ ଭାବେ କାମ କରନ୍ତି । ସାନ୍ତାଳମାନଙ୍କ ସମସ୍ତ ପର୍ବପର୍ବାଣିରେ ନାଏକେ ମୁଖ୍ୟ ଭୂମିକା ତୁଲେଇଥା'ନ୍ତି । ସେହିଭଳି 'କୁଡ଼ାମ୍ ନାଏକେ' (ସହଯୋଗୀ ପୁରୋହିତ) ଧାର୍ମିକ ବ୍ୟବସ୍ଥାର ଅନ୍ୟତମ ପ୍ରମୁଖ ସହଯୋଗୀ । ଇଂରେଜ ଶାସନ କାଳରେ କେତୋଟି ଗ୍ରାମକୁ ନେଇ ଗୋଟିଏ ଗୋଟିଏ 'ପାର୍ଗାନା' ବା ପ୍ରଗଣା ପ୍ରତିଷ୍ଠା ହୋଇଥିଲା । ଗ୍ରାମର ମୁଖିଆ 'ମାଝି' ଥିଲାବେଳେ 'ପାର୍ଗାନା'ରେ ପାର୍ଗାନା ଅଧିକାରୀ ମୁଖ୍ୟ ଥିଲେ । ମାଝୀମାନେ ଗାଁ' ଭିତରେ ବିବାଦ ସମାଧାନ କରୁଥିବା ବେଳେ ପ୍ରଗଣା ଅଧିକାରୀ ଆନ୍ତଃଗ୍ରାମ ବିବାଦର ସମାଧାନ କରୁଥିଲେ ।

**କୁହ୍ଲିଦୁଲୁବ୍ (ଦାଣ୍ଡଦରବାର) :** ସାନ୍ତାଳ ସମାଜରେ ବିପଦଆପଦ, ବାଦବିବାଦ, ପୂଜା, ପର୍ବ ଉତ୍ସବ ଅନୁଷ୍ଠାନ ବେଳେ କୁହ୍ଲିଦୁଲୁବ୍ ଅନୁଷ୍ଠିତ ହୋଇଥାଏ । ମାଝୀଙ୍କ ନିର୍ଦ୍ଦେଶକ୍ରମେ ଗଡ଼େତ୍ ଗ୍ରାମର ସମସ୍ତଙ୍କ ଘରକୁ ଯାଇ ଦରବାର ବସିବ ବୋଲି ଜଣାଇ ଦିଅନ୍ତି । କେତେକ ଗ୍ରାମରେ ଏହି କାମ ଜଗ୍‌ମାଝୀ କରିଥା'ନ୍ତି । କୁହ୍ଲିଦୁଲୁବ୍‌କୁ ସାନ୍ତାଳ ଗ୍ରାମ ସଂଗଠନର ନିମ୍ନ ଅଦାଲତ ଭାବେ ବିଚାର କରାଯାଇଥାଏ । ଏଥିରେ କୌଣସି ପାନ୍ତରଅନ୍ତର କରାଯାଇ ନ ଥାଏ । ମାଝୀ ଓ ଗ୍ରାମ ସଂଗଠନ ଜରିଆରେ ଦୋଷୀକୁ ଉଚିତ୍ ଦଣ୍ଡ ପ୍ରଦାନ କରାଯାଇଥାଏ । ମାତ୍ର ଆଜିର ଦିନରେ ସାନ୍ତାଳମାନଙ୍କର ଏହି ପାରମ୍ପରିକ ଗ୍ରାମ ସଂଗଠନ

ନିଜର ଗୁରୁତ୍ୱ ହରାଇଲାଣି । ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ଗ୍ରାମର ମୁଖିଆ ଭାବେ ଦାୟିତ୍ୱ ତୁଲାଉଛନ୍ତି । ମାତ୍ର ନାୟକେ ଏବଂ କୁଡ୍ରାମ ନାୟକେଙ୍କ ଗୁରୁତ୍ୱ ଆଜିର ଦିନରେ ବଳବତ୍ତର ରହିଛି ।

## ପାହାଡ଼ି ଖଡ଼ିଆ ଗ୍ରାମ ସଂଗଠନ

ପାହାଡ଼ି ଖଡ଼ିଆମାନେ ବିଶେଷକରି ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ପାର୍ବତ୍ୟାଞ୍ଚଳରେ ଦେଖାଯାଆନ୍ତି । ଓଡ଼ିଶାରେ ବସବାସ କରୁଥିବା ୧୩ଟି ଆଦିମ ଜନଜାତି ଗୋଷ୍ଠୀ ମଧ୍ୟରୁ ପାହାଡ଼ି ଖଡ଼ିଆ ହେଉଛନ୍ତି ଅନ୍ୟତମ ପ୍ରମୁଖ ଜନଜାତି । ଏମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନ ବେଶ୍ ସଂଗଠିତ ଓ ଶୃଙ୍ଖଳିତ । ପାହାଡ଼ି ଖଡ଼ିଆମାନେ ବିଚାର କରନ୍ତି ଯେ, ଈଶ୍ୱର ସର୍ବଶକ୍ତିମାନ ଏବଂ ସେମାନଙ୍କର ଭାଗ୍ୟ ବିଧାତା । ଈଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ସବୁକିଛି ପରିଚାଳିତ ହୋଇଥାଏ ବୋଲି ସେମାନେ ବିଚାରନ୍ତି ।

ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରତି ପାହାଡ଼ି ଖଡ଼ିଆ ଗ୍ରାମରେ ଗୋଟିଏ ଲେଖାଏଁ ଗ୍ରାମସଭା ଗଠିତ ହୋଇଥାଏ । ଏଥିରେ ଜଣେ ସଭାପତି (ଗାଁ' ମୁଖିଆ), ଜଣେ ସମ୍ପାଦକ (ଲେମ୍ବର), ଜଣେ ଛାଟିଆ (ଡାକୁଆ) ସଦସ୍ୟ ଭାବେ ରହନ୍ତି । ଏମାନେ ସମସ୍ତେ ଗ୍ରାମବାସୀଙ୍କ ଦ୍ୱାରା ପାଞ୍ଚ ବର୍ଷ ପାଇଁ ମନୋନୀତ ହୋଇଥା'ନ୍ତି । ଗ୍ରାମସଭାର ଦ୍ୱିତୀୟ ମୁଖ୍ୟ ସଦସ୍ୟ ହେଉଛନ୍ତି 'ଲେମ୍ବର' ଏବଂ ସେ ସଭାପତିଙ୍କ ପ୍ରମୁଖ ସହଯୋଗୀ ଭାବେ କାର୍ଯ୍ୟ କରନ୍ତି । ସଭାପତିଙ୍କ ଅନୁପସ୍ଥିତିରେ ସେ ଗ୍ରାମସଭାର ସଭାପତିତ୍ୱ କରନ୍ତି । ମାତ୍ର 'ଛାଟିଆ'ର କାର୍ଯ୍ୟ ବହୁମୁଖୀ ହୋଇଥାଏ । ଗାଁ'ରେ କୌଣସି ବିବାଦ ଦେଖାଦେଲେ ଏହାର ସମାଧାନ ପାଇଁ ଗାଁ' ମୁଖିଆ ଏକ ବୈଠକ ଡାକନ୍ତି । ଗ୍ରାମସଭାରେ ପ୍ରତି ପରିବାରର ମୁଖ୍ୟମାନେ ଅଂଶଗ୍ରହଣ କରିଥା'ନ୍ତି । ଛାଟିଆ ଘରଘର ବୁଲି ଗ୍ରାମବାସୀଙ୍କୁ ସଭାସ୍ଥଳରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ ଦେଇ ଆସନ୍ତି ।

ପାହାଡ଼ି ଖଡ଼ିଆ ଗ୍ରାମସଭାରେ ବ୍ୟକ୍ତିଗତ, ପାରିବାରିକ ତଥା ଗାଁ'ର ସବୁପ୍ରକାର ମାମଲାର ବିଚାର ଓ ଆଲୋଚନା ହୋଇଥାଏ । ଗ୍ରାମସଭା ବସିବାକୁ କୌଣସି ସ୍ୱତନ୍ତ୍ର ସଭାଗୃହ ନ ଥିଲେ ମଧ୍ୟ ଖୋଲାପଡ଼ିଆ କିମ୍ବା ଗଛମୂଳେ ଆୟୋଜନ କରାଯାଇଥାଏ । ମାମଲାର ଗୁରୁତ୍ୱ ଅନୁସାରେ ଦୋଷୀଙ୍କୁ ଦଣ୍ଡ ପ୍ରଦାନ କରାଯାଇଥାଏ । ମାତ୍ର ଆଜିର ଦିନରେ ପାହାଡ଼ି ଖଡ଼ିଆ ଗୋଷ୍ଠୀର ଗ୍ରାମସଭା କିଛିମାତ୍ରାରେ ଗୁରୁତ୍ୱ ହରାଇଛି । ଆଗରୁ ପାହାଡ଼ି ଖଡ଼ିଆ ଲୋକେ ଗ୍ରାମସଭାର ନିଷ୍ପତ୍ତିକୁ ଦେବଦେବୀଙ୍କ ଆଦେଶ ଭଳି ଗ୍ରହଣ କରୁଥିଲେ । ସଭାପତି, ଲେମ୍ବର ଓ ଛାଟିଆଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରୁଥିଲେ । ସମସ୍ତ ପ୍ରକାର ଦଣ୍ଡକୁ ବିନା ପ୍ରତିବାଦରେ ଗ୍ରହଣ କରୁଥିଲେ । ମାତ୍ର ଯୁଗ ବଦଳିଛି । ଆଜି ପାହାଡ଼ି ଖଡ଼ିଆମାନେ ଏହି ଗ୍ରାମସଭାର ବିଚାରକୁ ସେତେଟା ଗୁରୁତ୍ୱ ଦେଉଥିବାର ମନେ ହୁଏ ନାହିଁ । ଆଜିକାଲି ଅଧିକାଂଶ ମାମଲା ଥାନା, କୋର୍ଟକଚେରୀକୁ ଆସିଲାଣି ।

ଗାଁ'ରେ ଜଣେ ଧାର୍ମିକ ମୁଖ୍ୟ ଥାଆନ୍ତି ତାଙ୍କୁ 'ଦେହୁରୀ' (ପୁରୋହିତ) କୁହାଯାଏ । ସେ ଗ୍ରାମର

ପୂଜାକାର୍ଯ୍ୟ ସମେତ ଦେବଦେବୀଙ୍କୁ ସନ୍ତୁଷ୍ଟ କରିଥା'ନ୍ତି । ଏହା ବ୍ୟତୀତ ପାହାଡ଼ି ଖଡ଼ିଆ ଗ୍ରାମ ସଂଗଠନରେ ଜଣେ ଜଣେ ଦିସାରୀ ଓ ଗୁଣିଆ ମଧ୍ୟ ଥାଆନ୍ତି । ଦିସାରୀ ଗ୍ରହନକ୍ଷତ୍ର ଗଣନା କରି ଆଗତଭବିଷ୍ୟ କହୁଥିବା ବେଳେ ଗୁଣିଆ ଗୁଣିଗାରେଡ଼ି କାମ ତୁଲାଇଥା'ନ୍ତି ।

## ଡିଡାୟୀ ଗ୍ରାମ ସଂଗଠନ

ଓଡ଼ିଶାର ସ୍ୱଳ୍ପ ପରିଚିତ ଜନଜାତି ଗୋଷ୍ଠୀ ମଧ୍ୟରୁ ଡିଡାୟୀ ଅନ୍ୟତମ । ମାଲ୍‌କାନ୍‌ଗିରି ଜିଲ୍ଲାର କୁଡୁମୁଲୁଗୁମ୍ମା ବ୍ଲକ୍‌ର କୋଣ୍ଡାକାମ୍ୱେରୁ ପାର୍ବତ୍ୟାଞ୍ଚଳରେ ବସବାସ କରନ୍ତି ଏହି ଆଦିମ ଜନଜାତି ଗୋଷ୍ଠୀ । କୋଣ୍ଡାକାମ୍ୱେରୁରେ ଯେମିତି ଅଗ୍ନିବର୍ଷୀ ଗରମ ହୁଏ ଅନୁରୂପ ଶୀତଦିନେ ହାଡ଼ଥରା ଜାଡ଼ ଅନୁଭୂତ ହୋଇଥାଏ । ଏହାକୁ 'ଏକ୍ସଟ୍ରିମ୍ କ୍ଲାଇମେଟ୍' ବୋଲି କୁହାଯାଇଥାଏ । ମାଛକୁଣ୍ଡ ନଦୀ ଉପରେ ବାଲିମେଳା ନଦୀବନ୍ଧ ପ୍ରକଳ୍ପ ଫଳରେ ଏହି ପ୍ରାଚୀନତମ ଜନଜାତି ଏକ ପ୍ରକାର ସମାଜର ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ହୋଇପଡ଼ିଛନ୍ତି କହିଲେ ଠିକ୍ ହେବ । ମାତ୍ର ପ୍ରକୃତି କୋଳରେ ବଢୁଥିବା ଓ ବଞ୍ଚୁଥିବା ଏହି ଆଦିମ ଜନଜାତିଙ୍କର ଆଧୁନିକ ମଣିଷ ଭଳି ସେତେଟା ଦୁଃଖ ଓ ସମସ୍ୟା ନ ଥାଏ । ସେମାନେ ଖୁବ୍ ଶୃଙ୍ଖଳିତ ଜନଜାତି ଏବଂ ସେମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନ ମଧ୍ୟ ଖୁବ୍ ସମୃଦ୍ଧ ଓ ସଂଗଠିତ ।

ଡିଡାୟୀମାନଙ୍କ ଗ୍ରାମ ସଂଗଠନରେ 'ଇଙ୍ଗିରେସାନ' (ଧାଙ୍ଗଡ଼ାବସା) ଏବଂ 'ସେଲାସାନ' (ଧାଙ୍ଗିଡ଼ିବସା)ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହି ଦୁଇଟି ଯୁବ ଅନୁଷ୍ଠାନ ମଧ୍ୟରେ ଡିଡାୟୀ ଯୁବଗୋଷ୍ଠୀଙ୍କୁ ସାମାଜିକ ସଂସ୍କାର, ଆର୍ଥିକ ଆତ୍ମନିର୍ଭରଶୀଳ, ଗୁରୁଜନମାନଙ୍କୁ ଭକ୍ତି ପ୍ରଦର୍ଶନ, ଶିକ୍ଷା, ସଂସ୍କୃତି ଓ ସାଥୀଚୟନର ଶିକ୍ଷା ମିଳିଥାଏ । ଡିଡାୟୀ ଝିଅମାନେ ପୁଅମାନଙ୍କ ତୁଳନାରେ ଶୀଘ୍ର ବୟସ୍କା ହୋଇଥା'ନ୍ତି । ଏହାର କାରଣ ସେଠାକାର ଭୌଗୋଳିକ ଅବସ୍ଥିତି । କୋଣ୍ଡାକାମ୍ୱେରୁରେ କେବଳ ଶୀତଦିନକୁ ଛାଡ଼ିଦେଲେ ବର୍ଷର ଅନ୍ୟ ସମୟରେ ପ୍ରବଳ ଗ୍ରୀଷ୍ମ ଅନୁଭବ ହୋଇଥାଏ । ଏଠାରେ କାହିଁକି ଏତେ ଗ୍ରୀଷ୍ମ ଅନୁଭୂତ ହୋଇଥାଏ, ଏନେଇ ଆଜିଯାଏ କୌଣସି ସନ୍ତୋଷଜନକ ଗବେଷଣା ହୋଇନାହିଁ । ଏହି କାରଣରୁ ବୋଧହୁଏ ଡିଡାୟୀ ଯୁବତୀଙ୍କ ଶାରୀରିକ ଅବସ୍ଥା ପ୍ରଭାବିତ ହୋଇଥାଏ ବୋଲି କୁହାଯାଏ । ଯୁବତୀମାନଙ୍କୁ ୧୨-୧୩ ବର୍ଷ ହୋଇଗଲେ ସେମାନେ ନିଜ ଘରେ ନ ଶୋଇ ସେଲସାଙ୍ଗରେ ସାମୂହିକ ରାତ୍ରୀଯାବନ କରନ୍ତି ଏବଂ ବିବାହ ପରେ ଆଉ ସେଲାସାଙ୍ଗକୁ ଆସନ୍ତି ନାହିଁ । ସେଲାସାନରେ ଝିଅମାନଙ୍କୁ ରନ୍ଧାବଢ଼ା ପଦ୍ଧତି, ନୈତିକ ଶିକ୍ଷା ଓ କଟକଣା ଆଦି ଶିକ୍ଷା ଦିଆଯାଇଥାଏ । ସେହିଭଳି ଯୁବକମାନେ ଇଙ୍ଗିରେସାନରେ କର୍ମନିଷ୍ଠତା ଓ କର୍ତ୍ତବ୍ୟପରାୟଣତା ସଂପର୍କରେ ଶିକ୍ଷା ପାଇଥା'ନ୍ତି ।

ଡିଡାୟୀମାନଙ୍କ ଗ୍ରାମ ସଂଗଠନ ବେଶ୍ ଶୃଙ୍ଖଳିତ ଓ ସଂଗଠିତ । ଗ୍ରାମ ସଂଗଠନର ମୁଖ୍ୟ ହେଉଛନ୍ତି 'ନାୟକ' । ସେ ଗ୍ରାମର ଭଲମନ୍ଦ ବୁଝିଥା'ନ୍ତି । ତାଙ୍କୁ କାମରେ ସହଯୋଗ କରିବା ପାଇଁ ଜଣେ ଜଣେ 'ଚାଲାଣ' ନିଯୁକ୍ତି ହୋଇଥା'ନ୍ତି । ଚୋରି, ଡକାୟତି, ହତ୍ୟାକାଣ୍ଡ, ଛାଡ଼ପତ୍ର ଓ ଅନ୍ୟାନ୍ୟ ଦୁଷ୍କର୍ମର ମାମଲାରୁ ସମାଧାନ ଗ୍ରାମ ସଂଗଠନ ଜରିଆରେ ହୋଇଥାଏ । ଡିଡାୟୀ ଗ୍ରାମ ସଂଗଠନରେ ଗୁଣିଆ ଓ ଦିସାରିଙ୍କର ଏକ

ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ଏହା ସହିତ ଧାର୍ମିକ ବ୍ୟବସ୍ଥାର ତଦାରଖ ପାଇଁ ଜଣେ ମୁଖିଆ ଥାଆନ୍ତି । ସେ ହେଉଛନ୍ତି ପୂଜାରୀ । ଗ୍ରାମର ସମସ୍ତ ପୂଜାର୍ଚ୍ଚନା କାର୍ଯ୍ୟ ପୂଜାରୀ ତୁଲେଇଥାନ୍ତି । ମାତ୍ର ଆଜିର ଦିନରେ ଏହି ପାରମ୍ପରିକ ଗ୍ରାମ ସଂଗଠନ କିଛିମାତ୍ରାରେ ପ୍ରଭାବିତ ହୋଇଛି । ପଞ୍ଚାୟତିରାଜ ବ୍ୟବସ୍ଥାରେ ୱାର୍ଡ଼ମେମ୍ବର, ସରପଞ୍ଚମାନେ ଏବେ ଗ୍ରାସ ସଂଗଠନର ଛାମୁଆଁ ନେତା ପାଲଟିଛନ୍ତି । ମାତ୍ର ପୁରୁଣା ଗ୍ରାମ ସଂଗଠନରେ ଗ୍ରାମବାସୀଙ୍କ ମଧ୍ୟରେ ଯେଉଁଭଳି ଆତ୍ମୀୟତା ଓ ଗ୍ରହଣୀୟତା ଥିଲା ତାହା ଆଜିର ଶାସନ ବ୍ୟବସ୍ଥାରେ ଦେଖିବାକୁ ମିଳେ ନାହିଁ ।

## ମାଙ୍କିଡ଼ିଆ ଗ୍ରାମ ସଂଗଠନ

ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କଳାହାଣ୍ଡି, ସମ୍ବଲପୁର ଜିଲ୍ଲାରେ ଏହି ମାଙ୍କିଡ଼ିଆ ଆଦିମ ଜନଜାତିର ଲୋକେ ବସବାସ କରନ୍ତି । ମାଙ୍କିଡ଼ିଆମାନେ ବିର୍‌ହର ଗୋଷ୍ଠୀ ଅନ୍ତର୍ଭୁକ୍ତ ଅନ୍ୟତମ ଅର୍ଦ୍ଧ ଯାଯାବର ଜନଜାତି । ଏମାନେ ଅସ୍ଥାୟୀ ଭାବେ ତାଳପତ୍ରରେ ଯେଉଁ ବସତି ନିର୍ମାଣ କରିଥା'ନ୍ତି ତାହାକୁ 'ଟାଣ୍ଡା' କୁହାଯାଏ । ମାଙ୍କିଡ଼ିଆମାନେ ମୁଖ୍ୟତଃ ଶିକାରୀ ଗୋଷ୍ଠୀ ଭାବେ ପରିଚିତ । ଏମାନେ ମାଙ୍କଡ଼ ଧରିବା ସାଙ୍ଗକୁ ଶିଆଳି ଲଟାର ଦଉଡ଼ି ବୁଣି ଜୀବିକା ନିର୍ବାହ କରିଥା'ନ୍ତି । ସୃଷ୍ଟିର ଆରମ୍ଭକୁ ନେଇ ମାଙ୍କିଡ଼ିଆ ସମାଜରେ ଏକ ଚମତ୍କାର କିମ୍ବଦନ୍ତୀ ରହିଛି । ମାଙ୍କିଡ଼ିଆମାନେ ନିଜକୁ ସୃଷ୍ଟିର ପ୍ରଥମ ପୁରୁଷ 'ଲାକ୍ରା' ଏବଂ ପ୍ରଥମ ନାରୀ 'ସାନି'ଙ୍କ ବଂଶଧର ବୋଲି ବିଶ୍ୱାସ କରନ୍ତି ।

ମାଙ୍କିଡ଼ିଆ ଗ୍ରାମ ସଂଗଠନରେ 'ଧିଙ୍ଗାଲା ଗିଡ଼ିଚ୍' (ଯୁବ ଶୟନାଗାର) ଏବଂ 'କୁଲିଦୁପୁନ୍ ଗିଡ଼ିଚ୍' (ଯୁବତୀ ଶୟନାଗାର)ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ମାତ୍ର ଆଜିର ଦିନରେ ଅଧିକାଂଶ ମାଙ୍କିଡ଼ିଆ ଗ୍ରାମରେ 'କୁଲିଦୁପୁନ୍ ଗିଡ଼ିଚ୍' (ଯୁବତୀ ଶୟନାଗାର) ଦେଖିବାକୁ ମିଳେନାହିଁ । ଏହିସବୁ ଯୁବ ଅନୁଷ୍ଠାନ ଜରିଆରେ ଯୁବକ, ଯୁବତୀମାନେ ଶୃଙ୍ଖଳିତ ଜୀବନ ସଂପର୍କରେ ପ୍ରଶିକ୍ଷଣ ଲାଭ କରିଥା'ନ୍ତି । ଗ୍ରାମକୁ କେହି ଅତିଥି ଅଭ୍ୟାଗତ ଆସିଲେ ସେମାନେ ଏହି ଯୁବ ଅନୁଷ୍ଠାନରେ ରହିଥା'ନ୍ତି । ଏହି ଅନୁଷ୍ଠାନ ଗ୍ରାମର ଏକ ପ୍ରମୁଖ ଅବସର ବିନୋଦନ କେନ୍ଦ୍ରର ଭୂମିକା ଗ୍ରହଣ କରିଥାଏ ।

ଯୁବ ଶୟନାଗାର ମୁଖ୍ୟତଃ ରାତ୍ରୀଯାପନ ପାଇଁ ଉଦ୍ଦିଷ୍ଟ ଥିଲେ ହେଁ ଆବଶ୍ୟକ ସ୍ଥଳେ ଅନ୍ୟାନ୍ୟ କାର୍ଯ୍ୟରେ ଏହାର ବିନିଯୋଗ ହୋଇଥାଏ । ଗ୍ରାମର ଯେକୌଣସି ସମସ୍ୟା ଏବଂ ପ୍ରସଙ୍ଗରେ ଏଠାରେ ଗ୍ରାମସଭା ବସିଥାଏ । ସମାଜକୁ ଶୃଙ୍ଖଳିତ ତଥା ସୁପରିଚାଳନା କରିବା ନିମନ୍ତେ ମାଙ୍କିଡ଼ିଆମାନଙ୍କ ଯୁବ ଶୟନାଗାରର ଭୂମିକା ଉଲ୍ଲେଖନୀୟ । ଗ୍ରାମର ସୁରକ୍ଷା ଦିଗରେ ମଧ୍ୟ ଏହି ଯୁବ ଅନୁଷ୍ଠାନର ଏକ ଗୁରୁ ଦାୟିତ୍ୱ ରହିଥାଏ ।

ମାଙ୍କିଡ଼ିଆ ସାମାଜିକ ଜୀବନରେ ପାରମ୍ପରିକ ଗ୍ରାମସଭା (ଦରବାର)ର ଏକ ମୁଖ୍ୟ ଭୂମିକା ରହିଛି । ମାଙ୍କିଡ଼ିଆ ଗ୍ରାମ ସଂଗଠନର ମୁଖ୍ୟ ହେଉଛନ୍ତି 'ଦେରିବୁଢ଼ା' ବା ସଭାପତି । ସେ ଗ୍ରାମର ସମସ୍ତ ସମସ୍ୟା, ଦୁଃଖସୁଖ, ହାନିଲାଭ ବୁଝନ୍ତି । ଗ୍ରାମସଭାର ସେ ମୁଖ୍ୟ ବିଚାରପତିର ଦାୟିତ୍ୱ ତୁଲାଇଥା'ନ୍ତି । ଦେରିବୁଢ଼ାକୁ

ସହାୟତା କରିବା ପାଇଁ 'ନାଏକେ' (ଉପସଭାପତି) ଏବଂ 'ଗଡ଼େଡ଼୍' (ଡାକୁଆ) ଥାଆନ୍ତି । ଏହି ତିନି ମୁଖ୍ୟଙ୍କ ସମେତ ମୁଦେଇ, ମୁଦାଲା ଓ ଗ୍ରାମବାସୀମାନଙ୍କ ଉପସ୍ଥିତିରେ ଗ୍ରାମର ବିଭିନ୍ନ ସମସ୍ୟାର ସମାଧାନ କରାଯାଇଥାଏ । ଏହାଛଡ଼ା ଗ୍ରାମ ସଂଗଠନରେ ଧାର୍ମିକ ବ୍ୟବସ୍ଥା ତଦାରଖ ପାଇଁ ଆଉ ଜଣେ ଧାର୍ମିକ ମୁଖିଆ ଥାଆନ୍ତି । ତାଙ୍କୁ 'ଆଖଡ଼ାଣି' (ପୂଜକ) କହନ୍ତି । ସେ ଗ୍ରାମର ସମସ୍ତ ସାମୂହିକ ପୂଜାପାର୍ବଣ, ସାପ୍ତହୀକ ପୂଜାପାଠ, ମନ୍ତତନ୍ତ, ଡାହାଣୀ-ଭୂତ, ଝଡ଼ାଫୁଙ୍କା, ମାଘବଙ୍ଗା, କରମା ପୂଜା ଆଦି ତୁଲେଇଥା'ନ୍ତି ।

ଗ୍ରାମସଭାର ସମସ୍ତ ବୈଠକ ଦେରିବୁଢ଼ାଙ୍କ ପୌରୋହିତ୍ୟରେ ହୋଇଥାଏ । ବୈଠକ ବସିବା ପୂର୍ବରୁ ଗଡ଼େଡ଼୍ (ଡାକୁଆ) ଘରଘର ବୁଲି ଗୃହକର୍ତ୍ତାମାନଙ୍କୁ ଖବର ଦିଅନ୍ତି । ଯୁବ ଶୟନାଗାର ସମ୍ମୁଖରେ ସଭା ବସେ । ବିଶେଷକରି ଏହି ଗ୍ରାମସଭାରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ କଳହ, ପରକ୍ରିୟା ପ୍ରୀତି, ପିତା-ପୁତ୍ର ଗଣ୍ଡଗୋଳ, ଭାଇ-ଭାଇ ବିବାଦ, ଚୋରି, ଡକାୟତି, ହତ୍ୟାକାଣ୍ଡ ମାମଲାର ବିଚାର ହୋଇଥାଏ । ଦୋଷୀଙ୍କ ଠାରୁ ଆର୍ଥିକ ଦଣ୍ଡ ବା ଜୋରିମାନା ବାବଦକୁ ଦୁଇ ଶେର ଚାଉଳ, ହାଣ୍ଡିଆ (ଇଲି), କୁକୁଡ଼ା କିମ୍ବା ଛେଳି ଆଦାୟ କରାଯାଇଥାଏ । ମାଙ୍କିଡ଼ିଆ ସମାଜରେ ଶ୍ରମଦାନର ଅଦଳବଦଳ ବ୍ୟବସ୍ଥା ରହିଛି । ଏହି ଶ୍ରମଦାନକୁ 'ପାଞ୍ଚହଲ୍' କୁହାଯାଇଥାଏ । ଧରାଯାଉ, ଜଣଙ୍କର ଘର ନିର୍ମାଣ ହେବ, ସେତେବେଳେ ଅନ୍ୟ ମାଙ୍କିଡ଼ିଆମାନେ ବିନା ପାରିଶ୍ରମିକରେ ଉକ୍ତ ଲୋକଟିର ଘର ନିର୍ମାଣରେ ଶ୍ରମଦାନ କରିଥା'ନ୍ତି ।

### ଗଣ୍ଡ ଗ୍ରାମ ସଂଗଠନ

ଗଣ୍ଡ ସଂପ୍ରଦାୟର ଆଦିବାସୀମାନେ ଓଡ଼ିଶାର ଅବିଭକ୍ତ କୋରାପୁଟ, କଳାହାଣ୍ଡି, ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗୀର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ବସବାସ କରନ୍ତି । ନବରଙ୍ଗପୁର ଜିଲ୍ଲାର ରାଇଘର, ଉମରକୋଟ, କୋଷାଗୁମୁଡ଼ା, ଝରିଗାଁ ଏବଂ କୋରାପୁଟ ଜିଲ୍ଲାର କୋଟପାଡ଼, ବୋରିଗୁମ୍ମା ବ୍ଲକ୍‌ରେ ଏମାନଙ୍କ ସଂଖ୍ୟା ସର୍ବାଧିକ । ଗଣ୍ଡମାନଙ୍କ ସାମାଜିକ ଜୀବନରେ 'ଗୋଟୁଲ୍' (ଯୁବାଗୃହ)ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା କରହିଛି ।

ଗୋଣ୍ଡି ଭାଷାର ଶବ୍ଦକୋଷରୁ ଜଣାଯାଏ, 'ଗୋ' ଶବ୍ଦ ଅର୍ଥ ଦେବତା ଏବଂ 'ଟୁଲ୍' ଶବ୍ଦର ଅର୍ଥ ସ୍ଥାନ । ଅର୍ଥାତ୍ ଯେଉଁ ଅନୁଷ୍ଠାନରେ ଦେବତାମାନେ ବାସ କରନ୍ତି ତାହା ଗୋଟୁଲ । ଗଣ୍ଡ ଗ୍ରାମର ମଧ୍ୟ ସ୍ଥାନ । ଅର୍ଥାତ୍ ଯେଉଁ ଅନୁଷ୍ଠାନରେ ଦେବତାମାନେ ବାସ କରନ୍ତି ତାହା ଗୋଟୁଲ । ଗଣ୍ଡ ଗ୍ରାମର ମଧ୍ୟ ସ୍ଥଳରେ ଗୋଟୁଲ୍ ନିର୍ମିତ ହୋଇଥାଏ । କେତେକ ଗୋଟୁଲ୍‌ରେ କାନ୍ଥ ଦିଆଯାଇଥିବା ବେଳେ ଆଉ କିଛି ଗୋଟୁଲ୍‌ରେ କାନ୍ଥ ନଥାଏ । ଗୋଟୁଲ୍ ହେଉଛି ଗଣ୍ଡ ସାମାଜିକ ବ୍ୟବସ୍ଥାର ପ୍ରାଣକେନ୍ଦ୍ର । ଏଠାରେ ଅବିବାହିତ ଯୁବକ, ଯୁବତୀମାନେ ବିଶ୍ରାମ ନେବା ସହିତ ନାନାପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ମୋଟ ଉପରେ ଏହା ଏକ ଅବସର ବିନୋଦନ କେନ୍ଦ୍ର ଭାବେ ପରିଚିତ । ଏହିଠାରୁ ଯୁବବର୍ଗ ସ୍ନେହ, ଶ୍ରଦ୍ଧା, ପାରସ୍ପରିକ ସହଯୋଗ, ଗୁରୁଜନମାନଙ୍କୁ ଭକ୍ତି କରିବା ଆଦି ସାମାଜିକ ଦାୟିତ୍ୱବୋଧ ଶିକ୍ଷାଲାଭ କରିଥା'ନ୍ତି । ଗ୍ରାମର ବହିରାଗତ ଅତିଥି ଆସିଲେ ସେମାନଙ୍କୁ ଏହି ଗୋଟୁଲ୍‌ରେ ରହିବାକୁ ହୋଇଥାଏ । ଗଣ୍ଡମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନକୁ ସର୍ବାଧିକ ପ୍ରଭାବିତ କରୁଥିବା ଏହି ଗୋଟୁଲ୍ ଅନେକ ଗ୍ରାମରେ ଆଉ

ଦେଖିବାକୁ ମିଳୁନାହିଁ । ଗଣ୍ଡ ଗ୍ରାମ ସଂଗଠନରେ 'ମାଝି' ହେଉଛନ୍ତି ଗାଁ'ର ପ୍ରାଶାସନିକ ମୁଖ୍ୟ । ମାଝୀଙ୍କ ନେତୃତ୍ୱରେ ଗାଁ'ର ସମସ୍ତ ପ୍ରକାର ବିବାହର ସମାଧାନ ହୋଇଥାଏ । ମାଝିଙ୍କୁ ସହଯୋଗ କରିବା ପାଇଁ ଚଲାଣ, ଦିସାରି ଓ ଅନ୍ୟାନ୍ୟ ପାରିଷଦବର୍ଗ ରହିଥାଏ ।

## ବଣ୍ଡା ଗ୍ରାମ ସଂଗଠନ

ଓଡ଼ିଶାରେ ବସବାସ କରୁଥିବା ୧୩ଟି ପ୍ରାଚୀନ ଜନଜାତିଙ୍କ ମଧ୍ୟରେ ବଣ୍ଡାମାନେ ଏକ ସର୍ବପୁରାତନ ଜନଜାତି ଗୋଷ୍ଠୀ । ଏମାନେ ମାଲ୍‌କାନାଗିରି ଜିଲ୍ଲାର ଖଇରପୁଟ ବ୍ଲକ୍‌ର ପାର୍ବତ୍ୟାଞ୍ଚଳରେ ବସବାସ କରନ୍ତି । ବଣ୍ଡାମାନେ ନିଜକୁ 'ରେମୋ' (ମଣିଷ) ଭାବେ ପରିଚୟ ଦେଇଥା'ନ୍ତି । ବଣ୍ଡାମାନେ ଉଗ୍ର ମଧୁର ସ୍ୱଭାବର ହେଲେ ମଧ୍ୟ ସେମାନଙ୍କ ସାମାଜିକ ଜୀବନ ଖୁବ୍ ଶୃଙ୍ଖଳିତ । 'ସେଲାନିଡ଼ିଙ୍ଗୋ' (ଧାଙ୍ଗିଡ଼ିଇବସା) ବଣ୍ଡା ଗ୍ରାମ ସଂଗଠନର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଯୁବ ଅନୁଷ୍ଠାନ । ଏଥିରେ ଗ୍ରାମର ଯୁବତୀମାନେ ଅବସର ବିନୋଦନ କରିବା ସହିତ ନାଚଗୀତ, କଥା, ଗପ, ଢଗଢ଼ମାଳି ମାଧ୍ୟମରେ ଜୀବନକୁ ଉପଭୋଗ କରିଥା'ନ୍ତି । ଏହା ସାଙ୍ଗକୁ ସେଲାନିଡ଼ିଙ୍ଗୋରେ ବଣ୍ଡା ଯୁବତୀମାନେ ମାଳି ତିଆରି, ରିଙ୍ଗା ବୁଣିବା, ତୁରାବୁ ଓ ଷଇଣ୍ଡା ଆଦି ତିଆରି କରନ୍ତି । ଏହାବ୍ୟତୀତ ସେଲାନିଡିଙ୍ଗୋର ଅନ୍ୟ ଏକ ଆକର୍ଷଣ ରହିଛି; ଏହାକୁ ରାତିରେ ଅନ୍ୟ ଗ୍ରାମର ଯୁବକ (ଭିନ୍ନ ଗୋତ୍ରର)ମାନେ ଆସି ଏହି ଯୁବତୀଙ୍କ ସହ ପ୍ରେମ ଓ ଭାବର ଆଦାନପ୍ରଦାନ କରନ୍ତି । ଏଇଠୁ ହିଁ ବଣ୍ଡା ଯୁବକ ଯୁବତୀ (ଭିନ୍ନ ଗୋତ୍ରୀ)ଙ୍କ ମଧ୍ୟରେ ପ୍ରେମର ମଞ୍ଜି ବୁଣାଯାଏ ଓ ପ୍ରଣୟ ଅଙ୍କୁରିତ ହୋଇଥାଏ । ଏହାପରେ ଏହି ପ୍ରଣୟ ବିବାହର ରୂପ ନେଇଥାଏ । ଏଣୁ ବଣ୍ଡା ସାମାଜିକ ଜୀବନରେ ସେଲାନିଡିଙ୍ଗୋର ଏକ ମହତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି କୁହାଯାଇପାରେ । ସେହିଭଳି ବଣ୍ଡା ଯୁବକମାନଙ୍କ ଗୃହକୁ 'ଇଙ୍ଗରସେନ୍' କୁହାଯାଏ । ଇଙ୍ଗାରସେନ୍ ହିଁ ପ୍ରକୃତରେ ବଣ୍ଡା ଗ୍ରାମ ସଂଗଠନର ସାମାଜିକ ଓ ସାଂସ୍କୃତିକ ପ୍ରାଣକେନ୍ଦ୍ର କହିଲେ ଠିକ୍ ହେବ । ଏଠାରେ ଗ୍ରାମର ସମସ୍ତ ଯୁବକମାନେ ରାତ୍ରୀ କଟାଇବା ସହ ଅବସର ବିନୋଦନ କରିଥା'ନ୍ତି । ପ୍ରତିଦିନ ସଞ୍ଜ ନଇଁ ଆସିଲେ ଏଠାରେ ବଣ୍ଡା ଯୁବକ, ଯୁବତୀ (ଭିନ୍ନଗୋତ୍ରୀ)ମାନେ ମିଳିତ ହୁଅନ୍ତି ଏବଂ ବିଳମ୍ବିତ ରାତ୍ରୀ ଯାଏ ନୃତ୍ୟଗୀତର ଆସର ଜମେ ।

ବଣ୍ଡାମାନଙ୍କ ଗ୍ରାମ ସଂଗଠନ ମଧ୍ୟ ଖୁବ୍ ସଂଗଠିତ ଓ ଶୃଙ୍ଖଳିତ । ବଣ୍ଡାମାନଙ୍କର ଗାଁ' ମୁଖିଆଙ୍କୁ 'ନାୟକ' କୁହାଯାଇଥାଏ ଏବଂ ନାୟକଙ୍କ ନେତୃତ୍ୱରେ ସେମାନଙ୍କ ଗ୍ରାମସଭା ସ୍ଥଳୀ ବା 'ସିନ୍ଦିବୋର'ଠାରେ ସଭା ବସିଥାଏ । 'ସିନ୍ଦିବୋର' ପ୍ରକୃତରେ ବଣ୍ଡା ଗ୍ରାମ୍ୟ ପ୍ରଶାସନିକ ବ୍ୟବସ୍ଥାର ସର୍ବୋଚ୍ଚ ଅନୁଷ୍ଠାନ । ଏହା ପଥରରେ ନିର୍ମିତ ଏକ ଉଚ୍ଚ ପିଣ୍ଡି । ବଣ୍ଡା ଗ୍ରାମର ଶେଷ ଭାଗରେ କୌଣସି ଏକ ବିଶାଳ ଗଛ ମୂଳରେ ପଥର ଉପରେ ପଥର ରଖି ସୁନ୍ଦର ଭାବେ ଏକ ଉଚ୍ଚ ପିଣ୍ଡି ନିର୍ମାଣ କରାଯାଇଥାଏ । ଏହାକୁ ସିନ୍ଦିବୋର କୁହାଯାଏ । ଏହି ସିନ୍ଦିବୋର ବଣ୍ଡା ସମାଜର ଏକ ପବିତ୍ର ସ୍ଥଳ ଭାବେ ଜଣାଶୁ । ଏଠାରେ 'ବୁର୍‌ସଙ୍ଗ' ଦେବତା ପୂଜା ପାଇଥାନ୍ତି । ବୁରସଙ୍ଗ ଦେବତାଙ୍କ ନାମ ସ୍ମରଣ କରି ନାୟକଙ୍କ ନେତୃତ୍ୱରେ ଏଠାରେ ଗ୍ରାମସଭା ଆରମ୍ଭ ହୁଏ । ପୁରୁଷ ଓ ମହିଳା ସମସ୍ତେ ଏହି ସଭାରେ ଅଂଶଗ୍ରହଣ କରିଥା'ନ୍ତି । ସିନ୍ଦିବୋରକୁ ଅନ୍ୟ ଅର୍ଥରେ ସଦର

ଦାଣ୍ଡ ବୋଲି କୁହାଯାଇଥାଏ । ଏହା ବଣ୍ଡା ଗ୍ରାମ ସଂଗଠନର ନିମ୍ନ ଅଦାଲତ ଭାବେ କାର୍ଯ୍ୟ କରିଥାଏ । ଏଠାର ପର୍ବପର୍ବାଣି ପ୍ରସ୍ତୁତି, ନ୍ୟାୟନିଷ୍ପତ୍ତି, ବିଚାର ଆଲୋଚନା, ବୁଝାମଣା ଓ ମାମଲାର ବିଚାର ଆଦି ଯାବତୀୟ କାର୍ଯ୍ୟ ପାରମ୍ପରିକ ଗ୍ରାମସଭା ମାଧ୍ୟମରେ ହୋଇଥାଏ । ଏଠାରେ ମଧ୍ୟ ଦୋଷୀଙ୍କୁ ଶପଥ ପାଠ କରାଯାଇଥାଏ । ସିନ୍ଦିବୋରରେ ବୁରସଙ୍ଗ ଦେବତା ପୂଜା ପାଉଥିବାରୁ କେହି ବଣ୍ଡା ଏଠାରେ ମିଛ କହିବାକୁ ସାହସ କରନ୍ତି ନାହିଁ । ଅନ୍ୟପକ୍ଷରେ ଗାଁ ମୁଖିଆ 'ନାୟକ' ମଧ୍ୟ ବୁରସଙ୍ଗଙ୍କ ଉପସ୍ଥିତିରେ ନିରପେକ୍ଷ ବିଚାର କରନ୍ତି । 'ନାୟକ'ଙ୍କୁ ସହାୟତା କରିବା ପାଇଁ ଗ୍ରାମ ସଂଗଠନରେ 'ଚଲାଣ' ନିଯୁକ୍ତ ହୋଇଥା'ନ୍ତି । ଚଲାଣ ବୋଲକରା ଓ ଡାକୁଆର କାମ ତୁଲାଇଥା'ନ୍ତି । ବଣ୍ଡାମାନଙ୍କ ଧାର୍ମିକ ମୁଖ୍ୟଙ୍କୁ 'ଶିଶା' (ପୂଜାରୀ) କୁହାଯାଏ । ଜ୍ୟୋତିଷ ଓ ଜଡ଼ିବୁଟି ଅଭ୍ୟାସ କରୁଥିବା ବ୍ୟକ୍ତିଙ୍କୁ 'ଦିଶାରୀ' କହନ୍ତି । ଶିଶାଙ୍କୁ ପୂଜା କାର୍ଯ୍ୟରେ ସହଯୋଗ କରିବା ପାଇଁ 'ଡାଉଶିଶା' (ଶିଶାର ସହାୟକ), 'ଯଙ୍ଗେ' (ଶିଶା ଓ ଡାଉଶିଶାଙ୍କୁ ପୂଜାପାଠ ସମୟରେ ସାହାଯ୍ୟ କରୁଥିବା ଅବିବାହିତ ବାଳକ), 'ଗେସାବୟ' (ସ୍ୱତନ୍ତ୍ର ଭାବେ ସଲପ ଗଛମୂଳେ ପୂଜା କରିବା ପାଇଁ ଅସ୍ଥାୟୀ ଭାବେ ନିଯୁକ୍ତ ଅବିବାହିତ ଯୁବତୀ) ଆଦି ଥାଆନ୍ତି । ବଣ୍ଡା ଗ୍ରାମ ସଂଗଠନରେ 'ଯରେମ୍' (ଗୁଣିଆ) ଓ 'ଯବୟ' (ମହିଳା ଗୁଣିଆ)ଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ ।

ବଣ୍ଡା ଗ୍ରାମସଭା 'ସିନ୍ଦିବୋର୍'ରେ ବିଶେଷକରି ସୀମା ବିବାଦ, ଜବରଦଖଲ, ଚୋରି, ଡକାୟତି, ସଲପ ଗଛର ମାଲିକାନା ବିବାଦ, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ସେଲାନିଡିଙ୍ଗୋରେ ହୋଇଥିବା ଦୁଷ୍କର୍ମ, ବଳାତ୍କାର, ପରକ୍ରିୟା ପ୍ରୀତି, ଭାଇଭାଗ ବିବାଦ, ସଲପ ଚୋରି, ପୁରୁଷ ଓ ସ୍ତ୍ରୀ ମଧ୍ୟରେ ଥିବା ଅବୈଧ ସଂପର୍କ ଆଦି ବିଭିନ୍ନ ପ୍ରସଙ୍ଗରେ ବିଚାର ଓ ଆଲୋଚନା ହୋଇଥାଏ । ଏଥିରେ ଦୋଷୀଙ୍କୁ ଶାରୀରିକ, ଆର୍ଥିକ, ନୈତିକ, ମାନସିକ ଓ ସାମାଜିକ ଦଣ୍ଡ ପ୍ରଦାନ କରାଯାଇଥାଏ । ଆର୍ଥିକ ଦଣ୍ଡ ହିଁ ସବୁଠୁ ବଡ଼ ଦଣ୍ଡ ବୋଲି ବିଚାର କରାଯାଇଥାଏ । ଅନ୍ୟାନ୍ୟ ମାମଲାରେ ଦୋଷୀଙ୍କଠାରୁ ଦଣ୍ଡସ୍ୱରୂପ ସଲପ, ମଦ, ଗାଈ, ଛେଳି, ମେଣ୍ଢା କୁକୁଡ଼ା, ଘୁଷୁରି ଆଦି ଆଦାୟ କରାଯାଇଥାଏ । ଯଦି ଜଣେ ବଣ୍ଡା ତୀର ମାରି ନରହତ୍ୟା କରିଥାଏ ତାକୁ ଦଣ୍ଡ ସ୍ୱରୂପ ଗୋଟିଏ ଗୋରୁକୁ ମାରି ତା' ମାଂସ ଭୋଜି ଦେବା ସହ ପ୍ରତି ଗ୍ରାମବାସୀଙ୍କୁ ଡବାଡବା ମଦ ଦେବାକୁ ପଡ଼ିଥାଏ । ସେହିଭଳି ଟାଙ୍ଗିଆରେ ହାଣି ଆହତ କରିଥିଲେ ଦୋଷୀ ବଣ୍ଡାକୁ ଘୁଷୁରି ମାଂସ ଓ ମଦ, ବଳାତ୍କାର କରିଥିଲେ ଦୋଷୀକୁ ଗାଈ ଓ ମଦ ଦେବାକୁ ହୋଇଥାଏ ଏବଂ ଛାଡ଼ପତ୍ର ମାମଲାରେ ଗାଈ, ବଳଦ କିମ୍ବା ଘୁଷୁରି, ନାରୀ ଧର୍ଷଣ କରିଥିଲେ ଗାଈ, ବଳଦ ସହିତ ମଦ ଦେବା ଭଳି ଦଣ୍ଡ ଓ ଜୋରିମାନା ଦେବାକୁ ପଡ଼ିଥାଏ ।

## ଡଙ୍ଗରିଆ କନ୍ଧ ଗ୍ରାମ ସଂଗଠନ

ରାୟଗଡ଼ା ଓ ଗୁଣୁପୁର ସବ୍‌ଡିଭିଜନକୁ ଯେଉଁ ପର୍ବତମାଳାଟି ବିଚ୍ଛିନ୍ନ କରିଛି ତାହା ହେଉଛି ନିୟମଗିରି । ଏହି ନିୟମଗିରି ହିଁ ହେଉଛି ଡଙ୍ଗରିଆ କନ୍ଧଙ୍କ ଆବାସସ୍ଥଳୀ । ଏହା ଏକ ପର୍ବତ ନୁହେଁ ତ ଡଙ୍ଗରିଆଙ୍କ ସର୍ବୋଚ୍ଚ ପ୍ରଶାସକ ଓ ଦେବତା । 'ନିୟମ ରଜା'ର ନିର୍ଦ୍ଦେଶରେ ଡଙ୍ଗରିଆ ସମାଜ ପରିଚାଳିତ ହୋଇଥାଏ ।

ନିୟମଗିରି ଏକ ସୁଉଚ୍ଚ ପର୍ବତମାଳା ହୋଇଥିଲେ ମଧ୍ୟ ଏଠାରେ ଚିରହରିତ୍ ଜଙ୍ଗଲ ଦେଖିବାକୁ ମିଳି ନ ଥାଏ । ଡଙ୍ଗରିଆମାନେ ଏଠାରେ ପଣସ, ସପୁରୀ, କଦଳୀ, କମଳା, ଆମ୍ବ, ହଳଦୀ, ଅଦା ଆଦି ଚାଷ କରି ଉଦ୍ୟାନ କୃଷିର ବିକାଶ କରିଛନ୍ତି । ନିୟମଗିରି ଡଙ୍ଗରିଆମାନଙ୍କୁ ସବୁକିଛି ଦେଇଛି ବୋଲି ସେମାନେ ବିଶ୍ୱାସ କରନ୍ତି । ଡଙ୍ଗରିଆମାନେ କାନ୍ଧ ଆଦିବାସୀ ଗୋଷ୍ଠୀର ଏକ ଉପଗୋଷ୍ଠୀ ଏବଂ ଏମାନେ ସମଗ୍ର ନିୟମଗିରିର ୧୪୦ଟି ଗ୍ରାମରେ ବସବାସ କରିଆସୁଛନ୍ତି ।

ପ୍ରକୃତି କୋଳରେ ବଢ଼ିଥିବା ଡଙ୍ଗରିଆ କନ୍ଧମାନେ ନିୟମ ରଜାଙ୍କୁ ସେମାନଙ୍କର ସର୍ବମାନ୍ୟ ଦେବତା ଓ ପ୍ରଶାସକ ମାନି କାର୍ଯ୍ୟ ଆରମ୍ଭ କରନ୍ତି । ନିୟମ ରଜାଙ୍କ ନିର୍ଦ୍ଦେଶକ୍ରମେ ଡଙ୍ଗରିଆ କନ୍ଧ ଗାଁ' ମୁଖିଆ ପ୍ରଜାମାନଙ୍କୁ ଶାସନ କରନ୍ତି ଓ ସେମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରନ୍ତି । ଡଙ୍ଗରିଆ କନ୍ଧ ଗ୍ରାମ ସଂଗଠନର ମୁଖ୍ୟ ହେଉଛନ୍ତି 'ମଣ୍ଡଳ' । ମଣ୍ଡଳଙ୍କ ନେତୃତ୍ୱରେ ଗ୍ରାମର ଶାସନ ବ୍ୟବସ୍ଥା ପରିଚାଳିତ ହୋଇଥାଏ । ସମସ୍ତେ ମଣ୍ଡଳଙ୍କ ନିର୍ଦ୍ଦେଶ ମାନନ୍ତି ଏବଂ ସେ ସମସ୍ତଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରନ୍ତି । ସେହିଭଳି ଡଙ୍ଗରିଆଙ୍କ ଧାର୍ମିକ ମୁଖିଆଙ୍କୁ 'ଜାନୀ' କୁହାଯାଏ । ଜାନୀ ପୂଜାର୍ଚ୍ଚନା କରି, ଦେବତାଙ୍କର ପରାମର୍ଶ ନେଇ କେଉଁଦିନ ବିହନ ବୁଣାହେବ, କେଉଁଦିନ ଫସଲ ଅମଳ ହେବ, କେଉଁଦିନ ମେରିଆ ବଳି ପଡ଼ିବ, ବିଭାଘର, ଶିଶୁ ଜନ୍ମ ଉତ୍ସବର ଦିନ ଧାର୍ଯ୍ୟ କରନ୍ତି । ଡଙ୍ଗରିଆ ଗ୍ରାମ ସଂଗଠନରେ ଅନ୍ୟ ଜଣେ ମହିଳାର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସେହ ହେଉଛନ୍ତି 'ବେଜୁଣୀ' । ବେଜୁଣୀ ହେଉଛନ୍ତି ଡଙ୍ଗରିଆ ସମାଜରେ ମହିଳା ପୂଜକ । ବେଜୁଣୀ ଶରୀରରେ ଦେବତା କିମ୍ବା ଦେବୀ ପ୍ରବେଶ କରି ଆଗତ-ଭବିଷ୍ୟ କଥା ପ୍ରକାଶ କରନ୍ତି ।

## କୋୟା ଗ୍ରାମ ସଂଗଠନ

ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଜନଜାତି ଗୋଷ୍ଠୀଙ୍କ ମଧ୍ୟରୁ କୋୟାମାନେ ଖୁବ୍ ସ୍ୱତନ୍ତ୍ର । ଏମାନେ ମାଲ୍‌କାନଗିରି ଜିଲ୍ଲାର କାଲିମେଳା, ମୋଟୁ, ପଡ଼ିଆ, ମାଥିଲି, କୋରୁକୁଣ୍ଡା ଆଦି ବ୍ଲକ୍‌ରେ ବାସ କରନ୍ତି । କୋୟାମାନେ ପଡ଼ୋଶୀ ଛତିଶଗଡ଼ରେ 'ମାଡ଼ିଆ' ଓ 'ଦାରଲା' ନାମରେ ପରିଚିତ । କୋୟାମାନଙ୍କର ଗ୍ରାମ ସଂଗଠନ ମଧ୍ୟ ଖୁବ୍ ଶୃଙ୍ଖଳିତ । କୋୟା ଗ୍ରାମର ପାରମ୍ପରିକ ମୁଖିଆଙ୍କୁ 'ପେଦା' କୁହାଯାଉଥିବା ବେଳେ ସେମାନଙ୍କ ଗ୍ରାମସଭା ସ୍ଥଳକୁ 'ପେଦାଗୁଡ଼ମ୍' କୁହାଯାଏ । ପେଦା ଗ୍ରାମବାସୀଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବା ସହ ନିରପେକ୍ଷ ବିଚାର କରନ୍ତି । ପେଦାଙ୍କ ବିଚାର ଓ ନିଷ୍ପତ୍ତିକୁ କେହି ପ୍ରଶ୍ନ ଉଠାଇ ପାରନ୍ତି ନାହିଁ । ଯଦି କୌଣସି କାରଣରୁ ପେଦା ବଦନାମ ହୋଇପଡ଼ନ୍ତି ତେବେ ଗ୍ରାମବାସୀ ମିଳିତ ଭାବେ ତାଙ୍କୁ ବହିଷ୍କାର କରି ପୁନର୍ବାର ଜଣେ ନୂଆ ପେଦା ନିର୍ବାଚିତ କରନ୍ତି । ଗ୍ରାମର ସାଂଗଠନିକ ଓ ସାମାଜିକ ବ୍ୟବସ୍ଥାର ସମୀକ୍ଷା କରିବାକୁ ଯାଇ ବର୍ଷରେ ଥରେ ପେଦାଙ୍କ କାର୍ଯ୍ୟାଳୟ ବା ପେଦାଗୁଡ଼ମ୍‌ରେ ସଭା ଅନୁଷ୍ଠିତ ହୋଇଥାଏ । କିଛି କୋୟା ଗ୍ରାମକୁ ନେଇ ଏକ 'ମୁଠା ପଞ୍ଚାୟତ' ଗଠିତ ହୋଇଥାଏ । ମୁଠା ପଞ୍ଚାୟତ ମାଧ୍ୟମରେ ଆନ୍ତଃଗ୍ରାମ ବିବାଦର ସମାଧାନ କରାଯାଇଥାଏ । ଗୋଟିଏ ମୁଠା ପଞ୍ଚାୟତ ଅନ୍ତର୍ଭୁକ୍ତ ପ୍ରତି ଗ୍ରାମର ପେଦାମାନେ ଏହାର ସଦସ୍ୟ ରହିଥା'ନ୍ତି । କୋୟା ଗ୍ରାମ ସଂଗଠନରେ 'ବିଜାଗୁଡ଼ି' (ଗ୍ରାମଦେବତାଙ୍କ ମନ୍ଦିର)ର ଏକ ଅଖଣ୍ଡ ପ୍ରଭାବ ରହିଥାଏ । ଏହାର ନିକଟରେ

'ଗୁଡ଼ିମାତା' (ଗ୍ରାମଦେବୀ) ଅବସ୍ଥାନ କରନ୍ତି । ଏହା ବିଜାଗୁଡ଼ି ଗ୍ରାମର ମଧ୍ୟ ଭାଗରେ ଅବସ୍ଥିତ । ଏଠାରେ କୋୟାମାନଙ୍କ 'ପେଦାଗୁଡ଼ମ୍' ବସିଥାଏ ।

ଓଡ଼ିଶାରେ ବସବାସ କରୁଥିବା ସମସ୍ତ ଆଦିବାସୀ ଗୋଷ୍ଠୀଙ୍କର ଏକ ସମୃଦ୍ଧ ଓ ଶୃଙ୍ଖଳିତ ଗ୍ରାମ ସଂଗଠନ ରହିଥିଲା ଏବଂ ଏହା ସେମାନଙ୍କୁ ଉଚିତ୍ ମାର୍ଗରେ ପରିଚାଳିତ କରୁଥିଲା । ଏହି ଗ୍ରାମ ସଂଗଠନ ଆଦିବାସୀଙ୍କୁ ଶୃଙ୍ଖଳା ଓ ଶିଷ୍ଟାଚାର, ଆନ୍ତରିକତା ଓ ନିଷ୍ଠା, ପରୋପକାରିତା ଓ ପ୍ରତିଶ୍ରୁତି ପାଳନ, ପ୍ରେମ ଓ ଶ୍ରଦ୍ଧା ଏବଂ ଅସହାୟଙ୍କୁ ନ୍ୟାୟ ପ୍ରଦାନ କରିବାର ଶିକ୍ଷା ଦେଉଥିଲା । ମାତ୍ର ଆଜିର ଆଧୁନିକ ପଞ୍ଚାୟତିରାଜ ବ୍ୟବସ୍ଥାରେ ଏସବୁ ଲକ୍ଷଣ କେତେମାତ୍ରାରେ ପ୍ରକାଶ ପାଉଛି ତାହା ଚିନ୍ତା କରିବାର କଥା । ଆଜି ଏହି ସରଳ, ନିଷ୍କପଟ ଆଦିବାସୀଙ୍କ ମନରେ ମଞ୍ଜି ବୁଣାଯାଉଛି । ସେମାନଙ୍କୁ କପଟ ଓ ଛଳନାର ଶିକ୍ଷା ଦିଆଯାଉଛି । ବିକାଶ ଓ ଆଧୁନିକତା ନାମରେ ପ୍ରତାରଣା ଓ ଠକାମୀର ଶୀକାର ହେଉଛନ୍ତି ବିଚରା ଏହି ସରଳ ଆଦିବାସୀମାନେ । ଆଧୁନିକ ସଭ୍ୟ ଓ ଭଦ୍ର ମଣିଷଙ୍କ ଭଳି ଆଦିବାସୀମାନେ କେବେ ବି ସ୍ୱାର୍ଥପର ଓ ସୁବିଧାବାଦୀ ନୁହଁନ୍ତି । ମାତ୍ର ଆଜି ଆଦିବାସୀଙ୍କ ମଧ୍ୟରେ ଏସବୁ ଲକ୍ଷଣ କିଛି ମାତ୍ରାରେ ଦେଖିବାକୁ ମିଳିଲାଣି । ଆଜି ଅଧିକାଂଶ ଆଦିବାସୀ ଗାଁ'ରେ ଭାଇଚାରା ଓ ଆନ୍ତରିକତାର ଘୋର ଅଭାବ ପରିଲକ୍ଷିତ ହେଉଛି । ଏସବୁ ବିଭ୍ରାଟ ଓ ବିପର୍ଯ୍ୟୟ କାହିଁକି ? ଏଥିନେଇ ଗଭୀର ଚିନ୍ତନର ଆବଶ୍ୟକତା ରହିଛି ।

## ସହାୟକ ଗ୍ରନ୍ଥ ସୂଚୀ


୧। ପ୍ରଧାନ ରଞ୍ଜନ, 'ଜୁଆଙ୍ଗ ପର୍ବପର୍ବାଣି', ପ୍ରକାଶକ : କ୍ରିଏଟିଭ୍ ଓଡ଼ିଶା, କେନ୍ଦ୍ରାପଡ଼ା (୨୦୧୪)

୨। ପ୍ରଧାନ ରଞ୍ଜନ, 'ଐତିହ୍ୟ, ସଂସ୍କୃତି ଓ ପର୍ଯ୍ୟଟନ; କେନ୍ଦୁଝର, ପ୍ରକାଶକ : କ୍ରିଏଟିଭ୍ ଓଡ଼ିଶା, କେନ୍ଦ୍ରାପଡ଼ା (୨୦୧୨)

୩। ପ୍ରଧାନ ରଞ୍ଜନ, 'ପରଜା ଜୀବନ ଓ ସଂସ୍କୃତି', ପ୍ରକାଶକ : ପ୍ରଜ୍ଞା ପରିମିତା, କେନ୍ଦ୍ରପଡ଼ା (୨୦୦୭)

୪। ବେଶ୍ରା ଦମୟନ୍ତୀ, 'ସମାଜ ଓ ସଂସ୍କୃତି ପୃଷ୍ଠପଟରେ ମୟୂରଭଞ୍ଜର ସାନ୍ତାଳ', ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର (୨୦୧୦)

୫। ମହାନ୍ତି ଡ. କୃଷ୍ଣ କୁମାର (ସଂପାଦନା), 'ପାହାଡ଼ି ଖଡ଼ିଆ', ପ୍ରକାଶକ : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର (୨୦୦୯)

୬। ପଟେଲ୍ ଡ. ପରମାନନ୍ଦ, (ସଂକଳନ ଓ ସଂପାଦନା), ଡିଡାୟୀ ଲୋକ ସାହିତ୍ୟ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର (୨୦୧୫)

୭। ସାହୁ ଡ. ଅନନ୍ତ ଚରଣ (ସଂକଳକ), ଟାଣ୍ଡାର ଜୀବନ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମି, ଭୁବନେଶ୍ୱର (୨୦୦୯)

୮। ମିଶ୍ର, ସୁବାସ ଚନ୍ଦ୍ର, 'ଗଣ୍ଡମାନଙ୍କ ଯୁବାଗୃହ : ଗୋଟୁଲ୍‌ର ଅତୀତ ଓ ବର୍ତ୍ତମାନ', 'ମଣ୍ଡେଇ', ଜିଲ୍ଲା ସଂସ୍କୃତି

ପରିଷଦ, ନବରଙ୍ଗପୁର (୨୦୦୭)

୯। ସାମଲ ଡ. ଜଗବନ୍ଧୁ, 'ଆଦିବାସୀ ସମାଜରେ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ଶାସନର ମୂଲ୍ୟବୋଧ', 'ପରବ', 'ଜିଲ୍ଲା ସଂସ୍କୃତି ପରିଷଦ, କୋରାପୁଟ (୨୦୦୨)

୧୦। ମିଶ୍ର ନରସିଂହ, 'ଡଙ୍ଗରିଆ କନ୍ଧଙ୍କ ସାମାଜିକ ଜୀବନ', 'କୋଣାର୍କ', ଓଡ଼ିଶା ସାହିତ୍ୟ ଏକାଡ଼େମୀ, ମଇ-ଜୁଲାଇ ସଂଖ୍ୟା, ୨୦୦୧

୧୧। ମାହାନା, ରାଜକିଶୋର, 'ବଣ୍ଡା ପରମ୍ପରା ଓ ଜ୍ଞାନକୌଶଳ', ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର (୨୦୦୪)

୧୨। Panchayats (Extension to Scheduled Areas) Act-1996, Government of India

ବରିଷ୍ଠ ସାମ୍ବାଦିକ, 'ସମ୍ବାଦ'

ଭୁବନେଶ୍ୱର

ମୋ : ୯୪୩୭୨୧୩୮୫୪

E-mail : ranjan_pragyan@rediffmail.com

❐❐❐

# ଅଲଚିକି ଓ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ସଂଘର୍ଷମୟ ଜୀବନ

ଶ୍ରୀ ଠାକୁରଦାସ ହାଁସଦାଃ

ସାନ୍ତାଳ ମାନେ ଭାରତର ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ମୁଖ୍ୟତଃ, ଓଡିଶା ପ୍ରଦେଶ, ଝାରଖଣ୍ଡ, ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଛତିଶଗଡ, ଆସାମ ଓ ତ୍ରିପୁରା ରାଜ୍ୟ ମାନଙ୍କରେ ଥିବାବେଳେ, ଭାରତ ବାହାରେ ନେପାଳ ର ଝାପା, ମୋରାଙ୍ଗ ଓ ସୁନସାରି ଜିଲ୍ଲା ରେ, ବଙ୍ଗଳା ଦେଶ ର ଛୋଟନାଗପୁର, ରାଜମହଲ ଓ ଦଲମା ପାହାଡ ର ପାଦ ଦେଶରେ, ଦାମୋଦର ଉପତ୍ୟକା ରେ, ଭୁଟାନ୍ ରେ ଏବଂ ମ୍ୟାନ୍‌ମାର ର ସୀମା ଅଂଚଳ ମାନଙ୍କ ରେ ବସବାସ କରନ୍ତି ।



ଓଡ଼ିଶାର ଆଦିବାସୀଙ୍କ ଭିତରେ ସାନ୍ତାଳ ଦ୍ୱିତୀୟ ବୃହତ୍ତମ ଜନଜାତି । ଏମାନଙ୍କ ସଭ୍ୟତା, ସମାଜ, ସଂସ୍କୃତି, ଭାଷା, ପର୍ବ ପର୍ବାଣୀ, ଦେବା-ଦେବୀ, ଆଚାର-ବ୍ୟବହାର ଖୁବ୍ ମାର୍ଜିତ ଅଟେ । ସାନ୍ତାଳମାନଙ୍କ ଭାଷା ***Austro-Asiatic*** ଭାଷା ପରିବାର ଅନ୍ତର୍ଭୁକ୍ତ ଉତ୍ତର ମୁଣ୍ଡା ଗୋଷ୍ଠୀର । ଏମାନେ ମୁଖ୍ୟତଃ କୃଷି ଉପରେ ଜୀବିକା ନିର୍ବାହ କରିନ୍ତି । ମୁଣ୍ଡା, ସାନ୍ତାଳ ଏବଂ ହୋ (କଲ୍‌ହ) ଆଦିବାସୀ ସମ୍ପ୍ରଦାୟ ମାନେ ଏହି ଗୋଷ୍ଠୀ ଅନ୍ତର୍ଭୁକ୍ତ ଅଛନ୍ତି । ଏମାନେ ଭାଷା ଦୃଷ୍ଟିରୁ ନିଜକୁ ଖେରୱାଲ୍ ବୋଲି ବିବେଚିତ ହୋଇଥାନ୍ତି ଏବଂ ଖେରୱାଲ ବଂଶ କହିଲେ ଏହି ସାନ୍ତାଳ, ମୁଣ୍ଡା, ଏବଂ ହୋ ପ୍ରଭୃତି ସମ୍ପ୍ରଦାୟକୁ ବୁଝାଇ ଥାଏ । ଭଗିନୀ ସୂତ୍ରରେ ସେମାନେ ପରସ୍ପରକୁ ଅନ୍ତର ଆତ୍ମା ରେ ଜାଣି ଥାଆନ୍ତି ଏବଂ ବିପଦ-ଆପଦ ରେ ମଧ୍ୟ ସାହାଯ୍ୟ କରିଥାନ୍ତି ।

*ସାନ୍ତାଳ ସମ୍ପ୍ରଦାୟ ଆମ ଓଡିଶାର ୬୨ ପ୍ରକାର ଆଦିବାସୀମାନଙ୍କ ଠାରୁ ଅନ୍ୟତମ । ଏମାନଙ୍କ ଭାଷାର ଏକ ସତନ୍ତ୍ର ଲିପି ରହିଛି, ଏହାକୁ "ଅଲଚିକି" କୁହାଯାଏ । ଅଲଚିକିର ଉଦ୍ଭାବକ ପଣ୍ଡିତ ରଘୁନାଥ ମୁର୍ମୁ ସନ ୧୯୨୫ ମସିହାରେ ଏହାକୁ ଉଦ୍ଭାବନ କରିଥିଲେ ଏବଂ ଏହା ସନ ୨୦୦୩ ମସିହା ଡିସେମ୍ବର ମାସ ୨୨ ତାରିଖ ଦିନ ଭାରତ ସରକାରଙ୍କ ଦ୍ୱାରା ସମ୍ବିଧାନ ସ୍ୱିକୃତୀ ମିଳିବା ଫଳରେ, ଏହା ସାମ୍ବିଧାନିକ ଭାଷା ରୂପେ ପରିଗଣିତ ହୋଇଅଛି । ଏହି ଦିନଟି ସାନ୍ତାଳୀ ମାନଙ୍କର ବଡ ଖୁସିର ଦିନ ଅଟେ ଏବଂ ସେମାନେ ଏହି ଦିବସଟିକୁ ସାନ୍ତାଳି ଭାଷା ଦିବସ ହିସାବରେ ସାରା ଭାରତରେ "ଅଲଚିକି ପାରସି ମାହା" ଦିବସ ରୂପେ ପାଳନ କରନ୍ତି ।*

ରଘୁନାଥ ମୁର୍ମୁ ରାଇରଙ୍ଗପୁର ସନ୍ନିକଟ ଡାଣ୍ଡବୁସ୍ ଗ୍ରାମରେ ତା: ୫-୫-୧୯୦୫ରିଖ ବୁଦ୍ଧ ପୂର୍ଣ୍ଣିମା ଦିନ ଜନ୍ମ ଗ୍ରହଣ କରିଥିଲେ । ପିଲାର ଜନ୍ମ ପରଦିନ ଏକ ସାଧୁ ବାବା ତାଙ୍କରି ଘରକୁ ଆସିଥିଲେ ଏବଂ କହିଥିଲେ ଯେ, "ଏହି ପିଲାଟି ଦିନେ ଜଣେ ମହାପୁରୁଷ ହେବ ଏବଂ ତାଙ୍କରି କାମ, ଯଶ, ସାନ୍ତାଳି ସମାଜରେ ବିଦ୍ୟମାନ ହୋଇ ସବୁଦିନ ଯୁଗଯୁଗ ଧରି ଅମର ରହି ପୂଜା ପାଇବେ" । ବାସ୍ତବରେ ସେ ସାଧୁ ଜଣକ କହିଥିବା କଥା ସତ୍ୟରେ ପାଲଟିଲା ଏବଂ କାଳକ୍ରମେ ସେ ଜଣେ ମହାପୁରୁଷ ହୋଇ ଏ ପୃଥିବୀରେ ଯୁଗ ଯୁଗ ଧରି ଅମର ହୋଇ ରହିଲେ ; ସେ ପିଲାଟି ଆଉ କେହି ନଥିଲେ ସଙ୍ଗ ପଣ୍ଡିତ୍ ରଘୁନାଥ ମୁର୍ମୁ । ତାଙ୍କରି ଏହି ଜନ୍ମଦିନକୁ ସାରା ଭାରତରେ ସାନ୍ତାଳମାନେ "ଗୁରୁକୁନାମି" ରୂପେ ପାଳନ କରିଥାନ୍ତି । ପିଲା ଦିନରୁ ସେ ଅତ୍ୟନ୍ତ ପରିଶ୍ରମୀ, ବିଚକ୍ଷଣ ଏବଂ ବୁଦ୍ଧିମାନ ଥିଲେ ।

ରଘୁନାଥ ମୁର୍ମୁଙ୍କର ପିତାଙ୍କର ନାମ ସିଦ ମୁର୍ମୁ ଭଲ ନାମ ନନ୍ଦଲାଲ ମୁର୍ମୁ ଏବଂ ମାତାଙ୍କର ନାମ ସଲମା ମୁର୍ମୁ ଥିଲା । ଏହି ଦମ୍ପତିଙ୍କର ଦୁଇ ଝିଅ ପରେ ଦୁଇଟି ସନ୍ତାନ ହୋଇଥିଲେ । ଏହି ପିଲାମାନଙ୍କର ନାମ ସବୁ ଯଥାକ୍ରମେ ବାହା ମୁର୍ମୁ, ସନା ମୁର୍ମୁ, ରଘୁନାଥ ମୁର୍ମୁ ଏବଂ ଦୁବରାଜ ମୁର୍ମୁ । ପିତା ନନ୍ଦଲାଲ ସୁନ୍ଦର ବଢେଇ କାମ ଜାଣି ଥିଲେ ଏବଂ ସେ ଏଥିରେ ପ୍ରସିଦ୍ଧି ଅର୍ଜନ କରିଥିଲେ । ମଧ୍ୟବିତ୍ତ ପରିବାର ର ସେ ଜଣେ ଦକ୍ଷ୍ୟଚାଷୀ ହୋଇ ମଧ୍ୟ ବଢେଇ କାମ ବେଶ ଜାଣିଥିଲେ । ତାଙ୍କରି ଗ୍ରାମରେ ସେ ନାୟକେ (ପୂଜକ)ଭାବେ ମଧ୍ୟ ଥିଲେ ଏବଂ ଗ୍ରାମ ର ଧର୍ମ ପିଠ ଜାହିରା (ଜାହେର ବଙ୍ଗା), ଘରପୂଜା(ଭିତାର ବଙ୍ଗା), ଗୋ-ଷାଳା ପୂଜା(ଗହାଳ ବଙ୍ଗା) ଓ ଗାଁ-ଦାଣ୍ଡ ପୂଜା(ଗଶାଣେ ବଙ୍ଗା) ଆଦି ଧର୍ମପିଠ ବିଭିନ୍ନ ପର୍ବ ପର୍ବାଣୀ ମାନଙ୍କରେ ସେ ପୂଜା କରୁଥିଲେ । ତତ୍‌ସଙ୍ଗେ ସଙ୍ଗେ ସେ ବାଦ-ବିବାଦ କୁ ବିଚାର କରି ନ୍ୟାୟ ମାନ ଦେଉଥିଲେ, ପର୍ବ ପାଳନ କରିବାର ତିଥି ଓ ବାର ମାନ ସ୍ଥିର କରୁଥିଲେ । ସାନ୍ତାଳ ସମାଜରେ ତାଙ୍କୁ ଲୋକମାନେ ସମ୍ମାନ ଦେଉଥିଲେ ।

ବାଳକ ରଘୁନାଥ ମୁର୍ମୁ ପିତାଙ୍କୁ ବଢେଇ ଓ କୃଷି କାମରେ ଅନେକ ସମୟରେ ସାହାଯ୍ୟ କରୁଥିଲେ ଏବଂ ପିତାଙ୍କଠୁ ଭଲ ବଢେଇ କଳା ଓ କାରୁକାର୍ଯ୍ୟ ଶିଖି ଥିଲେ ଯାହା ପରବର୍ତି "ଅଲ୍‌ଚିକି" ଉଦ୍ଭାବନ ସମୟରେ ତାଙ୍କୁ ସାହାୟକ ହେଲା । ତାଙ୍କୁ ସମାଜରେ ସେକାଳରେ ଘଟୁଥିବା ବାଦ ବିବାଦ ଏବଂ ବିଭେଦର ସାମ୍ନା କରି ବାକୁ ପଡୁଥିଲା । ପିଲା ଦିନରୁ ସେ ତାଙ୍କର ଜାତି ପ୍ରେମ, ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହୋଇଥିଲେ । ଏବଂ ସମାଜର କୁସଂସ୍କାର ଦୁର କରିବା ପ୍ରତି ସର୍ବଦା ଚେଷ୍ଟିତ ଥିଲେ । ନିଜ ସାନ୍ତାଳି ସମାଜର ଲୋକ ମାନେ ଦିନ ମଜୁରିଆ, ଚାଷି, ବଢେଇ ଏବଂ ଛୋଟ-ବଡ ଚାକିରିଆ ଥିବାରୁ ସେମାନଙ୍କର ଜୀବନ ଯାପନରେ କିପରି ଉନ୍ନତି ଘଟିବ ସେଥି ପାଇଁ ସେ ବିଶେଷ ଚିନ୍ତିତ ଥିଲେ ।

ରଘୁନାଥ ମୁର୍ମୁ ଙ୍କର ଶିକ୍ଷା ଗମ୍ଭାରିଆ ବିଦ୍ୟାଳୟରୁ ଆରମ୍ଭ କରି ବହଳଦା ବିଦ୍ୟାଳୟରେ ପରେ ବାରିପଦା ଉଚ୍ଚ ବିଦ୍ୟାଳୟ ରୁ ଉଚ୍ଚଶିକ୍ଷା ଲାଭ କଲା ପରେ ଶିକ୍ଷା ସମାପନ ହୋଇଥିଲା । ସେ କାଳର ଶିକ୍ଷାର ମହତ ଏବେକାର ଶିକ୍ଷା ଅପେକ୍ଷା ଅନେକ ବେଶୀ । ପଣ୍ଡିତ ରଘୁନାଥ ମୁର୍ମୁ ସନ୍



୧୯୨୪ ମସିହାରେ ବାରିପଦା ହାଇସ୍କୁଲରେ ପାଠପଢ଼ିବା ପାଇଁ ଆସିଥିଲେ ଠିକ ସେହି ବର୍ଷ ହିଁ ତାଙ୍କର ପିଲା ଦିନର ସ୍କୁଲ ସାଙ୍ଗ ଏବଂ ସମ୍ପର୍କୀୟ ମାମୁଁ ସାଉନା ମୁର୍ମୁ କାଦୁଆଣିରୁ ସଦର ମହକୁମା ବାରିପଦାକୁ "ଗୁରୁଶିକ୍ଷା" ପ୍ରଶିକ୍ଷଣ ନେବାପାଇଁ ଆସି ଏକ ଛାତ୍ରାବାସରେ ରହିଥାନ୍ତି । ମୟୁରଭଞ୍ଜ ସେତେବେଳେ ଏକ ଗଡଜାତ ରାଜ୍ୟ ଭାବରେ ପରିଗଣିତ ହେଉଥିଲା ଏବଂ ମୟୂରଭଞ୍ଜ ମହାରାଜା ଏହାକୁ ଶାସନ କରୁଥିଲେ ଯାହାଙ୍କର ନାମ ଥିଲା- ମହାରାଜ ସାର ଶ୍ରୀ ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ଯାହାଙ୍କର ରାଜତ୍ୱ କାଳ ଥିଲା ତା : ୨୧-୪-୧୯୨୮ରିଖ ଠାରୁ ତା :୧-୧-୧୯୪୯ରିଖ ମସିହା ପର୍ଯ୍ୟନ୍ତ ।

ରାଜାଙ୍କର ରାଜପ୍ରସାଦ ଥିବା ରାଜବାଟିର ନାମ ଥିଲା "ବାରିପଦା" ଏହି ବାରିପଦାରେ ରାଜାଙ୍କର ଆଚାର ବିଚାର ହେଉଥିଲା ଏବଂ ରାଜା ଏହିଠାରୁ ମୟୁରଭଞ୍ଜକୁ ଶାସନ କରୁଥିଲେ । ରାଜପ୍ରସାଦରୁ ରଘୁନାଥ ମୁର୍ମୁ ପଢୁଥିବା ଉଚ୍ଚ ବିଦ୍ୟାଳୟ ର ଦୁରତା ମାତ୍ର ତିନି କିଲୋମିଟର ଥିଲା । ଏହିଠାରେ ଏକଦା ରାଜ ଶାସନ ଚାଲିଥିବା ବେଳେ ହିଁ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ପାଠପଢ଼ା ସହିତ ଅଲଚିକି ଅକ୍ଷର ଉଦ୍ଭାବନ କରିବା କାମ ମଧ୍ୟ ସଂଗୋପନରେ ଚାଲିଥିଲା ; ଯାହା ମହାରାଜ ସାର ଶ୍ରୀ ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କୁ ତିଳେ ମାତ୍ର ଖବର ମଧ୍ୟ ଜଣା ନ ଥିଲା ।

ମାମୁଁ ସାଉନା ମୁର୍ମୁ ଭଣଜା ରଘୁନାଥ ମୁର୍ମୁଙ୍କୁ ଅକ୍ଷର ଉଦ୍ଭାବନ କରିବା ପ୍ରକ୍ରିୟାରେ ଅନେକ ସାହାଯ୍ୟ ଓ ଉତ୍ସାହ ଦେଉଥିଲେ । ଯାହା ରଘୁନାଥ ମୁର୍ମୁଙ୍କୁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପଥରେ ପହଂଚାଇ ଦେଇଥିଲା । ପଣ୍ଡିତ ରଘୁନାଥ ମୁର୍ମୁ ପାଠ ପଢ଼ିବା ସହିତ ଲିପି ତିଆରି କରିବା ପ୍ରକ୍ରିୟାରେ ଦିନା ରାତି ଲାଗି ଯାଇଥିଲେ ଏବଂ ସନ ୧୯୨୫ ମସିହା ବେଳକୁ ସେ ସମସ୍ତ ୩୦ଟି ଯାକ ଲିପି, ମାତ୍ରା ଏବଂ ସଂଖ୍ୟା ସମ୍ପୁର୍ଣ୍ଣ କରିପାରି ଥିଲେ । ସେତେ ବେଳକୁ ସେ ନବମ ଶ୍ରେଣୀର ମେଧାବୀ ଛାତ୍ର ଥାନ୍ତି, ଶ୍ରେଣୀରେ ସେ ହିଁ ପ୍ରଥମ ସ୍ଥାନ ଅଧିକାର କରୁଥାନ୍ତି ।

ଏହି ଅଲଚିକି ଲିପି କୁ ଦୁଇ ପ୍ରକାରର ଯଥା- ୧) ଛୋପା ଅକ୍ଷର ବା **Printing Letter** ଏହାକୁ କେବଳ ବହିପତ୍ର, ଲିଫଲେଟ୍, ଛାପିବାରେ ବ୍ୟବହୃତ ହେଉଥିବାରୁ ଏହାକୁ ସାନ୍ତାଳି ରେ ଛାପା ଅଲ ବୋଲି କୁହାଯାଏ । ୨) ହସ୍ତଲେଖା ଲିପି **Curssive writing Letter** ଏହା କୁ ସାନ୍ତାଳି ଭାଷାରେ ଉଷାର ଅଲ ବୋକି କୁହାଯାଏ । ବିଭିନ୍ନ ଚିଠିପତ୍ର, ଦସ୍ତଖତ ଓ ଦଲିଲ ମାନଙ୍କରେ ଏହି ଲିପିରେ ଅତି ସହଜରେ ଲେଖାଯାଇ ପାରେ । ପଣ୍ଡିତ ରଘୁନାଥ ମୁର୍ମୁ ଏହି ଦୁଇ ପ୍ରକାରର ଲିପିମାଳାକୁ ବାରିପଦା ସଦର ମହକୁମାରେ ହାଇସ୍କୁଲ ପାଠ ପଢୁଥିବା ସମୟରେ ହିଁ ବାହାର କରିପାରି ଥିଲେ । ଏଥିରୁ ଜଣାଯାଏ ଯେ, ସେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଥିଲେ । ଆଦିବାସୀ ସାନ୍ତାଳି ପରିବାରରେ ଜନ୍ମ ନେଇଥିଲେ ମଧ୍ୟ ତାଙ୍କର ଚିନ୍ତାଧାରା ଓ ଆଦର୍ଶ ମହାନ ଥିଲା ।

ସେ ଚାରି ବର୍ଷ କାଳ ବାରିପଦା ରାଜ ବାଟୀ ପାଖରେ ରାଜାଙ୍କ ଦ୍ୱାରା ନିର୍ମିତ ଛାତ୍ରାବାସରେ ରହି ଓ ବାରିପଦା ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରି ୧୯୨୮ ମସିହାରେ ପାଠପଢ଼ା ସମାପ୍ତ କରିଥିଲେ । ଫେବୃଆରୀ ମାସରେ ରଘୁନାଥ ମୁର୍ମୁ ପରୀକ୍ଷା ଦେଲେ ଏବଂ ତା : ୨୮-୪-୧୯୨୮ ରିଖ ଦିନ ପରୀକ୍ଷା ଫଳ ବାହାରିଲା ବେଳକୁ ରଘୁନାଥ ମୁର୍ମୁ ପରୀକ୍ଷାରେ ଦ୍ୱିତୀୟ ଶ୍ରେଣୀ ପାଇ କୃତକାର୍ଯ୍ୟ ହୋଇଥିଲେ । ରଘୁନାଥ ମୁର୍ମୁ ପାଠ ପଢ଼ା କାମ ସାରିଲା ବେଳକୁ ଘରର ଆର୍ଥିକଅବସ୍ଥା ଏତେଟା ଭଲ ନ ଥିଲା । ତେଣୁ ଏହାକୁ ଦେଖି ସେ ଚାଷ କାମରେ ଲାଗି ପଡିଲେ ଏବଂ ଏହା ସହିତ କିଛି ଅର୍ଥ ଉପାର୍ଜ୍ଜନ କରିବା ପାଇଁ ଚେଷ୍ଟିତ ହେଲେ । ତାଙ୍କ ଘରେ ଏକ "ତନ୍ତକଳ" ବସେଇ ଲୁଗା ବୁଣିଲେ ଏବଂ ଗାଁ ହାଟ ବଜାର ମାନଙ୍କରେ ବିକିବାପାଇଁ ସ୍ଥିର କରି ଭଲ ଭଲ ଗାମୁଛା, ଲୁଙ୍ଗି, ଧଡି, ଶାଢି ମାନ ବୁଣିବା ଆରମ୍ଭକଲେ ।

ଏହା ପରେ କିଛି ଦିନ ରାଇରଙ୍ଗପୁର ତହସିଲ କଚେରୀରେ ଗ୍ଚକିରୀ ମଧ୍ୟ କଲେ । ସନ ୧୯୩୧ ମସିହାରେ ରଘୁନାଥ ମୁର୍ମୁ ସରକାରଙ୍କର ଜନଗଣନା କାମରେ ନିଜକୁ ନିୟୋଜିତ କରିଥିଲେ । ଏହିପରି ଛୋଟମୋଟ କାମ କରୁଥିବା ବେଳେ ବାରିପଦା ପାଓ୍ୱାର ହାଉସରେ କାରିଗର ପ୍ରଶିକ୍ଷଣ ନେବାପାଇଁ ଦରଖାସ୍ତ ଆବେଦନ କଲେ । କିଛି ଦିନ ଗଲା ପରେ କାରିଗର ତାଲିମ କେନ୍ଦ୍ରରୁ ତାଙ୍କର ଯୋଗ ଦେବାପାଇଁ ପତ୍ର ଘରେ ଆସି ପହଂଚିବାରୁ, ରଘୁନାଥ ମୁର୍ମୁ ବାରିପଦା ପାଓ୍ୱାର ହାଉସ କାରିଗର ପଶିକ୍ଷଣ ଶିବିରରେ ଯୋଗଦେଲେ । କାରିଗର ପ୍ରଶିକ୍ଷଣ (Artisan Trainee) ଶିବିର, ବାରିପଦା ପାଓ୍ୱାର ହାଉସ ଠାରେ ବିଭିନ୍ନ କାରିଗରି କାମ ଶିକ୍ଷା ଲାଭ କରିବା ପାଇଁ ସରକାରଙ୍କ ଦ୍ୱାରା ଦିଆଯାଉଥିଲା ଏବଂ ଏଥିରେ କୃତକାର୍ଯ୍ୟ ହେଉଥିବା ଛାତ୍ର ମାନଙ୍କୁ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ଚାକିରି ଦିଆଯାଉଥିଲା । ଏହି କାରିଗର ଶିକ୍ଷା କେନ୍ଦ୍ରରେ ବଢ଼େଇ କାମ ସହିତ, ସିଲେଇ ଶିକ୍ଷା, ତନ୍ତ କାମ, ବିଜୁଳି ବିଦ୍ୟା, କଣ୍ଢେଇ ତିଆରି କାମ ଆଦି ବିଭିନ୍ନ ଉନ୍ନତ ମାନର ଶିକ୍ଷା ଛାତ୍ରମାନଙ୍କୁ ଦିଆ ଯାଉଥିଲା । ରଘୁନାଥ ମୁର୍ମୁ ମଧ୍ୟ ଏହିଠାରେ ପ୍ରଶିକ୍ଷଣ ନେଉଥିଲେ । ପ୍ରଶିକ୍ଷଣ ନେବା ଫଳରେ ବେକାର ପିଲା ମାନେ ନିଜେ ନିଜ ଗୋଡରେ ଛିଡା ହୋଇ ଜୀବିକା ଅର୍ଜନ କରିପାରିବେ ଏବଂ ଅଳ୍ପ ଖର୍ଚ୍ଚରେ ସରକାରଙ୍କଠାରୁ ଋଣ ନେଇ ବ୍ୟବସାୟ ଆରମ୍ଭ କରି ଅତି ସହଜରେ ନିଜ ପରିବାରର ଗୁଜରାଣ କରିପାରିବେ । ସନ୍ ୧୯୩୨ ମସିହାରେ ସେ ଏହି କାରିଗର ପ୍ରଶିକ୍ଷଣର ବାର୍ଷିକ ପରୀକ୍ଷାରେ ଉଚ୍ଚ ନମ୍ବର ରଖି ପାସ କଲେ । ତାଙ୍କର ଏହି କାରିଗର ତାଲିମ ସରିଗଲା ପରେ, ସେ ନିଜ ଗାଁ ଘର ଡାଣ୍ଡବୁସକୁ ଂେରିଗଲେ । ଏଥର ରଘୁନାଥ ମୁର୍ମୁ ଅନ୍ୟ କୌଣସି କାମଧନ୍ଦା ବାହାରେ ନ କିର ନିଜଘରେ ଥିବା ନିଜର ପୂର୍ବ "ତନ୍ତ" ରେ ଲୁଗାବୁଣିବା କାମକୁ ପୁଣି ଆରମ୍ଭ କଲେ । ରଘୁନାଥ ମୁର୍ମୁଙ୍କର ଲୁଗାବୁଣା କାମ ତାଙ୍କର ପେଷା ନୁହେଁ ମାତ୍ର, ଅର୍ଥର ଅଭାବକୁ କିପରି ଭାବରେ ଦ୍ୱରାନ୍ୱିତ କରାଯାଇ ପାରିବ, ସେଥିପ୍ରତି ରଘୁନାଥଙ୍କୁ ବେଶ ଜଣା ଥିଲା । ରଘୁନାଥ ତାଙ୍କର ପିଲା ଦିନରୁ ଘର ବାହାରେ ରହି ପାଠ ପଢ଼ିଛନ୍ତି ; ସେ ଅଭାବ ଅସୁବିଧା କୁ କିଭଳି ଭାବରେ ମୁକାବିଲା କରାଯାଇ ପାରିବ ସେସବୁ କଥା ତାଙ୍କୁ

ଅଜଣା ନଥିଲା । ସେ ତୃତୀୟ ଶ୍ରେଣୀରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ୬ବର୍ଷ କାଳ ବହଳଦା "ଚୁନୁବାସା"ରେ ରହିପାଠ ପଢିଲେ, ଏହାପରେ ୮ମ ଶ୍ରେଣୀରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ବାରିପଦା ହାଇ ସ୍କୁଲର "ଛାତ୍ରାବାସ"ରେ ରହି ପାଠ ପଢିଛନ୍ତି । ତେଣୁ, ଅଭାବ, ଅନଟନ, ଦୁଃଖ, କଷ୍ଟ କ'ଣ ଏବଂ ଏହାକୁ କିଭଳି ମୁକାବିଲା କରାଯାଇପାରିବ ତାହା ରଘୁନାଥ ମୁର୍ମୁଙ୍କୁ ଜଣାଥିଲା ।

କାରିଗରୀ ଶିକ୍ଷା ନେଲାପରେ ସେ ତାଙ୍କର ପୁରୁଣା କାମକୁ ଦୋହରାଇଲେ ଏବଂ ତନ୍ତକଳକୁ ଚାଲୁ ରଖିଲେ । ଭିନ୍ନ ଭିନ୍ନ ଡିଜାଇନ ଓ ରଙ୍ଗ ବେରଙ୍ଗର ଲୁଗା, ଗାମୁଛା, ଧୋତି, ବେଡସିଟ, ଦରି, ଗାଲିଚା, କାରପେଟ, ସତରଞ୍ଜି ମାନ ବୁଣିବା ଆରମ୍ଭ କଲେ । ତାଙ୍କ ଦ୍ୱାରା ବୁଣାଯାଇଥିବା ଲୁଗା ପଟା ଗୁଡିକ ଗାଁ-ଗଣ୍ଡାରେ, ହାଟ-ବଜାରରେ ଓ ବାହାରେ ବେଶ ଆଦର ଲାଭ କଲା ଓ ଚାହିଦା ବଢ଼ିବାରେ ଲାଗିଲା ଏବଂ ଏଥିରୁ ବେଶ ଅର୍ଥ ମଧ୍ୟ ଉପାର୍ଜନକରି ଘରର ଅଭାବକୁ ଦୁର କରିପାରିଲେ । କାରିଗର ପ୍ରଶିକ୍ଷଣ ନେଉଥିବା ବେଳେ ଓ ଘରେ ନିଜସ୍ୱ "ତନ୍ତକଳ"ରେ ଉନ୍ନତ କିସମର ଲୁଗାପଟା ବୁଣିବାର କାରିଗରୀ କୌଶଳ କାମ ପାଇଁ ରଘୁନାଥ ଅନେକ ସୁନାମ ଅର୍ଜନ କରିବା ସହ ସେ ସମସ୍ତଙ୍କ ଆଗରେ ଚର୍ଚ୍ଚାର ବିଷୟ ହୋଇରହିଲେ । ଏହି କଥା ଚାରିଆଡେ ପ୍ରଚାରିତ ହେବା ଫଳରେ, ରାଜାଙ୍କର ଲୋକ ଦେଓ୍ୱାନ ସାହେବ ମଧ୍ୟ ମହାରାଜ ପ୍ରତପ ଚନ୍ଦ୍ର ଭଞ୍ଜଦେଓଙ୍କୁ ଜଣେଇଲେ । ଏହାପରେ ଦେଓ୍ୱାନ ସାହେବ Dr. P.K Sen ରଘୁନାଥ ମୁର୍ମୁଙ୍କର ନାମ Industrial Co-operative Training ପାଇଁ ସୁପାରିସ କଲେ ଏବଂ ମହାରାଜା ମଧ୍ୟ ଏହାକୁ ମଞ୍ଜୁର ଦେବା ଫଳରେ ରଘୁନାଥଙ୍କୁ ପ୍ରଶିକ୍ଷଣ ନେବାପାଇଁ ପଶ୍ଚିମ ବଙ୍ଗର ବିଭିନ୍ନ ତାଲିମ କେନ୍ଦ୍ର ଯଥା- କଲିକତା, ଶ୍ରୀରାମପୁର,ଗୋସବା, ବଲପୁର ଏବଂ ଭାଗଲପୁର ଆଦି ପ୍ରଭୃତି ତାଲିମ ଶିବିର ମାନଙ୍କରେ ତାଲିମ ମାନ ନେଲେ ।

ଏହି ସବୁ ତାଲିମ ସାରିଲା ପରେ, ମୟୁରଭଞ୍ଜ ମହାରାଜା ସାର ଶ୍ରୀ ପ୍ରତାପ ଚନ୍ଦ୍ର ଭଞ୍ଜଦେଓ, ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଏକ ଚାକିରୀରେ ନିୟୋଜନ କଲେ । ଏହା 'ଲରେ ପଣ୍ଡିତ ରଘୁନାଥ ମୁର୍ମୁ Purna Chandra Industrial Training Institution, Baripada ଠାରେ ଅନୁଦେଷ୍ଟା (Instructor) ପଦବୀରେ ଚାକିରି କଲେ ଏବଂ ଏହିଠାରେ ପ୍ରଶିକ୍ଷଣ ନେଉଥିବା ଛାତ୍ର ମାନଙ୍କୁ ତାଲିମ ପ୍ରଦାନ କଲେ । ଏହିଠାରେ ଚାକିରୀ କଲା ପରେ ରଘୁନାଥ ଟିକେ ନିଶ୍ୱାସ ମାରିଲେ ମାତ୍ର, ୬ମାସ ଚାକିରୀ କଲା ପରେ ପିତା ଆରପାରିକୁ ଚାଲିଗଲେ । ଫଳରେ ରଘୁନାଥ ମୁର୍ମୁ ଅନେକ ଜଞ୍ଜାଳରେ ପଡିଗଲେ, ଦୁଇ ଭଉଣୀ ଚାଲି ଗଲା ପରେ ପରେ ଭାଇ ମଧ୍ୟ ଆଗରେ ଚାଲି ଯାଇଥିଲେ ଏବେ ବାପା ଚାଲିଗଲେ । ରଘୁନାଥ ମୁର୍ମୁ ହତଭାଗ୍ୟ ହୋଇଗଲେ, ତାଙ୍କ ଘରେ ଆଉ ଘର ସମ୍ଭାଳି ବାକୁ କେହି ରହିଲେ ନାହିଁ । ପିତା ନନ୍ଦଲାଲ ମୁର୍ମୁଙ୍କର ପରଲୋକ ହେଲା ପରେ, ଘର ସମସ୍ୟା ଅସହାୟ ହୋଇପଡିଲା;_ଏହିପରି ପରିସ୍ଥିତିରେ ରହି ରଘୁନାଥ ଚାଷକାମ ଦେଖିବେ ନା, ଘରେ ସାନଭାଇର ବିଧବା ସ୍ତ୍ରୀ କି ତାର ପିଲା ଛୁଆ କୁ ଦେଖିବେ । ପୁନଶ୍ଚ, ତାଙ୍କର ଦୁଃଖିନୀ ବୃଦ୍ଧା ମାଆ ଓ ନିଜ ସ୍ତ୍ରୀ ପିଲା ଛୁଆଙ୍କ କଥା, ନା କାହା

କଥା ସେ ବୁଝିବେ ! ନା ମହାରାଜା ଦେଇଥିବା ଚାକିରୀ ଖଣ୍ଡିକ କରିବେ ! ଏହି ଭଳିଆ ପରିସ୍ଥିତି ଭିତରେ, ପୁଣି ସାନ୍ତାଳି ଜାତିର ଭାଷା, ସାହିତ୍ୟ, ଲିପି, ସମାଜ, ସଂସ୍କୃତି ଓ ଶିକ୍ଷା ର ସମାସ୍ୟା, କେଉଁଟାକୁ ସେ ସମ୍ଭାଳିବେ । ସ୍ତ୍ରୀ ଏକୁଟିଆ । ଏତେ ଗୁଡାଏ ସମାସ୍ୟାକୁ ଏକୁଟିଆ ସମ୍ଭାଳି ପାରିବେ ନାହିଁ । ଘରେ ଗୋଟେ କାମ କରିବା ପାଇଁ ବାରମାସିଆ ପିଲା ଥିଲା ମାତ୍ର ସେ ବାରମ୍ବାର ଜ୍ୱରରେ ପଡୁଥିବାରୁ ସେ ମଧ୍ୟ କାମ ସମ୍ଭାଳି ପରୁନ ଥିଲା । ଏଣୁ ରଘୁନାଥ ମୁର୍ମୁଙ୍କ ବିନା ତାଙ୍କ ଘର ସଂସାର ଭାସି ଯାଉଥିଲା; ନିଜ ଘର ସଂସାର ତାଙ୍କୁ ସମ୍ଭାଳିବାକୁ ହିଁ ପଡିବ ଅନ୍ୟଥା ତାଙ୍କ ପାଖରେ ଆଉ କୌଣସି ଉପାୟ ନାହିଁ । ପରିଶେଷରେ, ରଘୁନାଥ ମୁର୍ମୁ ନିଷ୍ପତି ନେଲେକି ସେ ତାଙ୍କୁ ଘରକୁ ଯିବାକୁ ହିଁ ପଡିବ ଏବଂ ମହାରାଜ ଦେଇଥିବା ଚାକିରୀ ଖଣ୍ଡିକ ତାଙ୍କୁ ଛାଡି ବାକୁ ପଡିବ । ଏଥିପାଇଁ ସେ ମହାରଜାଙ୍କ ପାଖରେ ଆବେଦନ କଲେ ମାତ୍ର, ମାହାରଜାଙ୍କର ହୁକୁମ ହେଲା କି ରଘୁନାଥ ମୁର୍ମୁ ତାଙ୍କ ପଦ ଛାଡି ପାରିବେ ନାହିଁ । ଏହାପରେ ତାଙ୍କର କରୁଣା କାହାଣୀ ଦେୱାନ ସାହେବଙ୍କ କହିଲେ, ତାଙ୍କରି ଉପଦେଶ କ୍ରମେ ଘରପାଖ ବଦଳି କରିବା ପାଇଁ ଏବଂ କମ୍ ବେତନରେ ଖଟିବା ପାଇଁ ମଧ୍ୟ ରଘୁନାଥ ରାଜି ଅଛନ୍ତି ବୋଲି ଆଉଥରେ ଗୁହାରୀ ପତ୍ରରେ ଦର୍ଶାଇ ଆବେଦନ କଲେ, ଯାହାକୁ ଦେଖି ମୟୁରଭଞ୍ଜ ମହାରାଜ ରାଜି ହେଲେ । ଏହା ଫଳରେ ପଣ୍ଡିତ୍ ରଘୁନାଥ ମୁର୍ମୁଙ୍କୁ ବଡାମତଳିଆ ମଧ୍ୟ ଇଂରେଜୀ ବିଦ୍ୟାଳୟର ଶିକ୍ଷକ ପଦବୀରେ ରଖାଗଲା ।

ଏହି ବଡାମତଳିଆ ବିଦ୍ୟାଳୟରେ ଶିକ୍ଷକ ଥିବା ସମୟରେ ହିଁ ପଣ୍ଡିତ ରଘୁନାଥ ମୁର୍ମୁ ନିଜେ କାଠର ଏକ "ହସ୍ତ ଚାଳିତ ଛପା ଯନ୍ତ୍ର" ନିର୍ମାଣ କରିଥିଲେ, ଯାହାକୁ ୧୯୩୯ ମସିହାରେ ବାରିପଦା ଶିଳ୍ପ ପ୍ରଦର୍ଶନୀକୁ ଦୀର୍ଘ ୭୫ କିଲୋମିଟର ଏକ ଶଗଡ ସାହାଯ୍ୟରେ ନିଆ ଯାଇଥିଲା । ସେଠାରେ ସେବେଳର ମୟୁରଭଞ୍ଜ ମହାରାଜା ସାର୍ ଶ୍ରୀ ପ୍ରତାପ ଚନ୍ଦ୍ର ଭଂଜଦେଓ (ରାଜତ୍ୱ କାଳ- ୨୧-୪-୧୯୨୮ ରୁ ୧-୧-୧୯୪୯) ଏହାକୁ ଦେଖି ଅତ୍ୟନ୍ତ ଖୁସି ହୋଇଥିଲେ ଏବଂ ରାଜ୍ୟ ସାରା ଅଲ୍‌ଚିକି ର ସୁପ୍ରଚାର ଓ ପ୍ରସାର ନିମନ୍ତେ ପ୍ରେରଣା ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଦେଇଥିଲେ । ପଣ୍ଡିତ ରଘୁନାଥ ମୁର୍ମୁ ଏହି ଅଲ୍‌ଚିକି ହାତ ତିଆରି ଛପା ଯନ୍ତ୍ର ବ୍ୟତିତ କାଠର ଶଗଡ, କାଠର ସାଇକେଲ୍ (ଢୁଲୁଂ ଗାଡି) ମଧ୍ୟ ନିଜେ ନିର୍ମାଣ କରିଥିଲେ । ଯାହାକୁ ଦେଖି ସେ ଅଂଚଳବାସୀ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ତାଙ୍କୁ ଅନେକ ପ୍ରସଂଶା କରିଥିଲେ । ଭଲ ଶିକ୍ଷକତା କରିବାରୁ ମହାରାଜା ରଘୁନାଥ ମୁର୍ମୁଙ୍କୁ ପଦନ୍ନତି ଦିଆଗଲା; ପଦନ୍ନତି ପାଇ ସେ ବଡାମତଳିଆ ବିଦ୍ୟାଳୟରୁ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳରେ ପ୍ରଧାନ ଶିକ୍ଷକ ଭାବରେ ଯୋଗଦେଲେ । ପଣ୍ଡିତ ରଘୁନାଥ ମୁର୍ମୁ ଜାଣି ଥିଲେ ସାନ୍ତାଳି ଜାତି, ଧର୍ମ, ଭାଷା ସାହିତ୍ୟ, ସଂସ୍କୃତି ଓ ଲିପି ପ୍ରଚାର ଓ ପ୍ରସାର ନ ହେଲେ, ଏହି ସମ୍ପ୍ରଦାୟର ଲୋକମାନେ ସମାଜରେ ପଛୁଆ ବର୍ଗରେ ରହିଯିବେ । ଏମାନଙ୍କର ପ୍ରକୃତ ଶିକ୍ଷା କେବଳ ନିଜ ଭାଷାର ଲିପିରେ ହିଁ ସମ୍ଭବପର ବୋଲି ରଘୁନାଥ ମୁର୍ମୁ ବେଶ ବୁଝିପାରି ଥିଲେ ଏବଂ ସେଥିପାଇଁ ପଣ୍ଡତି ରଘୁନାଥ ମୁର୍ମୁ "ଅଲଚିକି ଲିପି" ବିକାଶ ନିମନ୍ତେ "ଅଲ ସମିତି' ନାମକ ଏକ ସଂଘ ବନ୍ତଳି ଗ୍ରାମ ଠାରେ ମଧ୍ୟ ପ୍ରତିଷ୍ଠା କରିଥିଲେ ଯାହାର କାର୍ଯ୍ୟଭାର

ଦାୟିତ୍ୱ ସର୍ଦ୍ଦାର ପଦନ ଟୁଡୁଙ୍କ ପୁତ୍ର ଶ୍ରୀଯୁକ୍ତ ସମ୍ଭା ଚରଣ ଟୁଡୁଙ୍କ ହାତରେ ଦେଇଥିଲେ । ଏହି ପରିଭାବରେ ସେ ଏହି ୫ଟି ଜିନିଷ ଉପରେ ବିଶେଷ ଲକ୍ଷ୍ୟରଖି କାମ ଆରମ୍ଭ କଲେ । ଏହି 'ଅଲସମିତି'ର ଲୋକମାନଙ୍କ ସହାୟତାରେ ଥରେ ମୟୂରଭଞ୍ଜ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ପାଖରେ 'ଅଲ ଅକ୍ଷର'କୁ ମୟୁରଭଞ୍ଜ ରାଜ୍ୟରେ ପ୍ରଚଳନ ନିମନ୍ତେ ପଣ୍ଡିତ ରଘୁନାଥ ମୁର୍ମୁ ଆବେଦନ ମଧ୍ୟ କରିଥିଲେ ।

ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରିବା ସହିତ ପଣ୍ଡିତ ରଘୁନାଥ ମୁର୍ମୁ ତାଙ୍କ ଦ୍ୱାରା ବିକଶିତ ହୋଇଥିବା ଅଲ୍‌ଚିକି ଲିପି କିପରି ଦେଶ ବାସୀଙ୍କ ଆଗରେ ପ୍ରସାରିତ ହୋଇ ଏହା ଉନ୍ନତି ଆଡକୁ ଅଗ୍ରସର ହେବ ସେଥିପାଇଁ ସର୍ବଦା ଦିବା-ରାତ୍ର ଚିନ୍ତିତ ହୋଇ ରହିଥିଲେ । ମାତ୍ର ଶିକ୍ଷକତା ସହିତ ଅଲଚିକି ପ୍ରଚାର ଓ ପ୍ରସାର କାମ ବାଧାପ୍ରାପ୍ତ ହେଉଥିବାରୁ, ପରିଶେଷରେ ସନ ୧୯୪୬ମସିହାରେ ସେ ରାଇରଙ୍ଗପୁର ହାଇସ୍କୁଲ ଶିକ୍ଷକତା ଚାକିରୀରୁ ଇସ୍ତଫା ଦେଲେ ଏବଂ ବିହାର ପ୍ରଦେଶର(ଝାରଖଣ୍ଡ) ଜାମସେଦପୁର ଠାରେ "ଖେରୱାଲ ଜାର୍ପା ସମିତି" ନାମରେ ଏକ ସମିତି ଗଠନ କଲେ । ଏହି ସମିତିର ଶାଖା-କାର୍ଯ୍ୟାଳୟମାନ ଝାରଖଣ୍ଡ ଜିଲ୍ଲାର ଜାମ୍‌ଜଳା(ତାଙ୍କ ସହଧର୍ମଣୀଙ୍କ ଗ୍ରାମ), କରଣ୍ଡି, ରାମେଡି ଏବଂ ମୟୂରଭଞ୍ଜ ରାଜ୍ୟର ରାଇରଙ୍ଗପୁର ସହର ଆଦି ସ୍ଥାନ ମାନଙ୍କରେ ଖୋଲିଲେ ।

ଛପାକଳ କିଣିବା ସ୍ୱପ୍ନ ଆଖିଆଗରେ ରଖି ରଘୁନାଥ ମୁର୍ମୁ ଟାଟା ନାଗର କୁ ଗଲେ । ସେଠାକାର ଖେରୱାଲ ଜାର୍ପା ସମିତିର ଲୋକ ମାନଙ୍କ ସହିତ ଭେଟି କଥା ହେବାପାଇଁ ଚେଷ୍ଟା କଲେ । ରଘୁନାଥ ମୁର୍ମୁଙ୍କର ସହଧର୍ମଣୀଙ୍କ ଗାଁ- ଜାମଜଳା(ଝାରଖଣ୍ଡ)ଠାରେ ଏହି ଗାଁର ତାଙ୍କ ସମ୍ପର୍କିୟ ଯୁବକ ମୁନିରାମ ବାସ୍କେ ବୋଲି ଥିଲେ ସେ "ଖେରଓାର ଜାର୍ପା ସମିତି" କାର୍ଯ୍ୟ ଭାର ଦାୟିତ୍ୱ ତୁଲାଉଥାନ୍ତି । ଏହି "ଖେରଓାର ଜାର୍ପା ସମିତି" ସହାୟତାରେ ଏକ ଛପାକଳ (Printing Press) କଲିକତାରୁ କିଣିଲେ । ଏଥିରେ ଦରକାର ପଡୁଥିବା ଅଲଚିକି ଲିପି ଛାପିବା ପାଇଁ ଲେଟର ବ୍ଲକ୍ ଓ ଛାଂଚ ମାନ ନିଜେ ପଣ୍ଡିତ ରଘୁନାଥ ମୁର୍ମୁ ବନେଇ ଥିଲେ । ଏହି ଛାପାଯନ୍ତ୍ର କୁ ଝାରଖଣ୍ଡ ପ୍ରଦେଶର ଜାମସେଦପୁର, ଟାଟାନଗର ସହର ଅନ୍ତର୍ଗତ କରଣ୍ଡି ଠାରେ ଥିବା "ଖାସ ମହଲ ଧୁପାଟିଆ ଭବନ"ଠାରେ ସ୍ଥାପନ କଲେ ଏବଂ ଏହାର ନାମ ରଖିଲେ "ଚାନ୍ଦାନ ପ୍ରେସ୍" । ଚାକିରୀ ଛାଡିବା ପରଟାରୁ ସେ କରଣ୍ଡିରେ ରହିଲେ ଏବଂ "ସାଗେନ୍ ସାକାମ୍" ନାମିତ ଏକ ପତ୍ରିକା ପ୍ରଥମେ ଛାପିଲେ । ଏହି ପତ୍ରିକାକୁ ଅଲ୍‌ଚିକି ଅନଜ୍ଞ ଥିବା ବ୍ୟକ୍ତିବିଶେଷ କିପରି ପଢିବେ ସେଥିପାଇଁ ଏକ ଲିପି ଶିଖିବା ପାଇଁ "ଅଲ୍‌ଚେମେଦ୍" ନାମିତ ଏକ ବହି ମଧ୍ୟ ଛାପି ବାହାର କଲେ । ଏହି "ଅଲ୍‌ଚେମେଦ୍" ବହିରେ ଥିବା ସାନ୍ତାଳି ଲିପି କୁ ଜଣେ ଶିକ୍ଷା ଲାଭ କଲେ ସେ "ସାଗେନ୍ ସାକାମ୍" ପତ୍ରିକା ପଢିବାରେ ସାହାଯ୍ୟ କରିଥାଏ । ଏହାପରେ ପଣ୍ଡିତ ରଘୁନାଥ ମୁର୍ମୁ ବିଭିନ୍ନ ପତ୍ର ପତ୍ରିକା, ବହି,ଗଳ୍ପ, ଉପନ୍ୟାସ, ନାଟକ ଆଦି ତାଙ୍କ ଜୀବନ କାଳ ମଧ୍ୟରେ ଲେଖି ଛାପି ପରିପ୍ରକାଶ କରିଥିଲେ ।

ପଣ୍ଡତି ରଘୁନାଥ ମୁର୍ମୁଙ୍କ ଦ୍ୱାରା ରଚିତ ଓ ପ୍ରକାଶ ପାଇଥିବା ବିଭିନ୍ନ ପୁସ୍ତକ ମାନଙ୍କ ମଧ୍ୟରୁ ନିମ୍ନୋକ୍ତମାନ ଗୁଡିକ ମୁଖ୍ୟ ରହିଛି ଯଥା- ୧)ଅଲ୍‌ଚିକି ଶିକ୍ଷା ବହି- ଅଲଚେମେଦ୍, ଅୋଲଙ୍ଗ ଲାଗିଦ ଅଲ, ଅଲ ଉପୁରୁମ୍ ୨)ଗଣିତ ବହି- ଏଲ୍‌ଖା ପତବ ୩)ସାନ୍ତାଳି ବ୍ୟାକରଣ ବହି- ରନଲ ୪) ନାଟକ ବହି- ବିଦୁଚାନ୍ଦାନ, ଖେରଓ୍ୱାଲ୍ ବିର୍ ଓ ଦାଲେଗେ ଧନ୍ ୫) ଗଳ୍ପ ବହି- ପାର୍‌ସି ପହା ୬) ଗିତ ବହି- ଲାକ୍‌ଚାର୍ ସେରେଞ୍ଜ, ହର୍ ସେରେଞ୍ଜ, ବାହା ସେରେଞ୍ଜ୍ , ଝାରଖାଣ୍ଡ୍ ସେରେଞ୍ଜ ଏବଂ ଆଦିବାସି ରାଃ ଆନ୍ଦୁଳ ସେରେଞ୍ଜ ୭) ହିତ ବାଣୀ ବହି- ହିତାଲ ୮) ମନ୍ତ୍ର ବହି- ବାଖେଣ ୯) ସଂଗ୍ରାମ ବହି- ଶିଦ-କାହ୍ନୁ ହୁଲ୍ ୧୦) ଉତ୍ପତି ଓ ଲିପି ଜ୍ଞାନର ବହି- ପାର୍‌ସି ଅପାଦ୍, ପାର୍‌ସି ଇତୁନ ଏବଂ ପାର୍‌ସି ପହା ଓ ୧୧) ପତ୍ରିକା- ସାଗେନ୍ ସାକାମ୍ ଇତ୍ୟାଦି । ପଣ୍ଡିତ ରଘୁନାଥ ମୁର୍ମୁ ଜଣେ ଦକ୍ଷ ଶିକ୍ଷକ, ଉଭାବକ, ଗାଳ୍ପିକ, ନାଟ୍ୟକାର, ବିଶିଷ୍ଟ କବି, ଦିଗ୍ ଦର୍ଶନବିତ୍, ପଣ୍ଡିତ, ଗାଣିତିକ, ଶାସ୍ତ୍ରବିତ୍ ଏବଂ ନିପୁଣ କାରିଗର । ବିଭିନ୍ନ ଶିକ୍ଷା କ୍ଷେତ୍ରରେ ତାଙ୍କରି ଗଭୀର ପାଣ୍ଡିତ୍ୟ ଥିଲା । ତେଣୁ ସେ ପଣ୍ଡିତ ଆଖ୍ୟାରେ ବିଶେଷ ଭାବରେ ପରିଚିତ । ତାଙ୍କରି ମତରେ ଶିକ୍ଷା ହେଉଛି ମନୁଷ୍ୟର ପ୍ରଥମ ସୋପାନ, ଶିକ୍ଷା ଗ୍ରହଣ ହେଲେ ଧର୍ମ ଜୟ ହୋଇଥାଏ, ଶିକ୍ଷା ନ ହେଲେ ମନୁଷ୍ୟ ତାର ଧର୍ମ କୁ ହାଜାଇ ବସି ନିଜକୁ ମଧ୍ୟ ହରାଇ ଥାଏ ।

ତାଙ୍କରି ଭାଷାରେ- ଅଲ ମେନାଃ ତାମା, ରଲ୍ ମେନାଃ ତାମା,
ଧରମ ମେନାଃ ତାମା ଆମ୍ ହଁ ମେନାମ୍
ଅଲ ଏମ୍ ଆଦ୍‌ଲେରେ, ରଲ୍ ଏମ୍ ଆଦ୍‌ଲେରେ,
ଧରମ ଏମ୍ ଆଦ୍ ଲେରେ ଆମ ହମ୍ ଆଦଃ ...।

*ଅର୍ଥାତ୍-*

"ଶିକ୍ଷା ମନୁଷ୍ୟ ପାଖରେ ଥିଲେ, ଭାଷା ଓ ଧର୍ମ ପାଖରେ ଥାଏ । ଯଦି ମନୁଷ୍ୟ, ଶିକ୍ଷା ହରାଇ ବସେ ତାହେଲେ ଭାଷା ଓ ଧର୍ମ କୁ ହରାଇ କାଳକ୍ରମେ ନିଜକୁ ମଧ୍ୟ ହଜାଇ ଥାଏ" । ବାସ୍ତବରେ ମଣିଷ ଯେକୌଣସି ଭାଷାରେ ଶିକ୍ଷାପାଇ ଥାଉନା କାହିଁକି, ଯଦି ସେ ଏହାର ଠିକ୍ ସଦ୍ ବ୍ୟବହାର ନ କରେ ତାହେଲେ ସେହି ଭାଷା ବିକାଶ ହୋଇ ପାରିବ ନାହିଁ ଓ କାଳକ୍ରମେ ଭାଷାର ବିକାଶ ନ ଘଟିଲେ ଧର୍ମର କି ଜାତି ର ବିକାଶ ସମ୍ଭବପର ନୁହେଁ, ଏବଂ ପରିଶେଷରେ ମନୁଷ୍ୟ ନିଜର ମୁଲ୍ୟ ବାନ ଅସ୍ତିତ୍ୱ କୁ ହରାଇ ବାସିଥାଏ ।

ସାନ୍ତାଳ ଭାଷାର ଏହି ଅଲ୍‌ଚିକି ଲିପି, ଅନ୍ୟାନ୍ୟ ଜାତିର ଭାଷା ପରି ଏହାର ବିଶେଷତ୍ୱ ଅନେକ ରହିଅଛି । ଏଥିରେ ସମୁଦାୟ ୩୦ଟି ଅକ୍ଷର ଏବଂ ୫ଗୋଟି ମାତ୍ରା ରହି ଅଛି । ସେଗୁଡିକ ହେଲା-

## -: ଅଲ୍‌ଚିକି ଅକ୍ଷର ମାଳା :-

| ଅଲ୍‌ଚିକି ଲିପି | ହାସ୍ତାକ୍ଷର ପାଇଁ "ଅଲ୍‌ଚିକି ଭଷାରା"ଲିପି |
|---|---|
| ᱚ ᱛ ᱜ ᱝ ᱞ<br>ଅ ଅତ୍ ଅଗ୍ ଙ ଅଲ୍ | ᱚ ᱛ ᱜ ᱝ ᱞ<br>ଅ ଅତ୍ ଅଗ୍ ଙ ଅଲ୍ |
| ᱟ ᱠ ᱡ ᱢ ᱣ<br>ଆ ଆକ୍ ଆଜ୍ ଆମ୍ ଆଉ୍ | ᱟ ᱠ ᱡ ᱢ ᱣ<br>ଆ ଆକ୍ ଆଜ୍ ଆମ୍ ଆଉ୍ |
| ᱤ ᱥ ᱦ ᱧ ᱨ<br>ଇ ଇସ୍ ଇହ୍ ଇଁଞ୍ ଇର୍ | ᱤ ᱥ ᱦ ᱧ ᱨ<br>ଇ ଇସ୍ ଇହ୍ ଇଁଞ୍ ଇର୍ |
| ᱩ ᱪ ᱫ ᱬ ᱭ<br>ଉ ଉଚ୍ ଉଦ୍ ଉଣ୍ ଉୟ୍ | ᱩ ᱪ ᱫ ᱬ ᱭ<br>ଉ ଉଚ୍ ଉଦ୍ ଉଣ୍ ଉୟ୍ |
| ᱮ ᱯ ᱰ ᱱ ᱲ<br>ଏ ଏପ୍ ଏଡ୍ ଏନ୍ ଏଲ୍ | ᱮ ᱯ ᱰ ᱱ ᱲ<br>ଏ ଏପ୍ ଏଡ୍ ଏନ୍ ଏଲ୍ |
| ᱳ ᱴ ᱵ ᱶ ᱷ<br>ଓ ଓଟ୍ ଓବ୍ ଓଙ୍ ଓହ୍ | ᱳ ᱴ ᱵ ᱶ ᱷ<br>ଓ ଓଟ୍ ଓବ୍ ଓଙ୍ ଓହ୍ |

ଏହି ୩୦ ଟି ଅଲ୍‌ଚିକି ଲିପିକୁ ୫ ଗୋଟି ଧାଡିରେ ବିଭକ୍ତ କରାଯାଇଅଛି ଏବଂ ପ୍ରତ୍ୟେକ ଧାଡିରେ ୬ଟି ଲେଖାଏଁ ଲିପି ରହିଛି । ପ୍ରତ୍ୟେକ ଧାଡିର ପ୍ରଥମ ଲିପିଟି ସ୍ୱର ବର୍ଣ୍ଣ ଅଟେ ଏବଂ ଏହା ବ୍ୟଞ୍ଜନ ବର୍ଣ୍ଣ କୁ ଶବ୍ଦ ଗଠନ କରିବାରେ ସାହାଯ୍ୟ କରିଥାଏ । ଅଲ୍‌ଚିକି ଲିପି ଅନ୍ୟ କୌଣସି ଜାତିର ଲିପି କିମ୍ବା ଭାଷାକୁ ଅନୁକରଣ କରାଯାଇ ନାହିଁ । ବାସ୍ତବରେ, ପ୍ରତ୍ୟେକ ଅଲ୍‌ଚିକି ଲିପିର ନିର୍ଦ୍ଦିଷ୍ଟ ପରିଚୟ, ସ୍ୱତନ୍ତ୍ରତା ଓ ବିଶେଷତ୍ୱ ମଧ୍ୟ ରହିଅଛି । ଯେପରି କି -

ᱛ(ଅତ୍) ଅର୍ଥାତ୍ ଭୂମି ᱜ(ଅଗ୍) ମାନେ ଧୂଆଁ ଦେବା, ᱝ(ଙ) ମାନେ ଫୁଙ୍କିବା, ᱞ(ଅଲ୍) ମାନେ ଲେଖିବା, ᱡ(ଆଜ୍) ମାନେ ସେ, ᱢ(ଆମ୍) ମାନେ ତମେ, ᱧ(ଇଁଞ୍) ମାନେ ମୁଁ, ᱨ(ଇର୍) ମାନେ କାଟିବା, ᱫ(ଉଦ୍) ମାନେ ଛତୁ, ᱱ(ଏନ୍) ମାନେ ନଡା କୁ ଚାପି ଧାନ ଅମଳ/ବାହାର କରିବା ଆଦି ଦୃଷ୍ଟାନ୍ତ ରହି ଅଛି । ᱣ(ଆଉ୍), ᱥ(ଇସ୍), ᱦ(ଇହ୍), ᱭ(ଉୟ୍), ᱷ(ଓହ୍) ସମସ୍ତ ଚକିତରେ ଇଙ୍ଗିତ ଶବ୍ଦ ର ସ୍ୱର ।

ଏହି ଆଦିବାସୀ ସାନ୍ତାଳି ଲିପି ଅଲ୍‌ଚିକି କେତେକ ପ୍ରକୃତିର ରୂପେ ସହିତ ଜଡିତ ମଧ୍ୟ ରହିଛି । ଯାହାର ମାନ ମହତ ପ୍ରକୃତି ପରି ସଚ୍ଚ ଏବଂ ସତ୍ୟ ଅଟେ ମାତ୍ର ଏହାର ପ୍ରଚାର ଓ ପରିପ୍ରକାଶର ଅଭାବ ଥିବାରୁ ଏହା ଅପ-ପ୍ରଚାର ହୋଇଯାଉଛି, 'ଳରେ ଏହା ଖ୍ୟାତି ଅର୍ଜନ କରି ପରୁନାହିଁ କି ଉନ୍ନତି ଆଡକୁ ଅଗ୍ରସର ହୋଇ ପାରୁ ନାହିଁ । ସାନ୍ତାଳି ଭାଷାର ଶବ୍ଦ ଗୁଡିକ ଅନୁବାଦ କରିବା କରିହୁଏ ନାହିଁ ଏବଂ ଏହାର ଶବ୍ଦ ଗୁଡିକ ଅନ୍ୟ ଯେ କୌଣସି ଭାଷାର ଲିପିରେ ଲେଖିବା ମଧ୍ୟ ଅନେକ କଷ୍ଟସାଧ୍ୟ ଅଟେ, ବାସ୍ତବରେ କହିବାକୁ ଗଲେ ଏଗୁଡିକ ଅନୁବାଦ କରିହୁଏ ନାହିଁ ବରଂ ଏପରି କରୁଥିବା ବ୍ୟକ୍ତି ଏନେକ ଭୁଲ ଭଟକା କରିଥାଏ ।

ସାନ୍ତାଳ ସମ୍ପ୍ରଦାୟର ସମସ୍ତ ପ୍ରକାର ମଙ୍ଗଳ ଓ ଉନ୍ନତି ମୂଳକ କାର୍ଯ୍ୟ ତଥା ଦୀନ ଦୁଃଖିନୀର ସେବା, ଜାତି, ଧର୍ମ, ସମାଜ, ସଂସ୍କୃତି, ଭାଷା-ସାହିତ୍ୟ ଓ ଅଲଚିକି ଶିକ୍ଷା ଦିଗରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ତ୍ୟାଗପୁତ ଜୀବନ ଅତୁଳନୀୟ । ସେ ଜଣେ ମହାପୁରୁଷ କହିଲେ ଅତ୍ୟୁକ୍ତି ହେବ ନାହିଁ । ସାନ୍ତାଳ ସମାଜର ବିପ୍ଳବ ପାଇଁ କେବଳ ଓଡ଼ିଶା ନୁହେଁ ତତ୍‌କାଳୀନ ବିହାର ଓ ବଙ୍ଗରେ ମଧ୍ୟ କାମ କରିଥିଲେ । ତାଙ୍କର ଦେଶ ଭ୍ରମଣ (ଦିଶମ୍ ଦାଣାନ୍) ବିଷୟରେ ଆଲୋଚନା କଲେ ଜଣାଯାଏ, ଯେ ପଣ୍ଡିତ ରଘୁନାଥ ମୁର୍ମୁ ସେ ତାଙ୍କ ଜୀବନ କାଳ ମଧ୍ୟରେ ଅନେକ ସମାଜ ସେବା କାର୍ଯ୍ୟ କରି ଯଶ ରଖିଛନ୍ତି । ସନ ୧୯୬୩ ମସିହାରେ ପଣ୍ଡିତ ରଘୁନାଥ ମୁର୍ମୁ ସାନ୍ତାଳି ଭାଷା ସାହିତ୍ୟ ଓ ଲିପିର ପ୍ରସାର ଓ ପ୍ରଚାର କରିବା ପାଇଁ ଦେଶ ଭ୍ରମଣରେ ବାହାରି ଥିଲେ । ତା:୧-୧୨-୧୯୬୩ ରିଖ ଦିନ ପ୍ରାତ୍ୟ ସକାଳୁ ଉଠି ପଣ୍ଡିତ ରଘୁନାଥ ମୁର୍ମୁ, ମାନସିଂ ମୁର୍ମୁ ଏବଂ ସିଧଲାଲ ମୁର୍ମୁ (ବଡପୁଅ) କାପିବୁରୁ ପାହାଡ ପାଖରେ ଥିବା ବଡ ପୋଖରୀରେ ଗାଧୋଇ ସେମାନେ ତିନିଜଣ ଯାକ "କାପିବୁରୁ ବାଙ୍ଗାଥାନ" ପୂଜାସ୍ଥଳି କୁ ଗଲେ ଏବଂ ତାଙ୍କ କାମ ଶୁଭ ଓ ଫଳପ୍ରଦ ହେବା ପାଇଁ କାପିବୁରୁ ଦେବତାଙ୍କ ପାଖରେ ପୂଜା ପାଠ କରି ଦଣ୍ଡାୟମାନ ହୋଇ ପ୍ରାର୍ଥନା କଲେ । ଏହାପରେ ସେମାନେ ଘରକୁ ଫେରି ସଜଭାତ ଖାଇ ବିଦେଶ ଭ୍ରମଣ କାମରେ ଅତିଶୀଘ୍ର ବାହାରି ଗଲେ । ସେମାନେ ପାଦ ଚଲା ବାଟରେ ଚାଲି ଚାଲି କାନଟାସୋଲା ଗାଁ କୁ ଗଲେ । ଏହିଗାଁ ରେ ମାନସିଂ ମୁର୍ମୁଙ୍କର ଘର । ଏହିଠାରେ ସେମାନେ ବିଶ୍ରାମ କଲାପରେ ଦିପହର ଭାତ ଖାଇଲେ ଏବଂ ଅଂଳାଯଡି ରେଲଷ୍ଟେସନ କୁ ଗଲେ ଏହିଠାରେ ଟାଟ-ବାଦାମ ପାହାଡ (T-B Down Train)ରେଳ ଗାଡିକୁ ଅପେକ୍ଷା କଲେ । ଟିକେଟ କରି  ସେମାନେ ଏହି ରେଲଗାଡିରେ ଚଢ଼ି ଟାଟା ନଗରକୁ ଗଲେ । ବିହାର ପ୍ରଦେଶ(ଏବେକାର ଝାରଖଣ୍ଡ ଜିଲ୍ଲା) କୁ ବିଦେଶ ଗସ୍ତକଲା ସମୟରେ ତାଙ୍କ ସାଥିରେ ଥିଲେ- ମାନସିଂ ମୁର୍ମୁ, ବିରସିଂ ମୁର୍ମୁ, ଅପର୍ଣ୍ଣା ମୁର୍ମୁ, ପାନ କିସ୍କୁ ଏବଂ ଚୁଡାମଣି ମୁର୍ମୁ । ଏମାନେ ସାଥୀରେ ଯାଇ ସାନ୍ତାଳି ଭାଷା ଓ ଲିପି ଶିକ୍ଷା ପ୍ରଚାର ଓ ପ୍ରସାର ଦିଗରେ ପଣ୍ଡିତ ରଘୁନାଚ ମୁର୍ମୁଙ୍କୁ ସାହାଯ୍ୟ କରିଥିଲେ ଏବଂ ଲୋକଙ୍କୁ ସଚେତନ କରିଥିଲେ । ବିହାରରେ କିଛି ସାନ୍ତାଳି ଗ୍ରାମଗୁଡିକରେ ପ୍ରଚାର କଲାପରେ, ପଣ୍ଡିତ ରଘୁନାତ ମୁର୍ମୁ ତାଙ୍କ ସାଥିମାନଙ୍କୁ ଉପଦେଶ ଦେଇ କହିଲେ- "ଆମମାନଙ୍କର ପ୍ରଚାର କାମ ବହୁତ ଭଲରେ ହେଲା, ଲୋକମାନେ ଆମକୁ ଆଦର କଲେ, ଆମେ ଯାହାପ୍ରଚାର କଲେ ତାହାକୁ ସେମାନେ ଆପଣେଇ ନେଲେ । ମୁଁ ଏବେ ଉମେଶ ବାବୁଙ୍କ ସାଥୀରେ ବେଙ୍ଗଲ କୁ ଯିବି, ଆପଣମାନେ ନିଜ ନିଜ ଘରକୁ ଫେରିଯାଆନ୍ତୁ । ଯେଉଁ ଜାଗାମାନଙ୍କୁ ଆମ୍ଭେମାନେ ବୁଲି ନାହାନ୍ତି ସେହିସବୁ ଜାଗାକୁ ଆପଣମାନେ ଯାଇ ପ୍ରଚାର କରନ୍ତୁ ଏବଂ ଲୋକମାନଙ୍କୁ ସାନ୍ତାଳି ଭାଷା, ସାହିତ୍ୟ, ସଂସ୍କୃତି, ଧର୍ମ, ଅଲଚିକି ଓ ଏକ ସଂଘର ପ୍ରତିଷ୍ଠା କରିବା ପାଇଁ ଦରକାର ପଡୁଥିବା ଅର୍ଥ ବିଷୟରେ ଆମରି ସାନ୍ତାଳି ଭାଇ-ଭଉଣୀ ମାନଙ୍କୁ ଗାଁ ଗାଁ ବୁଲି ବୁଝାଇବା କାମ ଚାଲୁରଖନ୍ତୁ" ।

ଓଡିଶାର ସାମସ୍ତ ଭାଇ-ଭଉଣୀ ମାନେ ବିହାରରୁ ପ୍ରଚାର କାମ ସାରିଲା ପରେ ତା:୧୨-୧୨-୧୯୬୩ରିଖ ଦିନ ନିଜ ଭିଟାମାଟି ମୟୁରଭଞ୍ଜର ଗାଁ କୁ ଫେରିଲେ । ଏହାପରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ତାଙ୍କର ନିଜ ଶଶୁର ଗାଁ ଜାମଜୋର ସମ୍ପର୍କୀୟ ଲୋକ ଶ୍ରୀଯୁକ୍ତ ଉମେଶ ବାସ୍କେ ସହିତ ବିହାରର

କିଛି ଅଂଚଳ ପ୍ରଚାର କଲା ପରେ ସେମାନେ ପଶ୍ଚିମ ବେଙ୍ଗଲକୁ ପ୍ରଚାର କାମରେ ଚାଲିଗଲେ । ଟାଟାନଗରରୁ ସେମାନେ ସୁବର୍ଣ୍ଣରେଖା ନଦୀ କୂଳେ ଥିବା ପାହାଡ଼ ତଟବର୍ତ୍ତୀ ସାନ୍ତାଳ ଲୋକ ବସବାସ କରୁଥିବା ଗ୍ରାମ ଗୁଡିକ ପ୍ରଚାର କଲେ । ସନ୧୯୬୩ ମସିହା ଶେଷ ଭାଗର ପୌଷମାସ ବେଳକୁ ପୁଖୁରଡିହା, ଭାଉଁଟିଆ ଗାଁଆକୁ ପହଂଚି ଥିଲେ । ଭାଉଁଟିଆ ଗ୍ରାମର ଆନନ୍ଦ ଟୁଡୁ ନାମକ ଜଣେ ସମାଜ ସେବୀ ବ୍ୟକ୍ତି ପଣ୍ଡିତ ରଘୁନାତ ମୁର୍ମୁଙ୍କୁ ସୁବର୍ଣ୍ଣରେଖା ନଦୀ କୂଳେ ଅବସ୍ଥିତ ବେନାଗାଡିଆ ଗ୍ରାମକୁ ପହଂଚାଇ ଦେଇଥିଲେ ।

ଏହି ବେନାଗଡିଆ ଗ୍ରାମରେ ପଣ୍ଡିତ ରଘୁନାତ ମୁର୍ମୁ ସାନ୍ତାଳି ଧର୍ମ, ଭାଷା, ଜାତି, ସମାଜ, ସଂସ୍କୃତି, ସଭ୍ୟତା ଓ ଅଲଚିକି ଲିପି ଶିକ୍ଷା ପ୍ରଚାର କରିବା ସହିତ ଏକ ଆଦିବାସୀ ସମାଜ-ଶିକ୍ଷା ଓ ସାଂସ୍କୃତିକ ସଂଘ ବିଷୟରେ ଲୋକ ମାନଙ୍କୁ ବୁଝେଇ ଥିଲେ । ଏହିକ୍ଷଣି ବେଣାଗଡିଆ ଗ୍ରାମର ଜଣେ ସମାଜ ସେବି ଭଦ୍ରବ୍ୟକ୍ତି ଶ୍ରୀଯୁକ୍ତ ଗୋପଲ ଟୁଡୁ ପଣ୍ଡିତ ରଘୁନାତ ମୁର୍ମୁଙ୍କ ସହିତ ସଂଗାତ ମଧ୍ୟ ବସିଥିଲେ । ଏହି ଭଦ୍ରବ୍ୟକ୍ତି ଜଣକ ପଣ୍ଡିତ ରଘୁନାତ ମୁର୍ମୁଙ୍କୁ ସୁବର୍ଣ୍ଣରେଖା ନଦୀକୁ ପାର କରିଦେଇ ଥିଲେ । ଏହାପରେ ନଦୀ ଆରପାରି "ବହଳାଗୁଡା ପିଢ଼"ରେ ଥିବା ବିଭିନ୍ନ ସାନ୍ତାଳି ଗାଁ ଗୁଡିକରେ ରିତିମତ ଯାତ୍ରା କରିଥିବା ଗ୍ରାମ ଗୁଡିକ ହେଲା- ମୁଟୁର, ଜାଲାବୁନି, ଡାବ୍ରାଡାହି ଆଦି ଗାଁ । ଏହାପରେ ପଣ୍ଡିତ ରଘୁନାତ ମୁର୍ମୁ ଏବଂ ଗୋପଲ ଟୁଡୁ "ଚାକୁଲିୟା ପିଢ"ରେ ପଶିଲେ ଓ ସାନ୍ତାଳି ଗାଁ ଗୁଡିକରେ ପୁଣି ପ୍ରଚାର କାମ ଚାଲୁ ରଖିଲେ । ଶେଷରେ ଏହି ଚାକୁଲିୟା ପିଢ଼ର ଦୁଧିଆସୋଳ ଗ୍ରାମରେ ପ୍ରଚାର କଲାପରେ, ତା: ୩୦-୧-୧୯୬୪ରିଖ ଦିନ 'କିତୁକଚା' ଗ୍ରାମରେ ଯାଇ ପହଂଚିଥିଲେ । ସେଠାରେ ସେମାନେ ଯେଉଁ ଘରେ ବସା ରହିଥିଲେ, ସେହି ଘରର କାନ୍ଥରେ ପଣ୍ଡିତ ରଘୁନାତ ମୁର୍ମୁ ଦୁଇଟି ଗୀତ ଲେଖିଥିଲେ ଯାହା ଏବେ ସୁଦ୍ଧା ଅକ୍ଷତ ହୋଇ ରହିଛି । ସେହି ଦୁଇ ଗୀତ ହେଲା :-

(1) [illegible]
[illegible]
[illegible]
[illegible]

(2) [illegible]
[illegible]
[illegible]
[illegible]
[illegible]
[illegible]

**(Raghunath Murmu- 30/1/1964)**

ପଣ୍ଡିତ ରଘୁନାଥ ମୁର୍ମୁ ତାଙ୍କର ଏହି ମହତ ବାଣୀ ଗୀତକୁ ଯୁବପିଢି ମାନେ ଯେପରି ଯୁଗ ଯୁଗ ଧରି ମନେ ପକେଇବେ, ସେଥିପାଇଁ ସେ ଏହି 'କିଡୁକଚା' ଗ୍ରାମର କାନ୍ଥରେ ଲେଖି ଇତିହାସ ରଚନା କରିଦେଲେ । ଏଥିରୁ ଜଣା ପଡ଼େ ପଣ୍ଡିତ ରଘୁନାତ ମୁର୍ମୁ ତାଙ୍କ ଜୀବନ କାଳ ଭିତରେ ଯେଉଁ ସ୍ଥାନ, ଗାଁ ଗଣ୍ଡା, ସହର, ସଭା, ସମିତି ଓ ଶିକ୍ଷା ଅନୁଷ୍ଠାନ ମାନ ଯାତ୍ରା କରିଛନ୍ତି ସେ ସବୁ ଜାଗା ମାନଙ୍କରେ କିଛିନା କିଛି କିମ୍ବଦନ୍ତୀ ସାନ୍ତାଳି ସମ୍ପ୍ରଦାୟର ଲୋକମାନଙ୍କ ପାଇଁ ଛାଡିଦେଇଛନ୍ତି ।

ଏହି କିଡୁକଚା ଗ୍ରାମରେ ରହି ପଣ୍ଡିତ ରଘୁନାତ ମୁର୍ମୁ ବୁଲିଥିବା ଆଖପାଖ ସାନ୍ତାଳି ଗାଁ ଗୁଡ଼ିକ ହେଲା- ରାଙ୍ଗାମାଟିଆ, ଖାୟାରବାଣି, ଦୁଖନାସୋଳ, କୁଟୁସୋଳ ପ୍ରଭୃତି । କୁଟୁସୋଳ ଗାଁଆରେ ଏକ ଛୋଟ ସଭାଟିଏ କଲାବେଳେ ଲୋକମାନେ ତାଙ୍କୁ ଅନେକ ପ୍ରଶଂସା କିରଥିଲେ ଏବଂ ସାନ୍ତାଳି ସମାଜ ଓ ଜାତି ପାଇଁ ସେ ଦେଇଥିବା ଉପଦେଶ ଗୁଡିକ ଲୋକମାନେ ଆଗ୍ରହର ସହିତ ଶୁଣିଥିଲେ । ଏହାପରେ ସେ ଏକ ପାଖ ଗାଁ ଢ଼ିଲାହାରା ରେ ରାତ୍ରଯାପନ କରିଥିଲେ । ସକାଳେ ଏହିଠାରେ ପ୍ରଚାର କରି ସେ ପୁଣି ତାଙ୍କର ଯାତ୍ରା ଆରମ୍ଭ କଲେ ଓ ସେ ଦିଘି ଗାଁ ରେ ପହଂଚିଲେ, ସେହି ସମୟରେ ଏହି ଦିଘି ଗାଁରେ କାଲିରାମ ସୋରେନ ନାମକ ଜଣେ ଭଲ ଡାକ୍ତର ଥିଲେ; ସେ ତାଙ୍କର ନିଜ ବୃତ୍ତିକାମରେ ରୋଗୀ ସେବାକରିବା ସହିତ ସାନ୍ତାଳୀ ସମାଜର ମଙ୍ଗଳ କାମନା ମଧ୍ୟ କରୁଥିଲେ । ପଣ୍ଡିତ ରଘୁନାଥ ମୁର୍ମୁଙ୍କର ଦେଶ ଭ୍ରମଣ ପଦଯାତ୍ରା ଓ ସାନ୍ତାଳି ଭାଷା ପ୍ରଚାର କଥା ଶୁଣିଲାକ୍ଷଣି ତାଙ୍କ ସହିତ ସାକ୍ଷାତ କରିବା ସେ ଭଦ୍ରବ୍ୟକ୍ତି ଦୌଡିଯାଇଥିଲେ ଏବଂ ପଣ୍ଡିତ ରଘୁନାତ ମୁର୍ମୁଙ୍କୁ ସ୍ୱାଗତ ସମ୍ବଧନା ଜଣାଇଥିଲେ । ଏହା ପରେ ସେ ନିମଡି ନାମକ ଏକ ଗ୍ରାମକୁ ଯାଇଥିଲେ, ଏହିଠାରେ ମଧ୍ୟ ତାଙ୍କର ଯୋଜନା ମୁତାବକ ପ୍ରଚାର କଲେ ଓ କିଛି ଦିନ ରହିଲା ପରେ, ସେ ବାଲେଡି ଗାଁକୁ ଗଲେ ।

ଏହି ସାନ୍ତାଳି ଗାଁରେ ଆଦିବାସୀ ମାନେ ତାଙ୍କର କ୍ଷେତଜମିମାନ ଚାଷକରି ଜୀବିକା ଅର୍ଜନ କରୁଥାନ୍ତି । ସେହି ସମୟରେ ଶ୍ରୀଯୁକ୍ତ ଶଭାନାଥ ବେସ୍ରା ନାମକ ଜଣେ ଶିକ୍ଷକ ତାଙ୍କ ଗ୍ରାମ-ନିରାମିସ୍ରି, ସେ ବାଲେଡ ଗାଁରେ ଶିକ୍ଷକତା କରୁଥିଲେ; ସେ ଭଦ୍ରବ୍ୟକ୍ତି ଏହା ଶୁଣିବା ମାତ୍ରକେ ଅତିଶୀଘ୍ର ପଣ୍ଡିତ ରଘୁନାତ ମୁର୍ମୁଙ୍କୁ ସାକ୍ଷାତ କରିବା ପାଇଁ ଗଲେ ଏବଂ ପଣ୍ଡିତ ରଘୁନାତ ମୁର୍ମୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହାପରେ ତାଙ୍କଠୁ ସାନ୍ତାଳି ଭାଷାର, ଅଲଚିକି ଲିପି ଶିକ୍ଷା, ସାମାଜ ସେବା ଏବଂ ସଂଘ ତିଆରି ବିଷୟରେ ବୁଝିଥିଲେ । ଏହି ବାଲେଡି ଗ୍ରାମରେ ରହି ଆଖପାଖ ସାନ୍ତାଳି ଗ୍ରାମ ଗୁଡ଼ିକ ପ୍ରଚାର କାମରେ ପଣ୍ଡିତ ରଘୁନାତ ମୁର୍ମୁ ବୁଲିଥିଲେ ଏହିଠାରେ ମଧ୍ୟ କିଛି ଦିନ ରହିଯାଇଥିଲେ । ଏହାପରେ ସେ ବେଙ୍ଗଲ ସୀମାଂଚଲ ଗାଁ ଜୟନଗର କୁ ଚାଲିଯାଇଥିଲେ । ପଶ୍ଚିମବଙ୍ଗର ସିମାନ୍ତବର୍ତି ଗ୍ରାମ ଜୟନଗର ଠାରେ ପଣ୍ଡତ ରଘୁନାତ ମୁର୍ମୁ ପ୍ରଚାର କାର୍ଯ୍ୟ ଶେଷ କଲାପରେ ସେ, ପଶ୍ଚିମବଙ୍ଗ ରାଜ୍ୟ ଭିତରକୁ ଏହି ଗାଁଦେଇ ପ୍ରବେଶ କରିଥିଲେ । ଏହାପରେ ସିଆଲଦାର କେତେକ ସାନ୍ତାଳୀ ବହୁଳ ମୁଖ୍ୟ ଗାଁ ଗୁଡିକ ଯାଇ ପହଂଚି ଥିଲେ ଏବଂ ସାନ୍ତାଳୀ ଗାଁଗୁଡିକର ଲୋକ ମାନଙ୍କୁ ସଚେତନ କରାଇ ସାନ୍ତାଳ

ଜାତି, ଧର୍ମ, ସମାଜ, ସଂସ୍କୃତି, ସଂଘ, ଭାଷା, ସାହିତ୍ୟ ଏବଂ ଅଲଚିକି ବିଷୟରେ ପ୍ରଚାର କରିଥିଲେ ବୋଲି କିମ୍ବଦନ୍ତୀ ମାନ ରହିଛି । ଏହି ସିଆଲ୍‌ଦା ଅଂଚଳରେ ପଦଯାତ୍ରାରେ ପ୍ରଚାର କାମ ସମାପ୍ତ କଲାପରେ ପଣ୍ଡିତ ରଘୁନାଥ ମୁର୍ମୁ ନିଜ ମାତୃ ଭୂମି ଓଡିଶାକୁ ଫେରି ଆସିଥିଲେ ।

ଓଡିଶା, ବିହାର(ଝାଡଖଣ୍ଡ) ଓ ପଶ୍ଚିମବଙ୍ଗ ରାଜ୍ୟମାନଙ୍କୁ ପଦଯାତ୍ରା କରି ପ୍ରଚାର କାର୍ଯ୍ୟ ସାରିବା ପରେ, ପ୍ରଚାର କାମରେ ନିୟୋଜିତ ହୋଇଥିବା ସମାଜ ସେବକ ଓ ସେବିକା ମାନଙ୍କ ସହିତ ଆଲଚନା ପାଇଁ ବିଜାତଳାରେ ଏକ ସଭା କରି ତାଙ୍କର ବିଦେଶ ଗସ୍ତ ଓ ପ୍ରଚାର ବିଷୟରେ ବିଶେଷ ଭାବରେ ଆଲୋଚନା କରିଥିଲେ । ବିଭିନ୍ନ ରାଜ୍ୟର ସାନ୍ତାଳି ଗାଁମାନ ବୁଲି ସେ ବହୁତ ଗୁଡିଏ ଜିନିଷ ଦେଖିଲେ, ଲୋକଙ୍କ ସହିତ ମିଶିଲେ ତାଙ୍କ ସହିତ ଆଳାପ କଲେ, ତାଙ୍କର ଦୁଃଖ ସୁଖ ଭଲ ମନ୍ଦ କଥା ବୁଝିଲେ, ସେମାନେ ଯାହାଦେଲେ ସେ ଖାଇଲେ, ପିଇଲେ ଓ ଶୋଇଲେ । ପଣ୍ଡିତ ରଘୁନାତ ମୁର୍ମୁ ଭଲଭାବରେ ଜାଣି ଥିଲେ ଲୋକଙ୍କ ସହିତ ନ ମିଶିଲେ, ଦେଶ ନ ବୁଲିଲେ ଲୋକଙ୍କ ବିଷୟରେ କିଛି ଜାଣି ହେବ ନାହିଁ ଏବଂ ଲୋକ ମାନେ ମଧ୍ୟ ତାଙ୍କ ସାନ୍ତାଳି ସମ୍ପ୍ରଦାୟର ଭଲମନ୍ଦ, ଆଚାର ବ୍ୟବହାର, ସାହିତ୍ୟ, ସଂସ୍କୃତି, ଦେବ ସେବା, ଜାତି, ଧର୍ମ, ବ୍ୟକ୍ତି ବିଶେଷର କର୍ତବ୍ୟ, ସଭ୍ୟତାର ଇତିହାସ, ଆଗାମି ଦିନର ବିକାଶ ଇତ୍ୟାଦି ଗୁଡିକ ବିଷୟରେ ସେ ଭଲଭାବରେ ଅଧ୍ୟୟନ କରି ଦେଖିଲେ ଏବଂ ଏସବୁକୁ ଆଖି ଆଗରେ ରଖି ସେ ଏକ ସଂଘର ପ୍ରତିଷ୍ଠା କରିବା ଦରକାର ପଡୁଛି ବୋଲି ମନେ କଲେ । ଫଳରେ ଓଡିଶାରେ ଏକ ସାନ୍ତାଳି ସଂଘ ରେଜିଷ୍ଟ୍ରେସନ ଭୁକ୍ତ କଲେ ଏବଂ ଅନ୍ୟ ପଡ଼ୋଶୀ ରାଜ୍ୟ ଗୁଡିକରେ ଏହାର ଶାଖା କାର୍ଯ୍ୟାଳୟମାନ ପ୍ରତିଷ୍ଠିତ କରିବା ପାଇଁ ସେ ପଦକ୍ଷେପ ମାନ ନେଲେ । ସେ ସଂଘର ନାମ ରଖିଲେ "ଆଦିବାସୀ ସାଂସ୍କୃତିକ ସଂଘ, ରାଇରଙ୍ଗପୁର ଯାହା ସରକାରଙ୍କ ନିକଟରୁ ତା: ୧-୬-୧୯୬୪ରିଖ ଦିନ ସ୍ୱିକୃତୀ ପ୍ରାପ୍ତ ପାଇଥିଲା । ଏବେ ଏହା Adivasi Socio-Educational & Cultural Association, Rairangpur, Mayurbhanj, Odisha ଭାବରେ ବେଶ ପରିଚିତ ଯାହାର ପ୍ରତିଷ୍ଠାତା ହେଉଛନ୍ତି ନିଜେ ପଣ୍ଡିତ ରଘୁନାଥ ମୁର୍ମୁ ।

ଏହାପରେ ବାରିପଦା ସଦର ସବ୍‌ଡିଭିଜନର ରାଙ୍ଗାମାଟିଆ ଠାରେ ଏକ ଶାଖା କାର୍ଯ୍ୟାଳୟ ଏବଂ ପାଂଚପିଢ ସବ୍‌ଡିଭିଜର ର ନାଡୁଆପାଳ ଠାରେ ଏକ ଶାଖା କାର୍ଯ୍ୟାଳୟ ଖୋଲାହେଲା ଯାହା "ଆଦିବାସୀ ସମାଜ-ଶିକ୍ଷା ଓ ସାଂସ୍କୃତିକ ସଂଘ" ରାଇରଙ୍ଗପୁର ଅଧୀନରେ କାର୍ଯ୍ୟକଲା । ASECA, Rairangpur ସରକାରୀ ସ୍ୱୀକୃତି ପାଇଲା ମାତ୍ରକେ ୧୯୬୫ ମସିହାରେ ହିଁ ସଂଘ ନାମରେ ଏକ ପ୍ରେସ ସ୍ଥାପନ କରାଗଲା ଏବଂ "ସାଗେନ ସାକାମ୍" ମାସିକିଆ ଖବର କାଗଜ ପତ୍ରିକାର ଦ୍ୱିତୀୟ ସଂକଳନକୁ ଛାପି ବାହାର କରି ଦେଶବାସୀଙ୍କ ଅଧ୍ୟୟନ ପାଇଁ ପ୍ରସାର କରାଗଲା । ଏହା ପରେ ବିହାରରେ ୧୯୬୬ ମସିହାରେ ASECA, Bihar(Jharkhand). ପ୍ରତିଷ୍ଠା କରାଗଲା, ୧୯୬୭ ମସିହାରେ ASECA, West Bengal ଖୋଲାଗଲା, ଏହା ପରେ ଆସାମରେ ASECA, Assam ଏବଂ ୧୯୮୧ ମସିହାରେ ASECA, New Delhi ପ୍ରତିଷ୍ଠିତ କରାଗଲା ।

ଏହିପରି ତିନୋଟି ଯାକ ସାନ୍ତାଳୀ ବହୁଳ ଅଂଚଳ ମାନଙ୍କରେ ପଣ୍ଡିତ ରଘୁନାଥ ମୁର୍ମୁ ବିଭିନ୍ନ ସଂଘ ଓ ସମିତି ମାନ ପ୍ରତିଷ୍ଠା କଲା ପରେ ଏହାରି ସଭା ସମିତି ମାନଙ୍କରେ କାର୍ଯ୍ୟକାରୀ କମିଟି ଓ ବାର୍ଷିକ ଉସବ ମାନଙ୍କରେ ଯୋଗଦାନ କରି ସାନ୍ତାଳୀ ସମାଜର ଭାଷା ସାହିତ୍ୟରେ ଅଭିଭାଷଣ ଓ ଲିପି ଶିକ୍ଷାର ଚର୍ଚ୍ଚା କରି ଅବାଶେଷରେ ତା : ୧-୨-୧୯୮୨ରିଖ ମାଘ ସପ୍ତମୀ ସମବାର ଦିନ ସକାଳ ୮ଟା ବେଳେ ପଣ୍ଡିତ ରଘୁନାଥ ମୁର୍ମୁ ଏହି ଧରା ପୃଷ୍ଠାରୁ ବିଦାୟ ନେଲେ ସେ ବିଦାୟ ନେଲେ ସତ ମାତ୍ର ତାଙ୍କର ଏ ଦେଶ, ଏ ମାଟି, ଏ ଜାତି, ଏ ସମାଜ, ସଂସ୍କୃତି, ଧର୍ମ, ସାନ୍ତାଳି ଲିପିର ଉଦ୍ଭାବକ ଭାବରେ ସବୁ ଦିନ ପାଇଁ ଏ ପୃଥିବୀ ଇତିହାସ ପୃଷ୍ଠାରେ ମାନବ ସଭ୍ୟତା ସଦା ସର୍ବଦା ମନେ ରଖିବ ଏବଂ ସେ ଚିରକାଳ ଅମର ହୋଇ ରହିବେ । ତାଙ୍କରି ଏହି ମହାନ କାମ ପାଇଁ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଅଲଚିକି ଉଦ୍ଭାବକ, The Founder of Olchiki Alphabet, The Achitecture of Olchiki Script, Pandit Raghunath Murmu ଆଦି କୁହାଯାଉଅଛି । ସାନ୍ତାଳୀ ସମ୍ପ୍ରଦାୟର ଲୋକମାନେ ତାଙ୍କ ସାନ୍ତାଳି ଭାଷାରେ ଅଲଚିକି ଉନୁଦୁଗିୟା, ଅଲଚିକି ବାଡହି, ପାରସି ସିଞ୍ଚାନ୍ଦ, ଅଲ ଗୁରୁ, ଗୁରୁ ବାବା, ଗୁରୁ ଗମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁ ବୋଲି ସମ୍ଭାଷଣ ସହ ହୃଦୟର ଅନ୍ତର ଆତ୍ମାରେ ପୂଜା କରୁଛନ୍ତି ।

ଗ୍ରମା- ଜାନୁମଘୁଟୁ, ମୟୁରଭଞ୍ଜ, ଓଡିଶା
Mobile- 9437302050

□□□

# ଗଣ୍ଡ ସଂପ୍ରଦାୟର ନବକଳେବର

ଡକ୍ଟର କୃଷ୍ଣଚନ୍ଦ୍ର ନାୟକ

ଆଦିମାନବ ଥିଲା ପ୍ରକୃତି ଉପାସକ । ପ୍ରକୃତିର ବିଭିନ୍ନ ବିଭବ, ମାଟି, ଆକାଶ, ଜଳ, ବାୟୁ, ପାହାଡ଼, ନଦୀ, ବୃକ୍ଷ ଓ ଜୀବଜନ୍ତୁଙ୍କ ଭିତରେ ଦିବ୍ୟସତ୍ତା ନିହିତ ଥିବା କଳ୍ପନା କରୁଥିଲା । ଏସବୁ ଭିତରେ ଥିବା ଅଫୁରନ୍ତ ଶକ୍ତି, ବୈଚିତ୍ର୍ୟ ଓ ଚିରନ୍ତନତାକୁ ଦେଖି ବିସ୍ମିତ ହେଉଥିଲା । ପ୍ରକୃତି କୋଳରେ ରହୁଥିବାରୁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଏମାନଙ୍କର ଛତ୍ରଛାୟାତଳେ ଆଶ୍ରୟ ନେବାକୁ ପଡୁଥିଲା । ଅବଚେତନ ସ୍ତରରେ ଏମାନଙ୍କୁ ଭାବୁଥିଲା ଦେବତା, ତ୍ରାଣକର୍ତ୍ତା । ଏହି ସୂତ୍ରରୁ ବୃକ୍ଷ ପୂଜା ଆଦି ମାନବର ଜୀବନଧାରାର ଏକ ଅଙ୍ଗ ହୋଇଗଲା ।

ଆଦିମାନବ ଜଙ୍ଗଲରେ ବିଚରଣ କଲା ବେଳେ ନିଜର ସ୍ଥାୟୀ ଗୃହର ଆବଶ୍ୟକତା ଅନୁଭବ କରିଥିଲା । ଏହି କୁଟୀର ନିର୍ମାଣ ପୂର୍ବରୁ ସେ ସ୍ଥାନରେ ଖୁଣ୍ଟ (କାଠଗଣ୍ଡି)ଟିଏ ପୋତିଲା । ଖୁଣ୍ଟ ଚାରିପଟେ ସଂଘବଦ୍ଧ ହୋଇ ବସତି ସ୍ଥାପନ କଲା । ସକାଳୁ ଖାଦ୍ୟ ସଂଗ୍ରହ ଓ ଶିକାର କରି ସନ୍ଧ୍ୟାରେ ବାହୁଡ଼ିଲା ବେଳେ ସେ ଖୁଣ୍ଟଟିକୁ ଲକ୍ଷ୍ୟକରି ଫେରି ଆସିଲା; ବାଟବଣା ହେଲା ନାହିଁ । ତା'ର ପାଖରେ ପିଲାଛୁଆଙ୍କୁ ନିରାପଦରେ ଛାଡ଼ି ଆତଯାତ ହେଲା । କ୍ରମେ ପାଖ ଅଞ୍ଚଳରେ କୃଷିକର୍ମ କରି ଗୃହପାଳିତ ପଶୁପକ୍ଷୀ ରଖିଲା । ସଂଘବଦ୍ଧ ହୋଇ ରହୁଥିବାରୁ ପ୍ରାକୃତିକ ବିପର୍ଯ୍ୟୟ, ମରୁଡ଼ି, ମହାମାରୀ, ମଡ଼କ ଓ ହିଂସ୍ର ବନ୍ୟଜନ୍ତୁ କବଳରୁ ରକ୍ଷା ପାଇଲା । ସୁରୁଖୁରୁରେ ବିତିଲା ଜୀବନ । ସେହି କାଠଖୁଣ୍ଟ ପ୍ରତି ମୋହ ଜନ୍ମିଲା । ସେହି ଦାରୁ ଭିତରେ ବ୍ରହ୍ମ ଥାପିଲା । ଅବଚେତନ ମନରେ ଭାବିଲା ସେଇ ଦାରୁବ୍ରହ୍ମ ତା'ର ଇଶାଣ ଖୁଣ୍ଟ, ପିତୃପୁରୁଷ ଗ୍ରାମର ରକ୍ଷାକର୍ତ୍ତା, ମୁରବୀ । ଶୁଭ ଅଶୁଭ ବେଳାରେ ଫୁଲ ଚନ୍ଦନ, ଝୁଣା, ଧୂପ ଦେଇ ପୂଜିଲା; ଯେଉଁ ଶସ୍ୟ ଉତ୍ପାଦନ କଲା ପ୍ରଥମେ ତାଙ୍କୁ ଅର୍ପଣ କରି ନିଜେ ଭୁଞ୍ଜିଲା । ସେ ହେଲେ ଆଧ୍ୟାତ୍ମିକ ଓ ସାମାଜିକ ଜୀବନର ପ୍ରାଣକେନ୍ଦ୍ର । ସଂସାର ତ ଦୁଃଖମୟ ! କା ଆଗେ କହିବ ? ଯେ ଚକ୍ଷୁ ସମ୍ମୁଖରେ,ହାତ ପାହାନ୍ତାରେ, ହୃଦୟକନ୍ଦରେ ତାଙ୍କରି ପାଖରେ ନିଜର ଅଳିଅର୍ଦ୍ଦଳି ଅଜାଡ଼ି ଦେଲା । ଠାକୁର ଶୁଣିଲେ କି ନାହିଁ ପରଖି ନାହିଁ; ବିଶ୍ୱାସର ସିଂହାସନରେ ବସାଇ ପୂଜା କରିଛି । ସେହି ଦାରୁ କଳେବର ମଧ୍ୟରେ ଭକ୍ତଗଣ ଠାକୁରଙ୍କ ପ୍ରତିବିମ୍ବ ଦେଖି ଆତ୍ମ ସନ୍ତୋଷ ଲାଭ କରିଛନ୍ତି ।

ଦାରୁ ଦେବତାଙ୍କ ପୂଜନ ଅତି ପ୍ରାଚୀନ । ବୈଦିକ ପରମ୍ପରାରେ 'ଯୂପପୂଜା' ପ୍ରଚଳିତ ଥିଲା । ଯଜ୍ଞକାର୍ଯ୍ୟରେ ଏହି ଶୁଭସ୍ତମ୍ଭ ବା ଯୂପ ସ୍ଥାପନ କରାଯାଉଥିଲା । ପୁରାଣ ମତରେ ଅରଣ୍ୟ ଦେବତା ଭଗବାନ ନୃସିଂହ ସ୍ତମ୍ଭରୁ ଆବିର୍ଭାବ ହୋଇଥିଲେ । ଏବେ ମଧ୍ୟ ଗ୍ରାମାଞ୍ଚଳରେ ନୂତନ ଗୃହ ନିର୍ମାଣ କରାଗଲା ବେଳେ ଶୁଭସ୍ତମ୍ଭ (କାଠଖୁଣ୍ଟ) ପୋତି ପୂଜାର୍ଚ୍ଚନା କରାଯାଇଥାଏ ।

ପ୍ରାଚୀନ କାଳରେ 'ଉଡ୍‌ଡ୍ରୀୟାନ' ଅଧିବାସୀଙ୍କ ବୃକ୍ଷପୂଜା ପ୍ରଚଳିତ ଥିଲା । ସେମାନେ ବୃକ୍ଷଗଣ୍ଡିରେ ରୂପଆଙ୍କି ଦେବତା ରୂପେ ପୂଜା କରୁଥିଲେ । ବୃକ୍ଷର ମଝି ଅଂଶଟି ଅର୍ଥାତ୍ ଗଣ୍ଡିଟି ଦାରୁ; କିନ୍ତୁ ମହାପ୍ରଭୁ ଯେଉଁ ଦାରୁରେ ତିଆରି ହୁଅନ୍ତି, ସେଇ ଦାରରୁ ଅର୍ଥ ହେଲା – "ପ୍ରଭୁ ଆମ୍ଭମାନଙ୍କୁ ରକ୍ଷା କରି ଆନନ୍ଦ ପ୍ରଦାନ କରନ୍ତି ।" "ଏହି 'ଉଡ୍‌ଡ୍ରୀୟାନ'ର ଶବରମାନେ ହିଁ ଆବାହମାନ କାଳରୁ ନିମ୍ବକାଠରେ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରି ପୂଜା ଉପାସନା କରି ଆସୁଥିଲେ ।" (୧) "ଆଦିବାସୀ ବା ଶବରମାନଙ୍କର ଅତିଶୟ ଦେବତା ବିଶ୍ୱାସରୁ ଗୃହ ଦେବତା, ଗ୍ରାମ ଦେବତା ଓ ଗଣଦେବତା ଉପାସିତ ହୋଇଥିଲେ । ଗଣଦେବତା ଥିଲେ ସର୍ବୋଚ୍ଚ ଆସନରେ ଅଲଙ୍କୃତ ରାଜ୍ୟ ରାଷ୍ଟ୍ର ଦେବତା 'ଜଗନ୍ତ' ଯାହାପରେ ସଂସ୍କୃତାୟିତ ରୂପରେ ଜଗନ୍ନାଥ ଶବ୍ଦରେ ପରିବର୍ତ୍ତିତ ହେଲା ।" (୨)

ମହାପ୍ରଭୁ 'ଜଗନ୍ତ'ଙ୍କ ଶରୀର ଯେହେତୁ ଦାରୁ ବା କାଠଗଣ୍ଡିରେ ନିର୍ମିତ, ସେ ଦାରୁ ସମୟକ୍ରମେ ଜରାଜୀର୍ଣ୍ଣ ବା ପୁରୁଣା ହୋଇଯାଆନ୍ତି । ତେଣୁ ଜଗନ୍ନାଥ ଦେହଧାରୀ ଭାବେ ନିଜର ପୁରୁଣା ଦେହକୁ ତ୍ୟାଗ କରି ନୂଆ ରୂପେ ଦେହ ଧାରଣ କରନ୍ତି । ଏହାକୁ 'ନବକଳେବର' କୁହାଯାଏ ।

ଓଡ଼ିଶାର ଜନଜାତିଙ୍କ ମଧ୍ୟରେ ଗଣ୍ଡ ସମ୍ପ୍ରଦାୟ ପ୍ରମୁଖ ଆଦିବାସୀ ସମ୍ପ୍ରଦାୟ । ଏମାନେ ବିଭିନ୍ନ ଦେବାଦେବୀ, ଅପଦେବତା, ଅପଦେବୀଙ୍କୁ ପୂଜାର୍ଚ୍ଚନା କରନ୍ତି । ଏହି ବିଗ୍ରହମାନେ ପଥର, ଲୁହା, ସୁନା, ମୃତ୍ତିକା, ଚନ୍ଦନ, ହଳଦୀ, ବାଲି ଓ କାଠରେ ଅଙ୍କିତ ଇତ୍ୟାଦି ବିଭିନ୍ନ ପ୍ରକାର ଧାତୁରେ ତିଆରି ହେଲାବେଳେ, ଏକମାତ୍ର ଦେବତା 'ଦଶନ୍ତ ଠାକୁର'ଙ୍କର କଳେବର ଦାରୁରେ ନିର୍ମିତ ହୋଇଥାଏ । ବଡ଼ଦେଓ ଓ ଧରିତ୍ରୀ ମାତା ଏମାନଙ୍କ ମୁଖ୍ୟ ଦେବାଦେବୀ । ଏମାନଙ୍କର ବିଶ୍ୱାସ ଯେ, 'ବଡ଼ଦେଓ' ସୃଷ୍ଟିର ସ୍ରଷ୍ଟା ଏବଂ ନିୟାମକ । (୩) ଗ୍ରାମର ସୃଷ୍ଟି ଆଦ୍ୟରୁ ଏହାଙ୍କର ପ୍ରତିଷ୍ଠା ଏବଂ ପୂଜାର୍ଚ୍ଚନା କରାଯାଇଥାଏ । ଏହି 'ବଡ଼ଦେଓ' ହିଁ ଦଶନ୍ତଠାକୁର । ଗ୍ରାମର ପ୍ରମୁଖ ସ୍ଥାନରେ ମୁକ୍ତାକାଶ ତଳେ ଏହାଙ୍କର ପୀଠସ୍ଥଳୀ । ଏହାଙ୍କୁ ଘେରି ରହିଥାଆନ୍ତି ଅନ୍ୟାନ୍ୟ ଦେବାଦେବୀଗଣ । ଶ୍ରୀଦଶନ୍ତ ଠାକୁର ସ୍ୱୟଂ ପରଂବ୍ରହ୍ମ ହେଲେ ହେଁ, ମାନବ ଲୀଳାର ପ୍ରକାଶ ପାଇଁ ଗ୍ରାମାଞ୍ଚଳରେ ଦାରୁରୂପ ଧାରଣ କରିଛନ୍ତି । ଏଣୁ ଏହି ଠାକୁର ମଧ୍ୟ ନିଜର ପୁରୁଣା ବା ଜୀର୍ଣ୍ଣ ଦେହକୁ ପରିତ୍ୟାଗ କରି ନୂତନ ଦେହ ଧାରଣ କରିଥାଆନ୍ତି । ଏହି ଘଟ ପରିବର୍ତ୍ତନର ପ୍ରଥା ହେଉଛି 'ଦଶନ୍ତ' ବା ନବକଳେବର । ଏହାର ଦଶବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ ।

କଥିତ ଅଛି – ଉଡ୍ର ଦେଶରେ ଅବସ୍ଥିତ ନୀଳ ପର୍ବତ । ଏହାର ପାଦ ଦେଶରେ ଶବର ପଲ୍ଲୀ ଓ ପରମଧାର୍ମିକ ଶବର ରାଜା ବିଶ୍ୱାବସୁ ଅବସ୍ଥାନ କରୁଥିଲେ । ପର୍ବତର ଶିଖର ଦେଶରେ ଗୁମ୍ଫାରେ କମନୀୟ ନୀଳମାଧବ ବିଗ୍ରହକୁ ସେ ଗୋପନରେ ଆରାଧନା କରୁଥିଲେ । ନୀଳମାଧବଙ୍କର ପ୍ରତିମା ଯେପରି କମନୀୟ, ମହିମା ସେହିପରି ପ୍ରତ୍ୟକ୍ଷ ରହିଥାଏ । ମାଳବ ଦେଶର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ନିର୍ଦ୍ଦେଶରେ ରାଜପୁରୋହିତଙ୍କ ଭାଇ ବିଦ୍ୟାପତି 'ନୀଳମାଧବ'ଙ୍କ ସନ୍ଧାନରେ ନିର୍ଗତ ହେଲେ । ବିଶ୍ୱାବସୁଙ୍କ କନ୍ୟା ଲଳିତାଙ୍କୁ ବିବାହ କରି ଗୋପନରେ ଥିବା ଶ୍ରୀନୀଳମାଧବଙ୍କୁ ଦର୍ଶନ କଲେ । ନୀଳମାଧବ ବିଶ୍ୱାବସୁ ମାଧ୍ୟମରେ ବିଦ୍ୟାପତିଙ୍କୁ ଏକ

ଆଜ୍ଞାମାଳ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଦେବା ପାଇଁ ନିର୍ଦ୍ଦେଶ କଲେ ଏବଂ ସ୍ୱପ୍ନରେ କହିଲେ – "ରାଜନ୍ ତୁମେ ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀନୃସିଂହ ମୂର୍ତ୍ତି ସ୍ଥାପନା କରି ସହସ୍ର ଅଶ୍ୱମେଧ ଯଜ୍ଞ କର, ମୁଁ ଦାରୁରୂପରେ ମହୋଦଧିରେ ତୁମକୁ ଦର୍ଶନ ଦେବି ।" ରାଜା ମହାପ୍ରଭୁଙ୍କ ନିର୍ଦ୍ଦେଶରେ ଶ୍ରୀଗୁଣ୍ଡିଚା ମନ୍ଦିର ମହାବେଦୀଠାରେ ଗୋପନୀୟ ଭାବେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦାରୁ ବିଗ୍ରହ ତିଆରି କରାଇଲେ ।

ବିଶ୍ୱାବସୁଙ୍କର ବଂଶଧର ଭାବରେ ଗଣ୍ଡ ସଂପ୍ରଦାୟ ବିଶ୍ୱାସ କରନ୍ତି । ଗଣ୍ଡମାନେ ନୀଳମାଧବଙ୍କୁ ପୂଜା କରିବାକୁ ଯାଇ ଠାକୁରଙ୍କ ଶୂନ୍ୟସ୍ଥାନ ଦେଖି ଆଶ୍ଚିମ୍ପିତ ହେଲେ । ପାହାଡ଼, ଅରଣ୍ୟ ଖୋଜି ଖୋଜି କ୍ଳାନ୍ତ ହୋଇପଡ଼ିଲେ । ପ୍ରାଣ ପ୍ରତିମ ଇଷ୍ଟ ଦେବତାଙ୍କୁ ନ ପାଇ କ୍ରନ୍ଦନ କରିବାକୁ ଲାଗିଲେ । ଭକ୍ତର ଆକୂଳ କ୍ରନ୍ଦନ ଶୁଣି ନୀଳମାଧବ କହିଲେ – "ଯେ ବିଧିର ବିଧାନ, ତୁମେ କାନ୍ଦ ନାହିଁ । ଜଗତର ମଙ୍ଗଳ ପାଇଁ ମୁଁ ଶ୍ରୀକ୍ଷେତ୍ରରେ ବିଜେ ହେବି । ମୋର ଶରୀରର ଅର୍ଦ୍ଧେକ ଜଙ୍ଘରୁ ନିମ୍ନଭାଗରୁ ପୂଜା କର । ମୁଁ ଜଙ୍ଘାଦେଓ ନାମରେ ନାମିତ ହେବି ।" ସେହିଦିନଠାରୁ ଗଣ୍ଡ ସମ୍ପ୍ରଦାୟ ଦାରୁଦେବତା ଜଙ୍ଘାଦେଓଙ୍କୁ ଜଗନ୍ନାଥଙ୍କର ପ୍ରତୀକ ଭାବରେ ପୂଜା କରି ଆସୁଛନ୍ତି । ନୀଳମାଧବ ସ୍ୱଇଚ୍ଛାରେ ଦୁଇଭାଗ ହୋଇଯାଇ ଜଙ୍ଘମୂଳର ଉପରିଭାଗ ଜଗନ୍ନାଥ ରୂପେ ଏବଂ ଜଙ୍ଘରୁ ନିମ୍ନଭାଗ ଜଙ୍ଘାଦେଓ ନାମରେ ଯଥାକ୍ରମେ ଆର୍ଯ୍ୟ ଓ ଆଦିବାସୀମାନଙ୍କ ଦ୍ୱାରା ପୂଜା ପାଇଲେ । ସେମାନେ କହନ୍ତି ଯେ, ତାଙ୍କର ପୂର୍ବପୁରୁଷଗଣ ବ୍ରାହ୍ମଣପୁତ୍ର ବିଦ୍ୟାପତିଙ୍କୁ ସେମାନଙ୍କର କନ୍ୟାରନ୍ ଲଳିତାକୁ କନ୍ୟାଦାନ କରି ନୀଳମାଧବଙ୍କର ଅର୍ଦ୍ଧେ ଅବୟବକୁ ଯୌତୁକ ସ୍ୱରୂପ ପ୍ରଦାନ କରିଥିଲେ ।(୪)

ପଶ୍ଚିମ ଓଡ଼ିଶାରେ ଜଙ୍ଘାଦେଓଙ୍କ ପୂଜା ପ୍ରଚଳିତ ଅଛି । ଭୋଇପାଲି, ବୁରୁନ୍ଦାମାଲ, ଲାଡମ୍ପାଲି, ଲୁଲଙ୍ଗ, ବଣେଇଖୁଣ୍ଟଗାଁ' ଓ ଅନ୍ୟ ଗ୍ରାମରେ ଗଣ୍ଡ ସମ୍ପ୍ରଦାୟ ପୌଷ ମାସରେ ଯାକଜମକରେ ଜଙ୍ଘାଦେଓଙ୍କର ଉତ୍ସବ ପାଳନ କରନ୍ତି ।(୫)

ଗଣ୍ଡ ସମ୍ପ୍ରଦାୟ କୃଷି ଉପରେ ନିର୍ଭର କରୁଥିବାରୁ ବୀଜବପନ, ବେଉଷଣ ଓ ଶସ୍ୟ ଅମଳ ସମୟରେ ଅଦୃଶ୍ୟ ଶକ୍ତିର କରୁଣା ପାଇଁ ପୂଜାର୍ଚ୍ଚନା ଓ ଉତ୍ସବ ପାଳନ କରନ୍ତି । ବର୍ଷର ପ୍ରଥମ ପୂଜା ପଡ଼େ ମାଘ ମାସର ମାଘପୋଡ଼ି ଉତ୍ସବରେ । ଏଥିରେ ନୂତନ କୃଷିକର୍ମ ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଏ । କ୍ଷେତ୍ରରେ ଯାହା ଅଳିଆ ଆବର୍ଜନା ଥାଏ ତାକୁ ଅଗ୍ନି ସଂଯୋଗ କରି ସଫାସୁତରା ପବିତ୍ର କରିବାକୁ ହୁଏ । ଏହା ପ୍ରତୀକାତ୍ମକ-ଅତୀତରେ କଳୁଷ, କାଳିମା, ଦୁଃଖ ଯନ୍ତ୍ରଣା, ରୋଗ ବୈରାଗ୍ୟକୁ ଧ୍ୱଂସ କରି ଏକ ନୂଆ ଜୀବନକୁ ସ୍ୱାଗତ କରିବା । ଏହି ପୂଜାରେ ଗ୍ରାମ ଉପକଣ୍ଠରେ ପାଳରେ ଏକ କୁମ୍ଭ ତିଆରି କରି ପୂଜାର୍ଚ୍ଚନା ପରେ ଅଗ୍ନି ସଂଯୋଗ କରାଯାଏ । ଏହି ଉତ୍ସବଟି ଗୁରୁତ୍ୱପୂର୍ଣ୍ଣ କାରଣ ଗ୍ରାମର ସମସ୍ତ ପୂଜାବିଧି, କର୍ମକାଣ୍ଡ ସଂପର୍କରେ ଦିନଧାର୍ଯ୍ୟ କରାଯାଏ । ଦଶନ୍ତ ଠାକୁରଙ୍କ ପୂଜା ବିଧି ଓ ନବକଳେବର ପାଇଁ ଆଲୋଚନା ହୁଏ । ପାଳ ବା ଛୋଟ ବେଣ୍ଟିରେ ଗୋଳେଇ ବିଣ୍ଡା ତିଆରି କରାଯାଏ ଏବଂ ଦେହୁରୀ ବିଣ୍ଡାଟିକୁ ପବିତ୍ର ଠାକୁରାଣୀ ଶାଳରେ ସାଇତି ରଖେ । ପ୍ରତ୍ୟେକ ବର୍ଷ ଗୋଟିଏ ଲେଖାଏଁ ବିଣ୍ଡା, ଏହି କ୍ରମରେ ଯେଉଁ ବର୍ଷ ଦଶଟି ବିଣ୍ଡା ଏକତ୍ର ହୁଏ ସେହିବର୍ଷ ଦଶନ୍ତ ଠାକୁରଙ୍କ ନବକଳେବର ଆୟୋଜିତ ହୋଇଥାଏ ।

ଭାଦ୍ରବ ମାସର ଏକ ନିର୍ଦ୍ଦିଷ୍ଟ ଦିନରେ ଗ୍ରାମର ସେବକ ପଧାନ, ଦେହୁରୀ, ଡାକୁଆ, ବଢ଼େଇ, ପାଣତି ଓ ଗ୍ରାମର ପୁରୁଖା ବ୍ୟକ୍ତି ଏକତ୍ର ବସି 'ଦଶନ୍ତ' ସଂପର୍କରେ ଚୂଡ଼ାନ୍ତ ଆଲୋଚନା କରନ୍ତି । ଦେହୁରୀ ଗ୍ରାମର ଆଦ୍ୟା ଠାକୁରାଣୀ ବସେଲୀ ବା ବସୁମାତାଙ୍କ ପାଖରେ ଅଧିଆ ପଡ଼ନ୍ତି । ନିର୍ଜଳା ଉପବାସ ରହି ମା'ଙ୍କୁ ସୁମରଣା କରନ୍ତି । ମା'ଙ୍କର ସ୍ୱପ୍ନାଦେଶ ହୁଏ । ମା'ଙ୍କ ମଥାରୁ ସିନ୍ଦୁର, ଗଳାରୁ କରାଟ ଫୁଲ ଓ ଗୁଆଟିଏ ଶାଳପତ୍ରରେ ପୁଡ଼ିଆ କରି ଦେହୁରୀ ଗାଁ ପଧାନକୁ ପ୍ରଦାନ କରେ । ସେହି ଆଜ୍ଞା ପୁଡ଼ିଆଟିକୁ ସମ୍ବଳ କରି ଦଶ ଜଣ ସେବକ ବନଗମନ କରନ୍ତି । ଅଗ୍ରଭାଗରେ ଦେହୁରୀ ନାରୀବେଶ ହୋଇ ମା'ଙ୍କ ବେତବାଡ଼ି ଓ ତୁଳସୀ ଜଳଥିବା ମାଠିଆରୁ ଜଳସିଞ୍ଚନ କରି ପଥ ପବିତ୍ର କରି ଚାଲନ୍ତି । ସେବକମାନଙ୍କୁ 'ଡଗରିଆ' କୁହାଯାଏ । ଏହାର ଅର୍ଥ ଦାରୁ ସଂଗ୍ରହ ପାଇଁ ମା'ଙ୍କୁ ଡଗରେଇବା ବା ଅନୁସରଣ କରି ଚାଲୁଛନ୍ତି । ପ୍ରଥମରେ ଜଙ୍ଗଲ ପ୍ରବେଶ ପୂର୍ବରୁ 'ଝାଡଦେବତା'ଙ୍କୁ ପୂଜା କରାଯାଏ । ଝାଡ଼ଦେବତାଙ୍କ ଅନୁମତି ପରେ ଅଲୌକିକ ଚିହ୍ନଥିବା ବୃକ୍ଷକୁ ଖୋଜନ୍ତି । ସାଧାରଣତଃ ଦାରିବିଗ୍ରହ ପାଇଁ ନିମ୍ବ, ଶାଳ ଓ ଅସନ ବୃକ୍ଷକୁ ହିଁ ବ୍ୟବହୃତ ହୁଏ । ଯେଉଁ ବୃକ୍ଷରେ ମଦାଙ୍ଗ (ପରାନ୍ନଭୋଜି ଉଦ୍ଭିଦ) ଓ ଡଡୁରୁ (ଖୋଲ/କୋରଡ଼) ନ ଥାଏ ତାକୁ ଚୟନ କରାଯାଏ । ଦାରୁସନ୍ଧାନ ବେଳେ ଫଳମୂଳ ଆହାର ଓ ଝରଣା ଜଳ ପାନ କରି ବୃକ୍ଷମୂଳ ଅଗ୍ନିଜାଳି ବଡ଼ ଗଛରେ ମଞ୍ଚାମାରି ରହିବାକୁ ହୁଏ ।

ଦାରୁ ଚିହ୍ନଟ ହେଲା ପରେ ବୃକ୍ଷମୂଳକୁ ମାର୍ଜନା କରି ତୁଳସୀ ଜଳରେ ସ୍ନାନ କରାଇ ହଳଦୀବୋଳି ସୂତା ଖିଏ ବେଢ଼ାଇ ଦିଆଯାଏ । ଦେହୁରୀ ମା'ଙ୍କ ବେତବାଡ଼ିଟିକୁ ଗଛରେ ଡେରି ଦେଇ ପୂଜାର୍ଚ୍ଚନା କରେ । ବୃକ୍ଷଟିକୁ ପ୍ରଥମେ ଧାରୁଆ ପଥରରେ ଚିହ୍ନ କଲା ପରେ ହଳଦୀ ପାଣିରେ ଧୁଆ ହୋଇଥିବା କୁରାଢ଼ୀରେ ଛେଦନ କରାଯାଏ । ସେବକମାନେ ଦାରୁଗଣ୍ଡିଟିକୁ କାନ୍ଧରେ ବୋହି ଗ୍ରାମ ଉପକଣ୍ଠରେ ପୂର୍ବରୁ ନିର୍ମିତ ହୋଇଥିବା ପତ୍ରକୁଡ଼ିଆ ଭିତରେ ରଖନ୍ତି । ସ୍ୱପ୍ନଦେଶ ପାଇଥିବା ବଢ଼େଇ ବିଶ୍ୱକର୍ମା ସାଜି ଦାରୁଗଣ୍ଡିଟିକୁ ପ୍ରଥମେ ଚଉପଟ ଓ ପରେ କୁନ୍ଦ କରି ଗୁପ୍ତରେ ଦଶନ୍ତ ଠାକୁର ନିର୍ମାଣ କରେ । ଏହାକୁ କେହି ଦେଖି ପାରନ୍ତି ନାହିଁ । ଦାରୁଦେବତାଙ୍କ କଳେବରରେ ତିନୋଟି ରେଖା ଅଙ୍କନ କରାଯାଏ । ଏହା ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସଂକେତ ବହନ କରେ । ପୁଣି ଏହି ତିନିରେଖା ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ବୋଲି କଳ୍ପନା କରାଯାଏ । ସବୁକିଛି ଲୌକିକାଚାରରେ କରାଯାଉଥିଲେ ହେଁ, ସ୍ୱୟଂ ଦଶନ୍ତଠାକୁର ହିଁ ନିଜ ସ୍ୱରୂପ ନିଜେ ଗଢ଼ି ଦାରୁ ମୂର୍ତ୍ତିରେ ବ୍ରହ୍ମ ହିଁ ସଂସ୍ଥାପିତ ହୁଅନ୍ତି ବୋଲି ଲୋକଙ୍କର ବିଶ୍ୱାସ ।

ଭାଦ୍ରବ ମାସ ଅମାବାସ୍ୟା ତିଥିରେ ମଧ୍ୟ ରାତ୍ରରେ ଦଶନ୍ତଠାକୁରଙ୍କ ନବକଳେବର ପ୍ରତିଷ୍ଠା ଉତ୍ସବ ଆୟୋଜନ କରାଯାଇଥାଏ । ଦଶନ୍ତଠାକୁରଙ୍କ ପୀଠକୁ ମାର୍ଜନା କରି ଭୂମିପୂଜା ସହିତ ମନ୍ତ୍ର ଉଚ୍ଚାରଣ କରେ ଦେହୁରୀ । ଦାରୁମୂର୍ତ୍ତିଟିକୁ ଗାଈ ଦୁଧରେ ସ୍ନାନ କରାଇ ଧଳାମାଟି, ହଳଦୀଗୁଣ୍ଡ ଓ ପାଳର ପୋଡ଼ା କଳାକୁ ମିଶାଇ ସେହି ମୂର୍ତ୍ତିଟିକୁ ବୋଳି ଦିଆଯାଏ । ମାଟିରେ ଚାରିଫୁଟ ଗଭୀର ଏକ କୁଣ୍ଡ ନିର୍ମାଣ କରାଯାଇ ମା' ବାସେଲୀକୁ ଆବାହନ କରାଯାଏ । ତାଙ୍କୁ ବଳିଭୋଗ ଦେଲା ପରେ ପୁରାତନ ଦାରୁଙ୍କ ସହିତ ନୂତନ ଦାରୁଦେବତାକୁ ଏକତ୍ର ପୂଜା କରି ସ୍ପର୍ଶ କରାଯାଏ । ଏହାର ଅର୍ଥ ପୁରାତନ ଠାକୁରଙ୍କ ରାଜକଳା ହରଣ ହୋଇ ନୂତନ ଦିଅଁଙ୍କ ପାଖରେ କେନ୍ଦ୍ରିଭୂତ ହେଲା । ଦାରୁ ଗଣ୍ଡିଟିକୁ ବାସେଲୀକୁଣ୍ଡ ଭିତରେ ଭରିଦେଲା

ବେଳେ ଦେହୁରୀ ମନ୍ତ୍ରରେ ପ୍ରାର୍ଥନା କରେ, "ହେ ମା' ବାସେଳୀ ! ହେ ଦଶନ୍ତଠାକୁର ! ଆମ ପ୍ରତି ସାହା ହୋଇଥିବ ।" କୁଣ୍ଡ ଭିତରେ ଦାରୁଦିଅଁଙ୍କୁ ଏପରି ପ୍ରତିଷ୍ଠା କରାଯାଏ ଯେ, ଏହାର ଦୁଇ ତୃତୀୟାଂଶ ମାଟି ଭିତରେ ପୋତି ହୋଇରହିବ ଏବଂ ଅନ୍ୟ ଅଂଶଟି ଖମ୍ବ ପରି ଉପରକୁ ରହିବ ।

ଅନ୍ଧକାର ରଜନୀ, ନିଶା ସାଇଁ ସାଇଁ ଗର୍ଜୁଥାଏ । ଦିଅଁଙ୍କ ପୀଠରେ ଟୋଲ ତେଲରେ ଦୀପଟିଏ ଜଳୁଥାଏ । ସେବାୟତଙ୍କ ମୁହଁରେ କଦଳୀପଟ ବନ୍ଧା ଯାଇଥାଏ; କେବଳ ଇଶାରା ମାଧ୍ୟମରେ ସେମାନେ ଭାବ ଆଦାନପ୍ରଦାନ କରନ୍ତି । ନିଶା ଶେଷ ପୂର୍ବରୁ ଦଶନ୍ତଠାକୁରଙ୍କ ନବକଳେବରର ପ୍ରତିଷ୍ଠା କର୍ମ ଅଶ୍ରୁ ଓ ଆନନ୍ଦର ସହିତ ସମାପ୍ତି ହୁଏ । ଦୁଃଖ ଏଇଥି ପାଇଁ ଯେ, ଦଶ ବର୍ଷ କାଳ ହୃଦୟ ଦେଇ ପୂଜା କରୁଥିବା ଦିଅଁଙ୍କୁ ବିସର୍ଜନ ଏବଂ ନୂତନ ଦିଅଁଙ୍କର ନବକଳେବର ମୁହୂର୍ତ୍ତରେ ଆନନ୍ଦରେ ଅଧିର । ଦିଅଁ ପ୍ରତିଷ୍ଠା ପରେ ଗ୍ରାମ ଉପାନ୍ତ ବୃକ୍ଷମୂଳେ ରାତ୍ରିଭୋଜନ ଓ ବିଶ୍ରାମ । ସୂର୍ଯ୍ୟୋଦୟ ପୂର୍ବରୁ ଶୌଚକର୍ମରେ ଗୃହ ପ୍ରତ୍ୟାବର୍ତ୍ତନ । ଏହି ଶୌଚ ଅର୍ଥ ପୁରାତନ ଦିଅଁଙ୍କ ପାତାଳି ଦିଆଯିବା ପରର ଶୁଦ୍ଧିକ୍ରିୟା ବିଧି । ଏକ ସାଧାରଣ ବୃକ୍ଷ ଭାବେ ନିତି ଦୃଶ୍ୟମାନ ହେଉଥିବା ଦାରୁ ବ୍ରହ୍ମ ସ୍ଥାପନ ପରେ ନୂଆ ଶରୀରରେ ଦଶନ୍ତଠାକୁର ଭାବରେ ଅବତୀର୍ଣ୍ଣ ହୋଇ ଜଗତର ମଙ୍ଗଳ ପାଇଁ ପତିତମାନଙ୍କୁ ଦର୍ଶନ ଦିଅନ୍ତି । କେବେ ଠାରୁ ଦଶନ୍ତଠାକୁରଙ୍କର ନବକଳେବର ଆରମ୍ଭ ହୋଇଛି ତାହାର ନିର୍ଦ୍ଦିଷ୍ଟ ଇତିହାସ ନ ଥିଲେ ମଧ୍ୟ ଅଦ୍ୟାବଧି ଏହା ଗ୍ରାମାଞ୍ଚଳରେ ଦଶବର୍ଷରେ ଥରେ ମହା ଉତ୍ସବରେ ପାଳିତ ହୋଇଆସୁଛି । ଦଶନ୍ତଠାକୁରଙ୍କ ନବକଳେବରର ନିର୍ଯ୍ୟାସ ହେଉଛି – ବ୍ରହ୍ମ ହିଁ ଜଗତର ଏକମାତ୍ର ସତ୍ୟ ଓ ଅପରିବର୍ତ୍ତନୀୟ ତତ୍ତ୍ୱ । ତାଙ୍କ ପାଖରେ ଆଶ୍ରିତ ହେବା ହିଁ ଜୀବର ପରମ ଧର୍ମ ।

'ଜଗନ୍ତ', 'ଦଶନ୍ତ' କାଳକ୍ରମେ ସଂସ୍କୃତାୟିତ ରୂପରେ ଜଗନ୍ନାଥ ଶବ୍ଦରେ ପରିବର୍ତ୍ତିତ ହେଲେ । ଜଗତର ନାଥ ଜଗନ୍ନାଥଙ୍କର ବଡ଼ଭାଇ ବଳରାମ, ବଳଭଦ୍ର । ଗାଁ' ଲୋକେ ତାଙ୍କ ବଡ଼ାମଠାକୁର ବୋଲି ପୂଜା କରନ୍ତି । ସେ କୃଷିର ଦେବତା; ଲଙ୍ଗଳ ତାଙ୍କର ଆୟୁଧ । ଲଙ୍ଗଳ ସାହାଯ୍ୟରେ ବିଶ୍ୱକୁ ଉଖାଡ଼ି ପକାନ୍ତି । କୃଷିଜୀବି ଗ୍ରାମବାସୀ ଗାଁ' ମଧ୍ୟରେ ବୃକ୍ଷମୂଳେ ବଡ଼ାମଙ୍କର ଆସ୍ଥାନ କରିଥାଆନ୍ତି । ତାଙ୍କର ମଣ୍ଡପକୁ ଲିପାପୋଛା କରି ଝୋଟି ଦେଇ ସଜାଇଥାଆନ୍ତି । ଚାଷୋପକରଣ ନୂଆ କରି ବ୍ୟବହାର କରିବା ପୂର୍ବରୁ କୃଷକ ବଡ଼ାମଶାଳରେ ପୂଜା କରେ । ଚାଷୀଙ୍କର ଲଙ୍ଗଳ, ଜୁଆଡ଼ି, ମଇ, ଈଶ, କୋରଡ଼ ଆଦି ପବିତ୍ର ଚାଷୋପକରଣ । ସେଗୁଡ଼ିକ ଅକାମି ହୋଇଗଲେ ବଡ଼ାମଠାକୁରଙ୍କ ପାଖରେ ଜିମା ଦିଅନ୍ତି । ବାଡ଼ିବଗିଚାର ନୂଆ ଫୁଲମୂଳ, ପନିପରିବା ଓ ପ୍ରଥମ କରି କୁକୁଡ଼ା ଦେଇଥିବା ଅଣ୍ଡାଟିକୁ ଠାକୁରଙ୍କୁ ଅର୍ପଣ କରନ୍ତି ।

ଚୈତ୍ରମାସର ଏକ ପବିତ୍ର ତିଥିରେ ବଡ଼ାମଠାକୁରଙ୍କର ଘୋଷଯାତ୍ରା ହୁଏ । ତାଙ୍କୁ ଗାଁ'ଦାଣ୍ଡରେ ଘୋଷରାଯାଏ । ଜଗତବାସୀଙ୍କୁ ଦର୍ଶନ ଦେବା ତାଙ୍କର ଅଭିଳାଷ । ଏହାକୁ 'ମଣ୍ଡାଠେଙ୍ଗା' ବା 'ଡାଳଭାଙ୍ଗୁଣୀ' ପର୍ବ କୁହାଯାଏ । ଗ୍ରାମବାସୀ ଜଙ୍ଗଲରୁ ଶାଳଗଛର ଗଜାଟିଏ ଭାଙ୍ଗି ଆଣି ପବିତ୍ର ତୁଳସୀ ପତ୍ରରେ ସ୍ନାନ କରାଇ ସଜ କରାନ୍ତି । ଗଛଟିର ମଧ୍ୟ ଭାଗରେ ପାଳବେଣ୍ଟି ଗୁଡ଼ାଇ ଦିଆଯାଏ । ଏହା ଠାକୁରଙ୍କ ପରିଧାନ । କଜ୍ଜଳ ଲଗାଇ ଚକ୍ଷୁଦାନ କରାଯାଏ, ଶ୍ରୀ ଓ ସୌନ୍ଦର୍ଯ୍ୟ ପାଇଁ ସିନ୍ଦୁର ବୋଳି ଦିଆଯାଏ ମଥାରେ । ମୁଣ୍ଡରେ ମୟୂରଚୂଳ, ଗଳାରେ କରାଟ ଫୁଲମାଳ । କଳା, ଧଳା ଓ ହଳଦୀ ରଙ୍ଗର ନେତ ବନ୍ଧାଯାଏ । ଅଧରରେ ଅମୃତପଣା । ଏହି ଦାରୁଟି ବଡ଼ାମବୁଢ଼ା (ବଳରାମ) ରୂପେ ପୂଜା ପାଇଲେ ମଧ୍ୟ ତିନିଠାକୁରଙ୍କ ପ୍ରତିନିଧିତ୍ୱ

କରନ୍ତି । ବଡ଼ାମଶାଳରେ ଏହି ଦାରୁଦେବତାଙ୍କୁ ଡେରି ଦିଆଯାଏ ଏବଂ ଗ୍ରାମବାସୀଙ୍କ ଗହଣରେ ଦେହୁରୀ ପୂଜା କରେ । ଲଳନାମାନେ ପୂଜା ସାମଗ୍ରୀ ନେଇ ଆସନ୍ତି । ବାଦ୍ୟନାଦରେ ପୂଜାମଣ୍ଡପ ମୁଖରିତ ହୁଏ । ଏହି ସମୟରେ କାଳସୀ ଆସନ୍ତି । ଏମାନେ ଦେବାଦେବୀଙ୍କର ପ୍ରତିନିଧିତ୍ୱ କରନ୍ତି । ରାତ୍ରରେ ସୁଲଳିତ ସଂଗୀତ ବୋଲାଯାଏ । ସଂଗୀତରେ ଭକ୍ତି, ପ୍ରେମ, ବିବାହ ଓ ବୋଲିବାଣୀ ଭରି ରହିଥାଏ ।

ତା’ ଆରଦିନ ମଣ୍ଡାପିଠା ଓ ପଣାଭୋଗ ପ୍ରସ୍ତୁତ କରାଯାଏ । ବଡ଼ାମଠାକୁର ବଡ଼ାମଣି ଓ ଅନ୍ୟାନ୍ୟ ଦେବାଦେବୀଙ୍କର ସନ୍ତୋଷବିଧାନ ପାଇଁ ପଣାଭୋଗ ପ୍ରଦାନ କରାଯାଏ । ଗ୍ରାମର ଚାରିଦିଗକୁ ଅମୃତ ହାଣ୍ଡି ପଠାଯାଏ । ଏହାପରେ ବଡ଼ାମଠାକୁରଙ୍କ ଘୋଷଯାତ୍ରା ଆରମ୍ଭ ହୁଏ । କାଳସୀମାନେ ଦାରୁଦେବତାଙ୍କୁ କାନ୍ଧରେ ବୋହି ଆବାଳବୃଦ୍ଧବନିତାଙ୍କ ଗହଣରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରନ୍ତି । ପ୍ରତ୍ୟେକ ଗୃହସ୍ଥ ଠାକୁରଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରନ୍ତି । ଶୋଭାଯାତ୍ରା ଗ୍ରାମ ଉପକଣ୍ଠରେ ପହଞ୍ଚିଲା ପରେ ସେଠାରେ ଥିବା ଝଙ୍କାଳିଆ ଗଛ ଶାଖରେ ବଡ଼ାମଠାକୁରଙ୍କୁ ଥୋଇଦେଇ ପୂଜାର୍ଚ୍ଚନା ସହିତ ମଣ୍ଡାପିଠା ଭୋଗ ଅର୍ପଣ କରାଯାଏ । ମନ୍ତ୍ର ଉଚ୍ଚାରଣ ସହିତ ଦେହୁରୀ କହେ, “ବଡ଼ାମବୁଢ଼ା ଏଇଠି ରହି ଗାଁ’ ଜଗିଥା । ଭୂତ, ପ୍ରେତ, ଡାହାଣୀ, ରୋଗବେମାର, ବାଘ, ଭାଲୁ କାହାରିକୁ ଗାଁ’ ଭିତରକୁ ଛାଡ଼ିବୁ ନାହିଁ... ଆସନ୍ତା ସାଲକୁ ଯେମିତି ଭଲ ଚାଷବାସ, ଛୁଆପିଲା କୁଶଳରେ ରହିବେ... ଆମ ଆଡ଼େ ଅନେଇଥିବୁ... ପର କରିବୁ ନାଇଁ । ଆଉ କି ମାଗ୍‌ବି ମହାପୁର, ତୁଇତ ଆମର ସବୁ ।”

ରଥଯାତ୍ରାରେ ତିନିଦିଅଁ ମାଉସୀ ଘରକୁ ଯାଆନ୍ତି । ବଡ଼ାମବୁଢ଼ା ବି ଦାରୁଦେବତା । ବୃକ୍ଷ ଅଙ୍ଗରୁ ତାଙ୍କର ସୃଷ୍ଟି । ଏହି ସଂପର୍କରେ ଅନ୍ୟବୃକ୍ଷ ତାଙ୍କର ମାଉସୀ ନିଶ୍ଚୟ । ତିନିଦିଅଁ ମାଉସୀ ଘରକୁ କୁଣିଆଁ ଗଲା ପରି ବଡ଼ାମବୁଢ଼ା (ବଳରାମ) ଝଙ୍କାଳିଆ ବୃକ୍ଷକୁ ମାଉସୀଘର ଭାବି ବିଜେ କରନ୍ତି । ଏମାନେ ମାଉସୀଘରେ ପୋଡ଼ପିଠା ଖାଇଲା ପରି ବଡ଼ାମ ମଣ୍ଡାପିଠା ଖାଆନ୍ତି । ଦାରୁକୁ ଠେଙ୍ଗା ମଧ୍ୟ କୁହାଯାଏ । ଏଣୁ ମଣ୍ଡା ଖାଉଥିବା ଠେଙ୍ଗାଙ୍କୁ ମଣ୍ଡାଠେଙ୍ଗା କୁହାଯାଇଥାଏ ।

ଚତୁର୍ଦ୍ଧାମୂର୍ତ୍ତିଙ୍କ ସହିତ ଦଶନ୍ତଠାକୁରଙ୍କର ନବକଳେବର ବିଧିବିଧାନ ଓ ଘୋଷଯାତ୍ରାର ଅନେକ ସାମ୍ୟ ପରିଲକ୍ଷିତ ହୋଇଥାଏ । ଉଭୟ ଠାକୁରଙ୍କ କଳେବର ନିମ୍ବ ବୃକ୍ଷରେ ନିର୍ମିତ, ଆଜ୍ଞାମାଳ, ବନଯୋଗ ଯାତ୍ରା, ଆଦ୍ୟାଶକ୍ତିଙ୍କୁ ସ୍ମରଣ, ଶବର ବଂଶର ଅଂଶଗ୍ରହଣ, କାଳସୀ, ପୂଜାବିଧି ଓ ଘୋଷଯାତ୍ରାରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ମହାପ୍ରଭୁ ଜଗନ୍ନାଥଙ୍କର ପତିତପାବନ ଯାତ୍ରା ବା ଘୋଷଯାତ୍ରା ଦଶାବତାର ଲୀଳାର ସମ୍ବନ୍ଧ । ପୁଣି ତାଙ୍କ ଅଣସର ସମୟରେ ରାଜବୈଦ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦଶମଦିନ ଦଶମୂଳ (ଚେରମୂଳି) ଔଷଧ ଖାଇ ସୁସ୍ଥ ହୁଅନ୍ତି । ଏଣୁ ‘ଦଶ’ ଶବ୍ଦଟି ଦାରୁଦେବତା ଜଗନ୍ନାଥଙ୍କ ସହିତ ଦଶନ୍ତ ଠାକୁରଙ୍କୁ ଭାବଗତ ସଂପର୍କ ଯୋଡ଼ି ମହିମାନ୍ୱିତ କରିଥାଏ ।

ତେବେ ପାର୍ଥକ୍ୟ ଏତିକି ଯେ ଯୋଡ଼ା ଆଷାଢ଼ରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ନବକଳେବର ହେଲା ବେଳେ ଦଶନ୍ତଠାକୁରଙ୍କର ପ୍ରତ୍ୟେକ ଦଶବର୍ଷରେ ଥରେ ନୂଆ ଘଟ ପରିବର୍ତ୍ତନ ହୋଇଥାଏ । ରାଜକୀୟ ପ୍ରାଚୁର୍ଯ୍ୟ, ଐଶ୍ୱର୍ଯ୍ୟ ପରିବେଶରେ ଜଗନ୍ନାଥଙ୍କର ନବକଳେବର, ଘୋଷଯାତ୍ରା, ବାରମାସେ ତେରପର୍ବ, ଦେଶବିଦେଶରେ ଖ୍ୟାତି ଓ ପ୍ରଚାର ପ୍ରସାର ଥିବା ବେଳେ ଦଶନ୍ତଠାକୁରଙ୍କ ଉତ୍ସବ ସରଳ, ନିରାଡ଼ମ୍ବର ଗ୍ରାମୀଣ ପରିବେଶରେ

ପାଳିତ ହୋଇଥାଏ । ପୁଣି କାଳିଆ ଠାକୁରଙ୍କ ଅସୁମାରୀ ସ୍ଥାବର ଅସ୍ଥାବର ସମ୍ପତ୍ତି, ମହୋଦଧି ଘେରା ମୁକ୍ତାକାଶ ତଳେ ଦଶନ୍ତଠାକୁରଙ୍କ ପୀଠସ୍ଥଳୀ । ଏସବୁ ସତ୍ତ୍ୱେ ଉଭୟେ ଏକ ବ୍ରହ୍ମ; ଦାରୁବ୍ରହ୍ମ । ସେହି ଉଚ୍ଚତର ସତ୍ତା ଆବହମାନ କାଳରୁ ଜଗନ୍ନାଥ ସଂସ୍କୃତିରେ ଦାରୁବ୍ରହ୍ମ ବା ଦାରୁଦେବତାଙ୍କ ଭଜନ, ପୂଜନ ଓ ଆତ୍ମ ନିବେଦନ ଗାଥା ବିଶ୍ୱଜନ ସମୂହକୁ ଆକର୍ଷିତ କରି ରଖିଛି ।

**ଶବ୍ଦାର୍ଥ :**

| | | |
|---|---|---|
| କୁମ୍ବା | – | କୁଡ଼ିଆ |
| ବେଣ୍ଟି | – | ପାଳରେ ତିଆରି ମୋଟା ଦଉଡ଼ି |
| ଗଜା | – | କଅଁଳିଆ ଗଛ |
| ଝାଡ଼ଦେବତା | – | ଜଙ୍ଗଲ ଦେବତା |
| ମଞ୍ଚା | – | ଭାଡ଼ି |
| ଡେରି | – | ଆଉଜାଇ ଦେଇ |
| ଟୋଲ | – | ମହୁଲ ଗଛର ଫଳ |
| କୋରଡ଼ | – | ମାଟି ଘୋଷାରି ନେବା ପାଇଁ ବ୍ୟବହୃତ କାଠ |

**ସହାୟକ ସୂଚୀ**

୧। କାଦମ୍ବିନୀ, ସ୍ୱନକ୍ଷତ୍ର, ସ୍ୱତନ୍ତ୍ର, ଜୁଲାଇ - ୨୦୧୨, ପୃଷ୍ଠା - ୩୮
୨। ସମାଜ, ରବିବାର, ଜୁଲାଇ - ୨୦୧୧, ପୃ - ୫
୩। Tribes of Orissa, Harijan and Tribal Welfare, Department, Govt. of Odisha, Bhubaneswar, Page-11
୪। ଶ୍ରୀଭଞ୍ଜଭୂମି କେନ୍ଦୁଝରୀ, ନୀଳାଚଳ ପ୍ରକାଶନୀ, ବଡ଼ବିଲ, କେନ୍ଦୁଝର, ପୃ-୩୬୦
୫। ଶ୍ରୀଭବାନୀଶଙ୍କର କାଲେ, ଆଦିବାସୀ ଗଣ୍ଡ ସଂସ୍କୃତି ଗବେଷକ ଏବଂ ସଂଗ୍ରାହକ ।
୬। କ) ଗବେଷଣା କ୍ଷେତ୍ର - ଜାଲି, ଭୋଇପାଲି, ଗଣ୍ଡବରେଇ
ଖ) ବ୍ୟକ୍ତି - ରଙ୍ଗାଧର ନାଏକ (ପୂଜକ), ସତ୍ୟବାନ ସିଂହ (ପଧାନ), ଶ୍ୟାମଘନ ନାଏକ, ରାହାସ ବିହାରୀ ସିଂହ, ପାହାଡ଼ ସିଂହ, ପ୍ୟାରୀ ସିଂହ, ବୁଟୁ ନାଏକ, ପ୍ରମିଳା ନାୟକ, କାଳିଆ ସିଂହ, କମଳ ନାଏକ ।

ସା/ପୋ-ଜାଲି, ଜିଲ୍ଲା - କେନ୍ଦୁଝର
ମୋ : ୦୯୪୩୭୨୪୬୫୭୭

□□□

# ଜୁଆଙ୍ଗମାନଙ୍କର ପୁଷ୍‌ପୁନେଇ

ଡ. ନୀଳାଦ୍ରି ବିହାରୀ ମିଶ୍ର

ଜୁଆଙ୍ଗମାନେ ପ୍ରାଚୀନ ଜନଜାତି ଓଡ଼ିଶାର କେନ୍ଦୁଝର ଜିଲ୍ଲାର ଗୋନାସିକା ଏମାନଙ୍କର ମୁଖ୍ୟ ଆବାସ । ସ୍ମୃତି ସଂପନ୍ନ ଜନଜାତି ହିସାବରେ ନୃତ୍ୟ, ଗୀତ, ପର୍ବପାଳନ ପ୍ରଭୃତି ପାଇଁ ଯଥେଷ୍ଟ ଖ୍ୟାତି ଅର୍ଜନ କରିଛନ୍ତି । ସେମାନେ ପାଳନ କରୁଥିବା ବିଭିନ୍ନ ପର୍ବପର୍ବାଣୀ ମଧ୍ୟରୁ ପୁଷ୍ ପୁନେଇ ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ । ସ୍ଥାନ ଭେଦରେ ଏହାକୁ ପୁଷ୍‌ପୁନେଇ, ନଡ଼ାଉଠା, ଗାଁବନ୍ଧା ନାମରେ କହିଥାନ୍ତି । ମାଘ ବା ପୌଷ ମାସରେ ପାଳିତ ହେଉଥିଲେ ମଧ୍ୟ ଏହି ପର୍ବପାଳନ ନିମନ୍ତେ ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ ହୋଇନଥାଏ । ସାଧାରଣତଃ ରାଶି (ଅଳସି) ଫସଲ ଅମଳ ପରେ ତଥା ଗ୍ରାମବାସୀ ତାଙ୍କର ଋଣ ଶୁଝିଦେବା ପରେ ଏହି ପର୍ବ ପାଳନ କରାଯାଇଥାଏ । ଏଥିପାଇଁ ଗ୍ରାମର ବାରଭାଇ ମଜାଙ୍ଗରେ ପର୍ବପାଳନର ଦିନ ସ୍ଥିର କରିବା ପରେ ଡାକୁଆ ମାଧ୍ୟମରେ ସମସ୍ତଙ୍କୁ ଖବର ଦିଆଯାଏ । ଏହାଛଡ଼ା ମଜାଙ୍ଗ ପାଖରେ ଠିଆ ହୋଇ ବଡ଼ ପାଟିରେ ପର୍ବପାଳନ ଦିନଟି ଘୋଷଣା କରାଯାଏ । ସେହି ଅନୁସାରେ ଗ୍ରାମବାସୀମାନେ ଘର ଲେସିବା, ଲିପାପୋଛା, ଲୁଣ୍ଡାଦେବା, ନୂଆ ଲୁଗାପଟା କିଣିବା, ବନ୍ଧୁବାନ୍ଧବ ନିମନ୍ତ୍ରଣ କରିବା, ଖାଦ୍ୟଶସ୍ୟ ବ୍ୟବସ୍ଥା କରିବା ପ୍ରଭୃତି କାମ କରିଥାନ୍ତି ।

ପୁଷ୍‌ପୁନେଇ ପର୍ବ ସାଧାରଣତଃ ତିନି ଦିନ ଧରି ପାଳନ କରାଯାଏ । ପ୍ରଥମ ଦିନ ଭାତ ଖିଆ ଓ ପିତୃ ପୁରୁଷଙ୍କୁ ଅର୍ପଣ, ଦ୍ୱିତୀୟ ଦିନ ବଳିପୂଜା ଓ ପିଠାଖିଆ, ତୃତୀୟ ଦିନ ଗାଁ'ବନ୍ଧା ଓ ଗ୍ରାମବାସୀଙ୍କୁ ଆଶିଷ ପ୍ରଦାନ । କେତେକ ଗ୍ରାମରେ ଆର୍ଥିକ ସ୍ଥିତିକୁ ଆଧାର କରି ପୁଷ୍ ପୁନେଇ ଦୁଇ ଦିନ କିମ୍ବା ଏକ ଦିନରେ ସମ୍ପନ୍ନ କରାଯାଏ ।

ପୁଷ୍‌ପୁନେଇ ପାଳନର ପୂର୍ବଦିନକୁ ବାରରୁଆ କୁହାଯାଏ । ପୂଜାର୍ଚ୍ଚନାର ପବିତ୍ରତା ଏବଂ ଶୁଦ୍ଧତା ନିମନ୍ତେ ସେଦିନ ନାଗମ୍, ଡାକୁଆ, ଆରଧନ୍, ତଣ୍ଡକାର ଏବଂ ନାଇକ ପ୍ରଭୃତି ନିୟମ ନିଷ୍ଠାର ସହିତ ଚଳନ୍ତି । ବାରରୁଆ ଦିନ ରାତି ସେମାନେ ସମସ୍ତେ ଆତ୍ମସଂଯମ ରକ୍ଷା କରିବା ପାଇଁ ସ୍ତ୍ରୀ ଠାରୁ ଦୂରେଇ ରହିଥାନ୍ତି । ପର୍ବପାଳନ ସମୟରେ ପୂଜାବିଧିରେ ଭାଗ ନେଉଥିବା ନାଗମ୍ ଇତ୍ୟାଦିଙ୍କର ସ୍ତ୍ରୀମାନଙ୍କର ଅଶୌଚ ହେଲେ ସେମାନେ ପର୍ବପାଳନରେ ଭାଗ ନେଇ ପାରିବେ ନାହିଁ । ଏପରିସ୍ଥଳେ ପର୍ବପାଳନର ଦିନଟିକୁ କିଛିଦିନ ଘୁଞ୍ଚାଇ ଦିଆଯାଏ ।

ପୁଷ୍ ପୁନେଇ ପାଳନର ପ୍ରଥମ ଦିନକୁ ତଅଣଅବା ବା ଭାତଖିଆ କହନ୍ତି । ସେଦିନ ସକାଳ ବେଳା ନାଗମ୍ ଘରେ ପୂଜାସାମଗ୍ରୀ ପ୍ରସ୍ତୁତ କରି ବଡ଼ ଡାଲାରେ ରଖାଯାଏ । ନାଗମ୍ ଗାଧୋଇ ଆସି ପୂଜାଡାଲା ଧରି ଅନ୍ୟାନ୍ୟ ସହାୟକ ସହ ପହଞ୍ଚିବା ସମୟରେ ଗ୍ରାମବାସୀଙ୍କ ଗହଣରେ ସେମାନଙ୍କୁ ଢୋଲବଜାଇ ଗ୍ରାମଶିରି ପାଖକୁ ପାଛୋଟି ଅଣାଯାଏ । ମଜାଙ୍ଗ୍ ପାଖରେ ଥିବା ଗ୍ରାମଶିରି ଠାକୁରାଣୀ ପାଖରେ ନାଗମ୍, ହଳଦୀ ଗୁଣ୍ଡରେ ଗାରଟାଣି, ଚାଉଳ କୁଢ଼ିଦେଇ, ସଳିତା ଜାଳି, ଢୋଲ ବଜାଇ, ଗୁଡ଼ ଭୋଗ ଦେଇ ଗ୍ରାମର ଗାଈ,

ଛେଳି, ମେଣ୍ଢା ଏବଂ କୃଷି ଉତ୍ପାଦନର ସୁରକ୍ଷା ଓ ମଙ୍ଗଳ କାମନା କରି ପୂଜାର୍ଚ୍ଚନା କରିଥାଏ । ଏହି ସମୟରେ ଡାକୁଆ ଆରଧନ୍, ଅଧିକାରୀ, ନାଇକ ଏବଂ କାମନ୍ଦକୀ ପ୍ରଭୃତି ପୂଜା ପାଖରେ ଉପସ୍ଥିତ ହୋଇଥାନ୍ତି । ଏହି ପୂଜାର୍ଚ୍ଚନା ପରେ ଗାଁ'ରେ ପୁଷ୍ ପୁନେଇ ପାଳନ ଆରମ୍ଭ କରାଯାଏ । ପୂର୍ବଦିନର ନାଗମ୍‌ର ସ୍ତ୍ରୀ ନିଜ ଘରର ଅଣଶାକୁ ଲେସା, ଲିପାପୋଛା ସହିତ ଗୋବରାଇ ଥାଏ । ସେଦିନ ସକାଳୁ ନାଗମ୍‌ର ସ୍ତ୍ରୀ ଧାନକୁଟି ଗୋଟିଏ ନୂଆ କୁଲାରେ ଚାଉଳ ପାଛୁଡ଼ି ରଖିଥାଏ । ନାଗମ୍ ଘରକୁ ଆସି ନୂଆ ଲୁଗାପଟା ପିନ୍ଧି ଅଗଣାରେ ପାଞ୍ଚପାଇ ଧାନମାପି, କୁକୁଡ଼ା ବଳି ଦେଇ ନିଜର ଇଷ୍ଟ ଦେବଦେବୀଙ୍କୁ ପୂଜାକରେ । ଅଗଣାରେ ଧାନ ମାପିବା ସମୟରେ ଧାନ ଗୁଡ଼ିକ ନାଗମ୍‌ର ଘରଆଡ଼କୁ ଚହଲି ରହିଲେ ସେ ବର୍ଷ ଭଲ ଫସଲ ହେବ ବୋଲି ବିଶ୍ୱାସ କରାଯାଏ । ଯଦି ଧାନଗୁଡ଼ିକ ବାହାର ଆଡ଼କୁ ଚହଲି ରହେ ତେବେ ଗ୍ରାମବାସୀ ଭଲ ଫସଲ ପାଇବେ ବୋଲି ବିଶ୍ୱାସ କରାଯାଏ । ନାଗମ୍ ଶସ୍ୟ ଢାଳିବା ପରେ ଆରଧନ୍ ଶସ୍ୟ ଢାଳେ ଏବଂ ତା'ପରେ ବୟସାନୁକ୍ରମେ ପୂଜାବିଧି ସହ ସମ୍ପୃକ୍ତ ଅନ୍ୟମାନେ ଶସ୍ୟ ଢାଳନ୍ତି । ଏହାପରେ ନୂଆ ପଟିଆରେ ନାଗମ୍ ବସେ ଏବଂ ଗ୍ରାମର ପରିବାର ମୁଖ୍ୟମାନେ ଧାନ, ମାଣ୍ଡିଆ, ଗଙ୍ଗେଇ ପ୍ରଭୃତି ଆଣି ଉପହାର ଦେଇଥାନ୍ତି । ପରିବାର ମୁଖ୍ୟମାନେ ଉପହାର ଶସ୍ୟ ଢାଳିବା ସମୟରେ ଏପରି ଢାଳନ୍ତି ଯେପରି ଶସ୍ୟଗୁଡ଼ିକ ତାଙ୍କ ଆଡ଼କୁ ଚହଲି ରହିବ ଏବଂ ଏହାକୁ ଉନ୍ନତିର ଲକ୍ଷଣ ବୋଲି ଗ୍ରହଣ କରାଯାଏ । ଗ୍ରାମର ବାହାରେ ରହି କାମ କରୁଥିବା ବ୍ୟକ୍ତିମାନେ ଏଥିରେ ଭାଗ ନେଇପାରନ୍ତି ନାହିଁ କାରଣ ତାଙ୍କୁ ଗ୍ରାମବାସୀ ରୂପେ ଗଣାଯାଏ ନାହିଁ । ଶସ୍ୟ ଢାଳିବା ସରିବା ପରେ ନାଗମ୍ ଦୁଇଟି କୁକୁଡ଼ା ଚିଆଁ ବଳିଦେଇ ରକ୍ଷାକର୍ତ୍ତା ଦେବାଦେବୀଙ୍କୁ ପୂଜାକରେ । ଶସ୍ୟଗୁଡ଼ିକରୁ କିଛି, ଅଲଗା ପୁଡୁଗ ବାନ୍ଧି ଗ୍ରାମବାସୀମାନେ ବୁଣାବୁଣି କରିବା ନିମନ୍ତେ ମଜାଙ୍ଗ୍‌ରେ ରଖିଥାନ୍ତି । ଅଗଣାରେ ନାଗମ୍‌କୁ ସେହିବର୍ଷ ହୋଇଥିବା ପାହାଡ଼ି ଧାନର ନଡ଼ାର ଗୋଟିଏ ବିଡ଼ା, ନୂଆ ଦୋକତା ସହିତ ଦିଆଯାଏ । ନାଗମ୍ ନଡ଼ାବିଡ଼ାରେ ଅଗ୍ନି ସଂଯୋଗ ସହିତ ଦୋକତାକୁ ପିକାକରି ସେଥିରେ ନିଆଁ ଧରାଏ । ଏହା ପୂର୍ବରୁ ଜୁଆଙ୍ଗମାନେ କୁଟାରେ ବା ନଡ଼ାରେ ବେଣ୍ଟି ତିଆରି କରନ୍ତି ନାହିଁ କିମ୍ବା ବେଣ୍ଟିରେ ନିଆଁ ରଖନ୍ତି ନିହଁ । ମଜାଙ୍ଗ୍‌ରେ ଏକାଠି ହୋଇ ଗ୍ରାମର ବୟସ୍କ ଲୋକମାନେ ଝୁରି ପକାନ୍ତି । ବଳି କୁକୁଡ଼ାର ମୁଣ୍ଡ ଏବଂ ପୂଜାରେ ବ୍ୟବହୃତ ଚାଉଳକୁ ରାନ୍ଧି ଯୁବକ ଏବଂ ପୂଜାରେ ଭାଗ ନେଇଥିବା ବ୍ୟକ୍ତିମାନେ ମାଂସ ଓ ଭାତ ରାନ୍ଧି ଖାଇଥାନ୍ତି । ପରିବାରର ସଦସ୍ୟମାନେ ଦେଇଥିବା ଖାଦ୍ୟଶସ୍ୟ କିଛି ନାଗମ୍ ଓ ତା'ର ସ୍ତ୍ରୀ, ଯୁବକ, ଯୁବତୀ ଗୋଷ୍ଠୀ ଏବଂ ଗ୍ରାମବାସୀମାନେ ସମାନ ଚାରିଭାଗ କରି ନେଇଥାନ୍ତି ।

ସାଧାରଣତଃ ସେହିଦିନ ଏକ ନୂଆ ହାଣ୍ଡିରେ କ୍ଷୀର, ଗୁଡ଼, ଚାଉଳ ପକାଇ ଅରୁଆ ଭାତ ଗ୍ରାମ ବାହାରେ ରାନ୍ଧି ପିତୃପୁରୁଷଙ୍କୁ ଅର୍ପଣ କରାଯାଏ । ଅର୍ପିତ ଅରୁଆଭାତ ଗୋଟିଏ କଣ୍ଟାଥିବା ଡାଳରେ ଟାଙ୍ଗି ଦିଆଯାଏ । ପାହାଡ଼, ଜଙ୍ଗଲ, ଝରଣାରେ ବାସ କରୁଥିବା ଦେବାଦେବୀ, ଭୂତପ୍ରେତ ସମସ୍ତେ ସେଥିରୁ ଭାଗ ପାଇଥାନ୍ତି । ଗ୍ରାମକୁ ଫେରି ବୟସ୍କ ପୁରୁଷମାନେ ଏକାଠି ହୋଇ ଝୁରି ପକାଇ ଥାଆନ୍ତି । ସେଦିନ ସନ୍ଧ୍ୟାରେ ମଜାଙ୍ଗ୍ ପ୍ରାଙ୍ଗଣରେ ଚାଙ୍ଗୁନାଚ ଅନୁଷ୍ଠିତ ହୁଏ । ଏଥିପାଇଁ ବନ୍ଧୁଗ୍ରାମର ଯୁବକ କିମ୍ବା ଯୁବତୀମାନଙ୍କୁ ନିମନ୍ତ୍ରଣ

କରାଯାଇଥାଏ । ପ୍ରଥାନୁସାର ରାତିସାରା ଯୁବକ ଯୁବତୀମାନେ ନାଚ କରିବା ଏବଂ ନାଚ ସମୟରେ ପରସ୍ପର କୌତୁକ ଥଟ୍ଟା ପରିହାସ କରିଥାନ୍ତି ।

ଡୁବ୍ ଡିରିତେ ତବ୍ ଡିରି ସେକେ
ନାଟକ ଜେନାକି, ଗୀତବ ଜେନା
ଅଲୁଁଗା ଉଣ୍ଡିର ସେକେ ।୧
ଶିମରେ ଲେରାବ ସେକେ
ନାଟକ ଜେନା କି, ଗୀତବ ଜେନା
ଅଲୁଁଗା ଲାରା ସେକେ ।୨
ଶିମରେ ଲଲିଆଇ ସେକେ
ଜାରଖଣ୍ଡରା ଶାଲିରା ଏଞ୍ଜୋ ବାରେ
ଡେନ୍ ଚେରେଜୁ ବିରିତେ ଉଲିଆ ସେକେ ।୩
ଗିମା ରେର୍ ଗାଏ ଗାମ୍
ଜାନିଆ ସପସପତେ
ଅଙ୍ଗଜ୍ ଜୀବନରେ ଗାଏଗାମ୍ ।୪

ଅର୍ଥ : ଉଇ ଲାଗିଛି । ନାଚ ନାଚିବାକୁ କିମ୍ବା ଗୀତ ଗାଇବାକୁ ଆସୁନାହିଁ । ଯୁବତୀଟି କେବଳ ଭିତରେ ଥାଇ ଶୁଣୁଛି । ଶିମ୍ବ ମଞ୍ଜିଟି ଗଜା ହୋଇଛି । ତା'ର ନାଚ କରିବାରେ ମନ ନାହିଁ କିମ୍ବା ଗୀତ ବୋଲିବାରେ ମନ ନାହିଁ । ଖାଲି ଭିତରେ ଥାଇ ହସୁଛି । ଶିମ୍ବ ଗଛଟି ଲଟେଇଛି । ଝାରଖଣ୍ଡରୁ ଶାଳୀ ଆସିଛି । କୌଣସି କଥା ପାଇଁ ଅଳିକରୁଛି । ବର୍ଷା ଝିପି ଝିପି ବରଷୁଛି, କନିଆ ଝିଙ୍କା ହେବା କଥା ଶୁଣି ଯୁବତୀଟି ଡରିଯାଉଛି ।

ପୁଷ ପୁନେଇ ପାଳନର ଦ୍ୱିତୀୟ ଦିନକୁ ଅଲକ୍ଅବା କିବା ପିଠାଖିଆ କହିଥାନ୍ତି । ପ୍ରଥମ ଦିନ ପରିବାରର ମୁଖ୍ୟମାନେ ପାଇଥିବା ଶସ୍ୟଭାଗରୁ ପିଠାପ୍ରସ୍ତୁତ କରିଥାନ୍ତି । ଏହା ବ୍ୟତୀତ ନାଗମ୍ ଘରକୁ ଶସ୍ୟ ନେଇଯାଇଥିବା ବ୍ୟକ୍ତିମାନେ ଗାଁ' ଭାଗରୁ ପ୍ରସ୍ତୁତ ପିଠାରୁ ସମାନ ଭାଗ ପାଇଥାନ୍ତି । ଯୁବକ ଏବଂ ଯୁବତୀମାନେ ପାଇଥିବା ଶସ୍ୟଭାଗରେ ପିଠାତିଆରି କରି ମଜାଙ୍ଗ୍ର ସଦସ୍ୟ, ନବଦମ୍ପତି, କମଣ୍ଡରା, ସେଲାନ୍ ବସାର ନୂଆ ହୋଇଥିବା ସଭ୍ୟା ପ୍ରଭୃତିଙ୍କୁ ଦେଇଥାନ୍ତି ।

ଜୁଆଙ୍ଗମାନେ ପିତୃପୁରୁଷ, ଆତ୍ମା, ନଦୀ, ବୃକ୍ଷ, ଦେବାଦେବୀ ପ୍ରଭୃତିଙ୍କୁ ଭୟ କରନ୍ତି । ସେମାନଙ୍କୁ ଅବହେଳା କଲେ ଗ୍ରାମର ମଣିଷ, ପଶୁପକ୍ଷୀ, ଫସଲ ଉତ୍ପାଦନ ସବୁଥିରେ ହାନି ହୋଇପାରେ । ଏଣୁ ଦ୍ୱିତୀୟ ଦିନ ଉପରବେଳା ନାଗମ୍ ଦୁଇଟି ବୋଦା ଏବଂ କୁକୁଡ଼ା ନେଇ ଗ୍ରାମବାହାରେ ତଇଲା ରାସ୍ତାରେ କିଛିବାଟ ଯିବା ପରେ ଥାନପତି, ବୁଢ଼ିତିନିପାଟ ଏବଂ ସୁରକ୍ଷାକାରୀ ଦେବାଦେବୀଙ୍କ ଉଦ୍ଦେଶ୍ୟରେ ପୂଜାକରି ବଳି

ଦେଇଥାଏ । ମଜାଙ୍ଗରେ ଥିବା ଢୋଲ, ଚାଙ୍ଗୁ, ବଡ଼କାଠ ସେଠାକୁ ନିଆଯାଏ ଏବଂ ସେ ସବୁକୁ ପୂଜାକରି ବଜାଯାଏ । ପୂଜା କରିବା ସମୟରେ ଆସନ୍ତା ବର୍ଷ ପାଇଁ ନାଗମ୍ ଗ୍ରାମର ସର୍ବମଙ୍ଗଳ କାମନା କରିଥାଏ । ଗ୍ରାମର ପ୍ରତ୍ୟେକ ଘରୁ ଚାଉଳ ସଂଗ୍ରହ କରି ସେଠାକୁ ନେଇଥାନ୍ତି । ବଳିପଶୁର ମାଂସ ଏବଂ ଭାତରାନ୍ଧି ଗ୍ରାମବାସୀ ଆନନ୍ଦରେ ମାଂସ ଭାତ ଖାଇଥାନ୍ତି ।

ପୁଷ୍ ପୁନେଇଁର ତୃତୀୟ ଦିନ ଗାଁବନ୍ଧା କରାଯାଇଥାଏ । ଦୁଷ୍ଟ ଆତ୍ମା, କୁଦୃଷ୍ଟି, ବିପତ୍ତି ଗ୍ରାମ ଭିତରକୁ ଯେପରି ପ୍ରବେଶ କରି ନ ପାରେ ତଥା ଗ୍ରାମର ଏକତା ବଜାୟୀ ରହେ ସେଥିପାଇଁ ଏହା ପାଳନ କରାଯାଏ । ଏହିଭଳି ମଜାଙ୍ଗ୍‌ର ପ୍ରାଙ୍ଗଣରେ ନାଗମ୍ ପୂଜାପାଠ ଯଥାବିଧି କରିଥାଏ । ନାଗମ୍ ତିନି ଚାରି ଇଞ୍ଚ ଲମ୍ବ ଏବଂ ପ୍ରାୟ ଅଧାଇଞ୍ଚ ମୋଟା ଶାଳକାଠି ଆଣେ । ଏଥିରୁ ଅଧା କଞ୍ଚା ଏବଂ ଅଧା ଶୁଖିଲା ଥାଏ । ନାଗମ୍ ଗ୍ରାମଶିରି, ଥାନପତି ପ୍ରଭୃତିଙ୍କୁ ପ୍ରାର୍ଥନା କରେ – "ହେ ଗ୍ରାମଶିରି, ଥାନପତି, ବୁଇତିନି ପାଟ ଆଜି ଗାଁ'ବନ୍ଧା ପର୍ବପାଳନ ହେବ । ବାରଭାଇକି, ମା' ଭଉଣୀକି, ସେଲାନ୍‌କି, କଙ୍ଗେର୍‌କି ଏବଂ ଅଲେମେରମକି ସମସ୍ତିଙ୍କି ରୋଗମୁକ୍ତ କର । ଦୁର୍ବିପାକରୁ ରକ୍ଷା ପାଇ ସୁଖରେ ବାସ କରନ୍ତୁ । ଜଙ୍ଗଲରେ ଫଳମୂଳ, ଫୁଲପତ୍ର ଭଲ ଭାବରେ ବଢ଼ୁ, ଯାହା ଖାଇ ସମସ୍ତେ ଭଲରେ ରୁହନ୍ତୁ ।"

ପ୍ରାର୍ଥନା ଓ ପୂଜାର୍ଚ୍ଚନା ପରେ ନାଗମ୍ ଆଗାମୀ ବର୍ଷର ଭଲମନ୍ଦର ପୂର୍ବାଭାସ ପାଇଁ ଶାଳକାଠି ଗୁଡ଼ିକୁ ବ୍ୟବହାର କରି ପରୀକ୍ଷା କରିଥାଏ । ପ୍ରଥମେ ଦୁଇଖଣ୍ଡ କାଠି ଭୂମି ଉପରେ ପକାଇ ଗ୍ରାମର ସୁଖସମୃଦ୍ଧି କଥା କହେ । ଗୋଟିଏ କାଠି ଅବତଳ ଏବଂ ଅନ୍ୟ କାଠିଟି ବଙ୍କାହୋଇ ତଳକୁ ପଡ଼ିଲେ ସୌଭାଗ୍ୟ ପ୍ରାପ୍ତି ହେବ ବୋଲି ବିଶ୍ୱାସ କରାଯାଏ । ସେହିପରି ଅବସ୍ଥାରେ କାଠିଗୁଡ଼ିକ ନ ପଡ଼ିବା ଯାଏ ନାଗମ୍ ବାରମ୍ବାର କାଠିଗୁଡ଼ିକୁ ତଳେ ପକାଇ ଚେଷ୍ଟା କରିଥାଏ । ସେହିପରି ମା', ଭଉଣୀକି, କଙ୍ଗେରକି, ବାରଭାଇକି, ସେଲାନ୍‌କି ଏବଂ ଉଆଳିକି ପ୍ରଭୃତିଙ୍କ ପାଇଁ କାଠି ପକାଇ ଥାଏ ।

ସେହିଦିନ ଉପରବେଳା ଗୋଟିଏ ନୂଆ ହାଣ୍ଡିରେ ହଳଦୀ ପାଣି ନେଇ ନାଗମ୍ ଗାଁ' ଚାରିପଟେ ହଳଦୀ ପାଣି ପକାଇ ସାତବେଢ଼ା ବୁଲିଥାଏ । ବୁଲିବା ସମୟରେ ହରିବୋଲ ପକାଇ ଗ୍ରାମବାସୀ ଢୋଲ, ଚାଙ୍ଗୁ ବଜାଇ ନାଗମ୍ ସହିତ ବୁଲିଥାନ୍ତି । ହରିବୋଲ ଯେଉଁ ଦିଗରୁ ଅଧିକ ପ୍ରତିଧ୍ୱନିତ ହେବ ସେହି ଦିଗରେ ଥିବା ଜଙ୍ଗଲରେ ସେ ବର୍ଷ ତଇଲା ଚାଷ ଭଲ ହେବ ବୋଲି ବିଶ୍ୱାସ କରାଯାଏ । ହଳଦୀ ପାଣି ପକାଇବା ପରେ ଗ୍ରାମବାସୀମାନେ ମଜାଙ୍ଗରେ ଏକାଠି ହୁଅନ୍ତି ଏବଂ ନାଗମ୍ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନାକରି ଆଶିର୍ବାଦ ଦେଇଥାଏ । ସେଦିନ ମଜାଙ୍ଗରେ ଏକାଠି ବସି ତଇଲା ଭୂମି ଗ୍ରାମବାସୀ ବାଣ୍ଟି ନେଇଥାନ୍ତି । ପରଦିନଠାରୁ ପରିବାରର ସମସ୍ତେ ଯାଇ ନିରୂପିତ ତଇଲା ଭୂମିରେ ସ୍ଥାନ ଚିହ୍ନଟ କରନ୍ତି ।

ବିଶେଷଜ୍ଞମାନଙ୍କ ମତାନୁସାରେ ଜୁଆଙ୍ଗମାନେ ଆଦିମ କାଳରେ କୌଣସି ପର୍ବପର୍ବାଣୀ ପାଳନ କରୁ ନ ଥିଲେ । ସମୟକ୍ରମେ କୃଷିଜୀବି ରୂପେ ସ୍ଥାୟୀ ଜୀବନଯାପନ କାଳରେ କେତେକ କୃଷିଭିତ୍ତିକ ପର୍ବପର୍ବାଣୀ ପାଳନ କରିବା ଆରମ୍ଭ କଲେ । ମାତ୍ର ପାରମ୍ପରିକ ପ୍ରଥାନୁସାରେ ନିଜର ପିତୃପୁରୁଷ ଏବଂ ପ୍ରକୃତିର ବିଭିନ୍ନ

ବସ୍ତୁକୁ ଭକ୍ତି ସହକାରେ ପୂଜାର୍ଚ୍ଚନା କଲେ ତଥା ବର୍ଷର ପ୍ରଥମ ଶସ୍ୟ ଅର୍ପଣ କରିବା ପରେ ନିଜେ ଖାଇବା ଆରମ୍ଭ କଲେ । ଜୁଆଙ୍ଗ ସମାଜର ଏକ ନୂତନ ସାଂସ୍କୃତିକ ପରମ୍ପରାର ଧାରା ପ୍ରଚଳିତ ହେଲା । ଯାହା ଅଦ୍ୟାପି ପ୍ରଚଳିତ ।

ସମୟରା ପରିବର୍ତ୍ତନ ସହିତ ଜୁଆଙ୍ଗ ସମାଜରେ ଅନେକ ପରିବର୍ତ୍ତନ ଦେଖାଦେଇଛି । ପୂର୍ବପରି ପର୍ବପର୍ବାଣି ପାଳନର ପରମ୍ପରା ଧୀରେ ଧୀରେ ସଙ୍କୁଚିତ ହୋଇଛି । ସେମାନେ ଆଜିକାଲି ମକର ପର୍ବ ସହିତ ମିଶାଇ ଗୋଟିଏ ଦିନରେ ବା ଦୁଇଟି ଦିନରେ ପୁଷ୍ ପୁନେଇ ପାଳନ କରୁଥିବାର ଦେଖାଯାଉଛି । ତଥାପି ସାମାଜିକ ଦୃଷ୍ଟିକୋଣରୁ ଆଗାମୀ ପିଢ଼ି ପାଇଁ ସେସବୁର ସଂରକ୍ଷଣ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ।

କେନ୍ଦୁଝର
ମୋ : ୦୯୪୩୭୪୩୭୩୧୦

□□□

# ମୁଣ୍ଡା (ଭୂମିଜ) ପୂଜା ପଦ୍ଧତି

**ଶ୍ରୀ ଶ୍ରୀଧର ସିଂହ**

ଧର୍ମ ମଣିଷକୁ ନମ୍ର, ଧୀର, ସଂଯତ ଏବଂ ଶୃଙ୍ଖଳିତ କରେ । ଧର୍ମ ମଣିଷର ଉଦ୍ଧତ ପ୍ରବୃତ୍ତି ଓ ପାଶବିକ କାର୍ଯ୍ୟକଳାପ ନିୟନ୍ତ୍ରଣ କରେ । ଧର୍ମ ମଣିଷ ମନରୁ ସଂକୀର୍ଣ୍ଣତା ଓ ସାଂପ୍ରଦାୟିକତା ଦୂର କରି ଦେବତ୍ୱ ପ୍ରଦାନ କରେ । ଧର୍ମ ବିଶ୍ୱାସରେ ମଣିଷ ସଂସାରରେ ଶୃଙ୍ଖଳିତ ଜୀବନଯାପନ କରିବାରେ ସମର୍ଥ ହୁଏ । ମଣିଷ ହୃଦୟରେ ଥିବା ଲୋଭ, ମୋହ, ମାତ୍ସର୍ଯ୍ୟ, ଈର୍ଷା, ଶତୃତା ଓ ହିଂସ୍ରତାକୁ ନାଶକରି ଆଧାତ୍ମିକ ଜ୍ଞାନ ପ୍ରଦାନ କରେ । ଭାରତ ଧର୍ମର ଦେଶ । ବିଭିନ୍ନ ଧର୍ମାବଲମ୍ବୀ ଲୋକ ବସବାସ କରି ରହିଛନ୍ତି । ଧର୍ମ ସେମାନଙ୍କର ମୁଖ୍ୟ ପାଥେୟ ଓ ବିଶ୍ୱାସ । ବିଶ୍ୱାସ ହିଁ ଧର୍ମ । ପୃଥିବୀର ଶ୍ରେଷ୍ଠ ଧର୍ମ ହେଉଛି Service to mankind is service to God, ଅର୍ଥାତ ମାନବ ସେବା ହିଁ ମାଧବ ସେବା ।

ଏହି ପୁଣ୍ୟ ପବିତ୍ର ଧର୍ମ ସ୍ଥଳ ଭାରତବର୍ଷର ସରଳ ନିରୀହ ମୁଣ୍ଡା (ଭୂମିଜ) ମାନେ ବିଭିନ୍ନ ଧର୍ମାବଲମ୍ବୀମାନଙ୍କ ସହିତ ଯୁଗଯୁଗ ଧରି ସହାବସ୍ଥାନ କରି ଆସୁଛନ୍ତି । ସମୟର ଗତି ପଥରେ ସେମାନେ ବିଭିନ୍ନ ଧର୍ମର ପ୍ରଲୋଭନରେ ପଡ଼ି କିଏ ହିନ୍ଦୁ, କିଏ ଇସ୍‌ଲାମ୍, କିଏ ପୁଣି ଖ୍ରୀଷ୍ଟିୟାନ ହୋଇ ଯାଉଛନ୍ତି ସତ ହେଲେ ମୁଣ୍ଡା (ଭୂମିଜ)ମାନଙ୍କର ଏକ ସ୍ୱତନ୍ତ୍ର ଧର୍ମ "ସାର୍ଣ୍ଣା" ବା "ଆଦିଧରମ" ଭରତର ଅନ୍ୟାନ୍ୟ ଧର୍ମ ପରି ଆଦିମ କାଳରୁ ରହି ଆସିଛି । ଗୋଟିଏ ସ୍ଥାନରେ ନାମ; ଯେଉଁଠାରେ ଶାଳ, ପିଆଶାଳ, ମହୁଲ, ଅସନ, ସାହାଡ଼ା, ବାହାଡ଼ା, ହରିଡ଼ା, କରମ ଓ ବଙ୍ଗା-ସାରଜମ(୧) ଲଟା ଏକତ୍ର ବିଦ୍ୟମାନ ଏବଂ ତହିଁରେ ଛୋଟ ବଡ଼ ପଥର ଦେବତାର ପ୍ରତିକ ଭାବେ ପୋତାଯାଇଥାଏ, ତାହାକୁ ସାର୍ଣ୍ଣା କୁହାଯାଏ । ସେହି ସାର୍ଣ୍ଣାରେ ଅନୁଷ୍ଠିତ ପବିତ୍ର କାର୍ଯ୍ୟାବଳିକୁ ସାର୍ଣ୍ଣାଧର୍ମ କୁହାଯାଏ । ପୁନଶ୍ଚ ଦେବାଦେବୀମାନଙ୍କ ପାଇଁ ପୂଜା ଉପାସନାର ଅୟମାରମ୍ଭରୁ ପ୍ରଚଳିତ ଧର୍ମକୁ ମୁଣ୍ଡମାନେ "ଆଦିଧରମ" ନାମରେ ଅଭିହିତ କରିଛନ୍ତି । ଏଥିରେ କୁକୁଡ଼ା, ପରା, ଛେଳି ଓ ମେଣ୍ଢା ବଳି ଦେବାର ପ୍ରଥା ରଖାଯାଇଛି ।

Sarna means a piece of land which varies from two decimils to two acres where sal, piasal, mahul, asan, sahada, bahada, harida, kaim and banga sarjam plants are remained alive. The gods, goddess, deities believed to reside there, are represented by one or more raised stone pieces, the height and length of which measure from usually ten to fifty centemetres(2).

ପରେ ଏହି ସାର୍ଣ୍ଣାଧର୍ମରୁ ହିନ୍ଦୁ ଧର୍ମ ଓ ପାଶ୍ଚାତ୍ୟ ସଂସ୍କୃତିର ରୀତିରେ ପ୍ରଭାବିତ ହୋଇ 'ସାରଧର୍ମ' ବା 'ଶିବ ଧର୍ମ' ନାମରେ ଏକ ନୂତନ ଧର୍ମ ସୃଷ୍ଟି ହୋଇଛି । ଏହି ଧର୍ମରେ ଜୀବହତ୍ୟା, ଜୀବବଳୀ ନିଷେଧ ଓ ଶାକ୍ତ ଧର୍ମର ନୀତି ଅନୁସରଣ କରିବାକୁ ନିର୍ଦ୍ଦେଶ ଅଛି । ଏହି ଧର୍ମର ଆରାଧ ଦେବତା ଶିବ, ଯିଏ ଆଦିମ

କାଳରେ ଅନାର୍ଯ୍ୟମାନଙ୍କ ଦ୍ୱାରା ପୂଜା ପାଉଥିଲେ । ତାଙ୍କର ଉପାସନାକୁ ମୁଖ୍ୟ ଭାବରେ ଗ୍ରହଣ କରାଯାଇ ପିତାମାତା ହିଁ ସାକ୍ଷାତ ଈଶ୍ୱର, ନିଶା ନିବାରଣ ଓ କୃଷି କାର୍ଯ୍ୟ କରି ଜୀବିକା ନିର୍ବାହ ପାଇଁ ଏହି ଧର୍ମରେ ନିର୍ଦ୍ଦେଶ ଅଛି । ଫଳରେ ସାର୍ଣ୍ଣା ଧର୍ମାବଲମ୍ବୀ ମାନଙ୍କ ବ୍ୟକ୍ତିଗତ ଚାଲିଚଳନ, ରୁଚି, ଆର୍ଥିକ ଓ ସାମାଜିକ, ଶିକ୍ଷା, ଶାରୀରିକ, ମାନସିକ ଓ ରାଜନୈତିକ କ୍ଷେତ୍ରରେ ପରିବର୍ତ୍ତନ ଘଟିଛି ।

ସାର୍ଣ୍ଣାଧର୍ମ ପୂର୍ବପୁରୁଷ, ଆତ୍ମାର ପୁନର୍ଜନ୍ମ, ପ୍ରକୃତି, ମାତୃଶକ୍ତିର ଉପାସନା, ମନ୍ତ୍ରତନ୍ତ୍ର, ଚଣ୍ଡି, ଚାମୁଣ୍ଡି, ଡାହାଣୀ, ଚିରଗୁଣୀ ବିଶ୍ୱାସ କରାଯାଏ । ଏହି ବିଶ୍ୱାସ ଓ ଚିନ୍ତାର ପରିପ୍ରକାଶ ନିମନ୍ତେ ଆଦିବାସୀମାନେ ବିଭିନ୍ନ ବୃକ୍ଷ, ଶିଳା, ଉଇ ହୁଙ୍କା ପ୍ରଭୃତିଠାରେ ପୂଜା କରନ୍ତି । ଏହି ଧର୍ମରେ ଦେବଦେବୀମାନଙ୍କ ପାଇଁ ଖାଦ୍ୟପେୟ ଏବଂ ପ୍ରାଣୀମାନଙ୍କର ରକ୍ତ ଦିଆଯାଏ । A.P. Sinhaଙ୍କ ମତରେ- Foods, Drinks and occasionally the blood of individual or his pet animals are afford for worship to please the gods, goddesses and deities. ସାର୍ଣ୍ଣା ବା ଆଦିଧରମ ଅନୁସାରେ ମୁଣ୍ଡା (ଭୂମିଜ)ମାନେ ପୂର୍ବପୁରୁଷ ମାନଙ୍କ ଶ୍ରାଦ୍ଧ (ହାଲାମ୍ ବୁଢ଼ୀ; ହାପାଲୁମକ ନାଗେନ୍ ଆଦିଂ କଚାବଙ୍ଗା), ପ୍ରକୃତି ଆରାଧନା ସ୍ୱରୂପ ମାଗ୍ ବଙ୍ଗା, ବା' ବଙ୍ଗା, ହେର ପୁନା, ହାରିଆତିଂ, ଜାର୍ଗିସିମ୍ / ଆଷାଳ ବଙ୍ଗା (Harialism) ସାବ୍ ଶିଳିଃ, ନାଓ୍ୱାଁ ଜମ୍, କାରାମ୍ ବଙ୍ଗା, ସହରାଇ (ବାନ୍ଦନା) ଦୁର୍ଗାଙ୍କ ପାଇଁ ଦାସାଇଁ, ଗୋରୁଗାଈଙ୍କ ନିମନ୍ତେ ସହରାଇ, ଧନର ସୁରକ୍ଷା ପାଇଁ ବାବାରଆ ତେଲ ଓ ସସବଙ୍ଗା, ମାରାଂ ବଙ୍ଗା, ବୁରୁବଙ୍ଗା, ବୁରୁପୁନାମି, ଦିସାଉଲି, ଜାଏରାଏରା, ଚଣ୍ଡିଏରା, ନାଗେଏରା, ବିନ୍ଦିଏରା, ବାବାଏଙ୍ଗା, କଦେଏଙ୍ଗା, ସନ୍ତାନ ଜନ୍ମ ପୂର୍ବରୁ ନାଗେ ବା ସୂତାମ୍ ଦଳମ୍ ଏବଂ ସନ୍ତାନ ଜନ୍ମ ସୁଚୀ କର୍ମରେ ସଅଃ ଶିଳିଃ, ଶିକାର ଆରମ୍ଭରେ ସେନ୍ଦେରା ବା ବିର୍ସା ବଙ୍ଗା, ବିବାହ ପୂର୍ବରୁ ଡାଙ୍ଗୁଆ ବାଗୁଡି ଛାଡ଼ାଅ, ବିବାହର ଚଉଠି ରାତି ପୂର୍ବରୁ ବାଇ ରୁଓ୍ୱାଲ, କୌଣସି ରୋଗୀର ଆରୋଗ୍ୟ ଲାଭ ହେଲା ପରେ ରଓ୍ୱାତେଲା, ଧାନର ସାଣ୍ ଉଡ଼ିଗଲେ କିମ୍ବା କୌଣସି କ୍ଷତି ହେଲେ ରୋଗୀର ରଓ୍ୱା ଲୋ ପରି ଧାନର ରଓ୍ୱା ତେଲା ବଙ୍ଗା, ଶୁଦ୍ଧିକ୍ରିୟାରେ ଉମ୍ବୁଲ ରାଃ ଆଦେର ବା ରାଃଆ ରୁନୁଓ୍ୱାଲ, ହାଙ୍କାର ଉଡୁଂ, କୁଞ୍ଜାମ୍ ଇଦି ଏବଂ ଶିଶୁମାନଙ୍କର ନଜର ଦୃଷ୍ଟି (କୋପଦୃଷ୍ଟି) ଜ୍ୱରରୁ ଆରୋଗ୍ୟ ଲାଭ କଲାପରେ ରାସ୍ତାର ଦୋବାଟିଆ (ଛକ) ଜାଗାରେ ଛଡ଼ାଣ ହୁଏ ଏବଂ ସିଂ ବଙ୍ଗା ପ୍ରଭୃତିଙ୍କର ଆରାଧନା ଓ ପୂଜା କରି ବିଭିନ୍ନ କ୍ଷେତ୍ରରେ ସିନ୍ଦୁର, ତୁଳସୀ, ଅରୁଆ ଚାଉଳ ସହ କଳା, ନାଲି, ବାର ବର୍ଣ୍ଣଆ ରଙ୍ଗର କୁକୁଡ଼ା, ଛେଳି, ମେଣ୍ଢା ଓ ପାରା ଆଦି ଦେବଦେବୀଙ୍କର ତୃପ୍ତି ପାଇଁ ବଳି ଦିଅନ୍ତି । ବିବାହ ଓ ଶୁଦ୍ଧିକ୍ରିୟାରେ କେବଳ ପୂଜକ ବ୍ରାହ୍ମଣ ପୂଜା କରନ୍ତି ଓ ଅନ୍ୟାନ୍ୟ ଯାବତୀୟ ପୂଜା ଅର୍ଚ୍ଚନାରେ ବ୍ରାହ୍ମଣଙ୍କୁ ପୂଜା କରିବା ପାଇଁ ଆବଶ୍ୟକ କରନ୍ତି ନାହିଁ । ଗୃହକର୍ତ୍ତା ନିଜେ ନିଜେ ହିଁ ପୂଜା ଆରାଧନା କରିଥାଆନ୍ତି । ଦୁଷ୍ଟ ସ୍ୱଭାବର ଦେବତାମାନଙ୍କ ପାଇଁ ବଳିପୂଜା ମାଧ୍ୟମରେ ଛଡ଼ାଣ କରନ୍ତି ଏବଂ ଦେବତାଙ୍କ ପ୍ରତୀକ ମାଟି ପିତୁଳା ଏବଂ ବିଭିନ୍ନ ରଙ୍ଗର ଗୁଣ୍ଡ ବ୍ୟବହାର କରନ୍ତି । ମୁଣ୍ଡା (ଭୂମିଜ)ମାନେ ସମଭାବାପନ୍ନ ହୋଇ ସମାନ ରୀତି ଓ ନୀତିରେ ଏ ଧର୍ମ ପାଳନ କରି ଆସୁଛନ୍ତି । ସେମାନଙ୍କ ଧର୍ମ ବିଶ୍ୱାସ ସାଧାରଣତଃ ପୂର୍ବ ପୁରୁଷ, ବହୁ ଚଣ୍ଡି ଚାମୁଣ୍ଡି, ଗୁଣି ଗାରେଡ଼ି, ବୃକ୍ଷଲତା ଓ ପଥର ଉପରେ ପର୍ଯ୍ୟବେସିତ । ବ୍ୟକ୍ତିଗତ, ପରିବାର ଓ ସମାଜର

ମଙ୍ଗଳ ପାଇଁ ବିଭିନ୍ନ ପୂଜା କରାଯାଏ । ସୁତରାଂ ବିଶ୍ୱାସ ହିଁ ସେମାନଙ୍କର ଧର୍ମ । ଦେବ ଦେବୀମାନଙ୍କୁ ପ୍ରଗାଢ଼ ଭକ୍ତି ଓ ବିଶ୍ୱାସ କରନ୍ତି । ଏହି ଧର୍ମ ବିଶ୍ୱାସରେ ସେମାନେ ବିଭିନ୍ନ ବୃକ୍ଷ, ଲତା, ଶିଳା, ଉଇ ହୁଙ୍କା ନିକଟରେ ପୂଜା କରନ୍ତି । ବ୍ୟକ୍ତିଗତ ଭାବେ ପୂଜା କରିବା ସଙ୍ଗେ ସଙ୍ଗେ ଗାଁ'ରେ ସମ୍ମିଳିତ ଭାବେ ଗ୍ରାମ ଦେହୁରୀଙ୍କୁ ଗ୍ରାମ ଠାକୁରାଣୀଙ୍କ ପୂଜା କରାନ୍ତି । ଗ୍ରାମରେ ହଇଜା, ବସନ୍ତ, ମିଳିମିଳା ଜ୍ୱର, ଝାଡ଼ା ଓ ବାନ୍ତିରେ ଦେବତାମାନଙ୍କ କୋପ ଦୃଷ୍ଟିରୁ ଘଟିଛି ବୋଲି ବିଶ୍ୱାସ କରି ବିଭିନ୍ନ ଦେବ ଦେବୀଙ୍କ ନାମରେ ପୂଜା କରିଥାନ୍ତି । ଧର୍ମ ସହିତ ଦେବଦେବୀମାନଙ୍କୁ ସଂଶ୍ଲିଷ୍ଟ କରି ଧର୍ମ ନାମରେ ବଳିପୂଜା କରିଥାନ୍ତି । ପୂଜା ଆରାଧନା ବେଳେ ନିଜେ ମାତୃଭାଷା (ମୁଣ୍ଡାରୀ)ରେ ସ୍ତୁତି କରନ୍ତି । ସେମାନେ ସଂସ୍କୃତ ଭାଷାର ପୂଜାଶ୍ଳୋକ ପାଠ କରନ୍ତି ନାହିଁ । ପୁନଶ୍ଚ ଏହି ଦେବଦେବୀମାନଙ୍କ ପୂଜା ପାଇଁ କୌଣସି ନିର୍ଦ୍ଦିଷ୍ଟ ପୀଠ ନ ଥାଏ । ପୂର୍ବୋକ୍ତ ସ୍ଥାନ ବିଶେଷରେ ବିଭିନ୍ନ ପୂଜା ଅନୁଷ୍ଠିତ ହୁଏ । କେବଳ ଗ୍ରାମ ଠାକୁରାଣୀ (ଗରାମ) ପୂଜା ନିମନ୍ତେ ସ୍ୱତନ୍ତ୍ର ପୀଠ ଜାହିରା ବା ସାର୍ଣ୍ଣା ଅଛି । ଏଥିରେ ମାଘପୂଜା, ଗଟ ବଙ୍ଗା, ବସନ୍ତ ଉତ୍ସବ ଆଦି ଅନୁଷ୍ଠିତ ହୁଏ । ଏହି ପୂଜା ଅବସରରେ ଗ୍ରାମର ସମସ୍ତେ ଏକତ୍ରିତ ହୋଇ ଶତ୍ରୁତା, ଭେଦାଭେଦ, ମନାନ୍ତର ଭୁଲିଯାଆନ୍ତି ।

ଏହି ସାର୍ଣ୍ଣାଧର୍ମ ବିହାର, ବେଙ୍ଗଲ, ଆସାମ, ମଧ୍ୟପ୍ରଦେଶର କେତେକ ଅଞ୍ଚଳ, ଓଡ଼ିଶା ଓ ତ୍ରିପୁରାର ମୁଣ୍ଡା, ମୁଣ୍ଡାରୀ, କୋହ୍ଲ, ହୋ, ସାନ୍ତାଳ, ଭୂମିଜ କଡ଼ା ଓ ବିରହଳମାନଙ୍କ ମଧ୍ୟରେ ପ୍ରସାରିତ ଓ ପ୍ରଚଳିତ ।

ଉପସଂହାରରେ ଏତିକି କୁହାଯାଇପାରେ, ମୁଣ୍ଡା (ଭୂମିଜ)/ଆଦିବାସୀମାନେ ଅନ୍ଧବିଶ୍ୱାସ, କୁସଂସ୍କାରରେ ଶରବ୍ୟ ହୋଇ ଏବଂ ସଂସ୍କୃତିକୁ ବିକୃତ କରି ଧର୍ମ ଭୟରେ ଭୟଭୀତ ହୋଇ, ଧର୍ମ ନାମରେ ଧର୍ମର କୋକୁଆ ଭୟରୁ ମୁକ୍ତି ପାଇବାର ବିଶ୍ୱାସ ରଖି ଜୀବବଳୀ କରିଥାନ୍ତି । ସେମାନଙ୍କର ବିଶ୍ୱାସ, ଦେବଦେବୀଙ୍କଠାରେ ଜୀବବଳୀ ଦେଲେ ସେମାନଙ୍କ କୋପ ଦୃଷ୍ଟିରୁ ମୁକ୍ତି ଓ କୃପା ମିଳେ । ସେଥିପାଇଁ ଧର୍ମ କରିବା ନାଁ'ରେ ଦେବତାଙ୍କୁ ସାକ୍ଷୀ ରଖି ଜୀବବଳୀ ପ୍ରଥା ଚାଲି ଆସିଛି ବୋଲି Dr. R.N. Sharmaଙ୍କ ମତ । ଯଥା – The Tribal people try to please different deities, gods and goddesses by offering the Sacrifices of different types of animals and birds before them.

ଏହି ବଳିପ୍ରଥା ଯେ କେବଳ ମୁଣ୍ଡା (ଭୂମିଜ)/ଆଦିବାସୀ ସମାଜରେ ପ୍ରଚଳିତ ତାହା ନୁହେଁ ବରଂ ଭାରତବର୍ଷର ଅନେକ ଶିକ୍ଷିତ ଓ ସଭ୍ୟ ଜାତିରେ ରହିଛି । ଏବେ କିନ୍ତୁ ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ବିଭାଗର ସାଧୁ ଉଦ୍ୟମରେ ଗତ ୧୯୮୦ ମସିହା ଠାରୁ ବିଭିନ୍ନ ଦେବ ଦେବୀଙ୍କ ଠାରେ ହେଉଥିବା ଜୀବବଳି ଆଇନ ଦ୍ୱାରା ନିଷେଧ କରାଯାଇଛି । ଏହା ସ୍ୱାଗତଯୋଗ୍ୟ । ଏହି ଜୀବବଳି ପରିବର୍ତ୍ତେ ବିଭିନ୍ନ ଫୁଲ, ଫଳ, ଡାଳ, ପତ୍ର, ଦୁଧ, ଘିଅ, ମହୁ ଇତ୍ୟାଦି ପୂଜା ସାମଗ୍ରୀ ପ୍ରଚଳନ କରିବା ବିଧେୟ । ତାମସିକ ବା ଆସୁରିକ ଖାଦ୍ୟପେୟ ପରିବର୍ତ୍ତେ ସୁଷମ ସାତ୍ତ୍ୱିକ ଖାଦ୍ୟ ଦେବତାମାନଙ୍କ ଠାରେ "ପୂଜା ଅର୍ଘ୍ୟ" ରୂପେ ଅର୍ପଣ କରିବା ଉଚିତ ।

ମୁଣ୍ଡା (ଭୂମିଜ)/ଆଦିବାସୀ ମାନଙ୍କର ଏତାଦୃଶ ମନୋଭାବ ଯାହା ତାଙ୍କର ଅସ୍ଥି ମଜ୍ଜାଗତ; ଦୂର କରିବା ପାଇଁ ରାଷ୍ଟ୍ରଜ୍ଞ, ରାଷ୍ଟ୍ର ନାୟକ, ପ୍ରଶାସକ ଓ ସଚେତନ ମାନବ ପ୍ରେମୀ ଜନସାଧାରଣ ସମସ୍ତେ ସେମାନଙ୍କୁ ଶୃଙ୍ଖଳିତ ପରିମାର୍ଜିତ ସଂଯମ ଓ ଉନ୍ନତ ଚିନ୍ତା ଚେତନାରେ ଉଦ୍‌ବୁଦ୍ଧ କରିବା ଉଚିତ । ଏହି ଉନ୍ନତ ଚିନ୍ତା ଚେତନା ସେମାନଙ୍କ ମସ୍ତିଷ୍କରେ ପ୍ରବେଶ କରାଇବା ପାଇଁ ଶିକ୍ଷା ଏକାନ୍ତ ପ୍ରୟୋଜନ । ଶିକ୍ଷା ମାଧ୍ୟମରେ କୁସଂସ୍କାର, ଅନ୍ଧବିଶ୍ୱାସ, ଲାଳସା ଓ ତାମସିକ କାମନା ଦୂର କରି "ସାର୍ଣ୍ଣା" ବା "ଆଦିଧରମ" ଧର୍ମରେ ବୈପ୍ଳବିକ ପରିବର୍ତ୍ତନ ଆଣି ଅଧୁନା ଉନ୍ନତ, ସଭ୍ୟ ଶିକ୍ଷିତ ମାନବ ସମାଜ ସହିତ ସାମିଲ କରିବା ଉଚିତ ।

ଶ୍ୟାମରାୟ କୁଟୀର, ସା : କାଳିଆପଦା, ଜି: ମୟୂରଭଞ୍ଜ
ମୋ : ୦୯୪୩୭୩୨୧୩୧୮

□□□

# ପୋଢ଼ଯାତ୍ରା

କୈଳାଶ ଚନ୍ଦ୍ର ବେହେରା

ଆବାହମାନ କାଳରୁ ମନୁଷ୍ୟ ସମାଜ ଈଶ୍ୱରଙ୍କ ଅସ୍ତିତ୍ୱକୁ ବିଶ୍ୱାସ କରି ତାଙ୍କୁ ବିଭିନ୍ନ ରୂପରେ ପୂଜା ଅର୍ଚ୍ଚନା କରିଆସୁଛି । କେତେବେଳେ ତାଙ୍କୁ ଭଗବାନ ରୂପରେ ପୂଜା କରୁଛି ତ କେତେବେଳେ ଭଗବତୀ ରୂପରେ ପୂଜା କରୁଛି । ଏଥିପାଇଁ ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପର୍ବପର୍ବାଣିର ଆୟୋଜନ କରିବାକୁ ହେଉଛି ।

ଭାରତର ସବୁ ରାଜ୍ୟରେ ଲୋକଙ୍କର ବିଶ୍ୱାସ ଅନୁଯାୟୀ ବିଭିନ୍ନ ପର୍ବପର୍ବାଣି ପାଳିତ ହେଉଛି । ଆମ ରାଜ୍ୟ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ମଧ୍ୟ ବିଭିନ୍ନ ପର୍ବପର୍ବାଣି ପାଳନ କରାଯାଉଛି । ପୂଜା ପାଇଁ ଭୋଗ ହିସାବରେ କେଉଁଠି ନଡ଼ିଆ, କଦଳୀ, ଚୂଡ଼ା, ଗଜାମୁଗ ଅର୍ପଣ କରାଯାଉଛି ତ କେଉଁଠି କ୍ଷୀରି, ଖେଚୁଡ଼ି, ମଣ୍ଡା, ଗଇଁଠା ଅର୍ପଣ କରାଯାଉଛି ।

କିନ୍ତୁ ଆଦିବାସୀ ସମ୍ପ୍ରଦାୟର ଲୋକେ ଭୋଗ ହିସାବରେ ନଡ଼ିଆ କଦଳୀ ସହିତ କୁକୁଡ଼ା, ଛେଳି, ପୋଢ଼ ପ୍ରଭୃତି ବଳି ଦେଇ ଠାକୁରଙ୍କୁ ନୈବେଦ୍ୟ ଅର୍ପଣ କରନ୍ତି । କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଦିବାସୀ ସମ୍ପ୍ରଦାୟର ଲୋକେ ବହୁ ପୂର୍ବରୁ ଏହି ବଳିପ୍ରଥାକୁ ମାନି ଆସୁଛନ୍ତି । ଯାହାକୁ ଆମେ ଅନ୍ଧବିଶ୍ୱାସ ଓ କୁସଂସ୍କାର ବୋଲି କହିଥାଉ ତାହାକୁ ସେମାନେ ପାରମ୍ପରିକ ରୀତିରେ ପାଳି ଆସୁଛନ୍ତି । କନ୍ଧମାଳର ଆଦିବାସୀମାନେ କେଡୁପର୍ବ, କାନ୍ଦୁଲଯାତ୍ରା, ପୋଢ଼ଯାତ୍ରା ପ୍ରଭୃତି ପର୍ବ ଗୋଷ୍ଠିଗତ ଭାବରେ ପାଳନ କରନ୍ତି । ଧନ ଦେବତା ବା ହାଡ଼ବାଇ ଭଳି କେତେକ ଠାକୁରଙ୍କୁ ସେମାନେ ନିଜ ପରିବାରରେ ପୂଜା କରନ୍ତି ।

କଥିତ ଅଛି ଆଜକୁ ପ୍ରାୟ ୫୦୦ ବର୍ଷ ପୂର୍ବେ ବାଲିଗୁଡ଼ାଠାରୁ ସାତ କି.ମି. ଦୂରରେ ଥିବା ମହାସିଙ୍ଗି ଗ୍ରାମରେ ନରବଳି ପ୍ରଥା ରହିଥିଲା । ସେହି ଗ୍ରାମର ମୁଖ୍ୟ ପୂଜକଙ୍କ ଘରକୁ ପୋଢ଼ଯାତ୍ରା ହେବାର ପାଞ୍ଚ-ସାତ ଦିନ ପୂର୍ବରୁ ସାତ-ଆଠ ବର୍ଷ ବୟସର ପୁଅଟିଏ ବା ଝିଅଟିଏ ଯାଇ କାହାକୁ ଦେଖା ନ ଦେଇ ଲୁଚି ରହିଥାଏ । ପୋଢ଼ଯାତ୍ରା ହେବା ଦିନ ସେ ମୁଖ୍ୟ ପୂଜକଙ୍କୁ ଦେଖାଦିଏ । ସେ ବଳି ପାଇବାକୁ ଆସିଛି ଜାଣିପାରି ମୁଖ୍ୟ ପୂଜକ ଏକଥା ଅନ୍ୟ ପୂଜକମାନଙ୍କୁ ଜଣାଇ ଦିଏ । ସେହି ଗାଆଁର ସାତ ଜଣ ପୂଜକ ସେହି ପିଲାକୁ ନେଇ ନିକଟରେ ଥିବା ବଡ଼ ଡଙ୍ଗର ପାହାଡ଼କୁ ଯାଆନ୍ତି । ସେଠାରେ ଥିବା ସିନ୍ଦୁର ମଣ୍ଡିତ ପଥର ଦେବତାଙ୍କ ନିକଟରେ ତାକୁ ବଳି ଦିଅନ୍ତି । ବଳି ଦେଲା ପରେ ମୁଖ୍ୟ ପୂଜକ ମନ୍ତ୍ରପାଠ କରି ଠାକୁରଙ୍କୁ ବଳି ଅର୍ପଣ କରେ । ତା'ପରେ ସମସ୍ତେ ମିଶି ସେହି ଶିଶୁର ଦେହକୁ ଖଣ୍ଡ ଖଣ୍ଡ କରି କାଟି ଦିଅନ୍ତି । ଯେଉଁ ସବୁ ଗାଆଁରୁ ପୂଜା ପାଇଁ ଭୋଗ ଆସିଥାଏ, ସେହି ଗାଁ'ମାନଙ୍କୁ ଖଣ୍ଡେ ଖଣ୍ଡେ ମାଂସ ଦିଅନ୍ତି । ସେମାନେ ସେହି ମାଂସକୁ ନେଇ ନିଜ ନିଜ ଗାଆଁରେ ଥିବା ଦେବତାଙ୍କୁ ଅର୍ପଣ କରନ୍ତି । ଲୋକଙ୍କ ମୁଖ୍ୟରୁ ଶୁଣାଯାଏ ଯେଉଁ ସବୁ ଗାଆଁର ଲୋକେ ନରବଳିର ମାଂସ ପାଇଥିଲେ ସେହିସବୁ ଗାଆଁରେ ନରବଳି ପରିବର୍ତ୍ତେ ପୋଢ଼ବଳି ଦିଆଯାଏ ।

ଏହି ପୋଢ଼ ବଳି ପାଇଁ କେତେକ ନୀତି ନିୟମ ରହିଛି । ସେହି ନୀତି ଅନୁସାରେ କେଉଁ ଗାଆଁରେ କେଉଁ ବର୍ଷ ପୋଢ଼ ଯାତ୍ରା ହେବ ତାହା ଧାର୍ଯ୍ୟ କରାଯାଏ । ଆଗରୁ ଦିଆଯାଉଥିବା ନରବଳିରେ ଯେଉଁ ସବୁ ଗାଆଁ ସାମିଲ ଥିଲେ ତା' ମଧ୍ୟରୁ କେତେ ଗୋଟି ଗାଆଁକୁ ନେଇ ଗୋଟିଏ ଗୋଟିଏ ଜାକେରୀ କୁହାଯାଉଥିଲା । ପ୍ରତ୍ୟେକ ଜାକେରୀରେ ଜଣେ ଜଣେ ମୁଖ୍ୟ ପୂଜକ ଥିଲେ । ସେମାନେ ପ୍ରତି ବର୍ଷ ଚୈତ୍ର ବା ବୈଶାଖ ମାସର ଏକ ନିର୍ଦ୍ଦିଷ୍ଟ ଦିନ ଗୋଟିଏ ଛଣ ଡାଙ୍ଗ ଧରି ଜାକେରୀ ଅଧୀନରେ ଥିବା ପ୍ରତ୍ୟେକ ଗାଆଁର ପୂଜାସ୍ଥଳୀକୁ ଯାଇ ସେହି ସ୍ଥାନରେ ସେହି ଛଣ ଡାଙ୍ଗକୁ ପୋତିବାକୁ ଚେଷ୍ଟା କରନ୍ତି । ଯେଉଁ ଗାଆଁର ପୂଜାସ୍ଥଳୀର ମାଟିରେ ଛଣ ଡାଙ୍ଗଟି ପଶିଯାଏ ସେହି ଗାଆଁରେ ସେହି ବର୍ଷ ପୋଢ଼ଯାତ୍ରା ଅନୁଷ୍ଠିତ ହେବ ବୋଲି ଠିକ୍ କରାଯାଏ । ଅନ୍ୟ ଗାଆଁର ଲୋକେ ମଧ୍ୟ ଏହି ଯାତ୍ରାରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତି । ଜାକେରୀର ଏହି ମୁଖ୍ୟ ପୂଜକଙ୍କୁ 'ଡମ୍ବା' କୁହାଯାଏ । ପୋଢ଼ଯାତ୍ରା ହେବାର କିଛିଦିନ ପୂର୍ବରୁ ପୂଜକ ସବୁଗାଆଁର ଲୋକଙ୍କୁ ଡକାଇ ଏକ ବୈଠକ କରନ୍ତି । ଏହି ବୈଠକରେ ସର୍ବ ସମ୍ମତିକ୍ରମେ ଏକ ପୂଜା କମିଟି ଗଠନ କରାଯାଏ । ପୂଜା କମିଟିର ସଭ୍ୟମାନେ ଗାଆଁ ଗାଆଁ ବୁଲି ଚାନ୍ଦା ସଂଗ୍ରହ କରନ୍ତି । ସେହି ଚାନ୍ଦା ଟଙ୍କା ପୂଜା କମିଟିର ପାଣ୍ଠିରେ ରହେ । ପ୍ରତିବର୍ଷ ପାଣ୍ଠିରୁ ଟଙ୍କା ବାହାର କରି ହାଟରୁ ଏକ ପୋଢ଼ କିଣାଯାଏ । ପୋଢ଼କୁ ସମସ୍ତେ ଘାସ, ପାଳ, କୁଣ୍ଡା ପ୍ରଭୃତି ଖାଇବାକୁ ଦିଅନ୍ତି । ପ୍ରଚୁର ପରିମାଣରେ ଖାଦ୍ୟ ଖାଇ ପୋଢ଼ଟି ହୃଷ୍ଟପୁଷ୍ଟ ହୋଇଯାଇଥାଏ ।

କେତେକ ଲୋକ ଜଙ୍ଗଲକୁ ଯାଇ ସେଠାରୁ ଏକ ଶାଳ ଗଛ ହାଣି ପୂଜା ହେବା ଗାଆଁକୁ ବାଜା ବାଜଣା କରି ଆଣନ୍ତି । ସେହି ଗଛକୁ ଟାଙ୍ଗିଆରେ ଚାଞ୍ଛି ସାଇଜ୍ କରାଯାଏ ଓ ପାଞ୍ଚ-ଛଅ ଫୁଟ୍ ଦୈର୍ଘ୍ୟ ରଖାଯାଏ । ପୂଜାସ୍ଥଳୀରେ ଏକ ଗାତକରି ସେଠି ଅଣ୍ଡା, କୁକୁଡ଼ା, ଅରୁଆ ଚାଉଳ, ସିନ୍ଦୁର ଓ ମନ୍ଦାର ଫୁଲ ଦେଇ ପୂଜା କରାଯାଏ । ସେହି ଗାତରେ ସାଇଜ କରାଯାଇଥିବା କାଠକୁ ପୋତାଯାଏ । ପୋଢ଼ଯାତ୍ରା ହେବାର ପାଞ୍ଚ-ସାତ ଦିନ ଆଗରୁ ଗାଆଁ ଲୋକେ ଆସି ପୋଢ଼କୁ ସେହି ଖୁଣ୍ଟରେ ବାନ୍ଧି ଦିଅନ୍ତି ଓ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବାଜା ବଜାଇ ନାଚ ତାମସା କରନ୍ତି । ଏହି ନାଚ ଗୀତ ସହିତ ସମସ୍ତେ ମଦ ଖାଇ ମାତାଲ ହୋଇଯାଆନ୍ତି । ଯେଉଁ ଗାଆଁର ଲୋକେ ନାଚ କରିବାକୁ ଆସିଥାଆନ୍ତି ସେମାନେ ସେଠାରେ ରନ୍ଧାରନ୍ଧି କରି ଖାଆନ୍ତି ଓ ପ୍ରାୟ ରାତି ୧୨ଟା ଯାଏଁ ନାଚନ୍ତି । ତା'ପରେ ନିଜ ନିଜ ଘରକୁ ଯାଆନ୍ତି । ଶେଷଦିନ ଜାକେରୀର ସବୁ ଗାଆଁର ଲୋକେ ଆସି ପୋଢ଼କୁ ହଳଦୀ ପାଣିରେ ଗାଧୋଇ ଦେଇ ପୂଜା କରନ୍ତି । କିଛି ସମୟ ବାଜା ବଜାଇ ନାଚ କରିବା ପରେ ପୋଢ଼ କାଟିବାକୁ ପ୍ରସ୍ତୁତ ହୁଅନ୍ତି । ନାଚରେ ପୁରୁଷ ସ୍ତ୍ରୀ ସମସ୍ତେ ସାମିଲ ହୁଅନ୍ତି । କିନ୍ତୁ ପୋଢ଼ କାଟିବା ସମୟରେ କେବଳ ପୁରୁଷମାନେ ଅଂଶଗ୍ରହଣ କରନ୍ତି । ପୋଢ଼ ଖୁଣ୍ଟରେ ବନ୍ଧା ଯାଇଥିବା ସମୟରେ ହିଁ ଲୋକେ ହାତରେ ଗୋଟିଏ ଗୋଟିଏ ଛୁରୀ ଧରି ପୋଢ଼ର ମାଂସ କାଟିବାକୁ ଚେଷ୍ଟା କରନ୍ତି । ପୋଢ଼ର ମାଂସ କାଟିବା ସମୟରେ ପୋଢ଼ଟି ନିଆଁ ଡେଇଁ କରେ ଓ ନାତ ମାରେ । ଶିଙ୍ଗରେ ମଧ୍ୟ ମାରିବାକୁ ଚେଷ୍ଟାକରେ । ସେଥିରେ କେତେକ ଆହତ ହୁଅନ୍ତି । ତଥାପି ଅନ୍ୟମାନେ ପୋଢ଼ ଉପରେ ମାଡ଼ି ବସି ତା' ଦେହରୁ ମାଂସ କାଟନ୍ତି । ସେତେବେଳେ ପୋଢ଼ର ଗଅଁ ଗଅଁ ଶବ୍ଦ ଓ ଲୋକଙ୍କର ଚିତ୍କାର ଶୁଣିଲେ ମନରେ ଭୟ ଜାତହୁଏ । ଏହି ବିଭତ୍ସ ଦୃଶ୍ୟ ଯେଉଁମାନେ ନିଜ ଆଖିରେ ଦେଖିଛନ୍ତି ସେମାନେ ଅନୁଭବ କରିପାରିବେ ।

ପୋଢ଼ ଦେହରୁ ମାଂସ କାଟିଲା ବେଳେ ଲୋକେ ନିଜ ନିଜ ମଧ୍ୟରେ ଠେଲାପେଲା ହୁଅନ୍ତି । ଫଳରେ ହାତରେ ଧରିଥିବା ତୀକ୍ଷ୍ଣ ଛୁରୀ ବାଜି କେହି କେହି ଖଣ୍ଡିଆଖାବରା ହୁଅନ୍ତି । ପୋଢ଼ ଦେହରୁ ମାଂସ କାଟିଲା ବେଳେ କିଏ ତା'ର କାନ କାଟେ ତ କିଏ ଲାଞ୍ଜ କାଟେ ଓ କିଏ କିଏ ପୋଢ଼ର ମାଂସ କାଟିବାର ସୁଯୋଗ ପାଆନ୍ତି । ଯେଉଁ ଲୋକ ପୋଢ଼ ଦେହରେ ଛୁରୀ ମାରି ତା'ର କଲିଜା କାଟି ଆଣିପାରେ ସେ ସବୁଠାରୁ ବଳୁଆ ବା ଶକ୍ତିଶାଳୀ ବୋଲି ଜଣାଯାଏ । ପ୍ରାୟ ଘଣ୍ଟାଏ ଭିତରେ ପୋଢ଼ ଦେହରୁ ସବୁ ମାଂସ କାଟି କେବଳ ଅସ୍ଥି ପଞ୍ଜରାକୁ ଛାଡ଼ି ଦିଅନ୍ତି । କାଟି ଥିବା ମାଂସକୁ ନିଜ ନିଜ ଗାଆଁର ଧରଣୀ ଦେବତା ବା ଧରଣୀ ପେନୁ ନିକଟରେ ପୂଜା କରାଯାଏ । ମାଂସ କାଟିବା ପରେ ସମସ୍ତେ ମିଶି ଗୋଟିଏ ହାତରେ କଟାମାଂସ ଓ ଅନ୍ୟ ହାତରେ ଛୁରୀ ଧରି ଟମକ, ନିଶାଣ, ଚାଙ୍ଗୁ ବାଦ୍ୟ ସହିତ ମହୁରୀ ବଜାଇ ଏକ ଶୋଭାଯାତ୍ରା ସହିତ ଗ୍ରାମ ପରିକ୍ରମା କରନ୍ତି । ଏହାପରେ ସମସ୍ତେ ନିଜ ନିଜ ଘରକୁ ଯାଇ କାଟି ଆଣିଥିବା ମାଂସରୁ କିଛି ଅଂଶ ନିଜର ଚାଷ ଜମିରେ ପୋତି ଦିଅନ୍ତି । ବଳକା ମାଂସକୁ ଚାଉଳ ସହିତ ମିଶାଇ ନିଜ ଘରେ ରାନ୍ଧନ୍ତି ଓ ପରିବାରର ସମସ୍ତେ ତାହାକୁ ଧରଣୀ ପେନୁଙ୍କ ଭୋଗ ଭାବି ଖାଆନ୍ତି ।

ପୋଢ଼ ଦେହର ସମସ୍ତ ମାଂସ ଲୋକେ କାଟନ୍ତି । କିନ୍ତୁ ମୁଣ୍ଡର ମାଂସ କାଟନ୍ତି ନାହିଁ । କେବଳ କାନ ଦୁଇଟା କାଟି ପାରନ୍ତି । ମୁଖ୍ୟ ପୂଜକ ପୋଢ଼ର ସେହି ମୁଣ୍ଡକୁ ବେକ ପାଖରୁ ଟାଙ୍ଗିଆରେ ହାଣି ଅଲଗା କରି ଦିଅନ୍ତି । ତା'ପରେ ମୁଣ୍ଡଟିକୁ କାନ୍ଧରେ ଲଦି ଜାକେରୀର ପୂଜାସ୍ଥଳୀକୁ ଆସନ୍ତି । ଅନ୍ୟ ଲୋକମାନେ ବାଜା ବଜାଇ ମୁଖ୍ୟ ପୂଜକଙ୍କ ପଛେ ପଛେ ଆସନ୍ତି । ପୋଢ଼ର ମୁଣ୍ଡଟିକୁ ଜାକେରୀର ପୂଜାସ୍ଥଳୀରେ ପୋତା ଯାଇଥିବା ଖୁଣ୍ଟଟିକୁ ହଳଦୀ ପାଣିରେ ଧୋଇ ତା'ଉପରେ ରଖି ଦିଆଯାଏ । ତାହା ପରବର୍ତ୍ତୀ ପୋଢ଼ଯାତ୍ରା ପର୍ଯ୍ୟନ୍ତ ସେହି ଖୁଣ୍ଟ ଉପରେ ରହିଥାଏ । ଆଗରୁ ଥିବା ମୁଣ୍ଡର କେବଳ ହାଡ଼ ଓ ଶିଙ୍ଗ ରହିଥାଏ । ସେଇଟିକୁ ସେମାନେ ବିସର୍ଜନ କରିଦିଅନ୍ତି ।

ପୋଢ଼ ଦେହରୁ ମାଂସ କାଟିସାରିବା ପରେ ମଧ୍ୟ ଲୋକମାନେ ବାଜାବଜାଇ ପୋତା ଯାଇଥିବା ଖୁଣ୍ଟ ଚାରିପଟେ ବୁଲି ବୁଲି ନାଚ କରନ୍ତି । ଏହି ନାଚରେ ସ୍ତ୍ରୀ, ପୁରୁଷ, ପିଲା, ବୁଢ଼ା, ବୁଢ଼ୀ ସମସ୍ତେ ଯୋଗ ଦିଅନ୍ତି । କେତେକ ସ୍ତ୍ରୀ ଲୋକ ମାଠିଆରେ ପାଣି ଆଣି ଖୁଣ୍ଟ ଚାରିପଟେ ଢାଳନ୍ତି । ଫଳରେ ତା' ଉପରେ ନାଚିବାରୁ ସେଠାରେ କାଦୁଅ ସୃଷ୍ଟି ହୁଏ । ସେହି କାଦୁଅକୁ ହାତରେ ଧରି ପରସ୍ପର ମଧ୍ୟରେ ଲଗାଲଗି ହୁଅନ୍ତି ଓ ଦେଖଣାହାରିଙ୍କ ଉପରକୁ ମଧ୍ୟ ଆନନ୍ଦରେ ଚିତ୍କାର କରି କାଦୁଅ ଫୋପାଡ଼ନ୍ତି । ଲୋକମାନେ ପିନ୍ଧିଥିବା ନୂଆ ଲୁଗା ଉପରେ କାଦୁଅ ପଡ଼ିଲେ ମଧ୍ୟ କେହି ରାଗନ୍ତି ନାହିଁ ବା ବିରକ୍ତ ହୁଅନ୍ତି ନାହିଁ । ବରଂ ଖୁସିରେ ନିଜେ ମଧ୍ୟ କାଦୁଅ ଖେଳରେ ମାତିଯାଆନ୍ତି । ଏହି ସମୟରେ ପରସ୍ପରକୁ ଭଲ ପାଉଥିବା ଯୁବକ ଓ ଯୁବତୀମାନେ ଜଣେ ଅନ୍ୟଜଣକ କାନ୍ଧରେ ହାତ ପକାଇ ନାଚିବାର ଦେଖାଯାଏ । ଏହି ସୁଯୋଗକୁ ସେମାନେ ହାତଛଡ଼ା କରନ୍ତି ନାହିଁ ।

ଏହିପରି ଭାବରେ ବର୍ଷର ବିଭିନ୍ନ ସମୟରେ ଆଦିବାସୀମାନେ ଭିନ୍ନ ଭିନ୍ନ ପର୍ବ ପାଳନ୍ତି । ପ୍ରତ୍ୟେକ ପର୍ବରେ ପୂଜା ପାଇଁ ହଳଦୀ, ଅରୁଆ ଚାଉଳ, ଅଣ୍ଡା, କୁକୁଡ଼ା ବା ଛେଳି ଏବଂ ମଦ ଦରକାର ହୋଇଥାଏ ।

ଧରଣୀ ପେନୁକୁ ରକ୍ତ ଓ ମାଂସଦେଇ ପୂଜାକଲେ ସେ ସନ୍ତୁଷ୍ଟ ହୋଇ ଭଲ ଫସଲ ଦିଏ ବୋଲି ଆଦିବାସୀଙ୍କର ବିଶ୍ୱାସ ରହିଛି । ତେଣୁ ପାରିବାରିକ ହେଉ ବା ଗୋଷ୍ଠିଗତ ହେଉ ସବୁ ପର୍ବ ପାଇଁ ମଦ, ମାଂସ ଓ ରକ୍ତ ନିହାତି ଆବଶ୍ୟକ ହୋଇଥାଏ । ବୟସ୍କ ଆଦିବାସୀମାନେ ଏହି ପରମ୍ପରାକୁ ବଜାଇ ରଖିବାକୁ ସର୍ବଦା ଚେଷ୍ଟିତ ଥାଆନ୍ତି । କିନ୍ତୁ ବର୍ତ୍ତମାନର ଶିକ୍ଷିତ ଯୁବକମାନଙ୍କର ବିରୋଧାଭାସ ଯୋଗୁ ଏଥିରେ କିଛିଟା ବ୍ୟତିକ୍ରମ ଦେଖାଦେଲାଣି । ପୂର୍ବେ ପ୍ରତିବର୍ଷ ପୋଢ଼ଯାତ୍ରା ଅନୁଷ୍ଠିତ ହେଉଥିଲା ବେଳେ ବର୍ତ୍ତମାନ ତାହା ପ୍ରାୟ ୧୨ ବର୍ଷରେ ଥରେ କରାଯାଉଛି । କେତେକ ଗାଆଁରେ ପୋଢ଼ ବଳି ପରିବର୍ତ୍ତେ ଛେଳି ବା କୁକୁଡ଼ା ବଳି ଦେଇ ପୂଜା ଅର୍ଚ୍ଚନା କରାଯାଉଛି । କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଆଦିବାସୀମାନଙ୍କୁ ଏହି ବଳିଦେବା କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ପ୍ରବର୍ତ୍ତାଯାଉଛି । ରକ୍ଷଣଶୀଳ ଚିନ୍ତାଧାରା ଏଥିରେ ପ୍ରତିବନ୍ଧକ ହୋଇ ଉଭାହେଉଛି । "ମାଆ କେବେ ସନ୍ତାନର ରକ୍ତ ମାଂସ ଚାହାନ୍ତି ନାହିଁ, କେବଳ ଭକ୍ତି ଓ ଆରାଧନା ଚାହାନ୍ତି ।" ଏକଥା କହି ସେମାନଙ୍କୁ ସଚେତନ କରିବାକୁ ଚେଷ୍ଟା କଲେ ସେମାନେ କହନ୍ତି – "ଆମର ପୂର୍ବପୁରୁଷମାନେ ଏହି ପରମ୍ପରା ପାଳନ କରି ଆସୁଥିଲେ, ଆମେ କାହିଁକି ଏହାକୁ ବନ୍ଦ କରିବୁ । କନ୍ଧମାଳ ଜିଲ୍ଲା ହେଉଛି ଗୋସିଂହ ଦୈତ୍ୟର ରାଜ୍ୟ । ଏଠାରେ ଯେକୌଣସି ପୂଜା ପାଇଁ ରକ୍ତ ଓ ମାଂସ ଦେବା ଜରୁରୀ । ଯଦି ଆମେ ଏହି ପ୍ରଥାକୁ ବନ୍ଦ କରିଦେବୁ ତେବେ ଧରଣୀ ପେନୁ କୋପକରିବେ ଫଳରେ ଫସଲ ନଷ୍ଟ ହେବା ସଙ୍ଗେ ସଙ୍ଗେ ଲୋକଙ୍କୁ ଓ ଗୃହପାଳିତ ପଶୁପକ୍ଷୀମାନଙ୍କୁ ବିଭିନ୍ନ ରୋଗ ହେବ । ବିଭିନ୍ନ ଦୈବିଦୁର୍ବିପାକ ହେବ । ତେଣୁ ଏହି ପ୍ରଥା ବନ୍ଦକରିବା ଉଚିତ ନୁହେଁ ବୋଲି ସେମାନେ ଯୁକ୍ତି ବାଢ଼ନ୍ତି । ସଚେତନ ନାଗରିକ ମଧ୍ୟ ଏହି ପ୍ରଥାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବାକୁ ଉଦ୍ୟମ କରୁଥିଲେ ମଧ୍ୟ ସଫଳ କାମ ହେବା ସମୟ ସାପେକ୍ଷ । ସହରାଞ୍ଚଳରେ ପାରମ୍ପରିକ ପ୍ରଥାରେ ପରିବର୍ତ୍ତନ ଆସିଥିଲେ ମଧ୍ୟ ଗ୍ରାମାଞ୍ଚଳରେ ଏହି ପ୍ରଥା ପୂର୍ବଭଳି ବଳବତ୍ତର ରହିଛି । ଏକ ମାନସିକତାର ପରିବର୍ତ୍ତନ ସମୟ ସାପେକ୍ଷ ତେବେ ଆଗାମୀ ଭବିଷ୍ୟତରେ ଏହା ସଂସ୍କାରିତ ହେବ ଏଥିପାଇଁ ସମସ୍ତେ ଆଶାବାଦୀ ।

ବାଲିଗୁଡ଼ା, ନୂଆସାହି
କନ୍ଧମାଳ - ୭୬୨୧୦୩

□□□

# ଦେଶିଆ କନ୍ଧ ପର୍ବପର୍ବାଣି

ରଘୁନାଥ ରଥ

ଗୋଟିଏ ଜାତିର ସଂସ୍କୃତିକୁ ଚିହ୍ନିବା ପାଇଁ ତାହାର ପର୍ବପର୍ବାଣି ସହାୟକ ହୋଇଥାଏ । ପର୍ବପର୍ବାଣି ମଧ୍ୟରେ ସେହି ଜାତିର ସଂସ୍କୃତିର ପରିସ୍ଫୁଟନ ହୋଇଥାଏ ଏବଂ ଧର୍ମଧାରାର ପ୍ରତିଫଳନ ଦେଖାଯାଏ । କନ୍ଧ ସମାଜରେ ସାଧାରଣତଃ ପ୍ରତ୍ୟେକ ପର୍ବପର୍ବାଣିରେ ପ୍ରକୃତିର ବିଭିନ୍ନ ଉପାଦାନକୁ ଉପାସନା କରାଯାଇଥାଏ । କନ୍ଧ ପର୍ବପର୍ବାଣିକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଯଥା –

୧) ପାରିବାରିକ ଓ ପିତୃପୁରୁଷ ପୂଜା

୨) କୃଷିଭିତ୍ତିକ ପର୍ବପର୍ବାଣି ବା ପୂଜା

ଏଥି ମଧ୍ୟରୁ ପିତୃପୁରୁଷ ପୂଜା ସମ୍ପୂର୍ଣ୍ଣ ପାରିବାରିକ ଏବଂ କୃଷିଭିତ୍ତିକ ପୂଜା ଗୋଷ୍ଠିଗତ ଭାବରେ ପାଳନ କରାଯାଇଥାଏ ।

ପାରିବାରିକ ପର୍ବ ମଧ୍ୟରେ ସାଧାରଣତଃ ସଂସ୍କାର ଭିତ୍ତିକ ଶିଶୁଜନ୍ମ, ଶିଶୁର ନାମକରଣ, ବିବାହ, ଶୁଦ୍ଧିକ୍ରିୟା ଏବଂ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ସାମୟିକ ଭାବେ ବଳି ଦେଇ ପୂଜା କରିବା ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇପାରେ । ଏହା ବ୍ୟତୀତ ଅନ୍ୟ ସମସ୍ତ ପର୍ବ କୃଷି ସମ୍ବନ୍ଧିତ ହୋଇଥାଏ । କନ୍ଧମାନେ ଦେବତାକୁ ପେନୁ କହନ୍ତି । ବିଭିନ୍ନ ପର୍ବପର୍ବାଣିରେ ଗାଆଁରେ ସ୍ୱତନ୍ତ୍ର ଭାବେ ଚିହ୍ନିତ ଜାନି ବା ଦେହୁରୀ ମୁଖ୍ୟଭୂମିକା ନିଭାଇଥାନ୍ତି । ପାରିବାରିକ ପର୍ବରେ ସାଧାରଣତଃ ଘରର ମୁଖ୍ୟ ପୁରୋଧା ସାଜିଥାନ୍ତି । ନିମ୍ନରେ ଦେଶିଆ କନ୍ଧ ସମାଜରେ ପ୍ରଚଳିତ କେତେକ କୃଷିଭିତ୍ତିକ ପର୍ବ ସମ୍ବନ୍ଧରେ ଆଲୋଚନା କରିବାର ଲକ୍ଷ୍ୟ ରହିଛି । ପୂଜକ ପୂଜା ଆରମ୍ଭ କଲାବେଳେ ପ୍ରଥମେ ହିନ୍ଦୁମାନଙ୍କ ଓଁ ଉଚ୍ଚାରଣ ଭଳି ଏହେଞ୍ଜା ଉଚ୍ଚାରଣ କରିଥାନ୍ତି । ତାହା ପରେ କୁଇ ଭାଷାରେ ହିନ୍ଦୁମାନେ ମନ୍ତ୍ର ପଢ଼ିଲା ପରି ଦେବତାଙ୍କୁ ଆବାହନ କରି ମଣିଷ ସହ କଥାବାର୍ତ୍ତା ହେଲା ଭଳି ଉଚ୍ଚାରଣ କରିଥାନ୍ତି । ଆମେ ତୁମକୁ ଏହି ବଳି ନୈବେଦ୍ୟ ଓ ମଦ ଅର୍ପଣ କରୁଛୁ । ଦୟାକରି ଆମ ସମସ୍ତଙ୍କୁ ନିରୋଗ ରଖନ୍ତୁ । ଗାଈ ଗୋରୁ ଆଦି ଗୃହପାଳିତ ପଶୁ ନିରୋଗ ରହନ୍ତୁ, ଭଲ ଫସଲ ହେଉ ଏବଂ ଜଙ୍ଗଲରେ ଆମ୍ଭେମାନେ କୌଣସି ବିପଦର ସମ୍ମୁଖୀନ ନ ହେଉ । ଏହିପରି କହି ମଣ୍ଡଳ ମଧ୍ୟରେ ହଳଦିଆ ଅରୁଆ ଚାଉଳ ଉପରେ କାଞ୍ଜିଆ ଅଣ୍ଡା ରଖି ବଳି ଓ ମଦ ଅର୍ପଣ କରିଥାନ୍ତି । ପୂଜକ ଦାନ୍ତ, ନ ଘଷି ନିଷ୍ଠାର ସହିତ ପୂଜା ସମ୍ପାଦନ କରିଥାନ୍ତି । କୁଇ ଭାଷାରେ ପୂଜାକୁ ଲାକା କହିଥାନ୍ତି ।

**୧) ସରୁପେନୁଲାକା :** ପାହାଡ଼ ନିକଟରେ ବା ପାହାଡ଼ରେ ଚାଷ କରିବାକୁ ଗଲାବେଳେ ଏହି ପୂଜା କରାଯାଇଥାଏ । ଏହି ପୂଜାରେ କୁକୁଡ଼ା, କୁକୁଡ଼ା ଅଣ୍ଡା, ଅରୁଆଚାଉଳ, ମହୁଲି ମଦ ବ୍ୟବହୃତ ହୋଇଥାଏ ।

୨) **ମ୍ରାହାକାପେନୁଲାକା :** ଏହି ପୂଜା ସାଧାରଣତଃ ମାର୍ଚ୍ଚ ଏପ୍ରିଲ ମାସରେ କରାଯାଇଥାଏ । ପାହାଡ଼ରେ ଚାଷ କରିବା ପାଇଁ ଜଙ୍ଗଲ କାଟିବା ପୂର୍ବରୁ ଏହି ପୂଜା କରାଯାଇଥାଏ । ଏହି ପୂଜାରେ ପ୍ରତିବର୍ଷ ବାରଟି ସ୍ଥାପିତ ଧରଣୀ ପେନୁଙ୍କ ଉଦ୍ଦେଶ୍ୟରେ ବାରଗୋଟି ଅଣ୍ଡା ହଳଦିଆ ଅରୁଆ ଚାଉଳ ଉପରେ ରଖି ଅର୍ପଣ କରାଯାଏ । ଏହି ଦିନ ଜମି ମାଲିକ ଓ ତାଙ୍କ ସ୍ତ୍ରୀ ଉପବାସ ରହନ୍ତି । ଏହି ପୂଜା ଗାଆଁର ଜାନି କରିଥାନ୍ତି । ବଳି ଦିଆଯାଇଥିବା କୁକୁଡ଼ା ବା ଛେଳିର ରକ୍ତ ଦାରେନି ପଥର ଉପରେ ଜାନି ପକାଇଥାଏ ।

କୌଣସି ପାହାଡ଼ରେ ନୂଆକରି ପୋଡୁଚାଷ କରିବା ପୂର୍ବରୁ ଫେବୃୟାରୀ ଶେଷ ବେଳକୁ କାଙ୍ଗାମେଡ଼ା ଲାକା ପାଳନ କରାଯାଇଥାଏ । ଏହାପରେ ଉକ୍ତ ଜାଗାରୁ ଜଙ୍ଗଲ କଟାଯାଇଥାଏ । ସେହି ଜାଗାରେ ପୂଜକ ଏକ ଧରଣୀ ସ୍ଥାପନ କରନ୍ତି ଏବଂ ବୁରାପେନୁଙ୍କୁ ଆବାହନ କରିଥାନ୍ତି । ମାର୍ଚ୍ଚ ପ୍ରଥମାର୍ଦ୍ଧରେ ଗଛ କଟା ଯାଇଥିବା ଜାଗାରେ ନିଆଁ ଲଗାଇବା ପାଇଁ କିଛି ଲୋକ ଯାଇଥାନ୍ତି । ଏହି ସମୟରେ ମଧ୍ୟ କୁକୁଡ଼ା ବଳି ଦେଇ ଅଣ୍ଡା, ମଦ ଅର୍ପଣ କରିଥାନ୍ତି । ତାହାପରେ ପୁନର୍ବାର ସେହି ସ୍ଥାନରେ ଲଗାଯାଇଥିବା ଗଛରେ କଡ଼ି ହେଲେ ପୁଣି ଏକ ପୂଜା କରାଯାଇଥାଏ ଏବଂ ପୁନର୍ବାର ଫଳ ପାଚିଲା ପରେ ବି ଏକ ପୂଜା କରାଯାଇଥାଏ ।

୩) **ପିଟେରି ପେନୁଲାକା :** ଏହି ଦେବତା ଧନର ଦେବତା ଅଟନ୍ତି । ଧନବୃଦ୍ଧି ନିମନ୍ତେ ଏହି ଦେବତାଙ୍କୁ ପୂଜା କରାଯାଏ । ଏକ ନୂଆ ଟୋକେଇରେ ଏକ ଲମ୍ବା ବାଉଁଶର ଅଗ୍ରଭାଗ ଦୁଇଫାଳ କରି ଲଗାଯାଏ । ପୂଜକ ଗାଆଁର ଘର ବୁଲନ୍ତି । ପ୍ରତ୍ୟେକ ଘରୁ କିଛି କିଛି ବିହନ ସେହି ଟୋକେଇରେ ସଂଗୃହିତ ହୁଏ । ପୂଜକ ଓ ବୟସ୍କମାନେ ଗ୍ରାମ ବାହାରେ ଏକ ଜମିକୁ ଯାଆନ୍ତି । ସେଠାରେ ଉକ୍ତ ଟୋକେଇ ରଖିଦିଅନ୍ତି । ଏହି ସମୟରେ ଗ୍ରାମର ଯୁବକମାନେ ମଧ୍ୟ ବିଭିନ୍ନ ପ୍ରକାର ଧ୍ୱନି ଦେଇ ସେମାନଙ୍କ ସହ ଯାଇଥାନ୍ତି । ଏହାଦ୍ୱାରା ଗ୍ରାମରୁ ଅପଦେବତା ଚାଲିଯାଏ ବୋଲି ସେମାନଙ୍କର ବିଶ୍ୱାସ ରହିଛି ।

ଦ୍ୱିତୀୟ ଦିନ ସମସ୍ତ ଘରର ମୁଖ୍ୟମାନେ ଏକ ଘୁଷୁରୀକୁ ବଳିଦେଇ ସେମାନଙ୍କ ଘରେ ଥିବା ବିହନରେ ତା'ର ରକ୍ତ ସିଞ୍ଚନ କରନ୍ତି ଏବଂ ପିଟେରୀ ପେନୁଙ୍କ ଉଦ୍ଦେଶ୍ୟରେ କହନ୍ତି – "ଏହି ବିହନ ଆମେ କାଲିକି ବୁଣିବୁ ଏବଂ ଏଥିରୁ ପ୍ରଚୁର ଆଦାୟ ହେଉ ।"

୪) **ଗୋଡ଼ିଙ୍ଗାତୁହୁପା :** ଏହି ପର୍ବ ଚୈତ୍ର ବୈଶାଖ ମାସରେ ପାଳିତ ହୋଇଥାଏ । ଏହି ଦିନ ଗ୍ରାମର ସ୍ତ୍ରୀମାନେ ପାହାଡ଼କୁ ଯାଇ ମହୁଲ ଫୁଲ ଓ କଞ୍ଚା ଆମ୍ବ ସଂଗ୍ରହ କରି ଆଣିଥାନ୍ତି । ପୁରୁଷମାନେ କାଠର ଲଙ୍ଗଳ ପାଇଁ ଏକ ଟାଣ କାଠ ଜଙ୍ଗଲରୁ ସଂଗ୍ରହ କରନ୍ତି । ଜାନି ସମସ୍ତ ଘରୁ ମହୁଲ, କଞ୍ଚା ଆମ୍ବ ଏବଂ ଲଙ୍ଗଳ ଆଣି ଗ୍ରାମ ମଧ୍ୟ ସ୍ଥଳରେ ଥିବା ହାରେନି ପେନୁଙ୍କ ନିକଟରେ ରଖି ବୁରାପେନୁଙ୍କୁ ସ୍ମରଣକରି ଏକ ଛୋଟ କୁକୁଡ଼ା ବଳି ଦେଇ ତାହାର ରକ୍ତ ଧରଣୀ ପଥର ଉପରେ ଛିଞ୍ଚନ୍ତି । ଛୋଟ

କୁକୁଡ଼ାର କଲିଜା ବାହାର କରି ତାହାକୁ ଦୁଇ ଖଣ୍ଡ କରି ଚାଉଳରେ ମିଶାଇ ଗୋଟିଏ ଭାଗ ରାନ୍ଧନ୍ତି ଓ ଅନ୍ୟଭାଗଟି ଅରନ୍ଧା ରଖନ୍ତି । ଏହାକୁ ବିଟାଲି ପାଲା କହିଥାନ୍ତି । ଏହା ଦେବତାଙ୍କ ଉଦ୍ଦେଶ୍ୟରେ ଅର୍ପଣ କଲା ପରେ ପୂଜକ ରନ୍ଧାଭାଗଟି ଖାଇଥାନ୍ତି ।

ତା' ପରଦିନ ସୂର୍ଯ୍ୟୋଦୟ ପୂର୍ବରୁ ଗ୍ରାମର ଯୁବକମାନେ ପ୍ରତ୍ୟେକ ଘରୁ ବିହନ ସଂଗ୍ରହ କରନ୍ତି ଏବଂ ଲଙ୍ଗଳଗୁଡ଼ିକୁ ଧରି ପୂଜକ ସହ ଗ୍ରାମର ତଳମୁଣ୍ଡ ସୀମା ପର୍ଯ୍ୟନ୍ତ ଯାଇ ସେଠାରେ ଲଙ୍ଗଳ ଗୁଡ଼ିକ ନିଆଁ ଲଗାଇ ପୋଡ଼ି ଦିଅନ୍ତି ଏବଂ ବିହନ ଗୁଡ଼ିକ ରାସ୍ତାରେ ବୁଣିଦିଅନ୍ତି । ସେଠାରୁ ଫେରିଲା ପରେ ଜାନିଙ୍କ ସ୍ତ୍ରୀ କୁଲାରେ ହଳଦୀ ପାଣି ନେଇ ସମସ୍ତ ଯୁବକଙ୍କ ଉପରକୁ ଫିଙ୍ଗିଥାନ୍ତି । ଏହାପରେ କନ୍ଧମାନେ ଜମିରେ ବୁଣିବା ପାଇଁ ବିହନ ବାହାର କରନ୍ତି ଏବଂ ଗୃହିଣୀମାନେ ଘରେ ମହୁଲ ସିଝାଇ ଖାଇପାରନ୍ତି ।

୫) **ଲେରଲାକା :** ଅନାବୃଷ୍ଟି ହେଲେ ଲେର ଦେବତାଙ୍କୁ ପୂଜା କରାଯାଇଥାଏ । ଦୁଇ ଚାରି ଖଣ୍ଡ ଗ୍ରାମର ଲୋକେ ଏକାଠି ଏହି ପୂଜା କରିପାରନ୍ତି କିମ୍ବା ଗୋଟିଏ ଗ୍ରାମର ଲୋକେ ମଧ୍ୟ ଏହି ପୂଜା କରିପାରନ୍ତି । ସମସ୍ତେ ଏକାଠି ହେଲା ପରେ ସନ୍ଧ୍ୟା ପରେ ଗ୍ରାମଦେବତୀଙ୍କ ନିକଟକୁ ଯାଇ କାଞ୍ଚିଆ ଅଣ୍ଡା ଏବଂ କୁକୁଡ଼ା ବଳି ଦେଇ ପୂଜା ପରେ ସମସ୍ତେ ନାଚିନାଚି ଗ୍ରାମ ପରିକ୍ରମା କରନ୍ତି । ଏହି ପ୍ରକ୍ରିୟା ସକାଳ ଯାଏ ଚାଲେ । ପୁରୁଷମାନେ ଗ୍ରାମରେ ନାଚିନାଚି ଗଲାବେଳେ ପ୍ରତ୍ୟେକ ଘରର ସ୍ତ୍ରୀମାନେ କୁଲାରେ ହଳଦୀ ପାଣି ନେଇ ସେମାନଙ୍କ ଉପରକୁ ଫିଙ୍ଗିଥାନ୍ତି । ଶେଷରେ ବଳି କୁକୁଡ଼ାର କଲିଜା ପୋଡ଼ି ଚାରିମୁଠା ରନ୍ଧା ଭାତ ସହ ମିଶାଇ ପୂଜା କଲା ପରେ ସମସ୍ତେ ଖାଦ୍ୟ ଗ୍ରହଣ କରିଥାନ୍ତି ।

୬) **ଜାଲାଲାକା :** ପର୍ବତରେ କାନ୍ଦୁଲ ଲଗାଇବା ପୂର୍ବରୁ ଦେଶିଆ କନ୍ଧମାନେ ଏହି ପୂଜା କରିଥାନ୍ତି । ପର୍ବତରେ ଚାଷଜାଗାରେ ଏକ ଦାରନି ସ୍ଥାପନ କରି ତାହା ନିକଟରେ ଘୁଷୁରି କିମ୍ବା କୁକୁଡ଼ା ବଳି ଦେଇ ତା'ପରେ ମଦ ଢାଳନ୍ତି । ଶେଷରେ ଏକ ଭୋଜିର ଆୟୋଜନ କରାଯାଇଥାଏ । ଶେଷରେ ଏକ ଭୋଜିର ଆୟୋଜନ କରାଯାଇଥାଏ । ଖାଇସାରିଲା ପରେ ଯେଉଁ ଜମିରେ କାନ୍ଦୁଲ ଲଗାଯିବ ସେହି ଜମିରେ ପୂଜା ଚାଉଳ ଫୋପାଡ଼ି ଥାଆନ୍ତି ।

୭) **କିରଡ଼ାଲାକା :** ବିଭିନ୍ନ ପ୍ରକାର ଶାଗ ଖାଇବା ପୂର୍ବରୁ କନ୍ଧମାନେ ଏହି ପୂଜା କରିଥାନ୍ତି । ଗ୍ରାମ ଦେବତୀଙ୍କ ନିକଟରେ କୁକୁଡ଼ା ବଳି ଦେଇ ଓ ମଦ ଢାଳି ବିଭିନ୍ନ ଶାଗ ସମର୍ପଣ କଲାପରେ ବିଭିନ୍ନ ପ୍ରକାର ଶାଗ କନ୍ଧମାନେ ଖାଇଥାନ୍ତି । ଏହା ଆଷାଢ଼ ମାସରେ ପାଳନ କରାଯାଏ ।

୮) **ମାରାଲାକା :** ଏହି ପୂଜାରେ ଛତୁ ନୂଆକରି ଦିଆଯାଏ । ଅରୁଆ ଚାଉଳ ସହ ବିଭିନ୍ନ ପ୍ରକାର ଛତୁ ଗ୍ରାମଦେବତୀଙ୍କ ନିକଟରେ ସମର୍ପଣ କଲା ପରେ ଛତୁ ଖାଇଥାନ୍ତି । ଏହା ଶ୍ରାବଣ ମାସରେ ପାଳନ କରାଯାଏ ।

୯) **ମାରାଙ୍ଗାଲାକା :** ଭାଦ୍ରବ ମାସରେ କନ୍ଧମାନେ ମକା, ଜହ୍ନି ଇତ୍ୟାଦି ଖାଇବା ପୂର୍ବରୁ ଏହି ପୂଜା

ଅନୁଷ୍ଠିତ ହୁଏ । ଗ୍ରାମଦେବତୀଙ୍କ ନିକଟରେ ଦେହୁରୀ କାଞ୍ଜିଆ ଅଣ୍ଡା ଗୋଟିଏ ଓ କୁକୁଡ଼ାଟିଏ ବଳି ଦେଇ ଏହି ପୂଜା କରିଥାନ୍ତି । ଏହାପରେ ଗ୍ରାମବାସୀମାନେ ଭୋଜିକରି ଖାଇଥାନ୍ତି ।

୧୦) **ଉମାର ପିଟିକାଲାକା :** ଗ୍ରାମର ପୂର୍ବ ଦିଗରେ ଏକ ଧାନଗଛ ରଖି ଏହି ପୂଜା କରାଯାଏ । ମାମୁଁଘରୁ ଭାଣିଜି ଆଣିଥିବା ଚାଉଳରେ ମଣ୍ଡାପିଠା ତିଆରି କରି ଅରୁଆ ଚାଉଳ ସହ ବୁଢ଼ୀମା ଠାକୁରାଣୀଙ୍କୁ ପୂଜା କରାଯାଏ । ପୂଜା ସମୟରେ ଏକ ଛେଳି କିମ୍ବା କୁକୁଡ଼ା ବଳି ଦିଆଯାଏ । ଏକ ବାଉଁଶକୁ ତିନି କେନା କରି ତଳେ ପିଟି ପୂଜା ସମୟରେ ପୂଜକ ମନ୍ତ୍ର ପଢ଼ିଥାଏ । ସାଧାରଣତଃ ଫସଲରେ ରୋଗପୋକ ହେଲେ ଭାଦ୍ରବ ମାସରେ ଏହି ପୂଜା କରାଯାଏ ।

୧୧) **କଏର ପପ୍‌କା ବା ନୂଆଁଖିଆ :** ଏହି ପୂଜା ଭାଦ୍ରବ ମାସରେ ପାଳନ କରାଯାଏ । ଗ୍ରାମ ଦେବତୀଙ୍କୁ କାଞ୍ଜିଆ ଅଣ୍ଡା, କୁକୁଡ଼ା ବଳି ଓ ମଦ ଢାଳି ପୂଜା କରାଯାଏ । ଏହି ପୂଜା ପରେ ନୂଆ ଧାନ ଖିଆ ଯାଇପାରେ । ଏହି ପୂଜା ପରେ କାନ୍ଦୁଲ ଶିମ୍ବ ଇତ୍ୟାଦି ମଧ ଖିଆ ଯାଇପାରେ ।

୧୨) **ବାଟବଲାନ :** ଆଶ୍ୱିନ ମାସରେ ଏହି ପୂଜା କରାଯାଇଥାଏ । ଫସଲକୁ ରୋଗପୋକ ଦାଉରୁ ରକ୍ଷା କରିବା ପାଇଁ ଗ୍ରାମଦେବୀଙ୍କୁ କାଞ୍ଜିଆ ଅଣ୍ଡା, କୁକୁଡ଼ା ଓ ମଦ ଅର୍ପଣ କରି ପୂଜା କରାଯାଇଥାଏ । ଗାଆଁର ଦୋବାଟିରେ ଧନ ଓ ମକା ଗଛ ରଖି ଏହି ପୂଜା କରାଯାଏ ।

୧୩) **ଶିଶାଲାକା :** ଫସଲ ଅମଳ ପୂର୍ବରୁ ଗଦାରେ ଥିବା ପ୍ରତ୍ୟେକ ଧନଗଦାରୁ ଧାନ ଆଣି ହାତରେ କୁଟି ସେହି ଚାଉଳକୁ ରାନ୍ଧି ତା' ସହିତ କାଞ୍ଜିଆ ଅଣ୍ଡା, କୁକୁଡ଼ା ଓ ମଦ ଦେଇ ସମସ୍ତ ଗ୍ରାମବାସୀ ଦେହୁରୀଙ୍କ ଦ୍ୱାରା ଗ୍ରାମ ଦେବତୀଙ୍କ ନିକଟରେ ପୂଜା କରିଥାନ୍ତି । ଏହି ପୂଜା ପରେ ଗାଁ'ଦାଣ୍ଡ ଝାଡୁ କରାଯାଏ ନାହିଁ ଏବଂ ଗ୍ରାମବାସୀମାନେ ଝଟା, ମୁଢ଼ି ଓ ମଦ ଖାଇ ନ ଥାନ୍ତି ଏବଂ ଗ୍ରାମ ମୁଖିଆ ଲୁଣ ଖାଇ ନ ଥାଏ । ଧାନ ଅମଳ ସରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହେ । ଧାନ ଅମଳ ସରିଲା ପରେ ଦେହୁରୀ ଅପାଛୁଡ଼ା ହାତକୁଟା ଚାଉଳ ଚାରିମୁଠା ଚାରି ଦିଗକୁ ଫିଙ୍ଗିଲା ପରେ ପୁଣି ଗ୍ରାମ ଦାଣ୍ଡ ସଫା କରାଯାଏ ଏବଂ ଗ୍ରାମବାସୀମାନେ ପୂର୍ବରୁ ଛାଡ଼ିଥିବା ଖାଦ୍ୟ ଖାଇପାରନ୍ତି । ଏହି ସମୟ ମଧ୍ୟରେ କୌଣସି ବ୍ୟକ୍ତି ବାହାର ଲୋକଙ୍କୁ ଟଙ୍କା ପଇସା, ଧାନ ଇତ୍ୟାଦି ଦେଇ ନ ଥାନ୍ତି । ଏହି ପୂଜା ସାଧାରଣତଃ ମାର୍ଗଶୀର ପୌଷ ମାସରେ ପାଳିତ ହୋଇଥାଏ ।

୧୪) **ଇରପିକେଡୁ :** ଏହି ପର୍ବ ସାଧାରଣତଃ ଫାଲଗୁନ୍ ମାସରେ ପାଳନ କରାଯାଏ । ନୂଆ ମହୁଲ ଓ ଆମ୍ବ ଖାଇବା ପୂର୍ବରୁ ଏହି ପର୍ବପାଳନ କରାଯାଇଥାଏ । ପୂଜାଦିନ ଦେହୁରୀ ଗିରିଡ଼ି ଫୁଲ, ବୁଡେଲି ଫୁଲ ଓ ମହୁଲ ଡାଳ ଗ୍ରାମଦେବତୀଙ୍କୁ ଅର୍ପଣ କରି କାଞ୍ଜିଆ ଅଣ୍ଡା, କୁକୁଡ଼ା ଓ ମଦ ଦେଇ ପୂଜା କରିଥାଏ । ଏହାପରେ ବଳି ପଡ଼ିଥିବା କୁକୁଡ଼ା ରାନ୍ଧି ସମସ୍ତ ଗ୍ରାମବାସୀ ପ୍ରସାଦ ଆକାରରେ ପାଇଥାନ୍ତି । ଏହାପର ଠାରୁ ମହୁଲ ଓ ଆମ୍ବ ଖାଇବାରେ ବାରଣ ନ ଥାଏ ।

ଏହିପରି ଆହୁରି ବହୁତ ଗୁଡ଼ିଏ ପର୍ବ ବା ପୂଜା ଦେଶିଆ କନ୍ଧମାନେ ପାଳନ କରିଥାନ୍ତି । ଅଞ୍ଚଳ ଭେଦରେ ଏହି ପର୍ବଗୁଡ଼ିକର ନାମରେ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଏହି ପର୍ବ ବା ପୂଜା ପାଳନ କରିବା ଦ୍ୱାରା କନ୍ଧ ସମାଜରେ ଏକତା ବଜାୟ ରହେ ଏବଂ ସ୍ୱାର୍ଥପରତା ହ୍ରାସ ପାଇଥାଏ । ଏଗୁଡ଼ିକର ବୈଜ୍ଞାନିକ ଭିତ୍ତିଭୂମି ନଥିଲେ ମଧ୍ୟ ସେଗୁଡ଼ିକ ସେମାନଙ୍କ ସାମାଜିକ ଚଳଣୀର ଅଙ୍ଗୀଭୂତ ହୋଇଯାଇଛି । ଅତୀତରେ ପାଳିତ ହେଉଥିବା ବହୁ ପର୍ବପର୍ବାଣି ସାମାଜିକ ପରିବର୍ତ୍ତନ ଫଳରେ ଏବଂ ଶିକ୍ଷାର ପ୍ରସାର ଯୋଗୁ ସେମାନଙ୍କ ମାନସିକତାରେ ପରିବର୍ତ୍ତନ ଦ୍ୱାର ବନ୍ଦ ହୋଇଗଲାଣି । ଯାହାକିଛି ବର୍ତ୍ତମାନ ବଞ୍ଚି ରହିଛି ସେଗୁଡ଼ିକୁ କାନ୍ଧମାନେ ନିଷ୍ଠାର ସହ ପାଳନ କରନ୍ତି । କିନ୍ତୁ ସେମାନଙ୍କ ମୁଖ୍ୟପର୍ବ କେଡୁ ବା ପୋଢ଼ ବଳି ଦେଇ ଧରଣୀ ଦେବୀଙ୍କୁ ପୂଜା କରାବା ଏବେ ମଧ୍ୟ ପ୍ରଚଳିତ ଅଛି ।

ପଣସପଡ଼ି, ବାଲିଗୁଡ଼ା
କନ୍ଧମାଳ - ୭୬୨୧୦୩

□□□

# ଓରାମ୍ ପର୍ବପର୍ବାଣି

ଡ. ନାକୁ ହାଁସ୍‌ଦାଃ

ଆମ ରାଜ୍ୟ ଓଡ଼ିଶାରେ ବାଷଠି ପ୍ରକାରର ଆଦିବାସୀ ବସବାସ କରୁଛନ୍ତି । ବିଭିନ୍ନ ଜିଲ୍ଲାଗୁଡ଼ିକରେ ବିଭିନ୍ନ ସମ୍ପ୍ରଦାୟର ଆଦିବାସୀ ବହୁ ସଂଖ୍ୟାରେ ବସବାସ କରୁଥିବା ଜଣାଯାଇଥାଏ । ତେଣୁ ଏହି ସଂଖ୍ୟା ଗରିଷ୍ଠତା ଭିତରେ ପ୍ରତ୍ୟେକ ଜିଲ୍ଲାର ଏକ ଏକ ଆଦିବାସୀ ଗୋଷ୍ଠୀକୁ ପ୍ରମୁଖ ସମ୍ପ୍ରଦାୟ ଭାବେ ଚିହ୍ନଟ କରାଯାଇଅଛି । ଯେପରିକି ମୟୂରଭଞ୍ଜରେ ସାନ୍ତାଳ, କେନ୍ଦୁଝରରେ ଭୂୟାଁ, କନ୍ଧମାଳରେ କନ୍ଧ, ସମ୍ବଲପୁରରେ ମୁଣ୍ଡା ଜନଜାତି ହେଉଛନ୍ତି ସେଠାକାର ପ୍ରମୁଖ ଆଦିବାସୀ ସମ୍ପ୍ରଦାୟ । ଏହି ପ୍ରକାରେ 'ଓରାମ'ମାନେ ହେଉଛନ୍ତି ସୁନ୍ଦରଗଡ଼ ଜିଲ୍ଲାର ପ୍ରମୁଖ ସମ୍ପ୍ରଦାୟ । ଅବଶ୍ୟ ସୁନ୍ଦରଗଡ଼ ବ୍ୟତୀତ ପଡ଼ୋଶୀ ଜିଲ୍ଲାଗୁଡ଼ିକରେ ଏବଂ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟରେ ମଧ୍ୟ ଏମାନେ ଅବସ୍ଥାନ କରୁଛନ୍ତି । ଅନ୍ୟ ଆଦିବାସୀମାନଙ୍କ ପରି ଓରାମ୍‌ମାନେ ମଧ୍ୟ ସରଳ ଜୀବନଯାପନ କରିବାକୁ ପସନ୍ଦ କରିଥାନ୍ତି । ଅବଶ୍ୟ ଅନ୍ୟ ଅଞ୍ଚଳର ଆଦିବାସୀଙ୍କ ତୁଳନାରେ ସୁନ୍ଦରଗଡ଼ର ଓରାମ୍ ସାକ୍ଷରତା ହାର ଯଥେଷ୍ଟ ବେଶୀ । ଏହା ହୁଏତ ମିଶନାରୀମାନଙ୍କ ସଂସ୍ପର୍ଶର ପରିଣାମ ହୋଇଥାଇପାରେ । କାରଣ ଏହି ଅଞ୍ଚଳର ଆଦିବାସୀଙ୍କ ମଧ୍ୟରୁ ଅନେକେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଅଛନ୍ତି ।

ଆଦିବାସୀମାନଙ୍କ ଜୀବନଧାରାକୁ ଅନୁଧ୍ୟାନ କଲେ ଜଣାଯାଏ, ସେମାନେ ମୁଖ୍ୟତଃ ଶ୍ରମଜୀବିଗୋଷ୍ଠୀର । ଏମାନେ ଶାରିରୀକ ଶ୍ରମ ସାଧନ କରି ତାଙ୍କ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇଥାନ୍ତି । ତେଣୁ ଏହି ଗତାନୁଗତିକ ଜୀବନଧାରାରୁ ସାମୟିକ ଅବ୍ୟାହତି ତଥା ପରମ୍ପରା ଓ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିବା ସକାଶେ ଓରାମ୍ ସମ୍ପ୍ରଦାୟ କେଉଁ ଆବାହମାନ କାଳରୁ ବିଭିନ୍ନ ପର୍ବପର୍ବାଣି ପାଳନକରି ଆସୁଅଛି । ଯାହା ସେମାନଙ୍କ ଐତିହ୍ୟ ଓ ସଂସ୍କୃତିର ସାକ୍ଷର ବହନ କରିଆସିଅଛି । ସେମାନେ ପାଳନ କରୁଥିବା ପର୍ବପର୍ବାଣିଗୁଡ଼ିକ ଯେ କେବଳ ମଉଜମଜ୍‌ଲିସ୍ କରିବା ସକାଶେ ଉର୍ଦ୍ଦିଷ୍ଟ ତାହାନୁହେଁ ବରଂ ଅନେକାଂଶରେ ଏହା ସେମାନଙ୍କୁ ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିଆସିଅଛି । ବାସ୍ତବରେ ଏହି ପର୍ବପର୍ବାଣିଗୁଡ଼ିକ ସେମାନଙ୍କ ଜୀବନଧାରାର ଏକ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ । ଏହା ବ୍ୟତିରେକ ସେମାନଙ୍କୁ ବୁଝିବା ଓ ଜାଣିବା ଅସମ୍ପୂର୍ଣ୍ଣ କହିଲେ ଅତ୍ୟୁକ୍ତି ହେବନାହିଁ । ଏମାନଙ୍କ ଏହି ପର୍ବପର୍ବାଣିଗୁଡ଼ିକ ଜନଜାତିକୁ ଏକତା ସୂତ୍ରରେ ବାନ୍ଧି ରଖିବା ସମେତ ଭାରତୀୟ ସଂହତି ଜୀବନକୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ପ୍ରଭାବିତ କରିଆସିଅଛି । ଏହି ପ୍ରବନ୍ଧରେ ଓରାମ୍‌ମାନଙ୍କ କେତେକ ମୁଖ୍ୟ ପର୍ବ ସମ୍ବନ୍ଧରେ ଆଲୋଚନା କରାଯିବାର ପ୍ରୟାସ କରାଯାଇଅଛି ।

**ଖାଦ୍ଦି ପର୍ବ :**

ଏହି ପର୍ବକୁ ଓରାମ୍‌ମାନେ ଚୈତ୍ରମାସ ଶୁକ୍ଳପକ୍ଷର ତୃତୀୟା ତିଥିରୁ ପୂର୍ଣ୍ଣିମା ମଧ୍ୟରେ ତିଥି ଧାର୍ଯ୍ୟ କରି, ଯେକୌଣସି ଦିନ ଏକ ଏକ ଗ୍ରାମର ଲୋକମାନେ ସମ୍ମିଳୀତ ଭାବେ ପାଳନ କରିଥାନ୍ତି । ଏହାକୁ ଅନ୍ୟ

ଭାଷାଭାଷୀର ଲୋକମାନେ 'ସାରହଲ' ନାମରେ ନାମିତ କରିଥାନ୍ତି । ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଯେ ମୟୂରଭଞ୍ଜର ସାନ୍ତାଳ ଜନଜାତିମାନଙ୍କ ଦ୍ୱାରା ପାଳନ କରାଯାଉଥିବା ବାହାବଙ୍ଗା ପର୍ବକୁ ଓଡ଼ିଆ ଭାଷାଭାଷୀ ଲୋକମାନେ 'ଶାଳୟପୂଜା' ନାମରେ ନାମିତ କରିଥାନ୍ତି । ଏହା ଅବଶ୍ୟ ସାନ୍ତାଳମାନେ ଫଗୁଣ ମାସରେ ପାଳନ କରିଥାନ୍ତି । ଓରାମମାନେ ପାଳନ କରୁଥିବା ଏହି ପର୍ବ ଅବସରରେ ନୂଆ ଜ୍ୱାଇଁ ତଥା ଅନ୍ୟାନ୍ୟ ଅତିଥିଙ୍କୁ ଆମନ୍ତ୍ରଣ କରିବାର ବିଧି ରହିଛି ।

ପର୍ବଟି ମୁଖ୍ୟତଃ କୃଷି କୈନ୍ଦ୍ରିକ । ତେଣୁ କୃଷି କାର୍ଯ୍ୟ ଆରମ୍ଭ କରାଯିବା ପୂର୍ବରୁ ଏହି ପର୍ବ ପାଳନ କରାଯାଇଥାଏ । ସେମାନେ ତାଙ୍କ ଇଷ୍ଟଦେବତା ଧାର୍ମେଶଙ୍କୁ ଭଲ ଫସଲ ହେବା ପାଇଁ ଏହି ଅବସରରେ ପ୍ରାର୍ଥନା କରିଥାନ୍ତି । 'ଧାର୍ମେଶ'ଙ୍କୁ ଶ୍ରେଷ୍ଠ ସୃଷ୍ଟି ଭାବେ ଗ୍ରହଣ କରାଯାଉଥିବା ଶାଳବୃକ୍ଷ ନିକଟରେ ତାଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ପର୍ବପାଳନ ଅବସରରେ ଓରାମ୍‌ମାନେ ଧରଣୀମାତାଙ୍କ ସହିତ ସୂର୍ଯ୍ୟଦେବତାଙ୍କ ବିବାହ ସମ୍ପନ୍ନ କରାଇଥାନ୍ତି । ଅବଶ୍ୟ ଏହି ବିବାହ ପରେ ହିଁ ପୂଜା କରିବାର ବିଧି ରହିଥିବା କଥା ଜଣାଯାଇଥାଏ । ପର୍ବଦିନ ଘରର ବୟୋଜ୍ୟୋଷ୍ଠ ପୁରୁଷ ଓ ମହିଳା ଉପବାସ ରହି ନିଜ ନିଜ ଘରେ ପୂଜା ଆରାଧନା କରିଥାନ୍ତି । ନିଜ ଘରର ପୂଜା ସମାପ୍ତି ପରେ ସମସ୍ତେ 'ଚାଳାଟୋଙ୍କା'ଠାରେ ଏକତ୍ରୀତ ହୁଅନ୍ତି । ଏହି ଚାଳାଟୋଙ୍କା ଓରାମ୍‌ମାନଙ୍କର ପବିତ୍ର ଦେବାଳୟ । ଏଠାରେ ସେମାନେ ଚାଳାଆୟାଙ୍ଗ (ମାଆ) ଓ ଧାର୍ମେଶଙ୍କୁ ସାମୂହିକ ଭାବେ ପୂଜା କରିଥାନ୍ତି । ଏହା ଗ୍ରାମର ପୂଜକ (ପାହାନ୍)ଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ । ପୂଜାକାର୍ଯ୍ୟ ସମାପନ ପରେ ପାହାନ୍ ସେହିବର୍ଷର ପାଣିପାଗ ସମ୍ବନ୍ଧୀୟ ସୂଚନା ଗ୍ରାମବାସୀଙ୍କୁ ପ୍ରଦାନ କରିଥାନ୍ତି । ଏହା ଅନ୍ତେ ନୃତ୍ୟଗୀତର ଆୟୋଜନ କରାଯାଇଥାଏ । ଗ୍ରାମର ଆବାଳବୃଦ୍ଧ-ବନୀତା ଏଥିରେ ଅଂଶଗ୍ରହଣ କରିବାର ସୁଯୋଗ ରହିଛି । ପ୍ରତ୍ୟେକ ପରିବାରରେ ପିଠାପଣା, ମାଂସ ଭାତ, ମହୁଲମଦ, ହାଣ୍ଡିଆ ସମସ୍ତ ପ୍ରକାର ଖାଦ୍ୟପେୟର ପ୍ରସ୍ତୁତ କରାଯାଇଥାଏ । ଏହି ସମସ୍ତ ଖାଦ୍ୟ ପଦାର୍ଥ ଦେଇ ଅତିଥି ଅଭ୍ୟାଗତଙ୍କୁ ପରିଚର୍ଯ୍ୟା କରାଯିବା ସମେତ ନିଜେ ମଧ ଆସ୍ୱାଦନ ପୂର୍ବକ ଆନନ୍ଦ ଅନୁଭବ କରିଥାନ୍ତି ।

**କରମା ପର୍ବ :**

କରମା ପୂଜା ଓଡ଼ିଶାର ବହୁ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ପ୍ରଚଳିତ ଥିବା କଥା ଜଣା ଯାଇଥାଏ । କେତେକ ଆଦିବାସୀ ସମ୍ପ୍ରଦାୟରେ ଏହି ପୂଜା ପ୍ରତିବର୍ଷ କରା ନ ଯାଇ କେତେବର୍ଷ ବ୍ୟବଧାନରେ ଏହା କରାଯାଉଥିବା ସ୍ଥଳେ ଅନ୍ୟ କେତେ ଗୋଷ୍ଠୀରେ ନିର୍ଦ୍ଦିଷ୍ଟ ଶକୁନ ପାଇବା ପରେ ଏହି ପୂଜାର ଆୟୋଜନ କରାଯାଇଥାଏ । ଓରାମ୍ ଜନଜାତିଙ୍କ ମଧ୍ୟରେ ଏହା ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ପାଳନ କରାଯିବାର ପରମ୍ପରା ରହିଆସିଛି । ପ୍ରତିବର୍ଷ ଏହା କରାଯାଇ ଆସୁଥିବାରୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ଏକ ପର୍ବସ୍ୱରୂପ ଗ୍ରହଣ କରାଯାଇ ସାରିଲାଣି । ପର୍ବଟିକୁ କୃଷିକୈନ୍ଦ୍ରିକ ପର୍ବ ଭାବେ ବିବେଚନା କରାଯାଉଅଛି । ଏହି ପର୍ବ ପାଳନ କରାଯିବା ଅବସରରେ ପ୍ରତ୍ୟେକଙ୍କ ଘର ସଫାସୁତୁରା ତଥା ଲିପାପୋଛା କରାଯାଇଥାଏ । ଦିନକ ପୂର୍ବରୁ ଗାଆଁ ମଝି ଆଖଡ଼ାରେ ମଣ୍ଡପ ପ୍ରସ୍ତୁତ କରାଯାଇଥାଏ । ଯାହା ବିଭିନ୍ନ

ପ୍ରକାର ଡ଼ାଳପତ୍ର ତଥା କାଗଜରେ ସଜ୍ଜା ଯାଇଥାଏ । ପୂଜାରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରୁଥିବା ନରନାରୀ ଦିନକ ପୂର୍ବରୁ ଉପବାସ ରହିଥାନ୍ତି । ପୂଜାଦିନ ସନ୍ଧ୍ୟା ପୂର୍ବରୁ ପାହାନ (ପୂଜକ)ଙ୍କ ନେତୃତ୍ୱରେ ଗାଁର ଯୁବକଯୁବତୀ ତଥା ନରନାରୀ ଚିହ୍ନଟ କରାଯାଇଥିବା ବୃକ୍ଷ ନିକଟକୁ ମାଦଳର ତାଳେ ତାଳେ ନୃତ୍ୟକରି ପହଞ୍ଚି ଥାଆନ୍ତି । ସେଠାରେ ପାହାନ ସେହି କରମା ବୃକ୍ଷର ପାଞ୍ଚ କିମ୍ବା ସାତଗୋଟି ଡ଼ାଳ କାଟି ସାଙ୍ଗରେ ଯାଇଥିବା ଅଭିଆଡ଼ା ଯୁବକଙ୍କ ହାତରେ ପ୍ରଦାନ କରିଥାନ୍ତି । ଯେଉଁମାନେ ତାହାକୁ ଯୋଡ଼ହସ୍ତରେ ଧାରଣ କରି ସ୍ଥାପନ କରାଯାଇଥିବା ମଣ୍ଡପକୁ ନେଇ ଆସନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ସେହି ମଣ୍ଡପରେ ନିର୍ଦ୍ଦିଷ୍ଟ ସ୍ଥାନରେ ବିଧିମତେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ । ଓରାମମାନଙ୍କ ଏହି ପୂଜା ଅବସରରେ କୌଣସି ବଳି ଦିଆଯାଏ ନାହିଁ । ଏଠାରେ କେବଳ 'ଜାୱା' (ଯାହା କେତେଦିନ ପୂର୍ବରୁ ବିରି, ମୁଗ ଆଦି ଶସ୍ୟକୁ ଅଙ୍କୁରିତ କରାଯାଇଥାଏ) କୁ କରମ ଗୋସାଇଁଙ୍କ ପାଖରେ ଅର୍ପଣ କରାଯାଏ । ଏଥି ସମେତ ଚୂଡ଼ା, ଗୁଡ଼, କାକୁଡ଼ି, ସିନ୍ଦୁର, ଅରୁଆ ଚାଉଳ, ଝୁଣା, ଦୀପ, ଧୂପ, ବିଭିନ୍ନ ପ୍ରକାର ଫୁଲ, ସାରୁପତ୍ରକୁ ମଧ୍ୟ ପୂଜା ସାମଗ୍ରୀ ଭାବେ ବ୍ୟବହୃତ ହେଉଥିବାର ଦେଖାଯାଏ ।

ଏହି ପୂଜା ତଥା ପର୍ବପାଳନ କରାଯାଉଥିବା ଅବସରରେ ପ୍ରତି ଗାଆଁରେ ଉତ୍ସବର ଆସର ଜମିଯାଇଥାଏ । ଖାଦ୍ୟପେୟ ଏବଂ ନାଚଗୀତ ମଧ୍ୟରେ ଆବାଳବୃଦ୍ଧବନନୀତା ନିଜକୁ ହଜାଇ ଦେଇଥାନ୍ତି । ସତେ ଅବା ସେମାନଙ୍କ ଜୀବନକୁ କୌଣସି ପ୍ରକାରର ଯାତନା, କ୍ଲେଶ ସ୍ପର୍ଶ ସୁଦ୍ଧା ନ କରିବା ପରି ହୃଦ୍‌ବୋଧ ହୋଇଥାଏ ।

**ସୋହରାଇ ବା ଦିଆଲି ପର୍ବ :**

ସମଗ୍ର ଆଦିବାସୀ ସମାଜରେ ସୋହରାଇ ବା ଦିଆଲି ପର୍ବ ପାଳନର ପରମ୍ପରା ରହିଆସିଛି । କେତେକ ଅଞ୍ଚଳରେ ଏହାକୁ କାର୍ତ୍ତିକ ଅମାବାସ୍ୟା ତଥା କାଳୀପୂଜା ଅବସରରେ ପାଳନ କରାଯାଉଥିବା ବେଳେ ଅନ୍ୟ କେତେକ ଅଞ୍ଚଳରେ କାର୍ତ୍ତିକ ଶୁକ୍ଲପକ୍ଷରୁ ପୂର୍ଣ୍ଣିମା ମଧ୍ୟରେ ପାଳନ କରାଯାଇଥାଏ । ଓରାମ ସମ୍ପ୍ରଦାୟରେ ଏହାକୁ କାର୍ତ୍ତିକ ଅମାବାସ୍ୟା ତିଥିରେ ପାଳନ କରାଯାଇଥାଏ । ପର୍ବଟି ମୁଖ୍ୟତଃ ଗୃହପାଳିତ ପଶୁସମ୍ପଦର ବିକାଶ ସକାଶେ ଉଦ୍ଦିଷ୍ଟ । ଏମାନେ ମୁଖ୍ୟତଃ କୃଷିଜୀବି ହୋଇଥିବା ହେତୁ ସେମାନଙ୍କୁ ଏହି କାର୍ଯ୍ୟରେ ଯେଉଁ ପଶୁସମ୍ପଦ ସାହାଯ୍ୟ ଏବଂ ସହଯୋଗ ଯୋଗାଇଥାଏ, ସେମାନଙ୍କ ପାଇଁ ଏହି ଧରଣର ଏକ ପର୍ବର ଆୟୋଜନ କେଉଁ ଆବାହମାନ କାଳରୁ କରାଯାଇ ଆସୁଅଛି । ପ୍ରତ୍ୟେକ ପର୍ବ ଅବସରରେ ଯେପରି ନିଜ ନିଜ ଇଷ୍ଟଙ୍କୁ ପୂଜାର୍ଚ୍ଚନା କରିବାର ବିଧି ରହିଛି, ଠିକ୍ ସେହିପରି ଏହି ଅବସରରେ ମଧ୍ୟ ତାହାହିଁ କରାଯାଇଥାଏ । କିନ୍ତୁ ଏହି ପର୍ବରେ ଯେଉଁ ପୂଜା ହୁଏ ତାହାର କେତେକ ସ୍ୱାତନ୍ତ୍ର୍ୟ ରହିଛି । ସୋହରାଇ ପର୍ବରେ ଓରାମ୍‌ମାନେ 'ଗୋରମ୍ବା ଦେବତା'ଙ୍କୁ ନିଜର ପଶୁଧନ ସୁରକ୍ଷିତ ଓ ବୃଦ୍ଧିହେବା ସକାଶେ ପୂଜା କରିଥାନ୍ତି । ଏହି ପର୍ବ ପାଳନ କରାଯିବା ଅବସରରେ ସମସ୍ତ ପ୍ରକାର ପୂଜାବିଧି ଗୁହାଳ ଘରେ କରାଯାଉଥିବା ହେତୁ ଯଥେଷ୍ଟ ପୂର୍ବରୁ ଏହି ଘରକୁ ଲିପାପୋଛା କରାଯାଇ ପରିଷ୍କାର ପରିଚ୍ଛନ୍ନ କରାଯାଇଥାଏ । ଏହି ଦିନ

ଘରର ସମସ୍ତ ଗୃହପାଳିତ ପଶୁଙ୍କୁ ଧୋଇ ସଫା କରାଯାଇଥାଏ । ଉଇହୁଙ୍କାରୁ ଅଣାଯାଇଥିବା ତିନିଗୋଟି ଟେଲାକୁ ଗୁହାଳରେ ସ୍ଥାପନ କରାଯାଏ । ଏହାକୁ ଗୋରମ୍ଭା ଦେବତା, ନିଜର ପୂର୍ବପୁରୁଷ ଏବଂ ଧାର୍ମେଶଙ୍କ ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ । ଏମାନଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ କୁକୁଡ଼ା, ଛେଳି ବଳି ଦିଆଯାଇଥାଏ । ଗୋରମ୍ଭା ଦେବତା ଓ ଧର୍ମେଶଙ୍କ ପାଇଁ ଲାଲ୍ କୁକୁଡ଼ା ଗଞ୍ଜା ଓ ପୂର୍ବ ପୁରୁଷଙ୍କ ପାଇଁ ଅଣ୍ଡା ଦେଇ ନ ଥିବା ମାଈ କୁକୁଡ଼ାକୁ ବଳି ଦିଆଯାଏ । ଗୋରମ୍ଭାଙ୍କୁ ପୂଜା କରାଯାଇଥିବା କୁକୁଡ଼ା ବଳିର ମାଂସରେ ଖେଚୁଡ଼ି ପ୍ରସ୍ତୁତ କରାଯାଏ । ଏହାକୁ କୁଡୁଖ୍ ଭାଷାରେ 'ଟାହାରି' କିମ୍ବା ସୁଡ଼ି କୁହାଯାଏ । ଏହି ଭୋଗକୁ ଅବିବାହିତ ଯୁବକ ଯୁବତୀଙ୍କୁ ଦିଆଯାଏ ନାହିଁ । ଏହା ଯେଉଁମାନେ ଉପବାସ କରିଥାନ୍ତି କେବଳ ସେମାନେ ହିଁ ସେବନ କରିଥାନ୍ତି । ସେହିପରି ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥିବା କୁକୁଡ଼ାକୁ ସମସ୍ତେ ପ୍ରସାଦ ସ୍ୱରୂପ ଗ୍ରହଣ କରିପାରିବେ । ଏହି ପର୍ବ ଅବସରରେ ମଧ୍ୟ ଗାଈଜଗୁଆଳୀଙ୍କୁ ସ୍ୱତନ୍ତ୍ର ଭାବେ ସତ୍କାର କରାଯାଇଥାଏ । ଏହିଦିନ ହିଁ ବର୍ଷତମାମର ପାଉଣା ଦେବାର ପରମ୍ପରା ରହିଛି । ପୁନଶ୍ଚ ଯେଉଁ ଜଗୁଆଳୀ ପୁନର୍ବାର ପରବର୍ତ୍ତୀ ବର୍ଷରେ କାର୍ଯ୍ୟ କରିବାକୁ ରାଜି ହେଉଥିଲେ ତାହାକୁ ମଧ୍ୟ ମୂଲଚାଲ କରିବା ସହିତ ତାହାର କାର୍ଯ୍ୟ ଅବଧିକୁ ଏବଂ ଦେୟକୁ ପଞ୍ଜିକୃତ କରାଯାଇଥାଏ । ଏହି ଦେୟ ସାଧାରଣ ଭାବେ ପୂର୍ବବର୍ଷ ତୁଳନାରେ ସାମାନ୍ୟ ବୃଦ୍ଧି କରାଯାଇଥାଏ ।

ଏହି ପର୍ବ ସାଧାରଣତଃ ଗୋ-ସମ୍ପଦ ତଥା ସମସ୍ତ ଗୃହପାଳିତ ପଶୁଙ୍କ ସକାଶେ ଉଦ୍ଦିଷ୍ଟ । ବାସ୍ତବରେ ଏହି ଧରଣର ପର୍ବ (ସୋହରାଇ) ପାଳନ ସମଗ୍ର ମାନବ ସମାଜକୁ 'ଜୀବେଦୟା'ର ସନ୍ଦେଶ କେଉଁ ଆବହମାନ କାଳରୁ ଦେଇଆସୁଅଛି ।

**ଫାଗୁ ବା ହୋଲି :**

ଫଗୁଣ ମାସରେ ପାଳନ କରାଯାଉଥିବା ଉତ୍ସବକୁ ଫାଗୁ ବା ହୋଲି ବୋଲି କୁହାଯାଇଥାଏ । ଏହି ମାସଟି ଓରାମ୍‌ମାନଙ୍କର ବର୍ଷର ଶେଷ ମାସ । ତେଣୁ ସେହି ବର୍ଷକୁ ବିଦାୟ ସମ୍ବର୍ଦ୍ଧନା ଦେବା ଉଦ୍ଦେଶ୍ୟରେ ଏହି ଧରଣର ଉତ୍ସବ ପାଳନ କରାଯାଉଥିବା କଥା କୁହାଯାଏ । ଏହି ପର୍ବ ପାଳନ କରାଯିବା ବେଳେ ଶାଳବୃକ୍ଷର ଡାଳ ଓ ଫୁଲ ଓ ପାଳଶ ଗଛର ଡାଳ ଓ ଫୁଲକୁ ଅଣାଯାଇ ନିର୍ଦ୍ଦିଷ୍ଟ ବିଧି ଅନୁସାରେ ପୂଜା କରାଯାଇଥାଏ । ଏହି ପୂଜା ପ୍ରାୟତଃ ନିଜ ନିଜ ଘରେ ହିଁ କରାଯାଇଥାଏ । ପୂଜାପାଠ ସରିବା ପରେ ପରସ୍ପରକୁ ଫଗୁ ଲଗାଇ ଆନନ୍ଦ ଉପଭୋଗ କରାଯାଇଥାଏ । ପ୍ରତ୍ୟେକଙ୍କ ଘରେ ମାଂସ ଭାତର ବ୍ୟବସ୍ଥା କରାଯାଇଥାଏ । ଏହି ପର୍ବ ଅବସରରେ ନୂଆ ଜ୍ୱାଇଁଙ୍କୁ ଶ୍ୱଶୁର ଘରକୁ ନିମନ୍ତ୍ରଣ କରାଯାଇଥାଏ । ତେଣୁ ପ୍ରତ୍ୟେକ ନବଦମ୍ପତି ତାଙ୍କ ପ୍ରଥମ ଫଗୁ ପର୍ବଟିକୁ ଝିଅ ଘରେ ହିଁ ପାଳନ କରିବାର ପରମ୍ପରା ରହିଅଛି । ପର୍ବ ପରଦିନ ଗାଁ'ର ଯୁବକମାନେ ନୂଆ ଜ୍ୱାଇଁଙ୍କୁ ତାଙ୍କ ସହିତ ଶିକାର କରିବାକୁ ନେଇଥାନ୍ତି । ଏହାକୁ ଫାଗୁ ସେନ୍ଦ୍ରା କୁହାଯାଏ । ଶିକାରରୁ ଫେରିବା ପରେ ଏହି ଯୁବକମାନେ ଗାଁ'ରେ ସନ୍ଧ୍ୟାବେଳକୁ ଫଗୁ ଖେଳନ୍ତି ଏବଂ ଆଣିଥିବା ଶିକାରକୁ ଭୋଜିଭାତ କରି ଆମୋଦ ପ୍ରମୋଦରେ ନାଚଗୀତ କରି ରାତି କଟାଇଥାନ୍ତି ।

**ତୁସ୍‌ଗୋ (ନୂଆଖାଇ) :**

ନୂଆଁ ଫସଲ (ଧାନ) ଅମଳ ପୂର୍ବରୁ ଏହି ପର୍ବ ପାଳନ କରାଯାଏ । ଯେତେବେଳେ ବିଲରେ ନୂଆ ଧାନ ପାଚି ଯାଇଥାଏ, ବିଶେଷତଃ ଢିପ ଜମିମାନଙ୍କରେ କରାଯାଇଥିବା ଧାନ ପାଚିବା ପରେ ତାହାକୁ କୁଟାଯାଇ ଅମଳ କରାଯିବା ପରେ ସେଥିରୁ ପ୍ରସ୍ତୁତ ଚୂଡ଼ା ଓ ହାଣ୍ଡିଆ ପ୍ରସ୍ତୁତ କରାଯାଇ ସର୍ବଶକ୍ତିମାନ ଧାର୍ମେଶଙ୍କୁ ଅର୍ପଣ କରାଯାଏ । କାରଣ ତାଙ୍କରି ଦୟାରୁ ଚାଷକରିବା ପାଇଁ ଜମିମିଳିଛି ଏବଂ ଫସଲ ଅମଳ କରାଯାଇ ପାରିଛି ବୋଲି ଓରାମମାନେ ବିଶ୍ୱାସ କରିଥାନ୍ତି । ତେଣୁ ତାଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରିବା ସକାଶେ ଏହା କରାଯାଇଥାଏ । ସେହିପରି ପ୍ରତି କ୍ଷେତ୍ରରେ ଓରାମ୍‌ମାନେ ତାଙ୍କ ପୂର୍ବପୁରୁଷଙ୍କ ଆଶିର୍ବାଦ କାମନା କରିଥାନ୍ତି । କାରଣ ତାଙ୍କ ଆଶିର୍ବାଦ ବ୍ୟତିରେକ କୌଣସି କ୍ଷେତ୍ରରେ ସଫଳ ହେବା ଅସମ୍ଭବ ବୋଲି ଓରାମମାନଙ୍କ ବିଶ୍ୱାସ । ନୂଆଖାଇ ଅବସରରେ ଇଷ୍ଟ ଠାକୁରଙ୍କ ଉଦ୍ଦେଶ୍ୟରେ ନୂଆ ଧାନରୁ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟାଦି ଅର୍ପଣ କରାଯିବା ସମତେ ଏମାନଙ୍କୁ ମଧ ଏହା ଅର୍ପଣ କରାଯାଇଥାଏ । ଏହି ଅବସରରେ ନୂଆ ବିରି ଅମଳ କରାଯାଇଥିବା କଳାବିରିକୁ ମଧ ସିଝାଇ ଠାକୁରଙ୍କ ପାଖରେ ଭୋଗ ଲଗାଯାଇଥାଏ । ବାଡ଼ିରେ ଫଳିଥିବା କାକୁଡ଼ିକୁ ଅର୍ପଣ କରିବାର ବିଧି ମଧ ରହିଛି ।

ଅନ୍ୟ ପର୍ବମାନଙ୍କ ପରି ଏହି ପର୍ବରେ ମଧ ଖାଦ୍ୟପେୟର ଆୟୋଜନ କରାଯିବା ସମେତ ନୃତ୍ୟଗୀତର ଆସର କରାଯାଇଥାଏ ।

**ସେନ୍ଦରା (ଶିକାର) :**

ସମସ୍ତ ଆଦିବାସୀମାନଙ୍କ ଜୀବନଧାରାରେ ସେନ୍ଦରା (ଶିକାର) ଏକ ଅପରିଚ୍ଛେଦ ଅଙ୍ଗ । ଏହା ସେମାନଙ୍କ ସଂସ୍କୃତିର ଏକ ଅଂଶ ବିଶେଷ । ଏହି ନ୍ୟାୟରେ ଓରାମ୍ ଆଦିବାସୀଙ୍କ କ୍ଷେତ୍ରରେ ମଧ ଏହା ପ୍ରଯୁଜ୍ୟ । ସେମାନେ କେବେ ପାଖରୁ ଏହାକୁ ଆପଣେଇ ନେଇଛନ୍ତି, ଏହା ସଠିକ୍ ଭାବେ କିଛି କୁହାଯାଇ ନ ପାରିଲେ ମଧ ଏତିକି କୁହାଯାଇପାରେ ଯେଉଁ ଅନାଦି କାଳରୁ ଏହି 'ଶିକାର' ବା 'ସେନ୍ଦରା' ସେମାନଙ୍କ ପରମ୍ପରାରେ ଯୋଡ଼ିହୋଇ ଆସିଅଛି । ସେମାନଙ୍କ ସକାଶେ ଏହା ବିଭିନ୍ନ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଯଥା ଏହା ଦ୍ୱାରା ଆତ୍ମରକ୍ଷା, ଯୁଦ୍ଧବିଦ୍ୟା ଏବଂ ଜୀବନଧାରଣ ସମ୍ବନ୍ଧୀୟ ଅତ୍ୟାବଶ୍ୟକ ଜିନିଷ ସେମାନେ ଏଥିରୁ ପାଇଥାନ୍ତି । ସାଧାରଣତଃ ଶିକାର କହିବା ମାତ୍ରେ ଏହି କାର୍ଯ୍ୟ ପୁରୁଷ ଲୋକମାନଙ୍କ ଦ୍ୱାରା କରାଯାଉଥିବା କଥାକୁ ବୁଝାଯାଇଥାଏ । କିନ୍ତୁ ଓରାମମାନଙ୍କ କ୍ଷେତ୍ରରେ ତାହା ପ୍ରଯୁଜ୍ୟ ନୁହେଁ । ସେମାନଙ୍କ ପରମ୍ପରାରେ ନାରୀମାନେ ମଧ 'ଶିକାର' ସହିତ ପ୍ରତ୍ୟକ୍ଷ ସମ୍ବନ୍ଧ ରଖିଥିବା ଜଣାଯାଇଥାଏ । ଏହାକୁ ସେମାନେ ନିଜ ଭାଷାରେ 'ମୁକ୍କା ସେନ୍ଦରା' କହିଥାନ୍ତି । ଏହି 'ସେନ୍ଦ୍ରା' ପ୍ରତିବର୍ଷ ନ ହୋଇ ପ୍ରତି ବାରବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ ।

ଏହି ସେନ୍ଦ୍ରା ବର୍ଷର ବିଭିନ୍ନ ସମୟରେ ଆୟୋଜନ କରାଯାଇଥାଏ । ଏହାକୁ ଏହି ସମୟ ଅନୁସାରେ ମଧ ନାମକରଣ କରାଯାଇଥାଏ । ଯେପରିକି 'ଫାଗୁ' ପର୍ବ ପାଳନ ଅବସରରେ ଯେଉଁ ସେନ୍ଦ୍ରା ଅନୁଷ୍ଠିତ ହୁଏ

ତାହାକୁ 'ଫାଗୁସେନ୍ଦ୍ରା' କୁହାଯାଏ । ସେହିପରି ବୈଶାଖ ମାସରେ ଯେଉଁ ସେନ୍ଦ୍ରାର ଆୟୋଜନ କରାଯାଏ, ତାହାକୁ 'ବିଶୁ' ସେନ୍ଦ୍ରା ନାମରେ ନାମକରଣ କରାଯାଇଥାଏ । ଏହି ସେନ୍ଦ୍ରାକୁ ଯିବା ପୂର୍ବରୁ ସମସ୍ତ ପ୍ରକାର ପ୍ରାକ୍ ପ୍ରସ୍ତୁତି ସରିଯାଇଥାଏ । ନିର୍ଦ୍ଧାରିତ ଦିନରେ ବଡ଼ିଭୋରୁ କୁକୁଡ଼ା ଡାକ ସମୟରେ ଏଥିରେ ଅଂଶଗ୍ରହଣ କରୁଥିବା ସମସ୍ତ ଯୁବକ ନିଜ ନିଜ 'ପାଟିଭା'ରେ ଏକତ୍ରିତ ହୁଅନ୍ତି । ସେଠାରେ ସେନ୍ଦରାକୁ ନେବା ପାଇଁ ଉଦ୍ଦିଷ୍ଟ ସମସ୍ତ ପ୍ରକାର ଅସ୍ତ୍ରଶସ୍ତ୍ରକୁ ଏକତ୍ରୀତ କରାଯାଏ । ଏଥିରେ ଧନୁଶର, ତଲୱାର୍ (ଖଣ୍ଡା), କୋଦାଳ, ଛୁରା, ବାହୁଙ୍କା, ଫାଶ, ଜାଲ, ଠେଙ୍ଗାବାଡ଼ି ଇତ୍ୟାଦି ରହିଥାଏ । ଏହାକୁ ପାହାନ୍ (ଗ୍ରାମର ପୂଜକ) ପୂଜାର୍ଚ୍ଚନା ତଥା ତାଙ୍କ ଇଷ୍ଟଙ୍କ ଠାରୁ ସଦ୍‌ବ୍ୟବହାର ସକାଶେ ପ୍ରାର୍ଥନା କରିଥାନ୍ତି । ଏହି ପୂଜାରେ ଶିକାରକୁ ଯାଉଥିବା ସମସ୍ତ ସଦସ୍ୟମାନେ ମଧ୍ୟ ଅଂଶଗ୍ରହଣ କରିଥାନ୍ତି । ଓରାମ ଆଦିବାସୀଙ୍କ ଜୀବନଧାରାରେ ଏହି ସେନ୍ଦ୍ରା ପର୍ବ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ କାରଣ ସେନ୍ଦ୍ରାରେ ଅଂଶଗ୍ରହଣ କରିବା କଥା ହିଁ ସୂଚାଇଥାଏ ଜଣେ ଯୁବକ ସାଂସାରିକ ଜୀବନକ୍ଷେତ୍ରକୁ ପ୍ରବେଶ କରିବା ପାଇଁ ଉପଯୁକ୍ତ ବୟସରେ ଉପନୀତ ହେଲା ବୋଲି । ଆଦିବାସୀ ପରମ୍ପରାରେ କୁହାଯାଇଥାଏ "ଯିଏ ଶିକାରକୁ ଯାଇ ନାହିଁ, ସେ ମାଆ କୋଳ ଛାଡ଼ି ନାହିଁ ।" ଏହି କଥା ଅବଶ୍ୟ ବର୍ତ୍ତମାନ ସମୟ ସକାଶେ ଗ୍ରହଣଯୋଗ୍ୟ ମନେହୁଏ ନାହିଁ । କାରଣ ଆଜି ଆଦିବାସୀମାନଙ୍କ ଜୀବନଯାପନ କ୍ଷେତ୍ରରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଯାଇଛି । ସେମାନେ ନିଜକୁ ଆଧୁନିକ ଚଳଣି ତଥା ଶିକ୍ଷା ବ୍ୟବସ୍ଥା ସହିତ ଅନେକାଂଶରେ ପରିଚିତ କରାଇ ସାରିଲେଣି । ତେଣୁ ଆଜି ସାଂସାରୀକ ଜୀବନର ସାମର୍ଥତାର ମାନଦଣ୍ଡ ଶିକାରକୁ ଯିବା ନୁହେଁ, ତା' ପରିବର୍ତ୍ତେ କର୍ମସଂସ୍ଥାନ ହିଁ ତାହାର ସ୍ଥାନ ନେଇସାରିଛି ।

**ଯାତରା ପର୍ବ :**

ଯାତରା ଓରାମ୍‌ମାନଙ୍କର ଅନ୍ୟ ଏକ ସ୍ୱତନ୍ତ୍ର ପର୍ବ । ଏହି ପର୍ବକୁ ଋତୁ ଓ ମାସ ଅନୁସାରେ ନାମକରଣ କରାଯାଇଥାଏ । ଯେପରି କି ଜ୍ୟେଷ୍ଠ ଯାତରା, ଇନ୍ଦଯାତରା, ସୋହରାଇ ଯାତରା ଇତ୍ୟାଦି । ପ୍ରତ୍ୟେକ ଯାତ୍ରା ସକାଶେ ଅଲଗା ଅଲଗା ନୃତ୍ୟ ଓ ଗୀତମାନ ରହିଥିବା କଥା ଜଣାଯାଇଥାଏ । ତେଣୁ ପ୍ରତ୍ୟେକ ଯାତରା ଆୟୋଜନ କରାଯିବା ପୂର୍ବରୁ ଏହାକୁ ଅଭ୍ୟାସ କରିବା ଆବଶ୍ୟକ ହୋଇଥାଏ । ଆୟୋଜନ କରୁଥିବା ଗାଁ'ର ଲୋକମାନେ ଯଥେଷ୍ଟ ପୂର୍ବରୁ ପ୍ରତ୍ୟେକ ଦିନ ସନ୍ଧ୍ୟାଭୋଜନ ପରେ ଆଖଡ଼ାଶାଳରେ ଏକତ୍ରୀତ ହୋଇ ଅଭ୍ୟାସ କରିଥାନ୍ତି । ଯାତରା ପାଳନ କରାଯାଉଥିବା ଗାଁ'ର ଲୋକମାନେ ଆୟୋଜକ ଭାବେ ଆଖପାଖ ସମସ୍ତ ଗାଁ'ର ଲୋକମାନଙ୍କୁ ନିମନ୍ତ୍ରଣ କରନ୍ତି । ନିର୍ଦ୍ଧାରିତ ତିଥିରେ ସେମାନେ ଯାତରାଡାଣ୍ଡ (ଯାତରା ଆୟୋଜନ କରାଯାଉଥିବା ପ୍ରାନ୍ତର) କୁ ସଦଳବଳେ ପହଞ୍ଚି ଥାଆନ୍ତି । ଆଗମନ କରୁଥିବା ଏହି ଦଳକୁ ଆୟୋଜକ ଗାଁ'ର ଲୋକମାନେ ନିର୍ଦ୍ଦିଷ୍ଟ ବିଧିମତେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରନ୍ତି । ଏହି ଦଳଗୁଡ଼ିକର ଅଲଗା ଅଲଗା ଯାତରାଝିଣ୍ଡା ରହିଥାଏ । ସେମାନେ ତାହାକୁ ଧାରଣ କରି ଯାତରା ପଡ଼ିଆକୁ ପ୍ରବେଶ କରନ୍ତି ଏବଂ ତିନିଥର ପରିକ୍ରମା କରିବା ପରେ ନିର୍ଦ୍ଦିଷ୍ଟ ସ୍ଥାନର ତାହାକୁ ସ୍ଥାପନ କରାଯାଇଥାଏ । ଆୟୋଜକ ଗ୍ରାମର ପାହାନ୍ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି ସାମୂହିକ ମଙ୍ଗଳ ତଥା ସମଗ୍ର ଜଗତର କଲ୍ୟାଣ

ନିମନ୍ତେ । ତାହାପରେ ସେଠାକୁ ଆଗମନ କରିଥିବା ସମସ୍ତ ଯାତରାପ୍ରେମୀ ଜନସାଧାରଣ ସମ୍ମିଳିତ ନୃତ୍ୟ ପରିବେଷଣ କରିଥାନ୍ତି । ଏହି ପ୍ରକାରେ ଯାତରା ପ୍ରାନ୍ତରେ ଉତ୍ସବର ବାତାବରଣ ସୃଷ୍ଟି ହୋଇଥାଏ । ଏଠାରେ ବିଭିନ୍ନ ପ୍ରକାର ମନୋଭରି ଦୋକାନ ଓ ହୋଟେଲ ବଜାର ମଧ ବସିଥାଏ । ଉତ୍ସବ ଶେଷରେ ନିମନ୍ତ୍ରିତ ଗାଁ'ର ନୃତ୍ୟଦଳକୁ ଝଣ୍ଡାଦେଇ ସମ୍ମାନିତ କରାଯିବାର ପରମ୍ପରା ରହିଛି ।

ଏହି ଯାତରା ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଆତ୍ମୀୟ ସମ୍ବନ୍ଧୀୟମାନଙ୍କ ସହିତ ସମ୍ମିଳିତ ହେବା ବିବାହଯୋଗ୍ୟ ବରକନ୍ୟାଙ୍କ ସକାଶେ ପାତ୍ରପାତ୍ରୀ ପସନ୍ଦ କରିବା । ଏହା ସମେତ ଆଖପାଖ ଗାଁ'ମାନଙ୍କ ସହିତ ଭାତୃଭାବ ସ୍ଥାପନ କରିବା ତଥା ପ୍ରେମ ଓ ସୌହାର୍ଦ୍ଦ୍ୟର ବାତାବରଣ ସୃଷ୍ଟିକରିବା ।

ଏହି ପ୍ରକାରେ ଓରାମ୍ ଆଦିବାସୀମାନଙ୍କ ଜୀବନଧାରାକୁ ଅନୁଧ୍ୟାନ କଲେ ସେମାନେ ବିଭିନ୍ନ ପର୍ବପର୍ବାଣିଗୁଡ଼ିକ ବର୍ଷର ବିଭିନ୍ନ ସମୟରେପାଳନ କରୁଥିବା ଜଣାଯାଇଥାଏ । ତାହା ଅତ୍ୟନ୍ତ ସରଳ ଓ ସ୍ୱାଭାବିକ ମନେହେଉଥିଲେ ହେଁ ସେଥିରେ ଲୁଚି ରହିଛି ଆଧୁନିକ ବ୍ୟସ୍ତବହୁଳ ମାନବସମାଜକୁ ଜୀବନ କ'ଣ ଶିକ୍ଷା ଦେବାର ମହାମନ୍ତ୍ର । କାରଣ ଏହି ପର୍ବପର୍ବାଣି ଗୁଡ଼ିକର ପ୍ରତି ଛତ୍ରେ ଛତ୍ରେ ଜୀବନର ପ୍ରତିଛବିକୁ ଅନୁଧ୍ୟାନ କରାଯାଇପାରେ । ଏହା କୃତ୍ରିମତା ପାଖରୁ ବହୁ ଦୂରରେ ।

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ
ମୋ : ୦୯୪୩୭୨୯୨୮୯୯

□□□

# ଭତରା ରମଣୀର "ବାନା ଗୋଦନା"

ଡକ୍ଟର ପ୍ରମୋଦିନୀ ହୋତା



ଅବିଭକ୍ତ କୋରାପୁଟ ଜିଲ୍ଲାରେ ଭତରା, ପରଜା, ଗଣ୍ଡ, କନ୍ଧ, ସଉରା, କୋୟା, ବଣ୍ଡା, ଭୂମିଆ, ଗାଦବା, ପେଣ୍ଟିଆ ଆଦିବାସୀମାନେ ବାସ କରନ୍ତି। ସେମାନେ ଜଳ, ଜମି, ଜଙ୍ଗଲ ସହିତ ଓତଃପ୍ରୋତ ଭାବରେ ଜଡିତ। ସଂସ୍କୃତି ଓ ପ୍ରକୃତି ସହିତ ଏମାନଙ୍କ ନିବିଡ଼ତା ଖୁବ୍ ବେଶି । ଏମାନଙ୍କ ମଧ୍ୟରେ ଭତରା ଜନଜାତି ଅନ୍ୟତମ । କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲାରେ ଭତରା ଆଦିବାସୀମାନଙ୍କ ସଂଖ୍ୟା ଗରିଷ୍ଠତା ରହିଛି। ଭତରାମାନେ ସୌନ୍ଦର୍ଯ୍ୟ ପ୍ରିୟ ଏମାନେ ମଧ୍ୟ ଭାରତର ଦକ୍ଷିଣପୂର୍ବ ଅଞ୍ଚଳର ଭରତଗଡ଼ରୁ ଆସିଥିବା ଯୋଗୁଁ ଏମାନଙ୍କୁ ଭତରା କୁହାଯାଏ ଏବଂ ଏମାନେ କୋରାପୁଟ ଜିଲ୍ଲାର କୁନ୍ଦ୍ରା ବ୍ଲକର ଜିରାଗୁଡା, କୋଟପାଡ଼, ବରିଗୁମ୍ମା ଏବଂ ନବରଙ୍ଗପୁର ଜିଲ୍ଲାର ଉମରକୋଟ, ନନ୍ଦାହାଣ୍ଡି, ଝରିଗାଁ, କୋସା ଗୁମୁଡା ପ୍ରଭୃତି ଅଞ୍ଚଳରେ ଭତରାମାନେ ବସବାସ କରିଥାନ୍ତି। ପୂର୍ବେ ଭତରା ପୁରୁଷ ଏବଂ ସ୍ତ୍ରୀ ନିଜ ଶରୀରକୁ ଆକର୍ଷଣ କରିବା ପାଇଁ ସ୍ଥାୟୀ ଭାବେ ଶରୀରରେ ମଣ୍ଡନ କଳା (ବାନା ଗୋଦନା)ର ଆଶ୍ରୟ ନେଉଥିଲେ। ଶରୀରରେ ଚିତା କୁଟାଇବା ସୌନ୍ଦର୍ଯ୍ୟ ବୋଧର ପରିମାପକ ହିସାବରେ ଗ୍ରହଣ କରାଯାଉଥିଲା । ଖ୍ରୀଷ୍ଟପୂର୍ବ ୨୦୦୦ ମସିହାରେ ଇଜପ୍ଟର ପିରାମିଡ ଭିତରେ ରହିଥିବା ମମି ଦେହରେ ମଧ୍ୟ ଏହି ଚିତା କୁଟାଇବାର ନିଦର୍ଶନ ମିଳେ। ଚିତା କୁଟାଇବା ଭତରା ଆଦିବାସୀମାନଙ୍କର ପରମ୍ପରା। ସାଧାରଣତଃ ପୁରୁଷମାନଙ୍କ ଅପେକ୍ଷା ନାରୀମାନଙ୍କ ଶରୀରରେ ଏହି ଚିତାକୁଟାଇବା ବହୁଳ ଭାବରେ ଦେଖାଯାଏ। ଏହି କଳା ଓଡ଼ିଶାର ବିଭିନ୍ନ ଆଦିବାସୀମାନଙ୍କ ମଧ୍ୟରେ ଭିନ୍ନ ନାମ, ଭିନ୍ନ ରୂପରେ ଶରୀରରେ ଚିତା କୁଟାଯାଇଥାଏ। କୋରାପୁଟ ଜିଲ୍ଲାର କୁନ୍ଦ୍ରାବ୍ଲକର ଜିରାଗୁଡା ଗ୍ରାମରେ କେବଳ ଭତରା ଆଦିବାସୀମାନେ ବାସ କରନ୍ତି ଏବଂ ନବରଙ୍ଗପୁର ଜିଲ୍ଲାର ଅନେକ ଅଞ୍ଚଳରେ ଭତରା ଆଦିବାସୀମାନେ ବାସ କରିଥାନ୍ତି। ଭତରା ନାରୀମାନଙ୍କ ଅଙ୍ଗ ସୌଷ୍ଠବର ସୌନ୍ଦର୍ଯ୍ୟ ବୃଦ୍ଧି କରିବାପାଇଁ ଚିତା କୁଟାଇବା ପ୍ରଣାଳୀକୁ 'ବାନା ଗୋଦନା' କୁହାଯାଏ । ପୂର୍ବେ ଶରୀରର ବିଭିନ୍ନ ଅଂଶରେ ବାନା ଗୋଦନା ପୁରୁଷମାନେ ମଧ୍ୟ କରୁଥିଲେ । କାଳକ୍ରମେ ଏହି ପ୍ରଥା




ବନ୍ଦ କରିଦେବା ଫଳରେ ଏହା କେବଳ ମହିଳା ଭତରାମାନଙ୍କ ମଧ୍ୟରେ ସୀମିତ ହୋଇରହିଲା । ଏହି ବାନା ଗୋଦନା ବିଷୟରେ ଅନେକ କିମ୍ବଦନ୍ତୀ ରହିଛି ମୋଗଲ ମରହଟ୍ଟାମାନେ ଭତରା ଜନଜାତିମାନଙ୍କୁ ଅତ୍ୟାଚାର କରୁଥିଲେ ସେମାନଙ୍କଠାରୁ ନିଜକୁ ରକ୍ଷା କରିବାପାଇଁ ସେମାନେ ନିଜ ଶରୀରକୁ ବିଭିନ୍ନ ଚିତ୍ରରେ ଚିତ୍ରିତ କରି ନିଜକୁ କଦାକାର କରୁଥିଲେ । ଭତରାମାନଙ୍କ ଧର୍ମ ପ୍ରତି ପ୍ରଗାଢ଼ ବିଶ୍ୱାସ ରହିଛି । ସେମାନେ କହିଥାନ୍ତି ମଣିଷ ମରିଗଲେ ଯମପୁରକୁ ଯିବ, ସେଠାରେ ଯମ ପଚାରିବେ "କାଇଁ ଚିନ୍ ଆନଲୁସ୍ ଆଛେ" ସେତେବେଳେ ଭତରା ରମଣୀ ବାନାକୁ ଦେଖାଇବ ଯମ ତାଙ୍କୁ ଯମଦଣ୍ଡରୁ ମୁକ୍ତ କରିଦେବେ । ଏହି ବାନା ଗୋଦନା ପରମ୍ପରାଗତ ସୌନ୍ଦର୍ଯ୍ୟ ଭିତକ ସ୍ୱାସ୍ଥ୍ୟଗତ ଧର୍ମ ବିଶ୍ୱାସର ଚିନ୍ତାଧାରା ଉପରେ ପର୍ଯ୍ୟବେସିତ ତେଣୁ ଭତରା ରମଣୀମାନେ କହିଥାନ୍ତି, "ମର୍‌ଲା ବେଲ୍ କେ ମନୁଷ ସାଙ୍ଗ୍‌ରେ ବାନା ଯାଇ ରେସି ବାନାନରେଇଲେ ଯମ୍ ମାପୁରୁ ଦଣ୍ଡ୍ ଦେଇଁସି" । ଭତ୍ରୀ ଭାଷାରେ ବାନା ଗୋଦାଇବା ପାଇଁ ଯୁବତୀମାନେ ହାଟରେ ବୁଲୁଥିବା ବାନା ଗୋଦାଇବା ସ୍ତ୍ରୀ କିମ୍ବା "ଗୋଦନୀ" ମାନଙ୍କୁ ଟଙ୍କା ଦେଇ ବାନା ଗୋଦାଇଥାନ୍ତି ଗୀତଗାଇ ସାଙ୍ଗସାଥୀମାନଙ୍କ ସହିତ ହାଟକୁ ଯାଇଥାନ୍ତି ।

"କଲିଆ ଗାଗଡେ ବାନାଗୋଟେକ୍ ଶହେ ଟକିଆ
ଫୁଣ୍ଡିଗାଗଡେ ବାନାଗୋଟେକ୍ ନା କଉଁଆ
ଆଲେ ରେ ନନୀ 'ଯୁ' ହାଟ୍ କେ
ବାନା ଲେକାଉ ହାତ୍‌ରେ
ହାତେ ପାଦେ ଗୋଡେ ଦେହେ
ଲେକାଇଲିଚି କେତେକ୍ ବାନା
ଏନ୍ତାରି ନନୀ ଲେକାଇ ଦେବି
ଯୁ ନନୀ ହାଟ୍‌କେ
ଯୁ କିନା ।"

ସମ୍ପାରୀ ଭତୁରୁଣୀ କହିବାନୁଯାୟୀ ଛାତିରେ ବାନା ଗୋଦେଇଲେ ମଣିଷ ମରିଗଲେ ମଶାଣିକୁ ଯିବା ପୂର୍ବରୁ ପାଣି ଢ଼ଳାଯାଇ ସ୍ନାନ କରାଯାଏ ସେହି ପାଣି ବାନା ଉପରେ ପଡି ଶରୀରର ସର୍ବାଙ୍ଗରେ ପଡିବା ଦ୍ୱାରା

ଆଉ ପ୍ରେତ ବା ଡୁମା ସହିତ ପ୍ରେତପୁରରେ ତା ପାଇଁ ସ୍ଥାନନଥାଏ ସେ ସ୍ୱର୍ଗକୁ ଚାଲିଯାଏ । ଭତରା ରମଣୀମାନେ ବକ୍ଷ ଦେଶ, ହାତର ସମ୍ମୁଖ ଭାଗ, କହୁଣୀର ତଳ ଅଂଶ, ପାପୁଲିର ଉପର ଭାଗ, ବେକ ତଳ ଅଂଶ, ଗୋଡ଼, ପେଣ୍ଡା, ପାଦର ଉପର ଅଂଶରେ ମୁଖ୍ୟତଃ ବାନା ଗୋଦେଇଥାନ୍ତି । ବାନା ଗୋଦନୀ ମୁଖ୍ୟତଃ ହାଟରେ ବୁଲୁଥାନ୍ତି କିମ୍ବା ଗାଁକୁ ଆସି ଗୀତ ଗାଇଗାଇ ପଚାରନ୍ତି

"କଇଲିନି ସୁନା ବଇନମନ୍
ବାନା ଗୋଦେଇ ବି ଆସା"

ଚିତା କୁଟାଇବା ବା ବାନା ଗୋଦନା ଯେପରି କଷ୍ଟଦାୟକ ସେହିପରି ଶରୀରକୁ ଯନ୍ତ୍ରଣା ଦିଏ । ଗୋଦନୀ ସାଥିରେ କଳା ରଙ୍ଗ ଦ୍ରବଣ ତିଆରି କରି ଆଣିଥାଏ । କଳାରଙ୍ଗ ପାଇଁ ଚୁଲ୍ଲୀ ଝିଙ୍କା (ତିନୋଟି ଇଟା) ତିଆରି କରାଯାଏ । ଚୁଲ୍ଲୀ ଝିଙ୍କା ତଳେ ଗୋଟିଏ ବଡ଼ ଜଡ଼ାତେଲର ଦୀପ ଜଳାଯାଏ । ଚୁଲ୍ଲୀ ଝିଙ୍କା ଉପରେ ପିତ୍ତଳ ଥାଳୀ ରଖାଯାଏ ତେଲ ସରିଯିବା ପରେ ସେ ପିତ୍ତଳ ଥାଳୀ ଢ଼ାଙ୍କି ଦିଆଯାଏ । ତଳେ ଥିବା ପିତ୍ତଳ ଥାଳୀ ପଛଭାଗରେ ବହଳ କଳା ଜମିଥାଏ, ସେହିକଳାରେ ଜଡାତେଲ ଗୋଳାଇ ପାତ୍ରରେ ରଖାଯାଏ କିମ୍ବା ଖପରା ବା ହାଣ୍ଡିର ଗୁଣ୍ଡକୁ ଏକତ୍ରିତ କରି ତାହା ସହିତ କଦଳୀ ପତ୍ର ପୋଡି ତାହାର ଗୁଣ୍ଡକୁ ଏବଂ ଜଡାତେଲ ଗୋଳାଇ କଳାରଙ୍ଗ ତିଆରି କରାଯାଏ କିମ୍ବା ନଡିଆ ଷଢ଼େଇ ପୋଡି ଏବଂ ଆମ୍ବ କୋଇଲି ରସ ମିଶାଇ ଜଡା ତେଲ ସହିତ କଳାରଙ୍ଗ ଦ୍ରବଣ ପ୍ରସ୍ତୁତ କରାଯାଏ । ଗୋଦନୀ ସାଥିରେ ସୁତାରେ ଏକତ୍ରିତ ବନ୍ଧାଯାଇ ଥିବା ତିନୋଟି ବଡ ଛୁଞ୍ଚ୍ ଏବଂ ସାନ ଛୁଞ୍ଚ୍ ପୂର୍ବରୁ ପ୍ରସ୍ତୁତ ହୋଇଥିବା କଳା ରଙ୍ଗର ଦ୍ରବଣ ଆଣିଥାଏ । 'ଗୋଦନୀ'କୁ ଚିତା କୁଟାଇବା ସମୟରେ ଚାଉଳ, ପରିବା, ଡ଼ାଲି ଏବଂ ପ୍ରତ୍ୟେକ ଚିତା କୁଟାଇବା ପାଇଁ ଶହେ ଟଙ୍କା ଦିଆଯାଏ । ପ୍ରଥମେ ଗୋଦନୀ ଛୁଞ୍ଚ୍‌କୁ ଗରମ କରି ଚିତା କୁଟାଇବା ସମୟରେ ଝିଅର ଚିତା କୁଟାଇବା ସ୍ଥାନରେ ଫୋଡିବା ଆରମ୍ଭ କରେ । ପ୍ରଥମେ ବାହୁରେ ତାପରେ କହୁଣୀ ତଳ ଅଂଶରେ ତାପରେ ପାପୁଲିର ଉପରେ ଅଂଶରେ ଚିତ୍ର ବିନ୍ଦୁ ପ୍ରତୀକ ଆକୃତି ତିଆରି କରେ ଚିହ୍ନ ଉପରେ କଳାରଙ୍ଗ ବୋଳି ଛୁଞ୍ଚ୍ ଫୋଡିବା ଆରମ୍ଭ କରେ । ଗୋଡରେ ପାଦର ଉପରେ ଅଂଶରେ ଫୋଡି ଚିତା କୁଟାଇଥାଏ, ଏହାକୁ ଗୋଦାଇବା କୁହାଯାଏ । ସେହି ସ୍ଥାନରେ ରକ୍ତ ଜମାଟ୍ ହୋଇଯାଏ ଚିତ୍ରଟିକୁ ଦୁଇ ତିନିଥର ଫୋଡା ଯିବା ଦ୍ୱାରା ରକ୍ତସ୍ରାବ ହୋଇଥାଏ । ଗୋଦନୀ ଫୋଡାଯାଇଥିବା ସ୍ଥାନରେ ହଳଦୀ ଗୁଣ୍ଡ ପକାଇଦିଏ ତା ଉପରେ ଶୁଖିଲା ଗୋବର ଘଷିଦିଏ କେଉଁଠି ନଦୀର ବାଲି ଗୋଦାଇବା ସ୍ଥାନରେ ଘଷାଯାଏ । ଲୋକଙ୍କ ବିଶ୍ୱାସ ରହିଛି ଏହା ଦ୍ୱାରା ଶରୀରର ଚିତା କୁଟାଇବା ସ୍ଥାନଟି ଦରଜ କିମ୍ବା ଫୁଲି ନଥାଏ । ଚିତା କୁଟାଇବା ସ୍ଥାନରେ ପୋଡା ଜ୍ୱଳା ନକରିବା ପାଇଁ ତେଲ ଘଷାଯାଏ, ଫୁଲିବା କମିବା ପାଇଁ କନାରେ ଗୁଡାଯାଏ । ପୋଡାଜଳା କମ୍ ହେଲେ ମଧ୍ୟ ଫୁଲିବା ତିନିଚାରି ଦିନଯାଏଁ ରହିଥାଏ । ଯଦି କୌଣସି କାରଣ ବଶତଃ ଫୋଡାଯାଇଥିବା ସ୍ଥାନ ପାଚିଯାଏ ତେବେ ଗୋଦନୀ ସେହି ସ୍ଥାନରେ ସଳିତାକୁ ଜଡ଼ାତେଲରେ ବୁଡାଇ ଜଳୁଥିବା ଦୀପଶୀଖାରେ ସଳିତାକୁ ଜାଳି ସଳିତାରୁ ବାହାରୁଥିବା ଟୋପା ଟୋପା ଗରମ ତେଲକୁ ପାଚିଥିବା ସ୍ଥାନରେ ପକାଇଥାଏ । କିଛିଦିନ ପରେ "ଗୋଦାଇବା" ସ୍ଥାନଟି ଶୁଖି କଳା କଳା ଚିହ୍ନ ଦେଖାଯାଏ ବେଳେ ବେଳେ ବାନାଗୋଦେଇବା ସ୍ଥାନରେ ଫୋଟକା ହୋଇଥାଏ । ସେହି ସ୍ଥାନରେ ଶୁଖିଲା ଗୋବର ଏବଂ ଗୁଣ୍ଡ ହଳଦୀ ରଗଡି ରଗଡି ଘଷାଯାଏ

ଯେତେବେଳେ ଶୁଖି ଛାଲ ବାହାରେ ତା ଉପରେ ପୁଣି ଥରେ ଗୁଣ୍ଡ ହଳଦୀ ପକାଇ ଘଷି ଦିଆଯାଏ । ଶରୀରର ଚମଡା ଉପରେ ପୂର୍ବରୁ କଳାରଙ୍ଗ ଦ୍ୱାରା ଚିତ୍ରତ କରାଯାଇ ଥିବା ଯୋଗୁଁ ଶରୀରରେ କଳା କଳା ଦାଗ ରହିଯାଇଥାଏ । ଦରଜ ସାଧାରଣତଃ ଆଠ ରୁ ଦଶଦିନ ପର୍ଯ୍ୟନ୍ତ ରହିଥାଏ । ହାତ ପାପୁଲିର ଉପର ଅଂଶରେ ଏବଂ ବାହୁରେ ବାନା ଗୋଦାଇବା ବିଷୟରେ ଭତରା ରମଣୀମାନେ କହନ୍ତି ଗାରିଆ ବା ଗରାରେ ପାଣି ଆଣିବା ଯିବା ସମୟରେ ଭତରା ରମଣୀର ପାପୁଲିର ଉପର ଅଂଶ ଏବଂ ବାହୁର ଉପର ଅଂଶ ଦେଖାଯାଏ । ଏହି ଅଂଶରେ ବାନା ଗୋଦାଇବା ଦ୍ୱାରା ସୁନ୍ଦର ଦେଖିଯିବା ଦରକାର ଏବଂ ଏଥିରେ ଅଙ୍କାଯାଇଥିବା ବାନା ସୁନ୍ଦର ଚିତ୍ରତ, ସଜ୍ଜିତ ହୋଇଥିବା ଦରକାର । ଶରୀରର ଯେଉଁସ୍ଥାନରେ ବାନାଗୋଦାଯାଏ ତାକୁ "ମୁଣ୍ଡ୍ ମାରିନ୍" କୁହାଯାଏ । ହଳଦୀ ଗୁଣ୍ଡ ବାନାଗୋଦାନା ଉପରେ ବିଛାଇବାକୁ 'ଦୁସରାନି' କୁହାଯାଏ । ବାରମ୍ବାର ଛୁଞ୍ଚିରେ ଫୋଡାଯିବା ପ୍ରଣାଳୀକୁ 'କାଣ୍ଡନି' କୁହାଯାଏ । ମଣିଷ ଜୀବନରେ ଅଭାବ ଅସୁବିଧା ରହିଥାଏ ଗୋଟିଏ ଚିତାକୁ ଶହେ ଟଙ୍କା ଦେବା ଫଳରେ ଶରୀରର ବିଭିନ୍ନ ଅଂଶରେ ଶହ ଶହ ଟଙ୍କା ଗୋଦନୀକୁ ଦେବାକୁ ପଡିଥାଏ, ତେଣୁ ଝିଅଟି ବିଚଳିତ ହୋଇ ଗୀତ ଗାଇଥାଏ ।

ନନୀ ଉଲିକେ କୋଡ୍‌କା ଡ଼ାଣ୍ଡାସେକାସ୍
ଲସ୍ ଲସି ଗଲା ଘାସ୍
ତମେ ଆନି ଦେଲା କଦଲୀ ନନୀ
ଖରା କେ ଆଣ୍ଟଲା ରସ୍

ଏହା ଭତରା ରମଣୀର ଅସହାୟତା ଏବଂ ସଶକ୍ତ ଭାବ ପ୍ରକାଶ କରିବା ସାଙ୍ଗକୁ ଅଭାବ ବୋଧର ପରିପ୍ରକାଶ ହୋଇଥାଏ ତେଣୁ ଭତରା ରମଣୀ କହିଥାଏ "ମୁଷା ପୋଡେଇ ଲାଞ୍ଜ୍ ଖାଇବାର ବୁଦ୍ଧି" । ବିବାହ ବୟସ ଉପନୀତ ହେଲେ ଭତରା ଯୁବତୀମାନଙ୍କ ଶରୀରରେ ବାନା ଗୋଦାନା କରାଯାଏ । ଚିତା କୁଟାଇବା ଆକୃତିଗୁଡିକ ବିନ୍ଦୁ, ଗାର, ଅର୍ଦ୍ଧବୃତ୍ତ, ରାମଲକ୍ଷ୍ମଣ,ସୀତା, ହନୁମାନ, ସୀତାଙ୍କ ରୋଷେଇ ଘର, ଆମ୍ବଗଛ, ଖଜୁରୀ ଗଛ, ବାବୁଲଗଛ, ଫୁଲ, କଙ୍କଡା ବିଛା, ଚଢ଼େଇ, ନଡିଆ ଫଳ, ତିନିମାଣ ସୁଆଁ, ଚଢ଼େଇ ଆଖିର ଲୋମ ଗୋଡିର ଚିତ୍ର, ଝରି ମୟୁର, ମଣୀବନ୍ଧର ଅଳଙ୍କାର ପ୍ରଜାପତିର ଡେଣା, ତ୍ରିଶୁଳ, ଠିକିରୀ, ତ୍ରିକୋଣ ଚିତ୍ର ପ୍ରଭୃତି ବିଭିନ୍ନ ଚିତା ଶରୀରରେ କୁଟାଇଥାନ୍ତି । ଝିଅକୁ ଯେତେବେଳେ ଦଶବର୍ଷ ବୟସ ହୋଇଯାଏ ଭାଉଜ, ଝିଅର ମା, ଚିତା କୁଟାଇବା ସମୟ ହେଲା ଭାବନ୍ତି ତେଣୁ ଝିଅକୁ ଗୀତ ଗାଇ ବୁଝାଇଥାଏ -

ଗଦାଓ ଗଦାଓ ନନି ଗଦାଓ ଗଦାଓ
ତର୍ ମନ୍‌କେ ଗଦାଓ ନନି
ଆମି ପଇସା ଦେବୁ କାଏ ଆମିଚଢ଼ାଏ ନେବୁ ।

ଝିଅ ସେତେବେଳେ ଭାବୁଥାଏ ତାହାର ବନ୍ଦୀ ଜୀବନ ଆରମ୍ଭ ହେଲା ସେ ପର ହୋଇଯିବ, ତେଣୁ କାନ୍ଦି କାନ୍ଦି ଗୋଦନୀକୁ କହୁଥାଏ

"ମକେ ବାନା ଗଦାବାଏଚ୍
ମର୍ ଆତ୍‌କେ ଦରଲାଏଚ୍
ଗଟ୍ ଗଟ୍ ଟ୍‌କକେ ସଏସଏ ଟାକା ଦରବାଏଚେ
ମର୍ ବନ୍ଧି ଚଡାଓକାଏ ଆୟା ମର୍ ବନ୍ଧି ଚଡାଓ
ମର୍ ଆୟାକେ ଗଦାଓ ଗଦାଓ
ମର୍ ନନନ୍ଦକେ ଗଦାଓ
ମର୍ ଆତ୍‌କେ ଗଦାଓ
ମକେ ସୁସାରେ ଗଦାଓ"
ଭାଉଜ ଗୀତଗାଏ ନଣନ୍ଦ ବାନା ଗୋଦାଇବା ସମୟରେ
ଜନମ୍ ଏଲେ ନନି ସଂକଡି ଦଇତେଏସି
ନନି ଜିଉ ଯାଇତେ ରେଲେ
ତର୍ ମନକେ ଗଦାଓ ନନି"

ଗୀତଗାଇ ଗାଇ ବାନା ଗୋଦାଇବା ଚାଲିଥାଏ । ମା, ଝିଅ, ସାହିପଡିସା, ଗୋଦନୀ, ସାଙ୍ଗସାଥୀ, ଭାଉଜ ସମସ୍ତେ ଗୀତଗାଉ ଥିବା ଯୋଗୁଁ ବାନାଗୋଦାଉଥିବା ଝିଅର ପୀଡା ଉପସମ ହୋଇଥାଏ । ଅନେକ ସମୟରେ ଭତରା ରମଣୀମାନେ ବାନାଗୋଦାଇବା ଝିଅର ପୀଡା କମ୍ କରିବାପାଇଁ ହୁଣ୍ଡି ଦେବତା ବା ଧରତ୍‌ନି ମାତାଙ୍କ ପାଖରେ ମାନସିକ କରିଥାନ୍ତି । ବାନା ଗୋଦନା ସାଧାରଣତଃ ଶୀତଦିନରେ କରାଯାଇଥାଏ । ଭତରା ରମଣୀମାନେ ଚିତା କୁଟାଇବାକୁ ସାମାଜିକ ମର୍ଯ୍ୟାଦାର ପ୍ରତୀକ ଭାବିଥାନ୍ତି । ଏହି ଚିତା କୁଟାଇବା ଆଜିକାଲି ଆକ୍ୟୁପଙ୍କ୍‌ଚରର କାର୍ଯ୍ୟ କରିଥାଏ ଏହାଦ୍ୱାରା ଅନେକ ସ୍ଥାନରେ ବାତ ରୋଗର ଉପଶମ ହୋଇଥାଏ । କିନ୍ତୁ ଆଜିକାଲି ଆଧୁନିକ ରମଣୀମାନେ ଏହି ପ୍ରଣାଳୀକୁ ବିରୋଧ ଭାବ ପ୍ରକାଶ କରିଛନ୍ତି ଅନେକ ଶିକ୍ଷିତା ଭତରା ରମଣୀ ଭାବନ୍ତି ଏହାଦ୍ୱାର ଏଡ୍‌ସ ରୋଗ ହୋଇଥାଏ । ଆଜିକାଲି ଚିତା କୁଟାଇବା ମେସିନ୍ ଛତିଶଗଡ଼ରୁ ଆସିଥିବା ଗୋଦନୀମାନେ ସାଥିରେ ଆଣିଥାନ୍ତି । ଫଳରେ ସେଗୁଡିକ ଶରୀରର ବିଭିନ୍ନ ଅଂଶରେ ବୁଲାଇବା ବେଳେ ଟୀକା ଦେବାଭଳି ପିମ୍ପୁଡି କାମୁଡିବା ଭଳି ଲାଗିଥାଏ । ପୁରୁଣା ଗୋଦାଇବା ପ୍ରଥା ପ୍ରାୟତଃ କମିଗଲାଣି ଆଜିକାଲି ସେପ୍‌ଟିକ୍ ହେବା ଭୟରେ ଔଷଧ ଲେପନ କରାଯାଏ । କିନ୍ତୁ ଆଜି ମଧ୍ୟ ବାନା ଗୋଦାଇବା ସମୟରେ ବିଭିନ୍ନ ଗୀତ ବୋଲାଯାଉଛି । ଏହା ଫଳରେ ଭତରାମାନଙ୍କ ମନରେ ମାନସିକ ଆନନ୍ଦ ସହିତ ଆତ୍ମବିଶ୍ୱାସ ଜାଗ୍ରତ ହୋଇଥାଏ ।

ପାଇଲସାହି, ଜୟପୁର, କୋରାପୁଟ
ମୋ : ୯୪୩୭୦୭୯୯୦୨

□□□

# Receding Forests & Vulnerable Food Security - A Case Study of the Juang Tribe of Gonasika in Keonjhar District

S.C. Mohanty *

Today a serious matter of worldwide concern is the phenomenon of degradation of the natural environment as a direct consequence of deforestation precipitated by a situation of over-exploitation of natural resources. Large tracts of moist tropical vegetations are disappearing fast from the earth's surface day by day. Now more than anybody else, the tribal folks who have been the denizens of forest since time immemorial stand at the receiving end of the disaster as its worst victims.

Tribal communities living close to the nature since the hoary past have developed a symbiotic relationship with the forest. They depend heavily on the forest for their livelihood, shelter, occupation and employment. To them forest is not merely a perennial and renewable natural resource for fulfillment of their basic needs but also the very foundation of their culture exemplifying the age-old serene pattern of coexistence between man and nature. Their folklore, religion and worldview are woven round the forest. Therefore their social and economic well-being can not be ensured ignoring their dependency on the forest eco system.

The gravity of the situation of deforestation can be assessed from the fact that, at the time of independence nearly one fourth (23%) of India's land area was under forest cover and now it has come down to less than one tenth. In absolute terms of the extent of the area of deforestation, Orissa comes among the top three most affected states. Forests that covered nearly 40 percent of the state's land area has dropped below 20 percent.

The denizens of forest satisfy their numerous needs from the forest with the help of simple implements and without any technological aid from outside. They depend on the forest flora and fauna for their livelihood and collect various kinds of Minor Forest Produce (MFP) in different seasons. The edible items supplement their food and add seasonal variations. So, in the tribal economy forests occupy a central position.

In Orissa the standard of living of tribal people is low. What is of primary relevance to us, however, is the socio-economic condition of the tribals like the Juang as affected by the consequences of deforestation given the facts that a vast majority of them who are predominantly forest dwellers are economically backward, pre-literate and underexposed to the outside world. They lived with

the forest for centuries inhabiting clusters of villages mainly in the hilly areas, dependent primarily on shifting cultivation and minor forest produce (MFP) and thus built up a symbiotic link with forest in context of their social, cultural and occupational life. Forest has remained an important resource base for them. Therefore, depletion of forests has not only disturbed the ecological balance but also put pressure on the forest resources as well as the Juang as forest dwellers. Now they find it extremely difficult to sustain their livelihood and to pursue their traditional occupations because their perennial source of subsistence is dwindling over period of time.

**The Juang**

Juang is one of the primitive tribal groups exclusively found in Orissa. In the past, they were being called 'Pattoa' for wearing leaves. The word '*Juang*' means, "Man". They claim themselves to be the first humans on the earth, originating at the sacred Gonasika hills as descendants of their legendary ancestors, the *Rusi* couple. They firmly believe that they are the *Thanyas*, the autochthons of Keonjhar as compared to their brethren who have fled to the neighbouring Pallahara area in the long past and distinguished as *Bhagudias*, the emigrants.

Linguistically Juangs are Mundari speaking people and racially belong to Proto-Australoid stock. As per 2001 census their total population is 41 339, sex ratio is 1014 and their level of literacy is 25.35 %.

The Hill-Juang villages of Gonasika area are grouped under four *pirhas* - territorially organized confederation of villages, named as Satkhand, Jharkhand, Kathua and Rebena which had received due recognition and patronage of the then rulers of ex-Keonjhar State. Each *pirha* is led by a traditional tribal chief designated as *Sardar*. Each Juang village is an autonomous socio-political unit managed by a set of traditional leaders and a corporate body of village elders called *bhalabhai* or *barabhai*. The village community owns and manages all the productive and useful natural resources like swiddens, forests, grazing land, and habitation sites etc., which lie within their village boundary.

Another striking feature of the Juang society is their traditional youth organization and dormitory called *majang* or *mandaghar*. The unmarried boys and girls become members of this institution and undertake various community services and socio-cultural activities for their village. They sing, dance and make merry in moonlit nights in front of *majang*. The *majang*, a rectangular house standing high in the center of the village serves as a community center for the village, court house for the council of elders (*barabhai*), guest house for visitors,

cooperative store for storage of common grains, place for keeping musical instruments, a venue for communal rituals, and cultural center for dance and music.

The other distinguishing features of the Juang are their strong kinship organization dividing them into *kutum* (kins), and *bandhu* (affines) groups. Most of the Juang villages have uni-clan composition; hence, village exogamy is the rule.

The Hill-Juang ekes out subsistence pursuing shifting cultivation and collecting minor forest produce. The plains-Juang earn their livelihood by pursuing small-scale settled cultivation and wage earning

The Juangs are a forest dwelling folk. Since the hoary past, their socio-cultural life developed amidst the forest environment. As such their life and culture is so inseparably linked with the forest that they cannot think of their survival without the forest. Like a loving mother, forest meets most of their needs. They regard the forest as a permanent gift of the Mother Earth (whom they regard as one of their Supreme Deity and call Basukimata – the Earth Goddess), which they have inherited from there, foregathers. They worship a number of deities residing in the hills, forests, fields, rivers, streams namely Thanpati, Boitaranipat, Gutipat, Rangapat, Kalapat etc. in all major rituals they pay homage to these deities to seek their blessing and protection. Particularly in the *pirha puja* festival held in July-August, they pray the forest and hill deities. Their strong emotional attachment with the forest makes them quite possessive about it and they always treat it as their own property. However they understand quite well that forest resources are limited and they shall be the worst sufferer if forests are destroyed by greedy and irresponsibly human beings. They have developed their own cultural norms for the management and protection of their forest resources.

Although there are no strict restrictions for a Juang against exploiting forest resources anywhere within the Juang *pirha* area, the Juangs respect the territorial autonomy of neighboring villages and ordinarily collect their requirements from the forests lying within their respective village territories. Only they collect as much forest produces as required for their own consumption but not for hoarding, sale or profit. Overexploitation of forest resources by any person with selfish motives or for commercial interests is looked down upon as an antisocial act.

Activities like, climbing and cutting trees, hunting, catching birds and collecting honey are tabooed for Juang women. Felling fruit bearing trees and certain useful plants such as mango, jackfruit, *kendu*, *mohul*, *jamu*, *khajur*, etc. are tabooed for all. Certain plant and animal species, which are ritually connected to them either as totemic objects for different clans or otherwise are also left

untouched. Even they spare these forbidden plants while felling trees in their *toila* sites. They believe that causing any harm to these forbidden plants, species offends the deities and ancestral spirits resulting in disaster and human suffering.

No one dares to eat the seasonal fruits collected from the forest before offering the same to the deities and ancestral spirits. They observe a number of communal rituals and festivals round the year like Amnua, (February-March), Asadi (June-July), Manchuri Puja (July-August), Kimiyang and Kalart Aba (September-October), Gundadia (October-November) for this purpose. In the Amnua (New mango eating) festival, they offer green mangos to the deities and ancestral spirits and thereafter they eat the new fruit. Similarly in Asadi Parab, they offer *bangur* fruits to the deities before eating the same.

**The Subsistence Economy**

The Juang economy is a typical subsistence economy founded on land and forest. Traditionally they were hunters, food gatherers and shifting cultivators. Over generations, they have been living in hills and forests deriving sustenance from the resource bases of the mountainous country in various ways to meet their small needs and making a bare minimum living. When the hills and valleys were covered with lush green vegetation, the Juang were exploiting the resources with mirth and furry. Toila cultivation was their way of life. Today, with the depletion of forest growth and the under-woods and growth of their population, swidden cultivation did not pay dividends; forest collections diminished, wild games disappeared and the Juang are struggling to make both the ends meet.

**Skills & Occupational Pattern; Continuity & Mobility**

In the study area, rapid depletion of forests has led to deterioration of natural environment. This has squeezed their traditional life support system i.e., their economic resource base. Their dependence on traditional sectors such as, hunting, shifting cultivation, animal husbandry and other forest based subsistence activities including collection of minor forest produce have declined slowly in course of time following the trail of deforestation. Gradually, they have taken up pursuits like settled cultivation to grow paddy in valleys, horticultural plantations, collection and sale of firewood and wage labour in general. Some of them have acquired skills in weaving, rope making, mat making, comb making, masonry, carpentry, basketry and dancing which fetches them some supplementary income.

**Agriculture**

Agriculture is the mainstay of the economy of the Juang. In recent times it has taken precedence over shifting cultivation – their traditional mode of

subsistence, which no longer remained profitable under the cumulative impact of deforestation, ecological imbalance and decline of land/man ratio for pressure of growing population. Since cultivable land is in short supply in their area for undulating nature of the hilly terrain, the Juang are developing and cultivating whatever wet lands available in hill bottoms, valleys and streambeds, which they call 'Beda' or 'Bila' to grow paddy.

Yet, they still have to continue with shifting cultivation to supplement their diet and earnings. Mainly they grow rice in their wetlands and a variety of minor millets, cereals, pulses, oilseeds and vegetables in the swiddens and the up and dry land. The Juang have four kinds of farmlands – (i) Beda / Bila: (ii) Guda: the up and dry land, (iii) Toila / Kaman and (iv) Badi / Bakdi: The Guda and Toila / Kaman are utilised for growing a variety of cereals, pulses, oilseeds and vegetables.

**Trend of Agricultural Production**

Settled agricultural practices of the **Juang** mainly focus on their Beda or Bila, the wetlands for paddy cultivation which they regard to be their valuable productive asset. But they hardly raise a second paddy crop in *Beda* during summer months even though there are irrigation facilities. *Guda* – the up and dry land is not as productive as the *Beda*. Majority (95%) of the study households have *Guda* plots, which they utilize for mixed cropping like they do in their swiddens *(Toila)*.

The agricultural production of all categories of crops have declined @ **-20 percent over the decade**. This has worsened their struggle for food.

**People's Response on the Situation**

The **Juang** farmers generally know the reasons for decrease of their farm output. They mainly attribute the consequences to (i) Deterioration in the Quality of Soil, (ii) Uncertain Agro-Climatic Conditions manifested in erratic and inadequate rainfall. Since most of their farmlands lack assured irrigation facilities, they are bound to be dependent on the natural agro-climate to reap a good harvest.

They understand that destruction of natural vegetations and population growth lie at root of the present problems. Deterioration of the natural environment has become a matter of major concern for them. They apprehend that the situation is going to worsen further in future. Now agricultural yields do not feed many of them for a full year.

**Horticulture**

Being trees lovers, the Juang take all care to preserve the fruit plants like date palm, mango, jackfruit, tamarind, Mohul, Salap, Ramphal, Sitaphal, *kendu*

etc in their villages, hills and swiddens. Besides, they raise kitchen garden in their backyards and orchards in the close proximity of their houses.

Presently, they are being motivated by the development agencies like the ITDA, DRDA and JDA to raise profitable horticultural crops to make up the deficit caused by the decline of forest based subsistence activities and supplement their income. Now some of them have started growing many new varieties of horticultural crops including vegetables.

Under the impact of deforestation, their horticultural production has **reduced by –22%**

Shifting cultivation is an archaic agricultural system in which forests are cleared by felling and subsequent burning and are cropped discontinuously by (i) rotation of plots (ii) employing family and cooperative labour as chief input, (iii) application of crude technology using simple implements such as hoe, digging stick, knife, axe, sickle etc, and not using draught animals and (v) leaving a fallow period larger than the period of cropping.

Mostly the forest-dwelling tribals, resort to this archaic mode of cultivation, where enough plain lands are not available for settled cultivation. The most remarkable feature of shifting cultivation is that though the yield is low, a variety of cereals, pulses, millets, oil seeds and vegetables are grown in one plot which is not feasible in the plain land cultivation. The existence of this primitive agriculture as a way of life since the hoary past is a proof of its deep impact on the tribals' psyche. It has undoubtedly evolved as a reflex to the physiographical character of their habitat on specific adaptation to forest and hilly environments.

Traditionally for the Juang, swidden cultivation (*toila chas*) has been their way of life. With the degradation of forest, swidden cultivation does remain profitable. Now the Juang are realizing that this ageold mode of subsistence would no longer sustain their growing population. While trying to reduce their dependence on this less gainful venture and looking for alternatives, they are yet to abandon the practice altogether.

Normally a *toila* plot is cultivated for 2-3 consecutive years and left fallow for 5-8 years for regeneration. The fertility depends on the soil quality, agro-climate and the regenerative fallow period. Now these conditions are worsening day by day affecting their pattern of food supply and variations.

- There is gradual reduction in the cultivated area and the number of farmers from the 1st year *(toila)* to the 2nd year *(ekan) Toila chas.*

- Over a period of 10-15 years, the over all quantum of production has decreased by **-32.40 percent**, the rate of decline being the maximum (-35.96%) in the 2nd year.
- For declining fertility of *Toila*, cultivation of certain variety of crops has been stopped

**Collection of MFP**

The consumption pattern of tribals, indicate that the MFP items constitute important source of sustenance for at least three lean months in a year. During drought and adverse climatic condition, their dependence on MFP increases. In the area where job opportunities and viable economic alternatives are few, this dependence is significant.

The Juang collect an endless variety of seasonal minor forest produce like small timber, bamboo, thatching grass, fodder, fruits, roots, seeds, tubers, mushrooms, leaves, flowers, fibers, leaves, barks, herbs, etc mostly, to meet their consumption needs. Only a few surplus items are sold out after meeting their domestic requirements.

Deforestation is directly linked with reduced availability of MFP, additional workload and greater hardship, as the forest dwellers require more human power to collect even the minimum required for survival.

The distance between the Juang MFP collectors and the forest has increased from 0.5 — 3.8 kms to 1.5 — 5.8 kms between past 10-15 years and the present for all items. That brings about the hardship to cover larger distance and spend more time in this activity.

Juang men and women shoulder the responsibility of collecting the MFPs almost equally. In average, they work for about 78 days each in a year for this activity. But Juang women face the hardship more than men because with the forests receding far and natural resources dwindling, they have to walk and work for an additional 3 to 4 hours a day to collect MFP in addition to attending the household works.

The reduction in the procurement of MFP between past and present is visible in all categories- the **overall decline being –30.77 percent**. As a result their average household consumption of all these items have come down proportionately by -34 percent to -8 percent and created deficits by unbalancing the equation of demand and supply of food.

**Possession of Livestock**

The Juang rear animals for their agricultural, ritual and consumption purposes. With depletion of natural vegetations and decline in agricultural production, they now face problems to feed and maintain their livestock. sarat Page 59 1/16/2016

- The animal population has **decreased by -35.62** percent with the average livestock per household shrinking from 12 to 8 animals over last 10 –15 years.
- They attribute this decline to shrinking of grazing sources and drying up of water sources.
- Goat rearing- the traditional gainful economic pursuit has been affected for shrinkage of grazing sources and shortage of manpower for tending the stock as now the Juang children who generally are engaged for this work are being persuaded to go to schools.

Decline in the population of livestock has adversely affected their intake of animal protein as well as their household income.

**Conclusion**

